
# ଉତ୍କଳ ପ୍ରସଙ୍ଗ

ସେପ୍ଟେମ୍ବର ୧୯୯୯





ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ମାନ୍ୟବର ରାଜ୍ୟପାଳ ଡଃ. ସି.ରଙ୍ଗରାଜନ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ ସଚେତନତା ଅଭିଯାନ ଉଦ୍‌ଘାଟନ କରୁଛନ୍ତି । ତାଙ୍କ ସହଧର୍ମିଣୀ ଶ୍ରୀମତୀ ହରପ୍ରିୟା ରଙ୍ଗରାଜନ ଉପସ୍ଥିତ ଅଛନ୍ତି । ୧୧/୮



ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ସୂଚନାଭବନଠାରେ ସ୍ୱର୍ଗତ ବିନୋଦ ବିହାରୀ ମେହେରଙ୍କ ପତ୍ନୀ ଶ୍ରୀମତୀ କୁମୁଦିନୀ ମେହେରଙ୍କୁ ମରଣୋତ୍ତର ପୋଲିସ ପଦକ ପ୍ରଦାନ କରୁଛନ୍ତି । ୧୫/୮

# ଉତ୍କଳ ପ୍ରସଙ୍ଗ


୫୬ ଭାଗ ୨ୟ-୩ୟ ସଂଖ୍ୟା ଭାଦ୍ର-କାର୍ତ୍ତିକ ସେପ୍ଟେମ୍ବର/ଅକ୍ଟୋବର -୧୯୯୯

**ଶ୍ରୀ ଜୟନ୍ତ କୁମାର ଦେବ**
କମିଶନର ତଥା ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ

**ଶ୍ରୀ ଦୁର୍ଗାମାଧବ ଦାଶ**
ନିର୍ଦ୍ଦେଶକ

***ସମ୍ପାଦନା ମଣ୍ଡଳୀ***

**ଶ୍ରୀ ମହେଶ୍ୱର ମୁଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ**
**ଶ୍ରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ମାନସ ନାୟକ

**ବାର୍ଷିକ ଦେୟ : ଟ ୨୦.୦୦**
**ପ୍ରତିଖଣ୍ଡ : ଟ ୨.୦୦**



''ଉତ୍କଳ ପ୍ରସଙ୍ଗ'' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ ରେ ମୁଦ୍ରିତ ।

# ସୂଚୀ


| | | |
|---|---|---|
| ଭାରତୀୟ ସାଂସ୍କୃତିକ ଧାରାରେ ଆଦିବାସୀଙ୍କ ସ୍ଥାନ | ୧ | ଶ୍ରୀ ଶରତ ଚନ୍ଦ୍ର ମହାନ୍ତି |
| ଜଗଦ୍‌ଗୁରୁ ଜଗନ୍ନାଥ | ୪ | ଶ୍ରୀ ନରହରି ଉପାଧ୍ୟାୟ |
| ରାଷ୍ଟ୍ରଗୁରୁ ଡକ୍ଟର ରାଧାକୃଷ୍ଣନ୍ | ୭ | ପ୍ରଫେସର ଜଗନ୍ନାଥ ମହାନ୍ତି |
| ସର୍ବପଲ୍ଲୀ ଗାଁର ସେଇ ପିଲାଟି | ୯ | ଶ୍ରୀ କୈଳାସ ତ୍ରିପାଠୀ |
| ଓଡ଼ିଶାର ପାରମ୍ପରିକ ଛାୟା ନାଟକ : ରାବଣ ଛାୟା | ୧୦ | ଶ୍ରୀ ନୀଳାମ୍ବର ରଥ |
| ଜଗମୁଣ୍ଡା ପାହାଡ଼ର ପ୍ରାଚୀନ କାର୍ତ୍ତି | ୧୩ | ଶ୍ରୀ ବୈକୁଣ୍ଠ ନାଥ ସାହୁ |
| ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି | ୧୫ | ଶ୍ରୀ ଅନନ୍ତରାମ କର |
| ହୁମାର ଅବହେଳିତ ଶୈବପୀଠ | ୧୮ | ଡକ୍ଟର ଚିତ୍ରସେନ ପଣ୍ଡାୟତ |
| ତନ୍ତ୍ରୋକ୍ତ ମହାପ୍ରସାଦ | ୨୨ | ଶ୍ରୀ ବଂଶୀଧର ରୋଲ |
| ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ | ୨୬ | ଅଧ୍ୟାପକ ଲିଙ୍ଗରାଜ ସାହୁ |
| ଭାରତ କିପରି ସ୍ତର ୨ କେ ସମସ୍ୟାର ସମାଧାନ କରିବ ? | ୨୯ | ଶ୍ରୀ ଲଳିତ ସେଠୀ |
| କଳାହାଣ୍ଡିର ଦେଶୀୟ ସେଚ ପ୍ରକଳ୍ପ 'କାର୍ତ୍ତିକେନାଲ' | ୩୧ | ଶ୍ରୀ ସଞ୍ଜୟ କୁମାର ଶତପଥୀ |
| ବିରଞ୍ଚି ନାରାୟଣ ମନ୍ଦିରର ଭାସ୍କର୍ଯ୍ୟ | ୩୩ | ଡକ୍ଟର ବ୍ରଜକିଶୋର ପାଢ଼ୀ |
| କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ : ଗୁପ୍ତେଶ୍ୱର | ୩୫ | ଶ୍ରୀ ଭବାନୀ ଶଙ୍କର ସାହୁ |
| ପାରଳାଖେମୁଣ୍ଡିର ପ୍ରାଚୀନ ପରମ୍ପରା ଓ ଚମ୍ପାରାଜତ୍ୱ | ୩୭ | ମୀନାକ୍ଷୀ ସାହୁ |
| ପ୍ରାଚୀନ ସଂସ୍କୃତିର ମୂକସାକ୍ଷୀ : ସୀତା ବିଂଜ | ୩୮ | ଶ୍ରୀ ଫକିର ଚରଣ ରାଉତ |
| ଗିରି ପାଦତଳେ କୁସୁମ ସୁନ୍ଦରୀ | ୩୯ | ଶ୍ରୀ ଗୌରୀଶଙ୍କର ମିଶ୍ର |
| ରେମୁଣାର ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ | ୪୨ | ଶ୍ରୀ ମନ୍ମଥ କୁମାର ପ୍ରଧାନ |
| ଖିଚିଂ ଓ ମା କିଚକେଶ୍ୱରୀ | ୪୪ | ଶ୍ରୀ ସଙ୍କର୍ଷଣ କୁଣ୍ଡୁ |
| କୃଷ୍ଣଗିରି : ଏକ ଦୃଷ୍ଟିପାତ | ୪୫ | ଡଃ ଦଣ୍ଡପାଣି ବେହେରା |
| ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଦେବକୁଣ୍ଡ | ୪୭ | ଶ୍ରୀ ସୋମନାଥ ଜେନା |
| ଜଗତ ଜନନୀ ମା' ବିରଜା | ୪୮ | ଶ୍ରୀ ରତିକାନ୍ତ ଦାସ |
| ଢେଙ୍କାନାଳର ସାଂସ୍କୃତିକ ଐତିହ୍ୟ | ୫୧ | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର |
| ଭକ୍ତକବି ବୈଷ୍ଣବ ପାଣି ସାହିତ୍ୟରେ ବାତ୍ସଲ୍ୟ ମମତା | ୫୩ | ଶ୍ରୀ ରଘୁନାଥ ରାଉତ |
| ଗୁରୁଦିବସ ଓ ଡାଃ ରାଧାକ୍ରିଷ୍ଣନ୍ | ୫୬ | ଶ୍ରୀ ନଗେନ୍ଦ୍ରନାଥ ନାୟକ |
| ବୋଲାଙ୍ଗିରରେ ମହାତ୍ମାଗାନ୍ଧୀ | ୫୮ | ଅଧ୍ୟାପକ ସରୋଜ କୁମାର ପଣ୍ଡା |
| ଶିବ - ଶକ୍ତି ଆରାଧନା | ୬୦ | ଡକ୍ଟର ବିଦ୍ୟୁତ୍‌ଲତା ରାୟ |
| ଓଡ଼ିଶାରେ ଦେବୀ ଉପାସନାର ପରମ୍ପରା | ୬୧ | ଡକ୍ଟର ସନ୍ତୋଷ ତ୍ରିପାଠୀ |
| ଓଡ଼ିଶାର ଶାରଦୀୟ ରଥଯାତ୍ରା | ୬୪ | ଶ୍ରୀ ଦୁଃଖୀଶ୍ୟାମ ବେହେରା |
| ସୋନପୁରରେ ଦୁର୍ଗୋତ୍ସବ | ୬୬ | ଡକ୍ଟର ପବିତ୍ର ମୋହନ ନାୟକ |
| ମହାତ୍ମାଗାନ୍ଧୀଙ୍କ ଅନ୍ତିମ ସେବକ : ରଘୁନାଥ ନାୟକ | ୬୮ | ଶ୍ରୀ ଶରତ ଚନ୍ଦ୍ର ମଲ୍ଲିକ |
| ଦଶ ମହାବିଦ୍ୟା | ୭୦ | ଶ୍ରୀ ଦୁଃଖୀଶ୍ୟାମ ଦାସ |
| ଓଡ଼ିଶାରେ ପର୍ଯ୍ୟଟନ ପରିକ୍ରମା | ୭୩ | ଶ୍ରୀମତୀ ସଂଯୁକ୍ତା ବଡ଼ଜେନା |
| କର୍ମାପୂଜା : ନୃତ୍ୟ ଓ ଗୀତ | ୭୬ | ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧା |
| ଯୁଗମାନବ ମହାତ୍ମାଗାନ୍ଧୀ | ୭୯ | ଶ୍ରୀ ଦାମୋଦର ସାହୁ |

# ବାପୁଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



# ଶ୍ରଦ୍ଧାଞ୍ଜଳି



ଲାଲବାହାଦୁର ଶାସ୍ତ୍ରୀ



ସର୍ବପଲ୍ଲୀ ଡଃ ରାଧାକ୍ରିଷ୍ଣନ୍



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

# ଓଡ଼ିଶାରେ ତ୍ରୟୋଦଶ ଲୋକସଭା ନିର୍ବାଚନ ଫଳାଫଳ

ତ୍ରୟୋଦଶ ଲୋକସଭା ନିର୍ବାଚନ ପାଇଁ ଓଡ଼ିଶାରେ ଦୁଇଟି ପର୍ଯ୍ୟାୟ ୧୯୯୯ ସେପ୍ଟେମ୍ବର ୨୫ ତାରିଖ ଓ ଅକ୍ଟୋବର ୩ ତାରିଖରେ ଭୋଟ ଗ୍ରହଣ କରାଯାଇଥିଲା । ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀ ଗଠିତ । ରାଜ୍ୟରେ ମୋଟ ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ଏହି ନିର୍ବାଚନ କରାଯାଇଥିଲା । ସେଥିମଧ୍ୟରୁ ତିନୋଟି ଆସନ ତପସିଲଭୁକ୍ତ ଜାତି ଓ ପାଞ୍ଚଟି ତପସିଲଭୁକ୍ତ ଉପଜାତିର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ । ସ୍ୱାଧୀନ ପ୍ରାର୍ଥୀମାନଙ୍କ ସମେତ ବିଭିନ୍ନ ଦଳରୁ ୧୦୫ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ଗତ ଅକ୍ଟୋବର ୬ ତାରିଖରେ ଭୋଟ ଗଣତି ପରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ୧୦ଟି ଆସନରେ, ଭାରତୀୟ ଜନତା ଦଳର ସମସ୍ତ ପ୍ରାର୍ଥୀ ୯ଟି ଆସନରେ ଏବଂ କଂଗ୍ରେସ ଦଳର ପ୍ରାର୍ଥୀ ୨ଟି ଆସନରେ ଜୟଯୁକ୍ତ ହୋଇଥିବା ଘୋଷଣା କରାଯାଇଛି । ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ପ୍ରାର୍ଥୀଙ୍କ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| | ଲୋକସଭା ନିର୍ବାଚନ ମଣ୍ଡଳୀ | ନିର୍ବାଚିତ ପ୍ରାର୍ଥୀ | ଦଳ |
|---|---|---|---|
| ୧. | ମୟୂରଭଞ୍ଜ (ଏସ୍.ଟି) | ଶ୍ରୀ ସାଲଖାନ ମୁର୍ମୁ | ଭାରତୀୟ ଜନତା ପାର୍ଟି |
| ୨. | ବାଲେଶ୍ୱର | ଶ୍ରୀ ମହାମେଘବାହନ ଐର ଖାରବେଳ ସ୍ୱାଇଁ | ଭାରତୀୟ ଜନତା ପାର୍ଟି |
| ୩. | ଭଦ୍ରକ (ଏସ୍.ସି) | ଶ୍ରୀ ଅର୍ଜୁନ ଚରଣ ସେଠୀ | ବିଜୁ ଜନତା ଦଳ |
| ୪. | ଯାଜପୁର (ଏସ୍.ସି) | ଶ୍ରୀ ଜଗନ୍ନାଥ ମଲ୍ଲିକ | ବିଜୁ ଜନତା ଦଳ |
| ୫. | କେନ୍ଦ୍ରାପଡ଼ା | ଶ୍ରୀ ପ୍ରଭାତ କୁମାର ସାମନ୍ତରାୟ | ବିଜୁ ଜନତା ଦଳ |
| ୬. | କଟକ | ଶ୍ରୀ ଭର୍ତ୍ତୃହରି ମହତାବ | ବିଜୁ ଜନତା ଦଳ |
| ୭. | ଜଗତସିଂହପୁର | ଶ୍ରୀ ତ୍ରିଲୋଚନ କାନୁନ୍‌ଗୋ | ବିଜୁ ଜନତା ଦଳ |
| ୮. | ପୁରୀ | ଶ୍ରୀ ବ୍ରଜକିଶୋର ତ୍ରିପାଠୀ | ବିଜୁ ଜନତା ଦଳ |
| ୯. | ଭୁବନେଶ୍ୱର | ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ | ବିଜୁ ଜନତା ଦଳ |
| ୧୦. | ଆସ୍କା | ଶ୍ରୀ ନବୀନ ପଟ୍ଟନାୟକ | ବିଜୁ ଜନତା ଦଳ |
| ୧୧. | ବ୍ରହ୍ମପୁର | ଶ୍ରୀ ଅନାଦି ଚରଣ ସାହୁ | ଭାରତୀୟ ଜନତା ପାର୍ଟି |
| ୧୨. | କୋରାପୁଟ (ଏସ୍.ଟି) | ଶ୍ରୀମତୀ ହେମା ଗମାଙ୍ଗ | କଂଗ୍ରେସ |
| ୧୩. | ନବରଙ୍ଗପୁର (ଏସ୍.ଟି) | ଶ୍ରୀ ପର୍ଶୁରାମ ମାଝି | ଭାରତୀୟ ଜନତା ପାର୍ଟି |
| ୧୪. | କଳାହାଣ୍ଡି | ଶ୍ରୀ ବିକ୍ରମ କେଶରୀ ଦେଓ | ଭାରତୀୟ ଜନତା ପାର୍ଟି |
| ୧୫. | ଫୁଲବାଣୀ (ଏସ୍.ସି) | ଶ୍ରୀ ପଦ୍ମନାଭ ବେହେରା | ବିଜୁ ଜନତା ଦଳ |
| ୧୬. | ବଲାଙ୍ଗୀର | ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ | ଭାରତୀୟ ଜନତା ପାର୍ଟି |
| ୧୭. | ସମ୍ବଲପୁର | ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ | ବିଜୁ ଜନତା ଦଳ |
| ୧୮. | ଦେଓଗଡ଼ | ଶ୍ରୀ ଦେବେନ୍ଦ୍ର ପ୍ରଧାନ | ଭାରତୀୟ ଜନତା ପାର୍ଟି |
| ୧୯. | ଢେଙ୍କାନାଳ | ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ | କଂଗ୍ରେସ |
| ୨୦. | ସୁନ୍ଦରଗଡ଼(ଏସ୍.ଟି) | ଶ୍ରୀ ଜୁଏଲ ଓରାମ | ଭାରତୀୟ ଜନତା ପାର୍ଟି |
| ୨୧. | କେନ୍ଦୁଝର (ଏସ୍.ଟି) | ଶ୍ରୀ ଅନନ୍ତ ନାୟକ | ଭାରତୀୟ ଜନତା ପାର୍ଟି |

# ଓଡ଼ିଶାରେ ଲୋକସଭା ନିର୍ବାଚନ

## (୧୯୫୧-୧୯୯୯)

**ପ୍ରଥମ ଲୋକସଭା - ୧୯୫୧-୫୨**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୧୬ (ଯୁଗ୍ମ - ୪) |
| ଆସନ ସଂଖ୍ୟା | : | ୨୦ |
| ଭୋଟର | : | ୭,୭୦୮,୧୬୧ |
| କାଏମ୍ ଭୋଟ | : | ୩,୬୫୯,୪୦୩ |
| ପ୍ରାର୍ଥୀ ସଂଖ୍ୟା | : | ୫୭ |

| ପ୍ରତିଦ୍ୱନ୍ଦୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୧୮ | ୧୧ |
| ସି.ପି.ଆଇ | ୪ | ୧ |
| ଗଣତନ୍ତ୍ର ପରିଷଦ | ୧୨ | ୫ |
| ସୋସଲିଷ୍ଟ ପାର୍ଟି | ୧୦ | ୧ |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୧୪ | ୨ |

**ଦ୍ୱିତୀୟ ଲୋକସଭା - ୧୯୫୭**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୧୪ (ଯୁଗ୍ମ-୬) |
| ଆସନ ସଂଖ୍ୟା | : | ୨୦ |
| ଭୋଟର | : | ୭,୯୮୩,୯୧୫ |
| ଭୋଟଦାନ | : | ୪,୫୯୮,୩୨୨ |
| କାଏମ୍ ଭୋଟ | : | ୪,୪୪୦,୪୯୦ |
| ଭୋଟ ଗ୍ରହଣ କେନ୍ଦ୍ର | : | ୬,୭୨୧ |
| ପ୍ରାର୍ଥୀ ସଂଖ୍ୟା | : | ୫୭ |

| ପ୍ରତିଦ୍ୱନ୍ଦୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୦ | ୭ |
| ସିପି.ଆଇ | ୫ | ୧ |
| ଗଣତନ୍ତ୍ର ପରିଷଦ | ୧୫ | ୭ |
| ପି.ଏସ୍.ପି | ୬ | ୨ |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୧୧ | ୩ |

**ତୃତୀୟ ଲୋକସଭା - ୧୯୬୨**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୦ |
| ଭୋଟର | : | ୮,୭୨୫,୮୮୩ |
| ଭୋଟଦାନ | : | ୨,୦୭୦,୦୩୧ |
| କାଏମ୍ ଭୋଟ | : | ୧,୯୬୮,୯୬୫ |
| ଭୋଟ ଗ୍ରହଣ କେନ୍ଦ୍ର | : | ୮,୩୨୮ |
| ପ୍ରାର୍ଥୀ ସଂଖ୍ୟା | : | ୪୯ |

| ପ୍ରତିଦ୍ୱନ୍ଦୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୦ | ୧୪ |
| ସି.ପି.ଆଇ | ୨ | - |
| ଗଣତନ୍ତ୍ର ପରିଷଦ | ୧୧ | ୪ |
| ସୋସାଲିଷ୍ଟ ପାର୍ଟି | ୩ | ୧ |
| ପି.ଏସ୍.ପି | ୫ | ୧ |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୮ | - |

**ଚତୁର୍ଥ ଲୋକସଭା - ୧୯୬୭**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୦ |
| ଭୋଟର | : | ୯,୮୭୩,୦୫୭ |
| ଭୋଟଦାନ | : | ୪,୩୧୯,୨୬୧ |
| କାଏମ୍ ଭୋଟ | : | ୪,୦୬୨,୩୦୨ |
| ପ୍ରାର୍ଥୀ ସଂଖ୍ୟା | : | ୬୫ |
| ମହିଳା ପ୍ରାର୍ଥୀ | : | ୧ |
| ଭୋଟ ଗ୍ରହଣ କେନ୍ଦ୍ର | : | ୮,୯୬୭ |

| ପ୍ରତିଦ୍ୱନ୍ଦୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୦ | ୬ |
| ସି.ପି.ଆଇ | ୩ | - |
| ସ୍ୱତନ୍ତ୍ର | ୧୭ | ୮ |
| ପି.ଏସ.ପି. | ୫ | ୪ |
| ଏସ୍.ଏସ୍.ପି. | ୨ | ୧ |
| ଜନସଂଘ | ୨ | - |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୧୬ | ୧ |

**ପଞ୍ଚମ ଲୋକସଭା - ୧୯୭୧**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୦ |
| ଭୋଟର | : | ୧୦,୮୬୪,୧୨୫ |
| ଭୋଟଦାନ | : | ୧,୬୯୩,୦୬୪ |
| କାଏମ୍ ଭୋଟ | : | ୪,୪୬୨,୦୫୨ |
| ପ୍ରାର୍ଥୀ ସଂଖ୍ୟା | : | ୮୫ |
| ମହିଳା ପ୍ରାର୍ଥୀ | : | ୨ |
| ଭୋଟ ଗ୍ରହଣ କେନ୍ଦ୍ର | : | ୧୨,୮୫୪ |

| ପ୍ରତିଦ୍ୱନ୍ଦୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୧୯ | ୧୫ |

| | | |
|---|---|---|
| ସି.ପି.ଆଇ | ୩ | ୧ |
| ସି.ପି.ଆଇ (ଏମ୍) | ୧ | - |
| ସ୍ୱତନ୍ତ୍ର | ୧୩ | ୩ |
| ଉତ୍କଳ କଂଗ୍ରେସ | ୨୦ | ୧ |
| ପି.ଏସ୍.ପି. | ୬ | - |
| ଏସ୍.ଏସ୍.ପି. | ୨ | - |
| କଂଗ୍ରେସ (ୟୁ) | ୬ | - |
| ଭାରତୀୟ ଜନସଂଘ | ୧ | - |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୧୪ | - |

**ଷଷ୍ଠ ଲୋକସଭା - ୧୯୭୭**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୧୨,୬୪୫,୪୨୫ |
| ଭୋଟଦାନ | : | ୫,୬୦୪,୨୮୬ |
| କାଏମ୍ ଭୋଟ | : | ୫,୩୯୪,୨୩୮ |
| ପ୍ରାର୍ଥୀ ସଂଖ୍ୟା | : | ୬୧ |
| ମହିଳା ପ୍ରାର୍ଥୀ | : | ୧ |
| ଭୋଟ ଗ୍ରହଣ କେନ୍ଦ୍ର | : | ୧୪,୧୩୩ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୦ | ୪ |
| ସି.ପି.ଆଇ | ୫ | - |
| ସି.ପି.ଆଇ (ଏମ୍) | ୧ | ୧ |
| ବି.ଏଲ.ଡ଼ି. | ୨୦ | ୧୬ |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୧୫ | - |

**ସପ୍ତମ ଲୋକସଭା - ୧୯୮୦**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୧,୩୮,୪୭,୮୨୮ |
| ଭୋଟଦାନ | : | ୬୪,୧୩,୫୫୨ |
| କାଏମ୍ ଭୋଟ | : | ୬୧,୫୫,୧୬୮ |
| ପ୍ରାର୍ଥୀ ସଂଖ୍ୟା | : | ୧୧୨ |
| ମହିଳା ପ୍ରାର୍ଥୀ | : | ୨ |
| ଭୋଟ ଗ୍ରହଣ କେନ୍ଦ୍ର | : | ୧୬,୯୧୭ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୧ | ୨୦ |
| ଜନତା (ଏସ) | ୧୮ | ୧ |
| ଜନତା | ୨୧ | - |
| ସି.ପି.ଆଇ | ୧ | - |
| ସି.ପି.ଆଇ (ଏମ୍) | ୧ | - |
| କଂଗ୍ରେସ (ୟୁ) | ୬ | - |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୪୨ | - |

**ଅଷ୍ଟମ ଲୋକସଭା - ୧୯୮୪**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୧୪,୯୪୩,୪୬୩ |
| ଭୋଟଦାନ | : | ୮,୪୦୭,୧୬୫ |
| କାଏମ୍ ଭୋଟ | : | ୮,୧୬୬,୯୦୨ |
| ପ୍ରାର୍ଥୀ ସଂଖ୍ୟା | : | ୧୧୪ |
| ମହିଳା ପ୍ରାର୍ଥୀ | : | ୨ |
| ଭୋଟ ଗ୍ରହଣ କେନ୍ଦ୍ର | : | ୧୯,୬୨୧ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୧ | ୨୦ |
| ସି.ପି.ଆଇ | ୧ | - |
| ସି.ପି.ଆଇ (ଏମ୍) | ୧ | - |
| ଏଲ.କେ.ଡ଼ି | ୫ | - |
| ଜନତା | ୧୯ | ୧ |
| ବି.ଜେ.ପି. | ୪ | - |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୬୩ | - |

**ନବମ ଲୋକସଭା - ୧୯୮୯**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୧୯,୪୪୦,୬୫୩ |
| ଭୋଟଦାନ | : | ୧୧,୫୩୪,୯୦୬ |
| କାଏମ୍ ଭୋଟ | : | ୧୧,୨୦୨,୨୨୯ |
| ପ୍ରାର୍ଥୀ ସଂଖ୍ୟା | : | ୧୩୨ |
| ମହିଳା ପ୍ରାର୍ଥୀ | : | ୪ |
| ଭୋଟ ଗ୍ରହଣ କେନ୍ଦ୍ର | : | ୨୪,୦୩୫ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୧ | ୩ |
| ସି.ପି.ଆଇ | ୧ | ୧ |
| ସି.ପି.ଆଇ (ଏମ୍) | ୧ | ୧ |
| ଜନତା ଦଳ | ୧୯ | ୧୬ |
| ବି.ଜେ.ପି. | ୬ | - |
| ଜନତା ପାର୍ଟି | ୧୩ | - |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୭୧ | |

**ଦଶମ ଲୋକସଭା - ୧୯୯୧**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୧,୯୭,୯୭,୫୫୮ |
| ଭୋଟଦାନ | : | ୧୦,୧୧୮,୨୮୬ |
| କାଏମ୍ ଭୋଟ | : | ୯,୧୧୩,୫୯୬ |
| ପ୍ରାର୍ଥୀ ସଂଖ୍ୟା | : | ୨୦୪ |
| ମହିଳା ପ୍ରାର୍ଥୀ | : | ୮ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୦ | ୧୨ |
| ଜନତା ଦଳ | ୧୮ | ୬ |
| ବିଜେପି | ୨୦ | - |
| ସି.ପି.ଆଇ | ୧ | ୧ |
| ସି.ପି.ଆଇ (ଏମ୍) | ୧ | ୧ |

| | | |
|---|---|---|
| ଏସ.ଜେ.ପି. | ୧୭. | - |
| ଏଲ. ଡ଼ି. | ୨ | - |
| ସ୍ୱାଧୀନ ଓ ଅନ୍ୟାନ୍ୟ | ୧୨୫ | ୧ |

**ଏକାଦଶ ଲୋକସଭା - ୧୯୯୬**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୨,୨୪,୧୯,୧୧୮ |
| ଭୋଟଦାନ | : | ୧,୩୨,୭୭,୬୯୬ |
| କାଏମ୍ ଭୋଟ | : | ୧,୩୦,୨୯,୯୬୪ |
| ପ୍ରାର୍ଥୀ ସଂଖ୍ୟା | : | ୨୨୬ |
| ମହିଳା ପ୍ରାର୍ଥୀ | : | ୮ |
| ଭୋଟ ଗ୍ରହଣ କେନ୍ଦ୍ର | : | ୨୯,୯୭୨ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୧ | ୧୬ |
| ଜନତା ଦଳ | ୧୯ | ୪ |
| ସମତା ପାର୍ଟି | ୨ | ୧ |
| ବି.ଜେ.ପି. | ୨୦ | - |
| ସି.ପି.ଏମ୍ | ୧ | - |
| ଏ.ଆଇ.ଆଇ.ସି.(ତି) | ୮ | - |
| ଜନତା ପାର୍ଟି | ୪ | - |
| ସି.ପି.ଆଇ | ୧ | - |

**ଦ୍ୱାଦଶ ଲୋକସଭା - ୧୯୯୮**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୨୩,୩୮୪,୯୬୦ |
| ଭୋଟଦାନ | : | ୧୩,୫୭୩,୫୧୧ |
| କାଏମ୍ ଭୋଟ | : | ୧୩,୩୪୬,୨୭୨ |
| ପ୍ରାର୍ଥୀ ସଂଖ୍ୟା | : | ୧୩୫ |
| ମହିଳା ପ୍ରାର୍ଥୀ | : | ୧୦ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୧ | ୫ |
| ବି.ଜେ.ପି. | ୯ | ୭ |
| ଜନତା ଦଳ | ୧୬ | - |
| ବି.ଜେ.ଡି | ୧୨ | ୯ |
| ସି.ପି.ଆଇ | ୨ | - |
| ସି.ପି.ଆଇ(ଏମ୍) | ୨ | - |
| ବି.ଏସ୍.ପି | ୮ | - |
| ଆର.ଜେ.ଡି | ୧୦ | - |
| ଅଜେୟ ଭାରତ ପାର୍ଟି | ୭ | - |
| ଶିବସେନା | ୧୧ | - |
| ସମାଜବାଦୀ ପାର୍ଟି | ୪ | - |
| ସି.ପି.ଆଇ (ଏମ୍.ଏଲ୍) | ୨ | - |
| ପ୍ରାଉଟିଷ୍ଟ ସର୍ବ ସମାଜ ସମିତି | ୧ | - |
| ସମତା ପାର୍ଟି | ୨ | - |
| ଏସ୍.ଜେ.ପି(ରାଷ୍ଟ୍ରୀୟ) | ୨ | - |
| ଜେ.ଏମ୍.ଏମ୍ | ୨ | - |
| ଝାଡଖଣ୍ଡ ପାର୍ଟି | ୧ | - |
| ଲୋକଶକ୍ତି | ୧ | - |
| ଓଡ଼ିଶା କଂଗ୍ରେସ | ୧ | - |
| ସ୍ୱାଧୀନ | ୨୧ | - |

**ତ୍ରୟୋଦଶ ଲୋକସଭା - ୧୯୯୯**

| | | |
|---|---|---|
| ନିର୍ବାଚନ ମଣ୍ଡଳୀ | : | ୨୧ |
| ଭୋଟର | : | ୨,୪୧,୮୨,୪୯୦ (ମହିଳା ୧,୧୬,୭୭,୨୫୭) |
| ପ୍ରାର୍ଥୀ ସଂଖ୍ୟା | : | ୧୦୫ |
| ମହିଳା ପ୍ରାର୍ଥୀ | : | ୮ |

| ପ୍ରତିଦ୍ୱନ୍ଦ୍ୱୀ ଦଳ | ପ୍ରାର୍ଥୀ ସଂଖ୍ୟା | ନିର୍ବାଚିତ |
|---|---|---|
| କଂଗ୍ରେସ | ୨୦ | ୨ |
| ବି.ଜେ.ପି. | ୯ | ୯ |
| ବି.ଜେ.ଡି | ୧୨ | ୧୦ |
| ବି.ଆର.ପି.ପି | ୪ | - |
| ଏନ୍.ଏସ୍.ପି | ୩ | - |
| ଏସ.ଏଚ.ଏସ୍ | ୩ | - |
| ବି.ଏସ୍.ପି | ୪ | - |
| ଜେ.ଏମ୍.ଏମ୍ | ୭ | - |
| ସି.ପି.ଆଇ | ୩ | - |
| ଅଜେୟ ଭାରତ ପାର୍ଟି | ୮ | - |
| ସି.ପି.ଆଇ (ଏମ୍.ଏଲ୍) | ୨ | - |
| ସି.ପି.ଆଇ(ଏମ୍) | ୨ | - |
| ଜନତା ଦଳ (ୟୁ) | ୨ | - |
| ଜନତା ପାର୍ଟି | ୧ | - |
| ବୀର ଓଡ଼ିଆ ପାର୍ଟି | ୧ | - |
| ଜେ.କେ.ପି | ୧ | - |
| ସ୍ୱାଧୀନ | ୨୩ | |

# ଓଡ଼ିଶାରେ ଭୋଟର ସଂଖ୍ୟା : ୨ କୋଟି ୪୧ ଲକ୍ଷ ୮୭ ହଜାର ୪୯୦

| କ୍ର.ସଂ | ଲୋକସଭା ନିର୍ବାଚନମଣ୍ଡଳୀ | ମୋଟ ଭୋଟର | ପୁରୁଷ ଭୋଟର | ମହିଳା ଭୋଟର |
|---|---|---|---|---|
| ୧. | ମୟୂରଭଞ୍ଜ (ଏସ୍.ଟି) | ୯ଲକ୍ଷ ୬୪ ହଜାର ୮୫୫ | ୪ଲକ୍ଷ ୮୪ ହଜାର ୮୫୫ | ୪ଲକ୍ଷ ୭୯ ହଜାର ୪୯୯ |
| ୨. | ବାଲେଶ୍ୱର | ୧୨ଲକ୍ଷ ୪୨ ହଜାର ୫୭୮ | ୬ଲକ୍ଷ ୩୪ ହଜାର ୨୧୭ | ୬ଲକ୍ଷ ୮ ହଜାର ୩୬୧ |
| ୩. | ଭଦ୍ରକ (ଏସ୍.ସି) | ୧୧ଲକ୍ଷ ୯୫ ହଜାର ୧୪୬ | ୬ଲକ୍ଷ ୧୧ ହଜାର ୫୪୦ | ୫ଲକ୍ଷ ୮୩ ହଜାର ୬୦୬ |
| ୪. | ଯାଜପୁର (ଏସ୍.ସି) | ୧୧ଲକ୍ଷ ୭୧ ହଜାର ୨୧୧ | ୬ଲକ୍ଷ ୬ ହଜାର ୧୪୧ | ୫ଲକ୍ଷ ୬୫ ହଜାର ୭୦ |
| ୫. | କେନ୍ଦ୍ରାପଡ଼ା | ୧୧ଲକ୍ଷ ୨୧ ହଜାର ୧୮୩ | ୫ଲକ୍ଷ ୭୭ ହଜାର ୨୦୮ | ୫ଲକ୍ଷ ୪୩ ହଜାର ୯୭୫ |
| ୬. | କଟକ | ୧୨ଲକ୍ଷ ୧୫ ହଜାର ୨୪୯ | ୬ଲକ୍ଷ ୫୪ ହଜାର ୬୫ | ୫ଲକ୍ଷ ୬୧ ହଜାର ୧୮୪ |
| ୭. | ଜଗତ୍‌ସିଂହପୁର | ୧୨ଲକ୍ଷ ୩୩ ହଜାର ୬୩ | ୬ଲକ୍ଷ ୩୨ ହଜାର ୪୬୧ | ୬ଲକ୍ଷ ୬୦୨ |
| ୮. | ପୁରୀ | ୧୧ଲକ୍ଷ ୭୬ ହଜାର ୮୧୭ | ୬ଲକ୍ଷ ୮ ହଜାର ୬୬୦ | ୫ଲକ୍ଷ ୬୮ ହଜାର ୧୫୭ |
| ୯. | ଭୁବନେଶ୍ୱର | ୧୩ଲକ୍ଷ ୧୮ ହଜାର ୫୬୦ | ୭ଲକ୍ଷ ୧୪ ହଜାର ୯୯୧ | ୬ଲକ୍ଷ ୩ ହଜାର ୫୬୯ |
| ୧୦. | ଆସ୍କା | ୧୧ଲକ୍ଷ ୭୫ ହଜାର ୮୬୫ | ୬ଲକ୍ଷ ୧୨ ହଜାର ୯୬୮ | ୫ଲକ୍ଷ ୬୨ ହଜାର ୮୯୭ |
| ୧୧. | ବ୍ରହ୍ମପୁର | ୧୧ଲକ୍ଷ ୫୯ହଜାର ୪୬୮ | ୫ଲକ୍ଷ ୮୫ ହଜାର ୫୪୦ | ୫ଲକ୍ଷ ୭୩ ହଜାର ୯୨୮ |
| ୧୨. | କୋରାପୁଟ (ଏସ୍.ଟି) | ୧୧ଲକ୍ଷ ୨୦ ହଜାର ୭୮୪ | ୫ଲକ୍ଷ ୫୯ ହଜାର ୬୧୬ | ୫ଲକ୍ଷ ୬୧ ହଜାର ୧୬୮ |
| ୧୩. | ନବରଙ୍ଗପୁର (ଏସ୍.ଟି) | ୧୦ଲକ୍ଷ ୮୫ ହଜାର ୫୭୫ | ୫ଲକ୍ଷ ୪୩ ହଜାର ୧୧୬ | ୫ଲକ୍ଷ ୪୨ ହଜାର ୪୫୯ |
| ୧୪. | କଳାହାଣ୍ଡି | ୧୦ଲକ୍ଷ ୬୦ହଜାର ୯୯୦ | ୫ଲକ୍ଷ ୩୬ ହଜାର ୬୮୪ | ୫ଲକ୍ଷ ୨୪ ହଜାର ୩୦୬ |
| ୧୫. | ଫୁଲବାଣୀ (ଏସ୍.ସି) | ୧୧ଲକ୍ଷ ୨୬ ହଜାର ୯୦୮ | ୫ଲକ୍ଷ ୭୩ ହଜାର ୩୧୦ | ୫ଲକ୍ଷ ୫୩ ହଜାର ୫୯୮ |
| ୧୬. | ବଲାଙ୍ଗୀର | ୧୦ଲକ୍ଷ ୫୧ହଜାର ୧୯୯ | ୫ଲକ୍ଷ ୩୯ ହଜାର ୫୭୯ | ୫ଲକ୍ଷ ୧୧ ହଜାର ୬୨୦ |
| ୧୭. | ସମ୍ବଲପୁର | ୧୧ଲକ୍ଷ ୯୦ ହଜାର ୩୪୪ | ୬ଲକ୍ଷ ୨୫ ହଜାର ୬୧୦ | ୫ଲକ୍ଷ ୬୪ହଜାର ୭୩୪ |
| ୧୮. | ଦେଓଗଡ଼ | ୧୧ଲକ୍ଷ ୬୮ ହଜାର ୯୩୧ | ୬ଲକ୍ଷ ୧୬ ହଜାର ୮୮୪ | ୫ଲକ୍ଷ୫୨ ହଜାର ୪୭ |
| ୧୯. | ଢେଙ୍କାନାଳ | ୧୧ଲକ୍ଷ ୧୮ ହଜାର ୮୫୩ | ୫ଲକ୍ଷ ୮୭ ହଜାର ୩୬୯ | ୫ଲକ୍ଷ ୩୧ ହଜାର ୪୮୪ |
| ୨୦. | ସୁନ୍ଦରଗଡ଼(ଏସ୍.ଟି) | ୧୧ଲକ୍ଷ ୯୮ ହଜାର ୩୫୭ | ୬ଲକ୍ଷ ୪୫ ହଜାର ୮୧୯ | ୫ଲକ୍ଷ ୫୨ ହଜାର ୫୩୮ |
| ୨୧. | କେନ୍ଦୁଝର (ଏସ୍.ଟି) | ୧୦ଲକ୍ଷ ୯୨ ହଜାର ୫୫ | ୫ଲକ୍ଷ ୫୯ ହଜାର ୧୦୦ | ୫ଲକ୍ଷ ୩୨ ହଜାର ୯୫୫ |
| | ମୋଟ | ୨,୪୧,୮୭,୪୯୦ | ୧,୨୫,୦୯,୭୩୩ | ୧,୧୬,୭୭,୭୫୭ |




ସୂଚନା ଓ ଲୋକ ସଂପର୍କ ବିଭାଗର ବରିଷ୍ଠ କ୍ଷେତ୍ର ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀରେ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଉଦ୍‌ବୋଧନ ଦେଉଛନ୍ତି । ବିଭାଗୀୟ ଶାସନ ସଚିବ ଶ୍ରୀ ତପନ କୁମାର ଦେବ ଓ ନିର୍ଦ୍ଦେଶକ ଶ୍ରୀ ଦୁର୍ଗାମାଧବ ଦାଶ ଉପସ୍ଥିତ ଅଛନ୍ତି । ୧୮/୮



ସୂଚନା ଓ ଲୋକ ସଂପର୍କ ବିଭାଗ ଚତୁର୍ଥ ଶ୍ରେଣୀ ଷ୍ଟାଫ୍ କମିଟିର ବାର୍ଷିକ ଅଧିବେଶନରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ, ପୂର୍ବତନ ଶାସନ ସଚିବ ଶ୍ରୀ ଅଚ୍ୟୁତ ନାରାୟଣ ତ୍ରିପାଠୀ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ମେଘନାଦ ଦୁରୁ, ସଚିବାଳୟ କେନ୍ଦ୍ରୀୟ କମିଟିର ସଭାପତି ଏବଂ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀବୃନ୍ଦ । ୯/୯

# ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ କଲ୍ୟାଣ ପାଣ୍ଠିକୁ ପ୍ରଦତ୍ତ ଦାନ

# ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ଗ୍ରହଣ କରୁଛନ୍ତି

୧. ଶ୍ରୀ ଜୈନ ଶ୍ୱେତାମ୍ବର ତେରାପନ୍ଥୀ ଭଜନ ସମିତି - ୧ ଲକ୍ଷ ଟଙ୍କା ।୬/୯

୨. ଗତ ଅଗଷ୍ଟ ୧ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ବାଚସ୍ପତି ଏକାଦଶ ଏବଂ ଚିତ୍ରତାରକା ଏକାଦଶ ମଧ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚରୁ ଲବ୍ଧ ୪ ଲକ୍ଷ ୨୨ ହଜାର ୭୩୫ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ କ୍ରୀଡା ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ସଂସ୍କୃତି ସଚିବ ଶ୍ରୀ ରବି ନାରାୟଣ ସେନାପତି ଓ କ୍ରୀଡା ନିର୍ଦ୍ଦେଶକ ଶ୍ରୀ ପ୍ରକାଶ କୁମାର ମିଶ୍ର, 'ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି' ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।୧୫/୯

୩. ଭାରତ ସୈନିକ ବୋର୍ଡର ସଂପାଦକ କର୍ଣ୍ଣେଲ ପି.କେ. ପଟ୍ଟନାୟକ ୩୭,୯୫୦ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ''ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ ପାଣ୍ଠି'' ନିମନ୍ତେ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।୬/୯

୪. ବି.ଜେ.ବି. କଲେଜର କର୍ମଚାରୀମାନଙ୍କର ଏକ ଦିନର ଦରମା ଏବଂ ଛାତ୍ରଛାତ୍ରୀମାନଙ୍କଠାରୁ ସଂଗୃହୀତ ୯୦ ହଜାର ୧୯୬ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟକୁ କଲେଜର ଅଧ୍ୟକ୍ଷ ''ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି'' ନିମନ୍ତେ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।

୫. ବଲାଙ୍ଗୀର ଜିଲ୍ଲାର ସରକାରୀ କର୍ମଚାରୀ, ବେସରକାରୀ ଅନୁଷ୍ଠାନ ଏବଂ ଜନସାଧାରଣଙ୍କଠାରୁ ସଂଗୃହୀତ ୪ ଲକ୍ଷ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ମଧୁସୂଦନ ପାଢୀ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି ନିମନ୍ତେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।୪/୯

୬. ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ 'ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ ପାଣ୍ଠି' ନିମନ୍ତେ ୩ ଲକ୍ଷ ୮୦ ହଜାର ୫୩୩ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।୩/୯

୭. ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପଣ୍ଡକୁ ଗଜପତି ଜିଲ୍ଲା ସରକାରୀ କର୍ମଚାରୀମାନଙ୍କର ଏକ ଦିନର ଦରମା ୫ ଲକ୍ଷ ୩୧ ହଜାର ୧୦୪ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଗଜପତି ଜିଲ୍ଲାପାଳ ଶ୍ରୀ ରାସବିହାରୀ ନାୟକ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।୭/୮

୮. ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ସଂଗଠନ ଓଡ଼ିଶା ଶାଖା ପକ୍ଷରୁ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗଙ୍କୁ ୭,୦୦୦ ଟଙ୍କାର ଏକ ଡ୍ରାଫ୍ଟ ପ୍ରଦାନ କରାଯାଉଛି ।୪/୮

୯. ଖଦି ବୋର୍ଡର ଅଧ୍ୟକ୍ଷ ଡଃ. କାର୍ତ୍ତିକେଶ୍ୱର ପାତ୍ର ୨୮ ହଜାର ୩୮୨ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି ନିମନ୍ତେ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରାଯାଉଛି ।୧୮/୮

୧୦. ଝାରସୁଗୁଡାର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲ୍ ଶିକ୍ଷକ ସଂଘ ତରଫରୁ ୨ ଲକ୍ଷ ୨ ହଜାର ୨୨୨ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି ନିମନ୍ତେ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରାଯାଉଛି ।୧୮/୮

୧୧. ଆଇ.ଡି.ସି.ର ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ସହଦେବ ସାହୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗଙ୍କୁ ୭ ଲକ୍ଷ ଟଙ୍କାର ଏକ ଡ୍ରାଫ୍ଟ ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠିକୁ ଦାନ କରୁଛନ୍ତି ।୧୬/୮

୧୨. ଭୁବନ ପଞ୍ଚାୟତ ସମିତିର ସଭ୍ୟ, ସଭ୍ୟା, ସରକାରୀ କର୍ମଚାରୀ ଏବଂ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କଠାରୁ ସଂଗୃହୀତ ୫୦ ହଜାର ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି ନିମନ୍ତେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରାଯାଉଛି ।

୧୩. ତା ୨୬.୮.୯୯ ରିଖ ଦିନ ବୌଦ୍ଧ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର ନାଥ ପାଢୀ ଜିଲ୍ଲାର ସରକାରୀ କର୍ମଚାରୀ ଏବଂ ସାଧାରଣ ଜନତାଙ୍କଠାରୁ ସଂଗୃହୀତ ୪,୦୦,୦୦୫ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି ନିମନ୍ତେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।(୨୬/୮)

୧୪. ବି.ଡି.ଏ.ର ଅଧ୍ୟକ୍ଷ ଶ୍ରୀ ପି.କେ. ବେନୁଗୋପାଳ କର୍ମଚାରୀମାନଙ୍କର ଏକ ଦିନର ଦରମା ୧ ଲକ୍ଷ ୨୨ ହଜାର ୫୬୩ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠି ନିମନ୍ତେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।୩୦/୮


୧୫. ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗ ତାଙ୍କ ବାସଗୃହ କାର୍ଯ୍ୟାଳୟଠାରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ମହାପାତ୍ରଙ୍କଠାରୁ ଓଡ଼ିଶା ପ୍ରତିରକ୍ଷା କର୍ମଚାରୀ ରିଲିଫ୍ ପାଣ୍ଠିକୁ ଜିଲ୍ଲା ପରିଷଦର ସଭ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ୫୧ ହଜାର ୫୦୦ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମଚାରୀମାନଙ୍କ ଦ୍ୱାରା ପ୍ରଦତ୍ତ ୫୦୦୦ ଟଙ୍କାର ଏକ ବ୍ୟାଙ୍କ ଡ୍ରାଫ୍ଟ ଗ୍ରହଣ କରୁଛନ୍ତି ।୩୦/୮


୧୬. ଆଗାମୀ ଏକାଡେମୀ, ମାଧମିକ କଂପ୍ୟୁଟର ସାକ୍ଷରତା ପରିଷଦ ଓ ଭୁବନେଶ୍ୱର ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ଅନୁଷ୍ଠିତ ସଲାମ୍ ସହିଦ୍ ସାଂସ୍କୃତିକ କାର୍ଯ୍ୟକ୍ରମରୁ ସଂଗୃହୀତ ଟ.୬୮,୦୦୦ (ଅଠଷଠି ହଜାର ଟଙ୍କା) ରାଜ୍ୟ ପ୍ରତିରକ୍ଷା କର୍ମଚାରୀ ପାଣ୍ଠି ଓ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶେଖ୍ ମତଲୁବ ଅଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ହସ୍ତରେ ଅର୍ପଣ କରୁଛନ୍ତି ।

୧୭. ଭୁବନେଶ୍ୱରରେ ଅବସ୍ଥିତ ବିଭିନ୍ନ ଉଚ୍ଚ ବାଳକ ଓ ବାଳିକା ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ରାଜ୍ୟ ପ୍ରତିରକ୍ଷା କର୍ମଚାରୀ ପାଣ୍ଠିକୁ ଦାନ କରିଥିବା ଅର୍ଥ ଟ.୩୪,୪୧୦ ଖୋର୍ଦ୍ଧା ଶିକ୍ଷା ମଣ୍ଡଳାଧୀନ ଶ୍ରୀ ଶରତ କୁମାର ବିଶ୍ୱାଳ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶେଖ୍ ମତଲୁବ ଅଲ୍ଲୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରୁଛନ୍ତି ।

୧୮. ଶ୍ରୀ ବନ ବିହାରୀ ମିଶ୍ର, ଏସ୍.ଡି.ଏମ୍.ଓ ଉପଖଣ୍ଡ ହସ୍ପିଟାଲ କର୍ମଚାରୀମାନଙ୍କ ଦ୍ୱାରା ପ୍ରଦତ୍ତ ଟ.୧୪,୮୭୬ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗଙ୍କୁ ପ୍ରଦାନ କରୁଛନ୍ତି ।


1
2
3


4
5
6


7
8
9
10


11
12
13
14


15
16
17
18

# ଉତ୍କଳୀୟ ସାଂସ୍କୃତିକ ଧାରାରେ ଆଦିବାସୀଙ୍କ ସ୍ଥାନ

● ଶ୍ରୀ ଶରତ ଚନ୍ଦ୍ର ମହାନ୍ତି

ବିଗତ ହଜାର ହଜାର ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ସଭ୍ୟତା ଲୋପ ଲାଭ କରି କାଳ ଗର୍ଭରେ ନାନା ପ୍ରକାର ଛାପ ରଖିଯାଇଛି । ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠାରେ କି ସଭ୍ୟତାର ବିଭିନ୍ନ ସ୍ତର ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ । ଏହା ସବୁ ଐତିହାସିକ ଓ ନୃତତ୍ତ୍ୱବିତ୍‌ମାନଙ୍କର ଗବେଷଣାର ବିଷୟ ହୋଇ ରହିଛି । ଭାରତର ବହୁ ଅଂଶରେ ପ୍ରାକ୍ ଆର୍ଯ୍ୟ ସଭ୍ୟତା ଓ ଆର୍ଯ୍ୟ ସଭ୍ୟତାର ମିଶ୍ରଣ ଏପରି ଭାବରେ ସମ୍ପନ୍ନ ହୋଇଯାଇଛି ଯେ ବର୍ତ୍ତମାନ ତାହାର ସ୍ୱତନ୍ତ୍ର ସତ୍ତା ବାରି ହେବା ଅସମ୍ଭବ । କିନ୍ତୁ ଓଡ଼ିଶାର ଏହି ମିଶ୍ରଣ ପ୍ରକ୍ରିୟାର ଚିହ୍ନ ବର୍ତ୍ତମାନ ମଧ୍ୟ ବିଦ୍ୟମାନ । ଏଥିରେ ନିଃସନ୍ଦେହରେ ପ୍ରମାଣିତ ହୁଏ ଯେ, ତଥାକଥିତ ଆଦିମ ସଭ୍ୟତା ଓ ଭିନ୍ନ ସଭ୍ୟତା ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ନୁହନ୍ତି । ବସ୍ତୁତଃ ଗୋଟିଏ ଅପରଟିର କ୍ରମ ବିକାଶ ମାତ୍ର । ଆଜି ବି ଆଦିମ ବୋଲି କୁହାଯାଉଥିବା ଲୋକମାନଙ୍କ ମଧ୍ୟରେ ଯେଉଁସବୁ ଲୋକାଚାର ଓ ରୀତିନୀତି ଅମାର୍ଜିତ ଅବସ୍ଥାରେ ଦେଖାଯାଏ, ସେହିସବୁ କିଛି ମାର୍ଜିତ ଅବସ୍ଥାରେ ତଥାକଥିତ ସଭ୍ୟ ସମାଜରେ ଦେଖାଯାଏ । ଯେଉଁ ଜାତି ବା ଗୋଷ୍ଠୀମାନଙ୍କୁ ବର୍ତ୍ତମାନ ଆଦିମ କୁହାଯାଉଛି, ସେଥିରୁ ଅନେକ ସଂଭ୍ରାନ୍ତ ଓ ପ୍ରାଚୀନ ବଂଶମାନଙ୍କର ଉତ୍ପତ୍ତି ହୋଇଛି । କାଳକ୍ରମେ ଯେତେବେଳେ ଏହି ବିରାଟ ଦେଶରେ ସଭ୍ୟତାର ସ୍ରୋତ ଧାରାବାହିକ ଓ ଅସମଭାବରେ ଚାଲିଆସିଛି ଓ ଯେତେବେଳେ ଏକ ସଭ୍ୟତା ସଙ୍ଗେ ଅନ୍ୟ ଏକ ସଭ୍ୟତାର ସଂସ୍ପର୍ଶ ଘଟିଛି, ସେତେବେଳେ ଶ୍ରେଣୀ ଶ୍ରେଣୀ ଭିତରେ ବିରାଟ ବିଭେଦ ସୃଷ୍ଟି ହୋଇଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଇଂରେଜ ଶାସନ ଅମଳର ଇତିହାସକାରମାନେ ସାଧାରଣ ଲୋକମାନଙ୍କ ମଧ୍ୟରେ ଏକ ଭ୍ରାନ୍ତଧାରଣା ଜନ୍ମାଇଛନ୍ତି ଯେ ଏହି ଆଦିମ ଓ ସଭ୍ୟ ଗୋଷ୍ଠୀମାନେ ପରସ୍ପରଠାରୁ ଭିନ୍ନ ଏବଂ ପ୍ରଥମଟି ଅନାର୍ଯ୍ୟ ହେଲେ ଦ୍ୱିତୀୟଟି ଆର୍ଯ୍ୟ । ଏହି ମତବାଦ ଭେଦଭାବ ସୃଷ୍ଟି କରିବାରେ ସଫଳ ହୋଇଛି ଓ ଏହାଦ୍ୱାରା ବିଦେଶୀ ଶାସକମାନଙ୍କର "ବିଭେଦ ସୃଷ୍ଟି କରି ଶାସନ କରିବା" ନୀତି ଓ ଉଦ୍ଦେଶ୍ୟ ସାଧିତ ହୋଇପାରିଛି । ଏହି ଭ୍ରାନ୍ତଧାରଣା ସ୍ୱାଧୀନତା ପରବର୍ତ୍ତୀ କାଳରେ ଦେଶର ଏକତା ଓ ଉନ୍ନୟନ ପଥରେ ଏକ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛି ।

ଏ ସମ୍ପର୍କରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡ଼ଃ ହରେକୃଷ୍ଣ ମହତାବ କହିଥିଲେ, "ସୌଭାଗ୍ୟର ବିଷୟ ଯେ ବିଖ୍ୟାତ ଐତିହାସିକ ଓ ନୃତତ୍ତ୍ୱବିତ୍‌ମାନେ ଭାରତ ଓ ଭାରତୀୟ ଅଧିବାସୀମାନଙ୍କର ଇତିହାସ ବିଷୟରେ ଯେତେ ଅନୁଧ୍ୟାନ ଓ ଅନୁଶୀଳନ କରୁଛନ୍ତି, ସେତେବେଳେ ଆର୍ଯ୍ୟଅନାର୍ଯ୍ୟ ଭେଦଭାବ ଦୂରୀଭୂତ ହେଉଅଛି । ପ୍ରକୃତରେ ଆମେ ସମସ୍ତେ ଆଦିମ ଜାତିମାନଙ୍କର ବଂଶଧର ଅଟୁ ଏବଂ ଆଜି ଆମ ଭିତରୁ ଯେଉଁମାନଙ୍କୁ ଅଧିକ ଉନ୍ନତ ବୋଲି ବିଚାର କରାଯାଏ, ସେମାନେ ପ୍ରକୃତରେ କମ ଉନ୍ନତ । ବଂଶଗତରୁ ଜଣେ ଶିକ୍ଷିତ ପୁଅ ଅଶିକ୍ଷିତ ଗାଉଁଲି ବାପକୁ ଘୃଣାକରିବା କିମ୍ବା ଅନୁଗ୍ରହ କିମ୍ବା ସହାନୁଭୂତି ଦେଖାଇବା ଅନୁଚିତ୍ । ସେହିପରି ଆମମାନଙ୍କ ପକ୍ଷରେ ଆମର ନିଜ ଆତ୍ମୀୟ ଏହି ଆଦିମ ଗୋଷ୍ଠୀମାନଙ୍କୁ ଘୃଣା ବା ତାଚ୍ଛଲ୍ୟ ଭାବ ଦେଖାଇବା ଅନୁଚିତ୍ । କାରଣ ଆମେ ଯେଉଁମାନେ ଉନ୍ନତ ଅବସ୍ଥାରେ ଅଛୁ ବୋଲି ଦାବୀ କରୁ, ତାହା କେବଳ ଆମର ନିଜ ଯୋଗ୍ୟତା ପାଇଁ ନୁହେଁ, ଅନୁକୂଳ ପରିବେଶ ଓ ପରିସ୍ଥିତି ଯୋଗୁଁ ସମ୍ଭବପର ହୋଇପାରିଛି । ଆମେ ସମସ୍ତେ ଏକ ଓ ଅଭିନ୍ନ । ତେଣୁ ଆମେ ସମସ୍ତଙ୍କୁ ଉନ୍ନତିର ସମାନସ୍ତର ଏବଂ ପ୍ରକୃତ ସଭ୍ୟତାର ସମାନ ପଥକୁ ଆଣିବା ପାଇଁ ଚେଷ୍ଟା କରିବା ଆମ ସମସ୍ତଙ୍କର ଅବଶ୍ୟ କର୍ତ୍ତବ୍ୟ ।"

ଡ଼ଃ ମହତାବଙ୍କ ଏହି ମତକୁ ଆଲୋଚନା କଲେ ଜଣାଯାଏ ଯେ ଆଧୁନିକ ସଭ୍ୟତାର ମାପକାଠିରେ ଆଦିବାସୀଙ୍କର ଆଚାର ବ୍ୟବହାର, ସଂସ୍କାର ଓ ଦୈନନ୍ଦିନ ଜୀବନଯାପନ ପ୍ରଣାଳୀକୁ ସମସ୍ତେ ନାପସନ୍ଦ କରନ୍ତି ଓ ଅନ୍ୟ ପକ୍ଷରେ ସଭ୍ୟ ଆଦିବାସୀମାନେ ଆଦିବାସୀମାନଙ୍କ ଦ୍ରୁତ ଉନ୍ନତି ସକାଶେ ଖୁବ୍ ବ୍ୟଗ୍ରତା ପ୍ରକାଶ କରିଥାନ୍ତି । କିନ୍ତୁ ଆଦିବାସୀମାନଙ୍କର ପରିବେଷ୍ଟନୀ ଅବସ୍ଥା ପର୍ଯ୍ୟାଲୋଚନା କଲେ ଦେଖାଯାଏ ତାଙ୍କର ଜୀବନ ଧାରାର ପ୍ରାକୃତିକ ଘଟଣାଯୋଗୁଁ ସେହିପରି ଅବସ୍ଥା ଘଟିଛି । ଠିକ୍ ସେହିପରି ତଥାକଥିତ ସଭ୍ୟ ସମାଜର ମଧ୍ୟ ପରିବେଷ୍ଟନୀ ଅନୁସାରେ ଜାତି ଓ ଶ୍ରେଣୀ ମଧ୍ୟରେ ଆଚାର, ବ୍ୟବହାର, ପରିଧାନ ତଥା ସଂସ୍କୃତିରେ ବିଭେଦ ଦେଖାଯାଇଥାଏ । ଏହା କେବଳ ପାରିପାର୍ଶ୍ୱିକ ଅବସ୍ଥା ଓ ଭୂମି ଉପରେ ନିର୍ଭର କରିଥାଏ । ତେଣୁ ଆଦିବାସୀମାନଙ୍କ ମଧ୍ୟରେ ଯେଉଁସବୁ ତ୍ରୁଟି ଓ ସ୍ୱଭାବ ପରିଲକ୍ଷିତ ହୁଏ, ତାହା ସେମାନେ ନିଜର ଅର୍ଥନୈତିକ ଓ ସାମାଜିକ ଅବସ୍ଥା ଦୃଷ୍ଟିରୁ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି । ମାନ ଅଞ୍ଚଳରେ ଆଦିବାସୀ ତଥା ଅଣଆଦିବାସୀ ଲୋକେ ସମାନ ଅଞ୍ଚଳର ଲୋକମାନଙ୍କ ତୁଳନାରେ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଥିବା ଦେଖାଯାଏ ।

ଆଦିବାସୀମାନଙ୍କର ଚାଲିଚଳନ ଓ ସାମାଜିକ ପ୍ରଥାଗୁଡ଼ିକର ଅଣଆଦିବାସୀମାନଙ୍କ ଚଳଣି ସଙ୍ଗେ ଅସାମଞ୍ଜସ୍ୟ ଥିଲେ ହେଁ ସେଗୁଡ଼ିକ ମୂଲ୍ୟହୀନ ବୋଲି କୁହାଯାଇପାରିବ ନାହିଁ । ତାଙ୍କ ସମାଜରେ ଯେପରି ତନ୍ତ୍ରମନ୍ତ୍ର ଯାଦୁବିଦ୍ୟା ତଥା ଭୂତପ୍ରେତ ଓ ଡ଼ାହାଣୀ ବିଶ୍ୱାସ ରହିଛି, ଠିକ୍ ସମାଜରେ ବିଶେଷତଃ ମଫସଲରେ ସେପରି ବିଶ୍ୱାସ ରହିଛି । ଅଣ ଆଦିବାସୀମାନଙ୍କର ଖାଦ୍ୟପେୟ, ବେଶଭୂଷା, ବିବାହ ପଦ୍ଧତି, ଆଚାର ବ୍ୟବହାର ତଥା ସାମାଜିକ ପ୍ରଥାରେ ଅନେକ କୁସଂସ୍କାର ରହିଛି । ଆଦିବାସୀ ସମାଜରେ ଯେଉଁ ଜିନିଷକୁ କୁସଂସ୍କାର ବୋଲି ଘୃଣା କରାଯାଏ, ତାହା ସଭ୍ୟ ସମାଜରେ ମଧ୍ୟ ଅନେକ କ୍ଷେତ୍ରରେ ଲୁକ୍କାୟିତ ହୋଇ ରହିଛି । କୋରାପୁଟ ଜିଲ୍ଲାର ବିଶମକଟକ ଅଞ୍ଚଳରେ ଡୁଙ୍ଗରିଆ କନ୍ଧମାନେ ତାଙ୍କ ମାଟି ମା ଧରଣୀ ପେନୁଙ୍କ ନିକଟରେ ଯେପରି ନିର୍ମମ ଭାବେ ପେନୁ

ବଳୀ ଦେଇଥାନ୍ତି, ହିମାଚଳ ପ୍ରଦେଶର ହିନ୍ଦୁମାନେ ଦଶହରା ପୂଜା ସମୟରେ ସେହିଭଳି ପଶୁବଳୀ ଦେଇଥାନ୍ତି । ଓଡ଼ିଶାରେ ମଧ ଅଣଆଦିବାସୀମାନେ କେତେକ ପୂଜା ପର୍ବାଣୀରେ କେତେକ ଦେବା-ଦେବୀଙ୍କ ପୀଠରେ ମଧ ଏହିପରି କରନ୍ତି ।

ଆଦିବାସୀ ପୁରୁଷ ଓ ସ୍ତ୍ରୀ ଶୈଶବରୁ ହିଁ ପ୍ରକୃତି କୋଳରେ ଲାଳିତ ପାଳିତ ହୋଇ ସ୍ୱାବଲମ୍ବୀ ଓ କର୍ମଠ ହୋଇଥାନ୍ତି । ସ୍ତ୍ରୀ ଓ ପୁରୁଷ ଉଭୟେ ସାଂସାରିକ ଓ ଗାର୍ହସ୍ଥ୍ୟ ଅବସ୍ଥାରେ ସମାନ ଭାବରେ କାର୍ଯ୍ୟ କରିଥାନ୍ତି । କୃଷିକାର୍ଯ୍ୟ ସେମାନେ ନିଜ ହସ୍ତରେ କରନ୍ତି । ତାଙ୍କର ସନ୍ତାନମାନେ ଏ ସମସ୍ତ ଜୀବିକା ଅର୍ଜନ କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରନ୍ତି । ତାଙ୍କ ସମାଜରେ ସ୍ତ୍ରୀ ସ୍ୱାଧୀନତା ଯେପରି ଦେଖାଯାଏ, ଅଣଆଦିବାସୀ ସମାଜରେ ସେପରି ଦେଖାଯାଏ ନାହିଁ । ତାର କାରଣ ହେଲା ଆଦିବାସୀ ସ୍ତ୍ରୀମାନେ ଘର ଚଳାଇବା ଠାରୁ ଆରମ୍ଭ କରି ଜୀବିକା ଅର୍ଜନ କାର୍ଯ୍ୟ କଳାପ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଥାନ୍ତି । ଦୈନନ୍ଦିନ ଜୀବନରେ ସ୍ତ୍ରୀ ପୁରୁଷ ସର୍ବପ୍ରଥମେ ଖାଦ୍ୟ ବିଷୟରେ ଚିନ୍ତା କରିଥାନ୍ତି । ବନ ସମ୍ପଦ ହିଁ ତାଙ୍କର ଅମୂଲ୍ୟ ସମ୍ପଦ ବୋଲି ବିଚାର କରନ୍ତି ଏବଂ ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକତା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପୂରଣ କରିଥାନ୍ତି । ଏପରିକି ପରିଧାନ ଓ ବେଶଭୂଷାରେ ମଧ ବନ୍ୟଜାତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଉଦାହରଣ ସ୍ୱରୂପ ଗଦବା ଓ ବଣ୍ଡା ସ୍ତ୍ରୀର ଲୋକମାନେ କେରଙ୍ଗ ଗଛର ଛାଲିରୁ ତନ୍ତୁ ପ୍ରସ୍ତୁତ କରି ସେଥିରୁ ସୁନ୍ଦର ଅଙ୍ଗବସ୍ତ୍ର ବୁଣି ବ୍ୟବହାର କରନ୍ତି । ଯେଉଁ କୁମାରୀ କନ୍ୟା ଏହି ବୟନ କାର୍ଯ୍ୟରେ ଅନଭିଜ୍ଞ, ସେମାନଙ୍କୁ ଯୁବକମାନେ ବିବାହ କରିବାକୁ ସହଜରେ ରାଜି ହୁଅନ୍ତି ନାହିଁ ।

ସେମାନଙ୍କ ମନରେ ଭବିଷ୍ୟତ ପାଇଁ ଧନ ସଞ୍ଚୟ କରିବାର ପ୍ରବୃତ୍ତି ଆଦୌ ନାହିଁ କହିଲେ ଚଳେ । ଯାହା ରୋଜଗାର କରନ୍ତି, ତାକୁ ସଙ୍ଗେ ସଙ୍ଗେ ଖର୍ଚ୍ଚ କରି ମନଖୁସିରେ ବଞ୍ଚିବାପାଇଁ ସେମାନେ ଇଚ୍ଛା କରନ୍ତି । ଯେଉଁ ଅର୍ଥଲାଳସା ନେଇ ଆଧୁନିକ ସମାଜରେ ଏତେ ଦ୍ୱନ୍ଦ୍ୱ ଓ ପ୍ରତିଯୋଗିତା ଚାଲିଛି ସେଥିପ୍ରତି ଆଦିବାସୀମାନେ ଉଦାସୀନ ।

ଓଡ଼ିଶା ତଥା ଭାରତର ଇତିହାସରୁ ଜଣାଯାଏ ଯେ ଆଧୁନିକ ଆଦିବାସୀବହୁଳ ଅଞ୍ଚଳରେ ପୂର୍ବେ ଆଦିବାସୀ ହିଁ ଶାସକ ଶ୍ରେଣୀଭୁକ୍ତ ଥିଲେ । କାଳକ୍ରମେ ସେମାନେ ଅଣ ଆଦିବାସୀଙ୍କ ଦ୍ୱାରା ବିତାଡ଼ିତ ହୋଇ ବଣଜଙ୍ଗଲକୁ ପଳାଇ ଆସି ଆଶ୍ରୟ ଗ୍ରହଣ କରିଆସୁଛନ୍ତି । ଏପର୍ଯ୍ୟନ୍ତ ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶରେ ଅନେକ ଆଦିବାସୀ ଭୂମ୍ୟଧିକାରୀ ରାଜା ଓ ଜମିଦାର ହିସାବରେ ପରିଚିତ ହୋଇ ଆସୁଛନ୍ତି । ଅନେକ କ୍ଷେତ୍ରରେ ସଭ୍ୟତାର ବିସ୍ତାର ସଙ୍ଗେ ଏମାନଙ୍କ ଉପରେ ଶୋଷଣ କରାଯିବାରୁ କାଳକ୍ରମେ ଆଦିବାସୀ ସମତଳ ଅଞ୍ଚଳ ପରିତ୍ୟାଗ କରି ଜଙ୍ଗଲ ପାହାଡ଼ ପର୍ବତ ଉପରେ ବସବାସ କରି ରହିଛନ୍ତି । ଯୁଗଯୁଗ ଧରି ଅର୍ଥନୈତିକ ଶୋଷଣରେ ନିଷ୍ପେଷିତ ହୋଇ ଆସୁଥିବାରୁ ବଣଜଙ୍ଗଲକୁ ହିଁ ତାଙ୍କର ଜୀବିକାର ସାହାର ଓ ଜୀବନର ସମ୍ପଦ ବୋଲି ଧରି ନେଇଛନ୍ତି । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଜଙ୍ଗଲ ସମ୍ପଦର ଦ୍ରୁତକ୍ଷୟ ଓ କଠୋର ଜଙ୍ଗଲ ଆଇନ୍ ଓ କଟକଣା ତାଙ୍କର ଜୀବିକା ଅର୍ଜନ ପ୍ରଣାଳୀକୁ କଠିନତର କରିଛି ।

ଓଡ଼ିଶା ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ପ୍ରଦେଶ । ସାରଳାଦାସ ହିଁ ପ୍ରଥମେ ଆଦିବାସୀ ସଂସ୍କୃତିର ରୂପରେଖ ଜଗନ୍ନାଥ ଧର୍ମରେ ସ୍ପଷ୍ଟଭାବେ ଦେଖାଇଛନ୍ତି । ସାରଳାଦାସଙ୍କ ''ଶବରୀ ନାରାୟଣ'' ଯଥାର୍ଥରେ ହିଁ ଶବର ପୂଜିତ ଦେବତାଙ୍କୁ ହିଁ ବୁଝାଇଥାଏ । ଜଗନ୍ନାଥ ଧର୍ମ ମୁଖ୍ୟତଃ ଆଦିବାସୀଙ୍କର ଧର୍ମ ଓ କ୍ରମେ ତାହା ଆର୍ଯ୍ୟ ଧର୍ମ ସହିତ ସମ୍ମିଶ୍ରିତ ହୋଇ ଆସୁଛି ।

ଓଡ଼ିଶାର ସଂସ୍କୃତି କୌଣସି ଏକ ନିର୍ଦ୍ଦିଷ୍ଟ ସଂସ୍କୃତି, ସମାଜ ବା ଉପାଦାନକୁ ନେଇ ଗଠିତ ନୁହେଁ । ସାମ୍ପ୍ରତିକ ସାମାଜିକ ଭିନ୍ନତା ଭିତରେ ଏହାର ସାଂସ୍କୃତିକ ଭିନ୍ନତା ସହଜରେ ଅନୁମେୟ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଗୋଷ୍ଠୀର ଆଗମନରେ ଏଠାରେ ଯେପରି ସାଂସ୍କୃତିକ ଭିନ୍ନତା ସୃଷ୍ଟି ହୋଇଛି, ପାରସ୍ପରିକ ବିନିମୟ ହେତୁ ସେହିପରି ଏକ ନୂତନ ଉତ୍କଳୀୟ ସଂସ୍କୃତିର ନବଜନ୍ମ ସମ୍ଭବ ହୋଇଛି । ବିଭିନ୍ନ କାରଣରୁ ... ସଂସ୍କୃତିର ମୂଳ ସ୍ରଷ୍ଟା ରୂପେ ଆଦିବାସୀ ସଂସ୍କୃତିକୁ ଚିହ୍ନଟ କରିବାକୁ ହୋଇଥାଏ । ପ୍ରକୃତି ଉପରେ ପୂର୍ଣ୍ଣନିର୍ଭରଶୀଳ, ପରମ୍ପରା ପ୍ରତି ଏକନିଷ୍ଠ ଓ ସରଳ ଏହି ଆଦିବାସୀ ଗୋଷ୍ଠୀ ସମୂହର ସାଂସ୍କୃତିକ ପୃଷ୍ଠଭୂମି ଉପରେ ଓଡ଼ିଶାର ସଂସ୍କୃତି ସୃଷ୍ଟିର ପ୍ରଥମ ଆଲୋକ ଦର୍ଶନ କରିଛି । ଉତ୍କଳୀୟ ସଂସ୍କୃତିର ମୂଳପିଣ୍ଡ ବା ପ୍ରାଣକେନ୍ଦ୍ର ରୂପେ ଖ୍ୟାତ ଶ୍ରୀ ଜଗନ୍ନାଥ ସଂସ୍କୃତିର ଛତ୍ରେ ଛତ୍ରେ ଆଦିବାସୀ ଓ ଅଣ ଆଦିବାସୀ ପରମ୍ପରାର ଅପୂର୍ବ ସମନ୍ୱୟ ସଙ୍ଗଠିତ ହୋଇଅଛି । ଏଣୁ ଉତ୍କଳୀୟ ସଂସ୍କୃତିର ଆଲୋଚନା ଆଦିବାସୀ ଓ ଅଣ ଆଦିବାସୀ ପରମ୍ପରା ମଧ୍ୟରୁ କୌଣସି ଗୋଟିକୁ ବାଦ ଦେଇ ସମ୍ଭବ ହୋଇ ପାରିବ ନାହିଁ । ଉଭୟ ପରମ୍ପରାକୁ ତୁଳନାତ୍ମକ ଅନୁଶୀଳନ କଲେ ଦେଖାଯାଏ ଯେ ଆଦିବାସୀ ସଂସ୍କୃତି ନିଜର ପ୍ରାଚୀନ ପରମ୍ପରା ଅତୁଟ ରଖି ସାଂସ୍କୃତିକ ମୂଲ୍ୟବୋଧର ପରିଚୟ ପ୍ରଦାନ କରୁଥିବାବେଳେ ଅଣ-ଆଦିବାସୀ ସଂସ୍କୃତି ପାଶ୍ଚାତ୍ୟ ସଭ୍ୟତାର ଅନୁକରଣରେ ଦ୍ରୁତ ସାଂସ୍କୃତିକ ପରିବର୍ତ୍ତନ ତଥା ଅବକ୍ଷୟ ଦିଗରେ ଧାବିତ ।

ସର୍ବ ଭାରତୀୟ ସ୍ଥିତି ସହ ତୁଳନା କଲେ ଓଡ଼ିଶାର ଆଦିବାସୀ ସମାଜ ଓ ସଂସ୍କୃତିର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ । ଆଦିବାସୀ ସଂସ୍କୃତିର ଆଲୋଚନାରେ ଆଦିବାସୀ ସମାଜର ଭାଷା, ଅର୍ଥନୀତି, ପାରମ୍ପରିକ ଆଚାରବ୍ୟବହାର, ପରିବେଷ୍ଟନୀ, ଧର୍ମବିଶ୍ୱାସ ଓ ଉପାସନା, ନୃତ୍ୟ ଓ ସଙ୍ଗୀତ, ମୌଖିକ ଓ ଲିଖିତ ସାହିତ୍ୟ, ଉତ୍ସବ ଓ ... ରାଜନୈତିକ ଅନୁଷ୍ଠାନ ଓ ବିଚାରଧାରା, ବିବାହ, ପରିବାର ... ଜ୍ଞାତି ସମ୍ପର୍କ ବିଚାର, ସାମାଜିକ ସଙ୍ଗଠନ ଓ ... ବିଶିଷ୍ଟ ଦିଗଗୁଡ଼ିକୁ ବିଶେଷ ଧ୍ୟାନ ଦିଆଯାଏ ।

ଭାରତର ପ୍ରାଗୈତିହାସ ସମ୍ପର୍କରେ ଭିତ୍ତିଭୂମି ସମ୍ପୂର୍ଣ୍ଣ ପରିଚୟ ... ପ୍ରଦାନ କରିବା ସମ୍ଭବ ହୋଇ ନଥିଲେ ହେଁ ସୁଲଭ ପ୍ରତ୍ନତାତ୍ତ୍ୱିକ ... ଓ ଭାଷାଗତ ସାମଞ୍ଜସ୍ୟକୁ ଭିତ୍ତିକରି ଭାରତରେ ଆଦିବାସୀ ... ସୃଷ୍ଟି ସମ୍ପର୍କରେ ଏକ ଅସ୍ପଷ୍ଟ ତଥ୍ୟ ଦିଆଯାଇପାରେ । ଆର୍ଯ୍ୟମାନେ ଏହି ଦେଶକୁ ଆଗମନ ପୂର୍ବରୁ ଏହି ମାଟିର ମୂଳ ବାସିନ୍ଦା ବା ... ସମୂହ ବାସୋପଯୋଗୀ ସମତଳ ଭୂମି ଓ ନଦୀ ଉପତ୍ୟକାମାନଙ୍କରେ ବାସ କରୁଥିଲେ । ପରିବେଶ ଓ ସାମାଜିକ ଜୀବନଧାରାର ... ଅନୁସାରେ ସେମାନେ ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ । ...

ସେହି ବନଜାତ ସଂଗ୍ରହ ଓ ଶିକାରକୁ ଭିତ୍ତିକରି, କେହିବା ପୋଡୁଚାଷ ଓ କେହି କେହି ପଶୁପାଳନ କରି ଜୀବିକା ନିର୍ବାହ କରୁଥିଲେ । କେତେକ ଗୋଷ୍ଠୀ ନିଜର ଧାତୁ ଦ୍ରବ୍ୟ ଉତ୍ପାଦନ ଓ ବ୍ୟବହାର କରି ନିଜର କର୍ମମୟ ଜୀବନକୁ ସହଜ ଓ ସରଳ କରିବାରେ ସକ୍ଷମ ହୋଇପାରିଥିଲେ । କ୍ରମେ ଅନେକ ଗୋଷ୍ଠୀ ନିଜର ଜୀବିକା ଅର୍ଜନ ପ୍ରଣାଳୀ ଓ ସାମାଜିକ ଅବସ୍ଥାକୁ ଅଧିକ ଉନ୍ନତ କରିବାକୁ ଚେଷ୍ଟିତ ହେଲେ । କେତେକ ଗୋଷ୍ଠୀ ଖାଦ୍ୟ ସଂଗ୍ରହ ବ୍ୟବସ୍ଥାରୁ ଖାଦ୍ୟ ଉତ୍ପାଦନ ବ୍ୟବସ୍ଥାକୁ ଉନ୍ନୀତ ହେଲେ । ବହୁ ଅଧିକାଂଶ ବା ସମସ୍ତ ଜନଜାତି ମୁଖ୍ୟତଃ ଜନପଦଠାରୁ ଦୂରରେ ରହୁଥିଲେ । ଐତିହାସିକ ଦୃଷ୍ଟିରୁ ଏହି ମୂଳବାସିନ୍ଦା ବା ଜନଜାତିଗଣ ଏକ ସମୁନ୍ନତ ଆର୍ଯ୍ୟ ଜାତିର ଆଗମନ ତଥା ଆକ୍ରମଣ ହେତୁ ଅଗମ୍ୟ ବଣ ଜଙ୍ଗଲରେ ଆଶ୍ରୟ ନେବାକୁ ବାଧ ହୋଇଥିଲେ । ଏହି ଅଞ୍ଚଳ ସେତେବେଳେ ଝାଡ଼ିଖଣ୍ଡ ରାଜ୍ୟ, ମହାକାନ୍ତାର ଓ ପ୍ରତ୍ୟନ୍ତ ଦେଶ ନାମରେ ପରିଚିତ ହେଲା ।

ଭାଷାଗତ ତଥ୍ୟକୁ ନେଇ ଆଦିବାସୀ ସଂସ୍କୃତିର ବିଭିନ୍ନ ପର୍ଯ୍ୟାୟ ଆଲୋଚନା କରାଯାଇପାରେ । ଭାରତର ଜନଜାତି ସମୂହକୁ ଭାଷାଗତ ବର୍ଗୀକରଣ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଥାଏ । ଯଥା(୧) ଇଣ୍ଡୋଆରିୟାନ ଭାଷା ଗୋଷ୍ଠୀ (୨) ଦ୍ରାବିଡ଼ୀୟ ଭାଷା ଗୋଷ୍ଠୀ (୩) ତିବ୍ବତୋ-ବର୍ମିନ ଭାଷା ଗୋଷ୍ଠୀ (୪) ଅଷ୍ଟ୍ରିକ ଭାଷାଗୋଷ୍ଠୀ । ଭାରତରେ ପ୍ରାୟ ୪୦୦ ପ୍ରକାର ଆଦିବାସୀ ଭାଷାର ପ୍ରଚଳନ ଦେଖାଯାଏ । ଏଥି ପ୍ରାୟତଃ ଅଧିକାଂଶ ଗୋଷ୍ଠୀର ନିଜ ଭାଷା ରହିଥିବାର ଜଣାଯାଏ । ତେବେ ଅଧିକାଂଶ ଭାଷା କେବଳ କଥିତ ଭାଷା । ଏ ସବୁର ଲିଖିତ ଲିପି ନାହିଁ । କେବଳ ଇଣ୍ଡୋ-ଆରିୟାନ ଭାଷା ଗୋଷ୍ଠୀକୁ ଛାଡ଼ି ଓଡ଼ିଶାର ଆଦିବାସୀଙ୍କ ମଧ୍ୟରେ ଅନ୍ୟ ତିନୋଟି ଭାଷାଗୋଷ୍ଠୀ ରହିଥିବାର ଜଣାଯାଏ । ଓଡ଼ିଶାର ପ୍ରାୟ ସମସ୍ତ ଆଦିବାସୀ ଭାଷା କଥିତ ଭାଷା ହୋଇଥିଲେ ମଧ୍ୟ କେବଳ ସାନ୍ତାଳ ଓ ସଉରାମାନେ ନିଜ ନିଜର ଭାଷାର ବିକାଶ ନିମନ୍ତେ ଲିପି ଉଦ୍ଭାବନ କରିଅଛନ୍ତି ।

ପ୍ରତ୍ୟେକ ସମାଜ ଓ ସଂସ୍କୃତି ପରିବର୍ତ୍ତନଶୀଳ । ଏହାଦ୍ୱାରା ସାମାଜିକ ଓ ସାଂସ୍କୃତିକ ବିବର୍ତ୍ତନ ସଂଘଟିତ ହୋଇଥାଏ । ଏହି ଧାରାରୁ ଆଦିବାସୀ ସମାଜ ମଧ୍ୟ ଏକ ବ୍ୟତିକ୍ରମ ନୁହେଁ । ଅବଶ୍ୟ ପରିବର୍ତ୍ତନର ଧାରା ଓ ବେଗ ଆଦିବାସୀ ଓ ଅଣଆଦିବାସୀ ସମାଜ ପାଇଁ ସମାନ ନହୋଇ ପାରେ କିନ୍ତୁ ଉଭୟ ଏହି ଧାରାରେ ଉଣା ଅଧିକେ ସାମିଲ୍ ହୋଇଅଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଉଭୟ ପ୍ରକାରର ସମାଜ ଓ ସଂସ୍କୃତିରେ ଅନେକ ପରିବର୍ତ୍ତନ ଦୃଷ୍ଟିଗୋଚର ହୋଇଥାଏ ।

ପାରମ୍ପରିକ ଦୃଷ୍ଟି କୋଣରୁ ବିଚାର କଲେ ଆଦିବାସୀ ସଂସ୍କୃତି ଓ ଓଡ଼ିଶାର ଗ୍ରାମ୍ୟ ସଂସ୍କୃତି ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳେ । ନୃତାତ୍ତ୍ୱିକ ଦୃଷ୍ଟିରୁ ଆଦିବାସୀ ସଂସ୍କୃତି ତଥାକଥିତ ଆଧୁନିକ ସଂସ୍କୃତିଠାରୁ ସେପରି ନ୍ୟୂନ ନୁହେଁ । ଏକ କ୍ଷୁଦ୍ର ପରମ୍ପରାର ଅବଧାରକ ଭାବେ ଏହା ବୃହତ୍ତର ଓଡ଼ିଆ ସମାଜର ବୃହତ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଥାଏ । ଏ ପ୍ରକାରର ସାଂସ୍କୃତିକ ମିଶ୍ରଣ ଓ ସାମଞ୍ଜସ୍ୟ ଆମ ମହାଭାରତୀୟ ତଥା ଓଡ଼ିଆ ପରମ୍ପରାର ଭିତ୍ତି ଅଟେ । ଏଣୁ ବିଭିନ୍ନ କାରଣରୁ, ବିଶେଷତଃ ଭୌଗୋଳିକ, ଅର୍ଥନୈତିକ ଓ ଶିକ୍ଷାଗତ କାରଣରୁ ଆଦିବାସୀ ଓ ଅଣଆଦିବାସୀ ସଂସ୍କୃତି ଦ୍ୱୟ ମଧ୍ୟରେ କେତେକ ତାରତମ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ, ଦୁହେଁ ପରସ୍ପରର ପରିପୋଷକ ଏବଂ ଏକ ନିରବଛିନ୍ନ ସାଂସ୍କୃତିକ ପ୍ରବାହର ଭିନ୍ନ ଭିନ୍ନ ଅଂଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

*ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ତାଲିମ୍*
*ପ୍ରତିଷ୍ଠାନ, ଭୁବନେଶ୍ୱର*

• • •



କୋଣାର୍କ ମନ୍ଦିର

ଭଜନ ପ୍ରସଙ୍ଗ

# ଜଗଦ୍‌ଗୁରୁ ଜଗନ୍ନାଥ

● ଶ୍ରୀ ନରହରି ଉପାଧ୍ୟାୟ

ଶାସ୍ତ୍ରର ନିର୍ଦ୍ଦେଶ : ସମ୍ପୂଜ୍ୟ ଜଗତାଂ ଗୁରୁମ୍"

କିଏ ସେ ପୂଜନୀୟ ଜଗଦ୍‌ଗୁରୁ ? କେଉଁଠି ତାଙ୍କର ଧାମ ? କଣ ତାଙ୍କର ମାହାତ୍ମ୍ୟ ? ଭାରତୀୟ ବୈଦିକ ସଂସ୍କୃତିରେ ଗୁରୁପରମ୍ପରା ବହୁ ପ୍ରାଚୀନ । ଗୁରୁପଦାଶ୍ରୟ ବିନା ଜୀବନର ମୁକ୍ତି ନାହିଁ । ଏ ମର ସଂସାର ଅନାମୟ ବା ନିଜଗାଳ ସୁଖର ଧାମ ନୁହେଁ, ନିତ୍ୟ ନିରନ୍ତର ଦୁଃଖ ଯାତନାର ପରିପୂର୍ଣ୍ଣ ଭଣ୍ଡାର । ସୃଷ୍ଟମତି ବିଷୟାସକ୍ତ ପ୍ରବଣ ମଣିଷ ତାର ଭୋକ୍ତା । ବିବେକବାନ୍ ପୁରୁଷ ଜୀବଗତି ସଚେତନତା ହେତୁ ତା'ର ଜୀବନର ଶ୍ରେଷ୍ଠ ଅବସରକୁ ଭଗବତ୍ ଚିନ୍ତନ-ସେବନରେ ବିନିଯୋଗ କରେ । ଭଗବାନ ଶ୍ରୀକୃଷ୍ଣ ପରମ ଭକ୍ତ ଉଦ୍ଧବଙ୍କୁ କହିଲେ, ମର ଜଗତରେ ମନୁଷ୍ୟ ଦେହ ପ୍ରାପ୍ତି ଅତ୍ୟନ୍ତ ଦୁର୍ଲଭ, କାରଣ ଭବସାଗର ଉତ୍ତୀର୍ଣ୍ଣ ହେବାପାଇଁ ଏହା ଏକ ଉତ୍ତମ ନୌକା ଅଟେ । ପରନ୍ତୁ ସୁଦକ୍ଷ କର୍ଣ୍ଣଧାର ବିନା ଲକ୍ଷ୍ୟସ୍ଥଳରେ ପହଞ୍ଚିନପାରେ । ଏ ନୌକାକୁ ଉଦ୍ଦିଷ୍ଟ ଦିଗରେ ଓ ଅବାଧରେ ଚଳାଇ ନେବା ପାଇଁ ଏକ ମାତ୍ର ଗୁରୁ ହିଁ ଉପଯୁକ୍ତ କର୍ଣ୍ଣଧାର । ସଦା ବିକ୍ଷୁବ୍ଧ ଅପାର ସଂସାର ସାଗର ଯାତ୍ରା କାଳରେ ନାନା ପ୍ରତିକୂଳ ପ୍ରଭାବର ସମ୍ମୁଖୀନ ହେବା ତ ସ୍ୱାଭାବିକ । ଅବଶ୍ୟ, କୃଷ୍ଣ କୃପା ରୂପକ ଅନୁକୂଳ ବାୟୁ ସେ ପ୍ରକୃତିଦତ୍ତ ଦିବ୍ୟ ନୌକାକୁ ଅତି ସୁରୁଖୁରୁରେ ତାହାର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେବ । ଏଭଳି ରକ୍ତ ମାଂସ ଗଢ଼ା ସୁଦୁର୍ଲଭ ଚଳମାନ ଜୀବନ୍ତ ନୌକାଟିଏ ପାଇ ଯେଉଁ ପୁରୁଷାଧମ ଭବସାଗରକୁ ତରିବା ନିମନ୍ତେ ପ୍ରୟାସ-ପ୍ରଯତ୍ନ ନକରି ନିଶ୍ଚେଷ୍ଟ ରହେ, ସେ ଆତ୍ମଘାତୀ ନୁହେଁତ ଆଉ କଣ ? ସୁତରାଂ ଭବାବ୍ଧିତରଣକାମୀ ସଚେତନ ପୁରୁଷ ପକ୍ଷରେ ଗୁରୁ ଆନୁଗତ୍ୟ ଅବଶ୍ୟ ସଦା ଆଚରଣୀୟ, ଅନ୍ୟଥା ପଶୁପକ୍ଷୀ ତୁଲ୍ୟ ଇତର ଜୀବନଧାରଣ ହିଁ ଇହପର ଜନ୍ମର ଅନିବାର୍ଯ୍ୟ ପରିଣତି । ଅନ୍ୟ ପକ୍ଷରେ, ଜୀବନର ସାଫଲ୍ୟ ପାଇଁ ମନୁଷ୍ୟ ବିବିଧ କର୍ମକାଣ୍ଡ ବିହିତ କ୍ରିୟାନୁଷ୍ଠାନରେ ପ୍ରବୃତ୍ତ ହୁଏ । ସେ ହୁଏତ ଏ ସବୁର ନଶ୍ୱରତା ତଥା କ୍ଷଣିକତାକୁ ଉପଲବ୍ଧି କରେ ନାହିଁ । ଗୁରୁ କୃପା ବିରହିତ ଯେ କୌଣସି ବୈଧ କର୍ମ ନିଷ୍ଫଳ । ଆତ୍ମକଲ୍ୟାଣ ଲାଭ ନିମିତ୍ତ ତତ୍ତ୍ୱବେତ୍ତା ଓ ଲକ୍ଷଣଯୁକ୍ତ ସଦ୍‌ଗୁରୁଙ୍କ ଆଶ୍ରୟ ଜୀବମାତ୍ରେ କାମ୍ୟ । ଶ୍ରୀମଦ୍ ଭାଗବତରେ ଭଗବାନ ସଦ୍‌ଗୁରୁଙ୍କ ସ୍ୱଭାବସ୍ୱରୂପ ବୟାନ କରି ନିର୍ଦ୍ଦେଶ ଦେଇ ଅଛନ୍ତି, ମୋର ଭକ୍ତବାତ୍ସଲ୍ୟାଦି ମାହାତ୍ମ୍ୟ ଅନୁଭବୀ ଏବଂ ମତ୍‌ପରାୟଣ, ଅର୍ଥାତ୍ ମୋ ପ୍ରତି ଚିତ୍ତ ନିବେଶ କରିଥିବା ଶାନ୍ତଦାନ୍ତବେଦାନ୍ତ ତତ୍ତ୍ୱବିଦ୍ ସଦ୍‌ଗୁରୁଙ୍କୁ ମୋର ସାକ୍ଷାତ୍ ମୂର୍ତ୍ତି ମନେକରି ଉପାସନା କର୍ତ୍ତବ୍ୟ । ଓଡ଼ିଆ ଭାଗବତୋକ୍ତିରେ :

"ମୋତେ ପୂଜିବ ଗୁରୁ ଦେହେ
ମୋ ଠାରୁ ଗୁରୁ ଭିନ୍ନ ନୁହେଁ ।"

ଆର୍ଷୋକ୍ତିରେ : 'ଗୁରୁ ସାକ୍ଷାତ୍ ପରବ୍ରହ୍ମ' । ଗୁରୁଙ୍କର ପରବ୍ରହ୍ମ ସ୍ୱରୂପ ଉପଲବ୍ଧି ନିମନ୍ତେ ପ୍ରଥମତଃ ଆମକୁ ଗୁରୁତତ୍ତ୍ୱର ଦ୍ୱିବିଧ ଭେଦ ତାତ୍ପର୍ଯ୍ୟ ଅବଗତ ହେବାକୁ ହେବ । ପରମ୍ପରା ଭେଦରେ ଗୁରୁ ଦୁଇ ପ୍ରକାର, ଯଥା : ଦୀକ୍ଷାଗୁରୁ ଓ ଶିକ୍ଷାଗୁରୁ । ମନ୍ତ୍ର ପ୍ରଦାନ ଦ୍ୱାରା ଯେ ବିଶେଷ ଧର୍ମ ସାଧନା ପାଇଁ ପ୍ରବର୍ତ୍ତନା ଦିଅନ୍ତି, ସେ ଦୀକ୍ଷାଗୁରୁ ଏବଂ ଶିକ୍ଷାଗୁରୁ ଯେ ଜ୍ଞାନଦାନ ଦ୍ୱାରା ପ୍ରଜ୍ଞାବାନ୍ ବ୍ୟକ୍ତିତ୍ୱ ଗଠନ କରନ୍ତି । କେବଳ ମନୁଷ୍ୟ ଗୁରୁ ହିଁ ପୂର୍ବୋକ୍ତ ପ୍ରକାରର ଏବଂ ପରୋକ୍ତ ପ୍ରକାର ମଧ୍ୟରେ ଅଛନ୍ତି ଜୀବଜଗତ୍ରାତ୍ମିକା ସୃଷ୍ଟିର ପ୍ରତ୍ୟେକ ଭୂତତତ୍ତ୍ୱ, ବ୍ରହ୍ମଠାରୁ ବ୍ରହ୍ମାଣ୍ଡ, ଜୀବରେ ପ୍ରାଣୀ ମନୁଷ୍ୟଠାରୁ ପଶୁ-ପକ୍ଷୀ-ପତଙ୍ଗାଦି ଇତର ପ୍ରାଣୀଯାଏ । କେବଳ ଉପନୟନ ସଂସ୍କାର ବେଳେ ବ୍ରହ୍ମଚାରୀ ଯଜ୍ଞୋପବିତଦାତା ଗୁରୁ ବ୍ରହ୍ମ ଦ୍ୱାରା ଗାୟତ୍ରୀମନ୍ତ୍ର ଦୀକ୍ଷିତ ହେବା ଶ୍ରୁତିସିଦ୍ଧ । ଏତଦ୍‌ଭିନ୍ନ ଯେ କୌଣସି ଭକ୍ତିଭାବାପନ୍ନ ଶ୍ରଦ୍ଧାଳୁ ଶିଷ୍ୟଙ୍କୁ ଅନ୍ୟାନ୍ୟ ଇଷ୍ଟମନ୍ତ୍ର ପ୍ରଦାନ ଦସ୍ତୁର ପରମ୍ପରାଗତ ଏକ ତନ୍ତ୍ରଭିତ୍ତିକ ପ୍ରକ୍ରିୟା । ବେଦବେଦାନ୍ତାଦି ଶାସ୍ତ୍ରର ବିରୁଦ୍ଧ ହେଲେ ହେଁ, ଦୃଢ଼ ବିଶ୍ୱାସମୂଳକ ଲୋକପ୍ରଚଳିତ ପ୍ରଥା ରୂପରେ ବହୁକାଳରୁ ଏ ଦୀକ୍ଷାଦାନ ପଦ୍ଧତି ଆମ ଆଧ୍ୟାତ୍ମିକ ସଂସ୍କୃତିର ଅଙ୍ଗୀଭୂତ ହୋଇଯାଇଛି । କେବଳ ଲୌକିକ ନୁହେଁ ଏ ପ୍ରଥା, ଯେହେତୁ ଏହାର ଶାସ୍ତ୍ରୀୟ ଭିତ୍ତିପାତ ହୋଇଛି ଆଗମଚର୍ଚ୍ଚା ପରିଧିରେ ।

'ଦୀକ୍ଷା'ର ସଂଜ୍ଞା ନିରୂପଣ କରି ତନ୍ତ୍ରଶାସ୍ତ୍ର ଉଲ୍ଲେଖ କରନ୍ତି, ଯାହା ଜ୍ଞାନ ପ୍ରଦାନ ଓ ସଞ୍ଚିତ ପାପରାଶିର କ୍ଷୟସାଧନ କରେ ବୋଲି ତତ୍ତ୍ୱଦର୍ଶୀ ମୁନିମାନେ ଏହାକୁ ଦୀକ୍ଷା ନାମରେ ଅଭିହିତ କରି ଅଛନ୍ତି(ବାରାହୀତନ୍ତ୍ର) । ଅଦୀକ୍ଷିତ ଜନର ଅନ୍ତିମ ଗତି ଅତି ଭୟଙ୍କର ରୌରବ ନରକ । ପ୍ରକାରାନ୍ତରେ ଦ୍ୱାରା ଅଦୀକ୍ଷିତର ସିଦ୍ଧିଲାଭ ହୁଏ ନାହିଁ । ପଥୁରିଆ ଭୂମିରେ ବୀଜବପନ ଭଳି ତାର ସମସ୍ତ କର୍ମ ନିଷ୍ଫଳ ହୁଏ । ତାର ଜୀବନ ସଦ୍‌ଗତି ପ୍ରାପ୍ତ ହୁଏ ନାହିଁ । ରୌରବ ଗତି ଏଡ଼ାଇବାର ସାଧନ ପ୍ରତ୍ୟେକଙ୍କର କର୍ତ୍ତବ୍ୟ : "ତସ୍ମାଦ୍ ଦୀକ୍ଷାଂ ପ୍ରଯତ୍ନେନ ସଦା କୁର୍ବୀତ ତାନ୍ତ୍ରିକାତ୍", ଅର୍ଥାତ୍ ତାନ୍ତ୍ରିକ ଗୁରୁଙ୍କଠାରୁ ଯତ୍ନପୂର୍ବକ ମନ୍ତ୍ରଦୀକ୍ଷା ଗ୍ରହଣ ବିଧେୟ । ଜନମାନଙ୍କୁ ପ୍ରଭାବିତ କରିବା ପାଇଁ କମ୍ ବଳିଷ୍ଠ ନୁହେଁ ଏ ଚେତାବନୀ ବାଣୀ । ଅବଶ୍ୟ ଏ କ୍ଷେତ୍ରରେ କେବଳ ତାନ୍ତ୍ରିକ ଗୁରୁଙ୍କର ଏକାଧିପତ୍ୟ ଏବେ ଆଉ ନାହିଁ । ଏହି ପ୍ରଥାକୁ ଚଳାଇ ରଖିବାପାଇଁ ଭିନ୍ନ ଭିନ୍ନ ପନ୍ଥର ବହୁ ପ୍ରତିଷ୍ଠିତ ସାଧୁସନ୍ଥ ଦୀକ୍ଷା ପ୍ରଦାନକାରୀ କର୍ଣ୍ଣଗୁରୁ ରୂପରେ ଆମ ସମାଜରେ ଆଦୃତ ଏବଂ ବିଶେଷ ମର୍ଯ୍ୟାଦାପ୍ରାପ୍ତ । ଅଧୁନାତନ ଅନୁଯାୟୀ ବାଛବିଚାର ନିର୍ବିଶେଷରେ କେତେକ ଶିକ୍ଷାଜୀବୀ କର୍ଣ୍ଣଗୁରୁ ଦୀକ୍ଷାଦାନକୁ ବାଣିଜ୍ୟ ବ୍ୟବସାୟରେ ପରିଣତ କରିବା ଉଦାହରଣ ବିରଳ ନୁହେଁ । ଫଳତଃ ବର୍ଦ୍ଧିଷ୍ଣୁ ଶିଷ୍ୟସମାଜର ପରିବ୍ୟାପ୍ତି ସଙ୍ଗେ ସଙ୍ଗେ ଗୁରୁ ମାନଙ୍କର ସମସ୍ୟା ବି କମ୍ ନୁହେଁ । ପୂର୍ବେ ଗୁରୁଶିଷ୍ୟ ସମ୍ପର୍କ ଥିଲା ବେଶ୍ ମଧୁର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ । ମାର୍ଜିତ ରୁଚିବୋଧ, ବୈୟକ୍ତିକ ଚରିତ୍ର ଗଠନ, ଆଧ୍ୟାତ୍ମିକ ଭିତ୍ତି ପତନ, ସାମାଜିକ ଶୃଙ୍ଖଳା ଜ୍ଞାନ ସଂବର୍ଦ୍ଧନ ନିମନ୍ତେ ସଦ୍‌ଗୁରୁ ପ୍ରଦତ୍ତ ଦୀକ୍ଷା ଯଥେଷ୍ଟ ସହାୟତା କରୁଥିଲା । ଅତ୍ୟାଧୁନିକତା

ଶେଷ ପୃଷ୍ଠା

ପ୍ରାଚୀନ ପରବର୍ତ୍ତୀ କାଳରେ ଅନୁଭୂତ ହେଲା ଏହାର କ୍ରମ ଅବନତି । ସାର୍ବିକ ଓ ସାମଗ୍ରିକ ଭାବରେ ନହେଲେ ହେଁ, କ୍ଷେତ୍ର ବିଶେଷରେ ପ୍ରତିକୂଳ ପରିବେଶକୁ ଅସ୍ୱୀକାର କରିହେବ ନାହିଁ । ଆମ ସମୃଦ୍ଧ ସଂସ୍କୃତି ଅନ୍ୟାନ୍ୟ ବିଭିନ୍ନ ଅଙ୍ଗୋପାଙ୍ଗ ପରି ସମ୍ପ୍ରତି ଚର୍ଚ୍ଚିତ ଅଙ୍ଗଟିକୁ ମଧ୍ୟ ସମୟର ଜନିତ ପଙ୍କୁତା ଘାରିଲାଣି । ଅନୁଧାନରୁ ଦେଖାଯିବ, ଶିକ୍ଷାଗ୍ରହଣ ପରମ୍ପରା ତା'ର ବୈଧତା ହରାଇ କିମ୍ବା ଔପଚାରିକତାରେ ପର୍ଯ୍ୟବସିତ ହେଲାଣି । ତେବେ ଅତ୍ୟନ୍ତ ଆଶ୍ୱାସନାର କଥା, ବିଲୁପ୍ତି ଆଶଙ୍କାର ଅବକାଶ ଘଟି ନାହିଁ କି ସହଜରେ ଘଟିବ ନାହିଁ; ଏହାର କାରଣ ମାତ୍ର ଆନୁଗତ୍ୟହାନି ହେତୁ ପ୍ରଚଳିତ ପ୍ରଥାର ବିକୃତିକରଣ ।

ବର୍ତ୍ତମାନ ଶିକ୍ଷାଗୁରୁ ଓ ତାଙ୍କର ଭୂମିକା ଉପରେ ଆଲୋଚନା କରାଯାଉ । ବେଦାନ୍ତ ଭାଷାରେ, ଶିକ୍ଷାଗୁରୁ ମନ୍ତ୍ରଦାତା ନୁହଁନ୍ତି, ଜ୍ଞାନଦାତା । ଆତ୍ମଜ୍ଞାନ ଉପଦେଶଦ୍ୱାରା ଶିଷ୍ୟର ଅଜ୍ଞାନାନ୍ଧକାର ଦୂରୀକରଣାର୍ଥେ ତାହାକୁ ଜ୍ଞାନଚକ୍ଷୁ ପ୍ରଦାନ କରନ୍ତି ଏବଂ ଶ୍ରଦ୍ଧାଳୁ ଓ ବିନୟୀ ଶିଷ୍ୟକୁ ଜ୍ଞାନ ଉପାସନାରୁ ଉପଲବ୍ଧ ଯଶ, ପୌରୁଷ ଓ ବ୍ରହ୍ମବର୍ଚ୍ଚସ ପ୍ରାପ୍ତ କରାନ୍ତି । ମୋଟାମୋଟି ଶିଷ୍ୟ ବ୍ୟକ୍ତିତ୍ୱର ସର୍ବତୋଭାବେ ବିକାଶ ସାଧନ ଶିକ୍ଷାଗୁରୁଙ୍କର ବିହିତ କାର୍ଯ୍ୟ । ଶିଷ୍ୟଙ୍କର ହିତ କାମନାରେ ଗୁରୁ ଯେଉଁ ମନ୍ତ୍ର ପଞ୍ଚକ ପାଠ ପୂର୍ବକ ଯଜ୍ଞରେ ପଞ୍ଚାହୁତି ପ୍ରଦାନ କରନ୍ତି, ସେହି ତାତ୍ପର୍ଯ୍ୟ ପ୍ରସଙ୍ଗତଃ ପ୍ରଣିଧାନ ଯୋଗ୍ୟ : (ତୈତ୍ତିରୀୟ : ଉପନିଷଦ୍ : ଶିକ୍ଷାବଲ୍ଲୀ : ୪ର୍ଥ ଅନୁ)

୧-ଆମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ଉତ୍ତମ ବ୍ରହ୍ମଚାରୀ ମୋପାଖକୁ ଅଧ୍ୟୟନ ପାଇଁ ଆସନ୍ତୁ ।

୨-ବିମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ମୋର ବ୍ରହ୍ମଚାରୀ କପଟଶୂନ୍ୟ ହୁଅନ୍ତୁ ।

୩-ପ୍ରମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ମୋର ବ୍ରହ୍ମଚାରୀ ଉତ୍ତମ ଜ୍ଞାନସଂଗ୍ରହଣକାରୀ ହୁଅନ୍ତୁ ।

୪-ଦମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ବ୍ରହ୍ମଚାରୀ ଇନ୍ଦ୍ରିୟ ଦମନକାରୀ ହୁଅନ୍ତୁ ।

୫. ଶମାୟନ୍ତୁ ବ୍ରହ୍ମଚାରିଣଃ ସ୍ୱାହା । ବ୍ରହ୍ମଚାରୀ ମନସଂଯମ ବା ଶମକାରୀ ହୁଅନ୍ତୁ ।

ଏଥିରେ କେଉଁଠି କର୍ଣ୍ଣ ମନ୍ତ୍ର ଦାନ-ଗ୍ରହଣ ପ୍ରସଙ୍ଗର ଉଲ୍ଲେଖ ନାହିଁ । ଏ ବିଷୟରେ ସ୍ପଷ୍ଟ ଅବଧାରଣା ପାଇଁ କେତେକ ଦୃଷ୍ଟାନ୍ତ ଦେବା ଉଚିତ ହେବ ।

ଅଯୋଧ୍ୟାର ଧର୍ମପ୍ରାଣ ରାଜା ଶ୍ରୀରାମ କୁଳର ପୁରୋଧା ବ୍ରହ୍ମର୍ଷି ବଶିଷ୍ଠଙ୍କଠାରୁ କୌଣସି କର୍ଣ୍ଣ ମନ୍ତ୍ର ଗ୍ରହଣ କରି ନଥିଲେ । ଆପଣାର ଅଜ୍ଞତା ଦୂରୀକରଣ ଓ ଜ୍ଞାନଭଣ୍ଡାର ପରିପୂରଣାର୍ଥେ ସେ କରିଥିଲେ ବହୁ ପ୍ରଶ୍ନ ଏବଂ ସୁବିଜ୍ଞ ବଶିଷ୍ଠ ଦେଇଥିଲେ ସେ ସବୁର ତତ୍ତ୍ୱ ତାତ୍ପର୍ଯ୍ୟପୂର୍ଣ୍ଣ ଉତ୍ତର । ସର୍ବତୋଭାବେ ସନ୍ତୁଷ୍ଟ ଶ୍ରୀରାମଚନ୍ଦ୍ର ତାଙ୍କୁ ଦେଲେ ସଦ୍‌ଗୁରୁ ମର୍ଯ୍ୟାଦା । ପ୍ରାସଙ୍ଗିକ ଯୋଗବାଶିଷ୍ଠ (ରାମାୟଣ) ଏକ ଅନୁପମ ଜ୍ଞାନ ଗ୍ରନ୍ଥରୂପେ ଭାରତୀୟ ସତ୍‌ଶାସ୍ତ୍ର ଭଣ୍ଡାର ମଣ୍ଡନ କରେ । ମହାଭାରତ ସମରାଙ୍ଗନରେ ଆସନ୍ନ ଭୟାବହ ପରିଣତିଜନିତ ଚିତ୍ତ କାର୍ପଣ୍ୟ ହେତୁ ଜ୍ଞାନ ନଷ୍ଟ ହେବାରୁ ଶଙ୍କିତ ଅର୍ଜ୍ଜୁନ ସଖାସାରଥୀ ଶ୍ରୀକୃଷ୍ଣଙ୍କୁ ଗୁରୁରୂପେ ଗ୍ରହଣ କରି କହିଲେ : "ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ, ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନଂ (ଗୀତା : ୨/୭), ଅର୍ଥାତ୍ ମୁଁ ଆପଣଙ୍କର ଶିଷ୍ୟ ଏବଂ ଶରଣାପନ୍ନ । ମୋ ପକ୍ଷରେ ଯେଉଁ ଶିକ୍ଷା ମଙ୍ଗଳକର, ତାହା ମୋତେ ପ୍ରଦାନ କରନ୍ତୁ । ଜଗଦ୍‌ଗୁରୁ ଶ୍ରୀକୃଷ୍ଣ ସମର୍ପିତ ଶିଷ୍ୟ ଅର୍ଜ୍ଜୁନଙ୍କ କର୍ଣ୍ଣରେ ଯେଉଁ ଜ୍ଞାନାମୃତ ବାକ୍ୟାବଳୀ ଢାଳିଦେଲେ, ସେହି ଗ୍ରନ୍ଥିତ ଗ୍ରନ୍ଥ ହିଁ ବିଶ୍ୱ ବିଖ୍ୟାତ ଶ୍ରୀମଦ୍‌ଭଗବଦ୍ ଗୀତା ଶାସ୍ତ୍ର । ରାଜର୍ଷି ଜନକ ଓ ମହର୍ଷି ଯାଜ୍ଞବଲ୍‌କ୍ୟ, ଶ୍ରୀକୃଷ୍ଣ ଓ ଉଦ୍ଧବ, ଧର୍ମରାଜ ଯମ ଓ ଉଦ୍ଦାଳକ ଋଷି ପୁତ୍ର ନଚିକେତାଙ୍କ ଗୁରୁଶିଷ୍ୟ ସମ୍ପର୍କ କର୍ଣ୍ଣମନ୍ତ୍ରଗତ ନୁହେଁ, ପରମ ତତ୍ତ୍ୱାତ୍ମକ ଜ୍ଞାନଦାନଗତ । ଏହିପରି ତତ୍ତ୍ୱବେତ୍ତା ବେଦାନ୍ତବାଦୀମାନେ ଅବିଦ୍ୟାଜନିତ ଅଜ୍ଞାନ ଅନ୍ଧକାରରେ ନବୃତ୍ତି ତତ୍ତ୍ୱବିଜ୍ଞାନ ଚର୍ଚ୍ଚା ମାଧ୍ୟମରେ ସର୍ବମୟ ସର୍ବାତ୍ମକ ପରମ ଗୁରୁ ପଦର ସନ୍ଧାନ କରୁଥିଲେ । ଏହା ହିଁ ପ୍ରାଚୀନ ଭାରତୀୟ ଆର୍ଯ୍ୟ ସଂସ୍କୃତି ଆଧାରିତ ଗୁରୁଶିଷ୍ୟ ପରମ୍ପରାର ବୈଶିଷ୍ଟ୍ୟ । ଆମର ଏ କଳିକାଳରେ ମଧ୍ୟ ଗୁରୁ ନାନକ, ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଋଷି ଅରବିନ୍ଦ ପ୍ରଭୃତି ଉଚ୍ଚକୋଟୀର ସିଦ୍ଧସାଧକବୃନ୍ଦ କେଉଁଠି ମନ୍ତ୍ରଦୀକ୍ଷା ନେବାର ଜଣାଯାଏ ନାହିଁ । ଏମାନେ ଏକୈକ ଜ୍ଞାନସିଦ୍ଧ ଦିବ୍ୟଦ୍ରଷ୍ଟା ।

ପୂର୍ବାଲୋଚନାରେ ସୂଚାଇ ଦିଆଯାଇଛି ଯେ, ମନୁଷ୍ୟେତର ପ୍ରାଣୀ, ଜଡ଼ବସ୍ତୁ ଏବଂ କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ ଆଦି ପଞ୍ଚ ମହାଭୂତ ମଧ୍ୟ ଶିକ୍ଷାଗୁରୁ ପଦବାଚ୍ୟ । ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ଭଗବାନ୍ ଦତ୍ତାତ୍ରେୟ ଅବଧୂତ ଚବିଶ ଗୁରୁ କରିଥିଲେ । ସେ କୌଣସି କର୍ଣ୍ଣମନ୍ତ୍ରଦାତା ମନୁଷ୍ୟ ଗୁରୁ କରିନଥିଲେ ବା ନିର୍ଦ୍ଦିଷ୍ଟ ଭାବେ ଗୁରୁ ସନ୍ଧାନରେ ବୁଲିନଥିଲେ । ସ୍ଥାବର ଜଙ୍ଗମାତ୍ମକ ସଂସାର କ୍ଷେତ୍ର ପରିଭ୍ରମଣ ଅବକାଶରେ ଏକାଧିକ ପ୍ରକାର ଗୁରୁ ସ୍ୱତଃ ତାଙ୍କର ଦିବ୍ୟଜ୍ଞାନ ଦୃଷ୍ଟିକୁ ଆସିଯାଉଥିଲେ । ଯେତେବେଳେ ଯେଉଁଠି ଯାହାଠାରେ କିଛି ଆଦର୍ଶ ଗୁଣ ତାଙ୍କର ଅନାସକ୍ତ ଚିତ୍ତ ଓ ସନ୍ଧାନୀ ଦୃଷ୍ଟିକୁ ଅକସ୍ମାତ୍ ଆକର୍ଷଣ କରୁଥିଲା, ସେ ତାକୁ ଗୁଣଦାତା ଗୁରୁରୂପେ ବରି ନେଉଥିଲେ । ପୃଥିବୀଠାରୁ କ୍ଷମା ଓ ପରୋପକାରିତା, ଜଳଠାରୁ ସ୍ୱଚ୍ଛତା ଓ ମଧୁରତା, ଅଗ୍ନିଠାରୁ ସର୍ବଭକ୍ଷତା ଓ ନିର୍ଲୋଭତା, ବାୟୁଠାରୁ ଅନାସକ୍ତି, ଆକାଶରୁ ନିର୍ଲିପ୍ତତା ଇତ୍ୟାଦି ଗୁଣାଦର୍ଶ ଗ୍ରହଣ କରି ସେମାନଙ୍କୁ ଗୁରୁମାନ୍ୟତା ଦେଇଛନ୍ତି । ଏହିପରି ଚନ୍ଦ୍ର, ସୂର୍ଯ୍ୟ, କପୋତ ପକ୍ଷୀ, ଅଜଗର ସର୍ପ, ସମୁଦ୍ର, ପତଙ୍ଗ, ଭ୍ରମର, ମହୁମାଛି, ହସ୍ତୀ, ହରିଣ, ମତ୍ସ୍ୟ, ବେଶ୍ୟା, ଶିଶୁ, କୁମାରୀ, କର୍ମକାର, ବୁଢ଼ିଆଣୀ ଓ କୁମ୍ଭାରିଆ ପୋକ ପ୍ରଭୃତି ତାଙ୍କର ଏକୈକ ଗୁଣାଦର୍ଶ ଶିକ୍ଷାଗୁରୁ ।

ଏକଦା ଯଦୁରାଜା ପରିବ୍ରାଜକ ସନ୍ନ୍ୟାସୀ ଅବଧୂତ ଦତ୍ତାତ୍ରେୟଙ୍କର ଅଦ୍ଭୁତ ବେଶ ଓ ସଦାନନ୍ଦମୟ ହାବଭାବକୁ ଲକ୍ଷ୍ୟ କରି ପଚାରିଲେ, ଆପଣ ଏ ଦୁଃଖଶୋକ, ଲୋଭ ମୋହଭରା କାଳକଣ୍ଟାକପୂର୍ଣ୍ଣ ସଂସାରରେ ଆତଯାତ ହୋଇ ସୁଦ୍ଧା ଏପରି ପୂର୍ଣ୍ଣାନନ୍ଦମୟ ଜୀବନାଦର୍ଶ ପ୍ରାପ୍ତ ହେଲେ କେଉଁ ଗୁରୁଙ୍କ କୃପାରୁ ? ତାଙ୍କୁ ଉତ୍ତର ମିଳିଲା : "ଆତ୍ମନୋ ଗୁରୁରାତ୍ମୈବ ପୁରୁଷସ୍ୟ ବିଶେଷତଃ" (ଭାଗ : ୧୧.୭.୨୦), ଅର୍ଥାତ୍ ଆତ୍ମା ହେଉଛି ପୁରୁଷର ଅସଲ ଗୁରୁ । ଅତଏବ ଆତ୍ମଜ୍ଞାନ ହିଁ ତାଙ୍କର ଗୁରୁ । ଓଡ଼ିଆ ଭାଗବତକାର ଗାଇଲେ :

"ଆତ୍ମାର ଗୁରୁ ମୁଁ ଆପଣେ
ତେଣୁ ଧରଇ ତାକୁ ମନେ" ।

ଉତ୍କଳ ପ୍ରସଙ୍ଗ

ଆତ୍ମା ଯଦି ଗୁରୁ' ତାର ସ୍ୱରୂପ ଓ ସ୍ଥିତି-ତତ୍ତ୍ୱାଦି ଅବଗତ ହେବା କିପରି ? ପରମାତ୍ମତତ୍ତ୍ୱ ବେଦବେଦାନ୍ତର ବିଷୟୀଭୂତ । ଶ୍ରୀମଦ୍ ଭାଗବତ ପାଠରେ :

"ମୁଁ ଧର୍ମ ବୃକ୍ଷ ରୂପ ଧରି
ସେ ବେଦ ଲୋକରେ ବିସ୍ତାରି" ।

ଶାସ୍ତ୍ର ପରିଭାଷାରେ, 'ଧର୍ମବୃକ୍ଷ' ହେଉଛି ଦେହ । ଏହାର ତାତ୍ପର୍ଯ୍ୟ, ଭଗବତ୍ ପ୍ରାପ୍ତି କଳ୍ପେ ଯେଉଁ କର୍ମ-ଜ୍ଞାନ-ଉପାସନାଦି କର୍ତ୍ତବ୍ୟ, ଦେହ ହେଉଛି ତାର ଆଶ୍ରୟାଧାର । ଧର୍ମବୃକ୍ଷ ରୂପ ଦେହ ସାହାଯ୍ୟରେ ପରମାତ୍ମା ବ୍ରହ୍ମଙ୍କର ଦର୍ଶନ-ସେବନ ସମ୍ଭବ, ଅନ୍ୟଥା ନୁହେଁ ।

ଏହାର ପ୍ରମାଣ :

'ଧର୍ମବୃକ୍ଷସ୍ୟ ଦେହସ୍ୟ ଫଳମେତଦ୍ ବିନିଶ୍ଚିତମ୍
ଯଦ ନେନ ଜଗନ୍ନାଥଃ ପରମାତ୍ମାବଲୋକ୍ୟତେ ।"

ତାତ୍ପର୍ଯ୍ୟତଃ ଦେହ ବୃକ୍ଷର 'ଫଳ' ସ୍ୱୟଂ ବ୍ରହ୍ମ ।

ବେଦାନ୍ତ ବାକ୍ୟରେ : "ଅୟମାତ୍ମା ବ୍ରହ୍ମ" । ଅର୍ଥାତ୍ ଆତ୍ମା ହିଁ ବ୍ରହ୍ମ ଅଟନ୍ତି । ଆତ୍ମା ରୂପେ ପରମାତ୍ମାଙ୍କ ସ୍ଥିତିର ବ୍ୟାପକତା ପ୍ରତିପାଦନ କରି ବିଷ୍ଣୁଭକ୍ତ ପ୍ରହ୍ଲାଦ ଅବୋଧ ପିତା ହିରଣ୍ୟକଶିପୁଙ୍କୁ ଅବଗତ କରାଇଲେ : "ସର୍ବଭୂତାତ୍ମକେ ତାତ ! ଜଗନ୍ନାଥେ ଜଗନ୍ମୟେ" ଏବଂ "ସର୍ବେଷାମପି ଭୂତାନାଂ ହରିରାତ୍ମେଶ୍ୱରଃ ପ୍ରିୟଃ" ଅର୍ଥାତ୍ ପରମାତ୍ମା ଜଗନ୍ନାଥେ ସମସ୍ତ ଭୂତଙ୍କର ଆତ୍ମା ଓ ଜଗନ୍ମୟ ଅଟନ୍ତି । କିନ୍ତୁ ବୁଝିଲା ନାହିଁ ସେ ମୂଢ଼ ଦୈତ୍ୟ ବାଳକର ତତ୍ତ୍ୱ ବାଣୀ । କହିଲା : କ୍ୱା ସୌ ଯଦି ସ ସର୍ବତ୍ର କସ୍ମାତ୍ ସ୍ତମ୍ଭେ ନ ଦୃଶ୍ୟତେ ?" ଯଦି ସେ ହରି ସର୍ବତ୍ର ବିଦ୍ୟମାନ, ଏ ସ୍ତମ୍ଭରେ ଦୃଶ୍ୟ ହେଉ ନାହିଁ କାହିଁକି ? ଦମ୍ଭ ଦେଖାଇ ସ୍ତମ୍ଭ ତାଡ଼ନ କରନ୍ତେ ଆତ୍ମ ପ୍ରକାଶ କଲେ ଭଗବାନ ନୃସିଂହ । ଭକ୍ତ ପ୍ରହ୍ଲାଦ "ସର୍ବଲୋକଗୁରୁଂ ପ୍ରଭୁମ୍" ସମ୍ବୋଧନ ପୂର୍ବକ ଭକ୍ତିପୂର୍ଣ୍ଣ ଅଭିବାଦନ କଲେ :

"ନମୋ ଭଗବତେ ତୁଭ୍ୟଂ ପୁରୁଷାୟ ମହାତ୍ମନେ
ହରୟେଽଦ୍ଭୁତସିଂହାୟ ବ୍ରହ୍ମଣେ ପରମାତ୍ମନେ" ।

(ଭାଗ : ୭.୧୦.୧୦)

ଶ୍ରୀଶୁକଙ୍କ ଉକ୍ତିରେ, ଭକ୍ତାନୁକମ୍ପୀ ଭଗବାନ୍ ସର୍ବଭୂତରେ ବିଦ୍ୟମାନ । ଜୀବାତ୍ମା ରୂପରେ ପରମାତ୍ମା ସ୍ୱୟଂ ସମସ୍ତ ପ୍ରାଣୀଙ୍କର ହୃଦୟ ରୂପକ ଗୁହାରେ ଅବସ୍ଥାନ କରି ଅନ୍ତରରେ ଜ୍ଞାନାଲୋକ ପ୍ରଦାନପୂର୍ବକ ଜୀବଜଗତକୁ ପରିଚାଳନା କରନ୍ତି । ସୁତରାଂ ମାନ୍ୟତଃ ସେ ଜଗଦ୍ଗୁରୁ । ପ୍ରମାଣ ବାକ୍ୟତଃ : "ସର୍ବ ଭୂତ ଗୁହାବାସଂ ବାସୁଦେବଂ ଜଗଦ୍ଗୁରୁମ୍"

(ଭାଗ : ୮.୧୬.୨୦)

ଏ କଳିଯୁଗରେ ପରବ୍ରହ୍ମ ପୁରୁଷୋତ୍ତମ ତାଙ୍କର ସ୍ୱନିବାସଭୂତ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଦାରୁବ୍ରହ୍ମ ବିଗ୍ରହରୂପେ ସ୍ୱୟଂ ଅବିର୍ଭୂତ ହୋଇ ଭବ ଆତଯାତ ଭକ୍ତଜନଙ୍କୁ ଭବମୁକ୍ତି ଜ୍ଞାନାରୁଣ ବିତରଣ କରୁଛନ୍ତି । ଶାସ୍ତ୍ର ନିର୍ଦ୍ଦେଶ କରନ୍ତି : "ଅତ୍ର ସାକ୍ଷାତ୍ ବପୁସ୍ଥଙ୍ଗ ସମୂର୍ତ୍ତ୍ୟା ଜଗଦ୍ଗୁରୁମ୍" (ସ୍କନ୍ଦ ପୁଃ : ୨୦/୪୯) ଏବଂ ସେ ଦାରୁଦେହୀ ଶ୍ରୀଜଗନ୍ନାଥ, କେବଳ ମନୁଷ୍ୟଙ୍କ ଦ୍ୱାରା ନୁହେଁ, ସନକାଦି ମୁନୀନ୍ଦ୍ରଙ୍କ ଦ୍ୱାରା ମଧ୍ୟ ଜଗଦ୍ଗୁରୁ ରୂପେ ସ୍ତୁୟମାନ : "ସନକାଦି ମୁନୀନ୍ଦ୍ରେସ୍ତୁ ସ୍ତୁୟମାନଂ ଜଗଦ୍ଗୁରୁମ୍"(ତତ୍ରୈବ : ୧୭/୬୪)

ପୂର୍ବେ ଆଲୋଚନା କରାଯାଇଛି ଯେ, ମନ୍ତ୍ରତନ୍ତ୍ର କିଛି ନୁହେଁ, ଗୁଣ ହିଁ ଗୁରୁ ପଦବାଚ୍ୟତାର ମୁଖ୍ୟ ମାନଦଣ୍ଡ ଏବଂ ଯାହାକୁ ଆଧାର କରି ଅବଧୂତ ଦତ୍ତାତ୍ରେୟ ତାଙ୍କର ଚବିଶ ଗୁରୁ ନିର୍ବାଚନ କରିଥିଲେ । ସେହି ମାନଦଣ୍ଡରେ ଭଗବାନଙ୍କର ଅଶେଷ ଗୁଣ ଓ ଅପମିତ ବିଭୂତି ହେତୁ ସେ କିମାତ୍ର ସସୀମ ଗୁରୁ ନୁହଁନ୍ତି, ଅସୀମ ତାଙ୍କର ଗୁରୁତ୍ୱ, ସମଗ୍ର ଜଗତ୍ ତାଙ୍କର ଅମିତ ଗୁଣାଦର୍ଶର ଗ୍ରହୀତା । ମାନୁଷ ଗୁରୁଙ୍କ ଠାରୁ ବହୁ ଉର୍ଦ୍ଧ୍ୱରେ ତାଙ୍କର ସ୍ଥିତି ହେତୁ ସେ ଜଗଦ୍ଗୁରୁ । କଳି ଯୁଗରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ହିଁ କେବଳ ଜଗଦ୍ଗୁରୁ ମାନ୍ୟତାର ଅଧିକାରୀ । ତାଙ୍କ ପରିଧିରେ ଗୁଣ-ଦୋଷ, ଉଚ୍ଚ-ନୀଚ, ଅଧିକାରୀ-ଅନଧିକାରୀ ବାଛବିଚାର ନାହିଁ । ସମସ୍ତ ଜୀବଜଗତ୍ ତାଙ୍କ ଦୃଷ୍ଟିରେ ସମାନ ଏବଂ ସର୍ବେ ଐଶିକୀ କୃପାର ଅଧିକାରୀ । ସୁଦାମା ବ୍ରାହ୍ମଣ ଆଉ ଦାସିଆ ବାଉରି, ପାପୀ ଅଜାମିଳ ଓ ଭକ୍ତ ପ୍ରହ୍ଲାଦ ଏବଂ ଶତ୍ରୁ ରାବଣ ଆଉ ମିତ୍ର ବିଭୀଷଣଙ୍କ ମଧ୍ୟରେ ଜଗଦ୍ଧାମ ଜଗନ୍ନାଥେ। ଅସୀମ ଐଶ୍ୱରୀୟ କୃପା ପ୍ରଦାନରେ କୌଣସି ବାଛବିଚାର କରନ୍ତି ନାହିଁ । ସମସ୍ତଙ୍କୁ ସମଭାବରେ କୃପାକଣିକା ବିତରଣ ନିମନ୍ତେ ସେ ଭିଆଣ କରିଛନ୍ତି ନବାତ୍ମ ରଥଯାତ୍ରା ରୂପକ ବିରାଟ ଗଣଯାତ୍ରା, ଯାହା କି ଐଶୀ ଗୁଣାଦର୍ଶର ପରମ ପରିପ୍ରକାଶ । ରଥସ୍ଥ ବାମନଙ୍କର ଦିବ୍ୟଦର୍ଶନ ଲାଭ କରି ଭକ୍ତ ଲକ୍ଷ ଭକ୍ତ ଜନତା ଚର୍ମଚକ୍ଷୁ ସାର୍ଥକ କରୁଛନ୍ତି । ଶ୍ରୀବାମନପୁରାଣୋକ୍ତିରେ, ସେ ପ୍ରମାଣଭୂତ ପ୍ରଭୁ ହେଉଛନ୍ତି ଅଚିନ୍ତ୍ୟ ଜଗତର ସ୍ୱାମୀ ଏବଂ ସମସ୍ତଙ୍କ ଗୁରୁଙ୍କର ଗୁରୁ । ସେହି ଶାସ୍ତ୍ର ପ୍ରମାଣବାକ୍ୟ ସିଦ୍ଧ "ସର୍ବଲୋକ ଗୁରୋର୍ଗୁରୁଃ" ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣାରବିନ୍ଦରେ ସଭକ୍ତି ପ୍ରଣତି ଢ଼ାଳି ଅଦ୍ୟତନ ଆଲୋଚନା ସାଙ୍ଗ କରାଯାଉ :

"ତ୍ୱାହି ବିଷ୍ଣୋ ଜଗନ୍ନାଥ
ତ୍ୱାହି ନଃ ପରମେଶ୍ୱର ।
ତ୍ୱାମୃତେ କମଳାକାନ୍ତ
କଃ ଶକ୍ତଃ ପରିରକ୍ଷଣେ" ।
ଜୟତେ ଶ୍ରୀଜଗଦ୍ଗୁରୁ ।

କ୍ଷେତ୍ରନିବାସ, ୪୨୪/ଗୋପାଳ...

• • •

ଜଗତ ଗୁରୁ

# ରାଷ୍ଟ୍ରଗୁରୁ ଡକ୍ଟର ରାଧାକୃଷ୍ଣନ୍

● ପ୍ରଫେସର ଜଗନ୍ନାଥ ମହାନ୍ତି

ଆମ ଦେଶର ରାଷ୍ଟ୍ରପତି ତଥା ପ୍ରବୀଣ ପ୍ରଫେସର ଓ ବିଶ୍ୱବିଖ୍ୟାତ ଦାର୍ଶନିକ ଡକ୍ଟର ସର୍ବପାଲ୍ଲୀ ରାଧାକୃଷ୍ଣନ୍ ଥିଲେ ପ୍ରାଚୀନ ଭାରତୀୟ ସଂସ୍କୃତିର ପ୍ରବକ୍ତା ଓ ପଙ୍କପୁରୋଧା । ସେ ଥିଲେ ଆଦର୍ଶ ଶିକ୍ଷକ ଓ ବୈଦିକ ଶିକ୍ଷା ଓ ଦର୍ଶନର ସଫଳ ଉତ୍ତରାଧିକାରୀ । ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ଏବଂ ଶିକ୍ଷାକ୍ଷେତ୍ରରେ ଅସାଧାରଣ ସାଫଲ୍ୟ ଓ କୃତିତ୍ୱ ଅର୍ଜନ କରିଥିଲେ ବହୁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ କୁଳପତି ଭାବରେ ଏବଂ ସର୍ବୋପରି ଉଚ୍ଚଶିକ୍ଷା ଆୟୋଗର ଅଧ୍ୟକ୍ଷ ତଥା ରାଷ୍ଟ୍ରପତି ଭାବରେ । ୧୯୬୨ ମସିହା ମେ ୧୩ ତାରିଖରେ ସେ ଭାରତର ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ବିଶ୍ୱବିଶ୍ରୁତ ଦାର୍ଶନିକ ବେଟ୍ରାଣ୍ଡ ରସେଲ ତାଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, "ଡକ୍ଟର ରାଧାକୃଷ୍ଣନ ଭାରତବର୍ଷର ରାଷ୍ଟ୍ରପତି ହେବା ଦର୍ଶନ ପ୍ରତି ଏକ ସମ୍ମାନ । ମୁଁ ଜଣେ ଦାର୍ଶନିକ ଭାବରେ ଏଥିପାଇଁ ଗର୍ବାନ୍ୱିତ । ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ମତ ଦେଇଥିଲେ, "ଦାର୍ଶନିକ ହିଁ ରାଷ୍ଟ୍ରପତି ହେବା ଉଚିତ । ଏହା ଭାରତ ପ୍ରତି ଏକ ସମ୍ମାନ ଯେ ଜଣେ ଦାର୍ଶନିକଙ୍କୁ ରାଷ୍ଟ୍ରନାୟକ ଭାବରେ ମନୋନୀତ କରିପାରିଛି ।" ଦର୍ଶନର ଜଣେ କୃତବିଦ୍ୟ ପ୍ରଫେସର ତଥା ଭାରତୀୟ ସଂସ୍କୃତି, ଧର୍ମ, ଶିକ୍ଷା ଓ ସଭ୍ୟତାର ବିଶିଷ୍ଟ ଲେଖକ ଭାବରେ ସେ ସ୍ୱାଧୀନ ଭାରତର ଇତିହାସରେ ଏକ ନୂତନ ଅଧ୍ୟାୟ ଉନ୍ମୋଚନ କରିଛନ୍ତି । ବିଶେଷତଃ ଆନ୍ତର୍ଜାତୀୟ ଶାନ୍ତି ଓ ସହୃଦୟତାର ପୂଜାରୀ ଓ ଜଣେ ମାନବବାଦୀ ରାଷ୍ଟ୍ରନାୟକ ଭାବରେ ଡ଼ଃ ରାଧାକୃଷ୍ଣନ୍ ଚିରସ୍ମରଣୀୟ ଏବଂ ଆଧୁନିକ ଶିକ୍ଷକସମାଜ ପ୍ରତି ତାଙ୍କର ସନ୍ଦେଶ ନିହାତି ଯଥାର୍ଥ ଓ ପ୍ରାସଙ୍ଗିକ ।

ଯୁଗେ ଯୁଗେ ଶିକ୍ଷକଙ୍କର ଭୂମିକା ସମସ୍ତଙ୍କ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇଆସିଛି । ବୈଦିକ ଯୁଗରେ ଆତ୍ମୋନ୍ନତି ଓ ଚିତ୍ତଶୁଦ୍ଧି ନିମିତ୍ତ ସ୍ୱାଧ୍ୟାୟ ଏକ ଅପରିହାର୍ଯ୍ୟ କାର୍ଯ୍ୟ ହେଲେ ହେଁ ବିଦ୍ୟାଧ୍ୟୟନରେ ଗୁରୁଥିଲେ ପରମ ସହାୟକ । କଠୋପନିଷଦରେ ଜ୍ଞାନାର୍ଜନ ପାଇଁ ଗୁରୁ ଅପରିହାର୍ଯ୍ୟ ବୋଲି ଉଲ୍ଲେଖ କରାଯାଇଛି । ମୁଣ୍ଡକୋପନିଷଦରେ ରହିଛି, "ସେ (ବିଦ୍ୟାର୍ଥୀ) ଏହାକୁ ହୃଦୟଙ୍ଗମ କରିବା ନିମିତ୍ତ ସ୍ୱହସ୍ତରେ ସମିଧ ସଂଗ୍ରହ ପୂର୍ବକ ଜଣେ ବିଦ୍ୱୋତ୍ସାହୀ ଓ ବ୍ରହ୍ମବାଦୀ ଗୁରୁଙ୍କର ସମାଗତ ହେବା ଉଚିତ ।" ସେହିପରି ଅଜ୍ଞାନାନ୍ଧକାର ଦୂର କରିବା ପାଇଁ ଜଣେ ଶିକ୍ଷକ ନିହାତି ଆବଶ୍ୟକ ବୋଲି ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି । ଗୁରୁମାନେ ଛାତ୍ରଗଣଙ୍କୁ ନିଜର ସନ୍ତାନପରି ଶ୍ରଦ୍ଧା କରି ସେମାନଙ୍କର ସର୍ବାଙ୍ଗୀନ ବିକାଶ ଦିଗରେ ନିଷ୍ଠାର ସହ ଉଦ୍ୟମ କରୁଥିଲେ ।

ପୌରାଣିକ ଯୁଗରେ ମଧ୍ୟ ଗୁରୁମାନେ ରାଜବଂଶରେ ଶ୍ରେଷ୍ଠ ସମ୍ମାନ ଲାଭ କରୁଥିଲେ । ରାମାୟଣ ଓ ମହାଭାରତରେ ମଧ୍ୟ ଗୁରୁଶିଷ୍ୟ ସମ୍ବନ୍ଧ ସେହିପରି ପବିତ୍ର ଓ ସ୍ନେହପୂତ ଥିଲା । ଶିକ୍ଷକ ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ପ୍ରତି ଉତ୍ସର୍ଗୀକୃତ ଥିଲେ । ଶିଷ୍ୟ ତଥା ଛାତ୍ର ମଧ୍ୟ କାୟମନୋବାକ୍ୟରେ ଗୁରୁଙ୍କର ଅନୁଗତ ହୋଇଥିଲେ । ମହାଭାରତରେ ଏକ ମହତ୍ତ୍ୱପୂର୍ଣ୍ଣ କଥା କୁହାଯାଇଛି," ପିତାମାତା କେବଳ ଶରୀରଟିକୁ ସୃଷ୍ଟି କରିଥାନ୍ତି, ମାତ୍ର ଗୁରୁଙ୍କର ଶିକ୍ଷାଦାନରୁ ଯେଉଁ ସୁବିଧା ମିଳିଥାଏ, ତାହା ସ୍ୱର୍ଗୀୟ, ଅକ୍ଷୟ ଓ ଚିରନ୍ତନ । ଗୁରୁଙ୍କୁ ତେଣୁ ପିତାମାତାଙ୍କଠାରୁ ଉଚ୍ଚତର ଆସନରେ ଆସୀନ କରାଯାଇଥାଏ । ଗୁରୁଙ୍କ ଯୋଗୁଁ ମନୁଷ୍ୟ ଅନ୍ଧକାରରୁ ଆଲୋକକୁ, ମୃତ୍ୟୁରୁ ଅମୃତକୁ ଉନ୍ନୀତ ହୋଇଥାଏ । ଗୁରୁଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ନିବେଦନ କରିବା ଅତି ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଥିଲା । ବେଦରେ ତେଣୁ ମନୁଷ୍ୟର ତିନିପ୍ରକାର ଋଣ କୃତଜ୍ଞତା ରୂପେ ହିଁ ସ୍ୱୀକୃତ ହୋଇଥିଲା । ସେଗୁଡ଼ିକ ହେଲା ଦେବଋଣ, ପିତୃଋଣ ଓ ଋଷିଋଣ । ଏହି ଋଣତ୍ରୟ ପୂତପ୍ରାଣରେ ପାଳିତ ହେଉଥିଲା । ଶେଷୋକ୍ତ ଋଣ ମୁନିଋଷି ତଥା ଶିକ୍ଷକଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ନିବେଦନରେ ପ୍ରକାଶିତ ହୋଇଥିଲା ।

ମହାଭାରତର ଆଦିପର୍ବରେ କୁହାଯାଇଛି ଯେ ବ୍ୟକ୍ତି ଚାରୋଟି ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ । ସେଗୁଡ଼ିକ ହେଲା ଦେବ ଋଣ, ପିତୃଋଣ, ଋଷିଋଣ ଓ ମାନବ ଋଣ । ଈଶ୍ୱରଙ୍କୁ ଆରାଧନା କରି ଦେବଋଣ, ବଂଶ ରକ୍ଷା ଓ ତଥା ପିତାମାତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ ଦ୍ୱାରା ପିତୃଋଣ, ଜ୍ଞାନ ଅର୍ଜନ ଓ ବିତରଣ ଦ୍ୱାରା ଋଷିଋଣ ଓ ସାମାଜିକ ତଥା ସେବାମୂଳକ କାର୍ଯ୍ୟ ଦ୍ୱାରା ମାନବଋଣକୁ ପରିଶୋଧ କରିବା ଦିଗରେ ଯଥାସାଧ୍ୟ ପ୍ରଚେଷ୍ଟା ହୋଇଥାଏ । ବୌଦ୍ଧ ଯୁଗରେ ଗୁରୁଶିଷ୍ୟ ପରମ୍ପରା ଥିଲା ଅତି ମହତ୍ତ୍ୱପୂର୍ଣ୍ଣ ଓ ମହିମାମୟ । ଆଚାର୍ଯ୍ୟ ଓ ଉପାଧ୍ୟାୟ ନାମରେ ଗୁରୁମାନେ ଭିକ୍ଷୁଗଣଙ୍କର ମାନସିକ, ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାଦାନର ଦାୟିତ୍ୱ ବହନ କରିଥିଲେ । ସେମାନଙ୍କୁ "ନିଶ୍ରୟଦ" (ଶରଣଦାତା) ଓ ଶିଷ୍ୟମାନଙ୍କୁ "ନିଶ୍ରୟ ଅନ୍ତେବାସିକ" (ଗୁରୁଙ୍କ ସହ ବାସ କରୁଥିବା ଶିଷ୍ୟ) କୁହାଯାଉଥିଲା । ବୈଦିକ ରୀତିରେ ଆଚାର୍ଯ୍ୟଙ୍କୁ ପିତାସଦୃଶ ଜ୍ଞାନ କରୁଥିଲେ । ଭାରତର ପ୍ରଥମ ବିଧାୟକ ମନୁଙ୍କ ମତରେ ଶିକ୍ଷକ ହେଉଛନ୍ତି ବ୍ରହ୍ମାଙ୍କର, ପିତା ପ୍ରଜାପତିଙ୍କର ଓ ମାତା ପୃଥିବୀର ପ୍ରତିମୂର୍ତ୍ତି । ତେଣୁ ଛାତ୍ରଛାତ୍ରୀମାନେ ମାତାଙ୍କୁ ସମ୍ମାନ ଜଣାଇ ଭୂଲୋକ ପିତାଙ୍କୁ ସମ୍ମାନ ଜଣାଇ ସ୍ୱର୍ଗଲୋକ ଓ ଶିକ୍ଷକଙ୍କୁ ଭକ୍ତିଅର୍ଘ୍ୟ ଦେଇ ବ୍ରହ୍ମଲୋକର ଯଶପ୍ରାପ୍ତ ହୋଇଥାନ୍ତି ।

ବିଦେଶୀମାନଙ୍କର ଶାସନ କାଳରେ ଶିକ୍ଷା ତଥା ଶିକ୍ଷକ ସମାଜର ପାରମ୍ପରିକ ମୂଲ୍ୟବୋଧ ଲୋପ ପାଇଲା ଏବଂ ଗୁରୁଶିଷ୍ୟ ସମ୍ବନ୍ଧର ପବିତ୍ରତା ଓ ଘନିଷ୍ଠତା ହ୍ରାସ ପାଇଲା । ଶିକ୍ଷା ହେଲା ଆଧୁନିକ ସମାଜରେ ଅର୍ଥନୈତିକ ଅଗ୍ରଗତି ଓ ସାମାଜିକ ପ୍ରତିଷ୍ଠାଲାଭର ଚାବିକାଠି । ଶିକ୍ଷକ ହେଲେ ଏହି ଶିକ୍ଷା ପ୍ରଦାନର ଏକ ସାଧାରଣ ମାଧ୍ୟମ ଓ ଗୁରୁଛାତ୍ର ସମ୍ପର୍କ ହେଲା ବ୍ୟବସାୟିକ । ଶିକ୍ଷକମାନେ ଶିକ୍ଷାଦାନକୁ

ଏକ ବୃତ୍ତି, ଅର୍ଥ ଉପାର୍ଜନର ଏକ ଉପାୟ ଏବଂ ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣକୁ ଅର୍ଥଲବ୍ଧ ଓ କ୍ରୟ ସୁଲଭ ସାମଗ୍ରୀ ଭାବରେ ବିଚାର କଲେ । ଅବଶ୍ୟ ଆଧୁନିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅତିରିକ୍ତ ଛାତ୍ରସଂଖ୍ୟା ବୃଦ୍ଧି, ଅବହେଳିତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ବହୁ ସଂଖ୍ୟାରେ ପ୍ରବେଶ, ପାଠ୍ୟକ୍ରମରେ ଅତ୍ୟଧିକ ଓ ବହୁ ଅନାବଶ୍ୟକ ବିଷୟବସ୍ତୁର ବ୍ୟବସ୍ଥା, ଶିକ୍ଷାଦାନର ଶୁଷ୍କତା, ନୈତିକ ମୂଲ୍ୟବୋଧର ଅଭାବ, ଆଧ୍ୟାତ୍ମିକ ଶିକ୍ଷାର ବିଲୟ ପ୍ରଭୃତି ଯୋଗୁଁ ଗୁରୁଛାତ୍ର ସମ୍ପର୍କରେ ଦୋଷତ୍ରୁଟି ପରିଦୃଷ୍ଟ ହୋଇଛି । କ୍ରମେ ଅନୁପଯୁକ୍ତ ଓ ଅନାଗ୍ରହୀ ଶିକ୍ଷକଙ୍କର ଅନୁପ୍ରବେଶ ଘଟି ଶିକ୍ଷାପ୍ରଣାଳୀ ବିପର୍ଯ୍ୟସ୍ତ ହୋଇଛି । ଶିକ୍ଷକ ନିଜର ବୃତ୍ତି, ବିଷୟ ଓ ଛାତ୍ରମାନଙ୍କ ପ୍ରତି ଶ୍ରଦ୍ଧାବାନ୍ ହେବା ଉଚିତ ଏବଂ ଛାତ୍ରସମାଜର ବହୁମୁଖୀ ବିକାଶରେ ସେ ବ୍ରତୀ ହେବା ଦରକାର । କେବଳ ଅର୍ଥ ଉପାର୍ଜନ ଶିକ୍ଷକତାର ଲକ୍ଷ୍ୟ ନୁହେଁ । ସେବାପରାୟଣ ଓ ଶ୍ରଦ୍ଧାଶୀଳ ମନୋବୃତ୍ତି ଆବଶ୍ୟକ । ସମାଜ କଳୁଷିତ ହେଉଥିଲେ ହେଁ ସେ ପଙ୍କଜ ପରି ସମାଜର କଳୁଷ କାଳିମାର ଉର୍ଦ୍ଧ୍ୱରେ ରହିବା ଉଚିତ ।

ରାଷ୍ଟ୍ରଗୁରୁ ଡ଼ଃ ରାଧାକୃଷ୍ଣନ ଶିକ୍ଷକଙ୍କ ଆସନକୁ ମହାନ୍ ଓ ପବିତ୍ର ଏବଂ ତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଉଚ୍ଚତମ ସ୍ଥାନ ପ୍ରଦାନ କରିଥିଲେ । ସେ ଯଥାର୍ଥରେ କହିଛନ୍ତି," ଆମେ ଶିକ୍ଷକତା ପାଇଁ ଉପଯୁକ୍ତ ବ୍ୟକ୍ତିଙ୍କୁ ନିର୍ବାଚନ କରି ନିଯୁକ୍ତି ଦେବା ଉଚିତ । ଅଯୋଗ୍ୟ ଓ ନିରଭିଳାଷୀମାନଙ୍କୁ ନୁହେଁ । ଶିକ୍ଷକମାନେ ସମ୍ମାନ ଦାବି କରି ପାରିବେ ନାହିଁ । ସେମାନେ ଏହା ଅର୍ଜନ କରିବା ବିଧେୟ ।" ଜାତିପିତା ଗାନ୍ଧିଜୀ ମଧ ଏହି ମର୍ମରେ ଥରେ କହିଥିଲେ "ସମ୍ମାନ ମାଗିଲେ ମିଳେନାହିଁ । ସେଥିପାଇଁ ନିଜକୁ ଉପଯୁକ୍ତ କରିବା ଉଚିତ ।" ଶିକ୍ଷାଦାନ ପରି ପୂତ ଓ ମହିମାମୟ କର୍ତ୍ତବ୍ୟ ସମ୍ପାଦନ ପାଇଁ ସେ ପର୍ଯ୍ୟାପ୍ତ ସାମର୍ଥ୍ୟ ଓ ମୂଲ୍ୟବୋଧ ଅର୍ଜନ କରିବା ବାଞ୍ଛନୀୟ । ଯଦିଓ କୁହାଯାଏ "ଶିକ୍ଷକମାନେ ଜନ୍ମିତ, ପ୍ରସ୍ତୁତ ହୁଅନ୍ତି ନାହିଁ" (Teachers are born, not made) - ଏହା ଅନେକାଂଶରେ ନିରାଧାର ଓ ନିରର୍ଥକ ପ୍ରମାଣିତ ହେଉଛି । ସେମାନେ ଶିକ୍ଷକତା ପାଇଁ ଉପଯୁକ୍ତ ଭାବରେ ପ୍ରସ୍ତୁତ ହେବା ଉଚିତ ।

"ସରଳ ଜୀବନଯାପନ ଓ ଉଚ୍ଚ ଚିନ୍ତନ (Plain living and high thinking) ହେଉଛି ପ୍ରାଚୀନ ଭାରତର ଆଦର୍ଶ ଓ ଗାନ୍ଧିଜୀଙ୍କ ପରି ଡ଼ଃ ରାଧାକୃଷ୍ଣନଙ୍କ ଜୀବନର ଧର୍ମ । ସେ ସରଳ ସାତ୍ତ୍ୱିକ ଆହାର ଓ ଶ୍ୱେତବସ୍ତ୍ର ପରିଧାନ କରି ନିରନ୍ତର ସ୍ୱାଧ୍ୟାୟ ଓ ସାରସ୍ୱତ ସାଧନାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ ଏବଂ ଶିକ୍ଷକମାନଙ୍କ ପାଇଁ ଏହି ଆଦର୍ଶକୁ ସେ ଅନୁମୋଦନ କରିଥିଲେ । ସେ ରାଷ୍ଟ୍ରପତି ଭବନର ବିଳାସବ୍ୟସନ ଓ ବାହ୍ୟାଡ଼ମ୍ବରକୁ ବହୁ ପରିମାଣରେ ହ୍ରାସ କରାଇଥିଲେ । ଏମିତିକି ତତ୍କାଳୀନ ରାଷ୍ଟ୍ରପତିଙ୍କ ମାସିକ ବେତନ ଦଶ ହଜାର ଟଙ୍କା ପରିବର୍ତ୍ତେ ସେ ମାତ୍ର ଅଢ଼େଇ ହଜାର ଟଙ୍କା ଗ୍ରହଣ କରି ବଳକା ଅର୍ଥ ଜାତୀୟ ସାହାଯ୍ୟ ପାଣ୍ଠି (National Relief Fund)କୁ ଦାନ କରୁଥିଲେ । ଜନସାଧାରଣଙ୍କ ଅଭାବ ଅଭିଯୋଗ ଶୁଣିବା ପାଇଁ ସେ ପ୍ରତିଦିନ ସନ୍ଧ୍ୟା ୫ଟାରେ ମୁକ୍ତ ଦରବାର କରୁଥିଲେ । ଚୀନ ଭାରତକୁ ଆକ୍ରମଣ କଲାବେଳେ ସେ ସମଗ୍ର ବିଶ୍ୱକୁ ଆହ୍ୱାନ କରିଥିଲେ, ତା ଉପରେ ନୈତିକ ଚାପ ଦେବା ପାଇଁ ଏବଂ ନିଜେ ଉତ୍ତର-ପୂର୍ବ ସୀମାନ୍ତ ଅଞ୍ଚଳକୁ ଯାଇ ଜବାନମାନଙ୍କର ଚିକିତ୍ସା ବ୍ୟବସ୍ଥାର ଉନ୍ନତି ପାଇଁ ପରାମର୍ଶ ପ୍ରଦାନ ଓ ସେମାନଙ୍କୁ ଉତ୍ସାହଦାନ କରୁଥିଲେ ।

ଆଧୁନିକ ଶିକ୍ଷକ ନିଷ୍ଠା ଓ ଶ୍ରଦ୍ଧାର ସହିତ ଶିକ୍ଷାଦାନ କରିବା ସଙ୍ଗେ ସଙ୍ଗେ ଛାତ୍ରସମାଜର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିବା ଉଚିତ । ଶିକ୍ଷକତା ସାମାଜିକ ଅଙ୍ଗୀକାରବଦ୍ଧତା ବିହୁନେ,ଅସଫଳ ହେଉଥାଏ । ଏହା କେବଳ ଏକ ଜୀବିକା ବା ବୃତ୍ତି ଭାବରେ ଗ୍ରହଣ ନ କରି ସେ ଏହାକୁ ଏକ ସମାଜସେବା ତଥା ପବିତ୍ର ବ୍ରତ ଭାବରେ ପାଳନ କରିବା ବାଞ୍ଛନୀୟ । କାରଣ ଶିକ୍ଷକତାରେ ହିଁ ଉଭୟ ମହାଭାରତ ବର୍ଣ୍ଣିତ ଋଷିଋଣ ଓ ମାନବଋଣ ପରିଶୋଧର ଉପାୟ ନିହିତ ହୋଇଛି । ରାଷ୍ଟ୍ରଗୁରୁ ଡ଼ଃ ରାଧାକୃଷ୍ଣନ୍ ଯଥାର୍ଥରେ କହିଛନ୍ତି ଯେ ଆମେ ଶିକ୍ଷକଗଣ ନିଜ କର୍ତ୍ତବ୍ୟର ସୁସମ୍ପାଦନ କରି ଜାତୀୟ ଓ ରାଷ୍ଟ୍ରୀୟ ଦାୟିତ୍ୱ ତୁଲାଇ ପାରିବା ଏବଂ ମାନବ ସମାଜର ମଙ୍ଗଳ ବିଧାନ ଦିଗରେ ନିଜ ନିଜର ଯୋଗଦାନ କରିପାରିବା । ଶିକ୍ଷା ଯଥାର୍ଥରେ ମାନବସମାଜ ବିକାଶର ପରମ ପନ୍ଥା ତଥା ବାସ୍ତବ ପରିଣତି ହୋଇ ପାରିବ ।

୨୯୩/୫, ଗୌତମନଗର, ଭୁବନେଶ୍ୱର-୭୫୧୦୦୧

# ସର୍ବପଲ୍ଲୀ ଗାଁର ସେଇ ପିଲାଟି

● ଶ୍ରୀ କୈଳାସ ତ୍ରିପାଠୀ

୧୯୧୮ ମସିହା । ମହୀଶୂର ବିଶ୍ୱବିଦ୍ୟାଳୟର କେତେକ ଛାତ୍ର ସେମାନଙ୍କ ଅଧ୍ୟାପକଙ୍କୁ ପଚାରିଲେ, ସାର୍ ଆପଣ କଣ କୌଣସି ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ପଢ଼ିଛନ୍ତି ?

-ନା । କିନ୍ତୁ ପଢ଼େଇବାକୁ ଯାଉଛି ।

ଅଧ୍ୟାପକ ମହାଶୟ ସ୍ମିତହାସ୍ୟରେ ଦେଲେ ଏ ସଂକ୍ଷିପ୍ତ ଉତ୍ତରଟି ।

ଠିକ୍ ତାର ତିନିବର୍ଷପରେ ଛାତ୍ରମାନେ ସଜଳ ନୟନରେ ତାଙ୍କୁ ବିଦାୟ ଦେଲେ ମହୀଶୂର ରେଳଷ୍ଟେସନରେ । ସାର ଆଶୁତୋଷ ମୁଖାର୍ଜୀଙ୍କ ନିମନ୍ତ୍ରଣକ୍ରମେ ସେ ଯୋଗ ଦେବାକୁ ଯାଉଥିଲେ କଲିକତା ବିଶ୍ୱବିଦ୍ୟାଳୟରେ । ପଦବୀ ଥିଲା ଦର୍ଶନ ଅଧ୍ୟାପକ । ମାତ୍ର ୩୩ ବର୍ଷର ଅଳ୍ପବୟସରେ ଏଇ ଯୁବ ଦାର୍ଶନିକ ଜଣକ ସେଭଳି ଗୌରବପୂର୍ଣ୍ଣ ପଦ ଅଳଙ୍କୃତ କରିଥିଲେ ତତ୍କାଳ ।

ତା' ପରଠୁ ତାଙ୍କ ଯାତ୍ରା ଥିଲା ଅନନ୍ତ ଅସୀମ । ସମଗ୍ର ବିଶ୍ୱ ବକ୍ଷରେ ସେ ନିଜ ଦର୍ଶନର ଶିକ୍ଷା ସଞ୍ଚାର କରିଚାଲିଲେ ।

ସର୍ବପଲ୍ଲୀ ଗାଁର ପୁରୋହିତ ବୀରାସ୍ୱାମୀ କେବେ ବି କଣ କଳ୍ପନା କରିଥିଲେ, ପାଞ୍ଚ ସେପ୍ଟେମ୍ବର ୧୮୮୮ରେ ଭୂମିଷ୍ଠ ହୋଇଥିବା ତାଙ୍କ ପୁଅ ଦିନେ ପାଲଟିଯିବେ ବିଶ୍ୱଗୁରୁ ? କେବେ ବି କଣ ସ୍ୱପ୍ନ ଉଙ୍କି ମାରିଥିଲା ତାଙ୍କ ପଲକରେ, ତାଙ୍କ ଛୋଟ ଗାଁ ସର୍ବପଲ୍ଲୀ ଅନାମରୁ ପାଲଟିଯିବ ନାଁ ଟିଏ ? ପୃଥିବୀର ମାନଚିତ୍ରରେ ଜୀବନ୍ତ ରହିଯିବ ଯୁଗ ଯୁଗ କାଳ ?

ସେ କରିନଥିବା କଳ୍ପନା, ଦେଖି ନଥିବା ସ୍ୱପ୍ନ କିନ୍ତୁ ସାକାର ହେଲା ଖୁବ୍ ଅଦୂରଭବିଷ୍ୟତରେ । ଦାରିଦ୍ର୍ୟ ହେତୁ ସେ ଯେଉଁ ପୁଅଟିକୁ ଛାଡ଼ିଥିଲେ ଖ୍ରୀଷ୍ଟିଆନ୍ ମିଶନାରୀ ସ୍କୁଲରେ, ସେଇ ସ୍କୁଲରେ ଶିକ୍ଷକ, ଛାତ୍ର ସମସ୍ତଙ୍କର ସେ ହେଲା ପ୍ରିୟଭାଜନ । ହିନ୍ଦୁ ଓ ଖ୍ରୀଷ୍ଟିୟାନଭଳି ଦୁଇଧର୍ମର ଅଦ୍ଭୁତ ସାଂସ୍କୃତିକ ପ୍ରତିଫଳନରେ ତା' ଭବିଷ୍ୟତ ସମ୍ମୁଜ୍ଜ୍ୱଳ ହୋଇ ଉଠିଲା ।

୧୯୦୭ରେ ସେ ହେଲେ ସମ୍ମାନିତ ସ୍ନାତକ । ୧୯୦୯ରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ନାତକୋତ୍ତର । ତା' ପରେ ପ୍ରେସିଡେନ୍ସି କଲେଜ୍‌ରେ ଦର୍ଶନ ଅଧ୍ୟାପକ । ଅଧ୍ୟାପନା ସମୟରେ ହିଁ ସେ ଦାଖଲ କଲେ ଦର୍ଶନ ସନ୍ଦର୍ଭ । ଯେଉଁ ସମୟରେ ପି.ଏଚ୍.ଡ଼ି ଭଳି ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ ହାସଲ କରାଯାଉଥିଲା ବିଦେଶୀ ବିଶ୍ୱବିଦ୍ୟାଳୟରୁ, ସେଇ ସମ୍ମାନ ସେ ହାସଲ କଲେ ନିଜ ମାତୃଭୂମିରେ । ସର୍ବପଲ୍ଲୀ ଗାଁର ସେଇ ଦରିଦ୍ର ସାଧାରଣ ପିଲାଟି ତା'ପରେ ପରିଚିତ ହେଇଗଲେ । ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଭଳି ବିଶ୍ୱବିଶ୍ରୁତ ନାଁରେ, ଯେଉଁ ନାଁ ଉଚ୍ଚାରଣରେ ହିଁ ଭାସିଆସେ ଜ୍ଞାନ, ସାହିତ୍ୟ, ସଂସ୍କୃତି ଓ ଦର୍ଶନ ଚତୁଷ୍ଟୟର ଚାରୁ ଚିତ୍ର ପଟ । ସେଇ ନାଁରେ ଗୁରୁର ଗୌରବ, ବିଶ୍ୱଗୁରୁର ଗରିମା ସୁସ୍ପଷ୍ଟ । ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ପ୍ରତିଷ୍ଠିତ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପକ ରୂପେ ଯୋଗ ଦେବାପରେ 'All white personality' (ସର୍ବ ଶୁଭ୍ର ବ୍ୟକ୍ତିତ୍ୱ) ବିଶ୍ୱ ବିଦ୍ୟାଳୟକୁ ତ ବିଶ୍ୱ ଶିକ୍ଷାୟତନରେ ପ୍ରଖ୍ୟାତ କରାଇଥିଲେ । ତା' ସହିତ ଅକ୍ସଫୋର୍ଡ଼, ହାଭାର୍ଡ଼, କଲିକତା, ମହୀଶୂର ପ୍ରଭୃତି ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷାଦେଇ ଗୁରୁଜ୍ଞାନ ବିତରଣର ଗୁରୁକର୍ତ୍ତବ୍ୟ ସମ୍ପାଦନ କରିଥିଲେ ।

ଭାରତ ସ୍ୱାଧୀନତା ଅର୍ଜନ କଲାପରେ ଜବାହରଲାଲ ନେହେରୁ ତାଙ୍କ ବ୍ୟକ୍ତିତ୍ୱରେ ପ୍ରଲୁବ୍ଧ ହୋଇ ତାଙ୍କୁ ମନୋନୀତ କଲେ Soviet Republicରେ ରାଷ୍ଟ୍ରଦୂତ ରୂପେ । ରାଜନୀତିରେ ତାଙ୍କ ଜ୍ଞାନ ଶୂନ୍ୟରୁ ଆରମ୍ଭ ହେଉଥିଲା ସେ ସମୟରେ । ତା' ସତ୍ତ୍ୱେ ଭାରତ-ବିରୋଧୀ ରୁଷିଆକୁ ସେ ନିଜ ବ୍ୟକ୍ତିତ୍ୱର ଯାଦୁମନ୍ତ୍ରରେ ସମ୍ମୋହିତ କରି ଭାରତର ବନ୍ଧୁରୂପେ ପରିବର୍ତ୍ତିତ କରିପାରିଥିଲେ । ରୁଷ୍‌ପତିମାନଙ୍କ ଷ୍ଟାଲିନ୍ ଯେତେବେଳେ ନିଜ ଜୀବନର ଶେଷ ପର୍ଯ୍ୟାୟରେ ଏକାନ୍ତ ଓ ବିବର୍ଜିତ ହୋଇ ପଡ଼ିଥିଲେ, ସେତେବେଳେ ରାଧାକୃଷ୍ଣନ ହିଁ ତାଙ୍କର ଥିଲେ ବନ୍ଧୁ, ମାର୍ଗପ୍ରଦର୍ଶକ ଓ ସାନ୍ତ୍ୱନାଦାତା । ମୃତ୍ୟୁପୂର୍ବରୁ ଷ୍ଟାଲିନ୍ ଲୁହଛଳଛଳ ଆଖିରେ ଶେଷବାକ୍ୟ କହିଥିଲେ -ମି: ରାଧା କୃଷ୍ଣନ । ଆପଣ ହିଁ ମୋ' ଶେଷ ଜୀବନରେ ଏକମାତ୍ର ମଣିଷ, ଯିଏ ମୋ' ସହିତ ମଣିଷଭଳି ବ୍ୟବହାର କରୁଛନ୍ତି । ପିଶାଚଭଳି ନୁହେଁ ।

ନିଜ ଜୀବଦଶା ଭିତରେ ରାଧାକୃଷ୍ଣନ ନିଜ ପାଇଁ ଏତେ ଉପାଧି ସଂଗ୍ରହ କରି ନେଇଥିଲେ ଯେ ଉପାଧି ପ୍ରାପ୍ତିର ସ୍ୱୀକୃତି ସ୍ୱରୂପ ସେ ଆଉ ଗୋଟିଏ ଉପାଧି 'ପୃଥିବୀର ସର୍ବଶ୍ରେଷ୍ଠ ଉପାଧିପ୍ରାପ୍ତ ବ୍ୟକ୍ତି' ମଧ୍ୟ ପାଇ ପାରିଥାନ୍ତେ ।

ରାଷ୍ଟ୍ରଦୂତରୁ ରାଜନୈତିକ ଜୀବନ ଆରମ୍ଭ କରି ଡ଼କ୍ଟର ରାଧାକୃଷ୍ଣନ ହୋଇପାରିଥିଲେ ଭାରତୀୟ ଗଣତନ୍ତ୍ରର ଉପରାଷ୍ଟ୍ରପତି ଓ ରାଷ୍ଟ୍ରପତି । ସଂସଦ ପ୍ରତି ତାଙ୍କର ଥିଲା ଅତୁଟ ସମ୍ମାନ । ଭାରତୀୟ ଗଣତନ୍ତ୍ରକୁ ସେ ସେଥିପାଇଁ କହୁଥିଲେ ସଂସଦୀୟ ଗଣତନ୍ତ୍ର ବା Parliamantary Democracy । ଏହା ଥିଲା ତାଙ୍କର ପ୍ରିୟ ଶବ୍ଦ ।

୧୯୬୭ ପର୍ଯ୍ୟନ୍ତ ସେ ଥିଲେ ରାଷ୍ଟ୍ରପତି । ତା' ପରେ ରାଷ୍ଟ୍ରପତି ଭବନର ଭବ୍ୟ ପରିସରରୁ ସେ ଚାଲିଆସିଲେ ମାନ୍ଦ୍ରାଜର ଗୋଟିଏ ସାଧାରଣ ନିରାଡ଼ମ୍ବର କୁଟୀରକୁ । ସତର, ଏପ୍ରିଲ୍ ୧୯୭୫ ମସିହାରେ ଛୟାଅଶି ବର୍ଷରେ ସେ ତ୍ୟାଗ କଲେ ଶେଷ ନିଶ୍ୱାସ । ମୈଲାପୁରମ୍ ଶ୍ମଶାନରେ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା, ପୃଥିବୀର ସବୁ ରାଷ୍ଟ୍ରର ଶେଷ ସମ୍ମାନ ସହିତ ସମାପିତ ହେଲା ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ।

ସେଇ ବିଶ୍ୱଗୁରୁ କିନ୍ତୁ ଏ ପର୍ଯ୍ୟନ୍ତ ଜୀବନ୍ତ ସମସ୍ତଙ୍କ ହୃଦୟରେ । ସେଇ ପୁଣ୍ୟପୁରୁଷଙ୍କୁ ତାଙ୍କ ଜୟନ୍ତୀ ଦିବସରେ ସହସ୍ର ପ୍ରଣାମ ।

ଜନ୍ମଭୂମି ଲୋକ, ୩୨/୨-୪ଡି, ୟୁନିଟ୍-୩, ଭୁବନେଶ୍ୱର

ଉତ୍କଳ ପ୍ରସଙ୍ଗ

# ଓଡ଼ିଶାର ପାରମ୍ପରିକ ଛାୟା ନାଟକ : ରାବଣଛାୟା

● ଶ୍ରୀ ନୀଳାଦ୍ରି ଷଡ଼ଙ୍ଗୀ

କଣ୍ଢେଇ ନାଚର ଉତ୍ସ ଭାରତବର୍ଷ :

ଭାରତବର୍ଷରେ କଣ୍ଢେଇ ନାଚର ପରମ୍ପରା ଅତି ପ୍ରାଚୀନ । ଭାରତୀୟ ଐତିହ୍ୟ ଓ ସଂସ୍କୃତି ସହ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସମୟର ପ୍ରବାହ ମଧ୍ୟରେ ଏହା ବିଭିନ୍ନ ପ୍ରକାର ଲୋକକଳା ସହ ସାମିଲ ହୋଇ ଭାରତରେ ସାଂସ୍କୃତିକ ଇତିହାସକୁ ଗୌରବାନ୍ୱିତ କରିପାରିଛି । ଏହାର ପ୍ରଦର୍ଶନରେ ବ୍ୟବହାର ହେଉଥିବା ସ୍ୱତନ୍ତ୍ର କଳା କୌଶଳ ତଥା ଚମତ୍କାରିତା ଯୋଗୁଁ ଏହା ଅନ୍ୟ ଯେ କୌଣସି ପ୍ରକାରର ଲୋକକଳା ତୁଳନାରେ କିଛି କମ୍ ଲୋକପ୍ରିୟତା ପାଇ ନାହିଁ ।

ଭାରତୀୟ ଲୋକକଳାକୁ କଣ୍ଢେଇ ନାଚ ହଜାର ହଜାର ବର୍ଷ ଧରି ପରିପୁଷ୍ଟ କରିଥିଲେ ସୁଦ୍ଧା ଏହା ଆଜି ପ୍ରାୟ ମୃତ ଅବସ୍ଥାକୁ ଆସିଗଲାଣି । ଏହି କଳାର ସମୃଦ୍ଧି ପାଇଁ ଆବଶ୍ୟକୀୟ ପ୍ରୋତ୍ସାହନ ତଥା ଜନସାଧାରଣଙ୍କ ନିଷ୍ଠା ଓ ଆଗ୍ରହ ଅଭାବରେ ଏହାର ସତ୍ତା ଲୋପ ପାଇବାକୁ ବସିଲାଣି ।

ସମଗ୍ର ବିଶ୍ୱରେ ପାରମ୍ପରିକ ରୀତିରେ ପ୍ରଦର୍ଶିତ ହେଉଥିବା କଣ୍ଢେଇ ନାଚକୁ ମୁଖ୍ୟତଃ 'ଛାୟା' କଣ୍ଢେଇ' (Shadow puppet) 'ସୂତାକଣ୍ଢେଇ' (string puppet) 'ଛଡ଼ କଣ୍ଢେଇ'(Rod puppet) ଏବଂ ଦସ୍ତାନା କଣ୍ଢେଇ(Glove puppet)ଏହି ଚାରୋଟି ଶ୍ରେଣୀରେ ବିଭକ୍ତ କରାଯାଏ ।

ବିଶ୍ୱରେ କଣ୍ଢେଇ ନାଚର ଉଦ୍ଭବ ବିଷୟରେ କୁହାଯାଇପାରେ ଯେ ପ୍ରଥମେ ଛାୟାରୁ ହିଁ କଣ୍ଢେଇ ନାଚର ଉଦ୍ଭବ ହୋଇପାରିଥିଲା । ପ୍ରାଚୀନ କାଳରେ ମଣିଷ ବଣ ଜଙ୍ଗଲରେ ରହୁଥିଲା । ରାତିରେ ଶୀତର ପ୍ରକୋପ ତଥା ହିଂସ୍ର ଜନ୍ତୁଙ୍କ କବଳରୁ ନିଜକୁ ରକ୍ଷା କରିବାପାଇଁ ନିଆଁ ଜାଳୁଥିଲା । ନିଆଁ ପାଖରେ ଠିଆ ହେଲାବେଳେ ଆଦିମ ମଣିଷ ପ୍ରଥମେ ନିଜର ଛାଇକୁ ଦେଖି ଆଶ୍ଚର୍ଯ୍ୟ ଓ ଆମୋଦିତ ହେଲା । ସେ ହାତ ଗୋଡ଼ ହଲାଇ ଦେଖିଲା ଯେ, ତା ସହିତ ତାର ଦେହ ଛାୟା ମଧ୍ୟ ଏପାଖ ସେପାଖ ହୋଇପାରୁଛି । ସେଇ ଛାୟା ଭିତରେ ସେ ମଣିଷର ହାତ ଗୋଡ଼ ମୁଣ୍ଡ ତଥା ସମ୍ପୂର୍ଣ୍ଣ ଶରୀର ଆକୃତି ଦେଖି ମୁଗ୍ଧ ହେଲା । କ୍ରମେ ସେ ହାତ ଗୋଡ଼ ସାହାଯ୍ୟରେ କିମ୍ବା ଅନ୍ୟ କିଛି ସାମାନ୍ୟ ଉପକରଣ ବ୍ୟବହାର କରି ବିଭିନ୍ନ ଆକୃତିର ଛାୟା ସୃଷ୍ଟି କରିବାକୁ ଚେଷ୍ଟା କରି ସଫଳ ହେଲା । ଏହା ଦ୍ୱାରା ସେ ନିଜେ ନିଜେ ଖୁସି ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ପାଇଁ ମଧ୍ୟ ମନୋରଞ୍ଜନର ସୂତ୍ର ଆବିଷ୍କାର କରିନେଲା । ତା ଚାରିପାଖରେ ଥିବା ବିଭିନ୍ନ ବସ୍ତୁ ଓ ଜୀବଜନ୍ତୁଙ୍କର ଛାୟା ଦେଖି ସେମାନଙ୍କ ଆକୃତିକୁ ଅନୁକରଣ କରୁ କରୁ ସେ କ୍ରମେ ବିଚକ୍ଷଣ ଆଡ଼କୁ ମୁହାଁଇଲା ଓ ତହିଁରେ ସଫଳ ହେବା ପରେ ସେ ମାଟି ଓ ପଥରରେ ବିଭିନ୍ନ ଆକୃତିର ମୂର୍ତ୍ତି ଗଢ଼ିବାର ପ୍ରେରଣା ପାଇଲା ।

ସିନ୍ଧୁ ସଭ୍ୟତାର ଦୁଇ ପ୍ରସିଦ୍ଧ ନଗର ମହେଞ୍ଜୋଦାରୋ ଓ ହରପ୍ପାଠାରୁ ମିଳିଥିବା ଏକ ଅଦ୍ଭୁତ ଟେରାକୋଟା ଦେଖିଲେ ମନେହୁଏ ଯେ ସେକାଳରେ ସିନ୍ଧୁବାସୀ କଣ୍ଢେଇର ନିର୍ମାଣ ତଥା ପ୍ରଦର୍ଶନ କୌଶଳ ଜାଣିଥିଲେ । ବିଶ୍ୱର ଅନ୍ୟ କେତେକ ପ୍ରାଚୀନ ସଭ୍ୟତାର ମଧ୍ୟ କଣ୍ଢେଇ କଳା କୌଶଳର ପ୍ରସାର ହୋଇଥିଲା ବୋଲି ଅନେକ ମତ ଦେଉଥିଲେ ସୁଦ୍ଧା ଏହା ପ୍ରମାଣିତ ହୋଇସାରିଛି ଯେ ଏହାର ପ୍ରଥମ ଉତ୍ପତ୍ତି ସ୍ଥଳ ହେଉଛି ଭାରତବର୍ଷ । ତେଣୁ ଭାରତୀୟ ଲୋକକଳାରେ କଣ୍ଢେଇ ନାଚର ପରମ୍ପରା ପ୍ରାୟ ୩ ହଜାର ବର୍ଷ ତଳେ ଆରମ୍ଭ ହୋଇଥିବା ବୋଲି କୁହାଯାଇପାରେ ।

"ରାବଣଛାୟା"

ଛାୟାରୁ କଣ୍ଢେଇର ସୃଷ୍ଟି ହୋଇଥିବା ଦୃଷ୍ଟିରୁ କଣ୍ଢେଇ ନାଚ ପ୍ରଦର୍ଶନ କ୍ଷେତ୍ରରେ ଛାୟା ନାଟକ ପରମ୍ପରା ଅତି ପ୍ରାଚୀନ । ବୌଦ୍ଧ ଯୁଗରୁ ଏହା ପ୍ରଚଳିତ ହୋଇ ଆସୁଥିବାର ଗବେଷକମାନେ ମତ ପୋଷଣ କରନ୍ତି । ଏହି ଛାୟା ନାଟକ(Shadow Play) ଚମଡ଼ାରେ ତିଆରି କଣ୍ଢେଇ ଦ୍ୱାରା ପ୍ରଦର୍ଶିତ ହୋଇଥାଏ । ପୃଥିବୀର ଅନ୍ୟାନ୍ୟ ଦେଶ ଚୀନ, ଜାଭା, ବର୍ମା, ଥାଇଲାଣ୍ଡ, ମାଲୟସିଆ, ତୁର୍କି ଓ ଗ୍ରୀସ୍ ଆଦି ସ୍ଥାନମାନଙ୍କରେ ମଧ୍ୟ ଏହି ଛାୟାନାଟକର ପରମ୍ପରା ରହିଛି ।

ଓଡ଼ିଶାରେ ପ୍ରଚଳିତ ଛାୟା ନାଟକକୁ 'ରାବଣଛାୟା' ବୋଲି କୁହାଯାଏ । ରାମାୟଣର ବିଷୟବସ୍ତୁ ଉପରେ ଆଧାରିତ ହୋଇଥିବା ଦୃଷ୍ଟିରୁ ତଥା ଛାୟା ଏକ ଅଶୁଭ ସୂଚକ ଶବ୍ଦ ହୋଇଥିବାରୁ ଏହି ନାଟକର ନାମ 'ରାମଛାୟା' କିମ୍ବା ଅନ୍ୟ କିଛି ନହୋଇ 'ରାବଣଛାୟା' ହୋଇଛି ବୋଲି କୁହାଯାଏ ।

ପରିବେଷଣ ପ୍ରଣାଳୀ :

"ରାବଣଛାୟା"କୁ ପ୍ରାଚୀନ ଯୁଗର ଚଳଚ୍ଚିତ୍ର ବୋଲି କହିଲେ ଭୁଲ ହେବ ନାହିଁ । ଏଥିରେ ଗୋଟିଏ ସଫା ଧୋତିକୁ ପରଦା ଆକାରରେ ବ୍ୟବହାର କରାଯାଏ । ଏହି ପରଦାର ପଶ୍ଚାତ୍‌ଭାଗରେ ହରିଣ ଚମଡ଼ାରେ ତିଆରି ଛିଦ୍ରଯୁକ୍ତ କଣ୍ଢେଇମାନଙ୍କୁ ସଜାଇ ସେମାନଙ୍କ ପଛରେ ଏକ ଦୀପ ଜାଳି ଦିଆଯାଏ । ଦୀପର ଆଲୋକ କଣ୍ଢେଇମାନଙ୍କର ଦେହରେ ଥିବା ଛିଦ୍ରଗୁଡ଼ିକୁ ଭେଦ କରି ପରଦା ଉପରେ କଳା ଓ ଧଳାର ଆକୃତି ସୃଷ୍ଟି କରେ । ଆବଶ୍ୟକ ସ୍ଥଳେ କଣ୍ଢେଇମାନଙ୍କ ସଞ୍ଚାଳନ ଯୋଗୁଁ ଛାୟାଗୁଡ଼ିକ ମଧ୍ୟ ଚଳମାନ ହୋଇ ଦର୍ଶକ ମନରେ ଜୀବନ୍ତର ଭ୍ରମ ସୃଷ୍ଟି କରିଥାଆନ୍ତି । ଚମଡ଼ା କଣ୍ଢେଇଗୁଡ଼ିକରେ କେତେକ ଏପରି କ୍ରମରେ ଛିଦ୍ର କରାଯାଇଥାଏ ଯେ ସେହି ଛିଦ୍ର ଦେଇ ଦୀପର ଆଲୋକ ପରଦା ଉପରେ ପଡ଼ିବା ଦ୍ୱାରା, କଣ୍ଢେଇର ଛାୟା(କଳା) ସହିତ ଏହି ଆଲୋକ(ଧଳା) ମିଶି ପୂର୍ଣ୍ଣାଙ୍ଗ ରୂପ ନେଇଥାଏ । ଏଥି

ଶେଷ ପୃଷ୍ଠାରେ

ଏଠି ଛାୟା ଏପାଖ ସେପାଖ ହୋଇଥିବାର ଦୃଶ୍ୟ ଦର୍ଶକଙ୍କୁ ମୁଗ୍ଧ କରେ । ଏହାହିଁ ଛାୟା ନାଟକ ପରିବେଷଣର ମୁଖ୍ୟ ପ୍ରଣାଳୀ ।

କଣ୍ଢେଇ ତିଆରି ହୁଏ କିପରି ?

ରାମାୟଣ ଏକ ପୌରାଣିକ ବିଷୟ ହୋଇଥିବାରୁ ଅନ୍ୟ କୌଣସି ପଶୁର ଚମଡ଼ା ନନେଇ ଏଥିପାଇଁ କେବଳ ହରିଣ ଚମଡ଼ା ବ୍ୟବହାର କରାଯାଏ । ପ୍ରଥମେ ଚମଡ଼ାକୁ ଗୋଟିଏ ଦାନ୍ତୁଆ ଛୁରୀରେ ଘଷି ଦିଆଯାଏ । ପ୍ରଥମେ ଚମଡ଼ାକୁ ଗୋଟିଏ ଦାନ୍ତୁଆ ଛୁରୀରେ ରାମ୍ପି ଦିଆଯାଏ । ତା' ପରେ ରାମ, ଲକ୍ଷ୍ମଣ, ସୀତା, ରାବଣ, ହନୁମାନ ଆଦି ଆବଶ୍ୟକୀୟ ଚରିତ୍ରର କଣ୍ଢେଇଗୁଡ଼ିକର ଆକୃତି କଟାଯାଏ । ଅଳଙ୍କାର ଓ ପୋଷାକ ପରିଚ୍ଛଦ ଦେଖାଇବା ପାଇଁ ପ୍ରତ୍ୟେକ କଣ୍ଢେଇରେ ଏପରି ଛିଦ୍ର ସବୁ କରାଯାଏ ଯେ, ତା' ମଧ୍ୟରେ ଆଲୋକ ପ୍ରବେଶ କରିବା ଫଳରେ ପରଦାରେ ପୋଷାକ ଓ ଅଳଙ୍କାର ପରିହିତ ପୂର୍ଣ୍ଣାଙ୍ଗ କଣ୍ଢେଇର ଚିତ୍ର ପ୍ରତୀୟମାନ ହୁଏ ।

ଗୋଟିଏ ଗୋଟିଏ ଚରିତ୍ର ପାଇଁ ଏକାଧିକ କଣ୍ଢେଇ ପ୍ରସ୍ତୁତ କରାଯାଇଥାଏ । କାରଣ ଏହି କଣ୍ଢେଇର କୌଣସି ଅଙ୍ଗ ହଲେ ନାହିଁ । ଉଦାହରଣ ସ୍ୱରୂପ ସ୍ୱୟମ୍ବର ସମୟରେ ସୀତା, ବନବାସ ସମୟରେ ସୀତା, ଅଶୋକ ବନରେ ସୀତା, ଅଗ୍ନିପରୀକ୍ଷା ସମୟରେ ସୀତା କିମ୍ବା ଅଭିଷେକ ବେଳର ସୀତାଙ୍କ ପୋଷାକ ଓ ଅଳଙ୍କାର ସମାନ ହୋଇନଥିବାରୁ ଏଥିପାଇଁ ଭିନ୍ନଭିନ୍ନ ଆକୃତି ଓ ଛିଦ୍ରର ଏକାଧିକ କଣ୍ଢେଇ ନିର୍ମାଣ କରିବାକୁ ପଡ଼େ । ଏହା ଛଡ଼ା ଏହି ପଦ୍ଧତିର ଅନୁକରଣରେ ବୃକ୍ଷ, ପର୍ବତ ଆଦିର ଆବଶ୍ୟକୀୟ ସେଟ୍‌ମାନ ମଧ୍ୟ ତିଆରି କରିବାକୁ ହୁଏ । ଏପରି ପୂର୍ଣ୍ଣ ରାମାୟଣର ପ୍ରଦର୍ଶନ ନିମନ୍ତେ ପ୍ରାୟ ଆଠ ଶହରୁ ଅଧିକ ସଂଖ୍ୟକ କଣ୍ଢେଇର ଆବଶ୍ୟକତା ପଡ଼ିଥାଏ ।

ଛାୟା କଣ୍ଢେଇର ଆକୃତି ବଜାରରେ ମିଳୁଥିବା ଖେଳନା କଣ୍ଢେଇ ପରି ଆଦୌ ନୁହେଁ । ଏଗୁଡ଼ିକ ଚମଡ଼ାରେ ପଟାଳିଆ (Flat) ଭାବେ ତିଆରି ହୋଇଥାନ୍ତି । ପ୍ରତ୍ୟେକ କଣ୍ଢେଇ ଗୋଟିଏ ଲେଖାଏଁ କାଠିରେ ବନ୍ଧା ହୋଇଥାଏ । ଏହି ବାଉଁଶ କାଠିର ଉପର ଭାଗ ଦିଫାଳିଆ ହୋଇ କଣ୍ଢେଇକୁ ଚାପି ଧରିଥାଏ ଓ ଏହାର ତଳ ଭାଗ ମୁନିଆ କରାଯାଇଥାଏ । କାଠି ଓ କଣ୍ଢେଇକୁ ଟାଣ ସୂତାରେ ବନ୍ଧା ହୋଇଥାଏ । ସଞ୍ଚାଳକ ଏହି କାଠି ଧରି ପରଦାରେ ସାମାନ୍ୟ ଚାପ ଦେଇ କଣ୍ଢେଇଗୁଡ଼ିକୁ ପ୍ରଦୀପ ସାମ୍ନାରେ ନଚାଉଥାନ୍ତି ।

## ମଞ୍ଚ

ଛାୟା କଣ୍ଢେଇ ବା ରାବଣ ଛାୟାର ପରିବେଷଣ ନିମିତ୍ତ ଏକ ସ୍ୱତନ୍ତ୍ର ପ୍ରକାରର ମଞ୍ଚ ତିଆରି କରାଯାଇଥାଏ । ଚାରୋଟି ଖୁଣ୍ଟିର ତଳ ପାଖରୁ ଉପରକୁ ପ୍ରାୟ ୩ ଫୁଟ ପ୍ରସ୍ଥ ବିଶିଷ୍ଟ ମସିଣାର ଏକ ଘେର କରାଯାଏ । ଏହି କଣ୍ଢେଇ ନାଚ ପ୍ରଦର୍ଶନବେଳେ ଏକ ସମୟରେ ବହୁ ଚରିତ୍ରଙ୍କର ସମାବେଶ ହେଉଥିବା ଦୃଷ୍ଟିରୁ ଏହାର ପରିଚାଳନା ପାଇଁ ଏକାଧିକ ସଞ୍ଚାଳକଙ୍କ ଆବଶ୍ୟକତା ପଡ଼େ । ପ୍ରାୟ ଦୁଇ କିମ୍ବା ତିନି ଜଣ ସଞ୍ଚାଳକ କଣ୍ଢେଇମାନଙ୍କୁ ନଚାଉଥାନ୍ତି । କଣ୍ଢେଇଗୁଡ଼ିକୁ ସ୍ଥିର ରଖିବାର ଆବଶ୍ୟକ ହେଲେ ଏହାକୁ ମସିଣାରେ ଖୋସି ଦିଆଯାଏ । ପ୍ରତ୍ୟେକ କଣ୍ଢେଇର ତଳେ ଲାଗିଥିବା ବାଉଁଶ କାଠିର ତଳ ମୁନିଆ ଅଂଶ ଏହିପରି କାମରେ ଆସେ । କଣ୍ଢେଇଗୁଡ଼ିକର ଛାଇ ସୃଷ୍ଟି କରିବା ପାଇଁ ଜଡ଼ାତେଲର ଏକ ବଡ଼ ଦୀପ ରୁଖା (Stand) ଉପରେ ପରଦାର ପ୍ରାୟ ଦି' ଫୁଟ ପଛରେ ରଖାଯାଏ । ଏହି ଦୀପାଲୋକ ସାମ୍ନାରେ କଣ୍ଢେଇମାନଙ୍କୁ ନଚେଇ ପରଦା ଉପରେ ଛାୟା ସୃଷ୍ଟି କରାଯାଏ ।

## ସଙ୍ଗୀତ

'ରାବଣଛାୟା' ବା' ଓଡ଼ିଶାର ପାରମ୍ପରିକ ଛାୟା ନାଟକ ବିଶ୍ୱନାଥ ଖୁଣ୍ଟିଆଙ୍କ ରଚିତ ବିଚିତ୍ର ରାମାୟଣର କଥାବସ୍ତୁ ଉପରେ ଆଧାରିତ । ଓଡ଼ିଶାର ଅନ୍ୟାନ୍ୟ ଲୋକନାଟ୍ୟ ପରମ୍ପରା ପରି ଏଥିରେ ମଧ୍ୟ ଗାୟକ ଓ ପାଳିଆମାନେ ମିଳିତ ଭାବେ ସଙ୍ଗୀତ ମାଧ୍ୟମରେ କଥାବସ୍ତୁର ଉପସ୍ଥାପନ କରିଥାନ୍ତି । ମୁଖ୍ୟ ଗାୟକ ଛାନ୍ଦଗୁଡ଼ିକ ବୋଲିବା ସହିତ ପାଳିଆମାନେ ପ୍ରତି ପଦ ପରେ ପାଳି ଧରିଥାନ୍ତି । ଗାୟକ ଓ ପାଳିଆମାନଙ୍କ ମଧ୍ୟରେ 'ବଚନିକା' ମଧ୍ୟ ଥାଏ । ଦର୍ଶକମାନଙ୍କୁ ବିଭିନ୍ନ ଦୃଶ୍ୟ ପୂର୍ବରୁ ସୂଚନା ଦେବା ଏହି ବଚନିକାର ମୁଖ୍ୟ ଉଦ୍ଦେଶ୍ୟ । ରାମାୟଣର ଛାନ୍ଦଗୁଡ଼ିକ ଏମାନେ ପାରମ୍ପରିକ ରୀତିରେ ଗାନ କରନ୍ତି । ଖଞ୍ଜଣୀର ବିଭିନ୍ନ ତାଳରେ ସଞ୍ଚାଳକ କଣ୍ଢେଇମାନଙ୍କୁ ନଚାଉଥାନ୍ତି ।

## ବିଭିନ୍ନ ଦେଶର ଛାୟା କଣ୍ଢେଇ

ଭାରତବର୍ଷର ଓଡ଼ିଶା, କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଛାୟା କଣ୍ଢେଇର ପରମ୍ପରା ଅଦ୍ୟାବଧି ଜୀବିତ ରହିଛି । କେରଳ ଓ ଓଡ଼ିଶାର ଛାୟା କଣ୍ଢେଇ କେବଳ ରାମାୟଣ ପରିବେଷଣ କରେ । ଆନ୍ଧ୍ରପ୍ରଦେଶରେ ମହାଭାରତ ଓ ଗୀତାର କଥାବସ୍ତୁ ମଧ୍ୟ ପରିବେଷିତ ହୋଇଥାଏ । ଓଡ଼ିଶା ବାହାରର ଛାୟା କଣ୍ଢେଇ ନାଟର ପ୍ରଣାଳୀ କେତେକାଂଶରେ ଅଲଗା, କାରଣ ଓଡ଼ିଶାରେ କେବଳ ହରିଣ ଚମଡ଼ାକୁ କଣ୍ଢେଇ ତିଆରିରେ ବ୍ୟବହାର କରାଯିବା ପାଇଁ ନିୟମ ଥିଲାବେଳେ ସେଠାରେ ଅନ୍ୟ ପଶୁମାନଙ୍କର ଚମଡ଼ାରେ ଏଗୁଡ଼ିକୁ ପ୍ରସ୍ତୁତ କରିବାରେ କୌଣସି ଅସୁବିଧା ନଥାଏ । ପୁନଶ୍ଚ ସେଠାରେ ଏଗୁଡ଼ିକୁ କାଚଭଳି ସ୍ୱଚ୍ଛ କରି ରଙ୍ଗୀନ କରାଯାଏ । ଫଳରେ ପରଦାରେ ପ୍ରତିଫଳିତ ହେଲାବେଳେ ଏହା ଟେକ୍‌ନିକଲର ଚଳଚ୍ଚିତ୍ର ଭଳି ଦେଖାଯାଏ । ପରିଚାଳକ ପ୍ରାୟ ତିନି ଫୁଟର କଣ୍ଢେଇମାନଙ୍କୁ ଦୁଇଖଣ୍ଡି କାଠି ସାହାଯ୍ୟରେ ନଚାନ୍ତି । ଏଥିରେ ହାତଗୁଡ଼ିକୁ ହଲାଇ କଥା କହିବାର ଭଙ୍ଗୀ ମଧ୍ୟ ପ୍ରଦର୍ଶିତ ହୋଇଥାଏ ।

ରୁଷ, ହଙ୍ଗେରୀ, ଚେକୋସ୍ଲୋଭାକିଆ, ଜର୍ମାନୀ, ହଲାଣ୍ଡ, ଚୀନ ଓ ଇଣ୍ଡୋନେସିଆ ଆଦି ଦେଶରେ ଏହି ନାଟକର ପ୍ରଦର୍ଶନ ହୋଇଥାଏ । ଇଣ୍ଡୋନେସିଆର ଜାଭାଦ୍ୱୀପରେ ପ୍ରଚଳିତ ଛାୟା କଣ୍ଢେଇ ଭାରତ ପରି ରାମାୟଣ ଓ ମହାଭାରତର ଆଖ୍ୟାନ ଉପରେ ପର୍ଯ୍ୟବେଷିତ ।

## ଛାୟା କଣ୍ଢେଇର ନବୀକରଣ


ଓଡ଼ିଶାରେ ଛାୟା କଣ୍ଢେଇର ପରମ୍ପରା ଅବକ୍ଷୟୋନ୍ମୁଖ ସଂସ୍କୃତିର ତାଲିକାରେ କ୍ରମେ ଲୁପ୍ତପ୍ରାୟରେ ଲାଗିଛି । ଏହା ଅବଶ୍ୟ ଆନନ୍ଦର କଥା ନୁହେଁ । କାରଣ ଓଡ଼ିଶାର ପ୍ରତ୍ୟନ୍ତ ପଲ୍ଲୀ ସହର ବଜାରରେ ରାମାୟଣ ନାଟକ ମଞ୍ଚରେ ପରିବେଷିତ ହେବା ଦିନୁ 'ରାବଣଛାୟା' ପ୍ରତି ଦର୍ଶକଙ୍କର ଆଗ୍ରହ ସ୍ୱତଃ

ଧୀମା ହୋଇଯାଇଛି । ଏବେ ଆଉ ଦର୍ଶକଙ୍କର ପୂର୍ବବତ୍ ଧୈର୍ଯ୍ୟ ମଧ୍ୟ ନାହିଁ ।

ଆଗେ ପ୍ରାଚୀନ ରୀତିରେ କଣ୍ଢେଇଗୁଡ଼ିକ ଭାଟମାନେ ନିଜେ ଆଙ୍କି ନିର୍ଦ୍ଦିଷ୍ଟ ଆକାରରେ କାଟୁଥିଲେ । ତେଣୁ କଣ୍ଢେଇ ତିଆରିରେ ସେତେବେଳେ ବିଶେଷ କଳା କୌଶଳର ପ୍ରୟୋଗ ନଥିଲା । ସେମାନେ ଯେପରି କଳ୍ପନା କରୁଥିଲେ, ସେହିପରି ଆଙ୍କୁଥିଲେ । ଏବେ କିନ୍ତୁ 'ରାବଣଛାୟା' ପାଇଁ ବ୍ୟବହାର ହେଉଥିବା କଣ୍ଢେଇଗୁଡ଼ିକୁ ପାରମ୍ପରିକ ପୋଥିଚିତ୍ର ରୀତିରେ ଅଙ୍କନ କରାଯାଉଛି । ଏହାର ପରିବେଷଣ ଶୈଳୀ, ସଙ୍ଗୀତ ତଥା ମଞ୍ଚ ଆଦି କ୍ଷେତ୍ରରେ ମଧ୍ୟ କେତେକ ପରିବର୍ତ୍ତନ କରାଯାଇଛି । ଏଭଳି ଛାୟା କଣ୍ଢେଇର ନବୀକରଣ ବେଳେ ଏହାର ପରମ୍ପରାକୁ ଯେପରି ବଜାୟ ରଖାଯାଇ ପାରିଛି, ତାହା ଅବଶ୍ୟ ପ୍ରଶଂସନୀୟ । କିନ୍ତୁ ଭାରତ ତଥା ବାହାରେ ଏହି କଳା ପ୍ରଦର୍ଶିତ ହୋଇ ପ୍ରଶଂସିତ ହେଉଥିବା ବେଳେ ଓଡ଼ିଶାରେ ଏହା କ୍ରମେ ସଙ୍କୁଚିତ ହୋଇ ସଙ୍ଗେ ସଙ୍ଗେ କେବଳ ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ାରେ ସୀମିତ ହୋଇ ରହିବା ଗଭୀର ଦୁଃଖ ଓ କ୍ଷୋଭର ବିଷୟ । 'ରାବଣଛାୟା' ଭଳି ଏକ ପାରମ୍ପରିକ ଓଡ଼ିଶୀ କଳାର ସୁରକ୍ଷା ଦିଗରେ ସଂସ୍କୃତି ପ୍ରେମୀ ଜନସାଧାରଣ ଆଗ୍ରହୀ ହେବା ବାଞ୍ଛନୀୟ ।

*ନିମାଣୀ, ଭାପୁର, ନୟାଗଡ଼-୭୫୨ ୦୬*

• • •



ଧଉଳି ଶାନ୍ତି ସ୍ତୂପ

# ଜଗମୁଣ୍ଡା ପାହାଡ଼ର ପ୍ରାଚୀନ କୀର୍ତ୍ତି

● ଶ୍ରୀ ବୈକୁଣ୍ଠ ନାଥ ସାହୁ

ଅତୀତ ଲୁଚିଥାଏ ଇତିହାସ ଭିତରେ । ଇତିହାସ ସୃଷ୍ଟି ହୋଇଥାଏ ମଣିଷ ସମାଜ ଏବଂ ତାର ଉତ୍‌ଥାନ ପତନର କଥାକୁ ନେଇ । କ୍ରମାନୁକ୍ରମେ ଇତିହାସ ଆମ ଆଗରେ ଉନ୍ମୋଚିତ କରିଦିଏ, ସେଇ ପ୍ରବହମାନ ସମୟ ଦ୍ୱାରା ସଂଘଟିତ ହୋଇଥିବା କଳା, ସ୍ଥାପତ୍ୟ, ନୃତତ୍ତ୍ୱ, ମାନବତତ୍ତ୍ୱ ଏବଂ ସମାଜଗଠନର ଉତ୍ତରଣ ଓ ଅବତରଣର କଥା । ଶତାବ୍ଦୀ, ଶତାବ୍ଦୀ ଧରି ମୂକସାକ୍ଷୀ ଭାବରେ ଠିଆ ହୋଇଥିବା ସ୍ମାରକୀଗୁଡ଼ିକ ଆମ ଆଗରେ ଅତୀତ ଇତିହାସର ପରିଚୟ ଖୋଲି ଦିଅନ୍ତି । ଫଳରେ ଆମେ ସେତେବେଳର ସମାଜକୁ ଚିହ୍ନୁ । ସେଇ ସମୟର ଆଧାରିତ ଜୀବନ ଧାରା ସହିତ ପରିଚିତ ହେଉ । ଏମିତି ଅନେକ ମନ୍ଦିର, ମୂର୍ତ୍ତି, ଶିଳାଲିପି ପ୍ରଭୃତି ଓଡ଼ିଶାର ଅନେକ ସ୍ଥାନରେ ଦେଖିବାକୁ ମିଳେ ।

କୋରାପୁଟ ଜିଲ୍ଲାର ଗୁଣପୁର ଥାନା ଅନ୍ତର୍ଗତ ଜଗମୁଣ୍ଡାପାହାଡ଼ରେ ପ୍ରାୟ ୧୨ ଶହ ବର୍ଷ ତଳେ ନିର୍ମିତ/ସ୍ଥାପିତ ହୋଇଥିବା ପ୍ରାଚୀନ ମୂର୍ତ୍ତି, ଶିଳାଲିପି ଓ ମନ୍ଦିରଗୁଡ଼ିକ ଅତୀତର ଧର୍ମଚେତନା, କଳା ଓ ସ୍ଥାପତ୍ୟର ଏକ ନିଶ୍ଚିତ ଚିତ୍ର ପ୍ରଦାନ କରନ୍ତି । ଏଠାରେ ଥିବା କେତେକ ମନ୍ଦିର, ଶିବଲିଙ୍ଗ, ମୂର୍ତ୍ତି ଏବଂ ମନ୍ଦିର ଗାତ୍ରରେ ଉତ୍କୀର୍ଣ୍ଣ ପ୍ରାଚୀନ ଶିଳାଲିପି, ୭ମ ଶତାବ୍ଦୀର ଜନଜୀବନ, ଧର୍ମଧାରା ଓ ଶିଳ୍ପ-ଚେତନା ସହିତ ଆମକୁ ପରିଚିତ କରାଇଦିଏ ।

ଜଗମୁଣ୍ଡା ପାହାଡ଼ ଉପରେ ନୀଳକଣ୍ଠେଶ୍ୱର, ମଲ୍ଲିକେଶ୍ୱର, ପୁତ୍ରେଶ୍ୱର ଓ ଧବଳେଶ୍ୱର ନାମକ ଚାରିଟି ଶିବଲିଙ୍ଗ ଓ ମନ୍ଦିର ବିଦ୍ୟମାନ । ଏହାଛଡ଼ା, ମନ୍ଦିର ପାର୍ଶ୍ୱରେ ଏବଂ ମନ୍ଦିର ଗାତ୍ରରେ କେତେକ ମୂର୍ତ୍ତି ମଧ ରହିଛି । ସେଇ ମୂର୍ତ୍ତିଗୁଡ଼ିକ ହୁଏତ ପରବର୍ତ୍ତୀ ସମୟରେ ନିର୍ମିତ ହୋଇଥିବାର ଅନୁମାନ କରାଯାଏ ।

ନୀଳକଣ୍ଠେଶ୍ୱରଙ୍କର ମନ୍ଦିର ଜଗମୁଣ୍ଡା ପାହାଡ଼ର ଏକ ଅମ୍ଳାନକୀର୍ତ୍ତି । ଏଇ ପାହାଡ଼ର ପଶ୍ଚିମ ଦିଗରେ, ପାହାଡ଼ ଉପରେ ଗୋଟିଏ ବଡ଼ ପଥର ଉପରେ ଏଇ ମନ୍ଦିର ଅବସ୍ଥିତ । ନ ଟି ବଡ଼ ପଥରରେ ଏଇ ମନ୍ଦିର ତିଆରି ଏବଂ ଏହାର ଗୋଟିଏ ଦ୍ୱାର ପୂର୍ବ ଦିଗକୁ ରହିଛି । ଏଇ ମନ୍ଦିରର ଉତ୍ତର ଦିଗରେ, ପଥର କାନ୍ଥରେ 'ଅନୁଶାସନ' ଲେଖାଯାଇଥିବାର ପରିଦୃଷ୍ଟ ହୁଏ । ଏଇ ମନ୍ଦିର ଭିତରେ ପ୍ରାୟ ୨ ଫୁଟ ଉଚ୍ଚତା ବିଶିଷ୍ଟ ଗୋଲାକାର ଶିବଲିଙ୍ଗ ସ୍ଥାପିତ ହୋଇଛି ।

ଜନଶ୍ରୁତି କହେ, ଏଇ ଶିବମନ୍ଦିର ଓ ଶିବଲିଙ୍ଗ କୌଣସି ବୌଦ୍ଧ ସନ୍ୟାସୀଙ୍କ ଦ୍ୱାରା ନିର୍ମିତ ହୋଇଛି । ବହୁକାଳରୁ ଏଇ ମନ୍ଦିରର ସେବାପୂଜା ପାଇଁ ଜମି ରହିଛି । ଏହାର ସେବାୟତ, ପୂଜାରୀମାନେ ନିୟମିତ ସେବା ପୂଜା କରନ୍ତି । ଏ ମନ୍ଦିର ଦର୍ଶକ ଓ ପର୍ଯ୍ୟଟକମାନଙ୍କୁ ଏଠାକୁ ଆକର୍ଷିତ କରିଥାଏ ।

ପୁତ୍ରେଶ୍ୱରଙ୍କର ଶିବମନ୍ଦିର ଓ ଲିଙ୍ଗ ଏହି ପାହାଡ଼ର ଆଉ ଏକ ଅମ୍ଳାନ କୀର୍ତ୍ତି । ଏହା ଜଗମୁଣ୍ଡାପାହାଡ଼ର ଉତ୍ତର ଦିଗରେ ସମତଳ ଜମିରେ ରହିଅଛି । ଗ୍ରାମବାସୀମାନଙ୍କ ଠାରୁ ଶୁଣିବାକୁ ମିଳେ ଯେ, ଏଇ ଶିବମନ୍ଦିର ଆଗରୁ ନଥିଲା । ଜଣେ ଗ୍ରାମବାସୀ ଗଦାଧର ପାଣିଗ୍ରାହୀଙ୍କ ଦ୍ୱାରା ଷାଠିଏ/ସତୁରୀ ବର୍ଷତଳେ ନିର୍ମିତ ହୋଇଛି । ଏହା ଇଟା-ପଥରରେ ନିର୍ମିତ କ୍ଷୁଦ୍ର ମନ୍ଦିର । ଏଥିରେ ପୁତ୍ରେଶ୍ୱରଙ୍କର ଶିବଲିଙ୍ଗ ସ୍ଥାପନକରାଯାଇଛି । ଏଇ ଶିବଲିଙ୍ଗ, ଅନ୍ୟ ତିନିଗୋଟି ଶିବଲିଙ୍ଗ ଅପେକ୍ଷା ଆକାରରେ କ୍ଷୁଦ୍ର । ଏଇ ମନ୍ଦିରଗୁଡ଼ିକରେ ଯଦିଓ ସ୍ଥାପତ୍ୟ ଓ କାରୁକାର୍ଯ୍ୟର ଉତ୍କର୍ଷ ବିଶେଷ ଉଲ୍ଲେଖଯୋଗ୍ୟ ନୁହେଁ, ତଥାପି ପ୍ରାଚୀନ କୀର୍ତ୍ତିର ସ୍ମାରକୀବହନ କରି ଆସିଛି ଲିଙ୍ଗଗୁଡ଼ିକ ।

ଧବଳେଶ୍ୱରଙ୍କର ମନ୍ଦିର ମଲ୍ଲିକେଶ୍ୱର ମନ୍ଦିରର ଦକ୍ଷିଣ ଦିଗରେ ପ୍ରାୟ କୋଡ଼ିଏ ଗଜଦୂରରେ ଅବସ୍ଥିତ । ଏଇ ମନ୍ଦିରଟି ମଧ ପଥରରେ ନିର୍ମିତ । ଏହାର ଶିବଲିଙ୍ଗ, ସେଠାରେ ଅବସ୍ଥାପିତ ଅନ୍ୟାନ୍ୟ ଶିବଲିଙ୍ଗ ଅପେକ୍ଷା ଆକାରରେ ବଡ଼ । ଏହାର ଗୋଲେଇ ପ୍ରାୟ ୬/୭ ଫୁଟ ହେବ ।

ଗ୍ରାମବାସୀମାନେ କହନ୍ତି : ୫୦ ବର୍ଷ ପୂର୍ବେ ତଥାକଥିତ ମନ୍ଦିରଟି ନଥିଲା । ଶିବଲିଙ୍ଗଟି ସମତଳ ଅଞ୍ଚଳରେ, ଧାନ ଜମିରେ ପଡ଼ିରହିଥିଲା । ସେଇ ଗ୍ରାମର ନରସିଂହ ପାଣିଗ୍ରାହୀ ପ୍ରଥମେ ସେ ମୂର୍ତ୍ତି ଆଣି ମାଟିକାନ୍ଥର ଘରେ ପୂଜାଅର୍ଚ୍ଚନା କରୁଥିଲେ । ପରେ ଇଟାପଥରରେ ମନ୍ଦିର ନିର୍ମାଣ କରି ତା'ର ସେବା ପୂଜାର ବ୍ୟବସ୍ଥା କଲେ ।

ଶୁଣାଯାଏ : ଏଇ ମନ୍ଦିରରେ ଲାଗିଥିବା ଦ୍ୱାର ବନ୍ଧ ଓ ପଥରଗୁଡ଼ିକ ଅଦୂରରେ ଥିବା ଭଗ୍ନପ୍ରାୟ ମଲ୍ଲିକେଶ୍ୱର ମନ୍ଦିରର ମୁଖଶାଳାରୁ ଆଣି ଏଥିରେ ଖଞ୍ଜାଯାଇଛି ।

ମଲ୍ଲିକେଶ୍ୱର ମନ୍ଦିର ଏହି ପାହାଡ଼ର ପୂର୍ବ ଦିଗରେ ଥିବା ବଡ଼ ପଥର ବେଦୀ ଉପରେ ନିର୍ମିତ ହୋଇଛି । ଏହି ମନ୍ଦିରର ଦ୍ୱାର ପୂର୍ବ ଦିଗକୁ ରହିଛି ।

ମଲ୍ଲିକେଶ୍ୱରଙ୍କର ଲିଙ୍ଗକୁ ଛାଡ଼ି ଦେଲେ, ଅନ୍ୟ କେତେଗୁଡ଼ିଏ ମୂର୍ତ୍ତି ଏଇ ମନ୍ଦିର ଗାତ୍ରରେ ସ୍ଥାପିତ ହୋଇଛି-ଉତ୍ତର ଦିଗ କାନ୍ଥରେ ଅଷ୍ଟଭୁଜା ଦୁର୍ଗାମୂର୍ତ୍ତି, ଦକ୍ଷିଣରେ ଗଣେଶ, ପଶ୍ଚିମରେ କାର୍ତ୍ତିକେୟ ଓ ପୂର୍ବ ଦିଗରେ ଆଉ ଦୁଇଟି ଦେବୀମୂର୍ତ୍ତି ଅଛି । ଏଇ ମୂର୍ତ୍ତିଗୁଡ଼ିକର ଗଠନ ଓ ଭାସ୍କର୍ଯ୍ୟ ଅତି ଉଚ୍ଚକୋଟୀର ।

ମନ୍ଦିରର ଦକ୍ଷିଣ ଦିଗରେ ପୂର୍ବେ ସାଧୁମାନେ ଯଜ୍ଞ କରୁଥିବାର ବିଶ୍ୱାସ କରାଯାଏ । ଏଠାରେ 'ଯଜ୍ଞକୁଣ୍ଡ' ଦୃଷ୍ଟିଗୋଚର ହୁଏ । ଏଠାରେ ସ୍ଥାପିତ ଶିବଲିଙ୍ଗମାନଙ୍କର ଗଠନ ଓ ଆକୃତି ଦେଖିଲେ ବିସ୍ମିତ ହେବାକୁ ପଡ଼େ ।


ମନ ସ୍ୱତଃ ୧୨ ଶହ ବର୍ଷ ପଛକୁ ଫେରିଯାଏ । ସେଇ ସମୟରେ ଶୈବ ଶକ୍ତିର ପୂଜା ଭାରତବର୍ଷରେ ଏକ ଶକ୍ତିଶାଳୀ ଧର୍ମ ସ୍ରୋତରେ ପରିଣତ ହୋଇଥିଲା । ତା'ଛଡ଼ା ବୌଦ୍ଧାଚାର୍ଯ୍ୟମାନେ ଏପରି ଶିବଲିଙ୍ଗ ଗୁଡ଼ିକର ସ୍ଥାପନ କରିଥିବାର କୁହାଯାଏ ।

ଏଇ ବୌଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ଚନ୍ଦ୍ରାଲେଖ, ବଜ୍ରଖଣ୍ଡ ଓ ଧର୍ମକୀର୍ତ୍ତିଙ୍କର ନାମ ଉଲ୍ଲେଖଯୋଗ୍ୟ । ଏଇ ବୌଦ୍ଧ ଆଚାର୍ଯ୍ୟମାନଙ୍କ ସମୟରେ ପୂର୍ବୋକ୍ତ ଶିବ-ଲିଙ୍ଗ ଓ ମନ୍ଦିରଗୁଡ଼ିକ ନିର୍ମିତ ହୋଇଥିବାର ଅନୁମାନ କରାଯାଏ । ଏଥିରୁ ସ୍ପଷ୍ଟ ଧାରଣା କରାଯାଏ, ୭ମ ଶତାବ୍ଦୀ ବେଳକୁ ଏଇ ପାହାଡ଼ କନ୍ଦର ଶୈବ ଓ ବୌଦ୍ଧ ଧର୍ମର ଏକ ମିଳନ ପୀଠରେ ରୂପାନ୍ତରିତ ହୋଇଥିଲା ।

ଏଇ ମନ୍ଦିରମାନଙ୍କ ମଧ୍ୟରୁ, ନୀଳକଣ୍ଠେଶ୍ୱର ଓ ମଲ୍ଲିକେଶ୍ୱର ମନ୍ଦିରରେ ଶିଳାଲିପିମାନ ଉତ୍କୀର୍ଣ୍ଣ ହୋଇଥିବାର ଦେଖାଯାଏ । ଏହାର ନିର୍ଭୁଲ ପାଠ ଏଯାଏ ସମ୍ଭବ ହୋଇନଥିବାରୁ ସେ ଯୁଗର ଐତିହାସିକ ସତ୍ୟତା ଉପରେ ନିର୍ଦ୍ଦିଷ୍ଟ କିଛି କହିବା ସମ୍ଭବ ନୁହେଁ । କୋରାପୁଟ ଗେଜେଟିୟରରେ ଏଇ ମନ୍ଦିର ଓ ଲେଖାମାନଙ୍କ ସମ୍ପର୍କରେ ସଂକ୍ଷେପ ଉଲ୍ଲେଖ ରହିଛି ।

ପ୍ରାଚୀନ କୀର୍ତ୍ତି ଭାବରେ ଓଡ଼ିଶାରୁ ମିଳୁଥିବା ମୂର୍ତ୍ତିମାନଙ୍କ ଭିତରେ ଏଇ ଲିଙ୍ଗ, ମନ୍ଦିର ଓ ମୂର୍ତ୍ତି ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ୭ମ ଶତାବ୍ଦୀର ଶୈବ ଓ ବୌଦ୍ଧ ଧର୍ମର ସମନ୍ୱିତ ଇତିହାସରେ ଏହା ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ତା'ଛଡ଼ା ଅତି ପ୍ରାଚୀନ କାଳରେ ସେଠାରେ ଏକ ବୁଦ୍ଧ ବିହାର ସ୍ଥାପିତ ହୋଇଥିବାର ଅନୁମାନ କରାଯାଇଥାଏ ।

• • •



ଜୁନାଗଡ଼ର ଲଙ୍କେଶ୍ୱରୀ ମନ୍ଦିର

# ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି

● ଶ୍ରୀ ଅନନ୍ତରାମ କର

ମେଘଦୂତ ମହାକାବ୍ୟ ବର୍ଣ୍ଣିତ ବିରହୀ ଯକ୍ଷ ମେଘକୁ ଦୂତ କରି ନିଜ ପ୍ରେୟସୀ ନିକଟକୁ ବାର୍ତ୍ତା ପ୍ରେରଣ କରିଥିଲେ । ସେହି ଛନ୍ଦୋବଦ୍ଧ ଆବେଗର ସ୍ମୃତିତୀର୍ଥ-ଗିରି ମହେନ୍ଦ୍ର । ଆଜି ବି ଅନେକ ମେଘ ଭାସିଯାଆନ୍ତି ମହେନ୍ଦ୍ର ଚୂଡ଼ାରେ ଅନେକ ବାର୍ତ୍ତାନେଇ । ମହେନ୍ଦ୍ର ଗଲେ ମନେହୁଏ ଯେପରି ଅବା କାଳିଦାସ ଯୁଗର କଳ୍ପନା ପ୍ରତ୍ୟୟ ପ୍ରତ୍ୟକ୍ଷ ହୋଇ ଆଜି ବି ଝଙ୍କୃତ ହୁଏ । ସତେ ବା ବିରହୀ ଯକ୍ଷର ଆନ୍ଦୋଳିତ ଅନ୍ତରାତ୍ମା ସେଇଠି ଲୁଚି ରହିଛି ପ୍ରକୃତି ଓ ପାହାଡ଼ର ପ୍ରତିଟି ଅନ୍ତରେ ।

ଗଞ୍ଜାମ ଆନ୍ଧ୍ର ସୀମାନ୍ତ ପୂର୍ବଘାଟ ପର୍ବତମାଳାରେ ହିମାଳୟ ସଦୃଶ ମହେନ୍ଦ୍ରଗିରି ଦଣ୍ଡାୟମାନ । ବ୍ରହ୍ମପୁରଠାରୁ ଆନ୍ଧ୍ର ପଥରେ ପାରଳାଖେମୁଣ୍ଡି ଯିବା ରାସ୍ତାରେ ଓ ଇଚ୍ଛାପୁରଠାରୁ ପଲାସା ମଧ୍ୟରେ ବଙ୍ଗୋପସାଗରର ବିପରୀତ ଦିଗରେ ଏହା ଅବସ୍ଥିତ । ଗଞ୍ଜାମ ଉପାନ୍ତ ଜିଲ୍ଲା ପାରଳାଖେମୁଣ୍ଡି ଦେଇ ମହେନ୍ଦ୍ର ଯାତ୍ରାପଥ ସୁଗମ । ମହେନ୍ଦ୍ର ପାଦ ଦେଶରେ କର୍ଣ୍ଣପୁର ଏକ ଛୋଟ ସ୍ଥଳୀ । ପାରଳାରୁ କର୍ଣ୍ଣପୁର ୨୮ ମାଇଲ । କର୍ଣ୍ଣପୁରଠାରୁ ଗିରିପାଦ ପର୍ଯ୍ୟନ୍ତ କ୍ଷୁଦ୍ର ଯାନବାହନ ଯାଇ ହେବ । ଏହି ରାସ୍ତାରେ ଥରେ ମହେନ୍ଦ୍ରତନୟା ନଦୀକୁ ପାର କରିବାକୁ ପଡ଼େ ।

ମହେନ୍ଦ୍ର ପର୍ବତର ଉଚ୍ଚତା ୪୯୨୩ ଫୁଟ । ଘନ ଅରଣ୍ୟ । ଅତ୍ୟଧିକ ଥଣ୍ଡା । ମଧ୍ୟାହ୍ନ ବେଳେ ମଧ୍ୟ ତାପମାତ୍ରା ୭୮.୫ଡିଗ୍ରୀ ଫାରେନ୍ହିଟ୍ ଥାଏ । ଶିବରାତ୍ରି ଅବସରରେ ଏଠି ମେଳା ହୁଏ । ହଜାର ହଜାର ସଂଖ୍ୟାରେ ଆନ୍ଧ୍ର, ଓଡ଼ିଶା ଯାତ୍ରୀ ଏଠି ସମାଗମ ହୁଅନ୍ତି । ପାହାଡ଼ର ଉପରିଭାଗ ସମତଳ । ଏହା ପ୍ରାୟ ୫୦ ଏକର ପରିମିତ ଏକ ଥଳି ଅଛି । ସ୍ଥାନଟିର ଭୌଗୋଳିକ ପରିବେଶ ଏପରି ଯେ, ପାହାଡ଼ ଉପରେ ଠିଆ ହେଲେ ବଙ୍ଗୋପସାଗରର ଦୃଶ୍ୟ ଓ ସୂର୍ଯ୍ୟୋଦୟର ଦୃଶ୍ୟ, ଚତୁର୍ଦ୍ଦିଗର ପାହାଡ଼ଘେରା ସର୍ପିଳ ରାସ୍ତା ଦର୍ଶକକୁ ଅଭିଭୂତ କରିଥାଏ । ମହେନ୍ଦ୍ର ତନୟା, ସୁନା ମୁହିଆ (ସ୍ୱର୍ଣ୍ଣମୁଖୀ) ନଦୀ ଦୁଇଟି ଏଠି ପ୍ରବାହିତ ।

ପୁରାଣ, ଇତିହାସ ଦୃଷ୍ଟିରୁ ମହେନ୍ଦ୍ରର ପ୍ରସିଦ୍ଧି ବର୍ଣ୍ଣନାତୀତ । ମହେନ୍ଦ୍ରର ଐତିହାସିକ ତଥ୍ୟ ଅଦ୍ୟାପି ଅନାବିଷ୍କୃତ । ରାମାୟଣ କ୍ରମରେ ହନୁମାନ ଲଙ୍କା ଗମନ କାଳରେ ମହେନ୍ଦ୍ରରୁ ଲମ୍ଫ ପ୍ରଦାନ କରିଥିଲେ । ମହାକ୍ଷେତ୍ରୀ ପର୍ଶୁରାମ କାଶ୍ୟପ ଋଷିଙ୍କୁ ସମଗ୍ର ବସୁନ୍ଧରା ଦାନ କରି ଏହି ମହେନ୍ଦ୍ରଠାରେ ୧୨ ବର୍ଷ ତପସ୍ୟା ପୂର୍ବକ ଅବସ୍ଥାନ କରିଥିଲେ ଓ ତା'ପରେ ଅମର ହୋଇ ଯାବତ୍ ଚନ୍ଦ୍ରାର୍କେ ଏଠାରେ ଅବସ୍ଥାନ କରିଥିବା କିମ୍ବଦନ୍ତୀ ରହିଛି । ଦ୍ରୋଣ ମଧ୍ୟ ଏଠାରେ ପର୍ଶୁରାମଙ୍କଠାରୁ ଅସ୍ତ୍ରଶିକ୍ଷା କରିଥିଲେ । ଦ୍ୱାରକା ପୁରରେ ଜରାସନ୍ଧ ଭୟରେ କୃଷ୍ଣ - ବଳରାମ ମହେନ୍ଦ୍ରରେ ଆତ୍ମଗୋପନ କରିଥିଲେ । ମହେନ୍ଦ୍ରରେ ରହଣୀ କାଳରେ କୃଷ୍ଣ ଏଠାରୁ ସୁଦର୍ଶନ ଓ ବଳରାମ ଏଠାରେ ଗୋମନ୍ତକ ପାହାଡ଼ରୁ ଲଙ୍ଗଳଟି ପ୍ରାପ୍ତ ହୋଇଥିଲେ । ଜତୁଗୃହ ଦହନ ପରେ ମାତା କୁନ୍ତୀଙ୍କ ସମେତ ପାଣ୍ଡବମାନେ ଏଠାରେ ଆତ୍ମଗୋପନ କରିଥିଲେ । ଏହାର ସ୍ମାରକୀ ସଦୃଶ ଆଜିମଧ୍ୟ ଏଠାରେ ଭୀମ, କୁନ୍ତୀ, ଯୁଧିଷ୍ଠିର ପ୍ରଭୃତି ୩ଟି ଦେଉଳ ଅଛି । ଏଠାରେ ଅର୍ଜ୍ଜୁନଙ୍କ ପାତକ ନାଶନ ଯଜ୍ଞ ମହାରାଜା ଯୁଧିଷ୍ଠିରଙ୍କ ଦ୍ୱାରା ସମାହିତ ହୋଇଥିଲା । ଅଙ୍ଗରାଜ କର୍ଣ୍ଣ ଏଠାକୁ ଛଦ୍ମବେଶରେ ଆସି ପର୍ଶୁରାମଙ୍କ ଠାରୁ ଧନୁର୍ବିଦ୍ୟା ଶିକ୍ଷା କରିଥିଲେ । ପର୍ଶୁରାମଙ୍କ ସ୍ମୃତିରେ ଅଦ୍ୟାପି ମହେନ୍ଦ୍ର ପାଦରେ 'ପର୍ଶୁରାମ କୁଣ୍ଡ'ନାମରେ ଏକ ସ୍ଥାନ ଅବସ୍ଥିତ । ମହେନ୍ଦ୍ରର ପ୍ରତିଷ୍ଠା ରାମାୟଣ, ମହାଭାରତ, ବାୟୁ ପୁରାଣ, ଲିଙ୍ଗପୁରାଣ ଓ ଭାଗବତ ଆଦିରେ ବର୍ଣ୍ଣିତ । ପୁରାଣରେ ମହେନ୍ଦ୍ର କୁଳାଚଳ ଗିରି ରୂପେ ଅଭିହିତ । ଏଠାରେ ମନ୍ଦିରଗୁଡ଼ିକର ନିର୍ମାଣ ଶୈଳୀ ଏପରି ଯେ ଏହା ମଣିଷକୃତ ବୋଲି ମନେ ହୁଏନା । ଭୀମ ଦେଉଳଟି ମାତ୍ର ୯ ଗୋଟି ପଥରରେ ନିର୍ମିତ । ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ ୯ ଫୁଟ ଲମ୍ବ ୪ ଫୁଟ ଉଚ୍ଚତା ଓ ୩ ଫୁଟ ବହଳା ପଥର ଖଣ୍ଡମାନ ବ୍ୟବହୃତ ହୋଇଛି । ପ୍ରବାଦ ଅଛି, ଭୀମ ନିଜେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ । ଏଠାରେ ଗୋକର୍ଣ୍ଣେଶ୍ୱର ମହାଦେବ, ନାରାୟଣ -ଦୁର୍ଗା, ଜଗନ୍ନାଥ ପ୍ରଭୃତିଙ୍କ ମନ୍ଦିର ଅଛି । ଏ କ୍ରମରେ ମହେନ୍ଦ୍ର ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ସମ୍ପ୍ରଦାୟର ମିଳନ କ୍ଷେତ୍ର ।

ଐତିହାସିକ ଅନୁଧ୍ୟାନରେ ମଧ୍ୟ ମହେନ୍ଦ୍ରର ପ୍ରସିଦ୍ଧି ଅତ୍ୟନ୍ତ ବ୍ୟାପକ । ଇତିହାସର ଅନାବିଷ୍କୃତ କାଳରୁ ପୁଳିନ୍ଦମାନେ ଖ୍ରୀଷ୍ଟୀୟ ଚତୁର୍ଥ ଶତକ ପର୍ଯ୍ୟନ୍ତ ମହେନ୍ଦ୍ରଠାରେ ବାସ କରୁଥିଲେ । ବିଷ୍ଣୁ ପୁରାଣ ଅନୁସାରେ 'ଗୁହ ଶବର'ର ବଂଶଧରମାନେ ପୁଳିନ୍ଦ ରୂପେ ଉତ୍କଳକୁ ଶାସନ କରୁଥିଲେ । ମହାପରାକ୍ରମୀ ସମୁଦ୍ରଗୁପ୍ତ ଖ୍ରୀଷ୍ଟପୂର୍ବ ୪ର୍ଥ ଶତକରେ ଦାକ୍ଷିଣାତ୍ୟ ଅଞ୍ଚଳ ବିଜୟ କରି ସ୍ତମ୍ଭ ନିର୍ମାଣ କରିଥିଲେ । କାଳିଦାସଙ୍କ ରଘୁବଂଶରେ ବର୍ଣ୍ଣିତ ଯେ ମହାରାଜା ରଘୁ କପିଶା ନଦୀ ପାରହୋଇ ଉତ୍କଳଦର୍ଶିତ ପଥରେ କଳିଙ୍ଗକୁ ଗଲେ । ସେଠାରେ କଳିଙ୍ଗ ରାଜାଙ୍କ ସହ ଯୁଦ୍ଧ କଲେ-

''ଉତ୍କଳ ଦର୍ଶିତ ପଥ କଳିଙ୍ଗାଭିମୁଖୋ ଯଯୌ,

ଶିରସ୍ତ ମହେନ୍ଦ୍ର ନାଥସ୍ୟ ନାହାର ନମ୍ର ମେଦିନୀମ୍ ।

ପ୍ରାଚୀନ କଳିଙ୍ଗର ସୀମା ମହେନ୍ଦ୍ର ପର୍ଯ୍ୟନ୍ତ ଥିଲା । କଳିଙ୍ଗାଧିପତି ମହେନ୍ଦ୍ରାଧିପତି ନାମରେ ପରିଚିତ ହେଉଥିଲେ । କଳିଙ୍ଗରେ ଗଙ୍ଗ ବଂଶୀ ରାଜାମାନେ ରାଜତ୍ୱ କରୁଥିଲେ ଏବଂ ଗଙ୍ଗବାଡ଼ି ନାମକ ଏକ ପ୍ରଧାନ ନଗର ଏଠି ଥିଲା । ବର୍ତ୍ତମାନ ମଧ୍ୟ ନୌପଡ଼ାଠାରୁ ୧୬ ମାଇଲ ଓ ପାରଳାଠାରୁ ୯ ମାଇଲ୍ ଦୂରରେ ଗଙ୍ଗବାଡ଼ି ନାମରେ ଏକ ଗ୍ରାମ ଅଛି । ଗୋକର୍ଣ୍ଣେଶ୍ୱର ମହାଦେବ ଏ ରାଜ୍ୟର ଇଷ୍ଟଦେବତା ଥିଲେ । ବର୍ତ୍ତମାନ ମଧ୍ୟ ଗୋକର୍ଣ୍ଣେଶ୍ୱର ମହାଦେବ ମହେନ୍ଦ୍ର ଶିଖରରେ ବିଦ୍ୟମାନ । ଏ ତତ୍‌କାଳୀନ ଭାରତରେ ଗଙ୍ଗବାଡ଼ି ସମ୍ରାଟମାନେ ସୁଖ୍ୟାତ ଥିଲେ । ଗଙ୍ଗବଂଶ ଉତ୍କଳରେ ରାଜତ୍ୱ ବଂଶର ପ୍ରଥମ ରାଜା ଅନନ୍ତ ବର୍ମା ।

କରୁଥିଲେ । ଅନନ୍ତବର୍ମାଙ୍କ ଜ୍ୟେଷ୍ଠ ପୁତ୍ର ନରସିଂହ ବର୍ମା । ନରସିଂହ ବର୍ମାଙ୍କ ତାମ୍ର ଶାସନରେ ମହେନ୍ଦ୍ର ସାମ୍ରାଜ୍ୟର ପ୍ରସିଦ୍ଧି ବର୍ଣ୍ଣିତ-

ଧନ-କନକ ସମୃଦ୍ଧ ଗଙ୍ଗବାଡ଼ି ପ୍ରସିଦ୍ଧ
ସକଳ ବିଷୟଭୂତଃ ସ୍ୱର୍ଗବର୍ଗୋପ ଭୋଗ୍ୟାଃ
ତଦଧିପ ଇତି ଖ୍ୟାତାନନ୍ତ ବର୍ମାନୃପେନ୍ଦ୍ରଃ
ସମଭବଦଦିତି ଭୂପଗଙ୍ଗ ନାମ୍ନା ତଦାଦ୍ୟଃ

ପରବର୍ତ୍ତୀ ସମୟରେ ଏହି ଗଙ୍ଗମାନେ ହିଁ ପୁରୀ ରାଜବଂଶୀ, ଗଙ୍ଗରାଜାମାନଙ୍କ ଇଷ୍ଟଦେବ ଗୋକର୍ଣ୍ଣେଶ୍ୱର ଥିଲେ । ୧୯୩୨ ମସିହାରେ ଦିଗପହଣ୍ଡି ବ୍ଲକ ଭାଷ୍ଣଗିରିଠାରୁ ଉଦ୍ଧାର କରାଯାଇଥିବା ତାମ୍ର ଫଳକରେ ମଧ୍ୟ କଳିଙ୍ଗରାଜା ମହାରାଜା ଇନ୍ଦ୍ରବର୍ମାଦେବଙ୍କ ଗୋକର୍ଣ୍ଣେଶ୍ୱରଙ୍କ ଉଦ୍ଦେଶ୍ୟରେ ଭୂମିଦାନ ପ୍ରସଙ୍ଗ ଉଲ୍ଲେଖ ଅଛି । ଏଠାର ଭୀମ ଦେଉଳର ନିର୍ମାଣଶୈଳୀ ସହ କୋରାପୁଟ ଜିଲ୍ଲା ପଦ୍ମପୁର ନିକଟସ୍ଥ ଜଗମୁଣ୍ଡା ପାହାଡ଼ସ୍ଥ ମନ୍ଦିର ଶୈଳୀର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି । ଜଗମୁଣ୍ଡା ପାହାଡ଼ ମନ୍ଦିର ସପ୍ତମ ଶତକର । ଏଠାରେ ବୌଦ୍ଧ ନୈୟାୟିକ ଧର୍ମକୀର୍ତ୍ତି ଅବସ୍ଥାନକରୁଥିଲେ । ଏଣୁ ମହେନ୍ଦ୍ରର ମନ୍ଦିରଗୁଡ଼ିକ ମଧ୍ୟ ସପ୍ତମ ଶତକର ବୋଲି ଅନୁମାନ କରାଯାଏ । ମହେନ୍ଦ୍ରାଞ୍ଚଳ ଦିନେ ବୌଦ୍ଧ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ଅନୁମାନ କରାଯାଉଛି । ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଏହି ମନ୍ଦିରମାନ ଭାଜବଂଶର କୀର୍ତ୍ତି । ଯେଉଁ ଭାଜବଂଶ ୬ଷ୍ଠ ଶତକ ବେଳକୁ କଳିଙ୍ଗରେ ଶାସନ କରୁଥିଲେ । ଏମାନେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ । ଅନ୍ୟତଃ ଏହା ଗୁପ୍ତଯୁଗୀୟ କଳାଶୈଳୀ ବୋଲି ମଧ୍ୟ ଅନୁମିତ । ମହେନ୍ଦ୍ର ପର୍ବତର ଗୋକର୍ଣ୍ଣେଶ୍ୱର ମନ୍ଦିରର ଐତିହାସିକ ସନନ୍ଦ ଏହି କି, ଏହା ଉତ୍କଳର ଶୈବଧର୍ମୀ ରାଜାମାନେ ନିର୍ମାଣ କରିଥିଲେ । ଗଙ୍ଗବଂଶୀମାନେ ନିଜକୁ ପରମ ମାହେଶ୍ୱର ବୋଲି ଅଭିହିତ କରିଥିଲେ । ସପ୍ତମ ଶତକରେ ଗଙ୍ଗବଂଶୀ କାମାର୍ଣ୍ଣବ ଦେବ କଳିଙ୍ଗ ଅଧିକାର କରିଥିଲେ । ତାଙ୍କ ପୂର୍ବରୁ ମହାରାଜା ଯଶୋଧର୍ମ ଗୁପ୍ତସାମ୍ରାଜ୍ୟ ଧ୍ୱଂସକରି ମହେନ୍ଦ୍ର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ପରବର୍ତ୍ତୀ ସମୟରେ ଗଙ୍ଗବଂଶୀ ରାଜାମାନେ ତ୍ରିକଳିଙ୍ଗରେ ଶାସନ କରି ଋଷିକୁଲ୍ୟାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଅଞ୍ଚଳ ଅକ୍ତିଆର କରିଥିଲେ ।

ଗବେଷକମାନଙ୍କ ବର୍ଣ୍ଣନା ଅନୁସାରେ ଗଙ୍ଗବଂଶ ରାଜା କାମାର୍ଣ୍ଣବ ଦେବ ଗୋକର୍ଣ୍ଣେଶ୍ୱରଙ୍କ ଆରାଧନା କରି ସେଠାରେ ବାଳାଦିତ୍ୟ ନାମକ ଜଣେ ରାଜାଙ୍କୁ ହତ୍ୟାକରି କଳିଙ୍ଗର ରାଜା ହୋଇଥିଲେ । ସେହି ସମୟରେ ଗୋକର୍ଣ୍ଣେଶ୍ୱର ପ୍ରାୟ ୧୦୦ ବର୍ଷ ପର୍ଯ୍ୟନ୍ତ ଗଙ୍ଗମାନଙ୍କ ଇଷ୍ଟ ଥିଲେ । ଯୁଦ୍ଧିଷ୍ଠିର ମନ୍ଦିର ଶିଳାଲିପି ଅନୁସାରେ ଚୋଳଦେଶର ରାଜା ରାଜେନ୍ଦ୍ରଚୋଳଙ୍କୁ ପରାସ୍ତ କରି ରାଜରାଜଦେବ ତାଙ୍କ କନ୍ୟା ରାଜସୁନ୍ଦରୀଙ୍କୁ ବିବାହ କରିଥିଲେ । ବିବାହପରେ ଉଭୟ ପକ୍ଷର ଶତ୍ରୁତା ଥିଲା ଏହା ନୁହଁ । ରାଜରାଜ ଦେବଙ୍କ ମୃତ୍ୟୁ ବେଳକୁ ତାଙ୍କ ପୁତ୍ର ଚୋଡ଼ଗଙ୍ଗଦେବ ଶିଶୁ । ଏହି ସମୟରେ ରାଜେନ୍ଦ୍ର ଚୋଳ ଦ୍ୱିତୀୟ ଥର କଳିଙ୍ଗ ଆକ୍ରମଣ କରିଥିଲେ । ଚୋଡ଼ଗଙ୍ଗଙ୍କ ଜଣେ ଆତ୍ମୀୟ ଦେବେନ୍ଦ୍ରବର୍ମା କଳିଙ୍ଗ ସୈନ୍ୟଙ୍କ ଅଧିନାୟକତ୍ୱ କରିଥିଲେ । ମହେନ୍ଦ୍ରାଚଳରେ ଘୋର ଯୁଦ୍ଧ ହେଲା । ଶେଷରେ ଚୋଳସୈନ୍ୟ ବିଜୟୀ ହେଲେ । ତା'ପରେ ସେମାନେ ମହେନ୍ଦ୍ର ଶିଖରରେ ଏକ ବିଜୟ ସ୍ତମ୍ଭ ନିର୍ମାଣ କରିଥିଲେ ।

ମହେନ୍ଦ୍ର ଶିଖରରେ ଏକ ପ୍ରସ୍ତର ଜଗନ୍ନାଥ ମୂର୍ତ୍ତି ରହିଛି । ଏହା କେବେ ଓ କାହାଦ୍ୱାରା ସ୍ଥାପିତ, ଜଣାଯାଏ ନାହିଁ । ଅଶୋକଙ୍କ ସମୟରେ ମହେନ୍ଦ୍ରଗଡ଼ ନାମକ ଏକ ଦୁର୍ଗଥିଲା । ମହେନ୍ଦ୍ର ନିକଟସ୍ଥ ଗଙ୍ଗବାଡ଼ି ସାମ୍ରାଜ୍ୟ ସହ ଏହାର ସମ୍ପର୍କ ଥିଲା । ମହେନ୍ଦ୍ରର ଇତିହାସ ଅତ୍ୟନ୍ତ ପ୍ରାଚୀନ । ଶବରମାନେ ହିଁ ପ୍ରଥମେ ଏଠାରେ ବସତି ସ୍ଥାପନ କରିଥିଲେ । ସାଧବଯୁଗରେ ବରୁଣା, ସୁବର୍ଣ୍ଣପୁର ଆଦି ବନ୍ଦର ନିକଟ ଅଧିବାସୀ ବହୁ ଧନରତ୍ନ ଲୁକ୍କାୟିତ ଭାବେ ଏ ଅଞ୍ଚଳରେ ରଖୁଥିଲେ । ପ୍ରାଚୀନ କାବ୍ୟ ସାହିତ୍ୟ ଆଦିରେ ମଧ୍ୟ ମହେନ୍ଦ୍ରଗିରି ପ୍ରସଙ୍ଗ ବହୁଳ ବର୍ଣ୍ଣିତ । କାଳିଦାସଙ୍କ ବର୍ଣ୍ଣନାରେ 'ଅସୌ ମହେନ୍ଦ୍ରାଦି ସମାନ ସାରଃ', ଶ୍ରୀହର୍ଷଙ୍କ ନୈଷଧ କାବ୍ୟରେ 'ମହେନ୍ଦ୍ର ଶୈଳସ୍ୟ ମହେନ୍ଦ୍ର ମାଗତଃ' ଭାବେ ପର୍ବତର ବର୍ଣ୍ଣନା କରାଯାଇଛି । ରାଜେନ୍ଦ୍ର ଚୋଳଙ୍କ ସଭା ପଣ୍ଡିତ ଜୟ ମଗୋଣ୍ଡର ତାମିଲ ଭାଷାରେ କଳିଙ୍ଗ ଭୁପୁରାଣି' ନାମକ ଏକ କାବ୍ୟରେ ମହେନ୍ଦ୍ରର ମହାତ୍ମ୍ୟ ଉଲ୍ଲେଖ କରିଛନ୍ତି । ମହେନ୍ଦ୍ର ତନୟା ନାମକ ନଦୀ ମହେନ୍ଦ୍ରରୁ ପ୍ରବାହିତ ହୋଇ ମହେନ୍ଦ୍ରର ଶୋଭାକୁ ଦ୍ୱିଗୁଣିତ କରୁଛି । ପୁରାଣଯୁଗଠାରୁ ଏ ଯାବତ୍ କବି ଲେଖକମାନେ ମହେନ୍ଦ୍ରତନୟାର ସ୍ୱଚ୍ଛ ସର୍ପିଳଗତି ତଥା କଳକଳନାଦିନି ଶବ୍ଦରେ ବିଭୋର ହୋଇଆସିଛନ୍ତି । ମତ୍ସ୍ୟ ପୁରାଣରେ ଲେଖାଯାଇଛି-ମହେନ୍ଦ୍ର ତନୟାଂ ସର୍ବାଃ ପ୍ରଖ୍ୟାତଃ ଶୁଭଗାମିନୀ । ମହେନ୍ଦ୍ରର ପ୍ରାକୃତିକ ଶୋଭାରେ ମୁଗ୍ଧ ହୋଇ କବି ଗୋଦାବରୀଶ ଲେଖିଛନ୍ତି -

ଉତ୍କଳ ମଣ୍ଡଳେ ମହେନ୍ଦ୍ର ପର୍ବତ
ସକଳ ପର୍ବତୁ ବଡ଼
ଏ ପାରେ ରହିଛି ପାରଳା ରାଜତ
ସେ ପାଖେ ମଞ୍ଜୁଷା ଗଡ଼ ।
ଭେଦିଛି ଆକାଶ ଶିଖ ତାର ତହିଁ
ଗଲେ ଲାଗେ ମନେ ଭୟ
ଲକ୍ଷେ ପରବତ ମଧ୍ୟେ ସେ' କି ଅବା
ଉତ୍କଳର ହିମାଳୟ !

କବିବର ରାଧାନାଥ ତାଙ୍କ 'ମଞ୍ଜୁଷା' କାବ୍ୟରେ ଲେଖିଛନ୍ତି -

ଏ ଗଞ୍ଜାମ ମହି ମଞ୍ଜୁ ଶତ ଦଳ
କେଶର ତହିଁରେ ମହେନ୍ଦ୍ର ଅଚଳ ।
ଜଗତ ଜନମନ ରଞ୍ଜନୀ ମଞ୍ଜୁଷା
ଗିରିନ୍ଦ୍ର ମହେନ୍ଦ୍ର ଯା'ର ଶିରଭୂଷା ।

କବି ଚିନ୍ତାମଣି ମହାନ୍ତି ତାଙ୍କ ସିଂହରାଜ କାବ୍ୟରେ ଲେଖି ଯାଇଛନ୍ତି

ଛଅଗୋଟି ଗିରି ଡେଇଁ ପରେ ପରେ -
ଉଠିଲି ଶେଷେ ମୁଁ ମହେନ୍ଦ୍ର ଶିଖରେ ।


ମହାରାଜା ରଘୁ ଭାରତ ବିଜୟ କରିବା ସମୟରେ ମହେନ୍ଦ୍ର

ପର୍ବତାଞ୍ଚଳର ନିମ୍ନ ପଥରେ ଦକ୍ଷିଣକୁ ଯାତ୍ରା କରିଥିଲେ । ପ୍ରାଚୀନ ରଘୁବଂଶ କାବ୍ୟରେ ବର୍ଣ୍ଣିତ ଅଛି-ଉତ୍ତରା ବର୍ଣ୍ଣିତ ପଥଃ କଳିଙ୍ଗାଭିମୁଖୋ ଯଯୌ । ମହେନ୍ଦ୍ରର ପ୍ରାକୃତିକ ଶୋଭା କବି ମନୋହରା, ଯାହା ପାଠକ, ଅନୁଭୂତ ଅପେକ୍ଷା ଦର୍ଶକର ଉପଭୋଗ୍ୟ ବସ୍ତୁ । ଏଠାରୁ ବଙ୍ଗୋପସାଗରର ଦୃଶ୍ୟ ଅତ୍ୟନ୍ତ ମନୋରମ । ସର୍ପିଳରାସ୍ତା,ସୁନୀଳ ଆକାଶ, ତଳେ ଭସାମେଘର ଗାଳିଚା ଭିତରେ ଦୂରରୁ ପାହାଡ଼ଗୁଡ଼ିକ ଚିତ୍ରିତାପରି ମନେହୁଏ । ଝାଡ଼ ଜଙ୍ଗଲ, ହସ୍ତୀ ଯୂଥ, ବ୍ୟାଘ୍ର, ସମ୍ବର, ମୟୂର ପ୍ରଭୃତି ପଶୁପକ୍ଷୀ ଏଠାରେ ବାସ କରିଛନ୍ତି ।

ମହେନ୍ଦ୍ର ଏକ ପୁଣ୍ୟକ୍ଷେତ୍ର । ଏଠାରେ ପିଣ୍ଡଦାନ କଲେ ମଳମାସଗତ ପିତୃ ଗତିପାଆନ୍ତି ବୋଲି ଲୋକ ବିଶ୍ୱାସ । ନିକାଞ୍ଚନ ଜଙ୍ଗଲହେତୁ ଏଠାରେ ମନ୍ଦିରମାନଙ୍କରେ ପୂଜା ଖୁବ୍ କମ୍ ହୋଇଥାଏ । କେତେକ ମନ୍ଦିରରେ ପ୍ରତିମା ମଧ୍ୟ ନାହାନ୍ତି । ପାହାଡ଼ି ରାସ୍ତା ଏତେ ତୀଖ ଯେ ଯୁବକ ମଧ୍ୟ ଉଠିବା କଷ୍ଟକର ହୋଇପଡ଼େ । କିନ୍ତୁ ଭୀମ...ଭୀମ...ବୋଲି ଡ଼ାକଦେଇ ବୃଦ୍ଧ ଲୋକମାନେ ମଧ୍ୟ ପାହାଡ଼ ଚଢ଼ିଥାନ୍ତି । କଥା ଅଛି, ପାହାଡ଼ ଚଢ଼ିବା ବେଳେ 'ଭୀମ' ଡ଼ାକ ଦେଲେ ଭୀମହିଁ ପାହାଡ଼ ଚଢ଼ିବାକୁ ଶକ୍ତି ଦେଇଥାନ୍ତି । ଅତୀତରେ ମଞ୍ଜୁଷା ରାଜା ଏଠାରେ ଏକ ବଙ୍ଗଳା ନିର୍ମାଣ କରିଥିଲେ । ମହେନ୍ଦ୍ରଗିରିକୁ ଏକ ପର୍ଯ୍ୟଟନକେନ୍ଦ୍ର କରିବାକୁ ୧୮୭୦ ମସିହାରେ ବ୍ରିଟିଶ ସରକାର ପ୍ରସ୍ତାବ ଦେଇଥିଲେ । ବିଦେଶୀ ବିଶେଷଜ୍ଞ ଡ଼ଃ ଚାର୍ଲସ୍ ପାମେରଙ୍କ ଅଧ୍ୟକ୍ଷତାରେ ଦଳେ ବିଶେଷଜ୍ଞ ମହେନ୍ଦ୍ରଗିରିରେ ସପ୍ତାହେ ରହି ଗବେଷଣା କରିଥିଲେ । ଏହି ବିଶେଷଜ୍ଞ ଦଳର ଭାରତୀୟ ଭୂତତ୍ତ୍ୱବିତ୍ ଭି.ବାଲ୍ ଏକ ସନ୍ଦର୍ଭ ମଧ୍ୟ ପ୍ରସ୍ତୁତ କରିଥିଲେ ।

*ନିମଖଣ୍ଡି ପେଣ୍ଠ, ଭାୟା-ଛତ୍ରପୁର,ଜିଲ୍ଲା-ଗଞ୍ଜାମ*

• • •



ଭୁବନେଶ୍ୱରର ଖଣ୍ଡଗିରି ଗୁମ୍ଫା

# ହୁମାର ଅବହେଳିତ ଶୈବପୀଠ

● ଡକ୍ଟର ଚିତ୍ରସେନ ପଶାୟତ୍ତ

ମନ୍ଦିର ମାଳିନୀ ପୁଣ୍ୟଭୂମି ଉତ୍କଳର ସମ୍ପଦ ଓ ସାଂସ୍କୃତିକ ପରମ୍ପରାର ଆଧାର ହେଉଛି ଏଠାର ପୁରପଲ୍ଲୀ, ଘଞ୍ଚଅରଣ୍ୟ, ପାହାଡ଼ ପର୍ବତ, ଗୁହା ଓ ବୃକ୍ଷମୂଳରେ ପୂଜାପାଉଥିବା ଦେବଦେବୀ । ଦେବଭୂମି ଉତ୍କଳର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ, ବିଭିନ୍ନ ରାଜା ଓ ସମ୍ରାଟ ବିଭିନ୍ନ ସମୟରେ ବୌଦ୍ଧ, ଜୈନ, ଶାକ୍ତ, ସୌର, ଗାଣପତ୍ୟ, ଶୈବ ଏବଂ ବୈଷ୍ଣବ ଆଦି ଧର୍ମଧାରାରେ ଅନୁପ୍ରାଣିତ ହୋଇ ଅନେକ ମଠ ତଥା ଦେବାଳୟ ପ୍ରତିଷ୍ଠା କରିଯାଇଛନ୍ତି । ସେଥିପାଇଁ ଆଜି ଉତ୍କଳର ବିଭିନ୍ନ ସ୍ଥାନରେ ଏହି ଭିନ୍ନ ଭିନ୍ନ ଧର୍ମର ମଠ ଏବଂ ମନ୍ଦିରମାନଙ୍କରେ ବିଭିନ୍ନ ପ୍ରକାର ପୂଜା ପଦ୍ଧତି ତଥା ଉପାସନା ପ୍ରଚଳିତ ହୋଇଥାଏ । ଏହି ସବୁ ଦେବ ଦେବୀ, ମଠ, ଦେବାଳୟଗୁଡ଼ିକ ଓଡ଼ିଆ ଜାତିର ଇତିହାସ, ତଥା ସାମାଜିକ ଗଣଜୀବନର ମୂକସାକ୍ଷୀ କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ଣ୍ଣିତ ହୁମାସ୍ଥିତ ବିମଳେଶ୍ୱରଙ୍କ ପୀଠ ଏକ ପ୍ରାଚୀନ ଶୈବପୀଠ ରୂପେ ସମଗ୍ର ଭାରତବର୍ଷରେ ସୁପରିଚିତ ।

ସମ୍ବଲପୁର ସହରଠାରୁ ପ୍ରାୟ ୨୪ କିଲୋମିଟର ଦକ୍ଷିଣଦିଗକୁ ମହାନଦୀ କୂଳରେ ଏହି ଶୈବପୀଠ ହୁମା ଅବସ୍ଥିତ । ଏଠାରେ ସ୍ୱୟମ୍ଭୁ ଶିବ ବିମଳେଶ୍ୱର ପୂଜା ପାଇ ଆସୁଛନ୍ତି । ମହାନଦୀ ଓ ଧୁଳିଯୋରର ସଙ୍ଗମ ସ୍ଥଳରେ ମହାନଦୀର ପୂର୍ବ ଉପକୂଳରେ ଏକ ଉଚ୍ଚ ତ୍ରିକୋଣଭୂମି ଉପରେ ମନ୍ଦିରଟି ଅବସ୍ଥିତ । ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ସେ ଆଦ୍ୟଶମ୍ଭୁ ରୂପେ ଇତିହାସ ପ୍ରସିଦ୍ଧ । ଏହି ପୀଠର ଲୋକପ୍ରିୟତା ଏତେ ବେଶୀ ଥିଲା ଯେ ଏହାକୁ ଏକଦା ହୁମା ରାଜ୍ୟ ବୋଲି ଅଭିହିତ କରାଯାଉଥିବା ବିଷୟ ପ୍ରହଲ୍ଲାଦ ଦୁବେ ତାଙ୍କର 'ଜୟ ଚନ୍ଦ୍ରିକା' କାବ୍ୟରେ ଉଲ୍ଲେଖ କରିଯାଇ ଅଛନ୍ତି । ଅମ୍ବାଭୋନାର କେଦାର ନାଥ, ଦେଓଁର ବିଶ୍ୱନାଥ, ଗାଇସାମାର ବାଲୁଙ୍କେଶ୍ୱର, ମାନେଶ୍ୱରର ମାନେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ସୋରଣ୍ଡାର ବିଶ୍ୱେଶ୍ୱର ତଥା ନିଲଜିର ନୀଳକଣ୍ଠେଶ୍ୱର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ଅନ୍ୟତମ ।

ହୁମାପୀଠର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ମନ୍ଦିରର ଗଠନ ଓ ଅବସ୍ଥିତି । ଏହା ରୋମ ନଗରୀର ପିସା ଗମ୍ବୁଜ ସଦୃଶ ଗୋଟିଏ ପଟକୁ ନଇଁ ପଡ଼ିଛି । ଅନେକ କିମ୍ବଦନ୍ତୀ ଏହି ମନ୍ଦିର ସହିତ ଜଡ଼ିତ । ଲୋକମୁଖରୁ ଶୁଣାଯାଏ ଯେ ପ୍ରାୟ ଛଅ ଶହ ବର୍ଷ ତଳେ ପୁରୀ ରାଜା ଅନଙ୍ଗଭୀମଦେବଙ୍କ ଦ୍ୱାରା ଏହି ମନ୍ଦିର ନିର୍ମିତ ହୋଇଥିଲା, କିନ୍ତୁ ସମ୍ବଲପୁର ଇତିହାସ ଅନୁଯାୟୀ ହୀରାଖଣ୍ଡାଧିପତି ବଳିୟାର ସିଂହଙ୍କର ରାଜତ୍ୱ କାଳରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ତେଣୁ ମନ୍ଦିରର ନିର୍ମାଣ କାଳ ଏବଂ ଶ୍ରୀବିମଳେଶ୍ୱରଙ୍କ ପ୍ରତିଷ୍ଠାକାଳ ବିଷୟରେ ଯାହା କୁହାଯାଏ ସେ ସବୁ ପ୍ରମାଦପୂର୍ଣ୍ଣ ମନେହୁଏ । ଏହି ଛଅ ଶହ ବର୍ଷର ଶୈବପୀଠର ବିସ୍ମୟପୂର୍ଣ୍ଣ ଇତିହାସ ସମ୍ପର୍କରେ ଗବେଷଣା ପାଇଁ ବିଶେଷ ଆଗ୍ରହ ପ୍ରକାଶ ପାଉନଥିବା ଦୁଃଖର କଥା । ଶ୍ୟାମଳ ବନରାଜିରେ ପରିବେଷ୍ଟିତ ଏହି ଆକର୍ଷଣୀୟ କିନ୍ତୁ ଅବହେଳିତ ଦର୍ଶନୀୟ ସ୍ଥଳଟି ଆଜି ଜରାଜୀର୍ଣ୍ଣ ହେବାକୁ ବସିଛି ।

ବହୁ ପ୍ରାଚୀନକାଳରୁ ପୀଠଟି ପ୍ରସିଦ୍ଧ ଲାଭ କରିଛି । ଶ୍ରୀବିମଳେଶ୍ୱରଙ୍କ ଉତ୍ପତ୍ତି କାହାଣୀ କିମ୍ବଦନ୍ତୀ ମୂଳକ ଏବଂ ରହସ୍ୟାବୃତ । ଏକଦା ଏହି ସ୍ଥାନ ଗିଲବୃକ୍ଷ ପରିପୂର୍ଣ୍ଣ ଏକ ସୁନ୍ଦର, ମନୋରମ ସବୁଜ ବନସ୍ଥଳୀ ଥିଲା । ନିକଟରେ ମହାନଦୀର ସଦା ଚଞ୍ଚଳ ଧାର କୁଳୁ କୁଳୁ ନାଦ କରି ବହି ଚାଲିଥିଲା । ସମୟାନୁକ୍ରମେ ସେହି ଗିଲବଣର ଏକ ଗିଲବୃକ୍ଷ ମୂଳରେ ବିମଳେଶ୍ୱରଙ୍କ ଲିଙ୍ଗ ଆବିର୍ଭାବ ହେଲା । ଏହି ବିଷୟରେ ସାଧାରଣ ଲୋକେ ଅନେକ କାଳଯାଏ ଅନଭିଜ୍ଞ ଥିଲେ । କିମ୍ବଦନ୍ତୀ ଅନୁଯାୟୀ ସର୍ବପ୍ରଥମେ ଗୋଟିଏ ଗାଈଆଳ ଏହି ବିଷୟପ୍ରତି ଅବଗତ ହୋଇଥିଲା । ସେ ଲକ୍ଷ୍ୟ କଲା, କଳା ଗାଈଟିଏ କ୍ରମାଗତ ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସମୟରେ ନିରୁଦ୍ଦିଷ୍ଟ ହେଉଛି । ଏହାର କାରଣ ଜାଣିବା ପାଇଁ ଗୋପାଳର ମନରେ ଉତ୍ସୁକତା ଜାତ ହେଲା । ଦିନେ ସେ ଗାଈର ଗତିବିଧି ଲକ୍ଷ୍ୟ କରି ତାକୁ ଅନୁସରଣ କଲା । ସେ ଦେଖିଲା ଯେ ଗାଈଟି ମହାନଦୀର ସ୍ରୋତକୁ ଅତିକ୍ରମ କରି ଗିଲବଣରେ ପ୍ରବେଶ କଲା ଏବଂ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡ଼ାହୋଇ ତାର ପହ୍ନାରୁ ସ୍ୱତଃ କ୍ଷୀର ସ୍ରାବ କରୁଛି । ଏହିପରି ଏକ ଆଚମ୍ବିତ ଘଟଣା ଦେଖି ଗୋପାଳ ମନରେ କୌତୂହଳ ଜାତ ହେଲା । ସେହିଦିନ ସନ୍ଧ୍ୟାରେ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରି ସେ ଗାଈର ମାଲିକ ତଥା ଗ୍ରାମବାସୀଙ୍କୁ ଏହି ଆଚମ୍ବିତ ଘଟଣା ଜଣାଇଲା । ଏହାଶୁଣି ସମସ୍ତେ ବିସ୍ମୟ ପ୍ରକାଶ କଲେ । ତାପରଦିନ ଗ୍ରାମବାସୀମାନେ ଉକ୍ତସ୍ଥାନକୁ ପରିଦର୍ଶନ କରି ବିମଳେଶ୍ୱରଙ୍କ ଆବିର୍ଭାବ ସମ୍ବନ୍ଧରେ ଅବଗତ ହେଲେ । ଗାଈଟି ହମ୍ବା ରଡ଼ି ପୂର୍ବକ ଲିଙ୍ଗ ଉପରେ କ୍ଷୀର ସ୍ରାବ କରୁଥିବାରୁ ଉକ୍ତ ସ୍ଥାନଟି 'ହୁମା' ନାମରେ ପରିଚିତ ହେଲା ବୋଲି ଲୋକମୁଖରୁ ଶୁଣାଯାଏ ।

ଏଠାରେ ସୂଚନାଯୋଗ୍ୟ ଯେ ଉପରୋକ୍ତ କିମ୍ବଦନ୍ତୀର ସମାନ ପରିବର୍ତ୍ତିତ ରୂପ ପୁରୀର ସାକ୍ଷୀଗୋପାଳ, ବାଇଶମୌଜାର ସିଦ୍ଧେଶ୍ୱର ମନ୍ଦିର ଶ୍ରୀ ସିଦ୍ଧେଶ୍ୱର ମହାଦେବ, ରାମଚନ୍ଦ୍ରପୁର, ଖୋର୍ଦ୍ଧାର ବନ୍ଦେଶ୍ୱର ମହାଦେବ ଓ ଆଠଗଡ଼ର ମଣ୍ଡେଶ୍ୱର ଗ୍ରାମ ନିକଟସ୍ଥ ଶ୍ରୀଶ୍ରୀ ଧବଳେଶ୍ୱର ଦେବଙ୍କ ସହିତ ମଧ୍ୟ ଜଡ଼ିତ । ଏହି ଦୃଷ୍ଟିକୋଣରୁ କେବଳ ବିମଳେଶ୍ୱରଙ୍କ ନୁହନ୍ତି, ଉପରୋକ୍ତ ସମସ୍ତ ଦେବତାଙ୍କ ଉତ୍ପତ୍ତି କାହାଣୀ ମଧ୍ୟ ଏହିପରି ରହସ୍ୟାବୃତ ଏବଂ କିମ୍ବଦନ୍ତୀମୂଳକ । ଯେହେତୁ ଗୋଟିଏ କିମ୍ବଦନ୍ତୀ ଏକାଧିକ ଦେବତାଙ୍କ ଆବିର୍ଭାବ ସହିତ ଜଡ଼ିତ, ତେଣୁ ଏହି କିମ୍ବଦନ୍ତୀର ଗୁରୁତ୍ୱକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଏଠାରେ ମନେ ହୁଏ ଯେ ହୁଏତ ଦେବତା ତଥା ଦେବସ୍ଥାନର ମହିମାକୁ ବୃଦ୍ଧି କରିବା ନିମନ୍ତେ ହେବ ଯେ, ଦେବତା ତଥା ଦେବସ୍ଥାନର ମହିମାକୁ ବୃଦ୍ଧି କରିବା ନିମନ୍ତେ କିମ୍ବଦନ୍ତୀର ଆଶ୍ରୟ ନିଆଯାଇଥାଏ । ସେଥିପାଇଁ ନୂଆ କାହାଣୀ ସୃଷ୍ଟି ହୁଏ କିମ୍ବା ଅନ୍ୟ କେଉଁଠି ପ୍ରଚଳିତ ଏକ କିମ୍ବଦନ୍ତୀର ନକଲ କରାଯାଏ

ଶେଷାଂଶ ପୃଷ୍ଠା

କ୍ଷେତ୍ରରେ ଉପଯୋଗ କରାଯାଏ । ଯେଉଁଠି ଗୋଟିଏ କିମ୍ବଦନ୍ତୀର ଆଶ୍ରୟ ନିଆଯାଏ, ସେହି କ୍ଷେତ୍ରରେ ଦେବତାଙ୍କୁ ସ୍ଥାନୀୟ ଲୋକ ଜୀବନରୁ ଊର୍ଦ୍ଧ୍ୱରେ ଏକ ବ୍ୟାପକତାର ରୂପ ଦେବା ପାଇଁ ଚେଷ୍ଟା କରାଯାଏ । ଏହାକୁ Universalization କୁହାଯାଏ । ଏହାଦ୍ୱାରା ସମୟାନୁକ୍ରମେ କିମ୍ବଦନ୍ତୀର ଉତ୍ପତ୍ତିସ୍ଥଳ ରହସ୍ୟାବୃତ ରହିଯାଏ । ବର୍ଣ୍ଣିତ କ୍ଷେତ୍ରରେ ମଧ ଉପରୋକ୍ତ ସୁନ୍ଦର କିମ୍ବଦନ୍ତୀର ଉତ୍ପତ୍ତିସ୍ଥଳ ନିର୍ଣ୍ଣୟ କରିବା ସେତେ ସହଜ ନୁହେଁ ।

ଲୋକଶ୍ରୁତି ଅନୁଯାୟୀ ଉପରୋକ୍ତ ଘଟଣା ବା କିମ୍ବଦନ୍ତୀ ସମ୍ପର୍କରେ ସମ୍ବଲପୁରର ତତ୍କାଳୀନ ଚୌହାଣ ବଂଶୀୟ ରାଜା ବଳିୟାର ସିଂହ ଅବଗତ ହେବାରୁ ବିମଳେଶ୍ୱର ଦେବଙ୍କ ପାଇଁ ଏକ ଛୋଟ ଦେଉଳ ନିର୍ମାଣ କରାଇଥିଲେ ଏବଂ ବିମଳେଶ୍ୱର ଦେବଙ୍କ ସେବାପୂଜା ପାଇଁ ଭୂମି, ବୃତ୍ତି, ଖଞ୍ଜା ଦେଇଥିଲେ । ଶୁଣାଯାଏ ମନ୍ଦିରର ପୂଜାର୍ଚ୍ଚନା ତଥା ଅମୃତମଣି ଭୋଗ ପ୍ରସାଦ ନିମିତ୍ତ ରାଜା ବୋଲବୁଙ୍ଗା, ହୁମା, ଗଙ୍ଗାଧରପାଲି, ଧନୁପାଲି,ମହଲେ ଆଦି ସାତଖଣ୍ଡ ଗ୍ରାମ ମନ୍ଦିରକୁ ଦାନ କରିଥିଲେ । ଏଛଡ଼ା ଲୁଇସିଂର ବସୁଦେବ ଜମିଦାର ଅର୍ଦ୍ଧୁଣ୍ଡାରେ ଦୁଇ ଏକର, ହୀରାପୁର ଠାରେ ଗୋଟିଏ ଏକର ଓ ଏଲବୋବାହାଲରେ ୩୫ ଏକର ଜମି ମନ୍ଦିରକୁ ଦାନସୂତ୍ରରେ ଦେଇଥିବାର ଜଣାଯାଏ । ଗ୍ରିଣ୍ଡୋଲାପାଲି ଓ ଭଇଁରୋପାଲିରେ ମଧ ବିମଳେଶ୍ୱରଙ୍କ ଅନେକ ଏକର ଜମି ରହିଥିବାର ଜଣାପଡ଼େ । ଭକ୍ତ ଓ ମାନସିକ କରୁଥିବା ବ୍ୟକ୍ତିମାନେ ସୁନା, ରୂପା, କଂସା, ପିତଳର ବାସନ କୁସନ ତଥା ଗୋରୁ ଗାଈ ମଧ ମନ୍ଦିରକୁ ଦାନ ଆକାରରେ ପ୍ରଦାନ କରିଥାନ୍ତି । ଶୁଣାଯାଏ, ଭୂ-ସମ୍ପତ୍ତି ବ୍ୟତୀତ ପଚାଶରୁ ଊର୍ଦ୍ଧ୍ୱ ଯୋଡ଼ି ଗାଈ, ଗୋରୁ, ଦୁଇକେଜିର ସୁନା ଗହଣା ଓ ମିଳିତ ଚାଳିଶରୁ ପଚାଶ କେଜିଯାଏ ରୂପା ସାମଗ୍ରୀ, ପ୍ରାୟ ତିନିଶହ କେଜିର ପିତଳ ସାମଗ୍ରୀ ସହିତ ବହୁ ନିତ୍ୟବ୍ୟବହାର୍ଯ୍ୟ ମନ୍ଦିରର ସମ୍ପତ୍ତି ଭାବରେ ରହିଛି । ପ୍ରତିବର୍ଷ ପଚିଶ ଲକ୍ଷରୁ ଅଧିକ ଭକ୍ତ ଓ ପର୍ଯ୍ୟଟକ ବିଭିନ୍ନ ପର୍ବପର୍ବାଣି ତଥା ଅନ୍ୟାନ୍ୟ ଅବସରରେ ଏହି ମନ୍ଦିର ପରିଦର୍ଶନରେ ଆସିଥାନ୍ତି । ସେମାନେ ମଧ ଅର୍ଥଦାନ କରନ୍ତି । ଏହା ବ୍ୟତୀତ ରୁଦ୍ରାଭିଷେକ, ଆହ୍ନିକ ଜଳଶାୟୀ, ଜପ, ଚଣ୍ଡୀପାଠ, ବ୍ରତ, ବିବାହ, ଲକ୍ଷଫୁଲ ବେଲପତ୍ର ପ୍ରଭୃତି ପାଇଁ ମଧ ଦାନ ଗ୍ରହଣ କରାଯାଏ ।

ଆକର୍ଷଣୀୟ ଦର୍ଶନୀୟ ସ୍ଥାନଟି ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ଆସି ପହଞ୍ଚିଛି ।

ମନ୍ଦିର ପରିସର ମଧ୍ୟରେ ଦୋଳ ମଣ୍ଡପର ପଶ୍ଚାତ ଭାଗରେ ମୁଖ୍ୟ ମନ୍ଦିରକୁ ପ୍ରବେଶର ଉତ୍ତର ପଥରେ ଯେଉଁ ଦୁଇଟି ଶିଳା ପ୍ରୋଥିତ ହୋଇଥିବାର ଦେଖାଯାଏ, ତାହା ବିମଳେଶ୍ୱର ମନ୍ଦିରକୁ ଗ୍ରାମଦାନର ସାକ୍ଷୀ ବୋଲି ଲୋକ ବିଶ୍ୱାସ । କିମ୍ବଦନ୍ତୀ ଅନୁଯାୟୀ ସେହି ଶିଳାଦ୍ୱୟରୁ ଆକୃତିର ଶିଳାଟି ଗଧଶିଳା ଏବଂ ତାର ପାଦଦେଶରେ ସ୍ଥିତ କ୍ଷୁଦ୍ର ଶିଳାଟି ଶୁକରୀ ଶିଳା ବୋଲି ଲୋକେ ବିଶ୍ୱାସ କରନ୍ତି । ଲୋକଶ୍ରୁତି ଅନୁସାରେ ଉପରୋକ୍ତ ଗ୍ରାମଦାନ ସମୟରେ ରାଜା ଘୋଷଣା କରିଥିଲେ ଯେ କେହି ଭବିଷ୍ୟତରେ ଏହି ଦାନ ଉଚ୍ଛେଦ କଲେ, ତାର ବାପା ଗଧ ଓ ମା ଶୁକରୀ ହେବେ ଏବଂ ଏହି ଶିଳାଦ୍ୱୟ ହେବେ ସେହି ଗଧ ଓ ଶୁକରୀର ପ୍ରତୀକ । ଉପରୋକ୍ତ ଗ୍ରାମ ଗୁଡ଼ିକରୁ ମନ୍ଦିରର ସୁପରିଚାଳନା ନିମନ୍ତେ ଆବଶ୍ୟକୀୟ ଅର୍ଥ ଆସୁଥିଲା । ସେତେବେଳେ ଲୋକେ ଧର୍ମକୁ ମାନି ଚଳୁଥିଲେ ଏବଂ ଦେବାଦେବୀଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ସାଙ୍ଗକୁ ଭୟ ମଧ ରହୁଥିଲା । ତେଣୁ ମନ୍ଦିରକୁ ଆସୁଥିବା ଅର୍ଥ ଯେମିତି ଅସତ୍ ଉପାୟରେ ବିନିଯୋଗ ନହୁଏ ସେଥିପାଇଁ ଏହିପରି ଲୋକ ବିଶ୍ୱାସର ସୃଷ୍ଟି ଅପରିହାର୍ଯ୍ୟ ଥିଲା ବୋଲି ମନେହୁଏ ।

ଆଉ ଏକ କିମ୍ବଦନ୍ତୀ ଅନୁସାରେ ପୁରୀ ଗଜପତି ଅନଙ୍ଗ ଭୀମଦେବ ୩ୟଙ୍କ ରାଜତ୍ୱ କାଳରେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଏହି ମନ୍ଦିର ତୋଳା ହୋଇଥିଲା । ପୁରୀ ଗଜପତି ଶାପଗ୍ରସ୍ତ ହୋଇ କୌଣସି ଏକ ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ଥିଲେ । ଶାପମୁକ୍ତ ହେବା ନିମନ୍ତେ ଅନଙ୍ଗ ଭୀମଦେବ ସମ୍ବଲପୁର ବାଟଦେଇ ଗଙ୍ଗାସ୍ନାନ ପାଇଁ ଯାଇଥିଲେ ଏବଂ ସେତେବେଳେ ସମ୍ବଲପୁରଠାରୁ ଏକ ଯୋଜନ(ପ୍ରାୟ ୨୦ କିଲୋମିଟର) ଦୂରରେ ମହାନଦୀ ତୀରରେ ବିମଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ । କିନ୍ତୁ ଇତିହାସ କହେ, ହୁମା ମନ୍ଦିର ସମ୍ବଲପୁରର ଚୌହାଣ ବଂଶୀୟ ପ୍ରଥମରାଜା ବଳରାମ ଦେବଙ୍କ ରାଜତ୍ୱ ସମୟରେ ପଞ୍ଚଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ତାଙ୍କ ପରେ ତାଙ୍କର ଉତ୍ତରାଧିକାରୀ ରାଜା ବଳିଆର ସିଂହ ଏହର ମନ୍ଦିର ଖ୍ରୀଷ୍ଟାବ୍ଦ ୧୬୭୦ରେ ତୋଳେଇଥିଲେ । ସେମାନଙ୍କ ତର୍କର ମୁଖ୍ୟ ଆଧାର ହେଲା ନିର୍ମାଣ ଶୈଳୀ । ଓଡ଼ିଶାରେ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ନିର୍ମିତ ମନ୍ଦିର ଗୁଡ଼ିକ ଚାରୁକଳାପୂର୍ଣ୍ଣ । କିନ୍ତୁ ଏହର ହୁମା ମନ୍ଦିରରେ ମୂର୍ତ୍ତି ବା ଚାରୁକଳା ଦୃଷ୍ଟିଗୋଚର ହୁଏ ନାହିଁ । ଏହା ଚୌହାଣ ବଂଶ ଦ୍ୱାରା ନିର୍ମିତ ଅନ୍ୟାନ୍ୟ ଦେବାଳୟ ସଦୃଶ ସରଳ ।

ମନ୍ଦିର ପ୍ରତିଷ୍ଠା ନେଇ ରାଜନୈତିକ ତଥା ସାମାଜିକ କାରଣ ଅନ୍ୟପ୍ରକାର ହୋଇପାରେ । ସେଥିପାଇଁ ତତ୍କାଳୀନ ସାମାଜିକ ତଥା ରାଜନୈତିକ ପରିବେଶ ପ୍ରତି ଦୃଷ୍ଟି ଦିଆଯିବା ନିତାନ୍ତ ବିଧେୟ । ଏଠାରେ ଉଲ୍ଲେଖନୀୟ ଯେ ସମ୍ବଲପୁର ଏକଦା ଆଦିବାସୀ ବହୁଳ ଅଞ୍ଚଳ ଥିଲା । ଏଠାର ଭୌଗୋଳିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡ଼େ ଯେ ଏହି ଅଞ୍ଚଳ ପୂର୍ବେ ଘୋର ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଏଠାରେ ଶିବାଳୟଗୁଡ଼ିକରେ ଅଣବ୍ରାହ୍ମଣମାନେ ପୂଜକ ଥିବାର ଦୃଷ୍ଟାନ୍ତ ରହିଛି । ସମ୍ଭବତଃ ହୁମା ଅଞ୍ଚଳ ମଧ ଘୋର ଜଙ୍ଗଲ ପରିପୂର୍ଣ୍ଣ ଆଦିବାସୀ ବହୁଳ ଅଞ୍ଚଳ ଥିଲା । ପରବର୍ତ୍ତୀକାଳରେ ହିନ୍ଦୁଜାତିର ଲୋକମାନେ ଆସି ଏଠି ବସତି ସ୍ଥାପନ କରିଛନ୍ତି । ଅନୁମାନ କରାଯାଇପାରେ ଯେ ଲିଙ୍ଗରୂପୀ ପଥର ଆଦିବାସୀ ଦେବତା ରୂପେ ପୂଜା ପାଉଥିଲେ । ବଳରାମ ଦେବ ସମ୍ବଲପୁରର ପ୍ରଥମ ରାଜା ହେବାର ଦାୟିତ୍ୱ ବହନ କରିବା ପରେ ରାଜ୍ୟକୁ ଶକ୍ତିଶାଳୀ ତଥା ସମ୍ପ୍ରସାରଣ କରିବା ଉଦ୍ଦେଶ୍ୟରେ ନିଶ୍ଚିତ ଭାବରେ ସେ ଚେଷ୍ଟିତ ଥିବେ । ସେଥିପାଇଁ ସ୍ଥାନୀୟ ଆଦିବାସୀମାନଙ୍କୁ ସନ୍ତୁଷ୍ଟ ରଖି ସେମାନଙ୍କ ସହଯୋଗ କାମନା କରିଥିବେ । ତେଣୁ ଆଦିବାସୀମାନଙ୍କୁ କରଗତ କରିବା ପାଇଁ ଆଦିବାସୀ ଦେବତାଙ୍କୁ ହିନ୍ଦୁ ଦେବତା ରୂପେ(ବିମଳେଶ୍ୱର) ଗ୍ରହଣ କରି ଦେଉଳଟିଏ ନିର୍ମାଣ କରିଛନ୍ତି । ସ୍ଥାନୀୟ ଆଦିବାସୀ ପ୍ରଜାଙ୍କୁ ସନ୍ତୁଷ୍ଟ ରଖିବା ପାଇଁ ବଳିଆର ସିଂହଙ୍କ ଏହି ନୀତି ପରବର୍ତ୍ତୀ କାଳରେ ତାଙ୍କର ଉତ୍ତରାଧିକାରୀମାନେ ମଧ ସମ୍ଭବତଃ ଗ୍ରହଣ କରିନେଇଛନ୍ତି ଏବଂ ଅଞ୍ଚଳକୁଳର ଅନ୍ୟାନ୍ୟ ମନ୍ଦିର ସବୁ ତୋଳେଇଛନ୍ତି । ଏହି ଦୃଷ୍ଟିକୋଣରୁ ବିଚାର କଲେ

ଭଜନ ପ୍ରସଙ୍ଗ

ଆଦିବାସୀ-ହିନ୍ଦୁ ସମନ୍ୱୟ କ୍ରମରେ ହୁମାର ବିମଳେଶ୍ୱର ଦେବ ଏକ ପ୍ରକୃଷ୍ଟ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ ।

ଜନକୋଳାହଳଠାରୁ ବହୁ ଦୂରରେ , ପ୍ରାକୃତିକ ପରିବେଶ ମଧ୍ୟରେ ଏହି ନିକାଞ୍ଚନ ପୀଠଟିର ଅବସ୍ଥିତି ଅତୀବ ମନୋହର । ଶ୍ୟାମଳ ସୁଷମାଭରା ଶୋଭା ସମ୍ଭାରର ଅପୂର୍ବ ପ୍ରାକୃତିକ ଦୃଶ୍ୟ ଦର୍ଶକର ହୃଦୟକୁ ଏକ ସ୍ୱର୍ଗୀୟ ଆନନ୍ଦରେ ଉଦ୍‌ବେଳିତ କରାଇଥାଏ । ବିଶେଷତଃ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟଦେବଙ୍କର ସୁନେଲୀ କିରଣ ପୁଣ୍ୟତୋୟା ମହାନଦୀର ଚଳଚଞ୍ଚଳ ଜଳଧାରା ଉପରେ ପ୍ରତିଫଳିତ ହୋଇ ଅପୂର୍ବ ଦୃଶ୍ୟ ସମ୍ଭାର ସୃଷ୍ଟି କରେ । ଏହି ପବିତ୍ର ସ୍ଥାନଟିର ମହନୀୟତାକୁ ଉପଲବ୍ଧି କରି ଅନେକ, କବି, ପାଠକ, ଲେଖକ, ଭାବୁକ, ଉପାସକ, ସାଧକ ,ରୋଗୀ, ଭୋଗୀ, ଯୋଗୀ ଓ ଭକ୍ତ ବର୍ଷର ବିଭିନ୍ନ ସମୟରେ ଏଠାକୁ ଆସି ଶିବ ଆରାଧନାରେ ଲିପ୍ତ ରହି ନିଜ ନିଜର ମନୋବାଞ୍ଛା ପୂର୍ଣ୍ଣ କରିଥାନ୍ତି ।

ପ୍ରାୟ ଦୁଇଶହ ଫୁଟ ଦୈର୍ଘ୍ୟ ଓ ଏକଶହ କୋଡ଼ିଏ ଫୁଟ ପ୍ରସ୍ଥ ବିଶିଷ୍ଟ ଆୟତାକାର ପରିଧି ମଧ୍ୟରେ ବିମଳେଶ୍ୱରଙ୍କ ମନ୍ଦିର ଅବସ୍ଥିତ । ମନ୍ଦିରର ସମଗ୍ର ପରିସର ଇଟା ଓ ପ୍ରସ୍ତର ପ୍ରାଚୀର ଦ୍ୱାରା ପରିବେଷ୍ଟିତ ହୋଇଥିବାର ଦେଖାଯାଏ । ମୁଖ୍ୟ ମନ୍ଦିର ବ୍ୟତୀତ ପରିସରର ପୂର୍ବ-ଦକ୍ଷିଣ କୋଣରେ ପରସ୍ପର ସଂଲଗ୍ନ ଦୁଇଟି କ୍ଷୁଦ୍ର ମନ୍ଦିର କପିଳେଶ୍ୱର ବାବା ଏବଂ ଭୁବନେଶ୍ୱର ବାବାଙ୍କ ଉଦ୍ଦେଶ୍ୟରେ ତଥା ଉତ୍ତରରେ ଭୈରବୀଙ୍କ ପାଇଁ ନିର୍ମିତ । ପରିସରର ଅଭ୍ୟନ୍ତରରେ ପୂର୍ବଦ୍ୱାର ସମୀପରେ ଅରୁଣସ୍ତମ୍ଭ ଦଣ୍ଡାୟମାନ । ପଶ୍ଚିମବେଢ଼ା କାନ୍ଥ ସଂଲଗ୍ନରେ ଭଣ୍ଡାର ଘର ଓ ତା ନିକଟରେ ପ୍ରଭୁ ଜଗନ୍ନାଥଙ୍କର ମନ୍ଦିର ଅଛି । ଏହାଛଡ଼ା ଦକ୍ଷିଣରେ ଭୋଗଶାଳା ଏବଂ ଚାରୋଟି ପ୍ରକୋଷ୍ଠ ବିଶିଷ୍ଟ ବିଶ୍ରାମାଗାର ମଧ୍ୟ ଅବସ୍ଥିତ । ମନ୍ଦିରର ବାହ୍ୟ ପରିସର ଚଟାଣ ପ୍ରସ୍ତର ଦ୍ୱାରା ଆଚ୍ଛାଦିତ । ମନ୍ଦିର ପରିସରକୁ ପ୍ରବେଶ କରିବା ପାଇଁ ତିନୋଟି ଦ୍ୱାର ରହିଅଛି । ଉତ୍ତରରେ ମୁଖ୍ୟ ଦ୍ୱାର ଅବସ୍ଥିତ । ଅନ୍ୟ ଦୁଇଟି ଦ୍ୱାର ପୂର୍ବ ଓ ପଶ୍ଚିମକୁ ଅବସ୍ଥିତ । ପଶ୍ଚିମ ଦ୍ୱାରଦେଶରୁ ମହାନଦୀକୁ ଏକ ପକ୍‌କା ରାସ୍ତା । କିଛିଦୂର ଯାଇ ଏକ ତୋରଣ ନିର୍ମିତ ହୋଇଛି । ତୋରଣ ପରେ ବାଇଶଟି ପାହାଚ ମହାନଦୀର ମଣ୍ଡପ ଘାଟକୁ ଯାଇଛି । ପୂର୍ବ ଦ୍ୱାରଟି ଧୂଳି ପୋଖରୀକୁ ଯାଇଛି । ବିମଳେଶ୍ୱରଙ୍କ ପାଦ ପାଞ୍ଚଫୁଟରୁ ଉର୍ଦ୍ଧ୍ୱରେ ଅବସ୍ଥିତ । ତେଣୁ ମହାନଦୀରେ ବନ୍ୟା ଆସିଲେ ମଧ୍ୟ ବନ୍ୟାଜଳ ମନ୍ଦିର ଗାତ୍ରରେ ପ୍ରବେଶ କରିବାର ସମ୍ଭାବନା ନଥାଏ । ଲୋକମୁଖରୁ ଶୁଣାଯାଏ ଯେ ଗତ ୨୦ ବର୍ଷ ତଳେ ମହାନଦୀରେ ଏକ ପ୍ରଳୟଙ୍କାରୀ ବନ୍ୟା ଦେଖାଦେଲା । ବନ୍ୟାଜଳ କେବଳ ମନ୍ଦିରର ବାହ୍ୟ ପରିସରର ପୂର୍ବଦ୍ୱାର ଦେଶକୁ ସ୍ପର୍ଶ କରିଥିଲା । ସାଧାରଣ ଲୋକଙ୍କ ପାଇଁ ଏହା ଏକ ଅଲୌକିକ ଘଟଣା ସଦୃଶ ମାନସ ପଟଳରେ ଏବେ ମଧ୍ୟ ବିରାଜମାନ ।

ହୁମା ମନ୍ଦିରର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହାର ଗଠନ ଓ ଅବସ୍ଥିତି । ଏହା ଗୋଟିଏ ପଟକୁ ଅଣେଇ ହୋଇ ପଡ଼ିଛି । ବର୍ଣ୍ଣିତ ଶୈବ ପୀଠର ସମସ୍ତ ମନ୍ଦିର ତଥା ଉତ୍ତର ଫାଟକ ପ୍ରତ୍ୟେକ ପଶ୍ଚାତ ଭାଗରେ ସମ୍ପୂର୍ଣ୍ଣ ଲମ୍ବ ଭାବରେ ନରହି ସାମାନ୍ୟ ଢ଼ଳି ରହିଛି ବା ତେରଛା ଭାବେ ଅବସ୍ଥିତ । ମନ୍ଦିରର ନିର୍ମାଣ କୌଶଳରେ ଏହି ଆଶ୍ଚର୍ଯ୍ୟଜନକ ବୈଶିଷ୍ଟ୍ୟ ପ୍ରତ୍ୟେକ ଯାତ୍ରୀ ତଥା ଦର୍ଶକର ଦୃଷ୍ଟି ଆକର୍ଷଣ କରିବା ଅତି ସ୍ୱାଭାବିକ । ପୃଥିବୀ ପ୍ରସିଦ୍ଧ ପିସାର ନଇଁ ପଡ଼ିଥିବା ଅଟ୍ଟାଳିକା ସମ୍ବନ୍ଧରେ ଗଣ ଅନେକେ ଅବଗତ । ହେଲେ ସମ୍ବଲପୁରର ହୁମାସ୍ଥିତ ବିମଳେଶ୍ୱର ବୈଶିଷ୍ଟ୍ୟମୟ ମନ୍ଦିର ବିଷୟରେ ଅପେକ୍ଷାକୃତ କମ ଲୋକ ପରିଚିତ । ସେ ଯାହାହେଉ ବିମଳେଶ୍ୱର ମନ୍ଦିର ପଶ୍ଚାତ ଭାଗରେ ଉତ୍ତର-ପଶ୍ଚିମକୁ ଢ଼ଳି ପଡ଼ିଥିବା ବେଳେ , କପିଳେଶ୍ୱର ଓ ଭୁବନେଶ୍ୱର ମନ୍ଦିର ଦକ୍ଷିଣ-ପୂର୍ବକୁ ସାମାନ୍ୟ ଢ଼ଳି ପଡ଼ିଥିବାର ଲକ୍ଷ୍ୟ କରାଯାଏ । ମନ୍ଦିର ମୂଳରୁ ତେରଛାକୃତି ହେଲେ ମଧ୍ୟ ତାର ପଦ୍ମାକୃତି ବିଶିଷ୍ଟ ଚୂଡ଼ା ଭୂପୃଷ୍ଠ ସହିତ ଲମ୍ବ ଭାବରେ ବିଦ୍ୟମାନ । ଶୁଣାଯାଏ ଗଡ଼ଜାତ ରାଜତ୍ୱ କାଳରେ ମନ୍ଦିର କାଳେ ଢଳି ପଡ଼ି ଭାଙ୍ଗିଯିବ ସେହି ଆଶଙ୍କା କରି ମୁଖ୍ୟ ମନ୍ଦିରର ବାହାର ପଟେ ପିଢ଼ା ତିଆରି କରାଯାଇଥିଲା । ପୁନଶ୍ଚ ଅରୁଣ ସ୍ତମ୍ଭ ପୂର୍ବକୁ ତେରଛା ଦେଖାଯାଏ, ଉତ୍ତର ଫାଟକ ପଶ୍ଚାତରେ ପଶ୍ଚିମ-ଦକ୍ଷିଣକୁ ତେରଛା ଦେଖାଯାଏ । ଏବେ ନୂଆ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିଲେ ମଧ୍ୟ ତାହା ବି ପଶ୍ଚାତ ତେରଛା ଥିବା ମନେହୁଏ । ଅର୍ଥାତ ବର୍ଣ୍ଣିତ ଶୈବପୀଠର ପରିସର ଭିତରେ ଯାହାସବୁ ଅଛି, ସବୁ ତେରଛା । ଏହା ନିଶ୍ଚିତ ଭାବରେ ପ୍ରତ୍ନତାତ୍ତ୍ୱିକ ବିସ୍ମୟ ଓ ଗବେଷଣାର ବିଷୟ ।

ମନ୍ଦିର କାହିଁକି ଏପରି ତେରଛା ହେଲା ସେ ବିଷୟରେ ମଧ୍ୟ ଅନେକ ଲୋକଶ୍ରୁତି ରହିଛି । କେତେଜଣ କହନ୍ତି ଯେ ମୂଳରୁ ଏହା ଏହି ଭାବରେ ନିର୍ମିତ ହୋଇଥିଲା । ଆଉ କେତେଜଣଙ୍କ ମତରେ ଭୂମିକମ୍ପ କାଳକ୍ରମେ ଏହା ନଇଁ ପଡ଼ିଛି । ଏକ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ମନ୍ଦିର ତିଆରି କାମ ଯେତେବେଳେ ଚାଲିଥିଲା, ସେତେବେଳେ ଦିନେ ଅର୍ଦ୍ଧରାତ୍ର ସମୟରେ ମନ୍ଦିରର କାରିଗରମାନେ ଏକ ଭୟଙ୍କର ଶବ୍ଦ ଶୁଣିବାକୁ ପାଇଲେ । ମନ୍ଦିର ତିଆରି କାମ ସେତେବେଳକୁ ସମ୍ପୂର୍ଣ୍ଣ ହେବା ଉପରେ । କେବଳ ମୂର୍ତ୍ତି ମାଡ଼ିବା କାମ ବାକି ରହିଥାଏ । ପରଦିନ ସକାଳେ ମନ୍ଦିରର ରୂପ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ । ମନ୍ଦିର ସାମାନ୍ୟ ଢ଼ଳି ପଡ଼ିଛି । କାରିଗରମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା । ରାଜାଙ୍କ ଦଣ୍ଡ ବିଷୟ ଚିନ୍ତା କରି ସମସ୍ତେ ପ୍ରମାଦ ଗଣିଲେ । କିନ୍ତୁ ମୁଖ୍ୟ କାରିଗରଙ୍କୁ ସେହିଦିନ ରାତିରେ ବିମଳେଶ୍ୱର ଦର୍ଶନ ଦେଇ କହିଲେ, ''ଏହି ସ୍ଥାନ ଅପବିତ୍ର ହୋଇଛି । ତେଣୁ ମୁଁ ପାତାଳକୁ ଗମନ କରୁଛି । ମୋ ନିଜ ଇଚ୍ଛାରେ ଏହି ମନ୍ଦିରଟି ଏହି ରୂପ ପଡ଼ିଛି । ଭୟ କରିବାର ନାହିଁ । ହେଲେ ମନ୍ଦିରର ଏହି ରୂପ ଭବିଷ୍ୟତରେ ଏହି ସ୍ଥାନର ଖ୍ୟାତିକୁ ବଢ଼ାଇବ ।'' ବିମଳେଶ୍ୱର ଅଭୟବାଣୀ ଶ୍ରବଣ କରି ମନ୍ଦିର ଚୂଡ଼ାରେ ଦଧିନଉତି ଓ କଳସ ବସାଯାଇଛି ବୋଲି ଲୋକମୁଖରୁ ଶୁଣିବାକୁ ମିଳେ । ମନ୍ଦିରକୁ ଲକ୍ଷ୍ୟ କଲେ ସୁସ୍ପଷ୍ଟ ଜଣାପଡ଼େ ଯେ ଦଧି ନଉତି ଓ କଳସ ଏବେ ମଧ୍ୟ ଝଲଖି ରହିଛି ।

ମନ୍ଦିର ନିର୍ମାଣ ହୋଇଥିବା ସ୍ଥାନଟି ପ୍ରସ୍ତରମୟ । ତେଣୁ ପିସାର ଅଟ୍ଟାଳିକା ସଦୃଶ ଭୂମି ଦୋଷରୁ ଏହା ଢଳି ପଡ଼ିନାହିଁ ବୋଲି ବୁଝିହେବ । ଉପରୋକ୍ତ କିମ୍ବଦନ୍ତୀକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ମନ୍ଦିର ନିର୍ମାଣ ସମୟରେ ରାତିରେ ଯେଉଁ ପ୍ରଚଣ୍ଡ ଶବ୍ଦ ଶୁଣାଗଲା, ତାହା ସମ୍ଭବତଃ ଭୂମିକମ୍ପର ଶବ୍ଦ ହୋଇପାରେ, ଯାହାଦ୍ୱାରା ଉପଯୁକ୍ତ

ପ୍ରସ୍ତର ଶଯ୍ୟାରେ ସାମାନ୍ୟ ପରିବର୍ତ୍ତନ ହୁଏତ ହୁମା ମନ୍ଦିରର ନଇଁ ପଡ଼ିବାର କାରଣ ହୋଇପାରେ । ଏହି ପ୍ରକାର ନିର୍ମାଣ କୌଶଳ ଯାତ୍ରୀ, ଭକ୍ତ ଓ ଦର୍ଶକ ମନରେ ବିସ୍ମୟ ତଥା ଅଲୌକିକ ଭାବ ଉଦ୍ରେକ କରିବା ସ୍ୱାଭାବିକ ମନେହୁଏ । ଏହି ଶୈବପୀଠର ଆଉ ଏକ ବିସ୍ମୟ ହେଲା ଏଠି ଲିଙ୍ଗ ଓ ନାଗ ଉଭୟେ ବକ୍ର । ପୁନଶ୍ଚ ଲିଙ୍ଗଗର୍ଭ ପ୍ରଚଣ୍ଡ ଗ୍ରୀଷ୍ମକାଳରେ ଜଳପୂର୍ଣ୍ଣ ଥିବାବେଳେ ବର୍ଷା ଦିନେ ଏହା ଜଳଶୂନ୍ୟ ଦେଖାଯାଏ ବୋଲି ଶୁଣିବାକୁ ମିଳେ । ଏହାର ଆଉ ଏକ ବିଶେଷତ୍ୱ ହେଲା ଯେ ଲିଙ୍ଗ ଗର୍ଭରେ ଯେତେ ପରିମାଣରେ ଜଳ ଭର୍ତ୍ତି କଲେ ମଧ୍ୟ ଏହା ଅବିଳମ୍ବେ ଅନ୍ତଃ ନିଷ୍କାସିତ ହୋଇଯାଏ । ଏହି କାରଣରୁ ଭକ୍ତ ତଥା ମାନସିକ କରୁଥିବା ବ୍ୟକ୍ତି ଏଠାରେ ଜଳାଭିଷେକ କରନ୍ତି ନାହିଁ । ସୂର୍ଯ୍ୟର ଆପେକ୍ଷ ଗତିଜନିତ ଦକ୍ଷିଣ ଓ ଉତ୍ତର ଅୟନାନ୍ତ ପରେ ପୂର୍ବାକାଶରେ ଉଦୟକାଳୀନ ସୂର୍ଯ୍ୟଦେବଙ୍କର ଆଦ୍ୟ ସ୍ୱର୍ଣ୍ଣାଭ କିରଣ ବିମଳେଶ୍ୱର ଦେବଙ୍କ ସିଂହାସନରେ ପ୍ରତ୍ୟକ୍ଷ ପ୍ରତିଫଳିତ ହୋଇଥାଏ ବୋଲି କୁହାଯାଏ । ଯାହାକି ଏହି ପୀଠର ଅନ୍ୟତମ ବୈଶିଷ୍ଟ୍ୟ ବୋଲି ଲୋକମୁଖରୁ ଶୁଣାଯାଏ ।

ମଚ୍ଛିଘାଟ ହେଲା ହୁମା ପୀଠର ଅନ୍ୟତମ ବିଶେଷ ଆକର୍ଷଣ । ଈଷତ୍ ତାମ୍ରବର୍ଣ୍ଣଯୁକ୍ତ 'କୁଡ଼ୋ' ମାଛ ନାମକ ଏକ ନିର୍ଦ୍ଦିଷ୍ଟ ଜାତୀୟ ମାଛର ଏହା ହେଲା ଆବାସସ୍ଥଳୀ । ଭୟରେ ହେଉ ଅବା ଭକ୍ତିରେ ହେଉ, ଏମାନଙ୍କୁ କେହି ମାରନ୍ତି ନାହିଁ । ଜନୈକା ମହିଳା କାହା କଥାକୁ କର୍ଣ୍ଣପାତ ନକରି କୁଡ଼ୋ ମାଛଟିଏ ମାରି ପନିକିରେ କାଟୁଥିବା ଅବସ୍ଥାରେ ପଥର ପାଲଟି ଯାଇଥିବାର କିମ୍ବଦନ୍ତୀ ଆଜିଯାଏ ଏଠି ପ୍ରଚଳିତ । ସେ ଯାହା ହେଉ ଯାତ୍ରୀମାନଙ୍କ ହାତରୁ ସେହି ମାଛମାନେ ନିର୍ଭୟରେ ଲିଆ, ଲଡୁ ଆଦି ଖାଦ୍ୟ ଦ୍ରବ୍ୟ ଗ୍ରହଣ କରନ୍ତି । ମନୁଷ୍ୟ ସହିତ ମାଛର ବନ୍ଧୁତାର ନିଦର୍ଶନ ବୋଧହୁଏ କେବଳ ଏହିଠାରେ ବିଦ୍ୟମାନ । ନିର୍ଭୟରେ ବିଚରଣ କରୁଥିବା ଏହି କୁଡ଼ୋ ମାଛମାନେ ସିଧାସଳଖ ମଣିଷ ହାତରୁ ଖାଦ୍ୟଗ୍ରହଣ କରିଥାନ୍ତି । କିନ୍ତୁ ବନ୍ଧୁତାରେ ଆଞ୍ଚ ଆସିବାର ଆଭାସ ପାଇଲେ ପାଣିରେ ବୁଡ଼ିଯାଆନ୍ତି ବୋଲି ଶୁଣାଯାଏ । ଗୋଟିଏ କଥା ସତ ଯେ ମଣିଷ ଏଠାରେ ଭକ୍ତ ନ ହୋଇ ଏକାବେଳକେ ଭକ୍ତ ପାଲଟିଯାଏ । ଦଶାବତାରର ମୀନରୂପୀ ନାରାୟଣଙ୍କର ସତ୍ତାକୁ ଉପଲବ୍ଧି କରି ଆତ୍ମବିଭୋର ହୋଇ ଉଠେ । ବର୍ଷାଦିନେ ଏହି ମତ୍ସ୍ୟତୀର୍ଥ କ୍ଷେତ୍ରରେ କୁଡ଼ୋମାଛ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ପାଣି ତଳେ ପଥର ଗାତରେ ଲୁଚି ଯାଆନ୍ତି । ମହାନଦୀରେ ବଢ଼ି ପାଣି ଛାଡ଼ିଗଲେ ସେମାନେ ପୁଣି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । କୁଡ଼ୋ ମାଛକୁ ଖୁଆଇବା ଆଳରେ ସ୍ଥାନୀୟ କେତେଜଣ ଗରୀବ ଲୋକ ଲିଆ, ଲଡୁ ଆଦି ବିକ୍ରୟ କରି ଦୁଇ ପଇସା ରୋଜଗାର କରିଥାନ୍ତି । ଏତଦ୍‌ବ୍ୟତୀତ ମହାନଦୀରେ ନୌକା ବିହାର ହୁମାପୀଠର ଆଉ ଏକ ଆକର୍ଷଣ ।

ଶ୍ରୀଶ୍ରୀ ବିମଳେଶ୍ୱରଦେବଙ୍କ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଶ୍ରାବଣ ମାସର ପ୍ରତି ସୋମବାର, କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ, ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ, ଶିବରାତ୍ରି, ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ, ଚନ୍ଦନଯାତ୍ରା, ଶୀତଳ ଷଷ୍ଠୀ ପ୍ରଭୃତି ପ୍ରଧାନ । ଏହି ଅବସରରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କର ସମାବେଶ ଦେଖିବାକୁ ମିଳେ । ପ୍ରତିବର୍ଷ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀଦିନ ମଚ୍ଛିଘାଟରେ "ଘାଟପୂଜା" ଅନୁଷ୍ଠିତ ହୁଏ । ଏହି ପୂଜା ଏହି ପୀଠର ଅନ୍ୟତମ ବୈଶିଷ୍ଟ୍ୟ । ଘାଟରେ ଯେଉଁ ମାଛମାନେ ଦେଖାଯାଆନ୍ତି, ସେମାନଙ୍କର ସ୍ୱତନ୍ତ୍ର ନାମ ରହିଛି । ଏହିଦିନ ସେମାନଙ୍କର ନାମ ଉଚ୍ଚାରଣ କରି ସେମାନଙ୍କୁ ଆବାହନ କରାଯାଏ ଏବଂ ଖାଦ୍ୟ ଅର୍ପଣ କରାଯାଏ । ଏହି ଅପୂର୍ବ ଦୃଶ୍ୟ ଅବଲୋକନ କରିବା ପାଇଁ ଶହ ଶହ ଯାତ୍ରୀ ମଚ୍ଛିଘାଟରେ ଆସି ଉପସ୍ଥିତ ରହନ୍ତି । ଏହିଦିନଠୁ ମାଛମାନେ ଘାଟରେ ଦେଖାଯାଆନ୍ତି ଏବଂ ହରିଶୟନୀ ଯାଏ ସ୍ୱଚ୍ଛନ୍ଦରେ ବିଚରଣ କରୁଥିବାର ଲୋକ ବିଶ୍ୱାସ ରହିଛି । ଏହାଛଡ଼ା ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ । ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମାରେ ଚନ୍ଦନଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏହାଛଡ଼ା ପିତୃପକ୍ଷ ଏବଂ ଅନ୍ୟାନ୍ୟ ସମୟରେ ଯାତ୍ରୀମାନେ ପିତୃତର୍ପଣାଦି କ୍ରିୟା ଅନୁଷ୍ଠାନ ମଧ୍ୟ କରିଥାନ୍ତି । ପିତୃପୁରୁଷର ପିଣ୍ଡଦାନ କରିବା ସଙ୍ଗେ ସଙ୍ଗେ ଚିତାଭସ୍ମ ମଧ୍ୟ ବିସର୍ଜନ କରିଥାନ୍ତି ।

ସମଗ୍ର ଭାରତବର୍ଷରେ ଏହା ଏକ ପୌରାଣିକ ପ୍ରାଚୀନ ଶୈବପୀଠ । ଏଠାରେ ଯେଉଁସବୁ ଐତିହାସିକ ତଥା ପୌରାଣିକ ତଥ୍ୟ ସବୁ ଲୁକ୍କାୟିତ ଅବସ୍ଥାରେ ଅଛି, ସେଗୁଡ଼ିକୁ ଯଦି ବିଧିବଦ୍ଧ ଭାବେ ଗବେଷଣା କରାଯାଇ ଅନୁଧ୍ୟାନ କରାଯାଆନ୍ତା, ତାହେଲେ ଅନେକ ତଥ୍ୟ ଉଦ୍‌ଘାଟିତ ହୋଇପାରନ୍ତା ।

ମହାନଦୀର ରମଣୀୟ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ହୁମାର ଶୈବପୀଠ ଦୂରଦୂରାନ୍ତରୁ ଯାତ୍ରୀ ତଥା ଦର୍ଶକର ପ୍ରାଣକୁ ପୁଲକିତ କରିବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଚେତନା ଦ୍ୱାରା ପରିପୁଷ୍ଟ କରି ଆସୁଛି । ଏହି ଶୈବପୀଠକୁ ଏକ ପୁଣ୍ୟ ଭୂମିରେ ପରିଣତ କରିବା ପାଇଁ ଇତିହାସ ପ୍ରସିଦ୍ଧ ମହାନଦୀର ମହାନ ଅବଦାନକୁ ମଧ୍ୟ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ । ସମୟର କରାଳ ଗତିରେ ଅବଶ୍ୟ ଏହାର ଗୌରବୋଜ୍ଜ୍ୱଳ ଅତୀତ ମ୍ଳାନ ପଡ଼ିଯାଉଛି । ମହାଶିବରାତ୍ରି, ଘାଟପୂଜା, ଚନ୍ଦନଯାତ୍ରା ଆଦି ପର୍ବପର୍ବାଣି ଓ ମେଳାର ଆକର୍ଷଣ ମଧ୍ୟ ଅନେକାଂଶ ହ୍ରାସ ପାଉଛି । ପରିବେଶକୁ ଆହୁରି ରମଣୀୟ କରି ଗଢ଼ି ତୋଳିବା ପାଇଁ ତଥା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ସ୍ତରରେ ବିଶେଷ ଉଦ୍ୟମ ହେବା ବାଞ୍ଛନୀୟ । ଏହି କ୍ଷେତ୍ରରେ ସରକାରୀ ଅନୁଦାନର ଆବଶ୍ୟକତା ସର୍ବୋପରି ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

ନବକୃଷ୍ଣ ଚୌଧୁରୀ,ଉଚ୍ଚତର ଗବେଷଣା କେନ୍ଦ୍ର
ଭୁବନେଶ୍ୱର-୭୫୧୦୧

• • •

# ତନ୍ତ୍ରୋକ୍ତ ମହାପ୍ରସାଦ

● ଶ୍ରୀ ବଂଶୀଧର ଭୋଇ

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପ୍ରତ୍ୟେକ ବିଷୟ ତାତ୍ପର୍ଯ୍ୟପୂର୍ଣ୍ଣ । ବଡ଼ଠାକୁର କହିଲେ ଭାରତ ନୁହେଁ, ସମଗ୍ର ବିଶ୍ୱ କେବଳ ଶ୍ରୀଜଗନ୍ନାଥଙ୍କୁ ହିଁ ବୁଝିଥାନ୍ତି । ସେହିପରି ବଡ଼ଦେଉଳ କହିଲେ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରକୁ, ବଡ଼ଦାଣ୍ଡ କହିଲେ ଶ୍ରୀମନ୍ଦିରର ସିଂହଦ୍ୱାର ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପରିବ୍ୟାପ୍ତ, ବଡ଼ସିଂହାସନ କହିଲେ ଠାକୁରଙ୍କ ରତ୍ନ ସିଂହାସନ, ମହୋଦଧି କୂଳ କହିଲେ କେବଳ ଶ୍ରୀ କ୍ଷେତ୍ର ପୁରୀଧାମର ସମୁଦ୍ର ବେଳାଭୂମିକୁ ଏବଂ ମହାପ୍ରସାଦ କହିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଅନ୍ନଭୋଗକୁ ହିଁ ବୁଝାଇଥାଏ ।

ମହାପ୍ରସାଦ ଏକ ତାନ୍ତ୍ରିକ ଶବ୍ଦ । ତନ୍ତ୍ରାଚାରରେ ଏବଂ ଭୈରବୀ ଚକ୍ରରେ ଯେଉଁ ଅନ୍ନ ବ୍ୟଞ୍ଜନାଦି ଭୋଗ ସମର୍ପିତ କରାଯାଏ, ତାହା ମହାପ୍ରସାଦରେ ପରିଣତ ହୁଏ । ସୁତରାଂ ମହାଦେବୀ ବିମଳାଙ୍କ ପୀଠ ଶାକ୍ତ ପୀଠ ହୋଇଥିବାରୁ ତନ୍ତ୍ରାଚାରରେ ଦକ୍ଷିଣାଚାର, ବାମାଚାର ଓ କୌଳାଚାର ପ୍ରଥା ପ୍ରଚଳିତ । ବାମମାର୍ଗର ପଦ୍ଧତି ଅନୁଯାୟୀ ମାଂସ, ମଦ୍ୟ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ ପ୍ରଭୃତି ପଞ୍ଚମକାରଗୁଡ଼ିକୁ ଶୁଦ୍ଧକରି କାଳୀ, ତାରା ପ୍ରଭୃତି ଦଶ ମହାବିଦ୍ୟାସ୍ଥିତ ଅର୍ପଣ କରାଯାଇଥାଏ, ଯାହାକି ଚକ୍ରାର୍ଚ୍ଚନା ନାମରେ ଅଭିହିତ । ଶାକ୍ତମାନେ ଜଗନ୍ନାଥଙ୍କୁ କାଳୀରୂପେ କଳ୍ପନା କରିଥାଆନ୍ତି । କିନ୍ତୁ ବୈଷ୍ଣବାଗମର ଆଗମନ ଫଳରେ ଏହି ପଞ୍ଚମକାର ମୁଖ୍ୟ ପୂଜା ସାତ୍ତ୍ୱିକ ରୀତିରେ ହୋଇଥାଏ । ଏହି ପଞ୍ଚତତ୍ତ୍ୱ ଉପଚାର ବର୍ତ୍ତମାନ ମଧ୍ୟ ଜଗନ୍ନାଥ ସଂସ୍କୃତିରେ ପରିଲକ୍ଷିତ । ଏହି ଅନୁକଳ୍ପର ବିଧାନ ବାମମାର୍ଗର ପଦ୍ଧତି ଅନୁଯାୟୀ ମଦ୍ୟ ପରିବର୍ତ୍ତେ କଂସା ପାତ୍ରରେ ପବିତ୍ର ଜଳ କିମ୍ବା ସଦ୍ୟଶ୍ଚିତ ନଡ଼ିଆପାଣି ଘୋରା (ପଣା) ଜଳ, ମାଂସ ସ୍ଥାନରେ ଅଦା ସଙ୍ଗେ ଗୁଡ଼ ବା ଶାଗ, ମତ୍ସ୍ୟ ସ୍ଥାନରେ ହିଙ୍ଗପିଠା, ଦେବତାଙ୍କୁ ଯୋନିମୁଦ୍ରା ପ୍ରଦର୍ଶନ ଏବଂ ମୈଥୁନ ପରିବର୍ତ୍ତେ ଦେବଦାସୀ ନୃତ୍ୟ ଓ ଗୀତ ଗୋବିନ୍ଦ ଗାନ । ଅତଏବ ଜଗନ୍ନାଥଙ୍କ ନୀତି ଓ ପୂଜା ବିଧିରେ ଶକ୍ତି ଉପାସନା ନିହିତ । ଏହା ଶିବଶକ୍ତି ନାମରେ ପରିଚିତ । ତେଣୁ ତନ୍ତ୍ର ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି ।

"ମଦ୍ୟ, ମାଂସ, ମତ୍ସ୍ୟ ମୁଦ୍ରାଂ ମୈଥୁନମେବଚ

ମକାର ପଞ୍ଚକଂ ଚୈବ ମହାପାତକ ନାଶନଂ" ।

ସମସ୍ତ ପୂଜା ଉପଚାର ପରେ ଉକ୍ତ ଶ୍ଳୋକଟିକୁ ଆବୃତ୍ତି କରାଯାଇ ଠାକୁରଙ୍କୁ ପ୍ରସାଦ ସମର୍ପଣ କରାଯାଏ । -

"କୈବଲ୍ୟ ରୋହୀନାଦେବୀଂ ବିମଳା ବିମଳପଦାଂ

ଗୃହଣନ୍ତୁ ହରିଂ କୈବଲ୍ୟଂ ବୃଷ୍ଟି ସୃଷ୍ଟ୍ୟନ୍ତକାରିଣୀ"

ସୁତରାଂ ଷଡ଼ାଙ୍ଗ ନ୍ୟାସ ବିଧି ଦ୍ୱାରା ଏହାର ଅବଗ୍ର ଲୋପ କରାଯାଇ ନିମ୍ନଲିଖିତ ବିଧିମତେ ଚକ୍ର ଆରୋପଣ କରାଯାଏ । ଯଥା :-

୧- ସଂସ୍କାର ସିଦ୍ଧ ବୈଷ୍ଣବାଗ୍ନିରେ ମହାଲକ୍ଷ୍ମୀଙ୍କ ପ୍ରତିନିଧିସ୍ୱରୂପ ମହାସୁପକାରଙ୍କ ଦ୍ୱାରା ରନ୍ଧନ କରାଯାଏ ।

୨- ନବଚକ୍ର - ଶ୍ରୀ ଯନ୍ତ୍ରରେ ସ୍ୱର୍ଣ୍ଣମୟ ପାତ୍ରରେ ରଖାଯାଏ ।

୩- ଦ୍ୱାଦଶାକ୍ଷରୀ - ମନ୍ତ୍ରରାଜ ପାତାଳ ନୃସିଂହ ମନ୍ତ୍ରରେ ପ୍ରୋକ୍ଷଣ ଘଟେ ।

୪- ଅଷ୍ଟାଦଶାକ୍ଷରୀ - ଗୋପାଳ ମନ୍ତ୍ରରେ

୫- ମହାଭୈରବୀ ବିମଳାଙ୍କୁ ସମର୍ପଣ କରାଯାଏ ।

୬- ବିଶ୍ୱକ୍‌ସେନ, ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ, ଧ୍ରୁବ, ଇନ୍ଦ୍ର ଓ ଇନ୍ଦ୍ରଦ୍ୟୁମ୍ନ ଏହି ଶ୍ରେଷ୍ଠ ଅଷ୍ଟବୈଷ୍ଣବଙ୍କୁ ବଳି ନୈବେଦ୍ୟ ଦେବା ପରେ ମହାପ୍ରସାଦ ପୂର୍ଣ୍ଣତା ଲାଭ କରେ ।

ସୁତରାଂ ତନ୍ତ୍ରାଚାରରେ ଓ ଭୈରବୀ ଚକ୍ରରେ ଅଧିଷ୍ଠିତ ଦେବୀଙ୍କ ନିକଟରେ ଅନ୍ନ ବ୍ୟଞ୍ଜନାଦି ସମର୍ପିତ ଭୋଗକୁ ମହାପ୍ରସାଦ କହନ୍ତି । ତନ୍ତ୍ରୀତି ପରମ୍ପରାରେ ପ୍ରସାଦ ସେବନ ପାଇଁ ଜାତି ବର୍ଣ୍ଣର ବିଚାର ନଥାଏ । କୁଳାର୍ଣ୍ଣ ତନ୍ତ୍ରରେ ମଧ୍ୟ ଅଛି ଭୈରବୀ ଚକ୍ର ପ୍ରବର୍ତ୍ତିତ ହେଲେ ସବୁ ବର୍ଣ୍ଣମାନ ଦ୍ୱିଜ ଜାତି ବ୍ରାହ୍ମଣ ପରି ମିଶି ଯାଆନ୍ତି କିନ୍ତୁ ଯେତେବେଳେ ଚକ୍ର ନିବୃତ୍ତ ହେଲେ ସବୁବର୍ଣ୍ଣ ପୃଥକ ହୁଅନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ମତ ଅନୁସାରେ ଏବେ ମଧ୍ୟ ଜଗନ୍ନାଥଙ୍କ ସମ୍ମୁଖରେ ଯେଉଁଠାରେ ଭୋଗ ବଢ଼ାହୋଇ ମହାପ୍ରସାଦ ହୁଏ, ତାହାକୁ ଭୈରବୀ ଚକ୍ର ବୋଲି କୁହନ୍ତି । ସେଥିପାଇଁ ସିଂହାସନରେ ଗୋଟିଏ ଭୈରବ ଖୋଳା ଯାଇଛି ।

ଏହି ମହାପ୍ରସାଦ ସମ୍ପର୍କରେ ଏକ ପୌରାଣିକ କାହାଣୀ ଜଣାଯାଏ - ଦେବର୍ଷି ନାରଦ ପ୍ରତିଦିନ ବୈକୁଣ୍ଠପୁରକୁ ପ୍ରଭୁ ନାରାୟଣଙ୍କ ଦର୍ଶନ ପାଇଁ ଆସନ୍ତି । ନାରାୟଣଙ୍କ ଉଚ୍ଛିଷ୍ଟ ପ୍ରସାଦ କିପରି ପାଇବେ ଦେବର୍ଷିଙ୍କ ପ୍ରବଳ ଇଚ୍ଛା ହେବାରୁ ଲକ୍ଷ୍ମୀଦେବୀଙ୍କୁ ଏକଥା ଜଣାଇଲେ । କିନ୍ତୁ ପ୍ରଭୁଙ୍କ ଉଚ୍ଛିଷ୍ଟ କାହାକୁ ଦିଆଯିବ ନାହିଁ । ନାରାୟଣଙ୍କ ଆଜ୍ଞା କଥା ଲକ୍ଷ୍ମୀଦେବୀ ନାରଦଙ୍କୁ ଜଣାଇ ଦେଲେ । ଏହି କଥା ଶୁଣିବା ପରେ ନାରଦ କିଛି ନଭାବି କଠିନ ତପସ୍ୟା କଲେ । ବର୍ଷପରେ ବର୍ଷ ବାରବର୍ଷ ଅତିକ୍ରାନ୍ତ ହେବା ପରେ ଶେଷରେ ଲକ୍ଷ୍ମୀଙ୍କୁ ନାରଦଙ୍କୁ ତପସ୍ୟାରୁ ନିବୃତ୍ତ ହେବାପାଇଁ ବୁଝାଇଲେ । କିନ୍ତୁ ନାରଦ ତାଙ୍କ କଥାରେ ଜିଦ୍ ଧରିବାରୁ ସେ ଫେରି ଆସିଲେ । ଦେବର୍ଷିଙ୍କ ତପସ୍ୟା ଫଳବତୀ ନହେବାରୁ ସେ ଅନ୍ୟ ଏକ ଉପାୟ ସ୍ଥିର କଲେ । ପ୍ରତିଦିନ ପ୍ରତ୍ୟୁଷରୁ ନାରଦ ଦାସୀ ରୂପରେ ବୈକୁଣ୍ଠ ପୁରରେ ପ୍ରଭୁଙ୍କ ସେବା କଲେ । ଏକଥା ଲକ୍ଷ୍ମୀଦେବୀ ଜାଣିପାରି ସହଚରୀମାନଙ୍କ ଦ୍ୱାରା ଲୁଚି କରି ଦେଖିଲେ । ନାରଦଙ୍କର ଏକାନ୍ତ ନିଷ୍ଠା ଓ ଭକ୍ତି ଦେଖି ଲକ୍ଷ୍ମୀଦେବୀ ପ୍ରଭୁ ନାରାୟଣଙ୍କୁ ଜଣାଇଲେ । ଏଥିରେ ପ୍ରଭୁ ନାରାୟଣ

କ୍ରମଶଃ ପୃଷ୍ଠା

ମହାପ୍ରଭୁ ଜାଣି ତାଙ୍କର ଅଧରାମୃତ ଦେବାପାଇଁ ସମ୍ମତି ଜଣାଇ ଲକ୍ଷ୍ମୀଙ୍କୁ ନାନାପ୍ରକାର ସୁଖାଦ୍ୟ ରାନ୍ଧିବା ପାଇଁ କହିଲେ ଏବଂ ପ୍ରଭୁଙ୍କର ଭୋଜନ ପରେ ଉଚ୍ଛିଷ୍ଟ ନାରଦଙ୍କୁ ପ୍ରଦାନ କଲେ । ପ୍ରଭୁଙ୍କ ଉଚ୍ଛିଷ୍ଟ ପାଇ ନାରଦ ଅତ୍ୟନ୍ତ ଆନନ୍ଦିତ ହୋଇ ଶିବଙ୍କ ନିକଟକୁ ଗଲେ । ଶିବ ନାରଦଙ୍କ ହସଖୁସି ମୁଖ ଦେଖି ଏହାର କାରଣ ପଚାରିବାରୁ ନାରଦ ନାରାୟଣଙ୍କ ଉଚ୍ଛିଷ୍ଟ ପାଇବା କଥା ଜଣାଇଲେ । ଶିବ ଏହିକଥା ଶୁଣି କିପରି ନାରଦଙ୍କ ଉଚ୍ଛିଷ୍ଟ ପାଇପାରିବେ, ନାରଦଙ୍କୁ କହିବାରୁ ନାରଦ ତାଙ୍କ ଅଙ୍ଗୁଳିର ନଖକୋଣରେ ଲାଗିଥିବା ଉଚ୍ଛିଷ୍ଟ ଦେଲେ । ଶିବ ଏ ଉଚ୍ଛିଷ୍ଟ ପାଇ ମହାଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ । ଉକ୍ତ ନୃତ୍ୟ ତାଣ୍ଡବ ନୃତ୍ୟରେ ପରିଣତ ହେବା ଫଳରେ ପୃଥିବୀ କମ୍ପିବାକୁ ଲାଗିଲା । ଏହା ଦେଖି ପାର୍ବତୀ ଦେବୀ ଶିବଙ୍କ ନିକଟକୁ ଯାଇ ସବୁ ଜାଣି ସାରିବା ପରେ ସେ ମଧ ତାଙ୍କ ଉଚ୍ଛିଷ୍ଟ ପାଇବା ପାଇଁ ଇଚ୍ଛା କଲେ କିନ୍ତୁ ଶିବ ଉକ୍ତ ଉଚ୍ଛିଷ୍ଟ ଦେବାକୁ ମନା କରି ଦେଇ କହିଲେ, ତୁମେ ବିମଳା ନାମରେ ଅଧିଷ୍ଠାତ୍ରୀ ଦେବୀ ପରିଚିତା ହୋଇ ଶ୍ରୀକ୍ଷେତ୍ରରେ ମହାପ୍ରସାଦ ସେବନ କରିବ । ତେଣୁ ଦେବୀ ପାର୍ବତୀ ମଧ କଠୋର ତପସ୍ୟା କଲେ । ନାରାୟଣ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ କହିଲେ, "କଳିଯୁଗରେ ମୁଁ ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହେବି, ତୁମେ ବିମଳା ନାମରେ ଆବିର୍ଭୂତା ହେବ । ଯେଉଁ ଭୋଗ ପ୍ରତିଦିନ ଲାଗିବ ମୁଁ ଆସ୍ୱାଦନ କରିବା ପରେ ତୁମ ନିକଟରେ ସମର୍ପଣ ହେବା ପରେ ମହାପ୍ରସାଦରେ ପରିଣତ ହେବ । ଶିବ ଏ ପ୍ରସାଦ ନଦେଇଥିବାରୁ ମୋ ବାଇଶି ପାହାଚ ତଳେ ଅଧିଷ୍ଠିତ ହେବେ । ଯେଉଁମାନେ ଏହି ମହାପ୍ରସାଦ ଗ୍ରହଣ କରିବେ, ସମସ୍ତ ପାପ ଶେଷ ହେବା ସଙ୍ଗେ ସଙ୍ଗେ ବୈକୁଣ୍ଠ ପ୍ରାପ୍ତି ହେବ । ସୁତରାଂ ଜଗନ୍ନାଥଙ୍କ ପ୍ରସାଦ କେବଳ ବିମଳାଙ୍କୁ ଅର୍ପଣ କରାଯାଏ ଏବଂ ଅନ୍ୟ କୌଣସି ଦେବଙ୍କୁ ଦିଆଯାଏ ନାହିଁ । ବିମଳାଙ୍କ ଠାରେ ସମର୍ପଣ ନ କରିବା ପର୍ଯ୍ୟନ୍ତ "ମହାପ୍ରସାଦ" ନାମ ଧାରଣ କରିପାରେ ନାହିଁ । ସୁତରାଂ "ମା" ଙ୍କ ଠାରେ ନୈବେଦ୍ୟ ଦେବା ପରେ ପ୍ରସାଦ ଦିବ୍ୟ ମହାପ୍ରସାଦରେ ରୂପାନ୍ତରିତ ହୁଏ । ତେଣୁ କେତେକ 'ମା' ପ୍ରସାଦ ବୋଲି ଆଖ୍ୟା ଦେଇଥାନ୍ତି ।

ଏହି ଅନ୍ନ-ବ୍ୟଞ୍ଜନର ପାଚନ ଏକ ତାନ୍ତ୍ରିକ ଏବଂ ତତ୍ପର୍ଯ୍ୟପୂର୍ଣ୍ଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରାଯାଏ । ସୁତରାଂ ଶ୍ରୀମନ୍ଦିର ରୋଷ ଶାଳାରେ ଚୂଲୀ ଗୁଡ଼ିକ ଛଅ ଛିଦ୍ର ବିଶିଷ୍ଟ ନଅଟି ଖୋପ । ସାଂଖ୍ୟ ବିଚାରରେ ଏହା ଏକ ଷଡ଼ଚକ୍ର ଓ ଷଟ୍‌କୋଣାତ୍ମକ ଅଗ୍ନିଯନ୍ତ୍ର ଭାବରେ ଆଖ୍ୟାୟିତ ।

ଅତ ଏବ ବ୍ରହ୍ମଚକ୍ର, ଶ୍ରୀଚକ୍ର, ଭୈରବୀ ଚକ୍ର, ପୀଠଚକ୍ର, ନୀଳଚକ୍ର ଓ ଦେବଚକ୍ର ପ୍ରଭୃତିକୁ ଷଟ୍‌ଚକ୍ର କୁହାଯାଇଥାଏ । ଏହି ଚକ୍ରମାନଙ୍କ ମଧ୍ୟରେ ବ୍ରହ୍ମଚକ୍ର-ଏକ ଲକ୍ଷ ଶାଳଗ୍ରାମ ସମଷ୍ଟି ବିଶିଷ୍ଟ ପୀଠ ଉପରେ ଅବସ୍ଥିତ ରତ୍ନସିଂହାସନ ।

ଶ୍ରୀଚକ୍ର- ରତ୍ନସିଂହାସନସ୍ଥ ତ୍ରିଉପଚକ୍ର ବା ତ୍ରିଯନ୍ତ୍ରରେ ଉପବିଷ୍ଟ ତ୍ରିଦେବତା। ସୁତରାଂ ତାରାଯନ୍ତ୍ରରେ ଶ୍ରୀ ବଳଦେବ, ଭୁବନେଶ୍ୱରୀ ଯନ୍ତ୍ରରେ ଶ୍ରୀ ସୁଭଦ୍ରା ଏବଂ ଶ୍ୟାମା ଯନ୍ତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅଧିଷ୍ଠିତ ଥିବାବେଳେ ଚକ୍ରାବଜ୍ର ଯନ୍ତ୍ରରେ ସୁଦର୍ଶନ ଅଧିଷ୍ଠିତ ହୋଇଛନ୍ତି ।

ଭୈରବୀ ଚକ୍ର - ଅଗ୍ନିଯନ୍ତ୍ର ମଧ୍ୟରୁ ଏହି ଯନ୍ତ୍ରଟି ଷଟ୍‌କୋଣାକାର ହୋଇ ଏକ ବୃତ୍ତ ମଧ୍ୟରେ ଅଙ୍କିତ । ବୃତ୍ତର ପରିଧି ବାହାର ପାର୍ଶ୍ୱରେ ଅଷ୍ଟଦଳ (ପଦ୍ମପାଖୁଡ଼ା) ଭୈରବୀ ଚକ୍ର । ଅତଏବ କୁଳାର୍ଣ୍ଣବ ତନ୍ତ୍ରରେ ବର୍ଣ୍ଣନା କରାଯାଇଛି ।

"ପ୍ରବୃତ୍ତେ ଭୈରବୀଚକ୍ରେ ସର୍ବବର୍ଣ୍ଣାଃ ଦ୍ୱିଜାଯ଼ୋଃ
ନିବୃତ୍ତେ ଭୈରବୀଚକ୍ରେ ସର୍ବବର୍ଣ୍ଣାଃ ପୃଥକ୍ ପୃଥକ୍ "

ସୁତରାଂ ଭୈରବୀ ଚକ୍ରରେ ପ୍ରତିଷ୍ଠିତ ଏବଂ ନିବେଦିତ ଅନ୍ନଭୋଗ ମହାପ୍ରସାଦରେ ପରିଣତ ହୁଏ-ସେବନ କରୁଥିବା ସମସ୍ତ ବ୍ୟକ୍ତି ବ୍ରାହ୍ମଣ ପରି ମିଶି ଏକ ଜାତି ହୋଇ ଯାଆନ୍ତି । ତନ୍ତ୍ରାଦି ପରମ୍ପରାରେ ପ୍ରସାଦ ସେବନ ପାଇଁ ଜାତିବର୍ଣ୍ଣର ବିଚାର ନଥାଏ ।

ସେହିପରି ଶରୀରସ୍ଥ ନବଦ୍ୱାର ମଧ୍ୟଦେଇ ନବାଗ୍ନିଦ୍ୱାରା ପଚନ, ପାଚନ, କ୍ଷରଣ ହୋଇ ଜୀବର ଜୀବତ୍ୱ ରକ୍ଷା କରେ । ଏହି ନବାଗ୍ନି ଛିଦ୍ର ବା ଚୂଲିରେ ରନ୍ଧନ ଦ୍ୱାରା ଅନ୍ନ ମହାପ୍ରସାଦରେ ପରିଣତ ହୁଏ । ଏହି ଶରୀର ଦୁଇଚକ୍ଷୁ, ଦୁଇନାସା, ଦୁଇକର୍ଣ୍ଣ, ମୁଖ ଓ ଗୁହ୍ୟ ଓ ମୂତ୍ରଦ୍ୱାର ଗୁଡ଼ିକ ନବଦ୍ୱାର ଏବଂ ଅଗ୍ନି ହେଉଛନ୍ତି ଜ୍ୟୋତି, ଆକର୍ଷଣୀ (ପ୍ରାଣ) ଶ୍ରୁତି, କ୍ଷୁଧା, ରେଚନ ଓ ବୀର୍ଯ୍ୟ (ଶକ୍ତି) । ନବଗ୍ରହଙ୍କ ଅଧିପତି ଗ୍ରହରୂପୀ ଜନାର୍ଦ୍ଦନ ହେଉଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ।

ଏ ସମ୍ପର୍କରେ ମହାଭାରତର ସଭାପର୍ବ ଦ୍ୱିତୀୟ ଖଣ୍ଡରେ ଉଲ୍ଲେଖ ଅଛି-

ଆହୋ ବିଭୀଷଣ ଅଳଟା ଅବଟା କରି ପରିବା ପୂରେଇ
ଚୂଲୀରେ ବସାଇଲେ ସେ ଅମୃତ ପାକ ହୋଇ (୧୩୭)
ବିଶ୍ୱନାଥଙ୍କ ପାଇଁ ରାନ୍ଧି ପରଶନ୍ତି ଯେସନ ଗଉରୀ
ନାରାୟଣ ତୋଷିଲା ଯେହ୍ନେ ଲକ୍ଷ୍ମୀ ଯେ ଶରୀରୀ । (୧୩୮)
ସତ୍ୟଯୁଗେ ନଳ ଯେହ୍ନେ ଅମୃତ ପାକ କରି
ଦେବତାଙ୍କ ତୋଷିଲା ଯେହ୍ନେ ଷଡ଼ରସ ଯୋଗାଡ଼ି । (୧୩୯)

\+ + +

ବିଭୀଷଣ କର୍ଣ୍ଣ ଘେନି ଦେବ ଗଙ୍ଗାକୂଳେ ବିଜେ
ତିନି ପକ୍ଷ ନାବ ନନ୍ଦନ ବନ୍ଦୁ ଅରଣକ ସଜେ । (୧୪୩)
ଆଦିହୁଁ ବ୍ରାହ୍ମଣ ଚାଣ୍ଡାଳ ଯାୟେ ଯେକା ଆସନେ
ସବୁଛି ଯେକ ତୁଲ୍ୟ ଭୋଜନ ବିଧାନେ (୧୪୪)

\+ + +

ନିତ ମହାପ୍ରସାଦ ବୋଲିଣ ଅର୍ଜୁନ ଜଣାଇ
ସ୍ୱାମୀ ବିଭୀଷଣ କର୍ଣ୍ଣ ଘେନି ପ୍ରକର ଜଗୁସାଇଁ (୨୪୮)

ସ୍ୱାମୀ ବିଭୀଷଣ ... ଡଃ ଗୋପୀନାଥ ମହାପାତ୍ରଙ୍କ ଅନୁସାରେ କୋଣାର୍କ ଓ ଶ୍ରୀଜଗନ୍ନାଥ ମନ୍ଦିରର ଭୋଗ ମଣ୍ଡପ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇନାହିଁ । ଏହା ପରବର୍ତ୍ତୀ ସମୟରେ ନିର୍ମିତ । ତେଣୁ ଏ କ୍ଷେତ୍ରରେ ଏତକ କହିବା ସମୀଚୀନ ହେବ ଯେ ତ୍ରୟୋଦଶ ଶତାବ୍ଦୀ ବେଳକୁ ଜଗନ୍ନାଥ ଧାମ ସର୍ବସମନ୍ୱୟକ୍ଷେତ୍ର ଭାବରେ ପ୍ରସିଦ୍ଧ ହୋଇ ସାରିଥିଲା । ଶୈବ, ଶାକ୍ତ, ବୈଷ୍ଣବ ଓ ଅନ୍ୟ ଧର୍ମାବଲମ୍ବୀମାନେ ଏକତ୍ର ମହାପ୍ରସାଦ ସେବନ କରୁଥିଲେ । ଅବଶ୍ୟ ଏହି ସମୟର ବହୁପୂର୍ବରୁ ସମାଜରେ ସର୍ବଧର୍ମ ସମନ୍ୱୟର ମତବାଦ ମୁଣ୍ଡ ଟେକିଥିଲା । ଶୈବ ଓ ବୈଷ୍ଣବଙ୍କ ମଧ୍ୟରେ ସମନ୍ୱୟତା ପାଇଁ ସୋମବଂଶୀ ରାଜାଙ୍କ ଦ୍ୱାରା ନିର୍ମିତ ଭୁବନେଶ୍ୱର ଲିଙ୍ଗରାଜ ଉଭୟ ହରିହର ରୂପେ ପୂଜିତ ହେବାକୁ ବିଧିବିଧାନ

କରାଯାଇଥିଲା ଏବଂ ଶ୍ରୀ ଜଗନ୍ନାଥଙ୍କୁ ଭୈରବ ଓ ମହାଦେବୀ ବିମଳାଙ୍କୁ ଭୈରବୀ ବୋଲି କୁହାଗଲା । ଶ୍ରୀ ଜଗନ୍ନାଥଙ୍କ ନିକଟରେ ହେଉଥିବା ନୈବେଦ୍ୟ ମହାପ୍ରସାଦ ରୂପେ ଆଦୃତ ହେବା ଦୃଷ୍ଟାନ୍ତ ପୃଥିବୀରେ ବିରଳ । ଭୈରବୀ ଚକ୍ରସ୍ଥ ପ୍ରସାଦ କେବଳ ମହାପ୍ରସାଦ ରୂପେ ପରିଣତ ହୋଇଥାଏ, ଏହି ପଦ୍ଧତି ବାମମାର୍ଗୀୟ ଶକ୍ତି ଉପାସନାର ଅନ୍ତର୍ଗତ । ସୁତରାଂ ସମଗ୍ର ଭାରତ ଭୂଖଣ୍ଡ ଏବଂ ଭାରତ ବାହାରେ ଧର୍ମ ବର୍ଣ୍ଣ ଜାତି ଲିଙ୍ଗ ନିର୍ବିଶେଷରେ ବିନା ଦ୍ୱିଧାରେ ଆଗ୍ରହରେ ପ୍ରସାଦ ସେବନ କରିଥାଆନ୍ତି । କାରଣ ଭୈରବୀ ଚକ୍ରରେ ସମସ୍ତ ଧର୍ମ ବର୍ଣ୍ଣ ସମାନ କିନ୍ତୁ ଏହି ଚକ୍ରରୁ ନିବୃତ୍ତ ହେଲେ ପ୍ରତ୍ୟେକ ଧର୍ମ ବର୍ଣ୍ଣ ପୃଥକ୍ ହୋଇଯାଏ ।

ଅତଏବ ମହାପ୍ରଭୁ ଶ୍ରୀ ଜଗନ୍ନାଥ କାଳିକା ରୂପେ ପୂଜା ପାଉଥାଆନ୍ତି । ଏହି ସମୟରେ ଓଡ଼ିଶା ପଡ଼େ, ମୁଣ୍ଡରେ ଅଳକା ଲଗାଯାଏ ଓ ନାସିକାରେ ନାକଚଣା ପିନ୍ଧାଯାଇ ମହାପ୍ରଭୁ ଜଗନ୍ନାଥଙ୍କର ପୂଜା ଆରମ୍ଭ କରାଯାଏ । ତେଣୁ ତନ୍ତ୍ରଶାସ୍ତ୍ରରେ ଅଛି–

"ନୀଳାଦ୍ରୌ ଶ୍ରୀଜଗନ୍ନାଥଃ
ସାକ୍ଷାତ ଦକ୍ଷିଣ କାଳିକା"

ତ୍ରୟୋଦଶ ଶତାବ୍ଦୀରୁ ପ୍ରଚଳିତ ମହାପ୍ରସାଦ ଊନବିଂଶ ଶତାବ୍ଦୀରେ କିପରି ଏକ ବିବଦମାନ ଅବସ୍ଥାରେ ପହଞ୍ଚିଲା ତତ୍କାଳୀନ ୧୮୭୫ ମସିହାର ସମ୍ବାଦପତ୍ର ଉତ୍କଳ ଦୀପିକାରୁ ସ୍ପଷ୍ଟ ଅନୁମେୟ ହୁଏ–

+++ ୧୪ ତାରିଖ ଅଗଷ୍ଟ ୧୮୭୫ ମସିହା ଉତ୍କଳ ଦୀପିକାର ପୁରୀ ସମ୍ବାଦରୁ ଜଣାଯାଏ ଯେ ଠାକୁରମାନେ ରଥାରୋହଣରେ ସିଂହଦ୍ୱାରକୁ ଫେରି ଆସିଲାରୁ ସେମାନଙ୍କୁ କେଉଁଠାରେ ରଖି ପୂଜା ହେବ ଏଥିରେ ତର୍କ ଉପସ୍ଥାପିତ ହେଲା । ପୁରୀର ରାଜା ସମସ୍ତ ସନ୍ଥ ମହନ୍ତ ପଣ୍ଡିତ ପଣ୍ଡା ପ୍ରଭୃତି ଭଦ୍ରଲୋକଙ୍କୁ ଆହ୍ୱାନ କରି ଶ୍ରୀ ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ଏକ ସଭା ଗଠନ କଲେ । ଅନେକ ତର୍କ ଓ ଶାସ୍ତ୍ରର ପ୍ରସଙ୍ଗ ଉତ୍ତାରୁ ମହନ୍ତ ନାରାୟଣ ଦାସ ଓ ଅନ୍ୟକେତେକ ପଣ୍ଡିତ ମତ ଦେଲେ ଯେ ଅଣସର ବେଦୀର ନିକଟରେ ଠାକୁମାନଙ୍କୁ ବସାଇଲେ ସେଠାରେ ଅନ୍ନଭୋଗ ହୋଇ ପାରିବ ମାତ୍ର ଦକ୍ଷିମାନେ ଏଥିରେ ସମ୍ମତ ହେଲେ ନାହିଁ । ତାଙ୍କର ଆପତ୍ତି ଏହି ଯେ ସିଂହାସନ ଛଡ଼ା ଆଉ କୌଣସି ସ୍ଥାନରେ ଅନ୍ନଭୋଗ ହେବାର ସ୍ପଷ୍ଟବିଧାନ ଶାସ୍ତ୍ରରେ ନାହିଁ । ଏ ଆପତ୍ତି ଖଣ୍ଡନ ନିମିତ୍ତ ମାଦଳା ପାଞ୍ଜିରୁ ଏକ ଉଦାହରଣ ବାହାରିଲା ଯେ ବର୍ତ୍ତମାନ ମନ୍ଦିର ନିର୍ମାଣ ପୂର୍ବ ଏକ ସମୟରେ ମନ୍ଦିର ଜୀର୍ଣ୍ଣ ହେବାରୁ ତହିଁର ସଂସ୍କାର ପର୍ଯ୍ୟନ୍ତ ଠାକୁରମାନେ ବୃକ୍ଷ ନିକଟରେ ରହିଥିଲେ ସେଠାରେ ଅନ୍ନଭୋଗ ଦକ୍ଷିମାନେ ଗ୍ରହଣ ନକରିବାରୁ ମହାପ୍ରଭୁ ଆଜ୍ଞାକ୍ରମେ ଜଣେ ଗୁଙ୍ଗା ଏକ ଶ୍ଲୋକ ପଢ଼ି ଦକ୍ଷିଙ୍କର ପ୍ରତ୍ୟୟ ଜନ୍ମାଇଥିଲା । ଶ୍ଲୋକଟି ପଢ଼ିସାରି ପୁନର୍ବାର ସେ ବ୍ୟକ୍ତି ଗୁଙ୍ଗା ହୋଇ ଦକ୍ଷିମାନେ ଏକଥାକୁ ମାନିନେଲେ ହେଁ ତାହା ଶାସ୍ତ୍ରୋକ୍ତ ନୁହଁଇ ବୋଲି ଆପଣା ପୂର୍ବମତ ପରିତ୍ୟାଗ ନକଲେ । +++ ଗତ ରବିବାର ଦିନ ଠାକୁରମାନଙ୍କର ପହଣ୍ଡି ବିଜେ ହୋଇ ରାଜାଙ୍କର ନିର୍ଦ୍ଦିଷ୍ଟ ସ୍ଥାନ ଅର୍ଥାତ ପ୍ରାଚୀନ ଭଣ୍ଡାର ଘରର ସମ୍ମୁଖ ଓ ବନ୍ଦନକାଷ୍ଠର ବାହାରେ ଅବସ୍ଥିତ କଲେ । ସେବକମାନେ ଅସ୍ୱୀକୃତ ଥିଲାବେଳେ ଦୁଇ ଏକ ଦିନ ରାଜା ଅନ୍ୟାନ୍ୟ ବ୍ରାହ୍ମଣ ଦ୍ୱାରା ସେବାନୀତିମାନ ଚଳାଇ ନେଇଥିଲେ ପରେ ସେବକମାନେ ଆପଣା କର୍ମରେ ଉପସ୍ଥିତ ହେଲେ କିନ୍ତୁ ଯେଉଁ ଅନ୍ନପ୍ରସାଦ ହେଉଛି ତାହା ଉଚ୍ଚ ଶ୍ରେଣୀର ଲୋକ ଗ୍ରହଣ କରୁ ନାହାଁନ୍ତି କେବଳ ରାଜାଙ୍କର ଅନୁଚର ଓ ଯାବତୀୟ କାଙ୍ଗାଳ ଯାତ୍ରୀ ପ୍ରଭୃତି ସେବନ କରୁଅଛନ୍ତି । ଫଳତଃ ଦେଖାଯାଏ ଯେ ରାଜାଙ୍କର ବ୍ୟବସ୍ଥାରେ କେତେକ ଦକ୍ଷି ଓ ସେବକ କାହିଁକି କି ପଣ୍ଡିତ ଓ ଭଦ୍ରଲୋକ ଅଧିକାଂଶ ବିରୁଦ୍ଧମତ ରହୁଥିବାର ଦେଖାଯାଏ ଓ ଯେବେ ମହାପ୍ରସାଦ ସର୍ବତ୍ରରେ ପ୍ରଚଳନ ନହୁଅନ୍ତା ତେବେ ବଡ଼ ଦୁଃଖର ବିଷୟ ହେବ ।

ମହାପ୍ରସାଦ ସମ୍ପର୍କରେ ଉପରୋକ୍ତ ବିବରଣୀକୁ କେନ୍ଦ୍ର କରି ଯେଉଁ ସଙ୍କଟ ସୃଷ୍ଟି ହେଲା ଅକ୍ଟୋବର ୧୬ ଏବଂ ୩୦ ତାରିଖ ୧୮୭୫ ମସିହାରେ ଏହି ସଙ୍କଟ ମୋଚନ ପାଇଁ ପଣ୍ଡିତମାନଙ୍କ ଦୃଷ୍ଟି ଆକର୍ଷଣ କରାଗଲା ।

ଶ୍ରୀ ଜଗନ୍ନାଥଙ୍କର ମନ୍ଦିର ସଂସ୍କାର ଅଦ୍ୟାପି ଆରମ୍ଭ ହୋଇନାହିଁ । ଅଳ୍ପଦିନ ପୁରୀ ରାଜା ମନ୍ଦିରର ଭଗ୍ନ ସ୍ଥାନମାନ ସ୍ୱୟଂ ଦେଖିଥିଲେ ତାହାଙ୍କର ମତ ଏହି ଯେ ସମୁଦାୟ ଛାତ ନୂଆ ନିର୍ମାଣ ନହେଲେ ଅନ୍ୟ କୌଣସି ରୂପେ ଜୀର୍ଣ୍ଣ ସଂସ୍କାର ହୋଇନପାରେ । ରାଜା କମିଶନର ସାହେବଙ୍କ ନିକଟକୁ ଲେଖିଛନ୍ତି ଯେ ବାଜିକ ମହାରା କର୍ମଚାରୀ ଦ୍ୱାରା ନିର୍ମାଣ କାର୍ଯ୍ୟ ହେଲେ ଭଲ ହେବ ଅନ୍ୟ କୌଣସି କାରିଗର ଦ୍ୱାରା ହେବାର ସମ୍ଭାବନା ନାହିଁ । ଜୀର୍ଣ୍ଣ ସଂସ୍କାର ବିଷୟରେ ରାଜା ଲେଖିଛନ୍ତି ଯେ ମନ୍ଦିରର ଆୟବ୍ୟୟ ସମସ୍ତ ନିୟମିତ ବ୍ୟୟରେ ଖର୍ଚ୍ଚ ହୋଇଯାଏ କିଛି ଟଙ୍କା ବଞ୍ଚଇ ନାହିଁ ଯେ ତହିଁରୁ ଏପ୍ରକାର ଅସାଧାରଣ ଖର୍ଚ୍ଚ ନିର୍ବାହ ହୋଇପାରିବ । କମିଶନର ସାହେବ ମନ୍ଦିରର ଆୟବ୍ୟୟର ହିସାବ ରାଜାଙ୍କୁ ତଲବ କରିଥିଲେ ତହିଁରେ ଜମାଖର୍ଚ୍ଚ ଭୁଲ୍ କରି ହିସାବ ଦେଇଛନ୍ତି ଓ ତହିଁରୁ ବାର୍ଷିକ ଆୟରୁ ବ୍ୟୟ ଯାଇ କିଛି ଟଙ୍କା ବଳୁଥିବା ଦେଖାଯାଉ ନାହିଁ । ଏଥିପାଇଁ ରାଜା ପ୍ରସ୍ତାବ କରିଅଛନ୍ତି ଯାତ୍ରୀ ଘରଭଡ଼ା ଟ୍ୟାକ୍ସରୁ ମନ୍ଦିର ସଂସ୍କାର କାର୍ଯ୍ୟ ନିର୍ବାହ ହେଉ ଏତଦ୍ଭିନ୍ନ ଆଉ କିଛି ଉପାୟ ଦିଶୁ ନାହିଁ । +++ ନୂତନ ମହାପ୍ରସାଦ ବିଷୟରେ ଯେଉଁ ଆପତ୍ତିମାନ ହୋଇଅଛି ତାହା ଖଣ୍ଡନ ନିମିତ୍ତ ପଣ୍ଡିତ ତାରାନାଥ ବିଦ୍ୟାସାଗର ଲେଖନୀ ଧାରଣ କରି ଆପତ୍ତିକାରୀଙ୍କ ବ୍ୟବସ୍ଥା ଉପରେ ଏକଖଣ୍ଡ ବ୍ୟବସ୍ଥା ପତ୍ର ଛପାଇ ପ୍ରଚାର କରୁଅଛନ୍ତି ଦେଖାଯିବ ଉତ୍କଳ ପଣ୍ଡିତମାନେ ବଙ୍ଗାଳି ପଣ୍ଡିତଙ୍କ ମତ ବିରୁଦ୍ଧରେ ଆପଣା ମତ ସ୍ଥାପନ କରି ପାରିବେ କି ନାହିଁ ।

ଏ ପ୍ରସଙ୍ଗରେ ଯେଉଁ ମତଭେଦ ଦେଖା ଦେଇଥିଲା, ସେ ବିଷୟ ମୀମାଂସା ହୋଇନପାରି ପୁଣି ସେହି ମାସ ଉତ୍କଳ ଦୀପିକାରେ ପ୍ରକାଶିତ ହେଲା-" ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ଯେଉଁ ବିବାଦ ଲାଗିଥିଲା ତାହା ମୀମାଂସା ହୋଇନାହିଁ । ଅଦ୍ୟାପି ସେହି ରୂପ ମତଭେଦ ରହିଅଛି କିନ୍ତୁ କେଉଁମତ ଯଥାର୍ଥ ତାହା ଜାଣିବା ଆବଶ୍ୟକ ଖଣ୍ଡିଏ ବ୍ୟବସ୍ଥା ପତ୍ର ମୁଦ୍ରିତ ହୋଇ ନାନାସ୍ଥାନରେ ପଣ୍ଡିତମାନଙ୍କ ନିକଟକୁ ପ୍ରେରିତ ହୋଇଅଛି ଯେ ସେମାନେ ଉକ୍ତ ବ୍ୟବସ୍ଥାପତ୍ର ପାଠ କରି ଆପଣା ଆପଣା ମତାମତ ପ୍ରକାଶ କରିବେ ଓ ସମ୍ମତ ବା ଅସମ୍ମତି ସମ୍ବାଦ ବ୍ୟବସ୍ଥା ପ୍ରଚାରକମାନଙ୍କ ନିକଟକୁ ପଠାଇବେ । ଏହି ବ୍ୟବସ୍ଥା ପ୍ରଚାର ଓ ପଣ୍ଡିତଙ୍କ ମତାମତ ଗ୍ରହଣ ସକାଶେ ବାବୁ ଅମ୍ବିକା ଚରଣ

ଚୌଧୁରୀ, ବାବୁ ଗୋପାଳ ଚନ୍ଦ୍ର ମୁଖାର୍ଯ୍ୟା, ବାବୁ ରାମଦାସ ଚକ୍ରବର୍ତ୍ତୀ, ବାବୁ ନବୀନ କୃଷ୍ଣ ସରକାର ଓ ବାବୁ ବଳରାମ ବସୁ ମହାଶୟମାନେ ସମ୍ପାଦକ ହୋଇଥିଛନ୍ତି । ଆମ୍ଭେମାନେ ତାହାଙ୍କର ପତ୍ର ସହିତ ବ୍ୟବସ୍ଥା ପ୍ରାପ୍ତ ହୋଇ ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ଅତିରିକ୍ତ ପତ୍ରରେ ତାହା ପ୍ରକାଶ କଲୁଁ । ଦେଖାଯାଏ ଯେ ଏ ବ୍ୟବସ୍ଥାକୁ ଶ୍ରୀ ଶିବରାମ ମିଶ୍ର, ଗୋପାଳ ମିଶ୍ର, ଗଦାଧର ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର, ମାଧବ ମିଶ୍ର, ଜଗନ୍ନାଥ ଶର୍ମା ପ୍ରଭୃତି ପଣ୍ଡିତମାନେ ପ୍ରଣୟନ କରିଛନ୍ତି । ଏଥିରେ ଅନେକ ଶାସନି ବ୍ରାହ୍ମଣ ଓ ପଣ୍ଡିତ ସମ୍ମତି ଦେଇଛନ୍ତି । ଅପର ସ୍ଥାନର ପଣ୍ଡିତମାନେ ଯେବେ ଏ ବ୍ୟବସ୍ଥାକୁ ଅନୁମୋଦନ କରନ୍ତି ତାହା ହେଲେ ଶ୍ରୀ ଜଗନ୍ନାଥଙ୍କର ପ୍ରଧାନ ମହିମା ମନ୍ଦିର ସଂସ୍କାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିବ ।

ମହାପ୍ରସାଦକୁ ନେଇ ଯେଉଁ ତର୍କ ବିତର୍କ ବାଦ ବିବାଦ ଘନୀଭୂତ ହୋଇଥିଲା ଏବଂ ଶ୍ରୀ ଜଗନ୍ନାଥ ମହାପ୍ରଭୁ ରତ୍ନବେଦୀରୁ ଅନ୍ୟସ୍ଥାନରେ ଅବସ୍ଥିତ ଥିବାବେଳେ ଯେଉଁ ଭୋଗ ଅର୍ପଣ ହେଉଥିଲା, ତାହାକୁ ଯେଉଁ ବ୍ରାହ୍ମଣମାନେ ସେବନ କରିଥିଲେ, ସେ ବ୍ରାହ୍ମଣମାନଙ୍କୁ ମୁକ୍ତିମଣ୍ଡପ ସଭା ଶାସ୍ତ୍ର ସାବ୍ୟସ୍ତ କରି ସମାଜରୁ ବାହାର କରିଦେଥିଲେ କିନ୍ତୁ ବାରବର୍ଷ ପରେ ବ୍ରାହ୍ମଣମାନେ ଗ୍ରାମ ଦେବତାଙ୍କ ପାଇଁ ଗୁଣାଗାରି ଦେଇ ଓ ଗାୟତ୍ରୀ ଗ୍ରହଣ କରି ସମାଜରେ ମିଶିଲେ ।

## ସୂଚନାପତ୍ର

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଚକ୍ରର ଦେବତା ଶ୍ରୀଜଗନ୍ନାଥ, ନିର୍ମାଲ୍ୟ, କଦେରୀ ରୋଡ୍, ପୁରୀ-୧, ସେପ୍ଟେମ୍ବର-ଅକ୍ଟୋବର, ୧୯୮୧ ପୂଜାବିଶେଷାଙ୍କ ।

ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର, ଭାରତୀୟ ଶାକ୍ତ ସଂସ୍କୃତିରେ ଶ୍ରୀ ଜଗନ୍ନାଥ, ନିର୍ମାଲ୍ୟ, କଦେରୀ ରୋଡ୍, ପୁରୀ-୧, ସେପ୍ଟେମ୍ବର-ଅକ୍ଟୋବର-୧୯୮୯ ।

ସୂର୍ଯ୍ୟ ନାରାୟଣ ଦାସ, ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ୧୯୬୨ ।

ଶ୍ରୀ ଦିଲ୍ଲୀପ କୁମାର ସାମନ୍ତରାୟ, ଜଗଜ୍ଜନନୀ, ଦୁର୍ଗା ତଥା ଶ୍ରୀକ୍ଷେତ୍ରେ ବିମଳା, ନିର୍ମାଲ୍ୟ, ସେପ୍ଟେମ୍ବର-ଅକ୍ଟୋବର, ୧୯୮୨ ।


ଶ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତିରେ ସଂଖ୍ୟା ବିଚାର, ଶ୍ରୀମନ୍ଦିର, ୧୯୯୨ ।

ଡଃ ଆର୍ତ୍ତବଲ୍ଲଭ ମହାନ୍ତି, ମୁଖ୍ୟ ସଂକଳକ, ସାରଳା ମହାଭାରତ, ସଭାପର୍ବ ଦ୍ୱିତୀୟ ଖଣ୍ଡ ।

ଡଃ ଗୋପୀନାଥ ମହାପାତ୍ର, ଦାନପତ୍ର ଓ ଶିଳାଲେଖରେ ପୁରୁଷୋତ୍ତମ ବୈଶିଷ୍ଟ୍ୟ(୧୦) ପୃ.୮୨ ଉତ୍କଳ ଦୀପିକା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର ।

*ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର*

• • •



ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର

# ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ

● ଅଧ୍ୟାପକ ଲିଙ୍ଗରାଜ ସାହୁ

ଶିକ୍ଷା ହିଁ ଦେଶର ମାନଦଣ୍ଡ । ଶିକ୍ଷା ଯେତିକି ମାର୍ଜିତ ହୁଏ, ଦେଶ ହୁଏ ସେତିକି ଉନ୍ନତ । ଯେଉଁ ଦେଶ ଜାତୀୟ ଶିକ୍ଷା ପଦ୍ଧତିକୁ ତାର ଐତିହ୍ୟ ଏବଂ ସଂସ୍କୃତିର ଆଦର୍ଶମୟ ଭିତ୍ତିଭୂମି ଉପରେ ଗଠନ କରେ, ସେ ଦେଶ ଜଗତରେ ହୁଏ ଆଦର୍ଶ । ଭାରତରେ ସଂପ୍ରତି ଯେଉଁ ଶିକ୍ଷାପଦ୍ଧତି ଗ୍ରହଣ କରାଯାଉଛି ତାହା ବହୁମୁଖୀ । ଭାରତୀୟ ଶିକ୍ଷା ଆୟୋଗ(୧୯୬୪-୬୬) ଶିକ୍ଷାକୁ ତିନୋଟି ସ୍ତରରେ ବିଭକ୍ତ କରିଛନ୍ତି ଯଥା- ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ଓ ବିଶ୍ୱବିଦ୍ୟାଳୟ ଶିକ୍ଷା । ପ୍ରଥମ ସ୍ତରରେ ପ୍ରାକ୍ ପ୍ରାଥମିକ ଓ ପ୍ରାଥମିକ ଶିକ୍ଷା ଅନ୍ତର୍ଭୁକ୍ତ । ୟୁନେସ୍କୋ ତରଫରୁ ଦିଆଯାଇଥିବା ବିବରଣୀରୁ ଜଣାପଡ଼େ ଯେ ପ୍ରାଥମିକ ଶିକ୍ଷା ପ୍ରାୟ ପାଞ୍ଚବର୍ଷ ପାଇଁ ଉଦ୍ଦିଷ୍ଟ । ତେଣୁ ୬ ରୁ ୧୧ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀମାନେ ଯେଉଁ ଶିକ୍ଷା ପାଆନ୍ତି, ତାକୁ ପ୍ରାଥମିକ ଶିକ୍ଷା କୁହାଯାଏ । ପ୍ରାଥମିକ ଶିକ୍ଷାହିଁ ଶିକ୍ଷା ପଦ୍ଧତିର ମେରୁଦଣ୍ଡ । ଶିଶୁର ଭବିଷ୍ୟତ ନିର୍ଭର କରେ ପ୍ରାଥମିକ ଶିକ୍ଷା ଉପରେ । ଶିଶୁ ନିଷ୍ପାପ ଓ ସରଳ । ସେ ଚାହେଁ ଏକ ସୁନ୍ଦର ପରିବେଶ । ପ୍ରତ୍ୟେକ ଶିଶୁ ବଢ଼ିବା ପାଇଁ ଯେପରି ପାଣି, ଉତ୍ତାପ ଓ ବାୟୁ ଆବଶ୍ୟକ, ସେପରି ସମାଜରେ ଏକ ସୁନାଗରିକ ରୂପେ ବଢ଼ିବାପାଇଁ ପ୍ରାଥମିକଶିକ୍ଷା ଆବଶ୍ୟକ । ପ୍ରାଥମିକ ଶିକ୍ଷା ଶିଶୁର ବ୍ୟକ୍ତିତ୍ୱବୋଧକୁ ଜାଗ୍ରତ କରେ ଓ ସୁନାଗରିକ ଭାବରେ ବଢ଼ିବା ପାଇଁ ପ୍ରେରଣା ଦିଏ । ଦେଶରେ ସମସ୍ତେ ପ୍ରାଥମିକ ଶିକ୍ଷା ଲାଭକଲେ କେହି ନିରକ୍ଷର ରହନ୍ତେ ନାହିଁ । ଯେଉଁ ଦେଶରେ ନିରକ୍ଷରତା, ପରିବ୍ୟାପ୍ତ, ସେ ଦେଶର ଆର୍ଥିକ ଉନ୍ନତି ଅସମ୍ଭବ । ତେଣୁ ନିରକ୍ଷରତା ଦାରିଦ୍ର୍ୟ, ଦୂରୀକରଣ ସହ ପ୍ରାଥମିକ ଶିକ୍ଷା ନିବିଡ଼ ଭାବରେ ସମ୍ପୃକ୍ତ । ଦେଶର ସାମାଜିକ ଓ ଆର୍ଥିକ ଉନ୍ନତି କରିବାକୁ ହେଲେ ସମସ୍ତଙ୍କୁ ପ୍ରାଥମିକ ଶିକ୍ଷାଲାଭ କରିବାକୁ ହେବ ।

ଆମ ଦେଶ ୧୯୪୭ ମସିହାରେ ସ୍ୱାଧୀନ ହେଲା । ସ୍ୱାଧୀନତାପରେ ଉତ୍ତମ ଶାସନ ବ୍ୟବସ୍ଥା ଓ ଦେଶର ସାମଗ୍ରିକ ପ୍ରଗତିପାଇଁ ୧୯୫୦ ମସିହାରେ ସମ୍ବିଧାନ ପ୍ରଣୟନ କରାଗଲା । ସମ୍ବିଧାନ ପ୍ରଣେତାମାନେ କେତେକ ଜରୁରୀ କାର୍ଯ୍ୟକ୍ରମ ମଧ୍ୟରେ ୬ ରୁ ୧୪ ବର୍ଷ ପୁଅଝିଅମାନଙ୍କ ପାଇଁ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ । କାରଣ ଶିକ୍ଷା ଏକ ମାନବିକ ଅଧିକାର । ଜାତି, ବର୍ଣ୍ଣ, ଧର୍ମ, ପୁରୁଷ, ମହିଳା, ଭୌଗୋଳିକ ଅବସ୍ଥିତି, ସାମାଜିକ ଓ ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ସମସ୍ତଙ୍କ ଶିକ୍ଷା ଲାଭ କରିବାର ଅଧିକାର ଅଛି । ମିଳିତ ଜାତିସଂଘର ସାର୍ବଜନୀନ ଘୋଷଣାନାମାରେ ଶିକ୍ଷାକୁ ଏକ ମୌଳିକ ଅଧିକାର ଭାବରେ ସ୍ୱୀକୃତି ଦିଆଯାଇଛି । ଭାରତୀୟ ସମ୍ବିଧାନ, ସରକାରଙ୍କ ଦ୍ୱାରା ଗଠିତ ବିଭିନ୍ନ ଶିକ୍ଷା ଆୟୋଗ ଓ ଜାତୀୟ ଶିକ୍ଷାନୀତିରେ ସମସ୍ତଙ୍କୁ ଶିକ୍ଷା ସୁଯୋଗ ଯୋଗାଇଦେବା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ସ୍ୱାଧୀନତା ପ୍ରାପ୍ତିପରେ ସମ୍ବିଧାନ କାର୍ଯ୍ୟକାରୀ ହେବାର ଦଶବର୍ଷ ମଧ୍ୟରେ ସମସ୍ତଙ୍କୁ ପ୍ରାଥମିକ ଶିକ୍ଷା ଯୋଗାଇ ଦେବାର ନିଷ୍ପତ୍ତି ହୋଇଥିଲା । ଏହା ସତ୍ତ୍ୱେ ଏକ ବିବରଣୀରୁ ଜଣାପଡ଼େ ଯେ ସମଗ୍ର ବିଶ୍ୱରେ ସ୍କୁଲକୁ ଆସୁ ନଥିବା ପିଲାଙ୍କ ମଧ୍ୟରୁ ଶତକଡ଼ା ୨୨ ଭାଗ ପିଲା ଆମ ଦେଶର । ପୁଣି ପୃଥିବୀର ମୋଟ ନିରକ୍ଷର ମାନଙ୍କ ପ୍ରାୟ ଏକ ତୃତୀୟାଂଶ ପିଲା ଆମ ଦେଶର । ଜାତୀୟ ସ୍ତରରେ ପ୍ରାଥମିକ ଶ୍ରେଣୀ ମଧ୍ୟରେ ଶତକଡ଼ା ୪୨.୮ ପିଲା ପାଠପଢ଼ା ଛାଡ଼ୁଥିବା ବେଳେ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ଶତକଡ଼ା ୫୩ । ଆମେ ଅଦ୍ୟାବଧି ୬ରୁ ୧୧ ବର୍ଷ ବୟସ୍କ ସମସ୍ତ ପିଲାଙ୍କୁ ପ୍ରାଥମିକ ଶିକ୍ଷାସୁଯୋଗ ଯୋଗାଇ ଦେବାର ଲକ୍ଷ୍ୟ ପୂରଣ କରିପାରିନାହୁଁ ।

ସମସ୍ତଙ୍କ ପାଇଁ ପ୍ରାଥମିକ ଶିକ୍ଷା କ'ଣ ?

୧୯୮୬ ମସିହାରେ ପ୍ରଣୀତ ଓ ୧୯୯୨ରେ ପରିବର୍ତ୍ତିତ ଶିକ୍ଷାନୀତିରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ସ୍ୱରୂପକୁ ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ କରିଦିଆଯାଇଛି । ଏହି ଶିକ୍ଷାନୀତି ଅନୁଯାୟୀ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ତିନୋଟି ମୁଖ୍ୟ ଦିଗ ରହିଛି । ସେ ଗୁଡ଼ିକହେଲା :

୧. ୬ ରୁ ୧୪ ବର୍ଷ ସବୁ ପିଲାମାନଙ୍କ ପାଇଁ ଏକ କିଲୋମିଟର ଦୂରତା ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ କିମ୍ବା ଅଣଆନୁଷ୍ଠାନିକ ବିଦ୍ୟାଳୟର ବ୍ୟବସ୍ଥା କରିବା ।

୨-ବିଦ୍ୟାଳୟରେ ନାମ ଲେଖାଇଥିବା ସମସ୍ତ ଛାତ୍ରଛାତ୍ରୀ ଅଧା ପାଠ ନଛାଡ଼ି ପୂରା ପାଞ୍ଚବର୍ଷର ପ୍ରାଥମିକ ଶିକ୍ଷା ଶେଷ କରିବେ ।

୩- ସବୁ ଶିକ୍ଷାର୍ଥୀ ନିର୍ଦ୍ଧାରିତ ଦକ୍ଷତାଗୁଡ଼ିକୁ ନିପୁଣତା ସହ ହାସଲ କରିବେ । ଯାହା ଫଳରେ ଶିକ୍ଷଣ ଚିରସ୍ଥାୟୀ ହେବ ଓ ଶିକ୍ଷାର ଗୁଣାତ୍ମକ ମାନ ବଢ଼ିବ ।

ଏହି ତିନୋଟି ଲକ୍ଷ୍ୟ ହାସଲ ହେଲେ ପ୍ରାଥମିକ ଶିକ୍ଷା ସାର୍ବଜନୀନ ହେଲା ବୋଲି କୁହାଯିବ । ସାର୍ବଜନୀନ ଶିକ୍ଷାର ତିନୋଟି ଲକ୍ଷ୍ୟ ହାସଲ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁପଦକ୍ଷେପ ନେଇ ଆସୁଅଛନ୍ତି । ଏହି ଉଦ୍ୟମକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ(ଡ଼ି.ପି.ଇ.ପି.) ସବୁଠାରୁ ବଡ଼ ଓ ବ୍ୟାପକ କାର୍ଯ୍ୟକ୍ରମ ।

ବିଶ୍ୱବ୍ୟାଙ୍କ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ଭାରତର ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି । ବର୍ତ୍ତମାନ ଆମଦେଶର ୧୪ ରାଜ୍ୟର ୧୪୯ଟି ଜିଲ୍ଲାରେ ଡ଼ି.ପି.ଇ.ପି. କାର୍ଯ୍ୟକାରୀ ହେଉଛି । ଏହା ଆମ ଓଡ଼ିଶା ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୮ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ପ୍ରଥମ ପର୍ଯ୍ୟାୟରେ ୧୯୯୬-୯୭ ମସିହାରେ ପାଞ୍ଚଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଲା । ସେଗୁଡ଼ିକ ହେଲା : ବଲାଙ୍ଗୀର, ରାୟଗଡ଼ା, ଗଜପତି,

ଓଲଟ ପୃଷ୍ଠା

ନୂଆପଡ଼ା ଓ କଳାହାଣ୍ଡି । ଦ୍ୱିତୀୟ ପର୍ଯ୍ୟାୟରେ ୧୯୯୭-୯୮ ମସିହାରୁ ତିନୋଟି ଜିଲ୍ଲା ଯଥା : ବରଗଡ଼, କେନ୍ଦୁଝର ଓ ସମ୍ବଲପୁରରେ ଡ଼ି.ପି.ଇ.ପି. କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅନ୍ୟ କେତୋଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ଯାଉଛି ।

ଜିଲ୍ଲା ପ୍ରାଥମିକ କାର୍ଯ୍ୟକ୍ରମ କାହିଁକି ?

ମୁଖ୍ୟତଃ ଚାରୋଟି ଉଦ୍ଦେଶ୍ୟରେ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ପ୍ରାଥମିକ ବିଦ୍ୟାଳୟରେ ନାମଲେଖା, ଧାରଣ ଓ ଶିକ୍ଷଣ ଉପଲବ୍ଧ କ୍ଷେତ୍ରରେ ବାଳକ, ବାଳିକା, ଆଦିବାସୀ, ହରିଜନ ସାଧାରଣ ଗୋଷ୍ଠୀର ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ପାର୍ଥକ୍ୟକୁ କମାଇବା ।

ଅଧାରୁ ପାଠଛାଡ଼ି ଚାଲିଯାଉଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟାକୁ କମାଇବା ଏବଂ ଅଧିକରୁ ଅଧିକ ଶିକ୍ଷାର୍ଥୀ ଯେପରି ପାଞ୍ଚବର୍ଷିଆ ପ୍ରାଥମିକ ଶିକ୍ଷା ଶେଷ କରନ୍ତି, ତାହା ନିଶ୍ଚିତ କରିବା ।

ଶିକ୍ଷାର୍ଥୀମାନଙ୍କର ବର୍ତ୍ତମାନର ଶିକ୍ଷଣସ୍ତର ନିମ୍ନମାନର ହୋଇଥିବାରୁ ଏହାକୁ ଯଥେଷ୍ଟ ପରିମାଣରେ ଉନ୍ନତି କରାଇବା । ୬ରୁ ୧୪ ବର୍ଷ ବୟସ୍କ ସବୁପିଲାଙ୍କୁ ପ୍ରାଥମିକ ଶିକ୍ଷା ସୁଯୋଗ ଯୋଗାଇବା ପାଇଁ ଶିକ୍ଷା ସୁଯୋଗ ସୃଷ୍ଟି କରିବା ।

ଜିଲ୍ଲା ପ୍ରାଥମିକ ଶିକ୍ଷା କାହାପାଇଁ ?

ଏବେ ୨୦୦୦ ମସିହା ସୁଦ୍ଧା '' ସମସ୍ତଙ୍କ ପାଇଁ ଶିକ୍ଷା ''ର ଜାତୀୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଲକ୍ଷ୍ୟ ହାସଲ ପାଇଁ ଡ଼ି.ପି.ଇ.ପି. କାର୍ଯ୍ୟକ୍ରମରେ ମୁଖ୍ୟତଃ ଯାହା ଉପରେ ଗୁରୁତ୍ୱ ଦିଆଯାଇଛି, ସେଗୁଡ଼ିକ ହେଲା :

୧- କନ୍ୟା ସନ୍ତାନର ଶିକ୍ଷା ଓ ପ୍ରଗତି

୨-ଅକ୍ଷମ ପିଲାମାନଙ୍କ ପାଇଁ ସମନ୍ୱୟ ଶିକ୍ଷା ଓ

୩-ଆଦିବାସୀ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ।

ପ୍ରଥମେ କନ୍ୟା ସନ୍ତାନର ଶିକ୍ଷା ଓ ପ୍ରଗତି ଉପରେ ବିଚାର କରାଯାଉ । ଝିଅଟି ଘରର ରତ୍ନ, ବାପ ମାଆଙ୍କ ପାଇଁ ତା ମନରେ ବହୁତ ଶ୍ରଦ୍ଧା ଓ ଆଦର ରହିଥାଏ । ତେଣୁ ତା'କୁ ଯତ୍ନକରି ବଢ଼ାଇବା, ଭଲ ପଢ଼ାଇବା ଆମର କର୍ତ୍ତବ୍ୟ । ପାଠପଢ଼ିଲେ ସେ ଭଲ ବିଚାର କରିବ ଓ ସଂସାରକୁ ଭଲ କରି ଚିହ୍ନି ପାରିବ । ସେ ବୁଝିପାରିବ ଶାରୀରିକ ପାର୍ଥକ୍ୟ ଭିନ୍ନ ଅନ୍ୟ କୌଣସି ପାର୍ଥକ୍ୟ ପୁଅଝିଅ ମଧ୍ୟରେ ନାହିଁ । ସେ ଜାଣି ପାରିବ ସେ ଅବଳା, ଦୁର୍ବଳା ନୁହେଁ । ପୁଅ ଝିଅ ମଧ୍ୟରେ ଭେଦଭାବ ଆମମାନଙ୍କ ଦ୍ୱାରା ଗଢ଼ା ହୋଇଛି । ଶିକ୍ଷା ଦ୍ୱାରା ଏହି ଭେଦଭାବ ସେ ଦୂରକରି ପାରିବ । ଏପରି ଏକ ସମାଜ ଗଢ଼ିବା ପାଇଁ ସେ ସକ୍ଷମ ହେବ ଯେଉଁଠାରେ ଝିଅ କେବଳ ଅବଳା ଓ ନ୍ୟୁନ ଓ ପୁଅ କ୍ରୁର ଓ ହିଂସୁକ ହୋଇ ନ ଥିବ । ପୁଅଝିଅ ପରସ୍ପର ସହଯୋଗରେ ଏକ ମୁକ୍ତ, ସୁନ୍ଦର ଓ ସୁସ୍ଥ ପରିବେଶ ଗଢ଼ିପାରିବେ । ଝିଅଟି ନିଜ ଇଚ୍ଛା ଅନୁସାରେ ଶିଖି ପାରିବ, କାମ କରିପାରିବ ଏବଂ ଯେମିତି ଚାହିବ ସେମିତି ଶିକ୍ଷା ଲାଭ କରିପାରିବ । ସେ ନିଜ ଜୀବନକୁ ସରସ ଓ ସୁନ୍ଦର କରି ଗଢ଼ି ପାରିବ । କନ୍ୟା ସନ୍ତାନର ପ୍ରଗତି ପାଇଁ ଓ ନାରୀଶିକ୍ଷାର ବ୍ୟାପକ ପ୍ରସାର ପାଇଁ ଅନେକ ଯୋଜନା ଡ଼ି.ପି.ଇ.ପି. ମାଧ୍ୟମରେ କାର୍ଯ୍ୟକାରୀ ହେଉଅଛି । ସେଗୁଡ଼ିକ ହେଲା :

ପ୍ରାଥମିକ ବିଦ୍ୟାଳୟରେ ନାମଲେଖା, ଧାରଣ ଓ ଶିକ୍ଷଣ ଉପଲବ୍ଧ ବାଳକ ବାଳିକାମାନଙ୍କ ମଧ୍ୟରେ ଦେଖାଯାଉଥିବା ପାର୍ଥକ୍ୟକୁ କମାଇବା ।

ଅଧାରୁ ପ୍ରାଥମିକ ଶିକ୍ଷାଛାଡ଼ି ଚାଲିଯାଉଥିବା ବାଳିକାଙ୍କ ସଂଖ୍ୟା କମାଇବା ।

ଶିକ୍ଷାର୍ଥୀମାନଙ୍କର ବର୍ତ୍ତମାନର ଉପଲବ୍ଧ ଶିକ୍ଷଣସ୍ତର ନିମ୍ନମାନର ହୋଇଥିବାରୁ ଉପଲବ୍ଧ ସ୍ତରକୁ ଯଥେଷ୍ଟ ପରିମାଣରେ ଉନ୍ନତି କରାଇବା ।

ବାଳିକାମାନଙ୍କୁ ବିନାମୂଲ୍ୟରେ ପାଠ୍ୟପୁସ୍ତକ ଓ ପାଠ୍ୟୋପକରଣ ଯୋଗାଇବା ।

ବିଦ୍ୟାଳୟ ପରିସରରେ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ ।

ଅନଗ୍ରସର ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାଦାନର ବ୍ୟବସ୍ଥା ।

ଝିଅମାନଙ୍କ ଶିକ୍ଷାର ଉନ୍ନତି ପାଇଁ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା ।

ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କ ପାଇଁ ଅଭିଭାବକମାନଙ୍କୁ ନେଇ ମାତୃଶିକ୍ଷକ ସମିତି ଗଠନ କରାଯାଇଛି ଏବଂ ସେଗୁଡ଼ିକୁ କ୍ରିୟାଶୀଳ କରାଯାଉଛି ।

ପ୍ରତ୍ୟେକ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ସଦର ମହକୁମାରେ ମହିଳାସମ୍ମିଳନୀର ଆବାହନ କରାଯାଉଛି ।

ଦ୍ୱିତୀୟରେ ଅକ୍ଷମ ପିଲାମାନଙ୍କ ପାଇଁ ସମନ୍ୱୟ ଶିକ୍ଷା ବିଚାର କରାଯାଉ । ଅକ୍ଷମଶିଶୁମାନେ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସେମାନଙ୍କ ବ୍ୟତୀତ ଶିକ୍ଷାର ସାର୍ବଜନୀନକରଣ ସମ୍ଭବ ନୁହେଁ । ସେଥିପାଇଁ ଅକ୍ଷମ ପିଲାମାନଙ୍କ ସମନ୍ୱୟଶିକ୍ଷାକୁ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି । ଏଠାରେ ସ୍ୱତଃ ପ୍ରଶ୍ନ ଉଠିପାରେ ସମନ୍ୱୟ ଶିକ୍ଷା କ'ଣ ? ସମନ୍ୱୟ ଶିକ୍ଷା କହିଲେ ପ୍ରାଥମିକ ବିଦ୍ୟାଳୟରେ ସାଧାରଣ ପିଲାମାନଙ୍କ ସାଙ୍ଗରେ ଲଘୁ ତଥା ମଧ୍ୟମ ଶ୍ରେଣୀର ଅକ୍ଷମ ଶିଶୁମାନଙ୍କୁ ଏକତ୍ର ଭାବରେ ଶିକ୍ଷା ପ୍ରଦାନକୁ ବୁଝାଯାଏ । ଲଘୁ ତଥା ମଧ୍ୟମ ପ୍ରକାରର ଅକ୍ଷମ ଶିଶୁମାନେ ସାଧାରଣ ଶିଶୁଙ୍କ ଭଳି ସେମାନଙ୍କ ଗ୍ରାମରେ ଥିବା ବିଦ୍ୟାଳୟରୁ ସମସ୍ତ ପ୍ରକାର ଶିକ୍ଷା ଉପଲବ୍ଧ କରିପାରିବେ । ସେହି ପ୍ରାଥମିକ ବିଦ୍ୟାଳୟର ପରିସର ଏବଂ ପରିବେଶ ମଧ୍ୟରେ ଖେଳକୁଦ, ନାଚଗୀତ ମାଧ୍ୟମରେ ଅକ୍ଷମ ପିଲାମାନଙ୍କର ବୌଦ୍ଧିକ, ଚାରିତ୍ରିକ, ଆବେଗିକ ଏବଂ ଶାରୀରିକ ଅଭିବୃଦ୍ଧି କରାଯାଇ ପାରିବ । ଏହି ସମନ୍ୱୟଶିକ୍ଷା ଯୋଜନାରେ ୬ରୁ ୧୪ ବର୍ଷ ବୟସର ଦୃଷ୍ଟିହୀନ, ମୂକ, ବଧିର ଶାରୀରିକ ଅକ୍ଷମ, ମାନସିକ ଅପାରଗତା ଏବଂ ଶିକ୍ଷଣ ଅପାରଗତା ଥିବା ଲଘୁ ତଥା ମଧ୍ୟମ ଶ୍ରେଣୀର ଅକ୍ଷମ ଶିଶୁମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।

ଏହି ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିବାପାଇଁ ଜିଲ୍ଲାସ୍ତରରେ ଜିଲ୍ଲା ସହଳ ସଂଯୋଜକ ଏବଂ ବ୍ଲକସ୍ତରରେ ତିନିଜଣ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ଶିକ୍ଷକମାନେ ସାଧାରଣ ଶ୍ରେଣୀ ପ୍ରକୋଷ୍ଠରେ ଅନ୍ୟ ସାଧାରଣ ପିଲାମାନଙ୍କ ସଙ୍ଗରେ ଅକ୍ଷମପିଲାମାନଙ୍କୁ ସମନ୍ୱୟ ଶିକ୍ଷା ଦେଉଅଛନ୍ତି ଏବଂ ଆବଶ୍ୟକସ୍ଥଳେ ସ୍ୱତନ୍ତ୍ର ଭାବରେ ସ୍ୱତନ୍ତ୍ର ଶିକ୍ଷା ଦେବାର ବ୍ୟବସ୍ଥା କରିଥାଆନ୍ତି । ଏ

ସମନ୍ବୟରେ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସବିଶେଷ ଜ୍ଞାନ ଦେବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯାଇଛି । ଉକ୍ତ ଯୋଜନାରେ ସମସ୍ତ ଅକ୍ଷମ ଶିଶୁଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଓ ପାଠୋପକରଣ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସରକାରୀ ସୁବିଧାସୁଯୋଗ ଦିଆଯାଇଥାଏ । ଏହି ସମନ୍ବୟ ଶିକ୍ଷାଯୋଜନାରେ ନିମ୍ନଲିଖିତ ବିଷୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

ଅକ୍ଷମଶିଶୁମାନଙ୍କ ଚିହ୍ନଟିକରଣ ଓ ଦକ୍ଷତାନିରୂପଣ ।

ଅକ୍ଷମ ଶିଶୁମାନଙ୍କର ପରିବାରବର୍ଗଙ୍କୁ ପରାମର୍ଶ ।

ଅକ୍ଷମ ଶିଶୁମାନଙ୍କୁ ବିଦ୍ୟାଳୟ ପାଇଁ ପ୍ରସ୍ତୁତିକରଣ ।

ସାଧାରଣ ବିଦ୍ୟାଳୟର ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ।

ସ୍ୱତନ୍ତ୍ର ଶିକ୍ଷକଦ୍ୱାରା ସ୍ୱତନ୍ତ୍ର ଶିକ୍ଷାଦାନ ।

ଶିକ୍ଷାପ୍ରଣାଳୀରେ ଅକ୍ଷମ ବ୍ୟକ୍ତିମାନଙ୍କର ସଙ୍ଗଠନ ଓ ପିତାମାତାଙ୍କୁ ସମ୍ପୃକ୍ତ କରିବା ।

ପାଠପଢୁଥିବା ଅକ୍ଷମ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତିର ବ୍ୟବସ୍ଥା ।

ସମାଜର ସମସ୍ତ କାର୍ଯ୍ୟକ୍ରମରେ ଅକ୍ଷମଶିଶୁମାନଙ୍କୁ ସାମିଲ କରିବା ।

ତୃତୀୟରେ ଆଦିବାସୀ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବିଚାର କରାଯାଉ ।

ପ୍ରାଥମିକ ବିଦ୍ୟାଳୟରେ ୬-୧୧ ବର୍ଷର ସମସ୍ତ ଆଦିବାସୀ ପିଲାମାନଙ୍କୁ କିପରି ନାମଲେଖାଇ ଅଣାଯାଇ ପାରିବ ତଥା ଶିକ୍ଷା କ୍ଷେତ୍ରରେ ସେମାନେ ସଫଳତା ହାସଲ କରିବେ, ସେଥିପାଇଁ ଜାତୀୟ ଶିକ୍ଷାନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଆଦିବାସୀମାନେ ପାରମ୍ପରିକ ରୂପେ ରହି ଆସୁଅଛନ୍ତି । ପ୍ରଚଳିତ ବ୍ୟବସ୍ଥା ଭିତରେ ସେମାନେ କିପରି ଉନ୍ନତି କରିପାରିବେ ସେହିପରି କାର୍ଯ୍ୟକ୍ରମ ଏବଂ ଉଦ୍ୟମର ଅଭାବ ଥିବାରୁ ସେମାନେ ଆଗେଇ ପାରୁନାହାନ୍ତି । ଏକ ପକ୍ଷରେ ପୁରୁଷାନୁକ୍ରମେ ଚଳିଆସୁଥିବା ପ୍ରଥା, ପରମ୍ପରା ଓ ଚଳଣିର ମୋହ ଓ ଅନ୍ୟ ପକ୍ଷରେ ପ୍ରଚଳିତ ଶିକ୍ଷାବ୍ୟବସ୍ଥା ଏବଂ ସାମାଜିକ ସମସ୍ୟା ଆଦିବାସୀମାନଙ୍କ ଉନ୍ନତି ପଥରେ ବାଧାସୃଷ୍ଟି କରିଛି । ଏପରି ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଆଦିବାସୀ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ବହୁଳ ପ୍ରସାର ଓ ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ରଖି ଜିଲ୍ଲା ପ୍ରାଥମିକଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ମୁଖ୍ୟ ପଦକ୍ଷେପଗୁଡ଼ିକ ହେଲା :

ଆଦିବାସୀ ଅଞ୍ଚଳରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଜନଜାଗରଣ ସୃଷ୍ଟି କରିବା ।

ଆଦିବାସୀ ପିଲାମାନଙ୍କୁ ଶିକ୍ଷାଦେବା ପାଇଁ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ତାଲିମଦେବା ସହ ସ୍ଥାନୀୟ ସଂସ୍କୃତି ଓ ସାଧନାକୁ ଭିତ୍ତିକରି ଶିକ୍ଷା ଉପକରଣ ପ୍ରସ୍ତୁତ କରିବା ।

ଆଦିବାସୀ ପିଲାମାନଙ୍କୁ ସ୍କୁଲକୁ ଆଣିବା ଓ ଉପସ୍ଥାନ ବଢ଼ାଇବା ।

ଶିକ୍ଷକମାନଙ୍କୁ ଆଦିବାସୀ ଭାଷା ସମ୍ପର୍କରେ ଅବଗତ କରାଇବା ଏବଂ ଆଦିବାସୀ ପିଲାମାନେ ଘରେ ଯେଉଁ ଭାଷା ବ୍ୟବହାର କରନ୍ତି ସେସବୁକୁ ସମ୍ମାନ ଦେବା ।

ଆଦିବାସୀ ବାଳକ ବାଳିକା ମଧ୍ୟରେ ସମାନ ଭାବରେ ଶିକ୍ଷା ଦେବାର ବ୍ୟବସ୍ଥା କରିବା ।

ଆଦିବାସୀ ସମାଜରେ ପ୍ରଚଳିତ ଲୋକଗୀତ, ନାଚ, ଖେଳ, ଗପ ଇତ୍ୟାଦି ମାଧ୍ୟମରେ ଶିକ୍ଷାଦାନ ।

ଆଦିବାସୀ ଗାଁରେ ଜନସହଯୋଗରେ ଗ୍ରାମ ସଭା ଏବଂ ମହିଳା ସମିତି କେନ୍ଦ୍ର ଗଠନ କରି ଗ୍ରାମର ପ୍ରାଥମିକ ସ୍କୁଲଗୁଡ଼ିକୁ ଗ୍ରାମର ଶିକ୍ଷା ଓ ସଂସ୍କୃତିର କେନ୍ଦ୍ରରୂପେ ପରିଣତ କରିବା ।

ଗ୍ରାମଶିକ୍ଷା କମିଟି ମାଧ୍ୟମରେ ଆଦିବାସୀମୁଖିଆଙ୍କୁ ସକ୍ରିୟ କରିବା ।

ଜିଲ୍ଲା ପ୍ରାଥମିକଶିକ୍ଷା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ, ସେମାନଙ୍କୁ ଉପଯୁକ୍ତ ଭାବରେ ଶିକ୍ଷାଦେବାକୁ ହେଲେ ସ୍ଥାନୀୟ ଲୋକ, ଗ୍ରାମଶିକ୍ଷା ସମିତିର ସଭ୍ୟ, ଶିକ୍ଷକ, ଶିକ୍ଷାସଂସ୍ଥା ଏବଂ ଏଥି ସହିତ ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାହାଯ୍ୟ ସହଯୋଗ ଏକାନ୍ତ ଆବଶ୍ୟକ । ଆମର ପ୍ରାଥମିକ ଶିକ୍ଷା ପ୍ରକଳ୍ପର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା । ଗାଆଁ ଗହଳରୁ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟରେ ସହଯୋଗ କଲେ ସାନ ସାନ ପୁଅ ଝିଅମାନେ ପାଠପଢ଼ି ନିଜର ଜନ୍ମଭୂମିର ମାନ ରଖି ପାରିବେ । ସେମାନଙ୍କ ଆନନ୍ଦରେ ଆମର ଆନନ୍ଦ । ଆସନ୍ତୁ, ଆମେ ସମସ୍ତେ ଆମର ମହତ ଲକ୍ଷ୍ୟ 'ସମସ୍ତଙ୍କ ପାଇଁ ଶିକ୍ଷା'ର ସଫଳ ରୂପାୟନ ପାଇଁ ଆପ୍ରାଣ ଉଦ୍ୟମ କରିବା ।

*ବରିଷ୍ଠ ଅଧ୍ୟାପକ, ଶିକ୍ଷାବିଜ୍ଞାନ,*
*ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର*

• • •

# ଭାରତ କିପରି ୱାଇ ୨କେ ସମସ୍ୟାର ସମାଧାନ କରିବ ?

● . ଶ୍ରୀ ଲଳିତ ସେଠୀ

କମ୍ପ୍ୟୁଟର କ୍ଷେତ୍ରରେ ଭାରତ ହୁଏତ ବିଳମ୍ବରେ ପ୍ରବେଶ କରିଛି, କିନ୍ତୁ ୱାଇ ୨କେ (୨ହଜାର ବର୍ଷ) ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାରେ ଭାରତ ଆଦୌ ବିଳମ୍ବ କରିନାହିଁ । ସମ୍ପ୍ରତି ଭାରତର ପ୍ରତ୍ୟେକ କ୍ଷେତ୍ରରେ କମ୍ପ୍ୟୁଟରର ବ୍ୟାପକ ପ୍ରଚଳନ କରାଯାଉଛି । ସରକାରୀ, ବାଣିଜ୍ୟିକ ପ୍ରତିଷ୍ଠାନ, ଶିଳ୍ପ ଏବଂ ଘରେ ମଧ୍ୟ ଏହାର ବ୍ୟବହାର କରାଯାଉଛି । ଏହିସବୁ କଥାକୁ ଦୃଷ୍ଟିରେ ରଖି ନୂଆ କରି ଯେଉଁମାନେ କମ୍ପ୍ୟୁଟର କ୍ରୟ କରୁଛନ୍ତି, ଯନ୍ତ୍ରକୁ ଠିକ୍ ରୂପେ ଚଳାଇବା ପାଇଁ ଉତ୍ତମ ମାନର ହାର୍ଡ଼୍‌ୱେୟାର ଏବଂ ସଫ୍ଟୱେୟାର କିଣିବା ଲାଗି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି । ତେଣୁ କମ୍ପ୍ୟୁଟର ଯେଉଁମାନେ କିଣୁଛନ୍ତି, ସେମାନେ ଦେଖୁଛନ୍ତି ଯେ କମ୍ପ୍ୟୁଟରରେ ଯେଉଁ ସଫ୍ଟୱେୟାର ବ୍ୟବହାର କରାଯାଉଛି ତାହା ୱାଇ ୨କେ ସମସ୍ୟାର ସମାଧାନ କରିପାରୁଛି କି ନାହିଁ । ଅସୁବିଧା ଦୂର କରିବାରେ ଏହା ସାହାଯ୍ୟ କରିବା ସହିତ ନୂତନ ତଥ୍ୟ ମଧ୍ୟ ପ୍ରଦାନ କରିବ ।

ପ୍ରତି ଶହେ ବର୍ଷରେ ଥରେ ଏକ ନୂତନ ଶତାବ୍ଦୀ ଆସେ । ଜାନୁଆରୀ ୧ ତାରିଖରେ ଆମେ ନୂତନ ଶତାବ୍ଦୀର ପ୍ରଥମ ସକାଳ ଦେଖିବା । ଏହା ହେବ ନୂତନ ଶତାବ୍ଦୀର ପ୍ରଥମ ଦିବସ । ଏହା ଆମ ପାଇଁ ବହୁ ନୂତନ ସମସ୍ୟା ଓ ସୁଯୋଗ ନେଇ ଆସିବ । ବିଶେଷକରି ଆମ୍ଭେମାନେ ବର୍ତ୍ତମାନ ଯେଉଁ ଅତ୍ୟାଧୁନିକ ବୈଷୟିକ ଯନ୍ତ୍ରପାତି ଦୁନିଆରେ ରହୁଛେ, ସେଥିରେ କି ଘଡ଼ି ଘଡ଼ି ପରିବର୍ତ୍ତନ ଘଟୁଛି, ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ବିକାଶ ଘଟୁଛି । ଏହାଦ୍ୱାରା ଆମର ମନୋଭାବ ଏବଂ ପରିବେଶରେ ପରିବର୍ତ୍ତନ ଘଟୁଛି । ଏହି ପରିବର୍ତ୍ତିତ ପରିସ୍ଥିତିରେ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ସମଗ୍ର ପୃଥିବୀ ଏବେ ପରିବର୍ତ୍ତନର ପର୍ଯ୍ୟାୟ ମଧ୍ୟ ଦେଇ ଗତି କରୁଛି । ଭାରତ ମଧ୍ୟ ଜଗତିକରଣକୁ ଗ୍ରହଣ କରିଛି । ଆନ୍ତର୍ଜାତୀୟ ଗୋଷ୍ଠୀର ମୁଖ୍ୟ ସ୍ରୋତରେ ଭାରତ ସାମିଲ ହୋଇଛି । ନିଜତ୍ୱ କହରାଇ ଏବଂ ବ୍ୟକ୍ତିଗତ ଦୃଢ଼ତା ବଜାୟ ରଖି ଆନ୍ତର୍ଜାତୀୟ ଆର୍ଥିକ କ୍ଷେତ୍ରରେ ଭାରତ ସମାନ ସମ୍ମାନ ରକ୍ଷା କରିଛି । ଏହାଫଳରେ ଆନ୍ତର୍ଜାତୀୟ କ୍ଷେତ୍ରରେ ନିଜର ସ୍ଥିତିକୁ ଜାହିର କରିବାରେ ଭାରତ ସଫଳ ହୋଇଛି ।

ପୃଥିବୀର ବିଭିନ୍ନ ଦେଶରେ ଏବଂ ବିଶେଷକରି ଆମେରିକାରେ ଭାରତର ହଜାର ହଜାର ସଫ୍ଟୱେୟାର ଇଞ୍ଜିନିୟର ଏବଂ କମ୍ପାନୀ ୱାଇ ୨କେ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରୁଛନ୍ତି । କମ୍ପ୍ୟୁଟର ବିଜ୍ଞାନ କ୍ଷେତ୍ରରେ ଭାରତୀୟ ବୈଜ୍ଞାନିକମାନେ ନିଜର ଉତ୍କର୍ଷତା ପ୍ରତିପାଦନ କରିଛନ୍ତି । ଛୋଟ ବଡ଼ କମ୍ପାନୀମାନେ ସାହାଯ୍ୟ ଓ ସେବା ପାଇଁ ସେମାନଙ୍କ ନିକଟରେ ଧାଡ଼ି ବାନ୍ଧୁଛନ୍ତି । ଆଉ ତିନିମାସ ପରେ ଆମେ ନୂଆ ଶତାବ୍ଦୀରେ ପ୍ରବେଶ କରିବା । ତେଣୁ ତାହା ପୂର୍ବରୁ ୱାଇ ୨କେ ସମସ୍ୟାର ସମାଧାନ ପାଇଁ ସମସ୍ତେ ବ୍ୟସ୍ତ । ପରିଶ୍ରମ ପାଇଁ ଭାରତୀୟ ବୈଜ୍ଞାନିକମାନଙ୍କୁ ଉତ୍ତମ ପାରିଶ୍ରମିକ ଦିଆଯାଉଛି । ସମସ୍ତେ ଜାଣନ୍ତି ଯେ ଭାରତରେ ଅନେକ ଦକ୍ଷ ଓ ଯୋଗ୍ୟ ଇଞ୍ଜିନିୟର ଏବଂ ବୈଷୟିକବିତ୍ ଅଛନ୍ତି । ଏମାନେ ଅସୁବିଧାଜନକ ପରିସ୍ଥିତିରେ ବି ପ୍ରତିବାଦ ନକରି କଠୋର ପରିଶ୍ରମ କରି ଉତ୍ତମ କାର୍ଯ୍ୟ କରୁଛନ୍ତି ।

ଏବେ ଯେଉଁ ସବୁ କମ୍ପ୍ୟୁଟର ଅଛି, ତାହାର ସମୟ ନିର୍ଘଣ୍ଟ ୧୯୯୯ରେ ସରିଯିବ । ୧୯୯୯ ସରିଗଲେ ପୁରୁଣା ଏବଂ ବର୍ତ୍ତମାନର କମ୍ପ୍ୟୁଟରରେ ୦୦ ଛାପି ହୋଇଯିବ । ଏହା ୨ ହଜାର ଖ୍ରୀଷ୍ଟାବ୍ଦ ପାଇଁ ହେବ । କିନ୍ତୁ କମ୍ପ୍ୟୁଟର ଭାଷାରେ ଏହାକୁ ୧୯୦୦ ଧରାଯିବ, ଯାହା ୧ ଶହ ବର୍ଷ ପଛକୁ ଚାଲିଯିବ । ଏହାକୁ ଠିକ୍ କରାନଗଲେ ବିପର୍ଯ୍ୟୟ ସୃଷ୍ଟି ହୋଇଯିବ । ତେବେ ଏହାକୁ କିପରିଭାବେ ସଜଡ଼ା ଯିବ ?

ବର୍ତ୍ତମାନ କମ୍ପ୍ୟୁଟରରେ ଯେଉଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି, ସେଥିରେ ତାରିଖର ବର୍ଷ କଥା ଲେଖିବା ବେଳେ ୪ ଅଙ୍କ ବିଶିଷ୍ଟ ସଂଖ୍ୟା ଲେଖିବାକୁ ପଡୁଛି । ସବୁ ନୂଆ ସଫ୍ଟୱେୟାରରେ ଏହା ରଖାଯାଉଛି । ସମଗ୍ର ପୃଥିବୀରେ ସବୁ କମ୍ପ୍ୟୁଟରରେ ଏହା ଖଞ୍ଜିବା ଲାଗି ହଜାର ହଜାର କୋଟି ଡ଼ଲାର ବ୍ୟୟ ହେବ । ଭାରତରେ ହୁଏତ ବେଶୀ ବ୍ୟୟ ହେବ ନାହିଁ । କାରଣ ଏଠାରେ ମାତ୍ର ଶତକଡ଼ା ୫ ଭାଗ କାମ୍ କମ୍ପ୍ୟୁଟରରେ କରାଯାଏ । ତେବେ ଏହି ଯେଉଁ ଶତକଡ଼ା ୫ ଭାଗ କାମ କମ୍ପ୍ୟୁଟରରେ ହେଉଛି, ତାହା ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କରାଯାଉଛି । ତେଣୁ ସେଗୁଡ଼ିକୁ ସଜାଡ଼ିବା ଏକାନ୍ତଭାବେ ଆବଶ୍ୟକ । କାରଣ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ସହିତ ଏହି କ୍ଷେତ୍ରରେ ପାଦମିଳାଇ ଚାଲିବାକୁ ହେବ । ଏ କ୍ଷେତ୍ରରେ ଭାରତ ବିପୁଳ ପରିମାଣର ଅର୍ଥ ବ୍ୟୟ କରିବ । ଏହା ବ୍ୟୟ କରିବାକୁ ହେବ ଏବଂ ବ୍ୟୟ ମଧ୍ୟ କରାଗଲାଣି ।

ପୃଥିବୀର ଚାରିଆଡ଼େ ଆଲୋଚନା ହେଉଛି ଯେ ବର୍ତ୍ତମାନର ଜେଟ୍ ବିମାନ ଓ ଅନ୍ୟାନ୍ୟ ବିମାନଗୁଡ଼ିକ ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମାଣ କରାଯାଉଛି ଏବଂ ପ୍ରତ୍ୟେକରେ କମ୍ପ୍ୟୁଟର ରହିଛି । ତେଣୁ ସମସ୍ୟାର ସମାଧାନ ହେଲେ ବିମାନଗୁଡ଼ିକ ଆକାଶମାର୍ଗରେ ବା ଜମି ଉପରେ ଖରାପ ହୋଇଯିବ । ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି ହୋଇଯିବ । ବିକାଶଶୀଳ ରାଷ୍ଟ୍ରମାନେ ଅଧିକ ମାତ୍ରାରେ ଏହି ସମସ୍ୟାର ସମ୍ମୁଖୀନ ହେବେ । ଭାରତରେ ସବୁ ରେଳଷ୍ଟେସନ ଏବଂ ବିମାନ ବନ୍ଦରରେ କମ୍ପ୍ୟୁଟର ବ୍ୟବସ୍ଥା ନାହିଁ, କିନ୍ତୁ ଯେଉଁଠି ଅଛି ସେମାନେ ଅସୁବିଧାରେ ପଡ଼ିଯିବେ । ଘରୋଇ ଓ ସରକାରୀ କ୍ଷେତ୍ରରେ ଚରମ ବିଭ୍ରାଟ ସୃଷ୍ଟି ହେବ । ସଫ୍ଟୱେୟାରର ବିକାଶ ଦେବା କ୍ଷେତ୍ରରେ ଚରମ ବିଭ୍ରାଟ ସୃଷ୍ଟି ହେବ । ସଫ୍ଟୱେୟାରରେ ବିକାଶ କରାନଗଲେ କିମ୍ବା ବଦଳା ନହେଲେ ଶିଳ୍ପ, ବ୍ୟବସାୟ, ଷ୍ଟକ ଏକ୍ସଚେଞ୍ଜ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କଟ ସମସ୍ୟା ସୃଷ୍ଟି ହେବ ।

ଏହାକୁ ଏବଂ ଏହିସହିତ ଅନେକ କ୍ଷେତ୍ର ରହିଛି ଯାହାକି ୱାଇ ୨କେ ସମସ୍ୟାର ସମାଧାନ  କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଉଛି । ଆହ୍ୱାନ ଭିତ୍ତିରେ ଏହି କାର୍ଯ୍ୟ କରିବାକୁ ହେବ ।


ଆବଶ୍ୟକତା ପୂରଣ କରିବା ପାଇଁ ନୀତି ନିୟମ ନିର୍ଦ୍ଧାରଣ କରିବା ଏବଂ ତାହାକୁ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଯୋଜନା କମିଶନର ଜଣେ ସଦସ୍ୟଙ୍କ ଅଧ୍ୟକ୍ଷତାରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି । କେତେ ହଜାର ବର୍ଷ ପାଇଁ ଭାରତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି । ତେଣୁ ଏହାର ସୁରକ୍ଷା ପ୍ରତି ଭାରତ ଧ୍ୟାନ ଦେଉଛି । ୧୯୯୯ ପରେ ସଫ୍ଟୱେୟାର ୨ ହଜାର ପଠନ କରିବ । ୨୦୯୯ ପରେ ୨୧୦୦ ପଠନ କରାଯିବ । ୨୯୯୯ ପରେ ୩୦୦୦, ଏହିପରି ଭାବେ ୯୯୯୯ ପର୍ଯ୍ୟନ୍ତ ସୁରୁଖୁରୁରେ ଚାଲିଯିବ । ଏବେ ଦେଖାଯାଉଛି ଯେ ୩୧.୧୨.୯୯୯୯ ପରେ ୧.୧.୧୦୦୦୦ ତାହା ପରଦିନ ହେବ । ୮ ହଜାର ବର୍ଷ ଆଗକୁ ଚାଲିଯାଇଛି । ବାସ୍ତବରେ ଏହା ଅନେକ ଦୂର । ସେତେବେଳେ ଯେଉଁ ସମସ୍ୟା ସୃଷ୍ଟି ହେବ, ତାହାକୁ ସେତେବେଳେକାର ବୈଜ୍ଞାନିକମାନେ ଠିକ୍ କରିବେ । ଏବେ ଭାରତର ବହୁ ବ୍ୟାଙ୍କ କମ୍ପ୍ୟୁଟରରେ କାର୍ଯ୍ୟ କରୁଛନ୍ତି । ଆର୍ଥିକ ପ୍ରକ୍ରିୟାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ୱାଇ ୨ କେ ସମସ୍ୟାର ସମାଧାନ କ୍ଷେତ୍ରରେ ବ୍ୟାଙ୍କମାନେ ବିଳମ୍ବ କରିବା ଠିକ୍ ହେବ ନାହିଁ ।

ବ୍ୟାଙ୍କମାନଙ୍କର ଦକ୍ଷତା ଉପରେ ରିଜର୍ଭ ବ୍ୟାଙ୍କ ସତର୍କ ଦୃଷ୍ଟି ରଖିଛି । ୱାଇ ୨ କେ ସମସ୍ୟାର ସମାଧାନ ପାଇଁ ବହୁ ସରକାରୀ, ବେସରକାରୀ ଏବଂ ଘରୋଇ ସଂସ୍ଥା ବିଶେଷଜ୍ଞମାନଙ୍କ ସାହାଯ୍ୟରେ ନୂତନ ଯନ୍ତ୍ରପାତି କ୍ରୟ କରୁଛନ୍ତି ଯାହାକି ୱାଇ ୨ କେ ସମସ୍ୟାର ସମାଧାନ କରିପାରିବ । ସାହାଯ୍ୟ ପାଇଁ କେନ୍ଦ୍ରମାନ ପ୍ରତିଷ୍ଠା କରାଗଲାଣି ଏବଂ ଏହି କେନ୍ଦ୍ରଗୁଡ଼ିକୁ  ଫ୍ୟାକ୍ସ ଓ ଇଣ୍ଟରନେଟ୍ ସୁବିଧା ଦିଆଯାଇଛି । ୱାଇ ୨କେ ସମସ୍ୟାର ସମାଧାନ ପାଇଁ ବହୁବିଧ ସୁବିଧା ସୁଯୋଗର ବ୍ୟବସ୍ଥା ହୋଇଛି ।

ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଓ ଏହାର ସମାଧାନ ସମ୍ପର୍କରେ ସେମାନଙ୍କୁ ତାଲିମ ଦେବାଲାଗି ଦେଶରେ ଅନେକଗୁଡ଼ିଏ କର୍ମଶାଳା ଓ ସମ୍ମିଳନୀର ଆୟୋଜନ କରାଯାଉଛି । ବହୁ ଅନୁଷ୍ଠାନ ଏହା ମଧ୍ୟରେ ଘୋଷଣା କରି ସାରିଲେଣି ଯେ ସେମାନେ ୱାଇ ୨କେ  ସମସ୍ୟାର  ସମାଧାନ କରୁଛନ୍ତି କିମ୍ବା କରିସାରିଲେଣି । ଏହି ୱାଇ ୨ କେ ସମସ୍ୟାର ସମାଧାନ ଦେଖି ଅଡ଼ିଟରଙ୍କ ସର୍ଟିଫିକେଟ ନିମନ୍ତେ ପ୍ରତ୍ୟେକ ବ୍ୟସ୍ତ ଅଛନ୍ତି । ପୃଥିବୀରୁ ୱାଇ ୨ କେ ସମସ୍ୟା ସମାଧାନ ହୋଇଗଲେ ଭାରତର ସଫ୍ଟୱେୟାର ଇଞ୍ଜିନିୟରମାନେ ବର୍ତ୍ତମାନ ଯେପରି କାମ ପାଉଛନ୍ତି ସେପରି କାମ ପାଇବେ ତ ? ସେମାନଙ୍କର ଭୟ କରିବାର ପ୍ରଶ୍ନ ଉଠୁ ନାହିଁ । କାରଣ ଭାରତ ଓ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରରେ କମ୍ପାନୀମାନେ ଅତ୍ୟାଧୁନିକ ଉତ୍ପାଦ ନିର୍ମାଣ ପାଇଁ କାର୍ଯ୍ୟ କରୁଛନ୍ତି । ଯୋଗାଯୋଗ ଓ ଟେଲିଫୋନ ଲାଇନ ସଂଖ୍ୟା ଭାରତରେ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି ।

ଏବେ ଭାରତରେ ୨୧ ନିୟୁତ ସିଧା ଫୋନ ଲାଇନ ଅଛି । ପ୍ରତିବର୍ଷ ୧ ନିୟୁତ ଟେଲିଫୋନ୍ ଲାଇନ ଯୋଡ଼ାଯାଉଛି । ଇଣ୍ଟରନେଟ୍‌ର ଲୋକପ୍ରିୟତା ବୃଦ୍ଧି ପାଉଛି । ଏହାର ପରବର୍ତ୍ତୀ ପଦକ୍ଷେପ ହେଉଛି କମ୍ପ୍ୟୁଟରକୁ ଟେଲିଭିଜନ ସହ ସଂଯୋଗ କରିବା । ଏହା ହେଲେ ଗୋଟିଏ ଯନ୍ତ୍ରରେ ଗ୍ରହଣ କରିବ ଓ ଛାଡ଼ିବ । ଏହି ପ୍ରକଳ୍ପ ଉପରେ ଭାରତୀୟମାନେ କାମ କରୁଛନ୍ତି । ଭାରତ ବାହାରେ ଏହି ପ୍ରକଳ୍ପର ଚାହିଦା ଭଲ । ୧୯୯୭-୯୮ରେ ଭାରତ ୯ ହଜାର ୫ ଶହ କୋଟି ଟଙ୍କାର ବୈଦ୍ୟୁତିକ ଯନ୍ତ୍ରପାତି ରପ୍ତାନି କରିଥିଲା । ୧୯୯୮-୯୯ରେ ତାହା ବୃଦ୍ଧି ପାଇ ହୋଇଛି ୧୨ ହଜାର ୮ ଶହ କୋଟି ଟଙ୍କା । ସଫ୍ଟୱେୟାର ରପ୍ତାନି  ୧୯୯୭-୯୮ ରେ ଥିଲା ୬ ହଜାର ୫ ଶହ କୋଟି ଟଙ୍କା । ୧୯୯୮-୯୯ ରେ ତାହା ବୃଦ୍ଧି ପାଇ  ହୋଇଥିଲା ୧୧ ହଜାର କୋଟି ଟଙ୍କା । ଗୋଟିଏ ବର୍ଷରେ ଶତକଡ଼ା ୭୦ ଭାଗ ଅଧିକ ରପ୍ତାନି ବୃଦ୍ଧି ପାଇଛି । ସଫ୍ଟୱେୟାର କ୍ଷେତ୍ରରେ ଭାରତ ଆଗାମୀ ଶତାବ୍ଦୀରେ ଏକ ବୃହତ ଶକ୍ତି ହେବ ବୋଲି ଆଶା ରହିଛି ।

(ପିଆଇବି)





# କଳାହାଣ୍ଡିର ଦେଶୀୟ ସେଚ ପ୍ରକଳ୍ପ 'କାର୍ଜିକେନାଲ'

● ଶ୍ରୀ ସଞ୍ଜୟ କୁମାର ଶତପଥୀ

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ୍ ନେହେରୁ ସ୍ୱାଧୀନ ଭାରତବର୍ଷରେ ଆଦିବାସୀମାନଙ୍କ ପାଇଁ ଯେଉଁ ଆଭିମୁଖ୍ୟର ଅବତାରଣା କରିଥିଲେ ତାହା 'ଆଦିବାସୀ ଉନ୍ନୟନ ପାଇଁ ପଞ୍ଚଶୀଳ' ଭାବରେ ବିଖ୍ୟାତ । ଏହି ପଞ୍ଚ ନିୟମର ପ୍ରଥମ ନିୟମ ଥିଲା-' ଲୋକମାନେ ସେମାନଙ୍କ ସ୍ୱାଭାବିକ ପ୍ରତିଭାର ଧାରାରେ ଉନ୍ନତି କରିବା ଉଚିତ । ଆମେମାନେ ସେମାନଙ୍କ ଉପରେ କିଛି ବି ଲଦି ଦେବା ଉଚିତ ନୁହେଁ । ଏବଂ ସେମାନଙ୍କର ପାରମ୍ପରିକ କଳା ଓ ସଂସ୍କୃତିକୁ ଉତ୍ସାହିତ କରିବା ନିମିତ୍ତ ଯତ୍ନଶୀଳ ହେବା ଉଚିତ ।'

ଜଙ୍ଗଲ ଭରା ପାହାଡ଼ ଓ ଉପତ୍ୟକାରେ ବାସ କରୁଥିବା ଆଦିମ ଅଧିବାସୀମାନେ ସେମାନଙ୍କର ନିଜସ୍ୱ ଜୀବନ ନିର୍ବାହ କରନ୍ତି । ପ୍ରକୃତି ସେମାନଙ୍କୁ ମୂଳରୁ ହିଁ ଶିଖାଇ ଥାଏ ବଞ୍ଚିବାର ବାଟ, ଜୀବନର ବାଧା ବିଘ୍ନକୁ ସହିବାର ଓ ଆନନ୍ଦ ନେବାର ଉପାୟ । ଏସବୁର ଅନୁଭବରୁ ହିଁ ପଣ୍ଡିତ ନେହେରୁ ସେମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ଓ ବିନ୍ୟାସ ପାଇଁ ଏକ ଅନୁରୂପ ଯୋଜନାର ସ୍ୱପ୍ନ ଦେଖିଥିଲେ ।

ସ୍ୱପ୍ନର ସଫଳତା କେତେ, ତାହା ବିଚାରିବା କଷ୍ଟ । ହେଲେ ଅଦିବାସୀମାନଙ୍କ ଭିତରେ ବିବିଧ ପ୍ରତିଭା ଯେ ଲୁକ୍କାୟିତ, ତାହାର ଅନେକ ଉଦାହରଣ ଆମ ସାମ୍ନାରେ । ଆଉ ଅନେକେ ଏବେବି ଅନ୍ଧାର ଭିତରେ ।

ଇତିହାସର 'କାରୁଣ୍ଡ' ରାଜ୍ୟ ତଥା ବର୍ତ୍ତମାନର କଳାହାଣ୍ଡିର ଐଶ୍ୱର୍ଯ୍ୟ କଥା ଚିନ୍ତା କଲେ ଏଗୁଡ଼ିକ ମନକୁ ଆସିବେ : ମା ମାଣିକେଶ୍ୱରୀଙ୍କ ଛତର ଯାତ, ଗୁଡ଼ହାଣ୍ଡି ପାହାଡ଼ ଗୁମ୍ଫାରେ ୧୫,୦୦୦ ବର୍ଷରୁ ଅଧିକ ପୁରୁଣା ଆଦିମାନବର ହାତଅଙ୍କା ଚିତ୍ର, ମାଟି ଆଡ଼େଇଲେ ମିଳିବ ପଥର, ଥୁଆମୁଳ(ନର୍ଡ଼ିଗୁଡ଼ା)ର ତ୍ରିସ୍ରୋତା ତ୍ରିଧାରା ଇନ୍ଦ୍ରାବତୀ, ବାଉବାଦ୍ୟ ଘୁମୁରା, କଳାହାଣ୍ଡିର ମେଘ ଓ ମରୁଡ଼ି ଏବଂ କଳାହାଣ୍ଡିଆ ଅଧିବାସୀ ସେଚଯନ୍ତ୍ରୀ-କାର୍ଜିମାଝୀ ।

କୌଣସି ବୈଷୟିକ ଅନୁଷ୍ଠାନରେ ଶିକ୍ଷା ବା ତାଲିମ ନନେଇ ଘନ ଅରଣ୍ୟ ଭିତରେ କାର୍ଜି ଦେଶୀୟ ଧାରାରେ କେନାଲ୍‌ର ପରିକଳ୍ପନା କରିଛି । କାର୍ଜିର କଥା ପଢ଼ିଲେ ନଦେଖିଲା ଲୋକ ଏବେ ବି କହନ୍ତି, ସେ ଗୋଟିଏ ଯାଦୁକର । ପାଣିର ଗତି ଇଚ୍ଛା ଅନୁସାରେ ବଦଳାଇ ପାରେ । ସେ ଚାହିଁଲେ ତଳପାଣି ଉପର ମୁହାଁ ହୁଏ । ପାହାଡ଼ ମଝିରେ ବାଉଁଶ ପନେଇ ଏପଟ ପାଣି ସେପଟକୁ ପଠାଇ ଦିଏ । ଏକଥା କାର୍ଜିକୁ ପଚାରିଲେ, ସେ ବଲବଲ କରି ଚାହେଁ । ତଳ ପାଣି କଣ ଉପରକୁ ଯିବ ? ପାଣିର ଧର୍ମ ତ ବହିଯିବା, ଗଡ଼ିଯିବା । ସେ ଠିକଣା ବାଟରେ ପାଣିର ଗତିକୁ ବାଟେଇ ଦିଏ ମାତ୍ର । କେଉଁ ଆଦିମ କାଳରୁ ପାହାଡ଼ରେ ବସବାସ କରୁଥିବା ଅଧିବାସୀମାନେ ଫସଲ ପାଇଁ ଝରଣାର ପାଣିକୁ ଏହିଭଳି କାମରେ ଲଗାନ୍ତି । ହେଲେ କାର୍ଜିର ବିଶେଷତ୍ୱ ହେଲା, ସେ ଖାଲି ନିଜର ଆବଶ୍ୟକତା ନୁହେଁ, ବିଭିନ୍ନ ଗାଁର ଆବଶ୍ୟକତା ଅନୁସାରେ ଚାଷ ଉପଯୋଗୀ ଅନେକ କେନାଲ ତିଆରିଛି । କେଉଁଠି କେଉଁଠି କେନାଲର ଲମ୍ବ ପାଖାପାଖି ତିନି କିଲୋମିଟର୍ । ପ୍ରାୟ ୪୦ ଟି ଦେଶୀୟ ପ୍ରକଳ୍ପର ଦୈର୍ଘ୍ୟ ପାଖାପାଖି ୧୦୦ କିଲୋମିଟର ହେବ । ପ୍ରତିକୂଳ ପରିବେଶ ଭିତରେ ସାମାଜିକ ଉନ୍ନତି ପାଇଁ ଏ ଉତ୍ସର୍ଗୀକୃତ ଅଥଚ ଅବିଜ୍ଞାପିତ ଜୀବନଧାରା ସତରେ ଅନନ୍ୟ ।

ନିଜର କଳା କାମ ତାକୁ ନିହାତି ସାଧାରଣ ଲାଗେ । ପାଣିର ଡ଼ାକ ସେ ଶୁଣିଛି । ପାଣିକୁ ଡ଼ାକିଛି । ପାଣି ଶୁଣିଛି । ପାଣିକୁ ପାହାଡ଼ ଉପରେ ନିଜ ଇଚ୍ଛାରେ ବାଟ ବଢ଼େଇଛି । ଟପୋଗ୍ରାଫୀ ଉପରେ ତାର ଡ଼ତକାଳ ଅନୁଭବ ଅଦ୍ଭୁତ । କେମିତି, 'କାହିଁକି ଏସବୁର ଉତ୍ତର ଦେବାକୁ ପୋଥିଜ୍ଞାନ ନଥିଲେ ବି, ଦେଖି ଦେଖି ସେ ଜାଣିପାରେ, କେଉଁଠୁ କେଉଁ ବାଟରେ ଝରଣାର ପାଣି ନାଳ କରି ଆଣିଲେ ସ୍ରୋତ ସହଜ ଓ ଗତିଶୀଳ ହେବ । ଭୂଇଁର ଉଚ୍ଚତା କେଉଁଠି କେତେ ଜାଣିବାକୁ ତାକୁ ଯନ୍ତ୍ର ବା ଓଳମ ଦରକାର ପଡ଼େ ନାହିଁ । ଦେଖି ଦେଖି ସେ ନକ୍‌ସାର ପରିକଳ୍ପନା କରେ । କୋଡ଼ି, କୋଦାଳ, ଶାବଳ, ଏ ତିନି ସାଙ୍ଗ ସଙ୍ଗରେ ଥିଲେ ପାଣିର ସୁଅ ତାର ଆଜ୍ଞାବହ ।

ତାର କଥା ଜୁଆନ୍ ବେଳର କଥା । ଯେତେବେଳେ ସେ ମାଳିଚୁବାଙ୍ଗ୍ ଗାଁରେ ଥାଏ ତାର ପରିବାର ମେଳରେ । ବାପ ରୂପା ମାଝୀ ହଳିଆ । ପୁଅ କାର୍ଜିବି ଅନୁରୂପ । ମହାଜନ୍‌ର ମରଜି ଓ ଆଦେଶ ଅନୁସାରେ ଜୀବନ ପ୍ରବାହ । ପାଖରେ ନାଙ୍ଗୁଲ ନଦୀ । ନଦୀ କୂଳରେ ନଦୀରୁ କଟା ପାଣିରେ ପରିପୁଷ୍ଟ କ୍ଷେତ । ସେ କାମ କରୁଥାଏ । ଦିନେ ମହାଜନର ଗାଳିଗୁଲଜ ତା ଭିତରେ ଭାବାନ୍ତର ସୃଷ୍ଟି କଲା । କ୍ଷେତର ପାଣିନାଳ କଡ଼ରେ ମନ ମାରି ବସିଥିଲା ବେଳେ ହଠାତ୍ ତା ମୁଣ୍ଡ ଭିତରେ ବିଜୁଳି ଖେଳିଗଲା । 'ଇଉରେକା'ର ସ୍ପନ୍ଦନ ଅନୁଭବ କଲା ସେ । ପାହାଡ଼ରେ ଏତେ ଝରଣା, ଏତେ ପାଣି, ଏତେ ଭୂଇଁ । ସେ ଏମିତି କାହା ହାତ ଟେକାକୁ ଚାହିଁ ୧୫ ମାଣ ଧାନ ପାଇଁ ମୁଣ୍ଡ ବିକିଥିବ କାହିଁକି ? କାହିଁକି ଟିକେ ଭୁଲ୍ ପାଇଁ ଏତେ ଶାସ୍ତି ପାଇବ ?

ସେ ଜଙ୍ଗଲ ଭିତରେ ଏଣେତେଣେ ଦୌଡ଼ିଲା । ଖୋଜିଲା ମନମାଫି ସମତଳ ଭୂମି ଆଉ ଅନତିଦୂରରେ ଝରଣାର ଉତ୍ସ । ପାଇଗଲା କିଛି ଦେଳ ସନ୍ଧାନ କରିବା ପରେ । ନାଙ୍ଗୁଲ୍‌ର ଭଉଣୀ ସାଙ୍ଗୁଲ୍ ନଦୀ ପାଖରେ । ବାପ, ଦାଦାଙ୍କୁ ଜଣାଇଲା । ସେମାନେ ବି ରାଜି ପଡ଼ିଲେ । କିଛି ଜଙ୍ଗଲ ମାରି ଗାଁଟିଏ ଗଢ଼ିଲେ । କ୍ଷେତ ତିଆରିଲେ । ଉପର ମୁଣ୍ଡରୁ ସିଆରି ଜଟା ହୋଇ ପାଣି ବହି ଆସିଲା ଗାଁର କ୍ଷେତକୁ । ଗାଁର ନାଁ ହେଲା 'ଶେରକୋ ଝୋଲା' । ଲାଞ୍ଜିଗଡ଼ ବ୍ଲକ୍‌ର ମାଳିଚୁବାଙ୍ଗ ପଞ୍ଚାୟତରେ କ୍ରମେ ଶେରକୋଝୋଲା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କଲା ଏହି ଅଞ୍ଚଳ ସମୁଦ୍ରପତ୍ତନଠାରୁ ୧୫୦୦ ମିଟରରୁ ଅଧିକ ଉର୍ଦ୍ଧ୍ୱରେ ।

ଉତ୍କଳ ପ୍ରସଙ୍ଗ

ସେଇ ମିନି କେନାଲ୍ ପରେ ଲାଗିଆସିଲା ଖଜୁରୀଗୁଡ଼ା, ମାଳିକୁବାଙ୍ଗ ଯାଏ । ଉଥା ମହକିଲା ଏ ଗାଁରୁ ଆର ଗାଁ । ଲୋକେ କାର୍ଜିର କରାମତି ଦେଖିବାକୁ ଆସିଲେ । ବିଭିନ୍ନ ଗାଁରେ ଏମିତି କେନାଲ୍ କରିବା ପାଇଁ ତାର ସାହାଯ୍ୟ ଲୋଡ଼ିଲେ । କେନ୍ଦୁପେଟ୍, ଉମେଲ୍, ସର୍ଗିଗୁଡ଼ା, ବିଲାତିପଦର୍, ସିଲେଟ୍ଗାଁ, ବୋରେ ପଦର୍, ଡାମ୍ବୁଆଁ, ଟିଟିଝୋଲା, ପାଜି ଗାଁ, ଉଖା ବାହାଲି, ସାହର୍ ପଡ଼ା, ଉଟକୋର୍, ଦୁନ୍ଦେଲ୍ ଓ କନ୍ଧକୁବାଙ୍ଗ ଆଦି ଗାଁରେ 'କାର୍ଜି କେନାଲ୍' ସବୁ ଆସ୍ତେ ଆସ୍ତେ ବିସ୍ତାର ଲାଭ କଲା ।

'କାର୍ଜି କେନାଲ'କୁ ପାଖରୁ ଦେଖିଲେ ହଠାତ୍ କିଛି ଅନନ୍ୟତା ବାରିହୁଏ ନାହିଁ । ତେବେ ସୂକ୍ଷ୍ମଭାବରେ ଅନୁଧ୍ୟାନ କଲେ ବା ସେ କେନାଲ୍ର ନକ୍ସା କାଟୁଥିବା ବେଳେ ପର୍ଯ୍ୟବେକ୍ଷଣ କଲେ ତାର ଜ୍ଞାନ କୌଶଳ ଓ କାରିଗରୀ ବିଷୟରେ କିଛି ଜାଣିହୁଏ । ସାପଟିଏ ବଙ୍କେଇ ବଙ୍କେଇ ବେଶ୍ ଗତିରେ ଆଗେଇ ଯାଏ । ସିଧା ଭାବରେ ସେ କଣ ଏତେ ଗତିଶୀଳ ହୁଅନ୍ତା ? ତ୍ରିଭଙ୍ଗ ଓଡ଼ିଶୀର ଠାଣିରେ ଏ ବକ୍ରତା ନଥିଲେ ଏ ନୃତ୍ୟ କି ଏତେ ଲାଳିତ୍ୟମୟ ହୋଇପାରନ୍ତା ? ଠିକ୍ ସେମିତି ଉପର ମୁଣ୍ଡରେ ଝରଣା ମୋଡ୍ ବୁଲିଥିବା ସ୍ଥାନରୁ 'କାର୍ଜି କେନାଲ୍'ର ଆରମ୍ଭ । ଚାଲିଲା ସାପଟିଏ ପରି (ଇଂରାଜୀ ଏସ୍/ଏଲ୍ ମାଳ ପ୍ରକାରେ) କେନାଲ୍ର ନକ୍ସା ।

କାର୍ଜି ଏବେ ବୃଦ୍ଧ । ତାର ଅବଦାନ କ୍ରମଶଃ ଲୋକ ଲୋଚନକୁ ଆସୁଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ ତା'ର ସହାୟତା ନେଉଛନ୍ତି । ତାର ଅନନ୍ୟତା ପାଇଁ ପ୍ରଥମ କଳାହାଣ୍ଡି ଉତ୍ସବ ୧୯୯୭ରେ 'କଳାହାଣ୍ଡି ସମ୍ମାନ' ଓ କଳାହାଣ୍ଡି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ବାର୍ଷିକ ଉତ୍ସବ ୧୯୯୯ରେ କାର୍ଜିଙ୍କୁ ସମ୍ମାନିତ କରାଯାଇଛି । ଆଖିରେ ଭଲ ନ ଦିଶିଲେ ବି ଅଞ୍ଜଳି ଅଞ୍ଜଳି ପାଣିକୁ ବାଟ କଢ଼େଇ ପାରିବାର ଦମ୍ଭ ଏବେ ବି କାର୍ଜି ଭିତରେ । ଏ ଦମ୍ଭ ଓ କାରିଗରୀର ପ୍ରକୃଷ୍ଟ ଉପଯୋଗ କରି 'କ୍ରମାଗତ ମରୁଡ଼ିର ଇଲାକା କଳାହାଣ୍ଡି'ରେ ଯଦି 'କାର୍ଜି କେନାଲ୍' ବହୁଳ ଭାବରେ କରାଯାଆନ୍ତା, ତେବେ ପାହାଡ଼ୀ ଅଧିବାସୀମାନେ ଉପକୃତ ହୁଅନ୍ତେ ଏବଂ ସେମାନଙ୍କର ଭବିଷ୍ୟତ ଆହୁ ଉଜ୍ଜ୍ୱଳତର ହୋଇପାରନ୍ତା ।

*ଅଧ୍ୟାପକ ବାଣିଜ୍ୟ ବିଭାଗ,*
*ଫକୀରମୋହନ ମହାବିଦ୍ୟାଳୟ,ବାଲେଶ୍ୱର*

• • •

# ରାଜ୍ୟ ବନ୍ୟା ନିୟନ୍ତ୍ରଣ ପରିଷଦର ୩୨ ତମ ବୈଠକ

ରାଜ୍ୟରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସମସ୍ତ ବିଭାଗ ପକ୍ଷରୁ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯିବା ସହିତ ପାର୍ବତ୍ୟ ଅଂଚଳ ଏବଂ ଉପକୂଳବର୍ତ୍ତୀ ଅଂଚଳ ପାଇଁ ଭିନ୍ନ ଭିନ୍ନ ଯୋଜନା ପ୍ରସ୍ତୁତ କରାଯିବ । କୃଷି ପଦ୍ଧତିରେ ପରିବର୍ତ୍ତନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ସେପ୍ଟେମ୍ବର ୧୭ ତାରିଖରେ ସଚିବାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ ବନ୍ୟା ନିୟନ୍ତ୍ରଣ ପରିଷଦର ୩୨ ତମ ବୈଠକରେ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଅଧ୍ୟକ୍ଷତା କରି କହିଲେ ଯେ ପାର୍ବତ୍ୟ ଅଞ୍ଚଳରେ ବନ୍ୟାଜଳର ସ୍ରୋତ ଅତ୍ୟନ୍ତ ପ୍ରଖର ଏବଂ ଉପକୂଳ ଅଞ୍ଚଳରେ ବନ୍ୟାଜଳ ନିଷ୍କାସନର ସମସ୍ୟା ହେତୁ ବ୍ୟାପକ ଫସଲ କ୍ଷତି ଘଟାଇଥାଏ । ଏଣୁ ଏହାକୁ ଦୃଷ୍ଟିରେ ରଖି ବନ୍ୟା ନିୟନ୍ତ୍ରଣ ଯୋଜନା ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ବୈଠକରେ ଜଳ ସମ୍ପଦ, କୃଷି, ସମବାୟ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସୂଚନା ଦେଇ କହିଲେ ଯେ, ୧୯୯୮ ଆର୍ଥିକ ବର୍ଷରେ ବନ୍ୟା ନିୟନ୍ତ୍ରଣ ପାଇଁ ମଞ୍ଜୁର କରାଯାଇଥିବା ୧୯୫୭ ଲକ୍ଷ ଟଙ୍କା ମଧ୍ୟରୁ ୧୯୯୯ ମସିହା ମାର୍ଚ୍ଚ ମାସ ସୁଦ୍ଧା ୧୪୫୬ ଲକ୍ଷ ଟଙ୍କା ବ୍ୟୟ କରାଯାଇ ପାରିଛି । ମହାନଦୀ ତ୍ରିକୋଣଭୂମି ଦ୍ୱିତୀୟ ପର୍ଯ୍ୟାୟରେ ଦୟା, ଭାର୍ଗବୀ, ଦ୍ୱୀପାଞ୍ଚଳରେ ତିନୋଟି ଜଳ ନିଷ୍କାସନ ଯୋଜନା ପ୍ରସ୍ତୁତ କରାଯାଇ ବିଶ୍ୱବ୍ୟାଙ୍କ ଅନୁମୋଦନ ପାଇଁ ପଠାଯାଇଛି । ବୈତରଣୀ ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯୯୭ ମସିହାରେ ଘଟିଥିବା ବନ୍ୟା କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ବନ୍ଧବାଡ଼ର ମରାମତି କାର୍ଯ୍ୟ ପାଇଁ ୫୪୦୩.୦୭ ଲକ୍ଷ ଟଙ୍କାର ଏକ ଅଟକଳ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପଠାଯାଇଥିଲା । ତନ୍ମଧ୍ୟରୁ ୧୯୯୭-୯୮ ମସିହାରେ ୯୧୫.୫୦ ଲକ୍ଷ ଟଙ୍କା, ୧୯୯୮-୯୯ ମସିହାରେ ୨୯୩.୫୪ ଲକ୍ଷ ଟଙ୍କା ମିଳିଥିଲା । ସେଥିରୁ ଆବଶ୍ୟକ ମରାମତି କାର୍ଯ୍ୟ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ । ଗୋବର୍ଦ୍ଧନପୁରର ବ୍ୟାରେଜ୍ ନିର୍ମାଣ ହେବା ଦ୍ୱାରା ଭାର୍ଗବୀ ନଦୀର ବନ୍ୟା ନିୟନ୍ତ୍ରଣ କରାଯିବା ସଙ୍ଗେ ସଙ୍ଗେ ଉକ୍ତ ବ୍ୟାରେଜରୁ ୧୮୦୦ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇ ପାରୁଛି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । ଗବକୁଣ୍ଡ କଟ୍ ପ୍ରକଳ୍ପ ଉପରେ ୨୩୭ ମିଟର ଲମ୍ବର ଏକ ସେତୁ ନିର୍ମାଣ ପାଇଁ ନାବାର୍ଡ଼ ପକ୍ଷରୁ ୫.୮୦ କୋଟି ଟଙ୍କା ଋଣ ମଞ୍ଜୁର କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ୧୯୯୮-୯୯ ଆର୍ଥିକ ବର୍ଷରେ ବନ୍ୟା ନିୟନ୍ତ୍ରଣ ପାଇଁ ୧୯୫୭ ଲକ୍ଷ ଟଙ୍କା, ଅଣ-ଯୋଜନା ବାବଦରେ ୧୬୪୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ।

ଉତ୍କଳ ପ୍ରସଙ୍ଗ

# ବିରଞ୍ଚି ନାରାୟଣ ମନ୍ଦିରର ଭାସ୍କର୍ଯ୍ୟ

● ଡକ୍ଟର ବ୍ରଜକିଶୋର ପାଢ଼ୀ

ବିରଞ୍ଚିନାରାୟଣ ମନ୍ଦିର ଓଡ଼ିଶାର ଗଞ୍ଜାମ ଜିଲ୍ଲାର ବୁଗୁଡ଼ାର ମଧ୍ୟରେ ଅବସ୍ଥିତ । ଘୁମୁସର ରାଜବଂଶରେ ଜନ୍ମଗ୍ରହଣ କରିଥିବା ଶ୍ରୀକର ଭଞ୍ଜ ଏହି ମନ୍ଦିରଟି ନିର୍ମାଣ କରିଥିଲେ । ମନ୍ଦିରର ନିମ୍ନଭାଗଟି ପଥରରେ ନିର୍ମିତ । କିନ୍ତୁ ଛାତ ଏବଂ ମନ୍ଦିରର ଅଧିକାଂଶ ଭାଗ କାଠରେ ନିର୍ମିତ । କାଠରେ ଉପର ସ୍ତରରେ ଏକ ତମ୍ବା ଧାତୁର ଆବରଣ ଦିଆଯାଇଛି । ବିରଞ୍ଚିନାରାୟଣ ମନ୍ଦିରର ପ୍ରତ୍ୟେକ କଳା ଓ ସ୍ଥାପତ୍ୟ ମଧ୍ୟରେ ଭାରତର ପ୍ରାଚୀନ କଳାର ବୈଶିଷ୍ଟ୍ୟ ଭରି ଦିଆଯାଇଛି ।

ଏହି ମନ୍ଦିରର ବିଗ୍ରହକୁ ନେଇ ଅନେକ ଲୋକକଥା, କିମ୍ବଦନ୍ତୀ ଶୁଣିବାକୁ ମିଳେ । କେତେକ ଐତିହାସିକଙ୍କ ମତରେ ଖ୍ରୀଷ୍ଟାବ୍ଦ ୧୬୨୮ରେ ମୋଗଲ ସେନାପତି ବକର ଖାଁଙ୍କ ଦ୍ୱାରା କୋଣାର୍କ ମନ୍ଦିର ଧ୍ୱଂସ କରାଯାଇଥିଲା । ତେଣୁ ସେହି ମନ୍ଦିରର ବିଗ୍ରହଟି ଏହି ମନ୍ଦିରକୁ ସ୍ଥାନାନ୍ତରିତ କରାଗଲା । ଆଉ କେତେକଙ୍କ ମତରେ, ପ୍ରସ୍ତର ବିଗ୍ରହଟି କେଶରାପଲ୍ଲୀ ଗ୍ରାମ ନିକଟସ୍ଥ ଏକ ପାହାଡ଼ରେ ପୋତି ହୋଇଥିଲା । ଶ୍ରୀକରଭଞ୍ଜ ସେହି ସ୍ଥାନକୁ ଖୋଦନ କରି ସେଠାରୁ ବିଗ୍ରହଟିକୁ ଉଦ୍ଧାର କରି ବୁଗୁଡ଼ାର ବିରଞ୍ଚି ନାରାୟଣ ମନ୍ଦିରରେ ସ୍ଥାପନ କଲେ । ଆଉ କେତେକଙ୍କ ମତରେ ଏହି ମନ୍ଦିରରେ ପ୍ରଥମେ ଦାରୁ ଓ ଧାତୁ ବିଗ୍ରହ ଥିଲା ଓ ପରେ କେଶରାପଲ୍ଲୀ ନିକଟରୁ ପ୍ରସ୍ତର ବିଗ୍ରହଟି ଆଣି ସ୍ଥାପନ କରାଗଲା । କିନ୍ତୁ ଉପରୋକ୍ତ ମତଗୁଡ଼ିକ ଐତିହାସିକ ବିବରଣୀ ଏବଂ ହିନ୍ଦୁ ଶାସ୍ତ୍ରରେ ମନ୍ଦିର ସମ୍ପର୍କରେ ଥିବା ନିୟମ ଓ ପଦ୍ଧତିକୁ ଅବମାନନା କରୁଛି । ପ୍ରସ୍ତର ମୂର୍ତ୍ତିଟି କେଶରାପଲ୍ଲୀ ନିକଟସ୍ଥ ହାତୀ ପାହାଡ଼ର ପାଦଦେଶରୁ ମାଟିତଳୁ ଶ୍ରୀକରଭଞ୍ଜଙ୍କ ସମୟରେ ଆବିଷ୍କୃତ କରାଯାଇଛି । ଏହି ବିଗ୍ରହ ବ୍ୟତୀତ ସେହିଠାରୁ ଅନେକ ମୂର୍ତ୍ତି ମିଳିଛି । ସେସବୁ ମୂର୍ତ୍ତି ଅଦ୍ୟାବଧି କିମିନା, ବଲ୍ଲପଲ୍ଲୀ, ମୁନିଗାଡ଼ି ଇତ୍ୟାଦି ଗ୍ରାମର ମନ୍ଦିରମାନଙ୍କରେ ପୂଜା ପାଉଛନ୍ତି । ଏହାର ମୂର୍ତ୍ତିତତ୍ତ୍ୱକୁ ଅନୁଧ୍ୟାନ କଲେ ମଧ୍ୟଯୁଗର ପ୍ରାରମ୍ଭ କାଳର କଳା ସ୍ଥାପତ୍ୟ ସହିତ ଏହାର ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ ।

ଭାରତୀୟ କଳା ବହୁ ପୁରାତନ । ବିଗ୍ରହ ସମ୍ପର୍କରେ ଋକ୍‌ବେଦରେ ଓ ମନ୍ଦିର ସମ୍ପର୍କରେ ଅଥର୍ବ ବେଦରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରାଯାଇଛି ।

ବିଗ୍ରହଗୁଡ଼ିକ ସାଧାରଣତଃ ତିନି ପ୍ରକାରର ଏବଂ ଗଠିତ ପଦାର୍ଥକୁ ନେଇ ବିଗ୍ରହର ଆୟୁ ନିର୍ଦ୍ଧାରଣ କରାଯାଇଛି । ବର୍ତ୍ତମାନ ଏହି ମନ୍ଦିରରେ ଗୋଟିଏ ଆସ୍ଥାନରେ ବିରଞ୍ଚିନାରାୟଣଙ୍କର ଦାରୁ, ଧାତୁ ଓ ପ୍ରସ୍ତର ଏପରି ତିନୋଟି ବିଗ୍ରହ ଅଛି । ତିନୋଟି ଯାକ ବିଗ୍ରହ ଦେଖିବାକୁ ଏକା ପରି । ଦାରୁ ବିଗ୍ରହ ନିମ୍ବ କାଠରେ ନିର୍ମିତ । ଧାତୁ ବିଗ୍ରହଟି ଅଷ୍ଟ ଧାତୁରେ ଏବଂ ଅନ୍ୟଟି ଶିଳାରେ ନିର୍ମିତ । କାଠରେ ଓ ଧାତୁରେ ନିର୍ମିତ ବିଗ୍ରହ ଦୁଇଟିରେ ଆକାରରେ ସାମାନ୍ୟ ତାରତମ୍ୟ ଥିବାବେଳେ ଶିଳାରେ ନିର୍ମିତ ବିଗ୍ରହଟି ଏହି ଦୁଇ ବିଗ୍ରହଠାରୁ ଅତି ବଡ଼ । ପର୍ବପର୍ବାଣୀ ଅନୁଯାୟୀ ବିଗ୍ରହମାନଙ୍କର ସ୍ଥାନାନ୍ତରିକରଣ ବା ପରିକ୍ରମା ହୋଇଥାଏ । ଦାରୁ ଓ ଧାତୁ ବିଗ୍ରହକୁ ସ୍ଥାନାନ୍ତରିତ କରାଯାଇଥାଏ । ଶିଳା ବିଗ୍ରହ ସ୍ଥାନାନ୍ତରିତ ହୁଏ ନାହିଁ । ରଥ ସପ୍ତମୀ, ଶାରଦୀୟ ଦଶମୀ ଇତ୍ୟାଦି ପର୍ବମାନଙ୍କରେ ଏହି ମନ୍ଦିରର କାଷ୍ଠ ପ୍ରତିମାକୁ ଗୋଟିଏ ସୁସଜ୍ଜିତ ରଥରେ ବସାଇ ନିକଟସ୍ଥ ମଣ୍ଡପକୁ ପ୍ରାତଃରୁ ଅଣାଯାଏ ଓ ସନ୍ଧ୍ୟାକୁ ମନ୍ଦିର ଭିତରକୁ ନିଆଯାଏ । ଅନ୍ୟାର୍ଥରେ ପୂର୍ବାହ୍ନ, ମଧ୍ୟାହ୍ନ ଓ ଅପରାହ୍ନ ଏପରି ଦିନକୁ ତିନି ଭାଗରେ ଆମେ ବିଭକ୍ତ କରିଥାଉ, କାରଣ ସୂର୍ଯ୍ୟଙ୍କ ରଶ୍ମି ତେଜରେ ଭିନ୍ନ ଭିନ୍ନ ପ୍ରଖରତା ଉପଲବ୍ଧ ହୁଏ । ଏହି ଦୃଷ୍ଟିକୋଣରୁ ମନ୍ଦିରର ଏହି ତିନୋଟି ବିଗ୍ରହ ସେହି ତିନି ଭାଗକୁ ବୁଝାଇଥାଏ । ଗୋଟିଏ ମନ୍ଦିରରେ ଗୋଟିଏ ଦେବତାଙ୍କ ଦାରୁ, ଧାତୁ ଓ ଶିଳା ଏପରି ତିନୋଟି ବିଗ୍ରହ ଅନ୍ୟତ୍ର ପାଇବା ବିରଳ ।

ଭାରତର ବିଭିନ୍ନ ସ୍ଥାନରେ ସୂର୍ଯ୍ୟ ମନ୍ଦିର ଅଛି ଯଥା : ଗୁଜୁରାଟର ପ୍ରଭାସ, ମୋଧେରା, ଉଦୟଗିରିର ମଞ୍ଚପୁରୀ ଗୁମ୍ଫା, କୋଦଳା, କୋଣାର୍କ, ଆର୍ଣ୍ଣାବଲି ଇତ୍ୟାଦି ପ୍ରଧାନ । ଉଦୟଗିରିର ମଞ୍ଚପୁରୀ ଗୁମ୍ଫାର ତଳ ମହଲାରେ ସୂର୍ଯ୍ୟଙ୍କର ବର୍ତ୍ତୁଳାକାର ଛବି ଅଛି । ବିହାର ପ୍ରଦେଶର ବୁଦ୍ଧଗୟା ମନ୍ଦିରର ଏକ ସ୍ଥାପତ୍ୟରୁ ସୂର୍ଯ୍ୟଙ୍କର ମୂର୍ତ୍ତି ଦେଖିବାକୁ ମିଳେ । ଏଥିରେ ଏକ ଚକ୍ର ବିଶିଷ୍ଟ ରଥକୁ ଚାରୋଟି ଅଶ୍ୱ ଟାଣୁଛନ୍ତି । ଏଥିରୁ ସ୍ପଷ୍ଟ ହୁଏ ଯେ ବୁଦ୍ଧଦେବଙ୍କ ସମୟରେ ଭାରତରେ ସୂର୍ଯ୍ୟ ପୂଜାର ପ୍ରଚଳନ ଥିଲା । ପୁରାତନ କାଳରେ ଭାରତୀୟ ଲୋକମାନେ ଯୁଦ୍ଧରଥରେ ଚାରୋଟି ଅଶ୍ୱ ବାନ୍ଧୁଥିଲେ । ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗରୁ ମିଳିଥିବା ମାରିଚୀ ମୂର୍ତ୍ତି ଏକ ରଥରେ ଦଣ୍ଡାୟମାନ । ଏହି ରଥକୁ ସାତୋଟି ଶୁକର ଟାଣୁଛନ୍ତି । ଋକ୍ ବେଦରେ ସୂର୍ଯ୍ୟ ଦେବତାଙ୍କୁ ମାନବୀୟ ରୂପରେ ରଥ ଆରୋହଣ ସମୟରେ ଗୋଟିଏ, ତିନୋଟି, ଚାରୋଟି, ସାତୋଟି ଅଶ୍ୱଥିବା ଦର୍ଶାଯାଇଛି । ଏ ପ୍ରକାର ପ୍ରଭାବରେ ଏହି ମନ୍ଦିରର ମୂର୍ତ୍ତିଟିକୁ ରଥାରୂଢ଼ କରାଯାଇ ଗୋଟିଏ ଚକ୍ର ଓ ସାତୋଟି ଅଶ୍ୱ ଖଞ୍ଜା ଯାଇଛି । ମନ୍ଦିରର ଗଠନ ଶୈଳୀକୁ ଆଧାର କରି ଭାରତୀୟ ମନ୍ଦିରଗୁଡ଼ିକୁ ତିନି ଭାଗରେ ବିଭକ୍ତ କରାଯାଏ : ଦ୍ରାବିଡ଼, ନାଗର ଓ ବେସର । କିନ୍ତୁ ଏହି ମନ୍ଦିରଟି ଦେଖିବାକୁ ଠିକ୍ ଏକ କୁଟୀର ପରି । ଇଂରାଜୀରେ ଏହାକୁ ହମ୍‌ଲେଟ୍ ଷ୍ଟାଇଲ୍ କହନ୍ତି । ଏହି ମନ୍ଦିରର ରୂପରେଖ ଗୁରୁଭାୟୁରରେ ଥିବା ଶ୍ରୀଗୁରୁଭାୟୁର ପ୍ରପାୟନ ମନ୍ଦିର, କଲିକତାର ଦକ୍ଷିଣେଶ୍ୱର କାଳୀମନ୍ଦିର ସହିତ ଅନେକ ସାମଞ୍ଜସ୍ୟ ରହିଛି । ଏହି ମନ୍ଦିରର ଶୈଳୀ ଭାରତର ଅନ୍ୟାନ୍ୟ ସୂର୍ଯ୍ୟମନ୍ଦିରର ଶୈଳୀ ମଧ୍ୟରେ ଅନେକ ପ୍ରଭେଦ ଥିବା ପରିଲକ୍ଷିତ ହୁଏ । ଭାରତର ସବୁ ସୂର୍ଯ୍ୟ ମନ୍ଦିର ପୂର୍ବାଭିମୁଖୀ । ଏଣୁ ସୂର୍ଯ୍ୟଙ୍କ ରଶ୍ମି ସେଠାରେ ସୂର୍ଯ୍ୟ ଉଦୟ ସମୟରେ ବିଗ୍ରହରେ ପଡ଼େ । ଏଣୁ ସୂର୍ଯ୍ୟଙ୍କ ରଶ୍ମି ଅସ୍ତ ସମୟରେ ଏହି ମନ୍ଦିରଟି ପଶ୍ଚିମାଭିମୁଖୀ ।

ଏଠାରେ ବିଗ୍ରହରେ ପଡ଼େ । ଭାରତର ଅନ୍ୟ କୌଣସି ସୂର୍ଯ୍ୟ ମନ୍ଦିର ପଶ୍ଚିମାଭିମୁଖୀ ହୋଇ ନିର୍ମିତ ହୋଇନାହିଁ । କୋଣାର୍କ ମନ୍ଦିରଟି ଚାରି ପ୍ରକୋଷ୍ଠ ବିଶିଷ୍ଟ । ଏହି ମନ୍ଦିରରେ ସାତୋଟି ପ୍ରକୋଷ୍ଠ ଅଛି । ଓଡ଼ିଶାର କେତୋଟି ମାତ୍ର ମନ୍ଦିର ସ୍ତମ୍ଭ ଆଧାର ନିର୍ମାଣ ହୋଇଛି । ଏହି ମନ୍ଦିରରେ ଛତିଶଟି ସ୍ତମ୍ଭ ଅଛି । ଦକ୍ଷିଣ ଭାରତର ଅନେକ ମନ୍ଦିରରେ ସ୍ତମ୍ଭମାନ ଥାଏ । ଉତ୍ତରାଞ୍ଚଳ ଦକ୍ଷିଣ ଭାରତର ଚାଲିଚଳଣି, ଭାବଧାରା ସହିତ ଅନେକାଂଶରେ ଜଡ଼ିତ ଥିବାରୁ ଏହାର ପ୍ରଭାବ ଏହି ମନ୍ଦିରରେ ଦେଖାଦେଉଛି । ଭଦ୍ର ମଣ୍ଡପ ଏବଂ ଆସ୍ଥାନ ଛାତର ନିମ୍ନରେ ଅନେକ ଗୁଡ଼ିଏ କାଷ୍ଠମୂର୍ତ୍ତି ଅଛି । ଏଥିରେ କାର୍ତ୍ତିକ, ଗଣେଶ, ମହିଷା ମର୍ଦ୍ଦିନୀ, ଚଉଷଠୀ ଯୋଗିନୀ, ଦଶ ମହାବିଦ୍ୟା, ଦଣ୍ଡ ପିଙ୍ଗଳ, ଦଶ ଦିଗପାଳ, ନବଗ୍ରହ, ଅଷ୍ଟାବସୁ, ବିଷ୍ଣୁ, ଶିବ, ଜଗନ୍ନାଥ, ଗୋପୀନାଥ ଇତ୍ୟାଦି ମୂର୍ତ୍ତିଗୁଡ଼ିକ ଅସ୍ତ୍ର ଧରି ଦଣ୍ଡାୟମାନ ଅଛନ୍ତି । ଛାତରେ କ୍ରମାନୁଯାୟୀ ରାମକୃଷ୍ଣ କଳ୍ପ, ଗୋପଲୀଳା, ରାବଣ ବଧ, କଂସବଧ ଇତ୍ୟାଦି କାଠରେ ମୂର୍ତ୍ତି ଆକାରରେ ଗଢ଼ାଯାଇ ସଜାଯାଇଛି । ଏହି ସବୁ ମୂର୍ତ୍ତିଗୁଡ଼ିକ ଦଣ୍ଡାୟମାନ । ମୁଖ୍ୟ ଦେବତା ସୂର୍ଯ୍ୟଙ୍କ ବିଗ୍ରହଟି ଦଣ୍ଡାୟମାନ ଅବସ୍ଥାରେ ଅଛନ୍ତି । ଅନ୍ୟ ଦେବତାମାନେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ସହଯୋଗ ନିମିତ୍ତ ଆସିଛନ୍ତି ।

ସେମାନେ ମଧ୍ୟ ଗତିଶୀଳ । ରାଜଦରବାରରେ ରାଜା ଠିଆ ହେଲେ ତାଙ୍କୁ ସମ୍ମାନ ଜଣାଇ ତାଙ୍କର ସଭାସଦ୍‌ମାନେ ଠିଆ ହୋଇ ପଡ଼ନ୍ତି । ସେପରି ଏଠାରେ ସୂର୍ଯ୍ୟ ବିଗ୍ରହ ଦଣ୍ଡାୟମାନ ଥିବାରୁ ତାଙ୍କୁ ସମ୍ମାନ ଜଣାଇ ଅନ୍ୟାନ୍ୟ ଦେବତାମାନଙ୍କୁ ଦଣ୍ଡାୟମାନ ରୂପେ ନିର୍ମାଣ କରାଯାଇଛି । ପୁନଶ୍ଚ ପାର୍ଶ୍ୱଦେବତାମାନେ ଯେହେତୁ ସୂର୍ଯ୍ୟଙ୍କ କର୍ମ ସହଯୋଗରେ ଆସିଛନ୍ତି, ତେଣୁ ସେମାନଙ୍କର ଯୁଗଳମୂର୍ତ୍ତି ନାହିଁ ଯଥା : ରାମ-ସୀତା, ଶିବ-ପାର୍ବତୀ ଇତ୍ୟାଦି । ରାଧାଙ୍କ ବିନା ଗୋପଲୀଳା, ସୀତାଙ୍କ ବିନା ରାମାୟଣ ଅସମ୍ପୂର୍ଣ୍ଣ ଓ କ୍ରମାନୁୟରେ ବାଧା ଆସିବ । ଏଣୁ ପ୍ରାସଙ୍ଗିକତାକୁ ନେଇ ସେମାନଙ୍କୁ ସ୍ଥାନ ଦିଆଯାଇଛି । ଏଠାରେ ନାରୀମାନଙ୍କ ସ୍ଥାନ ଗୌଣ ଆକାରରେ ଦର୍ଶାଯାଇଛି । ପୂର୍ବେ ଭାରତୀୟ ସନ୍ୟାସୀମାନେ ବର୍ଷାଋତୁର ପ୍ରାରମ୍ଭରେ ଜଙ୍ଗଲରୁ ଫେରି କାଠରେ କୁଟୀର ନିର୍ମାଣ କରି ରହୁଥିଲେ । ଏଥିରେ ବିଭିନ୍ନ ଦେବଦେବୀ ମୂର୍ତ୍ତି ଖୋଦିତ ହୋଇଥାଏ । ଅଶୋକଙ୍କ ରାଜତ୍ୱ ସମୟ ପର୍ଯ୍ୟନ୍ତ ଭାରତରେ ଏପରି କୁଟୀର ନିର୍ମାଣ ହେଉଥିଲା । ପୌରାଣିକ ବା ସାମାଜିକ ଭାବଧାରାକୁ ଆଧାର କରି କାଠ କଣ୍ଢେଇମାନ ନିର୍ମାଣ କରାଯାଉଛି ଏବଂ ଅପେରା ରୂପେ ସାରା ଭାରତରେ ପ୍ରସିଦ୍ଧି ଲାଭ କରିଛି ।

ଚିତ୍ରକଳାକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଥାଏ । ଯଥା : ମୁରାଲ ଚିତ୍ରକଳା, ପଟଚିତ୍ରକଳା, ତାଳପତ୍ର ଚିତ୍ରକଳା ଇତ୍ୟାଦି । ମୁରାଲ ଚିତ୍ର କଳା ପାଇଁ କାନ୍ଥରେ ଏକ ପ୍ରକାର ଲେପ ଦିଆଯାଏ । ତହିଁ ଉପରେ ଚିତ୍ର ଅଙ୍କିତ ହୁଏ । ଓଡ଼ିଶାର ପୁରୀ, ଧରାକୋଟ, ବୁଗୁଡ଼ା, ଜଗନ୍ନାଥ ପ୍ରସାଦ, ବରପାଲି ଇତ୍ୟାଦି ସ୍ଥାନରେ ଏହିସବୁ ଚିତ୍ରକଳା ଅଛି । ଚିତ୍ରକଳାମାନଙ୍କରେ ଭଗବାନଙ୍କ ଦଶାବତାର, ମାଣିକପଟେଲୀ ଦହି ପିଉଥିବା ଚିତ୍ର, ଜଗନ୍ନାଥ, ବଳଭଦ୍ରଙ୍କ ଚିତ୍ର, ରାଜା ପୁରୁଷୋତ୍ତମଦେବଙ୍କୁ ସାହାଯ୍ୟ କରିବା ପାଇଁ ଅଶ୍ୱରେ କାଞ୍ଚି ଅଭିଯାନ ଇତ୍ୟାଦିର ଚିତ୍ରକଳା ଶିଳ୍ପୀ ଅଙ୍କନ କରିଥାଏ । ଏହି ମନ୍ଦିର କାନ୍ଥମାନଙ୍କରେ ଶ୍ରୀକ୍ଷେତ୍ର ଚରିତ, ରାମାୟଣ, ଗୋପଲୀଳା, ଦଶାବତାର ଇତ୍ୟାଦିର ଚିତ୍ରକଳା ଅଙ୍କନ କରାଯାଇଛି । ସାଧାରଣତଃ ରାଜାମାନେ ନିଜର ପରାକ୍ରମର ସ୍ମୃତି ଉଦ୍ଦେଶ୍ୟରେ ନିଜର ବୀରତ୍ୱ ଅମର ରଖିବା ପାଇଁ ଓ ଇଷ୍ଟଦେବୀଙ୍କର ଛବି ଇତ୍ୟାଦି ପ୍ରଚଳିତ ମୁଦ୍ରାରେ ଅଙ୍କିତ କରୁଥିଲେ । କିନ୍ତୁ ଭଞ୍ଜବଂଶର ରାଜାମାନେ ଥିଲେ ସାହିତ୍ୟାନୁରାଗୀ କଳାପ୍ରେମୀ । ସେମାନଙ୍କର ଆୟ ସୀମିତ । ରାଜ୍ୟର ସୀମା ଅତି କ୍ଷୁଦ୍ର । ଏଣୁ ଶ୍ରୀକର ଭଞ୍ଜ ବିରଞ୍ଚି ନାରାୟଣ ମନ୍ଦିରର ଗର୍ଭଗୃହ ମଧ୍ୟରେ ତାଙ୍କ ପ୍ରତିଛବି ଅଙ୍କିତ କରିଛନ୍ତି ।

ଆଜକୁ ପ୍ରାୟ ଦୁଇଶହ ବର୍ଷ ତଳେ ନିର୍ମିତ ବିରଞ୍ଚିନାରାୟଣ ମନ୍ଦିରଟି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଆସି ପହଞ୍ଚିଲାଣି । ଏହାର ତତ୍କାଳ ସୁରକ୍ଷା ଓ ମରାମତି ପାଇଁ ରାଜ୍ୟ ପତ୍ନତାତ୍ତ୍ୱିକ ବିଭାଗ ପଦକ୍ଷେପ ନେବା ଆବଶ୍ୟକ । ନଚେତ୍ ଏହି ଦ୍ୱିତୀୟ ଅର୍କକ୍ଷେତ୍ରଟିର ଦୁର୍ଲଭ କଳାକୃତି ପାଇଁ ନଷ୍ଟ ହୋଇଯିବ ।

କୃଷ୍ଣ ...

• • •



# କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ : ଗୁପ୍ତେଶ୍ୱର

● ଶ୍ରୀ ଭବାନୀ ଶଙ୍କର ସାହୁ

ମନ୍ଦିରମାଳିନୀ ଓଡ଼ିଶାର ପ୍ରତି କୋଣେ ଅନୁକୋଣେ ଭରି ରହିଛି ବହୁ ଐତିହାସିକ ଖ୍ୟାତି ସମ୍ପନ୍ନ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିରମାଳା । ଓଡ଼ିଶାର କୌଣସି ଜିଲ୍ଲା ଏଥିରୁ ବାଦ୍ ପଡ଼ିନି । ବିସ୍ତୀର୍ଣ୍ଣ ବେଳାଭୂମି, ପ୍ରାଚୀନ ମନ୍ଦିର ମାଳା, ଘଞ୍ଚ ଜଙ୍ଗଲର ମନୋରମ ପରିବେଶ ତଥା ପ୍ରକୃତିର ଶୋଭା ପର୍ଯ୍ୟଟକମାନଙ୍କ ନିମନ୍ତେ ଆକର୍ଷଣୀୟ । ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା କୋରାପୁଟ ଜିଲ୍ଲାଟି ଆଦିବାସୀ ଅଧ୍ୟୁଷିତ ତଥା ବହୁ ପ୍ରାକୃତିକ ସମ୍ପଦରେ ଭରପୂର । ଆଦିବାସୀମାନଙ୍କର ଜୀବନଯାତ୍ରା, ସାମାଜିକ ଚାଲିଚଳଣି ସମ୍ପର୍କରେ ଜାଣିବା ପାଇଁ ବହୁ ପର୍ଯ୍ୟଟକ ଓ ଗବେଷକ ଏହି ଜିଲ୍ଲାକୁ ଆସିଥାନ୍ତି ।

ମନ୍ଦିର ପର୍ଯ୍ୟଟନ ପାଇଁ ଜିଲ୍ଲାରେ ସେପରି କୌଣସି ସୁଯୋଗ ନଥିଲେ ମଧ୍ୟ ଜିଲ୍ଲାର ଅତ୍ୟନ୍ତ ଦୁର୍ଗମ ସ୍ଥାନମାନଙ୍କରେ ବହୁ ଦେବଦେବୀ କେଉଁ ଇତିହାସହୀନ କାଳରୁ ପ୍ରତିଷ୍ଠିତ ହୋଇ ଉପାସିତ ହୋଇ ଆସୁଛନ୍ତି । ଏହିସବୁ ଦେବଦେବୀଙ୍କ ସମ୍ପର୍କରେ ପ୍ରଚଳିତ କିମ୍ବଦନ୍ତୀ ଯେତିକି କୌତୂହଳୋଦ୍ଦୀପକ, ସେତିକି ବିସ୍ମୟକର । କୋରାପୁଟ ଜିଲ୍ଲାର ଶୈବପୀଠ 'ଗୁପ୍ତେଶ୍ୱର' ଏହାର ଏକ ଜ୍ୱଳନ୍ତ ନିଦର୍ଶନ ।

ଗୁପ୍ତେଶ୍ୱର ଏକ ଶୈବପୀଠ ଭାବରେ ସାରା ଓଡ଼ିଶାରେ ପ୍ରସିଦ୍ଧିଲାଭ କରିଥିଲେ ମଧ୍ୟ ତଥାପି ରହିଛି ଦୁର୍ଗମ ଓ ଅବହେଳିତ ।

କୋରାପୁଟ ଜିଲ୍ଲାର ଜୟପୁରଠାରୁ ଦକ୍ଷିଣକୁ ପ୍ରାୟ ୨୩ କିଲୋମିଟର ଦୂର ରାମଗିରି ପାର୍ବତ୍ୟମାଳାର ଏକ ଦୁର୍ଗମ ଗିରିଗୁହାରେ ପ୍ରାଚୀନ ଶୈବପୀଠ ଗୁପ୍ତେଶ୍ୱର ଅବସ୍ଥିତ । ପ୍ରାୟ ୫ଫୁଟ ଉଚ୍ଚତା ଓ ୨ଫୁଟ ଗୋଲେଇ ବିଶିଷ୍ଟ ଏହି ଶିବ ଲିଙ୍ଗ ଘନ ଜଙ୍ଗଲରେ ଏକ ପାହାଡ଼ ଗୁମ୍ଫା ମଧ୍ୟରେ ଲୁକ୍କାୟିତ ବା ଗୁପ୍ତ ଅବସ୍ଥାରେ ରହିଥିବା ଯୋଗୁ ଏହାକୁ ଗୁପ୍ତେଶ୍ୱର ନାମରେ ନାମିତ କରାଯାଇଛି ବୋଲି ଲୋକ ମୁଖରେ ପ୍ରଚଳିତ ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ରାମଗିରି ଜଙ୍ଗଲର ଦୁର୍ଗମ ଗିରିଗୁହାରେ ଅବସ୍ଥିତ ଏହି ଗୁପ୍ତେଶ୍ୱର ପୀଠର ପୂର୍ବ ଦିଗରେ ଭାଲୁ ପାହାଡ଼, ଦକ୍ଷିଣ ଦିଗରେ ପାରାଭାଡ଼ି, ସ୍ୱର୍ଗଦ୍ୱାର, ବାଘଗୁମ୍ଫା ଓ ଦେଓବନ୍ଧ ରହିଥିବା ବେଳେ ପଶ୍ଚିମ ଦିଗରେ କୋଲାବ ନଦୀ ପ୍ରବାହିତ । ଏହି ନଦୀ କୋରାପୁଟ ଆଡୁ ପ୍ରବାହିତ ହୋଇ ଗୁପ୍ତେଶ୍ୱରଠାରେ ଅଶ୍ୱିକୁଣ୍ଡରେ ପ୍ରବେଶ କରି ବହି ଆସିଛି । ଏହି କୋଲାବ ନଦୀକୁ କେତେକ ସାବେରୀ ନଦୀ ବୋଲି କହୁଥିବା ବେଳେ କେତେକ ଆଲାପ ନଦୀ ମଧ୍ୟ କହନ୍ତି । ଏହି ପୀଠରେ ଗୁପ୍ତେଶ୍ୱର ମହାଦେବଙ୍କ ମୁଖ୍ୟଲିଙ୍ଗ ବ୍ୟତୀତ ବହୁ ଦେବଦେବୀଙ୍କ ବିଗ୍ରହ ରହିଛି । ଗୁହା ମଧ୍ୟକୁ ପ୍ରବେଶ ପଥରେ ମହାଲକ୍ଷ୍ମୀଙ୍କ ବିଗ୍ରହ ରହିଥିବା ବେଳେ ପାର୍ଶ୍ୱରେ ଗଣେଶ, କାର୍ତ୍ତିକ, ବୃଷଭ, ପାର୍ବତୀ ଓ ନାରାୟଣଙ୍କ ମୂର୍ତ୍ତି ମଧ୍ୟ ରହିଛି । ଗୁପ୍ତେଶ୍ୱର ମହାଦେବଙ୍କ ପଛପଟେ ଥିବା ଗୁମ୍ଫା ପଥଦେଇ ଗଲେ ପଡ଼େ, ଜଗମୋହନ କୋଠା । ଏହି କୋଠାର ପାଷାଣ ଦେହରେ ଗାଈର ପହ୍ନାରେ ଥିବା ଚିହ୍ନ ପରି ଅନେକଗୁଡ଼ିଏ ଚିହ୍ନ ଦେଖିବାକୁ ମିଳେ । ଏହାକୁ କପିଳା ଗାଈର ଚିହ୍ନ ବୋଲି କୁହାଯାଇଥାଏ । ଜଗମୋହନ କୋଠା ଦେଇ ଗୁମ୍ଫାର ଆଭ୍ୟନ୍ତରୀଣ ଭାଗକୁ ଗଲେ ପଡ଼େ ଋଷିଗୁମ୍ଫା, ସମାଧିଗୁମ୍ଫା, ଗାଙ୍ଗୋତ୍ରୀ ଗୁମ୍ଫା । ଏହି ଗୁମ୍ଫା ମଧ୍ୟକୁ ଯିବାକୁ ହେଲେ ଅମ୍ଳଜାନର ଆବଶ୍ୟକତା ପଡ଼ିଥାଏ ।

ଗୁପ୍ତେଶ୍ୱରଙ୍କ ଆବିର୍ଭାବ ସମ୍ପର୍କରେ ଲୋକ ପ୍ରଚଳିତ କିମ୍ବଦନ୍ତୀରୁ ଜଣାଯାଏ ଯେ, ୧୬୦୦ ଶତାବ୍ଦୀ ବେଳକୁ ରାମଗିରି ଜଙ୍ଗଲରେ ଜୟପୁର ମହାରାଜାଙ୍କର ଅନେକଗୁଡ଼ିଏ ଗାଈଗୋଠ ରଖାଯାଇଥିଲା । ଗାଈଗୁଡ଼ିକରେ ତତ୍ତ୍ୱାବଧାନ ପାଇଁ ଅନେକ ଗଉଡ଼ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା । ଥରେ ଜଣେ ଗଉଡ଼ ଗୋଟିଏ ଗାଈ ନିକଟରେ କିଛି ବ୍ୟତିକ୍ରମ ଦେଖିବାକୁ ପାଇଲେ । ଗାଈଟି ଗୋଠକୁ ବିଳମ୍ବରେ ଫେରୁଥିବା ଓ ଆଦୌ ଦୁଧ ଦେଉନଥିବା ଲକ୍ଷ୍ୟ କଲେ । ଏହାର କାରଣ ଜାଣିବା ପାଇଁ ସେ ଗାଈଟିର ଉପରେ କଡ଼ା ନଜର ରଖି ତା'ର ପିଛା କଲେ ଓ ଏକ ଗୁମ୍ଫା ନିକଟରେ ପହଞ୍ଚିଲେ । ଗୁମ୍ଫା ଭିତରକୁ ଯାଇ ଗାଈଟି ଗୁମ୍ଫା ମଧ୍ୟରେ ଥିବା ଏକ ବିରାଟ ଶିବ ଲିଙ୍ଗ ନିକଟରେ ଅଟକି ରହୁଥିବା ଓ ଚିର ଗୁଡ଼ିକରୁ ଆପେ ଆପେ ଦୁଧ ବାହାରି ଆସି ଲିଙ୍ଗ ଉପରେ ପଡୁଥିବା ଦେଖିବାକୁ ପାଇଥିଲେ । ଗଉଡ଼ ଜଣକ ଏ ସମ୍ପର୍କରେ ତତ୍କାଳୀନ ଜୟପୁର ମହାରାଜା ସାର ବିକ୍ରମ ଦେବ (ପ୍ରଥମ)ଙ୍କୁ ଜଣାଇଲେ । ରାଜା ସେହି ଗିରିଗୁହାକୁ ଆସି ଗୁପ୍ତରେ ଥିବା ଗୁପ୍ତେଶ୍ୱରଙ୍କୁ ଦେଖିଲେ ଓ ଉକ୍ତ ଦିନଠାରୁ ସେଠାରେ ନିତ୍ୟ ପୂଜା ଉପାସନା ପ୍ରଚଳିତ ହେଲା । ଏତଦ୍ ବ୍ୟତୀତ ଶ୍ରୀରାମଚନ୍ଦ୍ରଙ୍କ ୧୪ ବର୍ଷ ବନବାସ କାଳରେ ସେ ଗୁପ୍ତେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିବା ନେଇ ମଧ୍ୟ ପୌରାଣିକ କିମ୍ବଦନ୍ତୀ ରହିଛି ।

ଏହି ପୀଠରେ ପ୍ରତିଦିନ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୁଏ । ଶିବ ଚତୁର୍ଦ୍ଦଶୀ ଦିନ ଏଠାରେ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଶିବରାତ୍ରି ଗୁପ୍ତେଶ୍ୱର ପୀଠର ଏକମାତ୍ର ପର୍ବ । ଏହି ପର୍ବ ପାଞ୍ଚଦିନ ଧରି ଚାଲେ । କୋରାପୁଟ ଜିଲ୍ଲା ତଥା ସୀମାନ୍ତ ଅଞ୍ଚଳ ମଧ୍ୟପ୍ରଦେଶରୁ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ଏଠାରେ ସମାଗମ ହୋଇଥାଏ । ଏହି ସମୟରେ ଜୟପୁର ଓ କୋରାପୁଟ ସହରରୁ ସ୍ୱତନ୍ତ୍ର ବସ୍ ମଧ୍ୟ ଗୁପ୍ତେଶ୍ୱର ପୀଠକୁ ଚାଲେ । ପର୍ଯ୍ୟଟକମାନଙ୍କ ରହଣୀ ପାଇଁ ସରକାରଙ୍କ ତରଫରୁ ପାନ୍ଥଶାଳାଟିଏ ମଧ୍ୟ ନିର୍ମାଣ କରାଯାଇଛି । ଗୁପ୍ତେଶ୍ୱର ପୀଠକୁ ଯିବାକୁ ହେଲେ ପ୍ରଥମେ ଜୟପୁରରୁ ରାମଗିରିକୁ ଯିବାକୁ ପଡ଼ିଥାଏ । ସେଠାରୁ ଗୁପ୍ତେଶ୍ୱର ପୀଠକୁ ଯିବାକୁ ହୋଇଥାଏ ।

ଏକ ଶୈବପୀଠ ତଥା ପର୍ଯ୍ୟଟନ ସ୍ଥଳ ଭାବରେ ସ୍ଥାନଟିର ଯେତିକି ବିକାଶ ତଥା ଗମନାଗମନ ଉପଯୋଗୀ କରାଯିବା କଥା କରାଯାଇନାହିଁ । ଫଳରେ ପୀଠଟି ଦୁର୍ଗମ ଓ ଅବହେଳିତ ହୋଇ ପଡ଼ିରହିଛି । ଜୟପୁର ମହାରାଜା ପ୍ରାୟ ୧୬୬୪ରୁ ଗୁପ୍ତେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ଦାୟିତ୍ୱ ନେଇଥିଲେ । କିନ୍ତୁ ସ୍ୱାଧୀନତା ପରେ ୧୯୫୦ ମସିହାରୁ ଏଣ୍ଡାଓମେଣ୍ଟ ସେବା ପୂଜାର ଭାର ନେଇଥିଲେ ମଧ୍ୟ ରାଜାଙ୍କ ଅମଳରେ ଯାହାଥିଲା ତା'ର କିଛି ପରିବର୍ତ୍ତନ ଘଟିନାହିଁ । ପୂର୍ତ୍ତବିଭାଗ ତରଫରୁ ୧୬ ଲକ୍ଷ ଟଙ୍କା ବ୍ୟୟରେ ରାମଗିରି ଗୁପ୍ତେଶ୍ୱର (୧୩ କିଲୋମିଟର) ରାସ୍ତା, ସୁଖିନାଳ ସେତୁ ନିର୍ମାଣ ହୋଇଥିବାରୁ ଗୁପ୍ତେଶ୍ୱରକୁ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି ।

ଉତ୍କଳ ପ୍ରସଙ୍ଗ

# ପାରଳାଖେମୁଣ୍ଡିର ପ୍ରାଚୀନ ପରମ୍ପରା ଓ ଗଙ୍ଗରାଜତ୍ୱ

● ମୀନାକ୍ଷୀ ସାହୁ

ପବିତ୍ରପୀଠ ପାରଳାର ସାହିତ୍ୟ, ସଂସ୍କୃତି, ଧର୍ମ, କଳା, ନୃତ୍ୟ ଓ ନାଟକର ସୃଷ୍ଟି ଓ ପରମ୍ପରା ଉଲ୍ଲେଖନୀୟ । ଓଡ଼ିଶା ଇତିହାସର ଉତ୍ଥାନ ପତନ ସହିତ ପାରଳାର ଐତିହ୍ୟ ଓ ପରମ୍ପରା ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଜାତିର ଅତୀତକୁ ଗୌରବୋଜ୍ଜ୍ୱଳ କରିଛି ।

ଏହି ପୁଣ୍ୟ ଭୂମି ଏକଦା ଥିଲା ପ୍ରାଚୀନ କଳିଙ୍ଗର ଅଂଶ ବିଶେଷ । ମହର୍ଷି ବାଲ୍ମୀକି ରାମାୟଣର କିଷ୍କିନ୍ଧ୍ୟା କାଣ୍ଡ(୬୭-୩୯-୪୯)ରେ ମହାବୀର ହନୁମାନ ପାରଳା ନିକଟବର୍ତ୍ତୀ ମହେନ୍ଦ୍ର ପର୍ବତ ଉପରୁ ଲମ୍ଫ ପ୍ରଦାନ କରି ସମୁଦ୍ର ଲଂଘି ଲଙ୍କାକୁ ଯାଇଥିବା ଉଲ୍ଲେଖ ଅଛି । ପୁଣି ବ୍ୟାସଦେବଙ୍କ ମହାଭାରତର ବର୍ଣ୍ଣନା ଅନୁସାରେ ପାଣ୍ଡବ ପଞ୍ଚଭ୍ରାତା ଲୋମଶ ମୁନିଙ୍କ ନିର୍ଦ୍ଦେଶରେ ବୈତରଣୀ ନଦୀ ଅପର ପାର୍ଶ୍ୱରେ ଥିବା ପର୍ବତମାଳାରେ ପ୍ରବେଶ କଲେ ଏବଂ ସମୁଦ୍ର ସ୍ନାନ ସାରି ରାତିରେ ମହେନ୍ଦ୍ର ପର୍ବତର ପାଦଦେଶରେ ଆଶ୍ରୟ ନେଲେ । (ବନପର୍ବ ୧୧୪ ଅଧ୍ୟାୟ) । ନିୟୋଗ ପ୍ରଥାନୁସାରେ ବଳୀଙ୍କ ରାଣୀ ସୁଦେଷ୍ଣାଙ୍କ ଗର୍ଭରେ ଦୀର୍ଘତମା ଋଷିଙ୍କ ଔରସରେ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ନାମକ ପଞ୍ଚପୁତ୍ର ଜାତ ହୋଇଥିଲେ ଏବଂ ସେମାନେ ରାଜତ୍ୱ କରୁଥିବା ଅଞ୍ଚଳ ସେମାନଙ୍କ ନାମାନୁସାରେ ନାମିତ ହୋଇଥିଲା । ସେତେବେଳେ ଏହି କଳିଙ୍ଗର ରାଜଧାନୀ ଥିଲା ରାଜପୁର (ଆଧୁନିକ ରାଜମହେନ୍ଦ୍ରି) । ବନପର୍ବ ୧୧୪ ଅଧ୍ୟାୟ ଅନୁସାରେ ବୈତରଣୀ ନଦୀ ନିକଟସ୍ଥ ଯୁଧିଷ୍ଠିରଙ୍କ ଯଜ୍ଞସ୍ଥଳୀ ଯାଜପୁର କଳିଙ୍ଗ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏହି କଳିଙ୍ଗର ଅବସ୍ଥିତି ତାମ୍ରଲିପ୍ତି ଅଞ୍ଚଳ ନିକଟରେ ଥିଲା ବୋଲି ହରିବଂଶରୁ ଜଣାଯାଏ । ଏତଦ୍‌ବ୍ୟତୀତ ତ୍ରିକଳିଙ୍ଗର ବର୍ଣ୍ଣନା ପ୍ରାଚୀନ ଶିଳାଲିପି ଗୁଡ଼ିକରେ ପରିଦୃଷ୍ଟ ହୁଏ । ଏହି ତ୍ରିକଳିଙ୍ଗକୁ ଦକ୍ଷିଣ କଳିଙ୍ଗ ମଧ୍ୟ କୁହାଯାଇପାରେ । ହୁଏନସାଂଙ୍କ ବିବରଣୀ ଅନୁସାରେ ଗଞ୍ଜାମଠାରୁ ତିନିଶହ ମାଇଲ ଦୂରରେ ଥିଲା କଳିଙ୍ଗର ରାଜଧାନୀ । ଅନେକ ଐତିହାସିକଙ୍କ ମତରେ ଏହି କଳିଙ୍ଗର ରାଜଧାନୀ ଦନ୍ତପୁର (ପୁରା/ପାଲୁର ମହେନ୍ଦ୍ର ପର୍ବତ ପାଦଦେଶସ୍ଥ ଦନ୍ତ ବକ୍ରଗଡ଼/ଶ୍ରୀକାକୁଲମ୍‌ର କଳିଙ୍ଗ ପାଟଣା ଅଞ୍ଚଳ/ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ଗୋଟାବାଲ୍‌ସା ନିକଟବର୍ତ୍ତୀ ଦନ୍ତବର ପୁକୋଟା) ଥିଲା । ବଂଶଧାରା ନଦୀ ମୁହାଣରେ ଅବସ୍ଥିତ ମୁଖଲିଙ୍ଗମ୍ ପ୍ରାଚୀନ କଳିଙ୍ଗ ରାଜ୍ୟର ତଥା ପାରଳାର ଏକଦା ରାଜଧାନୀ ଥିବା ଐତିହାସିକ ସୂଚନା ମିଳେ । ଏହି ମୁଖଲିଙ୍ଗ ପାରଳାର ରାଜଧାନୀ ହୋଇଥିବାରୁ ପ୍ରାଚୀନ ରାଷ୍ଟ୍ରର ଏହା ଅଂଶ ବିଶେଷ ଭାବେ ଗ୍ରହଣ କରାଯାଇପାରେ ।

ପାରଳାଖେମୁଣ୍ଡିରେ ମାଠରବଂଶୀ ରାଜାମାନେ ଓ ପରବର୍ତ୍ତୀକାଳରେ ଗଙ୍ଗବଂଶୀ ରାଜାମାନେ ରାଜତ୍ୱ କରିଥିଲେ । ପାରଳାର ଗଜପତି ବଂଶ ନରସିଂହ ଦେଓ (୧୩୦୫-୧୩୨୦) ବା କଳାହମିର ସମୟରୁ ଆରମ୍ଭ ହୋଇଥିବା ଜଣାଯାଏ । କିମ୍ବଦନ୍ତୀ ଅନୁସାରେ ସୂର୍ଯ୍ୟବଂଶୀ କପିଳେନ୍ଦ୍ର ଦେବ ପୁରୁଷୋତ୍ତମଙ୍କୁ ରାଜା କରିବାରୁ ନରସିଂହଙ୍କ ନେତୃତ୍ୱରେ ୩[illegible] ଜଣ ରାଜପୁତ୍ର ବିଦ୍ରୋହ କରି ପୁରୁଷୋତ୍ତମଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଏହାପରେ ଦକ୍ଷିଣକୁ ଆସି ଖେମେଡ଼ି(ଖେମୁଣ୍ଡି) ରାଜ୍ୟର ରାଜା ହୋଇ ଗୁଡ଼ାରୀ ନିକଟରେ ରାଜଧାନୀ ସ୍ଥାପନ କଲେ । ପରେ ମୁଖଲିଙ୍ଗମକୁ ରାଜଧାନୀ ଉଠାଇ ଦେବାପରେ ପୁରୁଣାପାଟଣା (ପର୍[illegible] ପାଟେନାମ୍)କୁ ପରେ ସ୍ଥାନାନ୍ତରିତ କରିଥିଲେ । ଏହି ଖେମୁଣ୍ଡି ରାଜ୍ୟ କାଳକ୍ରମେ ତିନିଭାଗ ହୋଇଥିଲା । ସ୍ୱର୍ଣ୍ଣଲିଙ୍ଗଭାନୁଙ୍କ ତିନିପୁତ୍ର ଶିବଲିଙ୍ଗଭାନୁ ଓ ଭୀମ କେଶରୀ ବଡ଼ଖେମୁଣ୍ଡି ଓ ସାନଖେମୁଣ୍ଡିରେ ରାଜା ହେବାପରେ ଅନ୍ୟତମ ରାଜା ପଦ୍ମନାଭ ଟେକ୍କାଲିରେ ରାଜତ୍ୱ କରିଥିଲେ ବୋଲି ଗଙ୍ଗବଂଶାବଳୀରୁ ଜଣାପଡ଼େ ।

୧୬୧୯ରୁ ୧୭୦୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପାରଳା ରାଜଧାନୀ ପୁରୁଣାପାଟଣାରେ ଗଙ୍ଗବଂଶୀ ରାଜା ମୁକୁନ୍ଦ ଗଜପତି, ଅନନ୍ତ ପଦ୍ମନାଭ ଗଜପତି, ସର୍ବଜ୍ଞ ଜଗନ୍ନାଥ ନାରାୟଣ ଓ ବୀର ପଦ୍ମନାଭ ନାରାୟଣ ଗଜପତି ପ୍ରଭୃତି ଗଜପତି ରାଜା ପାରଳାଖେମୁଣ୍ଡିର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶ କରିଯାଇଛନ୍ତି । ସେଠାରୁ ମରହଟା, ଠାଠ୍ ଓ ପିଣ୍ଡାରୀମାନଙ୍କ କବଳରୁ ରକ୍ଷା କରିବା ପାଇଁ ରାଜଧାନୀ ସ୍ଥାନାନ୍ତରିତ ହେଲା ପାରଳାକୁ । ଅଦ୍ୟାବଧି ବୋଲା ପାହାଡ଼ (ଭୋଲ ପାହାଡ଼) ମହେନ୍ଦ୍ରତନୟା ନଦୀ ଦ୍ୱାରା ସୁରକ୍ଷିତ ଏହି ଅଞ୍ଚଳ ପ୍ରକୋଷ୍ଠିସ୍ଥ [illegible] ବିଦ୍ୟମାନ ରହିଛି । ରାଜଧାନୀ ପାରଳାଖେମୁଣ୍ଡିରେ ପ୍ରତାପରୁଦ୍ର [illegible] ଗଜପତି, ଜଗନ୍ନାଥ ନାରାୟଣ ଦେବ ପ୍ରଭୃତି ରାଜାମାନେ [illegible] ଚହଟାଗଡ଼ଠାରୁ ସାମାନ୍ତଳ ପର୍ଯ୍ୟନ୍ତ ରାଜ୍ୟକୁ ବିସ୍ତୃତ କରାଇ ପାରିଥିଲେ । ଗୌରଚନ୍ଦ୍ର ଗଜପତିଙ୍କ ପ୍ରତାପରୁଦ୍ର ଗଜପତି ଓ ତାହାଙ୍କ ପୁତ୍ର ଗୌରଚନ୍ଦ୍ର ଗଜପତିଙ୍କ ରାଜତ୍ୱକାଳରେ ସାଂସ୍କୃତିକ ପରମ୍ପରା ମଣ୍ଡିତ ଏହି ପାରଳାଖେମୁଣ୍ଡିରେ ଶିକ୍ଷାର ପ୍ରସାର ପାଇଁ ସ୍କୁଲ କଲେଜ ପ୍ରତିଷ୍ଠା ଓ ସାହିତ୍ୟ, ସଂସ୍କୃତି, କଳା ଓ ନାଟକର ବିକାଶ ପାଇଁ ବହୁ କବି, ସାହିତ୍ୟିକ ଓ ନାଟ୍ୟକାର ରାଜପୃଷ୍ଠପୋଷକତାରେ ଗଢ଼ି ଉଠିଥିଲେ । ଏହାପୂର୍ବରୁ ଗଜପତି ନାରାୟଣ ଦେବ (୧୭୩୯-୧୮୨୦) ସଙ୍ଗୀତ ସାହିତ୍ୟରେ ପ୍ରଥମ ଥିବାରୁ ସୃଷ୍ଟି କରିଥିଲେ ସଙ୍ଗୀତ ତତ୍ତ୍ୱ ସମ୍ବଳିତ ଏକ ଗ୍ରନ୍ଥ 'ସଙ୍ଗୀତ ନାରାୟଣ' । ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ ଏହି ଗଜପତି ରାଜାଙ୍କ 'ସଙ୍ଗୀତ ନାରାୟଣ' ଗ୍ରନ୍ଥ ଅମର ହୋଇ ରହିଛି । ଆଜକୁ ଦୁଇଶହ ବର୍ଷ ତଳେ ସଙ୍ଗୀତ ସାହିତ୍ୟର ଚର୍ଚ୍ଚା ଖୁବ୍ ପ୍ରବଳ ଥିଲା ବୋଲି ଏହି ଗ୍ରନ୍ଥରୁ ଅନୁମିତ ହୁଏ । ପୁଣି ସଙ୍ଗୀତାନୁରାଗୀ କଳାନିପୁଣ ବିଦ୍ୱାନ୍ ରାଜକୁମାର ପଦ୍ମନାଭ ନାରାୟଣଦେବଙ୍କ ଉଦ୍ୟମରେ ବହୁ ପୌରାଣିକ ନାଟକ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ତାଙ୍କ ପ୍ରଭାବ ପାରଳାଖେମୁଣ୍ଡି ତଥା ନିକଟବର୍ତ୍ତୀ ବହୁ ନାଟ୍ୟ ଗ୍ରନ୍ଥଙ୍କ ଉପରେ ପଡ଼ିଥିବା ସମ୍ଭବପର । ଫଳରେ ରାଜପୃଷ୍ଠପୋଷକତାରେ ସଂସ୍କୃତି [illegible]

ଯୋଜନାରେ ଉଦ୍‌ବୁଦ୍ଧ ହୋଇ ଓ ଆର୍ଥିକ ସହାୟତା ଲାଭ କରି ସେମାନେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇ ପାରିଛନ୍ତି । ପାରଳାର ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ ଗଜପତି ରାଜାମାନଙ୍କର ଅବଦାନ ଯଥାର୍ଥରେ ଗୁରୁତ୍ୱପୂର୍ଣ୍ଣ ।

ରାଜପ୍ରାସାଦ ଭିତରେ ପୁସ୍ତକ ମୁଦ୍ରଣ ପାଇଁ ଗଜପତି ପ୍ରେସ୍‌ର ସ୍ଥାପନ ଓ ନାଟ୍ୟକାର ପଦ୍ମନାଭ ଗଜପତିଙ୍କ ସ୍ମୃତିରେ 'ପଦ୍ମନାଭ ରଙ୍ଗାଳୟ'ର ପ୍ରତିଷ୍ଠା ପାରଳାର ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧିଶାଳୀ କରିପାରିଛି ।

ଓଡ଼ିଶା ବ୍ରିଟିଶମାନଙ୍କ ଅଧୀନରେ ଥିଲାବେଳେ ପଡ଼ୋଶୀ ବଙ୍ଗରାଜ୍ୟ ତୁଳନାରେ ଓଡ଼ିଶାର ସାଂସ୍କୃତିକ ବିକାଶ ସମ୍ଭବ ହୋଇପାରିନଥିଲା । ଓଡ଼ିଆରେ ନାଟକ ନଥିବାରୁ ବଙ୍ଗଳା ଓ ଇଂରାଜୀ ନାଟକକୁ ଓଡ଼ିଆରେ ଅନୁବାଦ କରାଯାଇ ଅଭିନୀତ କରାଯାଉଥିଲା । ନଅଙ୍କ ଦୁର୍ଭିକ୍ଷର ପ୍ରଭାବରେ ଓଡ଼ିଶାର ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ସେ ସମୟରେ ପଡ଼ୋଶୀ ବଙ୍ଗଳାର ବହୁ ବ୍ୟକ୍ତି ଓଡ଼ିଶାର ଶାସନ କ୍ଷେତ୍ରରେ ଅବସ୍ଥାପିତ ହେଲେ । ବଙ୍ଗଳା ଭାଷାର ପ୍ରଚାର କରିବା ପାଇଁ ଏମାନେ ଓଡ଼ିଆ ଭାଷା ବିରୁଦ୍ଧରେ ପ୍ରବଳ ସ୍ୱର ଉଠାଇଲେ । 'ଉଡ଼ିୟା ଏକ୍‌ଟା ଭାଷାନଏ', ବଙ୍ଗଭାଷାର ଏକ ବିକୃତ ରୂପ ବୋଲି କାନ୍ତିଲାଲ ଭଟ୍ଟାଚାର୍ଯ୍ୟ ସମେତ ବହୁ ବଙ୍ଗାଳୀ ପ୍ରଚାର କରିବାକୁ ଲାଗିଲେ । ଓଡ଼ିଶାର ସ୍ଥାନେ ସ୍ଥାନେ ବଙ୍ଗଳାର ଯାତ୍ରା ଓ ନାଟକ ମଧ୍ୟ ପ୍ରଦର୍ଶିତ କରାଯାଉଥିଲା ଏବଂ ଓଡ଼ିଆ ଯାତ୍ରା ରୁଚିପୂର୍ଣ୍ଣ ବୋଲି ମଧ୍ୟ ମନ୍ତବ୍ୟ ଦିଆଯାଉଥିଲା । ଏହିଭଳି ସଙ୍କଟ ସନ୍ଧି ମୁହୂର୍ତ୍ତରେ ରଘୁନାଥ ପରିଚ୍ଛାଙ୍କର 'ଗୋପୀନାଥ ବଲ୍ଲଭ' ନାଟକ ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିବାରେ ବଳିଷ୍ଠ ପ୍ରେରଣା ଯୋଗାଇ ପାରିଥିଲା । କେବଳ ଲୀଳା, ସୁଆଙ୍ଗ ଓ ଯାତ୍ରା ପ୍ରଭୃତି ଲୋକନାଟ୍ୟ ଭିତରେ ଓଡ଼ିଆ ନାଟ୍ୟ ସାହିତ୍ୟ ଥିଲା ସୀମିତ । ତେଣୁ ତାହାକୁ ପ୍ରସାରିତ କରିବା ପାଇଁ ପାରଳାଖେମୁଣ୍ଡିର ନାଟ୍ୟକାରଗଣଙ୍କ ପ୍ରଚେଷ୍ଟା ଓଡ଼ିଆ ନାଟକର ଅଭିବୃଦ୍ଧିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା ।

ରାଜପୃଷ୍ଠପୋଷକତାର ପ୍ରଭାବ ଏବଂ ଚୈତନ୍ୟଙ୍କ ଆଗମନ ଫଳରେ ଗୌଡ଼ୀୟ ବୈଷ୍ଣବ ଧର୍ମର ପ୍ରତିଷ୍ଠା ଓ ପ୍ରସାର ପାରଳା ମାଟିରେ ନାଟ୍ୟ ସାହିତ୍ୟ ସୃଷ୍ଟି ପାଇଁ ଇନ୍ଧନ ଯୋଗାଇଥିଲା ।

*ମାର୍ଫତ-ହିନାଥ ସାହୁ, ପାରଳାଖେମୁଣ୍ଡି, ଗଜପତି*

# ମାନବିକତା ହିଁ ମଣିଷକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇଥାଏ : ମନ୍ତ୍ରୀ ଶ୍ରୀ ସିଂହ

ଗତ ସେପ୍ଟେମ୍ବର ୯ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଚତୁର୍ଥ ଶ୍ରେଣୀ ଷ୍ଟାଫ୍ କମିଟିର ୨୧ ତମ ବାର୍ଷିକ ଅଧିବେଶନ ପୂର୍ଣ୍ଣ, ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଆମ ଦେଶର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ସେ ଚତୁର୍ଥ ଶ୍ରେଣୀ କର୍ମଚାରୀ ହୁଅନ୍ତୁ ବା ପ୍ରଥମ ଶ୍ରେଣୀ, ଧନୀ ହୁଅନ୍ତୁ ବା ଗରିବ, ଉଚ୍ଚନୀଚ, ସାନବଡ଼ ଭେଦଭାବ ଦୂର କରି ସମନ୍ୱୟ ରକ୍ଷା କରି କାର୍ଯ୍ୟ ସମ୍ପାଦନ କରିପାରିଲେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ପଥ ସୁଗମ ହୋଇଥାଏ ।

ଦେଶର ସମୂହ ସ୍ୱାର୍ଥ ପାଇଁ ବିଭାଗୀୟ ପରମ୍ପରାକୁ ବଜାୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଲେ ଯେ ମାନବିକତା ହିଁ ମଣିଷକୁ ଶ୍ରେଷ୍ଠସ୍ଥାନରେ ପହଞ୍ଚାଇଥାଏ । ମାନବିକତାର ଅଭାବ ପରିଲକ୍ଷିତ ହେଲେ, ସାନବଡ଼ କଥା ଚିନ୍ତା କରାଯାଏ । ମଣିଷର କୌଣସି ଶ୍ରେଣୀ ବିଭାଗ ନଥାଏ । ସବୁ ମଣିଷ ସମାନ । କିନ୍ତୁ ଚାକିରୀ କ୍ଷେତ୍ରରେ ବା କର୍ମ କ୍ଷେତ୍ରରେ ଶ୍ରେଣୀ ବିଭାଗକୁ ମାନିବାକୁ ପଡ଼ିଥାଏ । ନହେଲେ ସମାଜରେ ଶୃଙ୍ଖଳା ରକ୍ଷା ହୋଇପାରିବ ନାହିଁ । ସରକାରୀ ଅଫିସ୍‌କୁ ନିଜର ଘର ଓ କର୍ମଚାରୀମାନଙ୍କୁ ନିଜ ପରିବାରର ସଦସ୍ୟ ଭାବି କାର୍ଯ୍ୟ କଲେ, ମନରେ ସାନବଡ଼ର ଭାବନା ଆସିବ ନାହିଁ ।

ଏହି ଅବସରରେ କର୍ମଚାରୀମାନଙ୍କର ବିଭିନ୍ନ ଦାବୀଗୁଡ଼ିକ ଉପରେ ସହାନୁଭୂତିର ସହ ବିଚାର କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ ।

ଅବସରପ୍ରାପ୍ତ ଶାସନ ସଚିବ ଶ୍ରୀ ଅଯୋଧ ନାରାୟଣ ତିୱାରୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ସରକାରଙ୍କ ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖି ବିଭିନ୍ନ ସରକାରୀ ଲୋକହିତକର ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବା ଏବଂ ସେମାନଙ୍କର ଅଭାବ ଅସୁବିଧା, ଦୁଃଖ ଦୁର୍ଦ୍ଦଶା ସରକାରଙ୍କ ଦୃଷ୍ଟିଗୋଚର କରିବା ସୂଚନା ଓ ଲୋକ ସମ୍ପର୍କ ବିଭାଗର କାମ । ସବୁ କର୍ମଚାରୀଙ୍କର ସହଯୋଗରେ ତଥା ଉଦ୍ୟମରେ ଏହା ସମ୍ଭବ ହୋଇପାରିବ । ଆମ ପାଖରେ ଯେଉଁ ମାନବ ସମ୍ବଳ ଅଛି, ତାକୁ ଯଦି ଆମେ ଠିକ୍ ଭାବେ ପରିଚାଳିତ କରି ନପାରିବା, ତେବେ ଜନ ଅସନ୍ତୋଷ ସୃଷ୍ଟି ହେବ । କର୍ମଚାରୀମାନଙ୍କର ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେବା ଏକାନ୍ତ ଆବଶ୍ୟକ ।

ସଚିବାଳୟ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ସଂଘର ସଭାପତି ଶ୍ରୀ ପଦ୍ମଲାଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ଚତୁର୍ଥ ଶ୍ରେଣୀ ଷ୍ଟାଫ୍ କମିଟିର ସମ୍ପାଦକ ଶ୍ରୀ ରବୀନ୍ଦ୍ର ନାଥ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ମେଘନାଦ ଟୁଡୁ ଓ ସଚିବାଳୟ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ସଂଘର ସମ୍ପାଦକ ଶ୍ରୀ ନରହରି ଡାଲୁଆ ଉଦ୍‌ବୋଧନ ଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସମର ବିକାଶ ପଟ୍ଟନାୟକ, ଶ୍ରୀ ପ୍ରାଣକୃଷ୍ଣ ବେହେରା, ଉପ ନିର୍ଦ୍ଦେଶକ ଶ୍ରୀ ଶଶିଶେଖର ମହାପାତ୍ର ଓ ଶ୍ରୀ ବ୍ରଜ କିଶୋର ମିଶ୍ରଙ୍କୁ ଏହି ଅଧିବେଶନରେ ସମ୍ମାନିତ କରାଯାଇଥିଲା । ଷ୍ଟାଫ୍ କମିଟିର ସଭାପତି ଶ୍ରୀ ରମେଶ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଅଧିବେଶନଟି ସଫଳ ହୋଇଥିଲା ।

ଶେଷରେ ବିଭାଗୀୟ କଲ୍ୟାଣ କମିଟିର ସାଧାରଣ ସମ୍ପାଦକ ଶ୍ରୀ ସଚ୍ଚିଦାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍କଳ ପ୍ରସଙ୍ଗ

# ପ୍ରାଚୀନ ସଂସ୍କୃତିର ମୂକସାକ୍ଷୀ : ସୀତାବିଂଜ

● ଶ୍ରୀ ଫକିର ଚରଣ ଖାଡ଼ିଆ

କେନ୍ଦୁଝର ଜିଲ୍ଲାର ପ୍ରାଚୀନ ସଂସ୍କୃତିର ମୂକସାକ୍ଷୀ ରୂପେ ସୀତାବିଞ୍ଜ ବିଦ୍ୟମାନ । ସୀତାବିଞ୍ଜ କେନ୍ଦୁଝରଗଡ଼ର ଦକ୍ଷିଣ ପୂର୍ବ ଦିଗରେ ୨୫ କି.ମି. ଦୂରରେ ଅବସ୍ଥିତ । ଯାଜପୁର-କେନ୍ଦୁଝର ରାସ୍ତାର ଢେଙ୍କିକୋଟଠାରୁ କେନ୍ଦୁଝରକୁ ଯେଉଁ ରାଜ୍ୟ ରାଜପଥ ଯାଇଛି, ଏହାରି ପାର୍ଶ୍ୱରେ କଟରାନେଡ଼ା ଗ୍ରାମ ପଡ଼େ । ଏହାର ଦକ୍ଷିଣ ପଶ୍ଚିମ ଦିଗକୁ ଗଲେ ୩ କି.ମି. ଦୂରରେ ସୀତାବିଂଜ ଅବସ୍ଥିତ । ଏହି ସୀତାବିଂଜ ପାହାଡ଼ର କାନ୍ଥ ଚିତ୍ର ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ କୀର୍ତ୍ତି । ସୀତାବିଂଜର ଯୁଦ୍ଧ ଯାତ୍ରା ଚିତ୍ରାବଳୀରୁ ଅନୁମିତ ହୁଏ ତତ୍କାଳୀନ ସାମରିକ ବାହିନୀର ଯୁଦ୍ଧ ଯାତ୍ରା ଓ ସମର ପିପାସୁ ପାଇକ ପୃଥ୍ୱୀ ଦିଗ୍ ବିଜୟର ଚରମ ନିଦର୍ଶନ । ଏ ଚିତ୍ର କେବଳ ସୀତାବିଂଜର ରାବଣ ଛାୟା ପାହାଡ଼ରେ ଦୃଷ୍ଟିଗୋଚର ହୁଏ । ଏହି ଚିତ୍ର ପ୍ରାୟ ୪ର୍ଥ ଶତାବ୍ଦୀର ଚିତ୍ର ବୋଲି କୁହାଯାଏ ।

ସୀତାବିଂଜର ରାବଣ ଛାୟାଠାରେ ରାଜକୀୟ ଶୋଭାଯାତ୍ରାର ଚିତ୍ର ଅଙ୍କନ କରାଯାଇଛି । ସେଠାରେ ହାତୀ ଓ ଘୋଡ଼ା ପିଠିରେ ବସି ଯେଉଁ ଚାମରା ଧରା ମୂର୍ତ୍ତି ଦେଖିବାକୁ ମିଳେ, ସେଥିରେ ମହାରାଜା ଦିଶିଭଞ୍ଜ ବୋଲି ଲେଖା ଦେଖିବାକୁ ମିଳେ । ସେହି କାନ୍ଥରେ ପାଣି ଚିତ୍ର ଯୁଦ୍ଧାଭିଯାନ ଶୋଭାଯାତ୍ରାର ପାଦ ଦେଶରେ ଯେଉଁ ଅକ୍ଷର ଦେଖାଯାଏ, ସେଥିରୁ ଅନୁମାନ କରି ଐତିହାସିକମାନେ ମତ ଦିଅନ୍ତି ଯେ ସୀତାବିଂଜର କଳା ନିପୁଣତା ଦିଶିଭଞ୍ଜଙ୍କର ଅମରକୃତି ।

ସୀତାବିଞ୍ଜଠାରୁ ଅନେକ ପୁରାତନ ଯୁଗର ପଥର ନିର୍ମିତ ଅସ୍ତ୍ରଶସ୍ତ୍ର ବାହାରୁଛି । ଏଠାରୁ ମଧ୍ୟ କେତେକ କୁଶାଣ ଯୁଗର ମୁଦ୍ରା ମିଳିଛି । ଉକ୍ତ ମୁଦ୍ରାଗୁଡ଼ିକ ଖ୍ରୀଷ୍ଟୀୟ ୩ୟ ଓ ୪ର୍ଥ ଶତାବ୍ଦୀର ବୋଲି ଐତିହାସିକମାନେ ମତ ପୋଷଣ କରନ୍ତି । ସୀତାବିଂଜଠାରେ ଅନେକ ଭଗ୍ନ ଶିବ ମନ୍ଦିରର ଅବଶେଷ ଦେଖିବାକୁ ମିଳେ । କେନ୍ଦୁଝର ଜିଲ୍ଲା ସାଧାରଣତଃ ଏକ ଶୈବ ସଂସ୍କୃତିର ପୀଠ । ବୈତରଣୀ କୂଳରେ କ୍ରୋଶବ୍ୟାପୀ ଶିବଲିଙ୍ଗ ତଥା ଅଶନପାଟଠାରୁ ଯେଉଁ ନଟରାଜ ଶିବ ମୂର୍ତ୍ତି ମିଳିଛି, ସେଥିରୁ ସମଗ୍ର କେନ୍ଦୁଝର ଖିଚିଂ ମଣ୍ଡଳର ଅନ୍ତର୍ଭୁକ୍ତ ଥିବାର ଅନୁମାନ କରାଯାଏ । ସୀତାବିଂଜର ଚିତ୍ରକଳା ଅଜନ୍ତାର ଚିତ୍ର ସହିତ ସମାନ ଓ ସମସାମୟିକ । ଏହି ଚିତ୍ରକଳା ଜାବନ୍ତ ଓ ଗୁପ୍ତଯୁଗର ଚିତ୍ରକଳା ପରି ଅନୁମାନ କରାଯାଏ । ରାବଣ ଛାୟାର ପୂର୍ବକୁ ମିଳୁଥିବା ଶିଳାଲେଖରୁ ଜଣାଯାଏ ଯେ ଏଠାରେ ସେ ସମୟର ଯୋଗୀ ସନ୍ନ୍ୟାସୀମାନେ ଦକ୍ଷିଣ ଭାରତରୁ ଆସିଥିଲେ । ସୀତାବିଂଜ ଏକ ଶୈବ ପୀଠସ୍ଥଳ ଥିଲା । ଏଠାରେ ଏକ ଚତୁର୍ମୁଖୀ ବ୍ରହ୍ମାମୂର୍ତ୍ତି ଦେଖିବାକୁ ମିଳେ । ଏଠାରୁ ପଥରର ଅନେକ ପୋହଳା ମିଳୁଅଛି । ଏହାକୁ ଅନେକ ବୌଦ୍ଧପୀଠ ଓ ଜୈନ ପୀଠ ବୋଲି ଅଭିହିତ କରି ଆଥାନ୍ତି । ଏଠାରେ ପଥର ନିର୍ମିତ ହାତୀ ଦେଖାଯାଏ । ରାବଣ ଛାୟାକୁ ଯିବା ବାଟରେ ଏକ ବର୍ତ୍ତୁଳାକାର ପଥର ମନ୍ଦିର ଠିଆ ଦଣ୍ଡାୟମାନ ହୋଇଛି । ଏହାକୁ ଭଣ୍ଡାର ଘର କୁହାଯାଏ ।

ଧରାପୃଷ୍ଠରେ ବହୁ ସଂସ୍କୃତିର ଉଦୟ-ଅସ୍ତ ହୋଇଛି । ମାତ୍ର ରାମାୟଣ ବା ତ୍ରେତୟା ଯୁଗର ମୂକସାକ୍ଷୀ ରୂପେ ଠିଆ ହୋଇ ରହିଛି ସୀତାବିଂଜରେ ପ୍ରାଚୀନ କୀର୍ତ୍ତିରାଜି । ଏହାସବୁ ଖଣ୍ଡ ବିଖଣ୍ଡିତ ହୋଇ ଉଚ୍ଛନ୍ନ ହୋଇପଡ଼ିଛି ।

ସୀତାବିଂଜ କଡ଼ରେ ସୀତାନଦୀ ବହି ଚାଲିଛି । ଏହାର କୂଳରେ ସୀତା ଉକ୍ତି ଶାଳା ଲବକୁଶ ପଥର । ଏଠାରେ ଲବକୁଶ ଜନ୍ମ ହୋଇଥିବାର କାହାଣୀ ଅଦ୍ୟାବଧି ଲୋକମୁଖରୁ ଶୁଣାଯାଏ । ଯେ ଲୋକମାନେ ନିଃସନ୍ତାନ ହେଲେ ଏହି ଲବକୁଶ ପଥର ସ୍ପର୍ଶ କରିଲେ ପୁତ୍ରବତୀ ହେଉଥିବାର କିମ୍ବଦନ୍ତୀ ଅଦ୍ୟାବଧି ପ୍ରଚଳିତ । ଏହାର ପୂର୍ବ ଦିଗରେ ପ୍ରସିଦ୍ଧ ଶକ୍ତିପୀଠ ତାରିଣୀ ମନ୍ଦିର ଘଟଗାଁ ବିଦ୍ୟମାନ । ୪ର୍ଥ ଶତାବ୍ଦୀର ଏହି ସଭ୍ୟତା ଓ ସଂସ୍କୃତି ସମ୍ପର୍କରେ ଗବେଷଣା କରି ଏହି ପୀଠର ଖନନ କାର୍ଯ୍ୟ ହାତକୁ ନେଲେ କେନ୍ଦୁଝରର ତତ୍କାଳୀନ ଜୀବନଧାରା ବିଷୟରେ ବହୁତ ଅଜ୍ଞାତ ବିଷୟ ଲୋକ ଲୋଚନକୁ ଆସିପାରନ୍ତା ।

*ମିଳନୀ ସାହିତ୍ୟ ସଂସଦ, କେନ୍ଦୁଝର*

● ● ●

# ଗିରି ପାଦତଳେ କୁସୁମ ସୁନ୍ଦରୀ

● ଶ୍ରୀ ଗୌରୀଶଙ୍କର ମିଶ୍ର

ଗ୍ରାମର ଉତ୍ତରରେ ସୁପ୍ତହସ୍ତୀ ସଦୃଶ ଇତିହାସ ପ୍ରସିଦ୍ଧ ବୁଦ୍ଧଗିରି ସ୍ଥିତ ହୋଇ ରହିଛି । ମର୍କତ ଶୋଭା ବିମଣ୍ଡିତ ବୁଦ୍ଧଗିରିର ପାଦଦେଶରେ ଗିରି ସମ୍ଭାର ଭରା, ବିପଣୀପୂର୍ଣ୍ଣ, ହର୍ମ୍ୟ ମାଳିନୀ, ପ୍ରାଚୀନା ବୁଗୁଡ଼ା ନଗରୀ, ସତେ ଯେପରି ସୁବଳୟାର ପାଦତଳେ ସ୍ୱର୍ଣ୍ଣପୁରୀ ଲଙ୍କା ଅଥବା ତଥାଗତଙ୍କ ଆସନ ପାଇଁ ସହସ୍ର କମଳ ସୁଶୋଭିତା । ବୁଗୁଡ଼ାର ମନୋମୁଗ୍ଧକର ସୁଷମା ଅତୀବ ହୃଦୟଗ୍ରାହୀ-ଭାଷାର ଅତୀତ ।

ବୁଗୁଡ଼ାର ନାମକରଣ ତାତ୍ପର୍ଯ୍ୟ ପୂର୍ଣ୍ଣ । ତତ୍‌ବିଦ୍ ଗଣ ଗୁଡ଼ା ଶବ୍ଦର ବ୍ୟାଖ୍ୟା କରି ଏହି ଅଞ୍ଚଳରେ ପ୍ରଚୁର ମହୁଲ ଗଛ ଥିବା ହେତୁ ଏପରି ନାମ ହୋଇଥିବା ବିଚାର କରନ୍ତି । ପ୍ରାଚୀନ କାଳରେ ବୁଗୁଡ଼ାର ସ୍ୱର୍ଣ୍ଣପ୍ରସୂ ଭୂଖଣ୍ଡ ମଧୁକ ବନାନୀ ଆବୃତ୍ତ ଥିଲା ଏବଂ ମଧୁକପୁଷ୍ପ (ଗୁଡ଼ପୁଷ୍ପ)ର ସୁବାସରେ ସମଗ୍ର ଅଞ୍ଚଳ ସୁରଭିତ ହୋଇଉଠୁଥିଲା ।

ସ୍ଥାନର ଏପରି ନାମକରଣ ପ୍ରାସଙ୍ଗିକ ଓ ଯଥାର୍ଥ । ଖଦିର ବୃକ୍ଷାଚ୍ଛାଦିତ ଅଞ୍ଚଳ ଖଦିର ପାଟକ ଏବଂ ହିଞ୍ଜଳ ବନ ମଣ୍ଡିତ ଜନପଦ ହିଞ୍ଜିଳ ନାମିତ ହୋଇଛି । ଏପରି ଭାବେ ଗୁଡ଼ା ନାମର ପ୍ରାଧାନ୍ୟ ବହନ କରି କଳିଙ୍ଗରେ ତତ୍ ନାମାନ୍ତ ବହୁ ଗ୍ରାମ ଦୃଷ୍ଟିଗୋଚର ହେଉଛି ।

ବୁଗୁଡ଼ା କେବଳ ଏକ ସହର ନୁହେଁ, ଏହା ପ୍ରାଚୀନ କଙ୍ଗୋଦର ବିଶିଷ୍ଟ ବିଷୟ ଓ ଆଧୁନିକ ଓଡ଼ିଶାର ଅନ୍ୟତମ ପ୍ରଧାନ ତହସିଲ୍ । ସ୍ୱର୍ଣ୍ଣପ୍ରସୂ, ବୀର ପ୍ରସବିନୀ, ସଂସ୍କୃତି ମଣ୍ଡିତ ବସୁନ୍ଧରା ।

କଙ୍ଗୋଦରେ ଶୈଳୋଦ୍ଭବ ରାଜବଂଶ ଖ୍ରୀ.୫୫୦-୭୩୬ ପର୍ଯ୍ୟନ୍ତ ଶାସନ କଲେ । ଏହି ରାଜବଂଶର ପ୍ରଖ୍ୟାତନାମା ନରପତି ମାଧବ ବର୍ମନଙ୍କ ରାଜତ୍ୱରେ ପ୍ରକାଶିତ ଦାନପତ୍ରରୁ ଗୁଡ଼ା ବିଷୟର ସ୍ଥିତି ଓ ପ୍ରସିଦ୍ଧି ସୁସ୍ପଷ୍ଟ ହୁଏ । ଉପରୋକ୍ତ ତାମ୍ରପତ୍ର ଖ୍ରୀ. ୧୮୯୦ରେ ବୁଗୁଡ଼ାର-ମାଟି ତଳୁ ଉଦ୍ଧାର କରାଯାଇଥିଲା ଏବଂ ଐତିହାସିକ ଡ. କୀଲହର୍ଣ୍ଣ ଖ୍ରୀ ୧୯୦୩ରେ ତାହାର ପାଠ ପ୍ରକାଶ କଲେ । ତାମ୍ର ଶାସନରେ ଶିବଙ୍କ ବନ୍ଦନା, ଶୈଳୋଦ୍ଭବ ବଂଶ ବିବରଣ, ମାଧବ ବର୍ମାଙ୍କ ପ୍ରଶସ୍ତି ବର୍ଣ୍ଣନା ଇତ୍ୟାଦି ପରେ ଗୁଡ଼୍‌ଡ଼ ବିଷୟର ଖଦିର ପାଟକସ୍ଥ ପଲ୍ଲଭଣି ଗ୍ରାମ ସୂର୍ଯ୍ୟ ଗ୍ରହଣ କାଳରେ ହାରୀତ ଗୋତ୍ରୀୟ ଆଦିତ୍ୟ ଦେବଙ୍କ ପୁତ୍ର ଭଟ୍ଟ ବାମନଙ୍କୁ ଦାନ କରାଯାଇଥିଲା । ଏହା ଉପେନ୍ଦ୍ର ସିଂହଙ୍କ ପୁତ୍ର କୃଷ୍ଣ ଭୋଗୀଙ୍କ ଦ୍ୱାରା ଲିଖିତ ଏବଂ ଗୁଡ଼୍‌ଡ଼ର ଶ୍ରେଷ୍ଠ ବୃତକ ଓ ପ୍ରତିହାରୀ ଗଙ୍ଗଭଟ୍ଟଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଦାନପତ୍ରରେ ବର୍ଣ୍ଣିତ ଗୁଡ଼୍‌ଡ଼ ବିଷୟ ଆଧୁନିକ ବୁଗୁଡ଼ା ସହ ଏବଂ ଖଦୀର ପାଟକ ପଲ୍ଲିଭସ୍ଥ ଖଇରପୁଟି ସହ ସନ୍ତୋଷଜନକଭାବେ ଚିହ୍ନିତ କରାଯାଇଛି ।

ମାଧବ ବର୍ମନ୍, ଖ୍ରୀ.୬୦୦-୬୬୫ ପର୍ଯ୍ୟନ୍ତ ଶାସନ କରୁଥିଲେ । ଏହାଙ୍କ ରାଜତ୍ୱ କାଳରେ ଖ୍ରୀ.୬୩୯ରେ ବିଖ୍ୟାତ ଚୀନ ପରିବ୍ରାଜକ ହିଏନ୍ ସାଂ କଙ୍ଗୋଦ ପରିଭ୍ରମଣ କରି କଳିଙ୍ଗ ଦିଗରେ ଯାଇଥିଲେ ।

ତାର ବହୁପୂର୍ବରୁ ଖ୍ରୀ.ପୂ. ୨୬୫ରେ ଅଶୋକ କଳିଙ୍ଗ ଜୟ କଲେ । ବୌଦ୍ଧ ଧର୍ମର ପ୍ରବଳ ପ୍ରବାହ ମଧ୍ୟରେ ଓଡ଼ିଶାରେ ବୌଦ୍ଧ କୀର୍ତ୍ତିରାଜି ନିର୍ମିତ ହେଲା । ପୁଷ୍ପଗିରି, ଲଳିତଗିରି, ଉଦୟଗିରି, ରତ୍ନଗିରି, ପରିମଳଗିରି ସହ ବୁଗୁଡ଼ା ସନ୍ନିକଟସ୍ଥ ବୁଦ୍ଧଗିରିରେ ବୌଦ୍ଧମଠ ପ୍ରତିଷ୍ଠିତ ହୋଇ ସେହି ଧର୍ମର ପ୍ଲାବନ ଦେଖାଦେଲା । କଳିଙ୍ଗର ଦ୍ୱିତୀୟ ରାଜଧାନୀ ସମାପ ବା ଆଜିର ଜଉଗଡ଼ଠାରୁ ମାତ୍ର ୨୦ କି.ମି. ଦୂରରେ ଅବସ୍ଥିତ ଥିବା ହେତୁ ବୁଦ୍ଧଗିରି ବିହାରର ବିଶେଷ ପ୍ରାଧାନ୍ୟ ରହିଲା ।

ଅଶୋକ ସାମ୍ରାଜ୍ୟର ସୀମାନ୍ତ ସୁରକ୍ଷା ପାଇଁ ସୁବର୍ଣ୍ଣଗିରିରେ ଜଣେ ରାଜନକ ନିଯୁକ୍ତି କଲେ । ସମାପଠାରୁ ସୁବର୍ଣ୍ଣଗିରି ଦିଗରେ ବୁଦ୍ଧଗିରି ବିହାର ଦ୍ୱାର ସଦୃଶ ରହିଥିଲା । 'ଅନ୍ତା ଅବିଜିତା'ଙ୍କ ମଧ୍ୟରେ ଧର୍ମ ବିଜୟ ପାଇଁ ଉଭୟ ବୁଦ୍ଧଗିରି ଓ ସୁବର୍ଣ୍ଣଗିରିର ପ୍ରଧାନ ଭୂମିକା ଥିଲା । ସୁବର୍ଣ୍ଣଗିରି କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକରେ ଅବସ୍ଥିତ ଥିବା ଚିହ୍ନିତ ହେଉଛି ।

ପ୍ରାୟ ୫ ଶହ ବର୍ଷ ବିତିଯିବା ପରେ କଳିଙ୍ଗରେ ମାଠର ଶାସନ (ଖ୍ରୀ.୩୫୦) ପ୍ରତିଷ୍ଠିତ ହେଲା ଏବଂ ତତ୍‌ସହ ବୌଦ୍ଧ ଧର୍ମର ବିଲୟ ଆରମ୍ଭ ହେଲା । ବ୍ରାହ୍ମଣ୍ୟ ଧର୍ମର ପ୍ରଭାବ ବର୍ଦ୍ଧିତ ହେବା ହେତୁ ଅନେକ ବୌଦ୍ଧ ମଠ ଶିବାଳୟରେ ପରିଣତ ହେଲା । ଏପରି ଅସାଧାରଣ ପ୍ରକ୍ରିୟାରେ ବୁଦ୍ଧଗିରିରୁ ତଥାଗତଙ୍କ ଅନିନ୍ଦ୍ୟ ସୁନ୍ଦର ମୂର୍ତ୍ତି ସବୁ ଅପସାରିତ ହୋଇ ଶିବଲିଙ୍ଗ ଅବସ୍ଥାପିତ ହେଲେ । ଆଜି ସେଠାରେ ଗଙ୍ଗାଧର, ଜଗଦୀଶ୍ୱର, ମଲେଶ୍ୱର, ବୃଦ୍ଧେଶ୍ୱର ଏବଂ ସିଦ୍ଧେଶ୍ୱର ହରଙ୍କ ଆସ୍ଥାନ ରହିଛି । ପର୍ବତ ନିମ୍ନସ୍ଥ କୈଳାସନଗର(କରମ)ର କୁବେରେଶ୍ୱର ପ୍ରାଚୀନ ବୌଦ୍ଧ ବିହାର ଉପରେ ପ୍ରତିଷ୍ଠିତ ଥିବା ସୂଚିତ ହେଉଛି ।

ବୌଦ୍ଧ ବିହାର ବିଲୁପ୍ତ ହେବା ପରେ ବୁଦ୍ଧମୂର୍ତ୍ତି ସବୁ ଇତସ୍ତତଃ ପଡ଼ିରହିଲେ । ଅନ୍ତତଃ ୩୫ ବର୍ଷ ତଳେ ନିପଟ୍ଟ ଅଶୋକ ଉପବନ, ଧାରାବର୍ଷୀ ପ୍ରପାତ, ବେଗବାହୀ ଉତ୍‌ଫୁଲ୍ଲିତା ନିର୍ଝରିଣୀ ଓ ଅର୍ଦ୍ଧଶତାଧିକ ସ୍ମିତହାସ୍ୟ ବୁଦ୍ଧ ପ୍ରତିମା ପରିଦୃଷ୍ଟ ହେଉଥିଲେ । ପାହାଡ଼ର ନିପଟ୍ଟ ବନାନୀ ଆଜି ଅନ୍ତର୍ହିତ ହେଲାଣି । ତେଣୁ ଝରଣା କ୍ଷୀଣାଙ୍ଗୀ ବା ଲୁପ୍ତପ୍ରାୟ । କଳା ସଂହାରକଙ୍କ ଉତ୍ପାତ ହେତୁ ପରମ କାରୁଣିକଙ୍କ ଅନିନ୍ଦ୍ୟ ପ୍ରତିମା ସବୁ ନିଶ୍ଚିହ୍ନ । କାଳସ୍ୟ କୁଟିଳା ଗତିଃ ।

ମାଧବ ବର୍ମନଙ୍କ ସମୟରୁ (ଖ୍ରୀ: ୭ମ ଶତାବ୍ଦୀ) ଗୁଡ଼ା ବିଷୟରେ ଶୈବ ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଥିବା ବୁଗୁଡ଼ା ତାମ୍ର ଶାସନରୁ ପ୍ରମାଣିତ ହେଉଛି । କିନ୍ତୁ କାଳର ସରଣୀରେ ଗୁଡ଼ା ବିଷୟର ପ୍ରାଚୀନ, ବିସ୍ତୃତ ବୌଦ୍ଧ ସଂସ୍କୃତି ସହ ସମ୍ବନ୍ଧ ସୂଚନା ପାଇଁ ବୁଦ୍ଧଗୁଡ଼ା ଅଥବା ସଂକ୍ଷିପ୍ତ ରୂପରେ ବୁଗୁଡ଼ା ନାମର ପରିପ୍ରକାଶ ଘଟିଛି । ଉଭୟ ବୌଦ୍ଧ ଓ ଶୈବ ସଂସ୍କୃତିର ସ୍ୱାକ୍ଷର ବହନ କରି ବୁଗୁଡ଼ା ଆରାମୟ ହୋଇଛି ।

ଖ୍ରୀ. ୭ମ ଶତାବ୍ଦୀରେ ସମୁଦାୟ କଙ୍ଗୋଦ ମଣ୍ଡଳ କେତେକ ବିଷୟ ବା ଜିଲ୍ଲାରେ ବିଭକ୍ତ ହୋଇଥିଲା । ପ୍ରଶାସନ ପାଇଁ ପ୍ରତ୍ୟେକ ବିଷୟରେ

ବିଷୟପତି ନିଯୁକ୍ତ ଥିଲେ । ଅନ୍ୟୂନ ଦଶ ଗୋଟି ବିଷୟର ନାମ ଶୈଳୋଦ୍ଭବ ତାମ୍ରପତ୍ରଗୁଡ଼ିକରୁ ସୂଚିତ ହୁଏ । ସେଗୁଡ଼ିକ ହେଲା : କୃଷ୍ଣଗିରି, ଗୁଡ଼ୁଡ଼, ଦେବଗ୍ରାମ, ଜୟପୁରୁ, ଜୟକଟକ, ବର୍ତ୍ତିନୀ, ଖିଡ଼ିଙ୍ଗହାର, ଥୋରଣ, ରାଜତିଳକ ଓ ତାନିକେନ୍ଦ୍ର । ଏଥିରୁ ଶେଷ ତିନୋଟି ବ୍ୟତୀତ ଅନ୍ୟ ସବୁ ନାମ ଆଜିସୁଦ୍ଧା ଦୃଷ୍ଟିଗୋଚର ହେଉଛି ।

୯ମ ଶତାବ୍ଦୀରେ ଭଞ୍ଜ ରାଜାମାନେ ବୌଦ୍ଧ ଅଞ୍ଚଳରେ ଶାସନ କରୁଥିଲେ । ସେହି ବଂଶର ଦ୍ୱିତୀୟ ଶତ୍ରୁ ଭଞ୍ଜଙ୍କୁ ସୋମବଂଶୀ ରାଜା ଜନ୍ମେଜୟ (ଖ୍ରୀ ୮୫୦-୮୯୫) ଯୁଦ୍ଧରେ ପରାସ୍ତ ଓ ନିହତ କଲେ । ଏଥିରେ ଭଞ୍ଜଗଣ ବୌଦ୍ଧରୁ ଦକ୍ଷିଣକୁ ଆସି ବଞ୍ଜୁଳ୍ବକରେ ରାଜଧାନୀ ସ୍ଥାପନ କଲେ । ରାଜ୍ୟ ନୂତନ ଖିଞ୍ଜାଲି ମଣ୍ଡଳ ନାମିତ ହେଲା । ବଞ୍ଜୁଳ୍ବକ ଘୁମୁସରର ବଞ୍ଜାନ୍ଗିଆ ସହ ଚିହ୍ନିତ ହେଉଛି ।

ଦଶମ ଶତାବ୍ଦୀର ମଧ୍ୟଭାଗରେ ଭୌମକର ଶାସନର ଅବସାନ ହେଲା । ଏହି ଅବସରରେ ବଞ୍ଜୁଳ୍ବକ ନରପତି ୫ମ ନେଟଭଞ୍ଜ (ଖ୍ରୀ : ୯୪୯) ଖିଞ୍ଜାଲି ମଣ୍ଡଳ ପ୍ରସାର କରି ବୁଗୁଡ଼ା ବିଷୟ ଅଧିକାର କରି ନେଲେ ।

ପରବର୍ତ୍ତୀ କାଳରେ ବଞ୍ଜୁଳ୍ବକର ପତନ ହେଲା । ଭଞ୍ଜମାନେ କୁଳାଡ଼ କଟକରେ ରାଜଧାନୀ ସ୍ଥାପନ କଲେ । ରାଜ୍ୟ ଘୁମୁସର ନାମିତ ହେଲା । ତ୍ରୟୋଦଶ ଶତାବ୍ଦୀ ପ୍ରଥମ ଭାଗରେ ପ୍ରକାଶିତ ଅନ୍ତରିଗାଁ ତାମ୍ରପତ୍ରରୁ ଯଶୋଭଞ୍ଜ ଓ ଜୟଭଞ୍ଜ ନରପତି ଦ୍ୱୟ କୁଳାଡ଼ କଟକରେ ରାଜତ୍ୱ କରୁଥିବା ଜଣାଯାଏ ।

ଘୁମୁସରର ଧାରାବାହିକ ଇତିହାସ ୧୭ଶ ଶତାବ୍ଦୀରୁ ମିଳୁଛି । ଗୋପୀନାଥ ଭଞ୍ଜ ୧୬୧୪ରେ ଜ୍ୟେଷ୍ଠଭ୍ରାତା ବନମାଳୀ ଭଞ୍ଜଙ୍କୁ ହତ୍ୟାକରି ଘୁମୁସର ଅଧିକାର କଲେ । ତାହାଙ୍କ ଜ୍ୟେଷ୍ଠପୁତ୍ର ପ୍ରସିଦ୍ଧ ଧନଞ୍ଜୟ ଭଞ୍ଜ ୧୬୩୬ରେ ରାଜା ହେଲେ । ସେ ସୁଦୀର୍ଘ କାଳ ରାଜତ୍ୱ କରି ୧୭୦୧ରେ ପ୍ରାସାଦ ଷଡ଼ଯନ୍ତ୍ରରେ ନିହତ ହେଲେ । ଏହାଙ୍କ ପୌତ୍ର (ରାଜା ନୀଳକଣ୍ଠ ଭଞ୍ଜଙ୍କ ପୁତ୍ର) ଯୁବରାଜ ଉପେନ୍ଦ୍ର ଓଡ଼ିଶାର ପରମ ବନ୍ଦିତ କବି ସମ୍ରାଟ ।

ସାରସ୍ୱତ-ରାଜ୍ୟ ରାଜଚକ୍ରବର୍ତ୍ତୀ
କାବ୍ୟ-ତପୋବନ-ତପଃ ସିଦ୍ଧ ଯତି
ଉତ୍କଳ-ସାହିତ୍ୟ-କଳ୍ପଦ୍ରୁମ ମଞ୍ଜି
କବି କୁଳଟୀକା ଉପେନ୍ଦ୍ର ଭଞ୍ଜ(ଚିନ୍ତାମଣି ମହାନ୍ତି) .

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (ଖ୍ରୀ.୧୬୭୦-୧୭୪୦) ବୁଦ୍ଧଗିରିର ସିଦ୍ଧଗୁମ୍ଫାରେ ବିଲୀନ ହୋଇ ଅମୃତ ହୋଇଥିବା କିମ୍ବଦନ୍ତୀ ରହିଛି । ରାଜ କବି ଧନଞ୍ଜୟ ଭଞ୍ଜ ଶାସନକୁ ସୁଶୃଙ୍ଖଳିତ କରିଥିଲେ । ତାଙ୍କ ରାଜତ୍ୱରେ ଘୁମୁସର ୨୬ ଗୋଟି ମୁଠାରେ ବିଭକ୍ତ ହୋଇ ସୁଶାସିତ ହେଉଥିଲା ଏବଂ ବୁଗୁଡ଼ା ଅନ୍ୟତମ ମୁଠାରୂପେ ପରିଗଣିତ ଥିଲା ।

ଧନଞ୍ଜୟ ଭଞ୍ଜ ନିଜପୁତ୍ରମାନଙ୍କୁ କେତେକ ପ୍ରଧାନମୁଠାର ଶାସନଭାର ଅର୍ପଣ କରିଥିଲେ । ଭଞ୍ଜ ବଂଶାନୁଚରିତ ବର୍ଣ୍ଣନାରେ :

ଜଗନ୍ନାଥ ମଙ୍ଗରାଜଙ୍କୁ ଜଗନ୍ନାଥ ପ୍ରସାଦ
ହରିଶରଣ ଭୂୟାଁଙ୍କୁ ବୁଗୁଡ଼ା ହଦ
ସଦାଶିବ ବଡ଼ଜେନାଙ୍କୁ ବାଲିପଦର
ମୁଠାକୁ ଭୋଗକର ବୋଲି ନରବର ।

ଏଥିର ସ୍ୱାକ୍ଷର ସ୍ୱରୂପ ଜଗନ୍ନାଥ ପ୍ରସାଦ, ହରିଶରଣପୁର ଓ ସଦାଶିବପୁର ଶାସନ ଏ ଯାବତ୍ ପ୍ରତିଷ୍ଠିତ ରହିଛି । ରାଜା [illegible] ପୁତ୍ରମାନଙ୍କୁ ମଙ୍ଗରାଜ, ଭୂୟାଁ ଓ ବଡ଼ଜେନା ଉପାଧିରେ ଭୂଷିତ କରିଥିଲେ ଏଥିରୁ ସୂଚିତ ହେଉଛି ।

ବୁଗୁଡ଼ାର ପ୍ରଶାସକ ହରିଶରଣ ଭଞ୍ଜଙ୍କ କୀର୍ତ୍ତି କୁଶଳତା ବର୍ଣ୍ଣନା କବିଶେଖର ଚିନ୍ତାମଣି ମହାନ୍ତି ଘୁମୁସର କାବ୍ୟରେ ବିସ୍ତୃତ ଭାବେ [illegible] କରିଛନ୍ତି ।

"ଶ୍ରୀ ହରି ଶରଣ ତୃତୀୟ କୁମର
ପାଇଲେ ବୁଗୁଡ଼ା ମୁଠା ଅଧିକାର
ଅତି ବଳବନ୍ତ ଶତ୍ରୁ ଘାତି ପ୍ରତ
ହନ୍ତ କାରୁ ବଡ଼ ଜେନା ତାଙ୍କ ପଦ
ବିଶାଳ ତାଙ୍କର ପିତଳର ଫରୀ
ବହନ୍ତି ବି'ଜଣ ଭେଣ୍ଟା ସଙ୍ଗୀ କରି
ବୁଗୁଡ଼ାରେ ଖଞ୍ଜି ବହୁ ସେବା ବୃତ୍ତି
ସ୍ଥାପିଲେ ସେ ତହିଁ ଜଗନ୍ନାଥ ମୂର୍ତ୍ତି
ନିଜ ନାମେ ପୁଣି ବସାଇ ଶାସନ
କଲେ କ୍ଷାତ୍ରୋଚିତ ସୁଯଶ ଅର୍ଜନ
ପ୍ରଜାଶିକ୍ଷା ପାଇଁ ସେ ନୃପ ତନୟ
ସ୍ଥାପିଲେ ରାଜ୍ୟରେ ବହୁ ବିଦ୍ୟାଳୟ ।"

କବିଶେଖରଙ୍କ ବର୍ଣ୍ଣନା ଅନୁଯାୟୀ ହରିଶରଣ ବଡ଼ଜେନା ଉପାଧି ପାଇଥିଲେ । ସେ ବିଶାଳ ବପୁ ଓ ବଳବାନ ଥିଲେ । ସେହି ସମ୍ପର୍କରେ [illegible] ରାଜପୁତ୍ରଙ୍କ ସମ୍ପର୍କରେ କବି ସୂର୍ଯ୍ୟମଣି (ଖ୍ରୀ.୧୭୭୩-୧୮[illegible]) ଅନୁରୂପ ମନ୍ତବ୍ୟ ଦେଇଛନ୍ତି :

ଆରକ କୁମର ଯେ
ହରିଶରଣ ଭଞ୍ଜ ଖ୍ୟାତରେ ।
ହନ୍ତକାରୀ ବଡ଼ଜେନା ତାଙ୍କର
ପଦଖ୍ୟାତ ହେଲା ମହାଲୋକର
ତାହାଙ୍କ ପେଣ୍ଟା ବେନିଜଣ ଧରି
ନିଅନ୍ତି କନ୍ଧେ ସଙ୍ଗେ ଭାର କରି
ଅତିବଳବନ୍ତ ଯେ
ଅଟନ୍ତି ସେହୁ ନରପତି ସୁତ ।
କର ପେଣ୍ଡାରେ ବିରାଟକ ମାନ
ଦ୍ୱାଦଶ ଜୋଡ଼ି ହୁଅଇ ଗଣନ
ଜଗତଗୁରୁ ସଙ୍ଗେ ସେହୁ ଫରି
କରିବାକୁ ଯାଇଥିଲେ ସେ ହାରି
ତାଙ୍କ ବଳ ଦେଖି
ବୁଗୁଡ଼ା ମୁଠା ତାଙ୍କୁ ଦେଲେ ଲେଖି ।

ହରିଶରଣ ଭଞ୍ଜ ଖ୍ରୀ.୧୬୮୦ରେ ବୁଗୁଡ଼ାରେ ଜଗନ୍ନାଥ ମୂର୍ତ୍ତି ସ୍ଥାପନା କଲେ । ସେ ନିଜ ନାମରେ ହରିଶରଣପୁର ଓ ପ୍ରତାପ [illegible] ନାମରେ ପ୍ରତାପ ଧନଞ୍ଜୟପୁର ଶାସନ ବସାଇ ଥିଲେ । ହରିଶରଣ [illegible] ବୁଗୁଡ଼ାର ଲୁପ୍ତ ପ୍ରସିଦ୍ଧି ପୁନରୁଦ୍ଧାର କରି ଘୁମୁସରରେ ତାହାର [illegible] ରଖିଥିଲେ ।

[illegible]

ପୁଣି କାଳ ବହିଗଲା । ଉତ୍‌ଥାନ ପତନ ମଧ୍ୟରେ ରାଜର୍ଷି ଶ୍ରୀକର ଭଞ୍ଜ ଖ୍ରୀ ୧୭୮୮ରେ ଘୁମୁସର ସିଂହାସନ ଲାଭ କଲେ । ସେ ଦୁଇଥର (୧୭୮୮-୧୮୦୧ ଓ ୧୮୧୯-୩୨) ରାଜା ହୋଇଥିଲେ । ସେ ଧାର୍ମିକ, ବିଦ୍ୱାନ ଓ ସଂସ୍କୃତିପିପାସୁ ଥିଲେ ।

ଶୁଭିଛି ଶ୍ରୀକର ଭଞ୍ଜ ନର ମଣି
ସମୁଦ୍ର ଲହରୀ ପାରନ୍ତି ସେ ଗଣି
ବୈଷ୍ଣବ ଧାର୍ମିକ ଧୀର ସମଦର୍ଶୀ
ବୋଲନ୍ତି ତେଣୁ ସେ ମହନ୍ତ ରାଜର୍ଷି(ଘୁମୁସର କାବ୍ୟ)

ଶ୍ରୀକର ଭଞ୍ଜ ଆସିକାର ତ୍ରିବିଧେଶ୍ୱର, ବିଷ୍ଣୁଚକ୍ର ଓ ବାଲିପଦରର ନାରାୟଣ ମନ୍ଦିର ନିର୍ମାଣ କରାଇଥିଲେ । ବୁଗୁଡ଼ା ପ୍ରତି ତାଙ୍କର ପ୍ରବଳ ଆସକ୍ତି ରହିଥିଲା । ସେ ସେଠାରେ ହରିଶରଣଙ୍କ ସ୍ଥାପିତ ଜଗନ୍ନାଥଙ୍କ ପାଇଁ ବିଶାଳ ପ୍ରାସାଦ ନିର୍ମାଣ କରି ପର୍ଯ୍ୟାପ୍ତ ସେବାପୂଜାର ବ୍ୟବସ୍ଥା କରିଥିଲେ । ଛାତିରେ ତମ୍ବା ଛାଆଣି କରି ବିରଞ୍ଚିନାରାୟଣଙ୍କ ମଣ୍ଡପ ନିର୍ମାଣ କଲେ । ମଣ୍ଡପରେ କାଠର ବିଶେଷ କାରୁକାମ କରାଗଲା । କାଠ ପ୍ରତିମାରେ ରାମାୟଣ ଓ ଭାଗବତର ଚିତ୍ର ଖୋଦିତ ହୋଇ ପ୍ରଦର୍ଶିତ ହେଲା । ବଢ଼େଇ ମୂଲ ଦିନକୁ ଦୁଇ ପଇସା ଥିବାବେଳେ ମଣ୍ଡପ ନିର୍ମାଣରେ ଏକଲକ୍ଷ ଟଙ୍କା ବ୍ୟୟିତ ହୋଇଥିବା ଲୋକମୁଖରେ ବର୍ଣ୍ଣିତ ହେଉଛି । ଖ୍ରୀ ୧୭୮୫ରେ ମାଳତୀ ଗଡ଼ର ଧ୍ୱଂସସ୍ତୂପ ତଳୁ ମିଳିଥିବା ସୁପ୍ରାଚୀନ ଓ କମନୀୟ ସୂର୍ଯ୍ୟ ବିଗ୍ରହ ଏହି ମଣ୍ଡପରେ ବିରଞ୍ଚିନାରାୟଣ ନାମରେ ପ୍ରତିଷ୍ଠିତ ହେଲେ । ସେଠାରେ ମଠ ସ୍ଥାପନ କରି ଶିଷ୍ୟ ଗୋବିନ୍ଦ ଦାସଙ୍କୁ ମହନ୍ତ ପଦରେ ଅଭିଷିକ୍ତ କଲେ । ସମୁଦାୟ ଦେବାୟତନର ସୁପରିଚାଳନା ପାଇଁ ଆଦିପୁର ଗ୍ରାମ ଦାନ କଲେ । ଘୁମୁସରର ବିଭିନ୍ନସ୍ଥାନରେ ବହୁ କୂପ, ତଡ଼ାଗ ଓ ପୁଷ୍କରିଣୀ ଖନନ କରାଇଥିଲେ । ରାଜର୍ଷି ଶ୍ରୀକର ଭଞ୍ଜ ବୁଗୁଡ଼ାର ବହୁବିଧ ଉନ୍ନତି ସାଧିତ କରିଥିବା ହେତୁ ଆଧୁନିକ ବୁଗୁଡ଼ାରେ ତାଙ୍କ ମହତୀଯଶ ଓ ସ୍ମୃତି ସଦାକୀର୍ତ୍ତିତ ହେଉଛି ।

ଶ୍ରୀକର ଭଞ୍ଜଙ୍କ ପରେ ଘୁମୁସରର ପତନ ହେଲା । ରାଜା ଧନଞ୍ଜୟ ରାଜ୍ୟ ଛାଡ଼ି ପଳାୟନ କଲେ । ବ୍ରିଟିଶ୍ ଶକ୍ତି ଜର୍ଜ ରସେଲଙ୍କ ନେତୃତ୍ୱରେ ଘୁମୁସରକୁ ବିମର୍ଦ୍ଦିତ ଓ ବିଧ୍ୱସ୍ତ କରିଦେଲେ । ଦୀର୍ଘ ଦିନର ବିଗ୍ରହ ଓ ବିଶୃଙ୍ଖଳା ପ୍ରଶମିତ ହେଲା ।

ଘୁମୁସରର ଅଜେୟ ବାହିନୀକୁ ଅସ୍ତ୍ରମୁକ୍ତ ରଖିବା ମାନସରେ ସେ ଜର୍ଜ ରସେଲ୍ ଯୋଜନା ପ୍ରଣୟନ କଲେ । ଏଥିରେ ୬ଜଣ ସର୍ଦ୍ଦାର, ୬୯ ଜଣ ନାୟକ ଓ ୧୨୪୪ ପାଇକଙ୍କୁ ସମଗ୍ର ଘୁମୁସରରେ ଅଭଥାନ କରାଗଲା । ସେମାନଙ୍କ ପୋଷଣ ଲାଗି ସ୍ୱଳ୍ପ କ୍ୱିଟ୍‌ରେଣ୍ଟ ଭିତ୍ତିରେ ୧୦ ହଜାର ଏକର ଚାଷଜମି ପ୍ରଦାନ କରାଗଲା । ବୁଗୁଡ଼ା ନିକଟ ବଢ଼ାବାଡ଼ିରେ ସର୍ଦ୍ଦାର ଏବଂ ମାଣିତରା, ଡାକରଡ଼ା, ପଞ୍ଚାନବାଡ଼ି, ଟିକରପଡ଼ା ଇତ୍ୟାଦି ଗ୍ରାମରେ ନାୟକ ଓ ପାଇକ ଅବସ୍ଥାପିତ ହେଲେ । ଘୁମୁସର ପାଇକ କୃଷି ଆଡ଼କୁ ମୁହଁ ଫେରାଇବା ଫଳରେ ଦୁର୍ଜ୍ଜୟ ରାଜଶକ୍ତି ଲୁପ୍ତ ହେଲା ।

ବୁଗୁଡ଼ାର ନାମ ପରିବର୍ତ୍ତନ କରି ଶ୍ରୀକର ନଗର ନାମିତ କରିବା ପାଇଁ ମଧ୍ୟେ ମଧ୍ୟେ ପ୍ରସ୍ତାବ ଆଲୋଚିତ ହେଉଛି । ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ କପିଳେଶ୍ୱର ଦାସଙ୍କ ଉଦ୍ୟମରେ ଗଞ୍ଜାମ ସାହିତ୍ୟ ସମ୍ମିଳନୀ ଆଜିକୁ ୩୦ ବର୍ଷ ତଳେ ବୁଗୁଡ଼ା ବୈଠକରେ ପ୍ରସ୍ତାବ ଗ୍ରହଣ କରିଥିଲେ । ସେହି ଦିନୁ ବୁଗୁଡ଼ା ସହରର ନାମ ଫଳକରେ କଦାଚିତ୍ ଶ୍ରୀକର ନଗର ନାମ ଲିଖିତ ହୋଇ ଜନଚେତନାକୁ ସଜୀବ ରଖିଛି । ବୁଗୁଡ଼ାର ଶ୍ରୀକର ସାହିତ୍ୟ ପରିଷଦ ପୁଣ୍ୟଶ୍ଳୋକ ରାଜର୍ଷିଙ୍କ ନାମ ବହନ କରି ପ୍ରଭାପୂର୍ଣ୍ଣ ରହିଛନ୍ତି ।

ବୁଗୁଡ଼ାର ସାଂସ୍କୃତିକ ଧାରାକୁ ସଦାପ୍ରବାହୀ ରଖିବା ଦିଗରେ ପଣ୍ଡିତ ଘନଶ୍ୟାମ ହୋତାଙ୍କ ଦାନ ଉଲ୍ଲେଖନୀୟ । ସେ ଭଞ୍ଜୀୟ ଶୈଳୀରେ ଶ୍ରୀରାମ ବିଳାସ କାବ୍ୟ ରଚନା କରି ଅମର ହୋଇଛନ୍ତି । ଶୁଭ୍ର ଉଜ୍ଜ୍ୱଳ ଓ ବିଶାଳବପୁ ଏହି ମହାତ୍ମାଙ୍କ ପ୍ରଭାବରେ ବୁଗୁଡ଼ା ଆଲୋକିତ ହୋଇଛି । ସେ ୧୯୬୯ରେ ଅନୁଷ୍ଠିତ ପ୍ରସିଦ୍ଧ ବୁଢ଼ଗିରି ଯଜ୍ଞରେ ପୁରୋଧା କାର୍ଯ୍ୟ ସମାପନ କରିଥିଲେ ।

ପଣ୍ଡିତ କାଶୀନାଥ ମିଶ୍ରଙ୍କ ଯୁଗଜୟୀ ପ୍ରତିଭା ଘୁମୁସରରେ ସଂସ୍କୃତ ଭାଷାର ବିକାଶ ଓ ପ୍ରସାର ପାଇଁ ସହାୟକ ଥିଲା । କବି ମଲ୍ଲିକ ନିରଞ୍ଜନ ଚମ୍ପୂପତିରାୟ(୧୯୧୩-୧୯୯୪) ଶ୍ରୀରାମ ଚରିତାମୃତ, ଉଷାବିଳାସ ଇତ୍ୟାଦି ଛନ୍ଦୋବଦ୍ଧ କାବ୍ୟ ରଚନା କରି ଧନ୍ୟ ହୋଇଛନ୍ତି । ସେ ବଳିଷ୍ଠ ଲେଖନୀ ୨୬.୫.୯୪ରେ ଚିରଦିନ ପାଇଁ ସ୍ତବ୍ଧ ହୋଇଯାଇଛି । ପ୍ରବୀଣ ଯଜ୍ଞ ପ୍ରଚାରକ କାଳୁ ହୋତାଙ୍କ ସୁଯୋଗ୍ୟ ଆତ୍ମଜ ପଣ୍ଡିତ ଶ୍ରୀଧର ହୋତା ଶର୍ମା ସାହିତ୍ୟ, କର୍ମକାଣ୍ଡ, ଜ୍ୟୋତିଷ ଇତ୍ୟାଦିରେ ଅପ୍ରତିଦ୍ୱନ୍ଦ୍ୱୀ ବିଦ୍ୱାନ ଥିଲେ । ସ୍ୱର୍ଗତ ବଳଭଦ୍ର ପାଣିଗ୍ରାହୀ ଲୋକକଥା ଓ ନୃତ୍ୟ ସମ୍ବଳିତ ବିଭିନ୍ନ ହରଣ ଓ ଶରଣ ରଚନା କରି ଖ୍ୟାତି ଅର୍ଜନ କରିଥିଲେ ।

ବୁଗୁଡ଼ାର ସମାଜସେବୀ ମଦନମୋହନ ପାଣି ଓ ଦାନଶୀଳ, ଗୁଣଗ୍ରାହୀ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ନାୟକଙ୍କ ଅକାତର ଅବଦାନ ହେତୁ ଆଧୁନିକ ବୁଗୁଡ଼ା ଲକ୍ଷ୍ମୀ - ସରସ୍ୱତୀଙ୍କ ମିଳନମନ୍ଦିରରେ ପରିଣତ ହୋଇଛି ।

ବୁଗୁଡ଼ା ସୁଷମା ମଣ୍ଡିତା । କାବ୍ୟ ତରଙ୍ଗିଣୀ, ଲାସ୍ୟମୟୀ, ପ୍ରକୃତି ବିମଣ୍ଡିତା, ବୁଦ୍ଧ ବିହରଣସ୍ଥଳୀ । ଏହି ପୁଣ୍ୟ ମାଟିର ଐତିହ୍ୟ ଓ ସମୃଦ୍ଧି ଅବର୍ଣ୍ଣନୀୟ :

ବୁଗୁଡ଼ା ନଗରୀ ଧନ୍ୟ ତୋ ମହିମା
ଯାଉଛୁ ତୁ ଲଙ୍ଘି ପ୍ରଶସ୍ତିର ସୀମା ।।

*ଭାଣୋଟିହାର,ଆସିକା,ଗଞ୍ଜାମ*

● ● ●

# ରେମୁଣାର ପ୍ରସିଦ୍ଧ କ୍ଷୀରଚୋରା ଗୋପୀନାଥ

● ଶ୍ରୀ ମନ୍ମଥ କୁମାର ପ୍ରଧାନ

ବାଲେଶ୍ୱରଠାରୁ ଆଠ କିଲୋମିଟର ପଶ୍ଚିମକୁ ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର ପଞ୍ଚତୀର୍ଥ ପାଇଁ ପ୍ରସିଦ୍ଧ ସ୍ଥାନ । ବୈଷ୍ଣବଧର୍ମ ସଂସ୍କୃତିର ପୀଠସ୍ଥଳୀ ରୂପେ ଏହା ଭାରତ ବିଖ୍ୟାତ । ଲାଙ୍ଗୁଳା ନରସିଂହଦେବଙ୍କ ଦ୍ୱାରା ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ଏହା ନିର୍ମିତ ହୋଇଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି । କଳାପାହାଡ଼ ଏ ମନ୍ଦିରର ପୁରୋଭାଗକୁ ଭାଙ୍ଗି ଦେଇଥିବାରୁ ପରେ ମୟୂରଭଞ୍ଜ ରାଜା ମନ୍ଦିରର ଉପର ଭାଗ ନିର୍ମାଣ କରି ନିଜର କୀର୍ତ୍ତି ପାଇଁ ଏକ ମୟୂରପକ୍ଷୀର ଚିତ୍ର ଅଙ୍କନ କରିଛନ୍ତି । ନିକଟରେ ରସିକାନନ୍ଦ ଗୋସ୍ୱାମୀ, ମାଧବେନ୍ଦ୍ର ପୁରୀଙ୍କ ସମାଧି ମନ୍ଦିର, ରାମଚଣ୍ଡୀ ମନ୍ଦିର, ଗର୍ଗେଶ୍ୱର ମନ୍ଦିର, ସପ୍ତଶରା ନଦୀ ଅବସ୍ଥିତ । ପ୍ରବାଦ ଅନୁସାରେ ତ୍ରେତୟା ଯୁଗରେ ରାମଚନ୍ଦ୍ର ଗଙ୍ଗାଙ୍କୁ ସ୍ମରଣ କରି ସାତଗୋଟି ଶରରେ ଭୂ-ଗର୍ଭକୁ ନିକ୍ଷେପ କରିବା ଦ୍ୱାରା ସାତୋଟି ଜଳଧାର ଦ୍ୱାରା ଏହି ନଦୀ ସୃଷ୍ଟି ହୋଇଥିଲା । ଏହି ନଦୀରେ ସୀତାଦେବୀ ସ୍ନାନ କରିଥିଲେ । ଏବେ ନଦୀଟି ପୋତିହୋଇ ଏକ ନାଳରେ ପରିଣତ ହୋଇଛି ।

ତ୍ରେତୟାଯୁଗରେ ରାମଚନ୍ଦ୍ର ପିତୃସତ୍ୟ ପାଇଁ ବନବାସ ଯାଇଥିଲେ । ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ଦିନେ ଏକ ତପସ୍ୱିନୀ ଗାଈକୁ ଦେଖି ରାମଚନ୍ଦ୍ର ହସିବାକୁ ଲାଗିଲେ । ସୀତା ହସିବାର କାରଣ ପଚାରିବାରୁ ରାମଚନ୍ଦ୍ର ଦ୍ୱାପର ଯୁଗରେ କୃଷ୍ଣ ଅବତାର ଗ୍ରହଣ କରିବେ ବୋଲି ସୂଚନା ଦେଲେ । ସେ ଯମୁନା କୂଳରେ ଗୋପାଳ ହୋଇ ବତ୍ସାଧେନୁ ସହ କାଳାତିପାତ କରିବେ ଶୁଣି ସୀତାଦେବୀ ସେହି ମୂର୍ତ୍ତିଧାରଣ କରିବାକୁ ରାମଚନ୍ଦ୍ରଙ୍କୁ ଅନୁରୋଧ କଲେ । ରାମଚନ୍ଦ୍ର ଏକ ପ୍ରସ୍ତର ଫଳକରେ ଧନୁର୍ବାଣ ସାହାଯ୍ୟରେ ଦ୍ୱି-ଭୁଜ-ମୁରଲୀଧର ଶ୍ରୀକୃଷ୍ଣ ମୂର୍ତ୍ତି ଅଙ୍କନ କଲେ । ତ୍ରିଭଙ୍ଗୀଠାଣି, ହସ୍ତରେ ମୋହନ ବଂଶୀ, ମସ୍ତକରେ ମୟୂର ଚୂଳର ମୁକୁଟ ଇତ୍ୟାଦିର ସମାହାରରେ ବିଗ୍ରହଟି ଅତ୍ୟନ୍ତ ସୁନ୍ଦର ଦେଖାଗଲା । ସୀତା ଭକ୍ତି ଭାବରେ ତନ୍ମୟ ହୋଇ ପ୍ରତିଦିନ ଏହାକୁ ପୂଜା ଅର୍ଚ୍ଚନା କରିବାକୁ ଲାଗିଲେ ।

କାଳକ୍ରମେ ଏହି ବିଗ୍ରହଟିକୁ ଓଡ଼ିଶାର ରାଜା ଲାଙ୍ଗୁଳା ନରସିଂହ ଦେବ ଆଣି ମନ୍ଦିର ସ୍ଥାପନ କରି ପ୍ରତିଷ୍ଠା କରିଥିଲେ । ସେହି ସମୟରୁ ଠାକୁର 'ଗୋପୀନାଥ' ନାମରେ ପୂଜା ପାଇ ଆସୁଛନ୍ତି । ଏହା ସ୍ୱପ୍ନାଦେଶରେ ହୋଇଥିଲା ବୋଲି କିମ୍ବଦନ୍ତୀ ପ୍ରଚଳିତ । ଏହାକୁ ଗୁପ୍ତବୃନ୍ଦାବନ ବୋଲି ଆଖ୍ୟା ଦିଆଯାଏ ।

ଗୋପୀନାଥଙ୍କର ପରମ ଭକ୍ତ ଭାବରେ ଶ୍ରୀଶ୍ରୀ ମାଧବେନ୍ଦ୍ର ପୁରୀ ପରିଚିତ । ଏହି ଭକ୍ତଙ୍କ ପାଇଁ ଗୋପୀନାଥ ନିଜେ କ୍ଷୀର ଚୋରି କରିଥିବାରୁ କ୍ଷୀରଚୋରା ଗୋପୀନାଥ ଭାବରେ ନାମକରଣ ହୋଇଛି । ସେଥିପାଇଁ କୁହାଯାଏ-"ଶ୍ରୀ ଶ୍ରୀ ମାଧବେନ୍ଦ୍ରପୁରୀ
ଯାହା ପାଇଁ ଗୋପୀନାଥ କଲେ କ୍ଷୀର ଚୋରି ।"

ମାଧବେନ୍ଦ୍ରପୁରୀ ପୂର୍ବବଂଗର ଶ୍ରୀହଟ୍ଟ ଜିଲ୍ଲାସ୍ଥ ପୂର୍ଣ୍ଣପାଟ ନାମକ ଗ୍ରାମରେ ଜନ୍ମ ହୋଇଥିଲେ ବୋଲି ବଙ୍ଗଳାର ଶଙ୍କରନାଥ ରାୟଙ୍କ 'ଭାରତେର ସାଧକ' ପୁସ୍ତକରେ ଉଲ୍ଲେଖ ଅଛି । 'ଉତ୍କଳ ଭକ୍ତ ବତ୍ସଳ' ରେ ମାଧବେନ୍ଦ୍ର ଗୋଦାବରୀ କୂଳବର୍ତ୍ତୀ ବିଦ୍ୟାନଗରରେ ଜନ୍ମ ହୋଇଥିଲେ ବୋଲି ସୂଚନା ମିଳେ । ସେ ଚୈତନ୍ୟଙ୍କର ପରମଗୁରୁ ଥିଲେ । ତାଙ୍କ ହୃଦୟରେ ଗୋପୀନାଥଙ୍କୁ ଦର୍ଶନ କରିବାର ପ୍ରୟାସ ରହିଥିଲା । ମଥୁରାରୁ ପୁରୀ ଆସିବା ସମୟରେ ସେ ରେମୁଣାରେ ପହଞ୍ଚିଲେ । ଗୋପୀନାଥଙ୍କ ନିକଟରେ ପ୍ରଣାମ କରି ନିଜ ଜୀବନକୁ ଧନ୍ୟ ମଣିଲେ । ଗୋପୀନାଥଙ୍କ ଅମୃତ ମଣୋହି (କ୍ଷୀର) ଭୋଗ ଅତି ପ୍ରିୟ ବୋଲି ସେ ଜାଣିଥିଲେ । ତାକୁ ପାଇବା ପାଇଁ ସେ ଆଗ୍ରହ ପ୍ରକାଶ କଲେ । ମାତ୍ର କାହାକୁ ମାଗିଲେ ନାହିଁ । ସେହି ରାତ୍ରିରେ ମନ୍ଦିରରେ ନରହି ସେ ଅନତିଦୂରରେ ରାମଚଣ୍ଡୀ ଠାକୁରାଣୀ ମନ୍ଦିର ସମ୍ମୁଖରେ ଏକ ଗଛ ମୂଳରେ ରାତ୍ରି କଲେ । ରାମଚନ୍ଦ୍ର ଗ୍ରାମଦେବତା ଭଗବତୀ ଶ୍ରୀଚଣ୍ଡୀଙ୍କୁ ପୂଜା କରିଥିଲେ ବୋଲି ତ୍ରେତାଯୁଗରୁ ଶ୍ରୀରାମଚଣ୍ଡୀ ନାମରେ ଆରାଧିତା ହୋଇ ଆସୁଛନ୍ତି । ଏଣେ ମନ୍ଦିରରେ ଗୋପୀନାଥଙ୍କ ପାଖରେ ବାରଗୋଟି କ୍ଷୀରଭାଣ୍ଡ ଅମାଣିଆ ପ୍ରସ୍ତୁତ ହୋଇଥିଲା ଭୋଗ ଲଗାଇବା ପାଇଁ । ସେଥି ମଧ୍ୟରୁ ଗୋଟିଏ ଭାଣ୍ଡ ଅଭାବ ରହିଥିବାର ଦେଖାଗଲା । ସେବକମାନଙ୍କ ମଧ୍ୟରେ ଏଥିପାଇଁ ଗଣ୍ଡଗୋଳ ଲାଗିଲା, ଓ ଶେଷରେ ମନ୍ଦିର ପରିଚାଳକଙ୍କ ନିର୍ଦ୍ଦେଶରେ ଆଉ ଏକ କ୍ଷୀରଭାଣ୍ଡ ଆଣି ଭୋଗ ଦିଆଗଲା । ଠାକୁରଙ୍କ ପହଡ଼ ପରେ ସମସ୍ତେ ଶୋଇଲେ । ଅର୍ଦ୍ଧରାତ୍ରିରେ ରାମକୃଷ୍ଣ ନାମକ ଜଣେ ମୁଖ୍ୟସେବକଙ୍କୁ ଗୋପୀନାଥ ସ୍ୱପ୍ନାଦେଶ ଦେଲେ ଯେ, ମନ୍ଦିର ଭିତରେ ତାଙ୍କ ପିନ୍ଧିଥିବା ବସ୍ତ୍ର ତଳେ ଏକ କ୍ଷୀରଭାଣ୍ଡ ରହିଛି, ତାକୁ ନେଇ ରାମଚଣ୍ଡୀ ମନ୍ଦିର ନିକଟରେ ଥିବା ଭକ୍ତ ମାଧବେନ୍ଦ୍ରପୁରୀଙ୍କୁ ଦିଅ । ସେବକ ମନ୍ଦିର ଭିତରେ ପ୍ରବେଶ କରି ଗୋପୀନାଥଙ୍କ ବସ୍ତ୍ରତଳେ କ୍ଷୀରଭାଣ୍ଡଟି ପାଇ ବିସ୍ମିତ ହେଲେ । ଅର୍ଦ୍ଧରାତ୍ରରେ ସେ ରାମଚଣ୍ଡୀ ମନ୍ଦିର ନିକଟକୁ କ୍ଷୀରଭାଣ୍ଡ ଧରି ଦୌଡ଼ିଲେ । ସେଠାରେ ଧ୍ୟାନରତ ସନ୍ନ୍ୟାସୀଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଗୋପୀନାଥଙ୍କ ସ୍ୱପ୍ନାଦେଶ ବୃତ୍ତାନ୍ତ ବର୍ଣ୍ଣନା କରି କ୍ଷୀରଭାଣ୍ଡଟି ଅର୍ପଣ କଲେ । ମାଧବେନ୍ଦ୍ର ଭକ୍ତିଭାବରେ ହୋଇ କ୍ଷୀରପାନ କଲେ । ସେହିଦିନରୁ ଗୋପୀନାଥ କ୍ଷୀରଚୋରା ନାମରେ ନାମିତ ହୋଇଛନ୍ତି । ଐତିହାସିକ ଡକ୍ଟର ହରେକୃଷ୍ଣ ମହତାବଙ୍କ ମତରେ, ରେମୁଣାରେ କ୍ଷୀରଚୋରା ଗୋପୀନାଥଙ୍କ ମୂର୍ତ୍ତି ନରସିଂହଦେବ (ପ୍ରଥମ) ଦ୍ୱାରା ସ୍ଥାପିତ ହୋଇଛି ।

ଭାରତବର୍ଷରେ ଖ୍ରୀ.ପୂ. ୨ୟ ଶତାବ୍ଦୀ ବେଳକୁ ଶ୍ରୀକୃଷ୍ଣଙ୍କ ଗୋପୀବଲ୍ଲଭ ରୂପ ପୂଜା ପ୍ରଚଳନ ହୋଇଥିଲା । ଓଡ଼ିଶାରେ ଖ୍ରୀ. ଅଷ୍ଟମ ଶତାବ୍ଦୀରେ ପ୍ରଚଳିତ ହୋଇଥିଲା ବୋଲି ମନ୍ଦିରର ଗାତ୍ରରେ ଖୋଦିତ କୃଷ୍ଣଙ୍କ ଗୋପୀନାଥ ମୂର୍ତ୍ତି ହିଁ ପ୍ରମାଣ ଦିଏ । ଗୋପୀନାଥ

ଭକ୍ତ ପ୍ରବର

ମଧ୍ୟ, ଗୋପାଳ ଭାବରେ ସେ ଏକ ଓ ଅଭିନ୍ନ । ଓଡ଼ିଶାରେ ଗଙ୍ଗବଂଶର ରାଜତ୍ୱରେ ବୈଷ୍ଣବଧର୍ମ ପ୍ରସାରରେ ଗୋପୀନାଥ ପୂଜାର ଆରମ୍ଭ ହୋଇଥିଲା । ଦ୍ୱିତୀୟ ନରସିଂହଦେବଙ୍କ ସମୟରେ ପରମବୈଷ୍ଣବ ପଣ୍ଡିତ ତଥା ବୈଷ୍ଣବାଚାର୍ଯ୍ୟ ନରହରିତୀର୍ଥ ଓଡ଼ିଶାରେ ବାରବର୍ଷକାଳ ଗୌଡ଼ୀୟ ବୈଷ୍ଣବ ଧର୍ମ ପ୍ରଚାର କରିବା ସମୟରେ ବହୁ ଗୋପୀନାଥ ମନ୍ଦିର ଓ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ।

ତଥା ତୀରବର୍ତ୍ତୀ କାକୁଡ଼ିଆ ଗ୍ରାମର ଗୋପୀନାଥ, ପିପିଲିସ୍ଥ ଡଣ୍ଡମୁକୁନ୍ଦପୁରରେ ଗୋପୀନାଥ, ଅଳଗ୍ରାମର ସୋମେଶ୍ୱର ମନ୍ଦିରରେ ଗୋପୀନାଥ, ବ୍ରାହ୍ମଣୀନଦୀ କୂଳରେ ଓ ଭୁବନେଶ୍ୱରର ସଂଗ୍ରହାଳୟରେ ସଂରକ୍ଷିତ ଗୋପୀନାଥ, ଭଦ୍ରକର ମାଳତିଗ୍ରାମରେ, ଯାଜପୁର ଓ ଭାର୍ଗବୀ ନଦୀ ନିକଟସ୍ଥ ଅଲାଲପୁରର ଗୋପୀନାଥ, ହୀରାପୁରଗ୍ରାମ ଓ ସାରକଣା ଗ୍ରାମର ଗୋପୀନାଥ, ବାଲେଶ୍ୱରର ବିଷ୍ଣୁପୁର ଗ୍ରାମର ଦାରୁବ୍ରହ୍ମ ଗୋପୀନାଥ ଦେଖିବାକୁ ମିଳେ ।

ତେବେ ଇତିହାସ, ପୁରାଣ ଓ କିମ୍ବଦନ୍ତୀ ଦୃଷ୍ଟିରୁ ରେମୁଣାର 'କ୍ଷୀରଚୋରା ଗୋପୀନାଥ' ଏହା ମଧ୍ୟରେ ଏକ ସ୍ୱତନ୍ତ୍ର ଆସନ ଗ୍ରହଣ କରେ । ଶ୍ରୀ ସଦାଶିବ ରଥଶର୍ମାଙ୍କଠାରୁ ସଂଗୃହୀତ ଜଗନ୍ନାଥ ମନ୍ଦିରର 'ବର୍ମାଙ୍ଗ' ବା ରାଜଖାତାରେ ରେମୁଣା ଦଣ୍ଡପାଟରେ ଗୋପୀନାଥଙ୍କ ମନ୍ଦିର ନିର୍ମାଣ କରିବା ସମ୍ବନ୍ଧରେ କେତେକ ତଥ୍ୟ ଦେଖିବାକୁ ମିଳେ । ନରସିଂହଦେବ ପରମାନନ୍ଦ ମହାଭୋଇଙ୍କୁ ରେମୁଣା ଦଣ୍ଡପାଟ ଗୋପୀନାଥଙ୍କ ମନ୍ଦିର ନିର୍ମାଣ କରିବା ନିମନ୍ତେ ତାଙ୍କ ରାଜତ୍ୱରେ ସାତଶହ ସୁନିଆଁ ପ୍ରଦାନ କରିଥିଲେ ଏବଂ ସ୍ୱାମୀ କୃଷ୍ଣାନନ୍ଦଙ୍କୁ ବୃନ୍ଦାବନରୁ ମୂର୍ତ୍ତି ଆଣିବା ପାଇଁ ପଠାଇଲେ । ସେହି ମୂର୍ତ୍ତି ପ୍ରଥମେ ଜଗନ୍ନାଥ ମନ୍ଦିରର ପଶ୍ଚିମପଟ ବେଢ଼ାରେ ରାଜା ରଖାଇ ରେମୁଣା ଦଣ୍ଡପାଟରେ ଦେଉଳ ନିର୍ମାଣ କରି ବିଗ୍ରହକୁ ପ୍ରତିଷ୍ଠା କଲେ । ମନ୍ଦିର ନିକଟରେ ଗୋପାଳମାନଙ୍କର ବସତି ଥିଲା ବୋଲି 'ଗୌଡ଼ବାଣ୍ଡ' ରୂପେ ଅଦ୍ୟାବଧି କଥିତ ।

ରେମୁଣାକୁ 'ରେବଣା', କେତେକ ରମଣୀୟ ସ୍ଥାନ ହେତୁ ରମଣୀୟରୁ 'ରେମୁଣା' ବୋଲି କହନ୍ତି ।

District Gezetteer Balasore ଗ୍ରନ୍ଥରେ ରେମୁଣା ଶବ୍ଦ ମୃଗୟାକ୍ଷେତ୍ର ରୂପେ ଗୃହୀତ । କାରଣ ସେତେବେଳେ ଓଡ଼ିଶାର ମୁସଲମାନକର୍ତ୍ତା (୧୭୨୫-୩୫) ମୀର ତକୀଖାଁ ଏହି ସ୍ଥାନକୁ ମୃଗୟା କାନନର ସ୍ଥାନ ବୋଲି ଅଭିହିତ କରିଥିଲେ । 'ସ୍ମୃତିସାର' ଗ୍ରନ୍ଥରୁ ରେମୁଣା ନାମର ଉତ୍ପତ୍ତି ସମ୍ବନ୍ଧରେ ଏକ ଜନଶ୍ରୁତି ରହିଛି । 'ରମଣ' ଶବ୍ଦରୁ ରେମୁଣା ନାମର ସୃଷ୍ଟି ବୋଲି ପୁରାଣର ଆଖ୍ୟାନ ରହିଛି । ରାମଚନ୍ଦ୍ର ରାବଣବଧ କରି, ଓଡ଼ିଶା ମଧ୍ୟଦେଇ ଅଯୋଧ୍ୟାକୁ ଫେରିଯିବା ପଥରେ ରେମୁଣାରେ କିଛିଦିନ ଥିଲେ । ସେହି ସମୟରେ ସୀତାଦେବୀ ଋତୁବତୀ ହେଲେ । ସ୍ନାନ ପାଇଁ ରାମଚନ୍ଦ୍ର ସପ୍ତଶରା ନଦୀ ସୃଷ୍ଟି କରିଥିଲେ । ସ୍ନାନସାରି ସୀତା ଶ୍ରୀରାମଙ୍କ ସହ ରମଣ କରି ଥିବାରୁ ଏହାର ନାମ ରେମୁଣା ହୋଇଛି ।

ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିରର ତାତ୍ପର୍ଯ୍ୟ ଅତୀବ ଗୁରୁତ୍ୱପୂର୍ଣ୍ଣ । ବୈଷ୍ଣବଧର୍ମ ଦୃଷ୍ଟିରୁ ଏହାର ସାଂସ୍କୃତିକ ଦିଗ ଅତ୍ୟନ୍ତ ଚିତ୍ତାକର୍ଷକ ।

## ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ସଂପର୍କରେ ଭୋଟର ସଚେତନତା ଅଭିଯାନ

ବ୍ୟବହାର କରାଯାଉଥିବାରୁ
ଓଡ଼ିଶାରେ ପ୍ରଥମ ଥର ଲାଗି ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍‌ର ବ୍ୟବହାର କରାଯାଉଥିବାରୁ ଆୟୋଜିତ 'ଭୋଟର ସଚେତନତା ଅଭିଯାନ'
ଏହାର ବ୍ୟବହାର ତଥା ଭୋଟଦାନ ପ୍ରଣାଳୀ ସଂପର୍କରେ ଭୋଟରମାନଙ୍କୁ ସଚେତନ କରିବା ଲାଗି ଆୟୋଜିତ 'ଭୋଟର ସଚେତନତା ଅଭିଯାନ' ର ଶୁଭାରମ୍ଭ ଗତ ଅଗଷ୍ଟ ୧୧ ତାରିଖରେ ଏଠାରେ ମାନ୍ୟବର ରାଜ୍ୟପାଳ ଡଃ. ସି. ରଙ୍ଗରାଜନ୍ କରିଥିଲେ ।

ଏହି ଉପଲକ୍ଷେ ଓଡ଼ିଶା ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ଡଃ ରଙ୍ଗରାଜନ୍ କହିଲେ ଯେ ଆମ ରାଷ୍ଟ୍ରରେ ଗଣତନ୍ତ୍ର ସୁଦୃଢ଼ ରହିଛି ଏବଂ ଲୋକମାନଙ୍କର ଗଣତନ୍ତ୍ର ପ୍ରତି ଉଚ୍ଚ ମୂଲ୍ୟବୋଧ ଓ ସମ୍ମାନ ରହିଛି । ଦେଶରେ ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଭୋଟ ଗ୍ରହଣ ବ୍ୟବସ୍ଥାର ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରି ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନର ବ୍ୟବହାର ସଂପର୍କରେ ଭୋଟରମାନଙ୍କୁ ଭଲ ଭାବରେ ସଚେତନ କରାଇବା ପାଇଁ ବ୍ୟାପକ ପ୍ରଚାର କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।

ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ କହିଲେ ଯେ ଭୁବନେଶ୍ୱର ଲୋକସଭା ଆସନର ୧୫୬୬ ବୁଥ୍‌ରେ ଏହି ମେସିନ୍ ବ୍ୟବହାର କରାଯିବ । ଭୋଟରମାନେ ପୂର୍ବପରି ଭୋଟକାଗଜରେ ମୋହର ମାରି ଭୋଟ ଦେବା ପରିବର୍ତ୍ତେ ଏହି ମେସିନ୍‌ରେ ବୋତାମ୍ ଚିପି ଭୋଟ ଦେଇପାରିବେ । ଫଳରେ ଭୋଟ ନାକଚ ହେବାର ସମ୍ଭାବନା ରହିବ ନାହିଁ ଏବଂ ଖୁବ୍ କମ୍ ସମୟ ମଧ୍ୟରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

ଖୋର୍ଦ୍ଧା ଜିଲ୍ଲାପାଳ ତଥା ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀମତୀ ଷଡ଼ଙ୍ଗୀ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଭୋଟର ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ ।

ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ୍ ସାହାଯ୍ୟରେ ଭୋଟଦାନ ପ୍ରଣାଳୀର ନମୁନା ପ୍ରଦର୍ଶନ କରାଯାଇଥିଲା ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ରାଜ୍ୟପାଳଙ୍କ ସହଧର୍ମିଣୀ ଡଃ. ହରିପ୍ରିୟା ରଙ୍ଗରାଜନ, ମୁଖ୍ୟ ଶାସନ ସଚିବ ଶ୍ରୀ ସହଦେବ ସାହୁ, ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର, ପୂର୍ବତନ ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ଦେବେନ୍ଦ୍ର ନାଥ ମିଶ୍ର, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶ୍ରୀ ସଜୀବ ଚନ୍ଦ୍ର ହୋତା, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଦୁର୍ଗା ମାଧବ ଦାଶଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ସମ୍ବାଦପତ୍ର ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଉତ୍କଳ ପ୍ରସଙ୍ଗ

# ଖିଚିଂ ଓ ମା କିଚକେଶ୍ୱରୀ

ଶ୍ରୀ ଶଙ୍କର୍ଷଣ ଦ୍ୱି

ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ଖିଚିଂ ମୟୁରଭଞ୍ଜ ଓ କେଓଁଝର ଜିଲ୍ଲାର ଶେଷ ଭାଗରେ ପୁଣ୍ୟତୋୟା ବୈତରଣୀ ଓ ଖଡ଼ଖାଇ ନଦୀ କୂଳରେ ଅବସ୍ଥିତ । ପାହାଡ଼ ନଦୀ ବନ ଜଙ୍ଗଲ ଘେରା ମନୋରମ ତୀର୍ଥ ସ୍ଥାନଟି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ ।

ଶହଶହ ଯାତ୍ରୀ ଖିଚିଂ ଆସି ମା କିଚକେଶ୍ୱରୀ ଚାମୁଣ୍ଡାଙ୍କ ଦର୍ଶନ କରି ଭୋଗ କରିଥାନ୍ତି ।

ଖିଚିଂର ମା କିଚକେଶ୍ୱରୀ ମନ୍ଦିର ୯୨୦ରୁ ୯୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମାଣ ହୋଇ ଥିବାର ଜଣାଯାଏ । କେଉଁ ରାଜା ଏ ମନ୍ଦିର ନିର୍ମାଣ କରିଥିଲେ, ତାର ପ୍ରାମାଣିକ ତଥ୍ୟ ନାହିଁ । ପରବର୍ତ୍ତୀକାଳରେ ପ୍ରାୟ ଏକ ହଜାର ବର୍ଷ ପରେ ୧୯୧୫ରୁ ୧୯୨୨ ମଧ୍ୟରେ ମୟୁରଭଞ୍ଜ ରାଜା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଏବଂ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଏହାର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ୧୯୩୪ରେ ଶେଷ କରିଥିଲେ । କେଶନାର ମୁଗୁନି ପଥରରେ ଶିଳ୍ପୀଙ୍କ ନିହାଣ ମୁନରେ ଫୁଟି ଉଠିଥିବା ମନ୍ଦିରର ଅନୁପମ କାରୁକାର୍ଯ୍ୟ କୋଣାର୍କ ଓ ପୁରୀ ମନ୍ଦିରଠାରୁ କେଉଁ ଗୁଣରେ କମ ନୁହେଁ । ଓଡ଼ିଶୀ ଶୈଳୀରେ ମନ୍ଦିର ଚୂଳ ମରା ଯାଇଥିବାର ଜଣାଯାଏ । ମନ୍ଦିରର ଉଚ୍ଚତା ୧୦୦ ଫୁଟ । ୧୭୬୪ ବର୍ଗଫୁଟ ପରିମିତ ଜାଗାରେ ସେତେବେଳେ ପ୍ରାୟ ପଞ୍ଚାଅଶି ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା ।

ଖିଚିଂ, ପାର୍ବତୀପୁର, ପଣସି ଏହି ତିନୋଟି ଗ୍ରାମର ଶ୍ରମିକ, କାରିଗର, ମୁଖ୍ୟ କାରିଗର, ଡଃ ବୀରବଳ ବୋଷ ଓ ପରମାନନ୍ଦ ଆଚାର୍ଯ୍ୟଙ୍କ ସହାୟତାରେ ମନ୍ଦିରଟି ନିର୍ମିତ ହୋଇଥିଲା । ଶ୍ରମିକମାନେ ଚାରିପଇସା, ମିସ୍ତ୍ରି ଦୁଇଅଣା, ମୁଖ୍ୟ ମିସ୍ତ୍ରି ଚାରି ଅଣା ମଜୁରି ନେଇ ଉକ୍ତ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ବେଳେ ବହୁ ପୋଖରୀ ସୃଷ୍ଟି ହୋଇଥିଲା । ମନ୍ଦିରର ପୋଖରୀ ଓ ଭୋଗ ଦୋକାନ ଆୟରୁ ମନ୍ଦିର କାର୍ଯ୍ୟ ଚାଲୁ ଥିବାର ପ୍ରକାଶ ।

ମନ୍ଦିରର ଦକ୍ଷିଣକୁ ଚନ୍ଦ୍ର ଶେଖର ମହାଦେବ, ଉତ୍ତରରେ ଉତ୍ତରେଶ୍ୱର ମହାଦେବ, ପୂର୍ବରେ ମୃତ୍ୟୁଞ୍ଜୟ ମହାଦେବ ମନ୍ଦିର ବିଦ୍ୟମାନ ।

ମନ୍ଦିର ମଧ୍ୟରେ ବହୁ ମନ୍ଦିରର ଭଗ୍ନାବଶେଷ ଦେଖିବାକୁ ମିଳେ । ଏହାର ପୁନରୁଦ୍ଧାର ହୋଇ ପାରିନାହିଁ । ସେଥି ମଧ୍ୟରେ ସପ୍ତ ମାତୃକା ମନ୍ଦିର, ବିଷ୍ଣୁ ମନ୍ଦିର, ଶିବ ମନ୍ଦିର, ଗଣେଶ ମନ୍ଦିର ଆଦି ଅନ୍ତର୍ଭୁକ୍ତ । ସମସ୍ତ ଅଞ୍ଚଳ ବହୁ ଦେବଦେବୀଙ୍କ ପୀଠସ୍ଥଳୀ ଥିଲା । ମନ୍ଦିର ପ୍ରାଙ୍ଗଣରେ ବହୁ ଶିଳା ଭାଗି ଆଡ଼େ ବିକ୍ଷିପ୍ତ ଅବସ୍ଥାରେ ପଡ଼ିଅଛି । ତାର ରକ୍ଷଣାବେକ୍ଷଣ କରିବାକୁ କେହି ନାହିଁ । ମନ୍ଦିର ହତା ମଧ୍ୟରେ ଫୁଲ ବଗିଚା, ଫଳ ଗଛ, ଛୋଟବଡ଼ ମନ୍ଦିର ଥାଇ ମନ୍ଦିରର ଶୋଭାବର୍ଦ୍ଧନ କରୁଅଛି । ପ୍ରତି ବର୍ଷ ଶିବ ଚତୁର୍ଦ୍ଦଶୀଠାରୁ ପ୍ରାୟ ୧୫ ଦିନ ସେଠାରେ ବଡ଼ଧରଣର ମେଳା ଅନୁଷ୍ଠିତ ହୋଇଥାଏ । ଏହି ମେଳାରେ ହଜାର ହଜାର ତୀର୍ଥଯାତ୍ରୀ ଆସି ମନ୍ଦିରରେ ମାଙ୍କ ପୂଜା ଅର୍ଚ୍ଚନା କରିଥାନ୍ତି ।

ମନ୍ଦିରରେ ମାଙ୍କର ମଧ୍ୟାହ୍ନ ଖେଚୁଡ଼ି ଭୋଗ ପ୍ରସିଦ୍ଧ । ଅନ୍ୟ ସମୟରେ ନଡ଼ିଆ, କଦଳୀ ଆଦି ଭୋଗ ହୋଇଥାଏ । ଲୋକମାନେ ମାନସିକ ରଖି ମାଙ୍କର ମଥାରେ ମଣ୍ଡା ଚଢ଼ାଇ ଅଧିଆ ପଡ଼ନ୍ତି । ଫୁଲ ଖସିଲେ ମାନସିକ ସଫଳ ହେବାର ସୂଚନା ପାଇ ଭୋଗ ଲଗାନ୍ତି । ପ୍ରଥା ଏବେ ମଧ୍ୟ ଚଳି ଆସୁଅଛି । ପୂର୍ବରୁ ବୋଦା ବଳି ପ୍ରଥା ଥିଲା । ତାହା ୧୯୯୦ରୁ ବନ୍ଦ ହୋଇ ଯାଇଛି । କିନ୍ତୁ ବୋଦା ଭୋଗ ଲଗାଯାଇ ଛାଡ଼ି ଦିଆଯାଏ । ଖିଚିଂ ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ଓଡ଼ିଶା ମାନଚିତ୍ରରେ ଉଲ୍ଲେଖ ଥିଲେ ମଧ୍ୟ ଏହା ଅନ୍ୟ ପର୍ଯ୍ୟଟନ କ୍ଷେତ୍ର ସମକକ୍ଷ ହୋଇପାରିନାହିଁ । ମନ୍ଦିରର ସମସ୍ତ ମୂର୍ତ୍ତି, ପଥର ଖୋଦିତ ପଥରରେ ତିଆରି ହୋଇଛି । ମନ୍ଦିରର ସମ୍ମୁଖ ଭାଗ ଓ ଚାରି ପଟେ କିଛି କିଛି ଅଂଶ ଫାଙ୍କା ଥିବାର ଦେଖାଯାଏ । କେତେକ ସ୍ଥାନରେ ଭଗ୍ନ ମୂର୍ତ୍ତି ଥାଇ ପୁରାତନ ମନ୍ଦିର ଥିବାର ପ୍ରମାଣ ଦିଏ ।

ପ୍ରଚଳିତ ପ୍ରଥାନୁସାରେ ପୁରୁଷାନୁକ୍ରମେ କେତେକ ବଂଶ ମନ୍ଦିର ସେବା କାର୍ଯ୍ୟ କରି ଚାଲିଛନ୍ତି । ସେ ସମୟର ସେବାୟତମାନଙ୍କୁ କିଛି କିଛି ଜମି ଯୋଗାଇ ଦିଆଯାଇଥିଲା ।

କିମ୍ବଦନ୍ତୀ କହେ, ମହାଭାରତ ଯୁଗର ବିରାଟ ରାଜା ଓ କିଚକ ରାଜାଙ୍କର ରାଜନଅର ମନ୍ଦିରର ଉତ୍ତର ଓ ଦକ୍ଷିଣ ଦିଗରେ ଥିଲା । ଏବେ ଗଡ଼ ନାହିଁ । ରାଜାଘର ଲୋକ ନାହାନ୍ତି । କିନ୍ତୁ ମୁଖଶାଳା ପ୍ରଭୃତିର ଅଂଶ ଦେଖାଯାଏ । ରଜାଘର ଗଡ଼ ଉପରେ ଶାଳ, ପିଆଶାଳ, ଇତ୍ୟାଦି ଆଦି ଜଙ୍ଗଲ ସୃଷ୍ଟି ହୋଇଛି । ପଥର ତିଆରି ଖୁବ ମୂଲ୍ୟ ସଞ୍ଚ ଛିଡ଼ା ହୋଇ ଯାତ୍ରୀମାନଙ୍କୁ କହି ଦେଉଛି, ଏହା ଏକଦା ରାଜପ୍ରାସାଦ ଥିଲା । ବିରାଟ ରାଜା ଓ କିଚକ ରାଜାଙ୍କର ଗଡ଼ ଖାଇଥିଲା ବୈତରଣୀ ନଦୀ । ନାଟ୍ୟଶାଳା, ମୁଖଶାଳାର ପ୍ରସ୍ତର ଖୁଣ୍ଟିଚିହ୍ନ ରହିଛି । ଖିଚିଂ ରାସ୍ତାର ବିରାଟ ଗଡ଼କୁ ଗଲା ବେଳେ ଏକ ବିରାଟ ରାଜନଅରକୁ ଯାଉଥିବା ଭଳି ମନେ ହୁଏ । ଜନଶୂନ୍ୟ ରାସ୍ତା, ରାସ୍ତାର ଦୁଇ ପାର୍ଶ୍ୱରେ ଘନ ଜଙ୍ଗଲ, ମଝିରେ ମଝିରେ ବିରାଟ ବିରାଟ ପୋଖରୀ ଯେପରି ଆମକୁ କହୁଥିଲା– ଆଗକୁ ରାଜ ନଅର ପଡ଼ିବ । ଖରାପ ଖାବରା ମରାମତି ହୋଇ ନଥିବା ରାସ୍ତାରେ ଗଲାବେଳେ ଭାବୁଥିଲେ ଯେପରି ରାଜା ଗଲାପରେ ରାସ୍ତା ପରିତ୍ୟକ୍ତ ହୋଇପଡ଼ିଛି । ବିରାଟ ଗଡ଼ ଉପରେ ସରକାରୀ ବଙ୍ଗଳାଟିଏ ନିର୍ମିତ ହୋଇଛି ।

ସେଠାରେ ଗାଁ ଗଣ୍ଡା ଗଢ଼ିଉଠିଲାଣି । ମନ୍ଦିରର ଦକ୍ଷିଣକୁ ସରକାରୀ ସଂଗ୍ରହାଳୟଟିଏ ଅବସ୍ଥିତ । ବିରାଟ ରାଜା, କିଚକ ରାଜାଙ୍କ ମୂର୍ତ୍ତି ପ୍ରସ୍ତର ପଥର, ତାମ୍ର, ଲୌହ ଏବଂ ମାଟି ନିର୍ମିତ ବ୍ୟବହାର୍ଯ୍ୟ ପଦାର୍ଥ ସଂଗ୍ରହ କରାଯାଇ ସଂଗ୍ରହାଳୟରେ ରଖାଯାଇଅଛି । ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ୧୯୨୨ ମସିହାରେ ଏହାକୁ ନିର୍ମାଣ କରିଥିଲେ । ପରେ ସରକାର ହାତକୁ ନେଇଛନ୍ତି । ପ୍ରାଚୀନ ବୁଦ୍ଧ ମୂର୍ତ୍ତି, ଜୈନ ମୂର୍ତ୍ତି, ଶିବ ପାର୍ବତୀଙ୍କର ନଗ୍ନ ମୂର୍ତ୍ତି ଆଦି ଭଗ୍ନ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ସଂଗ୍ରହାଳୟରେ ରଖାଯାଇଅଛି । ବିଭିନ୍ନ ରାଜାଙ୍କର ସନନ୍ଦ, ରାଜାମାନଙ୍କ ବ୍ୟବହୃତ ଯୁଦ୍ଧ ସରଞ୍ଜାମ, ଘର ସରଞ୍ଜାମମାନ ସେଠାରେ ସୁରକ୍ଷିତ ଅଛି । ମୂର୍ତ୍ତି କିଚକେଶ୍ୱରୀ ମନ୍ଦିର ଓ ସଂଗ୍ରହାଳୟର ମରାମତି କରାଗଲେ ଏହା ଓଡ଼ିଶାର ପବିତ୍ର ତୀର୍ଥ କ୍ଷେତ୍ରରେ ପରିଣତ ହୋଇ ପାରିବ ।

ସା/ପୋ : ମଙ୍ଗଳପୁର...

ଭଦ୍ରକ

# କୃଷ୍ଣଗିରି : ଏକ ଦୃଷ୍ଟିପାତ

● ଡଃ. ଦଣ୍ଡପାଣି ବେହେରା

ଇତିହାସ ଓ ସଂସ୍କୃତିର ଗନ୍ତାଘର, ଆଧ୍ୟାତ୍ମିକତାର ବାର୍ତ୍ତାବହ ଏବଂ ଐତିହ୍ୟ ଓ ପରମ୍ପରାର ସ୍ମାରକୀ କୃଷ୍ଣଗିରି ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟସ୍ଥ ନିର୍ମଳ ଝରଠାରେ ଅବସ୍ଥିତ । ଚିଲିକାଠାରୁ ୧୮ କିଲୋମିଟର ଦୂରରେ ଓ ଫାସି ଖଲ୍ଲିକୋଟ ନିର୍ମଳ ଝର-କୋଦଳା ରାଜପଥର ପାର୍ଶ୍ୱରେ ଏହା ଅବସ୍ଥିତ । ଏହାର ନିକଟତମ ରେଳ ଷ୍ଟେସନ ଖଲ୍ଲିକୋଟ-କେଶପୁର ଷ୍ଟେସନ୍ । ଏହାର ଉପତ୍ୟକାଞ୍ଚଳରେ ଋଷିକୁଲ୍ୟା ନଦୀ ପ୍ରବାହିତ ।

ପ୍ରାଚୀନ ଶାସ୍ତ୍ରାନୁସାରେ ଭାରତର ପର୍ବତମାନଙ୍କୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଏ-ଯଥା (୧) କୁଳପର୍ବତଶ୍ରେଣୀ, (୨) ମର୍ଯ୍ୟଦା ଅଥବା ସୀମା ଚିହ୍ନଟକ ପର୍ବତଶ୍ରେଣୀ ଏବଂ (୩) କ୍ଷୁଦ୍ରପର୍ବତ ଶ୍ରେଣୀ । କୃଷ୍ଣ ଗିରିକୁ କୁଳ (ମୂଳ) ପର୍ବତ ବୋଲି ଆନ୍ଧ୍ର ସାତବାହିନୀ ରାଜବଂଶର ରାଜନ ବଶିଷ୍ଠପୁତ୍ର ପୁଲମାୟୀ ତାଙ୍କର ନାସିକ ଶିଳାଲେଖରେ ଉଲ୍ଲେଖ କରିଛନ୍ତି । କିନ୍ତୁ କେହି କେହି ଏହାକୁ ଏକ ମର୍ଯ୍ୟଦା ଅବା ସୀମା ଚିହ୍ନଟକ ପର୍ବତ ବୋଲି ମତ ଦିଅନ୍ତି । ସେମାନଙ୍କ ମତରେ ପ୍ରାଚୀନ କାଳରେ କଳିଙ୍ଗ ଓ କଙ୍ଗୋଦ ରାଜ୍ୟଦ୍ୱୟ ମଧ୍ୟରେ ଏହା ଏକ ସୀମା ଚିହ୍ନଟକ ପର୍ବତ ଥିଲା । ଫଳରେ ଉଭୟ ରାଜ୍ୟର ସାଂସ୍କୃତିକ ଚିନ୍ତା ଓ ଚେତନାର ଏହା ମିଳନ ପୀଠ ଥିଲା । ଆନ୍ଧ୍ର ସାତବାହାନ ବଂଶ, ବ୍ୟାଘ୍ରବଂଶ ଓ ଶୈଳୋଦ୍ଭବ ବଂଶମାନଙ୍କର ଶାସନକାଳରେ ଏହି ପର୍ବତ ଉପତ୍ୟକାରେ ସଂସ୍କୃତିର ପ୍ରବାହ ଓ ଦାର୍ଶନିକ ଚୈତନ୍ୟର ନିର୍ଝର ଅବ୍ୟାହତ ଭାବେ ଗତିଶୀଳ ଥିଲା ।

ଆନ୍ଧ୍ର ସାତବାହନ ରାଜା ଗୌତମ ପୁତ୍ର ସାତକର୍ଣ୍ଣୀ (୧୦୬-୩୦) ସର୍ବ ପ୍ରଥମେ କୃଷ୍ଣଗିରିକୁ ତାଙ୍କର ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ବୋଲି ତାଙ୍କର ନାସିକ ଅନୁଶାସନରେ ଉଲ୍ଲେଖ କରିଛନ୍ତି । ସେ ଥିଲେ ଗୌତମୀ ବାଲାଶ୍ରୀଙ୍କର ପୁତ୍ର । ସାତବାହନ ସାମ୍ରାଜ୍ୟରେ କୃଷ୍ଣଗିରିକୁ ଏକ ପବିତ୍ର ପର୍ବତ ଭାବେ ସମ୍ମାନ କରାଯାଉଥିଲା ।

କୃଷ୍ଣଗିରିକୁ ପ୍ରାଚୀନ କଳିଙ୍ଗ ରାଷ୍ଟ୍ରର ଅନ୍ୟତମ ପବିତ୍ର ପର୍ବତ ଭାବେ ମାନ୍ୟତା ପ୍ରଦାନ କରାଯାଉଥିଲା । ବ୍ୟାଘ୍ରଶାସନ କାଳରେ ଅର୍ଥାତ ଷଷ୍ଠ ଶତାବ୍ଦୀରେ କୃଷ୍ଣଗିରି ଦକ୍ଷିଣ ତୋଶାଳୀ ରାଜ୍ୟଭୁକ୍ତ ଥିଲା ବୋଲି କୁହାଯାଏ । କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲା ତ୍ରୟର କିଛି କିଛି ଅଂଶ ସେହି ରାଜ୍ୟରେ ସଂଶ୍ଳିଷ୍ଟ ଥିଲା । ସୁମଣ୍ଡଳ ତାମ୍ର ଅନୁଶାସନ (ଖ୍ରୀ.୫୬୯)ରେ କୃଷ୍ଣଗିରିକୁ ଅଭୟରାଜ୍ୟଭୁକ୍ତ ପର୍ବତ ଭାବେ ଉଲ୍ଲେଖ କରାଯାଇଅଛି । ଅଭୟ ବଂଶ ରାଜା ଧର୍ମ ରାଜଙ୍କର ରାଜ୍ୟର ପରଖେମାଳା ବିଷୟ (ଜିଲ୍ଲା)ରେ ଏହି ପର୍ବତ ବିଦ୍ୟମାନ ଥିଲା ବୋଲି କୁହାଯାଏ । ଧର୍ମରାଜ ଥିଲେ ପୃଥିବୀ ଗ୍ରହ ଭଟ୍ଟାରକଙ୍କର ଜଣେ ଜରଦ ରାଜା । ପରବର୍ତ୍ତୀ ଶୈଳୋଦ୍ଭବ ଶାସନକାଳରେ କୃଷ୍ଣଗିରି ଅଞ୍ଚଳକୁ "କୃଷ୍ଣଗିରି ବିଷୟ" ବୋଲି ଆଖ୍ୟା ଦିଆଗଲା । କଙ୍ଗୋଦ ମଣ୍ଡଳର ଏହା ଏକ ବିଷୟ ଅବା ଜିଲ୍ଲାରେ ପରିଣତ ହୋଇଥିଲା । ଅଧୁନା ପୁରୀ ଓ ଗଞ୍ଜାମ ଜିଲ୍ଲା ଦ୍ୱୟ ସେହି ରାଜ୍ୟରେ ସନ୍ନିବେଶିତ ଥିଲା । "ଦନ୍ତପୁର" (ଅଧୁନା ପାଲୁର) ସେହି ରାଜ୍ୟର ଥିଲା ରାଜଧାନୀ । ଗଞ୍ଜାମ ତାମ୍ର ଅନୁଶାସନ (ଖ୍ରୀ. ୬୧୮)ରେ ଶୈଳୋଦ୍ଭବ ରାଜା ଶ୍ରୀ ମାଧବରାଜ ଦ୍ୱିତୀୟ (ଖ୍ରୀ.୬୧୦-୬୨୨) କୃଷ୍ଣଗିରି ବିଷୟ ଅନ୍ତର୍ଭୁକ୍ତ କେହୁଗାରକ୍ଷ୍ୟ ନାମକ ଏକ ଗ୍ରାମକୁ ଜଣେକ ବ୍ରାହ୍ମଣଙ୍କୁ ଦାନ ଦେଇଥିଲେ । ନଭାଗ, ଚଣ୍ଡେଶ୍ୱର ଗଣପୁର, ବାଣପୁର, ପୁରୀ ଓ କୋଣ୍ଡେଦ୍ଦ ତାମ୍ର ଅନୁଶାସନରେ ଉଲ୍ଲେଖ ଅଛି ଯେ ଶ୍ରୀ ମାଧବରାଜ ଦ୍ୱିତୀୟଙ୍କ ବିରୁଦ୍ଧରେ ତାଙ୍କର କନିଷ୍ଠଭ୍ରାତା ମାଧବ ସିଂହାସନ ଦାବୀ କରି ବିଦ୍ରୋହ କରିଥିଲେ । ଉଭୟ ଭାଇଙ୍କ ମଧ୍ୟରେ କୃଷ୍ଣଗିରି ଉପତ୍ୟକାସ୍ଥ ଫାସିକା ନାମକ ଏକ ସ୍ଥାନରେ ପ୍ରବଳ ଯୁଦ୍ଧ ହେଲା ଏବଂ ସେଥିରେ କନିଷ୍ଠ ଭ୍ରାତାକୁ ପରାଜିତ କରି ଜ୍ୟେଷ୍ଠଭ୍ରାତା ଯଶସ୍ୱୀ ହେଲେ । "ଫାସିକା"କୁ ଅଧୁନା ଫାସି ଗ୍ରାମ ସହ ଚିହ୍ନଟ କରାଯାଇଅଛି । କୃଷ୍ଣଗିରିର ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ସ୍ପଷ୍ଟ ହୁଏ ଯେ ଏହା ଜୈନ, ଶୈବ ଓ ଶାକ୍ତ ଧର୍ମର ପ୍ରଧାନ କେନ୍ଦ୍ର ଥିଲା । ସେଠାରେ ଥିବା ଜୈନ ଗୁମ୍ଫା ଓ ହିନ୍ଦୁ ଦେବ ଦେବୀ ମନ୍ଦିର ଏହି ପର୍ବତର ଧାର୍ମିକ ଗୌରବକୁ ପ୍ରତିପାଦନ କରନ୍ତି । ଶୈଳୋଦ୍ଭବ ଅନୁଶାସନମାନଙ୍କରୁ ତଥା ଚୀନ ପରିବ୍ରାଜକ ହୁଏନ୍‌ସାଙ୍ଗର ପ୍ରଣୀତ ବିବରଣୀ ଗ୍ରନ୍ଥ "ସିୟୁକୀ"ରୁ ସୂଚିତ ହୁଏ ଯେ କୃଷ୍ଣଗିରି ଥିଲା ଜୈନ ଧର୍ମର ଏକ ଶ୍ରେଷ୍ଠ ଜାତୀୟପୀଠ । ଦଶ ହଜାରରୁ ଊର୍ଦ୍ଧ୍ୱ ଜୈନ ଧର୍ମାବଲମ୍ବୀ କଙ୍ଗୋଦରେ ଅବସ୍ଥାନ କରୁଥିଲେ ବୋଲି ହୁଏନସାଂ ଲେଖିଛନ୍ତି । ବାଣପୁର ତାମ୍ର ଅନୁଶାସନରେ ଲେଖାଅଛି ଯେ ଧର୍ମରାଜଙ୍କର ରାଣୀ କଲ୍ୟାଣୀଦେବୀ ଅରହଟଚାର୍ଯ୍ୟନାସିଚନ୍ଦ୍ର ନାମକ ଜଣେ ଜୈନ ମୁନୀ ଓ ତାଙ୍କର ପ୍ରବୁଦ୍ଧଚନ୍ଦ୍ର ନାମକ ଜଣେ ଶିଷ୍ୟଙ୍କୁ ଭୂଦାନ ଅର୍ପଣ କରିଥିଲେ । ପାଲିଭୁଦ ଅନୁଶାସନରେ ଲେଖାଅଛି ଯେ କୃଷ୍ଣଗିରିରେ ଅସଂଖ୍ୟ ଜୈନ ମୁନୀ ପ୍ରାକୃତିକ ପ୍ରକୋପ ଭ୍ରୁକ୍ଷେପ ନକରି ଧ୍ୟାନମଗ୍ନ ଥାନ୍ତି । ଜୈନ ଶାସ୍ତ୍ର 'ଜୈନ ଭଗବତୀ ସୂତ୍ର'ରେ ବର୍ଣ୍ଣିତ ଅଛି ଯେ ଭେସୟାନ୍ ନାମକ ଜଣେ ସ୍ଥାନୀୟ ଜୈନମୁନୀ ପ୍ରଚଣ୍ଡ ରୌଦ୍ର ତାପ ସତ୍ତ୍ୱେ ନିଜକୁ ଊର୍ଦ୍ଧ୍ୱମୁଖୀ କରି ଏକାଗ୍ରଚିତ୍ତରେ ଧ୍ୟାନମଗ୍ନ ଥିବା ବେଳେ ତାଙ୍କର ଶରୀରକୁ ଟିଙ୍କ ଆଦି କଷ୍ଟଦାୟକ କୀଟମାନେ ସମ୍ପୂର୍ଣ୍ଣ ଭାବେ ଆଚ୍ଛାଦନ କରି ରହୁଥାନ୍ତି । ତାଙ୍କର ଏଭଳି ଦୃଶ୍ୟକୁ ସ୍ୱୟଂ ବର୍ଦ୍ଧମାନ ମହାବୀର ଓ ତାଙ୍କର ସହକର୍ମୀ ଗୋସଲା କୃଷ୍ଣଗିରି ପାଦଦେଶସ୍ଥ କର୍ମଗ୍ରାମରେ ଦେଖିଥିବା କଥା ଉପରୋକ୍ତ ଗ୍ରନ୍ଥରେ ଲେଖାଯାଇଅଛି । କେହି କେହି ଏହି ଗ୍ରାମକୁ ଆନ୍ଧ୍ର ପ୍ରଦେଶର ଶ୍ରୀକୂର୍ମମ ବୋଲି ମତ ଦିଅନ୍ତି । ଏତାଦୃଶ ଯୋଗସାଧନ ସମଗ୍ର କଙ୍ଗୋଦରେ ଜନାଦୃତ ଥିଲା । ଜୈନ "ଆଭସ୍ୟକ ସୂତ୍ର" ଅନୁଯାୟୀ ସ୍ୱୟଂ ମହାବୀର "ତୋଶାଳୀ ରୁ "ମୋଶାଳୀକୁ ତୀର୍ଥଯାତ୍ରା କରିବା ଅବସରରେ ଜୈନମୁନୀମାନଙ୍କ ଦର୍ଶନ ଅଭିଳାଷ ଚରିତାର୍ଥ କରିବା

ନିମନ୍ତେ କିଛିକାଳ କୃଷ୍ଣଗିରିଠାରେ ଅବସ୍ଥାନ କରିଥିଲେ । ଏଣୁ କୃଷ୍ଣଗିରିର ସାଂସ୍କୃତିକ ଧାରା ମହାବୀରଙ୍କ ସମୟରୁ ନିରବଚ୍ଛିନ୍ନ ଭାବେ ଚାଲି ଆସିଥିଲା ।

ଜୈନଧର୍ମ ଭଳି ଶୈବଧର୍ମର ବି କୃଷ୍ଣଗିରି ଥିଲା ଅନ୍ୟତମ ପବିତ୍ର ପୀଠ । ଝାଡ଼େଶ୍ୱର, ମୁକ୍ତେଶ୍ୱର, ମାଲିକେଶ୍ୱର ଓ ଅସଂଖ୍ୟ ଶିବଲିଙ୍ଗ କେନ୍ଦ୍ରିକ ପୀଠ ଓ ମଣ୍ଡପର ଅବଶେଷ ବିକ୍ଷିପ୍ତ ଭାବେ ଏଯାଏ ବିଦ୍ୟମାନ । ଶୈବଧର୍ମ ପୂଜା ଅର୍ଚ୍ଚନା ପରମ୍ପରା ଏଠାରେ ଶୈଳୋଦ୍ଭବ ସମୟରୁ ଚାଲି ଆସିଛି । ଝାଡ଼େଶ୍ୱର ମନ୍ଦିରର ବାମ ପାର୍ଶ୍ୱରେ ପ୍ରସିଦ୍ଧ ରାମଚଣ୍ଡି ମନ୍ଦିର ଅବସ୍ଥିତ । ଚାରିଫୁଟ ଉଚ୍ଚତା ବିଶିଷ୍ଟ କଳାମୁଗୁନି ପଥର ଶିବଲିଙ୍ଗ ଝାଡ଼େଶ୍ୱର ମନ୍ଦିରରେ ପୂଜିତ । ଗାନ୍ଧର୍ବ ବିଦ୍ୟା (ନୃତ୍ୟ ଓ ସଙ୍ଗୀତ)ରେ ପାରଦର୍ଶିତା ଲାଭ ନିମନ୍ତେ ରାମଚଣ୍ଡିଙ୍କୁ ବିଶେଷ ଭାବେ ପୂଜା କରାଯାଏ ।

ସମୀପସ୍ଥ ମୁକ୍ତେଶ୍ୱର ମନ୍ଦିରର ମୁଖଶାଳାର ମସ୍ତକଭାଗରେ ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବଙ୍କ (ଖ୍ରୀ. ୧୦୭୮-୧୧୪୭) ଦ୍ୱାରା ଏକ ଅନୁଶାସନ ଖୋଦିତ ଅଛି । ଏହି ଅନୁଶାସନରୁ ସୂଚିତ ହୁଏ ଯେ ତାଙ୍କର କନୈକା ରାଣୀ ପ୍ରଚାର ଦେବୀ ଏହି ମନ୍ଦିରକୁ ଏକ ସ୍ଥାୟୀ ଅଲିଭା ପ୍ରଦୀପ ପ୍ରଦାନ କରିଥିଲେ । ଅନୁଶାସନଟି କାବ୍ୟିକ ଶୈଳୀରେ ଓ ସଂସ୍କୃତ ଭାଷାରେ ପ୍ରଣୀତ । ମନ୍ଦିରର ଦ୍ୱାର ଦେଶରେ ରାଜା କାମାର୍ଣ୍ଣବ(୧୧୪୭-୫୬)ଙ୍କ ଦ୍ୱାରା ଆଉ ଏକ ଅନୁଶାସନ ଖୋଦିତ ଅଛି, ଯାହାକି ବର୍ତ୍ତମାନ ସମ୍ପୂର୍ଣ୍ଣ ଧ୍ୱଂସବିଧ୍ୱଂସ ହୋଇଛି । ଚାରିଫୁଟ ଉଚ୍ଚତା ବିଶିଷ୍ଟ କଳା ମୁଗୁନିପଥରର ଲିଙ୍ଗଙ୍କ ସହ ଉମାମହେଶ୍ୱରାଙ୍କର ମୂର୍ତ୍ତି ମଧ ଏହି ମନ୍ଦିର ମଧରେ ପୂଜିତା । ମନ୍ଦିରର ନିର୍ମାଣ ପ୍ରଣାଳୀକୁ ଅବଲୋକନ କଲେ ପ୍ରତୀତ ହୁଏ ଯେ ଏହି ମନ୍ଦିର ଦ୍ୱାଦଶ ଶତାବ୍ଦୀର ବହୁ ପୂର୍ବ ନିର୍ମିତ । ଆକାରରେ ଉଭୟ ମୁକ୍ତେଶ୍ୱର ଓ ଝାଡ଼େଶ୍ୱର ଷ୍ଟାଇଲର ରେଖାମନ୍ଦିର ଢାଞ୍ଚାରେ ନିର୍ମିତ । ଏଣୁ ଓଡ଼ିଶାର ପ୍ରାଚୀନତମ ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର ଓ ଲକ୍ଷ୍ମଣେଶ୍ୱର ମନ୍ଦିରମାନଙ୍କ ଭଳି ଏ ମନ୍ଦିର ଦ୍ୱୟ ଖ୍ରୀଷ୍ଟପର ସପ୍ତମ ଶତାବ୍ଦୀରେ ନିର୍ମିତ ।

କିନ୍ତୁ ସେଠାରେ ଥିବା ଅନୁଶାସନ ଦ୍ୱୟରୁ ସ୍ପଷ୍ଟ ପ୍ରମାଣିତ ଯେ ସେଗୁଡ଼ିକ ଗଙ୍ଗରାଜା ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ ଦ୍ୱାଦଶ ଶତାବ୍ଦୀରେ ନିର୍ମାଣ କରିଥିଲେ, ଯିଏ କି କଳିଙ୍ଗ ନଗର (ମୁଖଲିଙ୍ଗମ୍)ରୁ ଅଭିନବ ବାରଣାସୀ କଟକ (ଅଧୁନା କଟକ)କୁ କଳିଙ୍ଗର ରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ଏହି ମନ୍ଦିରଦ୍ୱୟ ସମୀପରେ ତିନି ଝରଣା ତ୍ରୟଗଙ୍ଗା, ଯମୁନା ଓ ସରସ୍ୱତୀ ପରିବେଶକୁ ସୁରମ୍ୟତା ପ୍ରଦାନ କରନ୍ତି ।

ମହମ୍ମଦ ତକୀ ଖାଁ (ଖ୍ରୀ.ପୂର ୧୭୨୭-୩୩) ଶ୍ରୀକ୍ଷେତ୍ର ଆକ୍ରମଣ କରିବା ଅବସରରେ ପୁରୀ ରାଜା ଶ୍ରୀ ମନ୍ଦିରରୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ମୂର୍ତ୍ତିତ୍ରୟକୁ ଗୁପ୍ତରେ ବାଣପୁରକୁ ସ୍ଥାନାନ୍ତର କରିଥିଲେ । ସେଠାରୁ କୃଷ୍ଣଗିରି ପର୍ବତ ଦେଇ ଆଠଗଡ଼ ରାଜ୍ୟ ମେରଡ଼ାରେ ସ୍ୱତନ୍ତ୍ର ଏକ ମନ୍ଦିର ନିର୍ମାଣ କରାଇ ଜଗନ୍ନାଥଙ୍କୁ ଓଡ଼ିଶା ସୀମା ବାହାରେ ପ୍ରାୟ ୩ ବର୍ଷ ଧରି (୧୭୩୦-୩୩) ରଖାଯାଇଥିଲା ।

ଏହି ଭଳି କୃଷ୍ଣଗିରି ଓ ତାର ବିସ୍ତୃତ ଉପତ୍ୟକା ଧର୍ମ ସମନ୍ୱୟର ମିଳନ ଏବଂ ଚାରଣ କ୍ଷେତ୍ର ଭାବେ ଯୁଗ ଯୁଗ ଧରି ପ୍ରତିଷ୍ଠା ଲାଭ କରିଛି ।

ଜିଲ୍ଲାପାଳ ଓ ଟ୍ରଷ୍ଟ ସଭାପତି, କଟକ

• • •

# ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଦେବକୁଣ୍ଡ

● ଶ୍ରୀ ସୋମନାଥ ଜେନା

ଓଡ଼ିଶାର ବୈଚିତ୍ର୍ୟମୟ ପ୍ରାକୃତିକ ଜଳ ପ୍ରପାତ ଓ ସିଦ୍ଧପୀଠମାନଙ୍କ ମଧ୍ୟ ଦେବକୁଣ୍ଡ ଅନ୍ୟତମ । ପର୍ଯ୍ୟବେକ୍ଷକମାନେ ମଙ୍ଗୋରାଠାରୁ କିଛି ଦୂରରେ ଥିବା କେତୋଟି ଜଳ ପ୍ରପାତ ଦେଖିବାକୁ ଯାଆନ୍ତି । ମାତ୍ର ଏଠାରୁ ବହୁ ଗୁଣରେ ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଦେବକୁଣ୍ଡ ଅବସ୍ଥିତ । ମୟୂରଭଞ୍ଜର ସଦର ମହକୁମା ବାରିପଦାରୁ କପ୍ତିପଦା ଓ ଅମ୍ବିକିନଗର ଉଦଳା ରାସ୍ତାରେ ଗଲେ ଉଦଳା ପହଞ୍ଚିବାକୁ ୭କି.ମି. ପୂର୍ବରୁ ବୁଢ଼ାଗଡ଼ି ନାମକ ଗ୍ରାମ ପଡ଼ିବ । ସେଠୁ ଡାହାଣ ଦିଗକୁ ୨୫ କି.ମି. ରାସ୍ତା କୁଣ୍ଡା ବାଇ ହୋଇ ଅଗମ୍ୟ ସିମିଳିପାଳର ଜଙ୍ଗଲ ମଧ୍ୟରେ ୨କି.ମି. ଏକ ରାସ୍ତା ଦେଇ ଦେଓ ନାଳ ପାର ହେଲେ ଉଠାଣିଆ ଶିମିଳିପାଳ ପର୍ବତ ଉପରେ ପାହାଚ ଚଢ଼ିବାକୁ ହେବ । ପାହାଚ ଚଢ଼ିବା ପୂର୍ବରୁ ଏହି ନାଳକୁ ୬ଥର ପାର ହେବାକୁ ହେବ । ପ୍ରଥମଥର କଷ୍ଟ ନାହିଁ । କାରଣ କଲଭର୍ଟ ହୋଇଛି । ୨ୟ ଥର କଷ୍ଟକାରକ କାରଣ ସ୍ରୋତ ପ୍ରଖର । ତଳେ ପାଣିରେ ବୁଡ଼ି ରହିଥିବା ମସୃଣ ଓ ଧାରୁଆ ପଥର ଗୋଡ଼ରେ ବାଜିବ । ବାଡ଼ି ଧରି ନାଳ ପାରି ହେଲେ ବିପଦ ନଥାଏ । ନାଳ କୁଳୁକୁଳୁ ଶବ୍ଦ ସହ ଉଭୟ ପାଖରେ ଘନ ଜଙ୍ଗଲ,ଅରଣ୍ୟାନୀ, ଲତା ଗୁଳ୍ମ ଓ ଅତିଉଚ୍ଚ ପାହାଡ଼ମାନ ଛିଡ଼ା ହୋଇ ରହିଛି । କୁଣ୍ଡାବାଇ ପର୍ଯ୍ୟନ୍ତ ବସ୍ ନିୟମିତ ଭାବରେ ଚଳାଚଳ କରୁଛି । ଖାଦ୍ୟ ପଦାର୍ଥ ଓ ରୋଷେଇ ଉପକରଣ ସାଙ୍ଗରେ ନେଇଯିବାକୁ ପଡ଼ିବ । ଏହା ଏକ ବନ ଭୋଜିର କେନ୍ଦ୍ର ହୋଇ ଶୀତ, ବସନ୍ତ ଓ ଗ୍ରୀଷ୍ମ ଋତୁରେ ବହୁ ଯାତ୍ରୀଙ୍କର ଆକର୍ଷଣୀୟ ସ୍ଥାନ ହୋଇଛି । ମକର ମେଳା ଓ ସରସ୍ୱତୀ ପୂଜା ସମୟରେ ବହୁତ ଭିଡ଼ ହୁଏ ।

ପାଞ୍ଚ ଗୋଟି କୁଣ୍ଡ ତଳୁ ଉପରକୁ ଯାଇ ଦେଖିଲେ ଜଣେ ଲକ୍ଷ୍ୟ କରିପାରିବ । ଯିବା ରାସ୍ତାରେ ପାହାଡ଼ ଚଢ଼ିଲେ ପ୍ରଥମ କୁଣ୍ଡଟି ହେବ ଦେବ କୁଣ୍ଡ । ତତ୍ପରେ ଦେବୀ କୁଣ୍ଡ, ହରିଦ୍ରାକୁଣ୍ଡ, ତୈଳ କୁଣ୍ଡ ଓ ଦୁଗ୍ଧ କୁଣ୍ଡ ଯଥାକ୍ରମେ ପଡ଼ିବ । ତାପରେ ଅତି ଉଠାଣି ପାହାଡ଼ ଡେଇଁ ଆଗକୁ ଗଲେ, ଭଟାଗଡ଼ ଓ ବୁଢ଼ାଗଡ଼ି ପଡ଼ିବ । ଏହି ଦୁଇଟି ସ୍ଥାନକୁ ଶିମିଳିପାଳ ଯୋଡ଼ାଡିହଠାରୁ ଗଲେ ସୁବିଧାଜନକ । ପୂର୍ବୋକ୍ତ ୫ଟି କୁଣ୍ଡରୁ ଜଳ ଆସି ସବା ଶେଷରେ ଥିବା ଦେବ କୁଣ୍ଡରେ ପଡ଼ି ସେଠୁ ଜଳ ପ୍ରପାତ ଆକାରରେ ତଳକୁ ବୋହି କରକଟିଆ ନାଳ ହୋଇ ଦେଓ ନଦୀରେ ମିଶିଛି । ଏହି ଝରଣା ତଳେ ସୁଶୀତଳ ଜଳରେ ଯାତ୍ରୀମାନେ ବୁଡ଼ି ବୁଡ଼ି ପହଁରି ପହଁରି ସ୍ନାନକରି ଆନନ୍ଦ ଅନୁଭବ କରିଥାଆନ୍ତି । ଏହି କୁଣ୍ଡମାନଙ୍କରେ ମାଛମାନ ଭରପୂର ହୋଇ ରହିଛନ୍ତି । ଖାଦ୍ୟ ଫିଙ୍ଗିଲେ ସବୁ ଧରି ଗିଳି ଦେବେ ଉପରକୁ ଡେଇଁ ।

ଏହି ଦେବୀକୁଣ୍ଡ ଓ ଦେବ କୁଣ୍ଡ ମଝିରେ ଥିବା ପଥର ଚଟାଣକୁ ଲାଗି ଦେବୀ ଅମ୍ବିକାଙ୍କର ଶୟନାବସ୍ଥାରେ ମୂର୍ତ୍ତି ରହିଛି । ତାଙ୍କର ଦୁଇ ଜଙ୍ଘର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଯୋନିକୁ ଲୁଗା ଦ୍ୱାରା ପୂଜକ ଢାଙ୍କି ଦେଇ ଥାଆନ୍ତି । ରଜ ସଂକ୍ରାନ୍ତି ଓ ଅନ୍ୟ ସମୟରେ ଏହି ଯୋନିରୁ ରକ୍ତ ସ୍ରାବ ହେବାର ଏବେ ସୁଦ୍ଧା ଦୃଶ୍ୟ ହୁଏ । ସତୀଙ୍କର ଦକ୍ଷଯଜ୍ଞରେ ଯୋଗାଗ୍ନି ପ୍ରାଣ ତ୍ୟାଗ ପରେ ଶିବ ତାଙ୍କୁ ଧରି ତାଣ୍ଡବ ନୃତ୍ୟ କରିଥିବା ଅବସ୍ଥାରେ ଯୋନି ସହ ଦୁଇ ଗୋଡ଼ ଏଠାରେ ପଡ଼ିଥିଲା । ଏହି ସିଦ୍ଧପୀଠ ନୟନିତାଲର ନୟନି ପୀଠ(ନୟନ ପଡ଼ିଥିବାରୁ), ବଦ୍ରିନାଥର ବ୍ରହ୍ମ କପାଳି (ଏଠାରେ କପାଳ ପଡ଼ିଥିବାରୁ) ଭଳି ସିଦ୍ଧ ପୀଠ ଅଟେ । ବିରାଟ ରାଜାଙ୍କ ସମୟରୁ ଏହା ପୂଜିତ ହୋଇ ଆସୁଥିଲା ଓ ପରବର୍ତ୍ତୀ କାଳରେ ଲୋକମାନେ ବିସ୍ମୃତ ହୋଇଗଲେ ମହାପ୍ରଖ୍ୟାତ ତାନ୍ତ୍ରିକ ଓ ପଣ୍ଡିତ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ଏହି ପୀଠର ପୁନଃଆବିଷ୍କାର କରି ଲୋକଲୋଚନକୁ ଆଣିଥିଲେ । ପାଖରେ ଏକ ରୋଷେଇଶାଳ ପରବର୍ତ୍ତୀ ଅବସ୍ଥାରେ ନିର୍ମିତ ହେଲା । ସେହି ପୂର୍ବର ପୂଜକ ବଂଶର ଦାୟାଦ ରବି ପାଢ଼ୀ ଏବେ ସୁଦ୍ଧା ସୁଦୂର ଗୋବିନ୍ଦଚନ୍ଦ୍ର ପୁରରୁ ଆସି ପୂଜା ସାରି ସନ୍ଧ୍ୟା ପୂର୍ବରୁ ସେ ସ୍ଥାନରୁ ଚାଲିଯାଆନ୍ତି । ଯେଉଁ ଭକ୍ତମାନେ ଏଠି ସାଧନ ଓ ପୂଜା ପାଇଁ ଦିନ ଦିନ ରହି ରାତି କଟାଇ ଥାଆନ୍ତି, ସେମାନଙ୍କଠାରୁ ଶୁଣାଯାଏ ଯେ ଏହି ପୀଠର ମହିମା ଅତି ପ୍ରତ୍ୟକ୍ଷ ଅଟେ । ସବୁଦିନ ସକାଳେ କୁଆ କୋଇଲି ଡାକ ପୂର୍ବରୁ ମୂର୍ତ୍ତି ପାଖରେ ଏକ ଶ୍ୟାମାପକ୍ଷୀ ଦେବୀଙ୍କର ସ୍ତୁତି କରି ନିଦ୍ରାଭଙ୍ଗ କରେ । ରାତିରେ ହଠାତ୍ ଘଣ୍ଟ ଘଣ୍ଟା ବାଜି ଉଠେ ଓ ସେ ସ୍ଥାନରେ ହଠାତ ଜ୍ୟୋତି ଦେଖାଯାଇ ପ୍ରକାଶରେ ଚାରିଆଡ଼େ ଝଲସି ଉଠି ଅନ୍ଧାରକୁ ଭେଦ କରିଥାଏ । ହାତୀ ଓ ବାଘ ମଧ୍ୟ ଦେବୀଙ୍କର ଚାରି ପଟେ ବୁଲି ବୁଲନ୍ତି । ଚଣ୍ଡୀପାଠର ଶବ୍ଦ ଜଙ୍ଗଲକୁ ପ୍ରକମ୍ପିତ କରେ । ରାତ୍ରିର ନୀରବତାକୁ ଭଙ୍ଗ କରେ । କିଏ ଚଣ୍ଡୀପାଠ କରୁଛି ଜାଣି ହୁଏ ନାହିଁ । ଯେଉଁମାନେ ନିଷ୍ଠାର ସହ ଚଣ୍ଡୀପାଠ ଓ ଚଣ୍ଡୀସାଧନ ପାଇଁ ଏଠି ରାତି ବିତାନ୍ତି, ସେମାନେ ଏକଥା ବାରମ୍ବାର କହିଥାଆନ୍ତି ।

ପ୍ରଶାସନ ପକ୍ଷରୁ ଏଠିକୁ ଶୁଦ୍ଧ ଜଳ, ବିଜୁଳିବତୀ, ୭ କି.ମି. ଜଙ୍ଗଲ ରାସ୍ତାର ଉପଯୁକ୍ତ ନିର୍ମାଣ ସହ ଦୁଇଟି ସ୍ଥାୟୀ ପୋଲ, ରହିବା ପାଇଁ ଧର୍ମଶାଳାମାନ ବସାଇଲେ ପର୍ଯ୍ୟଟକମାନଙ୍କୁ ଏହା ଅଧିକ ଆକର୍ଷଣ କରିପାରିବ ।

• • •

# ଜଗତ୍ ଜନନୀ ମା' ବିରଜା

● ଶ୍ରୀ ରବିକାନ୍ତ ...

ହିନ୍ଦୁ ସଂସ୍କୃତିର ପରମାରାଧ୍ୟା ଆଦିଶକ୍ତି ରୂପେ ବିରଜା ଦେବୀ ବୈତରଣୀ ତଟ ଦେଶ ଯାଜପୁରରେ ବିରାଜିତା । ଶାସ୍ତ୍ରୀୟ ମତରେ ଏହି କ୍ଷେତ୍ର ହେଉଛି ଶକ୍ତି ପରମ୍ପରାର ଏକ ପ୍ରକୃଷ୍ଟ କ୍ଷେତ୍ର । ସମଗ୍ର ଭାରତବର୍ଷରେ ଯେତେଗୁଡ଼ିଏ ଶକ୍ତିପୀଠ ସ୍ଥାପିତ ହୋଇଛି, ତନ୍ମଧ୍ୟରୁ ବିରଜା ଦେବୀଙ୍କର ପ୍ରାଚୀନତା, ମହନୀୟତା ଓ ବୈଶିଷ୍ଟ୍ୟ ବହୁଳଭାବେ ପ୍ରାଚୀନ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ । ଏହି କ୍ଷେତ୍ରରେ ବିରାଜିତା ଜଗଜ୍ଜନନୀ ବିରଜା ଦେବୀଙ୍କୁ ଭକ୍ତିର ସହିତ ଦର୍ଶନ ଓ ଉପାସନା କଲେ ମାନବ ଏକ-ବିଂଶତି କୁଳକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ବ୍ରହ୍ମଲୋକରେ ସ୍ଥାନ ଲାଭ କରେ ବୋଲି ବ୍ରହ୍ମପୁରାଣ ଓ କପିଳ ସଂହିତା ପ୍ରଭୃତି ପ୍ରାଚୀନ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇଅଛି । ସଂପ୍ରତି ବିରଜା ଦେବୀଙ୍କର ଯେଉଁ ମୂର୍ତ୍ତି ଉପଲବ୍ଧ ହୁଏ, ତାହା ଗୁପ୍ତ ଯୁଗୀୟ ଶିଳ୍ପକଳାର ନିଦର୍ଶନ ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି । ସମାଲୋଚକମାନଙ୍କ ମତରେ ବିରଜାଦେବୀ ଦ୍ୱିଭୁଜା ।

ବିରଜାକ୍ଷେତ୍ର ଭାରତୀୟ ଶକ୍ତି ସଂସ୍କୃତିର ପ୍ରାଚୀନତମ ଉତ୍ସ ଓ ପ୍ରାଣକେନ୍ଦ୍ର । ଉକ୍ତ ପ୍ରାଚୀନତମ ଶକ୍ତି କ୍ଷେତ୍ର ତନ୍ତ୍ରପୀଠ ରୂପେ ମଧ୍ୟ ସୁବିଦିତ । ତ୍ରିକୋଣାକାର 'ଏ' ମଧ୍ୟରେ ଦେବୀଙ୍କର ପୀଠ କଳ୍ପିତ ହୋଇଛି । ବିଲେଶ୍ୱର, ବରୁଣେଶ୍ୱର ଓ କିଲାଲାଟେଶ୍ୱର (ଥିଲାଟେଶ୍ୱର) ଉକ୍ତ ଶିବଲିଙ୍ଗତ୍ରୟ ତ୍ରିକୋଣ କ୍ଷେତ୍ରର ସୀମାରେଖା ରୂପେ ଅବସ୍ଥାପିତ ହୋଇଛନ୍ତି । ବିରଜା ଦେବୀଙ୍କର ଶୀର୍ଷ ଦେଶରେ ପଞ୍ଚମୁଦ୍ରା ଶୋଭା ପାଉଅଛି । "ଗଣପତି-ଫଣୀ ସମ୍ରାଟ-ଯୋନି-ଲିଙ୍ଗେନ୍ଦୁ ମୁଦ୍ରା" । ଗଣପତି ବିଘ୍ନ ବିନାଶନର ଆଦ୍ୟ ପୂଜନର ପ୍ରତୀକ । ଏହି ଗଣପତି ମୁଦ୍ରାକୁ ଧାରଣ କରି ଦେବୀ ନିଜକୁ ବିଘ୍ନ ବିନାଶନୀ ଓ ଆଦିପୂଜ୍ୟା ବୋଲି ପ୍ରତିପାଦନ କରିଛନ୍ତି । ଫଣୀ ସମ୍ରାଟ ବାସୁକି ହେଉଛନ୍ତି ପୃଥିବୀ ଧାରଣ ଓ ସର୍ବ ସଂହତାର ପ୍ରତୀକ । ଏହି ବାସୁକିଙ୍କୁ ଶୀର୍ଷ ଦେଶରେ ଧାରଣ କରିଥିବାରୁ ଦେବୀ ସ୍ୱୟଂ ବିଶ୍ୱଧାରିଣୀ ଓ ସର୍ବଂସହା ବୋଲି ପ୍ରମାଣିତା । ଇନ୍ଦୁ ବା ଚନ୍ଦ୍ର ହେଉଛନ୍ତି ଶୀତଳତ୍ୱ ଓ ଆହ୍ଲାଦକତ୍ୱର ପ୍ରତୀକ । ଏହି ଚନ୍ଦ୍ର ପ୍ରତୀକକୁ ଧାରଣ କରି ଦେବୀ ଶୀତଳ ସ୍ୱଭାବ ଓ ଆହ୍ଲାଦକାରିଣୀ ରୂପେ ଗୃହୀତା । ମା' ବିରଜାଦେବୀ ଦକ୍ଷିଣ ହସ୍ତରେ ଶୂଳ, ବାମ ହସ୍ତରେ ମହିଷ ପୁଚ୍ଛ ଧାରଣ କରି ମହିଷାସୁରକୁ ବଧ କରୁଥିବାରୁ କମନୀୟ ମୂର୍ତ୍ତି ଭକ୍ତ ମନରେ ଶାନ୍ତି ଓ ସାନ୍ତ୍ୱନାର ଭାବ ସୃଷ୍ଟି କରେ । ଯୁଗେ ଯୁଗେ ଧରାଧାମରେ ପରିଦୃଷ୍ଟ ହେଉଥିବା ସର୍ବବିଧ ଦୁଷ୍କୃତ ଓ ଦୁରାତ୍ମାମାନଙ୍କୁ ବିନାଶ କରିବାର ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରି ସେ ଭକ୍ତମାନଙ୍କୁ ଅନୁଗୃହୀତ କରନ୍ତି । ଶ୍ରୀଶ୍ରୀ ଚଣ୍ଡୀରେ ଉଲ୍ଲେଖ ଅଛି-

"ଇତ୍ଥଂ ଯଦା ଯଦା ବାଧା ଦାନବୋତ୍ଥା ଭବିଷ୍ୟତି
ତଦା ତଦା ବତୀର୍ଯ୍ୟାହଂ କରିଷ୍ୟାମ୍ୟରିସଂକ୍ଷୟମ୍ ।

ଏ ସୃଷ୍ଟିରେ ଦୈନନ୍ଦିନ ଜୀବନ କ୍ଷେତ୍ରରେ ଯେଉଁ ସବୁ ଦୁର୍ଘଟଣାମାନ ସଂଘଟିତ ହେଉଛି ଏବଂ ହେଉଥିବ, ତାହାର ହର୍ତ୍ତା ନିୟନ୍ତ୍ରଣକାରିଣୀ ବାସ୍ତବରେ ମା' ଜଗତ୍ ଜନନୀ । ଯଦ୍ୟପି ମା' ବିରଜା ଯାଜପୁରରେ ପ୍ରାଣକେନ୍ଦ୍ର ରୂପେ ଏହି କ୍ଷେତ୍ରକୁ ଶକ୍ତିପୀଠରେ ପରିଣତ କରିଛନ୍ତି, ତଥାପି ଏହି କ୍ଷେତ୍ର ହରିହର କ୍ଷେତ୍ର, ନାଭିକ୍ଷେତ୍ର, ଗଦାକ୍ଷେତ୍ର ଓ ବୈତରଣୀ ତୀର୍ଥ ରୂପେ ଖ୍ୟାତ । ବୈତରଣୀ ଅପର ପାର୍ଶ୍ୱରେ ... ରୂପୀ ଭଗବାନ ବରାହ ଓ ଦ୍ୱାଦଶ ମାଧବଙ୍କ ସହିତ ତ୍ରିଲୋଚନେଶ୍ୱର, ଅଗ୍ନେଶ୍ୱର ହାଟକେଶ୍ୱର, ରାମେଶ୍ୱର, ଅର୍ଦ୍ଧନାରୀଶ୍ୱର ଓ ... ପ୍ରମୁଖ ଅଗଣିତ ଶିବଲିଙ୍ଗଙ୍କର ସମନ୍ୱୟରେ ଉକ୍ତ ମହାକ୍ଷେତ୍ର ... ହରିହର କ୍ଷେତ୍ର ରୂପେ ସୁପରିଚିତ । ଏତଦ୍‌ବ୍ୟତୀତ ... ଗଣେଶ, ଜଗନ୍ନାଥ ମନ୍ଦିର, ସପ୍ତମାତୃକା, ସପ୍ତରେଖା ଓ ... ବହୁପ୍ରାଚୀନ ତୀର୍ଥ ମନ୍ଦିର ଓ ନଦୀର ଏକାତ୍ମରୂପେ ଏହି କ୍ଷେତ୍ର ... ସର୍ବଧର୍ମମୟ ପୀଠ ରୂପେ ଯୁଗେ ଯୁଗେ ସ୍ୱୀକୃତ । ... ତଥା ମହତ ଉପାଦାନର ସମନ୍ୱୟରେ ଯାଜପୁର ଧର୍ମଜଗତରେ ... ମହତ୍ୱପୂର୍ଣ୍ଣ ସ୍ଥାନ ଲାଭ କରିପାରିଛି ।

ମା' ବିରଜା ଦେବୀଙ୍କ ମନ୍ଦିରର ନିର୍ମାଣ ଶୈଳୀ ଓ ... ଅବଶେଷ ଦେଖିଲେ ଏହା ପ୍ରଥମେ ଯଯାତିକେଶରୀ ବା ... କୌଣସି ରାଜାଙ୍କ ଦ୍ୱାରା ନିର୍ମାଣ ହୋଇଥିବାର ସୂଚନା ମିଳେ । ଯଯାତିକେଶରୀ ଶୈବଧର୍ମର ପ୍ରସାର ନିମନ୍ତେ ଏକାନ୍ତ ... ଐତିହାସିକମାନଙ୍କ ମତାମତରୁ ପ୍ରମାଣ ମିଳେ ଯେ, ... ଗୁପ୍ତଯୁଗୀୟମାନଙ୍କ ରାଜତ୍ୱର ଶେଷ ବେଳକୁ ୫୫୨ ଖ୍ରୀଷ୍ଟାବ୍ଦରୁ ... ଖ୍ରୀଷ୍ଟାବ୍ଦ ମଧ୍ୟରେ ସୋମବଂଶର ପ୍ରସିଦ୍ଧ ନରପତି ମହାଶିବ ଗୁପ୍ତ ... ଯଯାତି କେଶରୀ ସମଗ୍ର ଉତ୍କଳ ଓ କଳିଙ୍ଗରେ ଏକାଧିପତ୍ୟ ... ଲାଭ କରିଥିଲେ । ପୁରାତନ ବିରଜା ମନ୍ଦିର, ସପ୍ତମାତୃକା ମନ୍ଦିର, ... ଶୁଭସ୍ତମ୍ଭ ବା ଗରୁଡ଼ ସ୍ତମ୍ଭ ଆଦି କୀର୍ତ୍ତିଗୁଡ଼ିକ ତାଙ୍କର ନୈପୁଣ୍ୟର ... ପରାକାଷ୍ଠା ପ୍ରତିପାଦନ କରେ ।

ପିତାମହ ବ୍ରହ୍ମାଙ୍କର ସ୍ତୁତିରେ ପ୍ରସନ୍ନା ହୋଇ ମା' ବିରଜା ... ସ୍ଥାନରେ ଅଧିଷ୍ଠାତ୍ରୀ ଦେବୀ ରୂପେ ତାଙ୍କର ସାନ୍ନିଧ୍ୟ ପ୍ରଦାନ କରିବେ ବୋଲି ବର ଦେଇଥିଲେ । ତେଣୁ ଏହି ଦେବୀ ପୀଠ ବିରଜା ... ନାମରେ ଜଗତ ପ୍ରସିଦ୍ଧ । ବରୁଣେଶ୍ୱରଙ୍କୁ ବିରଜା କ୍ଷେତ୍ରରେ ... ବୋଲି କୁହାଯାଏ । ବରୁଣେଶ୍ୱର ପୀଠଟି କାଳକ୍ରମେ ବିଧର୍ମୀଙ୍କ ... ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବା ପରେ ଶତାଧିକ ବର୍ଷ ପୂର୍ବେ ନିର୍ମିତ ... ସାମ୍ପ୍ରତିକ ମନ୍ଦିରଟି ଉଚ୍ଚତାରେ ୨୦ ଫୁଟରୁ ଅଧିକ ବହୁ ... ଏହା କଳା ସମୃଦ୍ଧ । ମନ୍ଦିରର ପାର୍ଶ୍ୱଦେବତା ଭାବେ ଦକ୍ଷିଣରେ ... ବାମରେ ପାର୍ବତୀ ଓ ପଶ୍ଚାତ୍ ଭାଗରେ କାର୍ତ୍ତିକେୟଙ୍କ ପ୍ରସ୍ତର ... ମୂର୍ତ୍ତିଗୁଡ଼ିକ ଅତି ଆକର୍ଷଣୀୟ । ମନ୍ଦିରର ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ...

କ୍ରମଶଃ

ପ୍ରକାର ତରୁଣ ବୃକ୍ଷ ଦୃଷ୍ଟିଗୋଚର ହୁଏ । ଏହା ଦୁଇ ହଜାର ବର୍ଷ ହେବ ବୋଲି ସ୍ଥାନୀୟ ଲୋକମାନେ ଅନୁମାନ କରନ୍ତି । ମୁରୁନି ପଥରରେ ନିର୍ମିତ ହୋଇଥିବା ଗଜାନନଙ୍କ ମୂର୍ତ୍ତି ଅତି ପ୍ରାଚୀନ । ମୟୂରାସନରେ ଉପବିଷ୍ଟ ହୋଇଥିବା କାର୍ତ୍ତିକେୟଙ୍କ ମୂର୍ତ୍ତି ବୀର ବେଶରେ ସୁଶୋଭିତ । ଦୁଇ ହସ୍ତରେ ଧନୁତୀର, ବିଭିନ୍ନ ଅଳଙ୍କାର ପରିହିତା ଚତୁର୍ଭୁଜା ବିଶିଷ୍ଟ ପାର୍ବତୀଙ୍କର ମୂର୍ତ୍ତିରେ ସେ ଦଣ୍ଡାୟମାନ । ଦକ୍ଷିଣପାର୍ଶ୍ୱରେ ସିଂହ, ବାମ ହସ୍ତରେ ସର୍ପ ଓ ଅନ୍ୟାନ୍ୟ ଭୁଜମାନଙ୍କରେ ବିଭିନ୍ନ ପ୍ରକାର ଆୟୁଧ ଧାରଣ କରିଛନ୍ତି । ମୁଖ୍ୟଶାଳା ଭିତରେ ଦୁଇଟି ତୀର୍ଥଙ୍କର ମୂର୍ତ୍ତି ଓ ସମ୍ମୁଖରେ ଛଅ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପ୍ରାଚୀନ ବୃଷଭ ସ୍ତମ୍ଭ ରହିଛି । ମନ୍ଦିର ବେଢ଼ା ଭିତରେ ଜଗତେଶ୍ୱର, ଫାଳେଶ୍ୱର, ରାମେଶ୍ୱର ଓ ଭୁବନେଶ୍ୱର ଆଦି ଚାରିଟି ଶିବମନ୍ଦିର ରହିଛି । ଜଗତେଶ୍ୱର ମନ୍ଦିରର ପଶ୍ଚାତ ଭାଗରେ ନାରାୟଣ ମୂର୍ତ୍ତି ଓ ବାମ ଡ଼ାହାଣ ପାର୍ଶ୍ୱରେ ହନୁମାନ ଓ ଗରୁଡ଼ମୂର୍ତ୍ତି ଖଚିତ ହୋଇଛି । ଫାଳବାଜି ମାଟିତଳୁ ଉଦ୍ଧାର କରାଯାଇଥିବା ଫାଳେଶ୍ୱର ମହାଦେବଙ୍କ ମନ୍ଦିରର କୌଣସି ପାର୍ଶ୍ୱ ଦେବତା ନଥିଲା ବେଳେ ରାମେଶ୍ୱର ମନ୍ଦିର ପଶ୍ଚାତ ଭାଗରେ ମାତୃକା ମୂର୍ତ୍ତି ବା ଜଟାଧାରୀ ସନ୍ନ୍ୟାସୀ ପରି ଜଣାପଡୁଥିବା ଦୁଇଟି ବୌଦ୍ଧ ବା ଜୈନ ମୂର୍ତ୍ତି ଖଚିତ ହୋଇଛି । ଏହା ବ୍ୟତୀତ ବାମ ପାର୍ଶ୍ୱରେ କୋଳରେ ଶିଶୁ ଧାରଣ କରିଥିବା ଏକ ମାତୃକା ମୂର୍ତ୍ତି ଏବଂ ତଳେ ଏକ ଫଣଯୁକ୍ତ ସର୍ପ ରହିଛି । ଐତିହାସିକମାନେ ଏହାକୁ ଆସ୍ତିକ ଜରତ୍ କାରୁଙ୍କ ମୂର୍ତ୍ତି କହନ୍ତି । ଏତଦବ୍ୟତୀତ ମନ୍ଦିର ବେଢ଼ା ଭିତରେ ଶ୍ରୀଜଗନ୍ନାଥ ମହାପ୍ରଭୁ, ଶ୍ରୀବଳଭଦ୍ର ମହାପ୍ରଭୁ ଓ ଭଉଣୀ ସୁଭଦ୍ରାଙ୍କ ଦାରୁ ବିଗ୍ରହ ପୂଜା ପାଉଛନ୍ତି ।

ମହାଭାରତର ବିଖ୍ୟାତ ଶାକ୍ତପୀଠ ବିରଜା କ୍ଷେତ୍ର ଯାଜପୁରର ମହାନ୍ ଐତିହ୍ୟ, ପରମ୍ପରା, ସଂସ୍କୃତି, କଳା, ସ୍ଥାପତ୍ୟ, ଦେବଦେବୀ,ମଠ, ମନ୍ଦିର ଓ ପର୍ବପର୍ବାଣୀ ପାଇଁ ଜଗତ ବିଖ୍ୟାତ । ଏହି ତୀର୍ଥକ୍ଷେତ୍ରରେ ପୁଣ୍ୟତୋୟା ବୈତରଣୀ ପ୍ରବାହିତ ହୋଇ ଏହାକୁ ପବିତ୍ର କରିବା ସଙ୍ଗେ ସଙ୍ଗେ ବିରଜା କ୍ଷେତ୍ରର ମହାତ୍ମ୍ୟ ବୃଦ୍ଧି କରୁଅଛି । ବ୍ରହ୍ମାଣ୍ଡ ପୁରାଣ, ବିରଜାକ୍ଷେତ୍ର ମାହାତ୍ମ୍ୟ, କପିଳ ସଂହିତା ତଥା ଅନ୍ୟାନ୍ୟ ପୁରାଣ ଗ୍ରନ୍ଥଗୁଡ଼ିକରେ ଯାଜପୁରକୁ ଏକ ଅବିମୁକ୍ତ କ୍ଷେତ୍ର, ବିରଜଃ କ୍ଷେତ୍ର ବିରଜା, ନାଭିକ୍ଷେତ୍ର ଓ ଗୁପ୍ତ କ୍ଷେତ୍ରାଦି ନାମରେ ନାମିତ କରାଯାଇଛି । ବିଷ୍ଣୁ ପୁରାଣର ଗୟାସୁର ଉପାଖ୍ୟାନରେ ଏଇ ତୀର୍ଥ କ୍ଷେତ୍ରକୁ ସୁପ୍ରସିଦ୍ଧ ଗୟାତୀର୍ଥ ପରି ନାଭିଗୟା ନାମରେ ବର୍ଣ୍ଣନା କରାଯାଇଛି । ତେଣୁ ପିତୃ ପୁରୁଷଙ୍କୁ ପିଣ୍ଡଦେବା ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ସ୍ଥାନରୁ ବହୁ ତୀର୍ଥ ଯାତ୍ରୀ ଏଠାରେ ଉପସ୍ଥିତ ରହି ବିରଜାଙ୍କ ନିକଟସ୍ଥ ଗଦାଧର(ବିଷ୍ଣୁ)ଙ୍କୁ ସାକ୍ଷୀ ରଖି ପିଣ୍ଡଦାନ କରୁଥିବାରୁ ଉକ୍ତ କ୍ଷେତ୍ରରେ ବୈଷ୍ଣବଧର୍ମର ପ୍ରଭାବ ସହଜରେ ଅନୁମିତ ହୋଇଥାଏ । ସେହିପରି ଏଇ କ୍ଷେତ୍ରର ଯଜ୍ଞାନଳ ସମ୍ଭୂତା ଦେବୀ ପାର୍ବତୀ 'ବିରଜା' ନାମ ଧାରଣ କରି କ୍ଷେତ୍ରାଧୀଶ୍ୱର 'ତ୍ରିଲୋଚନେଶ୍ୱର'ଙ୍କ ସହ ସହାବସ୍ଥାନ କରି ଏ କ୍ଷେତ୍ରର ଉତ୍କର୍ଷ ପ୍ରତିପାଦନ କରୁଥିବାରୁ, ଏହିକ୍ଷେତ୍ରକୁ ଏକ 'ଅବିମୁକ୍ତ କ୍ଷେତ୍ର' ବା 'ହରି ଗୌରୀ କ୍ଷେତ୍ର' ରୂପେ ନାମିତ କରାଯାଇଛି । ଏଥିରୁ ଯାଜପୁର ଅଞ୍ଚଳରେ ଏକଦା ଶୈବ ଧର୍ମର ପ୍ରାଧାନ୍ୟଥିବା ସହଜରେ ଅନୁମେୟ । ସୋମବଂଶୀ ରାଜାମାନେ ଏହାକୁ ଶୈବକ୍ଷେତ୍ର ଭୁବନେଶ୍ୱର ସହିତ ତୁଳନା କରିବାକୁ ଯାଇ ଏଠାରେ 'ଏକ ଊଣା କୋଟିଏ ଲିଙ୍ଗ' ପ୍ରତିଷ୍ଠା କରିଛନ୍ତି ବୋଲି ଜନଶ୍ରୁତି ରହିଛି ।

ବିରଜାହିଁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ । ସେ ଶାକ୍ତ ପରମ୍ପରାର ପ୍ରତୀକ । ମା' ବିରଜା ସମଗ୍ର ଭାରତବର୍ଷରେ ମହିଷମର୍ଦ୍ଦିନୀ ଦ୍ୱିଭୁଜା ଦୁର୍ଗାଙ୍କର ଏକକ ଓ ଅନନ୍ୟ ନିଦର୍ଶନ । ସଂକ୍ଷେପରେ କହିବାକୁ ଗଲେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ସୌର ଓ ଗାଣପତ୍ୟ ପରମ୍ପରାର ଯାଜପୁର ଥିଲା ଏକ ମିଳନସ୍ଥଳୀ । ଏହାର କଳା, ଭାସ୍କର୍ଯ୍ୟ, ସାହିତ୍ୟ, ସଂସ୍କୃତି, ଶାସନ, ଅନୁଶାସନ ଓ ତନ୍ତ୍ରସାଧନା ପ୍ରଭୃତିର ଅଭ୍ୟୁଦୟ ଓ ବିକାଶ କ୍ଷେତ୍ରରେ ଏଇ ଦେବୀ ପୀଠ ଯୁଗେ ଯୁଗେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳକୁ ପ୍ରଭାବିତ କରି ଆସିଛି ।

ସମ୍ଭବତଃ ଖ୍ରୀ.ପୂ. ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ବିରଜା ମଣ୍ଡଳର ସର୍ବ ପ୍ରାଚୀନ ତୀର୍ଥ ଓ ସର୍ବପ୍ରଧାନ ସାଂସ୍କୃତିକ କ୍ଷେତ୍ର ଥିଲା ଯାଜପୁର । ମୌର୍ଯ୍ୟ ସମ୍ରାଟ ଅଶୋକ ଏବଂ କଳିଙ୍ଗାଧିପତି ମହାମେଘବାହାନ ଖାରବେଳଙ୍କ ରାଜତ୍ୱ କାଳରେ ମଧ ବିରଜା ମଣ୍ଡଳ ଯାଜପୁର ପ୍ରାଚୀନ କଳିଙ୍ଗ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଅଭିଲେଖରେ ପ୍ରଥମେ ବିରଜାଙ୍କ ନାମ ଷଷ୍ଠ ଶତାବ୍ଦୀର ଶେଷ ଭାଗରେ ଥିବା ପୃଥିବୀ ମହାରାଜାଙ୍କ ପାରଳାଖେମୁଣ୍ଡି ତାମ୍ର ଫଳକରୁ ମିଳିଥାଏ । ସପ୍ତମ ଶତାବ୍ଦୀର ଭାନୁଦତ୍ତଙ୍କ ତାମ୍ରପତ୍ର ଅନୁଦାନରେ ବର୍ଣ୍ଣିତ 'ବିରଜା' ନାମ 'ବିରଜା'ରେ ବିକୃତ ହେବାର ସମ୍ଭାବନା । ମଧ୍ୟଯୁଗରେ ଯାଜପୁର ଏକ ପ୍ରସିଦ୍ଧ ମାତୃକା ଦେବୀ କ୍ଷେତ୍ର ରୂପେ ପରିଣତ ହୋଇ 'ବିରଜା' ଏଠାରେ ଅଧିଷ୍ଠାତ୍ରୀ ଦେବୀ ରୂପେ ଗ୍ରହଣୀୟ ହେଲେ । ମାଆ ବିରଜା ଦଶାଶ୍ୱମେଧ ଯଜ୍ଞର ପବିତ୍ର ବ୍ରହ୍ମ ଅଗ୍ନିରୁ ଆବିର୍ଭୂତା ବୋଲି କୁହାଯାଏ । ସେହି ବିରଜାଙ୍କ ଯଜ୍ଞମୂର୍ତ୍ତି ସଦା ସର୍ବଦା ବସ୍ତ୍ର ଦ୍ୱାରା ଆଚ୍ଛାଦିତ । କିନ୍ତୁ ଏହା ଏକ ଦୁର୍ଗା ମୂର୍ତ୍ତି । ସିଂହବାହିନୀ ମା' ବିରଜା ଦ୍ୱିଭୁଜା ହେଲେ ମଧ ମହିଷାସୁରକୁ ନିଜର ଶୂଳ ଦ୍ୱାରା ବଧ କରିବା ପାଇଁ ଆବିର୍ଭୂତା ହୋଇଥିଲେ ।

ମା' ବନଦୁର୍ଗା ମନ୍ତ୍ରରେ ପୂଜିତ ହୋଇଥାନ୍ତି । ଯଦିଓ ଦେବୀ ବିରଜା ବ୍ରହ୍ମାଣ୍ଡ ନୁହଁନ୍ତି, କିନ୍ତୁ ମାଘ ମାସର ଅମାବାସ୍ୟାରେ ବିରଜାଙ୍କ ସ୍ୱନକ୍ଷତ୍ର ତିଥି ଉପଲକ୍ଷେ 'ବ୍ରହ୍ମାଣୀ' ବେଶ କରାଯାଇ ତାଙ୍କୁ ସାବିତ୍ରୀ ମନ୍ତ୍ରରେ ଆରାଧନା କରାଯାଏ । ସେହିପରି 'ବ୍ରହ୍ମପୁରାଣ'ରେ ବିରଜା କ୍ଷେତ୍ର ଓ ତୀର୍ଥର ମହାତ୍ମ୍ୟ ବର୍ଣ୍ଣନା ପ୍ରସଙ୍ଗରେ ବିରଜା ମଣ୍ଡଳର ଅନ୍ୟତମା ସପ୍ତମାତୃକା 'ବରାହୀ' ଦେବୀଙ୍କ ପ୍ରଥମ ଦେବାଳୟ ଥିବା ବିଷୟ ବର୍ଣ୍ଣିତ ହୋଇଥିଲେ ମଧ ସେହି ବରାହୀ ଦେବୀ କିପରି 'ବିରଜା' ରୂପେ ରୂପାନ୍ତରିତ ହେଲେ, ସେ ବିଷୟରେ କୌଣସି ସୂଚନା ମିଳିନାହିଁ । ମହାରାଷ୍ଟ୍ରର ବୁଲ୍‌ଧାନ ଜିଲ୍ଲା ଏବଂ ଗୋଦାବରୀ ସନ୍ନିକଟ 'ସହ୍ୟାଦ୍ରି' ପର୍ବତରେ 'ବିରଜା' ନାମରେ କେତେକ ଦେବୀ ପୂଜିତ ହେଉଥିଲେ ମଧ ମହିଷାମର୍ଦ୍ଦିନୀ ଦ୍ୱିଭୁଜା ଦୁର୍ଗାଙ୍କର ସର୍ବପ୍ରଧାନ ତଥା ପ୍ରାଚୀନ ନିଦର୍ଶନ ହେଉଛନ୍ତି ଯାଜପୁରର ବିରଜା । ଯାଜପୁରର ଦଶାଶ୍ୱମେଧ ଘାଟର ସପ୍ତମାତୃକା ମୂର୍ତ୍ତି ବ୍ୟତୀତ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଅଫିସ୍ ପ୍ରାଙ୍ଗଣରେ ବରାହୀ, ଚାମୁଣ୍ଡା ଓ ଇନ୍ଦ୍ରାଣୀ ପ୍ରଭୃତି ମାତୃକା ମୂର୍ତ୍ତି ସଂରକ୍ଷିତ ହୋଇ ରହିଅଛି । ସମ୍ଭବତଃ ଭୌମକର ରାଜତ୍ୱ କାଳରେ ତନ୍ତ୍ରଯାନର ପ୍ରଭାବରେ ଏହି ବଂଶର ପ୍ରାରମ୍ଭରୁ ଦେବୀ ବିରଜାଙ୍କ ସହିତ ଏହି ମାତୃକା ମୂର୍ତ୍ତିଙ୍କର ପ୍ରତିଷ୍ଠା କରାଯାଇଥିଲା ।

ଉତ୍କଳ ପ୍ରସଙ୍ଗ

ଭୌମ ରାଜତ୍ୱ କାଳରେ ଯାଜପୁରରେ ଯେଉଁ ମନ୍ଦିରଗୁଡ଼ିକ ନିର୍ମିତ ହୋଇଥିଲା, ସେଗୁଡ଼ିକର ଧ୍ୱଂସାବଶେଷ ବର୍ତ୍ତମାନ ହଂସେଶ୍ୱର ଓ ଆଖଣ୍ଡଳେଶ୍ୱର ମନ୍ଦିର ନିକଟରେ ହୁହୁକୁଣ୍ଡ ପୁଷ୍କରିଣୀ ସୋପାନରେ ଅଠରନଳା ପୋଳ ଦେହରେ ପରିଦୃଷ୍ଟ ହୁଏ । ଆଖଣ୍ଡଳେଶ୍ୱର ମନ୍ଦିରର ଗଣେଶ ମୂର୍ତ୍ତି, ବିରଜା ମନ୍ଦିରର ନିଶା ପାର୍ବତୀ ଓ କାର୍ତ୍ତିକେୟଙ୍କ ମୂର୍ତ୍ତିରେ ଭୌମଯୁଗୀୟ ସ୍ଥାପତ୍ୟର ସମସ୍ତ ଲକ୍ଷଣ ବିଦ୍ୟମାନ । ଭୌମ ରାଜତ୍ୱ କାଳରେ ଯେତମକୁ ବୌଦ୍ଧମୂର୍ତ୍ତି ଯାଜପୁରର ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ଭାବରେ ପଡ଼ି ରହିଛି, ସେଗୁଡ଼ିକ ମଧ୍ୟରେ, ଉପଜିଲ୍ଲାପାଳଙ୍କ ବେଢ଼ାର ପ୍ରକାଣ୍ଡ ବୋଧିସତ୍ତ୍ୱ ପଦ୍ମପାଣି, ଭୂମିସ୍ପର୍ଶ ମୁଦ୍ରାରେ ଉପବିଷ୍ଟ ଧ୍ୟାନୀ ବୁଦ୍ଧ, ବିରଜା ମନ୍ଦିରର ଧ୍ୟାନୀ ବୁଦ୍ଧ ତଥା ଜାର୍ଜିଲି ବନ୍ଦରର ବିକଟ ରୂପା ଚାମୁଣ୍ଡା ପ୍ରଭୃତି ଅନ୍ୟତମ । ସେହିପରି ହିନ୍ଦୁ ଓ ବୌଦ୍ଧଧର୍ମ ସହିତ ଏକତ୍ର ସହାବସ୍ଥାନ କରୁଥିବା ଜୈନଧର୍ମର ବହୁ ଜୈନ ତୀର୍ଥଙ୍କର ମୂର୍ତ୍ତି ନିକଟବର୍ତ୍ତୀ ନରସିଂହପୁର, ଆଖଣ୍ଡଳେଶ୍ୱର ମନ୍ଦିର, ହଂସେଶ୍ୱର ମନ୍ଦିର ଏବଂ ହାଟଡ଼ିହ ପ୍ରଭୃତି ଗ୍ରାମମାନଙ୍କରୁ ମିଳିଥିଛି ।

ଦଶମ ଶତାବ୍ଦୀରେ ସୋମବଂଶୀ ରାଜତ୍ୱ ସମୟରେ ମନ୍ଦିର ଓ ମୂର୍ତ୍ତିଗୁଡ଼ିକ ଚଣ୍ଡେଶ୍ୱର ନିକଟବର୍ତ୍ତୀ ଶୁଭଙ୍କର, ଯଯାତିଶ୍ୱର, ମହାଦେବ ମନ୍ଦିର, ବରାହ ମନ୍ଦିରର ଦୁର୍ଗାମୂର୍ତ୍ତି, ବିରଜା ମନ୍ଦିରର ବୈତାଳିକଗଣ ଏବଂ ଗୋଧନେଶ୍ୱର ମନ୍ଦିର ଗାତ୍ରରେ ଥିବା ଗଙ୍ଗାମୂର୍ତ୍ତି ଓ ମିଥୁନ ବିଗ୍ରହ ଅନ୍ୟତମ । କାଳର କରାଳ ଗ୍ରାସରେ ଯଦିଓ ସୋମ ରାଜୁତି କାଳରେ ମନ୍ଦିରମାନ ଲୋପ ପାଇଥିଲା, ତଥାପି ସେଗୁଡ଼ିକର ଅବଶିଷ୍ଟାଂଶ ପରବର୍ତ୍ତୀ କାଳରେ ବିଭିନ୍ନ ମନ୍ଦିର ଗାତ୍ରରେ ବିକ୍ଷିପ୍ତ ଭାବରେ ବ୍ୟବହୃତ ହୋଇଅଛି । ଯାଜପୁରର ସିଦ୍ଧେଶ୍ୱର ମନ୍ଦିରରେ ଗଙ୍ଗରାଜା ଚତୁର୍ଥ ନରସିଂହ ଦେବଙ୍କ ଅମଳରେ ପ୍ରାଚୀନ ଓଡ଼ିଆ ଲିପିରେ ଗୋଟିଏ ଶିଳାଲେଖ ଏବେ ମଧ୍ୟ ରହିଅଛି । ସେହିପରି ସପ୍ତରଥ ଶୈଳୀରେ ନିର୍ମିତ ସ୍ଥାନୀୟ ତ୍ରିଲୋଚନେଶ୍ୱର ମନ୍ଦିରରେ ଗଙ୍ଗ ସ୍ଥାପତ୍ୟର ବିଶେଷତ୍ୱ ଥିବାରୁ, ଏହା ଗଙ୍ଗ ରାଜତ୍ୱ କାଳର କୀର୍ତ୍ତି ବୋଲି ଜଣାଯାଏ । କପିଳେନ୍ଦ୍ର ଦେବଙ୍କ ନାତି ଓ ପୁରୁଷୋତ୍ତମ ଦେବଙ୍କ ପୁତ୍ର ଗଜପତି ପ୍ରତାପରୁଦ୍ର ଦେବ ଯାଜପୁରରେ ବରାହ ମନ୍ଦିର ନିର୍ମାଣ କରିଥିଲେ ବୋଲି ମାଦଳା ପାଞ୍ଜି କିମ୍ବଦନ୍ତୀରୁ ଜଣାଯାଏ । ଏତଦ୍‌ବ୍ୟତୀତ ଯାଜପୁରରେ ଏକ ମୁସଲମାନ ମନ୍ଦିର ଖ୍ରୀଷ୍ଟୀୟ ସପ୍ତଦଶ ବା ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ହୋଇଥିବାର ସୂଚନା ଏହାର କଳା ଓ ସ୍ଥାପତ୍ୟରୁ ହିଁ ମିଳିଥାଏ ।

ଏହିପରି ଭାବେ ଆବହମାନ କାଳରୁ ବିରଜା କ୍ଷେତ୍ର ଯଜ୍ଞପୁର ଉତ୍କଳର ପଞ୍ଚପୀଠ ମଧ୍ୟରେ ଏକ ଶାକ୍ତପୀଠ ରୂପେ ପ୍ରସିଦ୍ଧି ଲାଭ କରିଥିଲା ମଧ୍ୟ ତାନ୍ତ୍ରିକ ଜଗତରେ ଦ୍ୱିଭୁଜା ମହିଷମର୍ଦ୍ଦିନୀ ଦୁର୍ଗା ବିରଜା ଦେବୀ ଆଖ୍ୟା ଅର୍ଜନ କରିଛନ୍ତି । ଏଠାକାର ନାଭିଗୟା କ୍ଷେତ୍ର ହିନ୍ଦୁ ଜଗତରେ ବିଶେଷ ଭାବରେ ବିଖ୍ୟାତ ହେବା ସଙ୍ଗେ ସଙ୍ଗେ ଏଠାରେ ପୁଣ୍ୟତୋୟା ବୈତରଣୀ, ଦ୍ୱାଦଶ ମାଧବ ମନ୍ଦିର, ଅଷ୍ଟଶମ୍ଭୁ, ଅଷ୍ଟମାଧବ, ଅଷ୍ଟଚଣ୍ଡୀ ଓ ଭୈରବୀ, ବରାହନାଥ ମନ୍ଦିର, ସପ୍ତମାତୃକା ମନ୍ଦିର, ତ୍ରିଲୋଚନେଶ୍ୱର ମନ୍ଦିର, ସିଦ୍ଧେଶ୍ୱର, ଦଶାଶ୍ୱମେଧ ଘାଟ ଓ ଯାଗସ୍ଥଳ ବା ଶୁଭଙ୍କର ବିଲେଶ୍ୱର, ବରୁଣେଶ୍ୱର ପ୍ରଭୃତି ଧାର୍ମିକ, ଐତିହାସିକ ତଥା ଦର୍ଶନୀୟ ସ୍ଥାନ ଏହାକୁ ଏକ ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ରୂପେ ପରିପାଳିତ କରିଛି । ଏକଦା ଭୌମକର ଓ ସୋମବଂଶୀ ରାଜବଂଶର ରାଜଧାନୀ ଥିବା ଏ କ୍ଷେତ୍ରର ସୁନାମ ଦେଶ ବିଦେଶରେ ବିଶେଷଭାବେ ପ୍ରଚାରିତ ହୋଇଥିଲା ମଧ୍ୟ ଇତିହାସର କ୍ରୁର ଚକ୍ରାନ୍ତରେ ଆଜି ଯାଜପୁର ଅବହେଳିତ ହୋଇ ରହିଛି । ଉତ୍କଳର ପୁଣ୍ୟଭୂମି ଧର୍ମପୀଠ ବିରଜା କ୍ଷେତ୍ରରେ ଏହାର ଅମୂଲ୍ୟ ସମ୍ପଦ ଓ ସାଂସ୍କୃତିକ ପରମ୍ପରାର ଉପଯୁକ୍ତ ସଂରକ୍ଷଣ ଓ ଅନୁଧ୍ୟାନ ଦାୟିତ୍ୱ ସରକାର ହାତକୁ ନେଲେ ମଧ୍ୟଯୁଗୀୟ ଓଡ଼ିଶାର ଇତିହାସ ଓ ସଂସ୍କୃତି ଯେ ଅଧିକ ସମୃଦ୍ଧିଶାଳୀ ହୋଇପାରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

ନଗରାଇପୁର, କଲେଜ ରୋଡ୍, ଯାଜପୁର-୭୫୫୦୦

# ୫୩ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗଠାରେ ୫୩ ତମ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡ଼ରେ ରାଷ୍ଟ୍ରୀୟ ଅଭିବାଦନ ଗ୍ରହଣ କରିଥିଲେ, ଏବଂ ଧର୍ମନିରପେକ୍ଷତା ଶାନ୍ତି, ମୈତ୍ରୀ, ସର୍ବୋପରି ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଭାରତବର୍ଷକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଯେଉଁ ବୀର, ସଂଗ୍ରାମୀ ଏବଂ ବିପ୍ଳବୀ ପୁରୁଷମାନେ ଅସୀମ ତ୍ୟାଗ ସ୍ୱୀକାର କରି ଆତ୍ମବଳିଦାନ ଦେଇ ଯାଇଛନ୍ତି, ସେହି ମହାନ ସଂଗ୍ରାମୀମାନଙ୍କର ସ୍ମୃତି ଚାରଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଜାତିର ଜନକ ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହାରଲାଲ ନେହେରୁ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଶାନ୍ତିପୂର୍ଣ୍ଣ ଅହିଂସ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ବିପ୍ଳବୀ ବାଘା ଯତୀନ୍, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସହୀଦ ଭଗତ ସିଂହ, ଲକ୍ଷ୍ମଣ ନାଏକ, ବାଜିରାଉତ, ରଘୁଦିବାକର, ବୀର ସୁରେନ୍ଦ୍ର ସାଏ, ବିର୍ସାମୁଣ୍ଡା ଏବଂ ଅନ୍ୟାନ୍ୟ ଅଗଣିତ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀଙ୍କ ଭୂମିକା ଉଲ୍ଲେଖନୀୟ ବୋଲି ସେ ପ୍ରକାଶ କରିଥିଲେ ।

ଏହି ଅବସରରେ ୧୯୯୯ ମସିହା ସାଧାରଣ ତନ୍ତ୍ର ଦିବସ ରାଜ୍ୟସ୍ତରୀୟ ପାରେଡ଼ରେ ଶ୍ରେଷ୍ଠ ବିବେଚିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଅନ୍ୟ ସମର ଶିକ୍ଷାର୍ଥୀ ବାହିନୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶିଲଡ୍ ଓ କପ୍ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ଡଃ ଗମାଙ୍ଗ ଜାତୀୟ ପତାକା ଉତ୍ତୋଳନ ମଣ୍ଡପ ଠାରେ ପହଞ୍ଚିବା କ୍ଷଣି ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ସହଦେବ ସାହୁ, ଘରୋଇ ବିଭାଗ ଶାସନ ସଚିବ ଶ୍ରୀ ଅଜିତ୍ କୁମାର ତ୍ରିପାଠୀ ଏବଂ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଦିଲୀପ ମହାପାତ୍ର ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ଦୁର୍ଗା ମାଧବ ଦାଶ ପ୍ରମୁଖ ଅଭ୍ୟର୍ଥନା ଜଣାଇ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ ।

ଉତ୍କଳ ପ୍ରସଙ୍ଗ

# ଢେଙ୍କାନାଳର ସାଂସ୍କୃତିକ ଐତିହ୍ୟ

● ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର

ଶ୍ୟାମଳ ବନାନୀ ତଥା ପର୍ବତ ପରିଶୋଭିତ ଢେଙ୍କାନାଳ ପ୍ରାଚୀନ କାଳରୁ ଏକ ସାଂସ୍କୃତିକ ପୀଠ ରୂପେ ମହିମାନ୍ୱିତ । ଶବର ରାଜ ଢେଙ୍କା ନାମରେ ନାମିତ ଏହି ଭୂଖଣ୍ଡରେ ଅନାର୍ଯ୍ୟ, ଆର୍ଯ୍ୟ, ଶୈବ, ମହିମା ଓ ବୌଦ୍ଧ ସଂସ୍କୃତିର ମହାମିଳନ ସଂଘଟିତ ହୋଇ ଏକ ସମନ୍ୱୟାତ୍ମକ ସଂସ୍କୃତିର ଧାରା ପ୍ରବାହିତ ହୋଇଥିଲା । କ୍ଷୁଦ୍ର କ୍ଷୁଦ୍ର ଜନପଥ ସମୂହର ମିଶ୍ରଣରେ ଗଠିତ ଢେଙ୍କାନାଳ ମଧ୍ୟଯୁଗରୁ ଏକ ସାମରିକ ଶକ୍ତି ସମ୍ପନ୍ନ, ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ, ବିଭବଶାଳୀ ତଥା ସଂସ୍କୃତି ସମ୍ପନ୍ନ ଭୂଖଣ୍ଡ ରୂପେ ଖ୍ୟାତି ଲାଭ କରିଥିଲା । ଏହାର ପ୍ରାଚୀନ କୀର୍ତ୍ତି, ପ୍ରାଚୀନ ସାହିତ୍ୟ, ଶିଳାଲେଖ, ତାମ୍ରଲେଖ ତଥା ଲୋକ ସାହିତ୍ୟରେ ଐତିହ୍ୟ ଓ ସଂସ୍କୃତିର ଗୌରବ ମୁଦ୍ରାୟିତ ।

ଆର୍ଯ୍ୟେତର ସଂସ୍କୃତି ହିଁ ଢେଙ୍କାନାଳର ପ୍ରାଚୀନ ସଂସ୍କୃତି । ପରବର୍ତ୍ତୀ କାଳରେ ଆର୍ଯ୍ୟମାନଙ୍କ ଆଗମନ ଫଳରେ ଏକ ସମନ୍ୱୟାତ୍ମକ ସାଂସ୍କୃତିକ ଭାବଧାରା ଜନମାନସରେ ସୃଷ୍ଟି ହୋଇଥିଲା । ପ୍ରତ୍ନତାତ୍ତ୍ୱିକ ପ୍ରମାଣରୁ ଅବଗତ ହୁଏ ଯେ ଢେଙ୍କାନାଳ ମାଟିରେ ପ୍ରଥମେ ନାଗ, ଶୈବ, ଶାକ୍ତ ଓ ବୌଦ୍ଧ ସଂସ୍କୃତିର ସମନ୍ୱୟ ଘଟିଥିଲା । ପ୍ରାଚୀନ ଭାରତରେ ତକ୍ଷଶିଳା ନଗରୀ ଯେପରି ତକ୍ଷକ ବଂଶୀୟ ରାଜାମାନଙ୍କର ରାଜଧାନୀ ଥିଲା, ସେହିପରି ଢେଙ୍କାନାଳର ବ୍ରାହ୍ମଣୀ ତଟସ୍ଥ ନାଗନା ନଗରୀ ପ୍ରାଚୀନ ନାଗ-ସଂସ୍କୃତିର କେନ୍ଦ୍ରସ୍ଥଳ ଥିଲା । ସମ୍ପ୍ରତି ନାଗନା ଗ୍ରାମ ଏକ ପ୍ରାଚୀନ ଶୈବ ପୀଠ ରୂପେ ପରିଚିହ୍ନିତ ତଥା ଏହି ଅଞ୍ଚଳରେ ବାସ କରୁଥିବା ଜନଜାତିଙ୍କ ମଧ୍ୟରୁ ଅଧିକାଂଶଙ୍କର ଗୋତ୍ର ନାଗସ । ଅନୁମିତ ହୁଏ ନାଗ ସଂସ୍କୃତିର କେନ୍ଦ୍ରଭୂମି ନାଗସ ନଗରୀ ଶୈବ ସଂସ୍କୃତି ପ୍ରଭାବରେ ଶୈବପୀଠରେ ପରିଣତ ହୋଇଛି । ଉଲ୍ଲେଖନୀୟ ଯେ ଢେଙ୍କାନାଳର ଇଷ୍ଟଦେବତା ସିଦ୍ଧ ବଳଦେବଜୀଉ ପ୍ରଥମରେ ନାଗ ଉପାସକଙ୍କ ଦ୍ୱାରା ସପ୍ତଫଣାଯୁକ୍ତ ଅନନ୍ତ ନାଗ ରୂପେ ପୂଜା ପାଉଥିଲେ । ବଜ୍ରଲେପ ଦ୍ୱାରା ଏହାଙ୍କୁ ଧବଳମୟ ମୂର୍ତ୍ତି ବିଗ୍ରହ ସିଦ୍ଧ ବଳଦେବଜୀଉ ରୂପେ ଶ୍ରୀବତ୍ସ ଖଣ୍ଡଶାଳ ରୀତିରେ ନିର୍ମିତ ମନ୍ଦିରରେ ବୈଷ୍ଣବୀୟ ଭାବଧାରାରେ ଉପାସନା କରାଯାଉଛି । ଏଥିରୁ ପ୍ରମାଣିତ ହେଉଛି ଢେଙ୍କାନାଳରେ ନାଗ ସଂସ୍କୃତି ସହିତ ପ୍ରଥମେ ଶୈବ ଓ ପରବର୍ତ୍ତୀ କାଳରେ ବୈଷ୍ଣବ ସଂସ୍କୃତିର ମିଳନ ଘଟିଥିଲା ।

ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ ସମଗ୍ର ଢେଙ୍କାନାଳ ଭୂଖଣ୍ଡକୁ ଦୁଇଭାଗରେ ବିଭକ୍ତ କରୁଅଛି । ନଦୀ ହିଁ ଯଥାର୍ଥରେ ସଂସ୍କୃତିର ବାହକ । କାରଣ ପ୍ରାଚୀନ କାଳରେ କେବଳ ନଦୀର ଜଳପଥରେ ଯାତାୟତର ସୁବିଧା ଥିଲା ଏବଂ ଏହାଦ୍ୱାରା ଗୋଟିଏ ଅଞ୍ଚଳର ସଭ୍ୟତା ଓ ସଂସ୍କୃତି ନଦୀ ପଥରେ ଅନ୍ୟ ଅଞ୍ଚଳକୁ ପ୍ରସାରିତ ହେଉଥିଲା । ବ୍ରାହ୍ମଣୀ ନଦୀ ଅବବାହିକାରେ ଅବସ୍ଥିତ ଶିବ ମନ୍ଦିରମାନଙ୍କରୁ ଜଣାଯାଏ, ପ୍ରାରମ୍ଭିକ ପର୍ଯ୍ୟାୟରେ ନଦୀ ପଥରେ ହିଁ ଶୈବ ସଂସ୍କୃତି ଢେଙ୍କାନାଳ ଭୂଖଣ୍ଡରେ ପ୍ରବେଶ ଲାଭ କରିଥିଲା । ବ୍ରାହ୍ମଣୀ ଅବବାହିକାରେ ପ୍ରତିଷ୍ଠା ଲାଭ କରିଥିବା କୁଆଁକୋର ଅଷ୍ଟଶମ୍ଭୁ ପୀଠ, ନାଗନାଥେଶ୍ୱର, ଅଲକୋଟେଶ୍ୱର, ବାଲୁକେଶ୍ୱର, ବୃଦ୍ଧେଶ୍ୱର, କଳକେଶ୍ୱର ପ୍ରଭୃତି ଶିବପୀଠ ଏ ଅବଧି ଢେଙ୍କାନାଳର ଶୈବ ସଂସ୍କୃତିର ସ୍ୱାଭିମାନରେ ମହିମାବନ୍ତ ।

ରମଣୀୟ ଶିବଧାମ କପିଳାସ ହେଉଛି ଢେଙ୍କାନାଳର ଗର୍ବ ଓ ଗୌରବ । ଷଷ୍ଠ-ସପ୍ତମ ଶତାବ୍ଦୀରୁ ଢେଙ୍କାନାଳରେ ନାଗ ସଂସ୍କୃତି ଉପରେ ଶୈବ ସଂସ୍କୃତି ଛାୟା ବିସ୍ତାର କରିଥିଲେ ହେଁ ଅଷ୍ଟମ-ନବମ ଶତାବ୍ଦୀରେ ଢେଙ୍କାନାଳର କୋଣେ ଅନୁକୋଣେ ଶିବାଳୟ ନିର୍ମିତ ହୋଇ ଶୈବ ସଂସ୍କୃତି ବିସ୍ତାର ଲାଭ କରିଥିଲା । କପିଳାସରେ ଚନ୍ଦ୍ରଶେଖର ମନ୍ଦିର ନିର୍ମାଣ କରିଥିବା ବେଳେ ପଶ୍ଚିମରେ କୁଆଁକୋରେ ଶୁଲ୍କୀ ବଂଶୀ ରାଜନ୍ୟବୃନ୍ଦ ଅଷ୍ଟଶମ୍ଭୁ ପୀଠ ନିର୍ମାଣ ପୂର୍ବକ ଶୈବ ସଂସ୍କୃତିର ପୃଷ୍ଠପୋଷକତା କରିଥିଲେ । ଠିକ୍ ସେହି ସମୟରେ ବ୍ରାହ୍ମଣୀନଦୀ ଗର୍ଭରେ ବିଶାଳ ଅନନ୍ତଶୟନ ବିଷ୍ଣୁ ପ୍ରତିମା ଖୋଦିତ ହୋଇ ବୈଷ୍ଣବ ସଂସ୍କୃତିର ପ୍ରସାର ଘଟିଥିଲା । ଗୌରବର କଥା ସେତେବେଳକୁ ସମଗ୍ର ଢେଙ୍କାନାଳରେ ଶୈବସଂସ୍କୃତି ସହିତ ଶାକ୍ତ ସଂସ୍କୃତି ମଧୁର ମିଳନ ସୃଷ୍ଟି କରି ଅନେକ ଶକ୍ତି ପୀଠ ସଂସ୍ଥାପିତ ହୋଇ ସାରିଥିଲା । ତନ୍ମଧ୍ୟରୁ ଲାଧରା ରାମଚଣ୍ଡୀ ପୀଠ, କୁଆଁକୋ ସ୍ତମ୍ଭେଶ୍ୱରୀ ପୀଠ, କପିଳାସର ପାର୍ବତୀ ଓ ଭୁବନେଶ୍ୱରୀ ପ୍ରଭୃତି ସୁପ୍ରସିଦ୍ଧ । ସୂଚନା ଯୋଗ୍ୟ ଯେ ନବମ ଶତାବ୍ଦୀରେ ଭୌମରାଣୀ ଓ ଜୟସିଂହଙ୍କ ପ୍ରଦତ୍ତ ତାମ୍ରଶାସନରୁ ଜଣାଯାଏ ଯେ ଢେଙ୍କାନାଳ ଅଞ୍ଚଳରେ ଅନେକ ବେଦବିଦ୍ ବ୍ରାହ୍ମଣଙ୍କୁ ଭୂମିଦାନ କରାଯାଉଥିଲା । ଏଥିରୁ ସ୍ପଷ୍ଟ ହୁଏ ନବମ-ଦଶମ ଶତାବ୍ଦୀ ସମୟକୁ ସମଗ୍ର ଢେଙ୍କାନାଳରେ ନାଗ, ଶୈବ, ଶାକ୍ତ, ବୈଷ୍ଣବ ଓ ବୈଦିକ ସଂସ୍କୃତିର ମଧୁର ମିଳନ ସୃଷ୍ଟି ହୋଇ ଏକ ଅଭୂତପୂର୍ବ ସାଂସ୍କୃତିକ ଭାବଧାରା ପ୍ରବାହିତ ହୋଇଥିଲା ।

ଦ୍ୱାଦଶ ଶତାବ୍ଦୀରେ ତୃତୀୟ ଅନଙ୍ଗ ଭୀମଦେବ ନାଗନା ଶିବମନ୍ଦିର ନିର୍ମାଣ କରିଥିଲେ । କପିଳାସର ଚନ୍ଦ୍ରଶେଖରଙ୍କ ଭଗ୍ନ ମନ୍ଦିର ଭାଙ୍ଗିଯାଇଥିବାରୁ ଏହାର ପୁନର୍ନିର୍ମାଣ ଯୋଜନା କରିଥିଲେ ମଧ୍ୟ ତାଙ୍କ ଜୀବଦ୍ଦଶାରେ କାର୍ଯ୍ୟକାରୀ କରିପାରି ନଥିଲେ । ତଦୀୟ ପୁତ୍ର ପ୍ରଥମ ନରସିଂହ ଦେବ ତ୍ରୟୋଦଶ ଶତାବ୍ଦୀରେ କପିଳାସର ଶିବମନ୍ଦିର ନିର୍ମାଣ କରିବା ସହିତ ମନ୍ଦିର କାନ୍ଥରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଖୋଦନ କରି ଢେଙ୍କାନାଳ ମାଟିରେ ଜଗନ୍ନାଥ ସଂସ୍କୃତିର ବୀଜବପନ କରିଥିଲେ । ଗଜପତି ପ୍ରତାପରୁଦ୍ର ଦେବଙ୍କ ଦ୍ୱାରା କପିଳାସ ପାଦଦେଶସ୍ଥିତ ଦେଓଗାଁଠାରେ ବଳଦେବଜୀଉ ମନ୍ଦିର ନିର୍ମିତ ହୋଇ ସମଗ୍ର ଢେଙ୍କାନାଳରେ ଜଗନ୍ନାଥ ସଂସ୍କୃତିର ପରିପ୍ରସାର ଘଟିଥିଲା । ପରିଣାମ ସ୍ୱରୂପ ଢେଙ୍କାନାଳର କୋଣେ ଅନୁକୋଣେ ପତିତପାବନ, ଦଧିବାମନ, ବୃନ୍ଦାବନଚନ୍ଦ୍ରଙ୍କର ଅନେକ ମନ୍ଦିର ନିର୍ମିତ ହୋଇ ସଂସ୍କୃତିର ପୁନର୍ଜୀବନ ପ୍ରାପ୍ତ ହୋଇଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ବିଶ୍ୱ ପ୍ରସିଦ୍ଧ ଭାସ୍କର

ଶ୍ରୀଧର ସ୍ୱାମୀ କପିଳାସଠାରେ ବ୍ରହ୍ମଚାରୀ ମଠ ସ୍ଥାପନ ପୂର୍ବକ ଶ୍ରୀମଦ ଭାଗବତ, ଗୀତା ଓ ବିଷ୍ଣୁପୁରାଣ ପ୍ରଭୃତି ଶାସ୍ତ୍ରର ଟୀକା ରଚନା କଲେ । ଫଳରେ ଢେଙ୍କାନାଳରେ ଭାଗବତ ସଂସ୍କୃତିର ପ୍ରସାର ଘଟିଲା । ଉଲ୍ଲେଖଯୋଗ୍ୟ ଯେ ଶ୍ରୀଧରସ୍ୱାମୀ କପିଳାସର ପାର୍ବତୀଙ୍କ ଦକ୍ଷିଣ ପାର୍ଶ୍ୱରେ ନୃସିଂହଙ୍କୁ ସ୍ଥାପନା କରି ଶାକ୍ତ ସଂସ୍କୃତି ସହିତ ବୈଷ୍ଣବ ସଂସ୍କୃତିର ମିଳନ ଘଟାଇଥିଲେ । ଏତଦ୍‌ଭିନ୍ନ ବନାଞ୍ଚଳରେ ଆଦିବାସୀ ସଂସ୍କୃତି ଅବ୍ୟାହତ ରହିଥିଲା । ସଂକ୍ଷେପରେ କହିଲେ ସମଗ୍ର ଢେଙ୍କାନାଳ ସକଳ ସଂସ୍କୃତିର ମହାମିଳନ ପୀଠରେ ପରିଣତ ହୋଇଥିଲା ।

ଢେଙ୍କାନାଳର ସାମରିକ ସଂସ୍କୃତି ଗୌରବୋଜ୍ଜ୍ୱଳ । ବିଭିନ୍ନ ସ୍ଥାନରେ ଅପୂର୍ବ ସାମରିକ ଶୈଳୀରେ ନିର୍ମିତ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷରୁ ଉପଲବ୍ଧ ହୁଏ ଯେ ଏହି ଅଞ୍ଚଳରେ ମଧ୍ୟଯୁଗରେ ସାମରିକ ସଂସ୍କୃତି ଉଚ୍ଚକୋଟୀର ଥିଲା । ମଲ୍ଲଯୁଦ୍ଧ, ମୁଷ୍ଟିଯୁଦ୍ଧ, ଗଦାଯୁଦ୍ଧ, ତରବାରୀ ଚାଳନା, ତୀର ଚାଳନା, ତୋପ, କମାଣ ଓ ବନ୍ଧୁକ ଚାଳନାରେ ଢେଙ୍କାନାଳର ପାଇକମାନେ ଧୁରନ୍ଧର ଥିଲେ । ଢେଙ୍କାନାଳ ସୈନ୍ୟବାହିନୀ ଦୁର୍ଦ୍ଧର୍ଷ ମରହଟ୍ଟା ଓ ଦୁର୍ଦ୍ଦାନ୍ତ ମୁସଲମାନମାନଙ୍କୁ ଅଦ୍ଭୁତପୂର୍ବ ଯୁଦ୍ଧ କୌଶଳରେ ପ୍ରତିରୋଧ କରିଥିଲେ । ଢେଙ୍କାନାଳର ସମର ସାହିତ୍ୟରେ ବୀରବୃନ୍ଦଙ୍କର ଅପୂର୍ବ ରଣ କୌଶଳ, ଅଭେଦ୍ୟ ଦୁର୍ଗନିର୍ମାଣ, ସୁପରିକଳ୍ପିତ ସମରସଜ୍ଜା, ଲକ୍ଷ୍ୟଭେଦୀ ଯୁଦ୍ଧାସ୍ତ୍ର ପ୍ରୟୋଗ ତଥା ଅସାଧାରଣ ଦେଶ ପ୍ରୀତି ବର୍ଣ୍ଣିତ । ଗୌରବର ବିଷୟ ମଧ୍ୟଯୁଗୀୟ ସାମରିକ ସଂସ୍କୃତିର ସ୍ୱାଭିମାନରେ ଢେଙ୍କାନାଳ ରାଜା ମହାନ୍ଦ୍ର ବାହାଦୁର ଉପାଧିରେ ଭୂଷିତ ହୋଇଥିଲେ ।

ଢେଙ୍କାନାଳର ଲୋକନୃତ୍ୟ ହେଉଛି ଦଣ୍ଡନାଚ, ଧୁଡୁକୀ ନାଚ, କେନ୍ଦେରାଗୀତ, ଖଞ୍ଜଣି ଭଜନ, ଘୋଡ଼ାନାଚ, ଚଢ଼େୟା ଚଢ଼େୟାଣୀ ଗୀତ, ଝୁମୁରା ନାଚ, ବଣ୍ଟିନାଚ ଓ ଲଉଡ଼ି ଖେଳ । ମଧ୍ୟ ଯୁଗରେ ଏଠାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ଆଦର ବୃଦ୍ଧି ପାଇଥିଲା । ଊନବିଂଶ ଶତାବ୍ଦୀରେ ଢେଙ୍କାନାଳରେ ଏକ ସ୍ଥାୟୀ ରଙ୍ଗମଞ୍ଚ ନିର୍ମାଣ ହୋଇ ନୃତ୍ୟ ସଙ୍ଗୀତ ଶିକ୍ଷା ସହିତ ଅନେକ ନାଟକ ମଞ୍ଚସ୍ଥ ହୋଇଥିଲା । ଗ୍ରାମାଞ୍ଚଳରେ ମଧ ପାଲା, ସୁଆଙ୍ଗ, ଦାଶକାଠିଆ ପ୍ରଭୃତି ବିଶେଷ ଲୋକପ୍ରିୟତା ଅର୍ଜନ କରିଥିଲା । ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଢେଙ୍କାନାଳର ରାସଦଳ, ଛଉନୃତ୍ୟ ଓ ରାମଲୀଳା ସମଗ୍ର ଓଡ଼ିଶାରେ ସୁଖ୍ୟାତି ଲାଭ କରିଥିଲା ।

ପ୍ରାଚୀନ କୀର୍ତ୍ତି ସମୂହରୁ ଢେଙ୍କାନାଳର ଉଚ୍ଚମାନର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ନିଦର୍ଶନ ମିଳିଥାଏ । ଅଷ୍ଟମ ଓ ନବମ ଶତାବ୍ଦୀରେ ନିର୍ମିତ କୁଆଁଳୋର ଅଷ୍ଟଶମ୍ଭୁ ମନ୍ଦିରରୁ ଉତ୍ତର ଭାରତୀୟ ନାଗରୀ ସ୍ଥାପତ୍ୟର ପରିଚୟ ମିଳିଥାଏ । ଏହି ମନ୍ଦିରର ଶିଳ୍ପକଳାରୁ ଢେଙ୍କାନାଳର ସ୍ଥପତି ଓ ଭାସ୍କରଙ୍କର ସୂକ୍ଷ୍ମ ସୂଚୀଶିଳ୍ପ କଳାର ନିଦର୍ଶନ ମିଳିଥାଏ । ଏହି ସମୟରେ ନିର୍ମିତ ପଞ୍ଚୁମେଶ୍ୱର ମନ୍ଦିରର ଶିଳ୍ପ କଳା ମଧ୍ୟ ଉନ୍ନତ ଶ୍ରେଣୀର । ପରବର୍ତ୍ତୀ ସମୟ ଅର୍ଥାତ୍ ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ରାଗେନ, କପିଳାସ ପ୍ରଭୃତି ମନ୍ଦିରର ଶିଳ୍ପକଳା କଳିଙ୍ଗ ନାଗର ଶ୍ରେଣୀୟ ତଥା ଆକର୍ଷଣୀୟ । ପଞ୍ଚଦଶ ଶତାବ୍ଦୀ ପରେ ଢେଙ୍କାନାଳରେ ନିର୍ମିତ ପ୍ରତ୍ୟେକ ମନ୍ଦିରରେ ସଂପୂର୍ଣ୍ଣ ଉତ୍କଳୀୟ ଶିଳ୍ପକଳା ଅନୁସୃତ ହୋଇଥିଲେ ହେଁ ଢେଙ୍କାନାଳର ସ୍ୱାତନ୍ତ୍ର୍ୟ ପ୍ରକଟିତ ହୋଇଛି ।

ଢେଙ୍କାନାଳରେ ଅନୁଷ୍ଠିତ ଯାନିଯାତ୍ରା ଓ ପର୍ବପର୍ବାଣୀ ମଧ୍ୟରେ କପିଳାସର ଶିବରାତ୍ରି, ରାମଚଣ୍ଡୀଙ୍କ ମକରଯାତ୍ରା, ଯୋରନ୍ଦାର ମହିମାମେଳା, ମାର୍ଥାପୁରର ଦୋଳଯାତ୍ରା, ଭୁବନର ଦଶହରା, ସପ୍ତଶଯ୍ୟାର ରାମନବମୀ ଯାତ୍ରା ତଥା ଢେଙ୍କାନାଳ ସହରର ଲକ୍ଷ୍ମୀପୂଜା ପ୍ରସିଦ୍ଧ । ୧୯୨୩ ମସିହାରୁ ଢେଙ୍କାନାଳରେ କୁମାର ପୂର୍ଣ୍ଣିମା ଅବସରରେ ମୃଣ୍ମୟୀ ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିଲା । ଢେଙ୍କାନାଳର ଲୋକ ସଂସ୍କୃତିରେ ଏହି ସାଂସ୍କୃତିକ ମହୋତ୍ସବ ଏକ ସୁଦୃଢ଼ପରମ୍ପରା ପ୍ରସାର ବିସ୍ତାର ପୂର୍ବକ ସ୍ୱାଧୀନତା ପରେ ଭବ୍ୟରୂପ ନେଇଛି । ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ଢେଙ୍କାନାଳବାସୀ ଆଧ୍ୟାତ୍ମିକ ଏବଂ ଗୌରବବୋଧରେ ପ୍ରତ୍ୟେକ ବଜାରରେ ଗୋଟିଏ ଗୋଟିଏ ମହାଲକ୍ଷ୍ମୀ ପୂଜାନୁଷ୍ଠାନ ଗଢ଼ି ସମ୍ପ୍ରତି ଏହାକୁ ସାଂସ୍କୃତିକ ମହାମିଳନୋତ୍ସବର ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି । କୁମାର ପୂର୍ଣ୍ଣିମାଠାରୁ ଏକାଦଶ ଦିବସ ବ୍ୟାପୀ ଏ ମହୋତ୍ସବରେ ଢେଙ୍କାନାଳ ସହରରେ ଏକ ଅଭୂତପୂର୍ବ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିହେବା ସହିତ ସମଗ୍ର ସହରଟି ସ୍ୱର୍ଗୀୟ ଶୋଭା ଧାରଣ କରିଥାଏ ।

ପ୍ରାଚୀନ କାଳରୁ ଢେଙ୍କାନାଳ ବାଣୀପୀଠ ରୂପେ ପ୍ରଖ୍ୟାତ । ଏ ମାଟିର ଅଗଣିତ ସ୍ରଷ୍ଟା ଓ ସାଧକ ସାରସ୍ୱତ ସୃଷ୍ଟି ଦ୍ୱାରା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । କବି ଦୀନକୃଷ୍ଣ, ରାଜନୃସିଂହ, ରାଜା କୃଷ୍ଣ ସିଂହ, ଗୋକୁଳ ପଟ୍ଟନାୟକ, କବି ବ୍ରଜନାଥ, ମହାରାଜା ଭଗୀରଥ, କମଳ ସିଂହ, ନାରୀ କବି ସୁଲକ୍ଷଣା, କବି ଦାମୋଦର, ବୈଷ୍ଣବ କବି ପୂର୍ଣ୍ଣ ଚରଣ, ରାଣୀ କୃଷ୍ଣପ୍ରିୟା, ପଣ୍ଡିତ ବୈଷ୍ଣବ ମହାପାତ୍ର, ପଣ୍ଡିତ ... ପଣ୍ଡିତ ଚକ୍ରଧର ଦାଶ, ପଣ୍ଡିତ ଗଣେଶ୍ୱର ମିଶ୍ର, ପଣ୍ଡିତ ବୈଦ୍ୟନାଥ ... ପଣ୍ଡିତ କେଶବ ମିଶ୍ର, ପଣ୍ଡିତ ଗଙ୍ଗାଧର ମିଶ୍ର, କବିଭୂଷଣ ... କବି ଜୟକୃଷ୍ଣ ମିଶ୍ର ପ୍ରଭୃତି ଢେଙ୍କାନାଳର ଅଗଣିତ ସ୍ରଷ୍ଟା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି ।

ଭାରତର ସ୍ୱାଧୀନତା ସଂଗ୍ରାମକୁ ଢେଙ୍କାନାଳର ଦାନ ଅତୁଳନୀୟ । ବିଶ୍ୱର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ ଢେଙ୍କାନାଳର ଗର୍ବ ଓ ଗୌରବ । ଏତଦ୍‌ଭିନ୍ନ ଢେଙ୍କାନାଳର ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଆନ୍ଦୋଳନରେ ଯୋଗ ଦେଇ ଅକ୍ଷୟ ଯଶ ରଖିଯାଇଛନ୍ତି । ସେମାନଙ୍କ ମଧ୍ୟରେ ସାରଙ୍ଗ ଧର ଦାସ, ମହେଶ ଚନ୍ଦ୍ର ସୁବାହୁସିଂହ, ଲକ୍ଷ୍ମୀଧର ... ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନରୋତ୍ତମ ଦାସ, ବୈଷ୍ଣବ ପଟ୍ଟନାୟକ, ... ସତ୍ୟବାଦୀ ମିଶ୍ର, ଶ୍ରୀକାନ୍ତ ରାଉତ, ହୃଷୀ ପ୍ରଧାନ, ନାଲୁ ... ବ୍ରହ୍ମଚାରୀ ମଲ୍ଲିକ, ବ୍ରଜ କିଶୋର ଧଳ ପ୍ରଭୃତିଙ୍କ ଭୂମିକା ଉଲ୍ଲେଖନୀୟ । ସାରଙ୍ଗଧର ଦାସ ଗଡ଼ଜାତ ଗାନ୍ଧୀ ନାମରେ ସୁପରିଚିତ ଥିଲେ । ଢେଙ୍କାନାଳର ପ୍ରଜା ଆନ୍ଦୋଳନ ସମଗ୍ର ଭାରତବର୍ଷରେ ଅଭୂତପୂର୍ବ ଦେଶପ୍ରୀତି ସୃଷ୍ଟି କରି ପାରିଥିଲା ।

ଓଡ଼ିଶାର ମଧ୍ୟ ଭାଗରେ ଅବସ୍ଥିତ ଏହି ପ୍ରାଚୀନ ଭୂଖଣ୍ଡ ... ସଂସ୍କୃତିର ମହାମିଳନ ପୀଠ ରୂପେ ମହିମାବନ୍ତ ।

ବଡ଼ପୋଖରୀ ଶାହି, ଢେଙ୍କାନାଳ, ୭୫୯୦୦୧

# ଗଣକବି ବୈଷ୍ଣବ ପାଣି ସାହିତ୍ୟରେ ବାତ୍ସଲ୍ୟ ମମତା

● ଶ୍ରୀ ରଘୁନାଥ ରାଉତ

୧୮୮୨ ମସିହା କୁମାର ପୂର୍ଣ୍ଣିମାର ଶୁଭ ମୁହୂର୍ତ୍ତରେ ପୁଣ୍ୟତୋୟା ଚିତ୍ରୋତ୍ପଳା ତଟବର୍ତ୍ତୀ କୋଠପଦାରେ ଅଲୌକିକ ପ୍ରତିଭା ନେଇ ପିତା ସୁଦର୍ଶନ ପାଣିଙ୍କ ଔରସରୁ, ମାତା ଚାନ୍ଦଦେବୀଙ୍କ ଗର୍ଭରୁ ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ କବି ବୈଷ୍ଣବ ପାଣି । ଦଗ୍ଧ ହେଲେ ବିଶୁଦ୍ଧ ସୁବର୍ଣ୍ଣର ଜ୍ୟୋତି ମ୍ଳାନ ନହୋଇ ଅଧିକରୁ ଅଧିକ ପ୍ରଦୀପ୍ତ ହେଲା ପରି ଜୀର୍ଣ୍ଣ ବାସ, ଛିନ୍ନ ପରିଧେୟ, ଦୀନ ଭୋଜନ ଓ ପ୍ରଥା କୁସଂସ୍କାରର ବ୍ୟୁହ ମଧ୍ୟରେ ସନ୍ତୁଳିତ ହୋଇ ସୁଦ୍ଧା ତାଙ୍କର ମହାନ୍ କବି ପ୍ରତିଭା ନ୍ୟୁନ ହେବା ପରିବର୍ତ୍ତେ ଅଧିକରୁ ଅଧିକ ପ୍ରତିଭାତ ହୋଇଥିଲା ।

ମାତ୍ର ଷଷ୍ଠ ଶ୍ରେଣୀଯାଏ ଶିକ୍ଷାଲାଭ କରିଥିଲେ ମଧ୍ୟ ନିଜର ସାଧନା, ଏକନିଷ୍ଠତା, ଅନ୍ତର୍ନିହିତ ଧୀ-ଶକ୍ତି ବଳରେ ମୌଳିକତାବାଦୀ କବି ସୃଷ୍ଟି କଲେ ଶତାଧିକ ସର୍ବବୋଧ୍ୟ, ସର୍ବଭୋଗ୍ୟ ନାଟ୍ୟ ସାହିତ୍ୟ, ଉପନ୍ୟାସ, କାହାଣୀ ଓ କାବ୍ୟ । ରାଜା, ପ୍ରଜା, ସାକ୍ଷର, ନିରକ୍ଷର, ପୁରପଲ୍ଲୀର ଆବାଳ ବୃଦ୍ଧ ବନିତାଙ୍କର ପ୍ରାଣସ୍ପର୍ଶୀ ସଙ୍ଗୀତ, ସୁଆଙ୍ଗ ସରଳ ସାବଲୀଳ ଓଡ଼ିଆ ଭାଷାରେ ଗଣକବି ରଚନା କଲେ ଅଗଣନ ଗୀତିନାଟ୍ୟ ଓ ଗୀତାଭିନୟ । ବହୁମୁଖୀ ପ୍ରତିଭା ହିଁ ଥିଲା କବି ବୈଷ୍ଣବ ପାଣିଙ୍କର ବ୍ୟକ୍ତିତ୍ୱର ବିଶେଷତ୍ୱ । ସେ ଥିଲେ ଏକାଧାରାରେ ପରମ ଭକ୍ତ, ଆଶୁକବି, ନିର୍ଭୀକ ସମାଜ ସଂସ୍କାରକ, ମୌଳିକ ନାଟ୍ୟକାର, ଦକ୍ଷ ସଙ୍ଗୀତଜ୍ଞ, ନିପୁଣ ନାଟ୍ୟ ନିର୍ଦ୍ଦେଶକ ଓ ବିଚକ୍ଷଣ ମଞ୍ଚ ଅଭିନେତା ।

ଆଧୁନିକ ଚାକଚକ୍ୟଭରା, ବ୍ୟୟବହୁଳ ରଙ୍ଗମଞ୍ଚର ସ୍ୱପ୍ନ ସେ ଦେଖି ନଥିଲେ । ଅସଂଲଗ୍ନ ସଂଳାପ, ଅବୋଧ୍ୟ ସଙ୍ଗୀତଯୁକ୍ତ ଭାଷାନ୍ତର ଉଦ୍ଭଟ ନାଟକର ସେ ଥିଲେ ବହୁ ଦୂରରେ । ନଡ଼ିଆ ବାଉଁଶ ଘେରା ଅଲରା ଉନ୍ମୁକ୍ତ ମଞ୍ଚରେ ମଶାଲ ଆଲୁଅ ତଳେ ସେ ପରିବେଷଣ କରୁଥିଲେ ସ୍ୱରଚିତ ସରଳ ଗାଉଁଲି ଭାଷାର ମନଛୁଆଁ ସୁଆଙ୍ଗ, ସଙ୍ଗୀତ, ଫାର୍ସ, ଗୀତିନାଟ୍ୟ ଓ ଗୀତାଭିନୟ ।

ଆର୍ଯ୍ୟଭୂମି ଭାରତର ପୁଣ୍ୟ ପୋଥି ପୁରାଣର କଥାବସ୍ତୁକୁ ଗୀତିମୟ ବଚନିକାରେ ନାଟ୍ୟରୂପ ଦେଇ କର୍ମକ୍ଲାନ୍ତ ଉତ୍କଳୀୟଙ୍କ ହୃଦୟକୁ ସରସ ସୁନ୍ଦର କରୁଥିଲେ, ଆବାଳ ବୃଦ୍ଧବନିତାଙ୍କୁ ବିମୋହିତ କରୁଥିଲେ କବି ବୈଷ୍ଣବ ପାଣି । ପୁରାଣ ବର୍ଣ୍ଣିତ ପ୍ରତିଟି ଚରିତ୍ରକୁ ନିଜ ରଚନାରେ ଉତ୍କଳୀୟ ସଭ୍ୟତା, ସଂସ୍କୃତି ଓ ସାମାଜିକ, ପାରିବାରିକ ପରମ୍ପରା ଅନୁଯାୟୀ ସେ ଗଢ଼ି ତୋଳୁଥିଲେ । ଏପରିକି ଗଣକବି ସ୍ୱରଚିତ ଗୀତିନାଟ୍ୟ ଗୀତାଭିନୟଗୁଡ଼ିକରେ ବର୍ଣ୍ଣିତ ନାରୀ ଚରିତ୍ରରେ ଉତ୍କଳୀୟ ଜନନୀ ହୃଦୟରେ ଭରି ରହିଥିବା ବାତ୍ସଲ୍ୟ ମମତାକୁ ଅବିକଳ ପରିସ୍ଫୁଟ କରିବାକୁ ମଧ୍ୟ ଭୁଲୁ ନଥିଲେ । ସନ୍ତାନର ସାମାନ୍ୟତମ କଷ୍ଟ ଯେ ଜନନୀର ଅସହ୍ୟ, ଏହା କବି ତାଙ୍କ ରଚନାରେ ପରିପ୍ରକାଶ କରିଛନ୍ତି । ଅଗ୍ନିଦଗ୍ଧ ଜଉ ଗୃହରୁ ପଞ୍ଚପୁତ୍ର ସହ ଖନିକାର ନିର୍ମିତ ସୁଡ଼ଙ୍ଗ ଦେଇ ଆତ୍ମରକ୍ଷା ପାଇଁ ଅପସରି ଗଲାବେଳେ କ୍ଲାନ୍ତ କ୍ଷୁଧାର୍ତ୍ତ ପୁତ୍ରଙ୍କ ବିଷାଦଭରା ମୁଖ ମାତା କୁନ୍ତୀଙ୍କର ଅସହ୍ୟ ହୋଇଛି । ସେଥିପାଇଁ କବି ତାଙ୍କ ରଚିତ 'ବକାସୁର ବଧ' ଗୀତିନାଟ୍ୟରେ କୁନ୍ତୀଙ୍କ ମୁଖରେ ପ୍ରକାଶ କରିଛନ୍ତି–

"ମାରୁତିରେ ଚାଲି ନପାରିବି ପଥ
ଚାହିଁଲେ ତୁମକୁ ଦହି ହେଉଅଛି ଏ ଚିତ୍ତ
କୁମାର ନକୁଳ ମୋର ଆକୁଳ ହୁଏ ଅପାର
କାରେ ଢୁଳ ଢୁଳ ବାଳ ସହଦେବ ନେତ୍ର
ବିପଦକି ମୋହ ପାଇଁ ଏକା ସୃଷ୍ଟି କଲା ବିହି
ବର ଭଣେ କୁରୁମଣି କଲା ଏତେ କୃତ୍ୟ ।"

ପୁତ୍ରର ପ୍ରତ୍ୟାବର୍ତ୍ତନରେ କ୍ଷଣିକ ବିଳମ୍ବ ହେଲେ ଜନନୀ ହୃଦୟ ଅସ୍ଥିର ହୋଇ ଉଠେ । ଅହେତୁକ ଆଶଙ୍କା ହୃଦୟରେ ଜମାଟ ବାନ୍ଧେ । ଜତୁ ଗୃହରୁ ପଳାୟନ ପରେ ବ୍ରାହ୍ମଣ ବେଶରେ ଭିକ୍ଷାନ୍ନରେ କାଳାତିପାତ କରୁଥିବା ପାଣ୍ଡବମାନଙ୍କର ଏକଦା ଗୃହକୁ ପ୍ରତ୍ୟାବର୍ତ୍ତନରେ ବିଳମ୍ବ ମାତା କୁନ୍ତୀଙ୍କର ଆଶଙ୍କାର କାରଣ ହୋଇଛି । ସେଥିପାଇଁ କବି ତାଙ୍କ ରଚିତ "ଦ୍ରୌପଦୀ ସ୍ୱୟମ୍ବର" ଗୀତିନାଟ୍ୟରେ କୁନ୍ତୀଙ୍କ ମୁଖରେ ପ୍ରକାଶ କରିଛନ୍ତି–

"କେଣେ ଗଲ ରାଜାର ସଙ୍ଗୀନିରେ ପଞ୍ଚସୁତେ
କେତେବେଳେ ରାନ୍ଧି ଅନ୍ନ ପରଷିବିରେ ନନ୍ଦନ
ରକ୍ଷିବ ଦେଖିବ ମତ୍ତ ନେତ୍ରରେ
ଅନାଥ ପୁତ୍ର ଦୁରାନ୍ନ କରକି କା' ଭୁଲେ ଗଲ
ଶୋକେ ବଇଷ୍ଣବ ଭାଷେ ଗୀତରେ ।"

ବାତ୍ସଲ୍ୟ ମମତାମୟୀ ଜନନୀ ଅନ୍ୟ କର୍ତ୍ତୃକ ସନ୍ତାନର ଶାସ୍ତି ବିଧାନ ସହ୍ୟ କରି ପାରେନା, ଏପରିକି ସନ୍ତାନର ବିଦ୍ୟାଦାତା ଗୁରୁଙ୍କର ମଧ୍ୟ । ସେ କାକୁତି ମିନତି କଣ୍ଠରେ ପୁତ୍ରକୁ ଆଶ୍ରେ ନମାରିବା ପାଇଁ ଗୁରୁଙ୍କୁ ନିବେଦନ କରିଥାଏ । ଗଣକବି 'ଗଙ୍ଗାଭଗୀରଥ' ଗୀତିନାଟ୍ୟରେ ଭଗୀରଥ ଜନନୀ ମୁଖରେ ପ୍ରକାଶ କରୁଛନ୍ତି-

ଆଣ୍ଟ କରି ଛାଟ ନପିଟିବ କେବେ
ପାଠ ନ ଆସିଲେ ପୁଅକୁ
ଘଟ ଛାଡ଼ି ଯିବ ହଟହଟା ଜୀବ
ଅନାଇବ କାହା ମୁହଁକୁ, ହେ ଗୁରୁ ।
ଛୁଟିବେଳେ ଦେବ ଆଗଟେ କହି
ବାଟେ କାହା ସଙ୍ଗେ ଲାଗିବ ନାହିଁ ।
ବଇଷ୍ଣବ ଭାଳେ ଯାଉଅଛି ଆଜେ
ଦେଢି ଆଶା ମହାପ୍ରଭୁଙ୍କୁ ।"

ଏହା ନିରାଟ ସତ୍ୟ ଯେ ଜନନୀ କେବେ ହେଲେ ବିଭାଷିକାମୟୀ ରଣକ୍ଷେତ୍ରକୁ ପୁତ୍ରକୁ ପ୍ରେରଣ କରିବାର ଆଶା ପୋଷଣ କରେ ନାହିଁ ।

ଏପରିକି ସନ୍ତାନ ସର୍ବସ୍ୱ ଜନନୀ ବାତ୍ସଲ୍ୟ ମମତାରେ ହିତାହିତ ଜ୍ଞାନଶୂନ୍ୟ ହୋଇ ବେଦ, ରାଜ୍ୟ, ଜାତି ଓ ଧର୍ମରକ୍ଷା ନିମନ୍ତେ ଉଦ୍ୟତ ସନ୍ତାନକୁ ଯୁଦ୍ଧକୁ ଯିବା ପାଇଁ ବାରବାର ବାରଣ କରିଥାଏ । ସେଥିପାଇଁ ଯଜ୍ଞ-ପଣ୍ଡକାରୀ ରାକ୍ଷସ ସହ ଯୁଝିବାକୁ ଉଦ୍ୟତ ରାମଙ୍କୁ ମମତାମୟୀ ଜନନୀ କୌଶଲ୍ୟା ବାରଣ କରିଛନ୍ତି । କବିଙ୍କ ଭାଷାରେ–

''ନ ଯା' ନଯା'ରେ ଦୁଃଖୀ ସଙ୍ଖାଳିରେ
ମୋ କଣ୍ଠ ମାଳି,
ତୋତେ ନ ଦେଖି ଦଣ୍ଡେ
ନରହେ ପରାଣ ପିଣ୍ଡେ
ଗଲେ ବେନି ନେତ୍ର ନିଅ ଖୋଳିରେ

X X X

ସେହିପରି ଲଙ୍କାର ସୁରକ୍ଷା ପାଇଁ ଯୁଦ୍ଧକୁ ଉଦ୍ୟତ ଇନ୍ଦ୍ରଜିତକୁ ଜନନୀ ମନ୍ଦୋଦରୀ ମଧ ବାରଣ କରିଛନ୍ତି । କବିଙ୍କ ଭାଷାରେ–

''ଆରେ ଗୁଣମଣି, ତୋତେ    କେବେ ନ ଛାଡ଼ିବି ରଣେ
ଯେ ରଣେ ପଶିଲେ ବୀରେ    ଫେରି ନ ଆସନ୍ତି ଜଣେ

X X X

ରାମ ବାମ ହେବେ ଯାକୁ    କେ ରକ୍ଷି ପାରିବ ତାକୁ
ଚଉଷ୍ପଦ ବୋଲେ ଲୁଚି    ରହ ଏବେ ଗୃହ କୋଣେ ।''

କୁରୁକ୍ଷେତ୍ର ସମରରେ ସପ୍ତରଥୀଙ୍କ ସହ ଯୁଝିବାକୁ ଉଦ୍ୟତ ପୁତ୍ର ଅଭିମନ୍ୟୁକୁ ସନ୍ତାନ ବତ୍ସଳା ମାତା ସୁଭଦ୍ରା ମଧ ଅଶ୍ରୁସିକ୍ତ ହୃଦୟରେ ବାରଣ କରିଛନ୍ତି । ସୁଭଦ୍ରା ମୁଖରେ କବି ପ୍ରକାଶ କରିଛନ୍ତି–

ନ ଛାଡ଼ିବି ରଣେ ତୁ ମୋ ଏକୋଇର ବଳାରେ
ଯିବୁ ଯେବେ କାଟି ଦେଇ ଯାଅ ମୋର ଗଳାରେ
ସହିବ କି ଦେହ ତୋର ଶରକ୍ଷତ ଜ୍ୱାଳାରେ ।

ସନ୍ତାନ ସର୍ବସ୍ୱ ଜନନୀର ସନ୍ତାନ ହିଁ ଗଚ୍ଛିତଧନ ଗଳାମାଳି । ପଣତ କାନି ଢାଙ୍କି ତାକୁ ବିପଦ ଆପଦରୁ ଦୂରେଇ ରଖିବା ପାଇଁ ସେ ଚାହେଁ । ନିଜର ଜୀବନ ବିନିମୟରେ ପୁତ୍ରକୁ ମରଣ ମୁଖରୁ ବଞ୍ଚାଇବା ପାଇଁ ଜନନୀ ସଦା ସର୍ବଦା ପ୍ରସ୍ତୁତ । ଜନନୀ ଅନ୍ତରର ଏହି ଭାବଧାରାକୁ କବି ପ୍ରକାଶ କରିଛନ୍ତି ତାଙ୍କ 'ନରମେଧ ଯଜ୍ଞ' ଗୀତିନାଟ୍ୟରେ । ଶିଶୁ ପୁତ୍ର କୃଶର ମାତାପିତାଙ୍କୁ ସତ୍ୟବନ୍ଧ କରାଇ ଭୂଦେବ ଯଯାତି ରାଜାଙ୍କ ଆୟୋଜିତ ନରମେଧ ଯଜ୍ଞରେ କୃଶକୁ ବଳି ଦେବା ପାଇଁ ନେବା ବେଳେ ତାର ଶୋକାକୁଳ ଜନନୀ ମୁଖରେ କବି ପ୍ରକାଶ କରିଛନ୍ତି–

''ଭୂଦେବ ହେ ! ଫେରାଇ ଦିଅ ସୁତେ ମୋର
କାଟିଲେ କାଟିବ ପଛେ ରାଜା ମୋର ଶିର
ଅରଣ୍ୟର ଜଳପାନ କରି ଧରିବି ଜୀବନ
ରାଜାର ନହେବି ପ୍ରଜା ଖାତକ ସାହୁର ।''

'ପ୍ରହ୍ଲାଦ ଚରିତ'ରେ ରାଜା ହିରଣ୍ୟର ଆଦେଶରେ ଘାତକ ଶିଶୁ ପୁତ୍ର ପ୍ରହ୍ଲାଦକୁ ବଧ ଭୂମିକୁ ନେଲାବେଳେ ପ୍ରହ୍ଲାଦ ଜନନୀର ମାତୃ ହୃଦୟ ବିଳାପ କରିଛି । ପୁତ୍ରର ଗୁଣାବଳି ସ୍ମରଣ କରି ସେ ବାହୁନି କାନ୍ଦିଛି । କବିଙ୍କ ଭାଷାରେ–

''ଜାଣିଣ ମୁଁ କାହା ଚିତ୍ତ    ଆଣି ଦେବି ସ୍ୱଚ୍ଛ ସୂତ୍ର
ଗାୟତ୍ରୀ ମନ୍ତ୍ର ପରାୟେ    ତୋର ଗୁଣ ଗୁଣିବିରେ ।
ମାଆ ମାଆ ଡ଼ାକ ଆଉ କାହାଠାରୁ ଶୁଣିବିରେ
ରୁଷି ଯାଉଥିଲେ କା'କୁ କୋଳ କରି ଆଣିବିରେ ।''

ଦଶମାସ ଗର୍ଭକଷ୍ଟ ସମେତ ପ୍ରସବ ଯନ୍ତ୍ରଣାକୁ ଗର୍ଭଧାରିଣୀ ଜନନୀ ପାଶୋରିଯାଏ କେବଳ ସନ୍ତାନ ମୁଖ ଦେଖି । କିନ୍ତୁ ପ୍ରସବ ପରେ ସନ୍ତାନ ବିଚ୍ଛେଦ ଘଟିଲେ ସେହି ବିଚ୍ଛେଦାତ୍ମକ ଦୁଃଖ ଜନନୀ ପକ୍ଷରେ ଦୁର୍ବିଷହ ହୁଏ । ତେଣୁ 'ରଙ୍ଗସଭା' ଗୀତିନାଟ୍ୟରେ ଗଣକବି ଏହାକୁ ବନ୍ଦିନୀ ଜନନୀ ଦେବକୀ ମୁଖରେ ପ୍ରକାଶ କରିଛନ୍ତି–

''କେତେ ଗର୍ଭ କଷ୍ଟ ସହି    ତେବେ ନରଲୋ ତୋ ହଟ
ଜନ୍ମକରି ଷଡ଼ପୁତ୍ର    ଦେଲି ନେଇରେ,
ଭାଇ କଂସ କେଉଁ ଦୋଷ    କଲି ମୁହିଁରେ ।''

'କଂସ ଦିଗବିଜୟ' ଗୀତିନାଟ୍ୟରେ କାରାରୁଦ୍ଧ ଦେବକୀ ମୁଖରେ ମଧ କବି ଏହି ବିଚ୍ଛେଦାତ୍ମକ ଦୁଃଖକୁ ପରିପ୍ରକାଶ କରିବାକୁ ଯାଇ ଲେଖିଛନ୍ତି–

''ସହି ସହି ଗର୍ଭକଷ୍ଟ ରହିଲି ହେ ପ୍ରାଣନାଥ
ଜାତ କରି ସୁତ ମୁଖ ନ ଚାହିଁଲି, ହାନମତି
ନ ଯାଉଛି ପୋଡ଼ା ପ୍ରାଣ ଘଟ ତେଜି କି କାରଣ
ବନ୍ଦୀଶାଳେ ପଡ଼ି ଧନ୍ଦି ହେଉଛି ଯା ନିତି ନିତି''

ବାତ୍ସଲ୍ୟ ମମତାର ବନ୍ଧନ ନିବିଡ଼ । ଏହି ବନ୍ଧନକୁ ଛିନ୍ନ କଲେ ମାତୃ ହୃଦୟ ହା ହତାଶରେ ଦଗ୍ଧୀଭୂତ ହୁଏ । ସବୁ ପର୍ଯ୍ୟନ୍ତ ସମ୍ପଦ ତା ନିକଟରେ ତୁଚ୍ଛ ହୋଇ ଉଠେ । ବିମାତା ସୁରୁଚିର ବ୍ୟଙ୍ଗୋକ୍ତିରେ ମର୍ମାହତ ହୋଇ ଧ୍ରୁବ ରାଜସୁଖ ରାଜଭୋଗ ତେଜି ତପସ୍ୟା ନିମନ୍ତେ ବନକୁ ଗମନ କଲାପରେ ପୁତ୍ର ବିଧୁରା ଜନନୀ ସୁନୀତିର ଜୀବନରେ ତାହା ହିଁ ଘଟିଛି । ତାଙ୍କୁ ଚତୁର୍ଦ୍ଦିଗ ନୀରସ, ଶୂନ୍ୟ ଶୂନ୍ୟ ବୋଧ ହୋଇଛି । ସୁନୀତିଙ୍କ ମୁଖରେ କବି ପ୍ରକାଶ କରିଛନ୍ତି-

''ଆଜନ୍ମରୁ ହେଲୁ ବନବାସୀ
ଏହା କଲେ ବୃନ୍ଦାବନବାସୀ
ରୁଷୁଥିଲେ ଖୋଇଥିଲି କଷା କୋଳି
ସେଥୁ ଯୋଗୁଁ କିବା ଗଲୁ ରୁଷିରେ ।''

ସେହିପରି 'ରଙ୍ଗସଭା' ଗୀତିନାଟ୍ୟରେ . ଅକ୍ରୂର କୃଷ୍ଣ-ବଳରାମଙ୍କୁ କଂସର ଆଦେଶରେ ମଥୁରାକୁ ନେଲାବେଳେ ଜନନୀ ଯଶୋଦାଙ୍କ ମାତୃ ହୃଦୟ ମଧ ବିଳାପ କରିଛି ।

କବିଙ୍କ ଭାଷାରେ–

ଦୁଃଖୀଧନ ନୀଳମଣିରେ
ମାଆ ବୋଲି କିଏ ଡ଼ାକିବ ମୋତେ
ଗୋରୁ ଘେନି ଫେରି ଆସିଲାବେଳକୁ
କାହାପାଇଁ ଜଗିବସିବି ପଥେ ।
ଯେବେ ବିଳା ଆସିବ ବୋଲି
କାନ୍ଦି କିଏ କରିବ ଅଳି
ଚଳି ହେଉଥିଲେ ଧୂଳି ବୋଳି ହୋଇ
ଦୋଳି ଖେଳିବ କେ କାନ୍ଦି ପଣତେ ।

କ୍ରମଶଃ ପୃଷ୍ଠା

ଯେବେ ଦହି ମୁହାଁ ହୋଇବ
ତିଏ ସେ ଲବଣୀ ଖାଇବ
ହୋଇଣ ଆନନ୍ଦ ଗାଈ ଦୁହିଁବାକୁ ଶିକା ଛନ୍ଦ ଘେନି କେ ଯିବ ହାତେ ।

ସନ୍ତାନବତ୍ସଳା ଜନନୀ ସନ୍ତାନକୁ ସୁସ୍ୱାଦୁ ସୁମିଷ୍ଟ ଖାଦ୍ୟ ଖୁଆଇ ଆଗ୍ରହରେ ପାଳି ବଡ଼ କରେ । ଶିଶୁ ସନ୍ତାନ ଅଜ୍ଞତା ବଶତଃ ଅଖାଦ୍ୟ ଖାଇଲେ ଅଥବା ଧୂଳି ଧୂସରିତ ହେଲେ, ଜନନୀ ପକ୍ଷରେ ତାହା ଅସହ୍ୟ ହୁଏ । ଚପଳମତି କୃଷ୍ଣଙ୍କ ମାଟିଖିଆ ଦେଖି ଜନନୀ ଯଶୋମତି ବ୍ୟସ୍ତ ହୋଇ ଉଠିଛନ୍ତି । କବି ଯଶୋଦାଙ୍କ ମୁଖରେ ପ୍ରକାଶ କରିଛନ୍ତି–

ମାଟି ଖିଆ ବୁଦ୍ଧି ଛାଡ଼ରେ କହ୍ନାଇ, ମାଟି ଖିଆ ବୁଦ୍ଧି ଛାଡ଼
ଏଣି ତୋତେ ବାପ ସୁଆଦ ଲାଗେଇ, ସର ଲବଣୀରୁ ବଡ଼
କାଢ଼ି ପକା ସେହି ମାଟି ତୋ' ପାଟିରୁ
କାଢ଼ି ପକା ସେହି ମାଟି
ଭୋକ ଯେବେ କରେ ଆସ ମୋ ସଙ୍ଗରେ
ଗୁଣ୍ଡିବୁ ଅଧାମ ଗୋଟି ।

ମମତାମୟୀ ଜନନୀ ଶୟନେ ସ୍ୱପନେ ଜାଗରଣେ ସନ୍ତାନର ଶୁଭକାମନା କରେ । ପୁଅ ଝିଅଙ୍କ ମଙ୍ଗଳ ପାଇଁ ପୂଜା ବ୍ରତ ଉପବାସ କରେ । ଦେବ ଦେବୀଙ୍କ ନିକଟରେ ଫଳ ସଳିତା ଦେଇ ଆକୁଳ କଣ୍ଠରେ ସନ୍ତାନର ଶୁଭ ମନାସେ । ଗଣକବି ତାଙ୍କ ରଚିତ 'ବ୍ରଜଲୀଳା'ରେ ଜନନୀ ଯଶୋମତୀଙ୍କ ମୁଖରେ ଏହି ଭାବଧାରାକୁ ମଧ ପ୍ରକାଶ କରିଛନ୍ତି :-

ଲୋକ ଲୋହିତ ରସନା ଲଳିତ ଭାଷିଣୀ ଗୋ
ନମସ୍ତେ ମଙ୍ଗଳା ମହାକଷ୍ଟ ନିବାରିଣୀ ଗୋ
ଜବାଧାର ଜବା ଫୁଲେ ସଦା ତୋ ସନ୍ତୋଷ ଗୋ
ଶବାସନ ଶିବ ଅଙ୍କ ଦେଶେ ତୋର ବାସ ଗୋ
ସଙ୍କଟ କାଳେ ମୋ କୃଷ୍ଣ ରଖ ଶାକମ୍ଭରୀ ଗୋ ।

କବିଙ୍କ ରଚିତ ' ଖୁଲଣା ସୁନ୍ଦରୀ'ରେ ମଧ ପିତାଙ୍କ ଅନ୍ୱେଷଣରେ ବିପଦସଙ୍କୁଳ ଦରିଆ ଅତିକ୍ରମ କରି ଯିବାକୁ ଉଦ୍ୟତ ଶିଶୁପୁତ୍ର ଶ୍ରୀମନ୍ତକୁ ସହାୟ ହେବା ପାଇଁ ମାତା ଖୁଲଣା ସୁନ୍ଦରୀ ମା' ମଙ୍ଗଳାଙ୍କୁ ଆକୁଳ କଣ୍ଠରେ ନିବେଦନ କରିଛନ୍ତି । କବିଙ୍କ ଲେଖନୀରୁ ନିଃସୃତ ହୋଇଛି–

"ମା ଗୋ ମୁକ୍ତିଦାତ୍ରୀ ତାରାଶକ୍ତି–ରୂପା ଶିବ ଜାୟା
ଭକ୍ତି ଭରେ ଡାକେ ମୁଁ କରୁଣେ ମହାମାୟା
କରୁଣାମୟୀ କରୁଣା କରି କଣାଏ ତଣା
ସହିବୁ ସହିତେ ସୁତେ ଦେଇ ପଦ ଛାୟା ।"

ଲୁହ କଣ୍ଠାଳ ମଧରେ ଅଝଟିଆ ପୁଅକୁ ବୋଧ ଦେଇ ଶୁଆଇବା ଜନନୀ ପକ୍ଷରେ ଏକ ସମସ୍ୟା ହୋଇଥାଏ । କେତେବେଳେ କୋଳରେ ତ, କେତେବେଳେ ଶେଯରେ, କେତେବେଳେ ଥାପୁଡ଼ାଇ ତ କେତେବେଳେ ନାନାବାୟା ଗୀତ ଗାଇବାକୁ ପଡ଼ିଥାଏ । ମା'ର କୋମଳ ଥାପୁଡ଼ା ଓ କଅଁଳ ଗୀତରେ ନିଘୋଡ଼ ନିଦରେ ଶୋଇଯାଏ ଅଝଟିଆ ପୁଅ । କବିଙ୍କ 'ବାଲ୍ୟ ବିନୋଦ' ଗୀତାଭିନୟରେ ଚପଳମତି ଶ୍ରୀକୃଷ୍ଣଙ୍କୁ ଶୁଆଇଲାବେଳେ ଯଶୋଦାଙ୍କୁ ତାହା ହିଁ କରିବାକୁ ପଡ଼ିଛି । କବିଙ୍କ ଭାଷାରେ–

"ଆରେ କୋକ ମୋର କାହ୍ନୁକୁ ଧରି ନେଇଯାଆ
ମାନୁ ନାହିଁ ମୋ ବଚନ ଏଡ଼ିକି ଅଟେ ବାଇଆ
ଆସି ମୋ କହ୍ନେଇ କାନ କାଟି ନେବୁରେ ବହନ
ଦଣ୍ଡେ ରହି ଯା' କୃଷ୍ଣମ ଲଗାଇ ସାରୁ
ଆଉ ଅଳପ ଅଳପ ଶୋଇଯା ।"

ଜନନୀ ସର୍ବଂସହା ହୋଇପାରେ । ହେଲେ ଲହୁ ଲୁହ ଏକାକାର କରି ଯାହାକୁ ଜନ୍ମଦେଇ ମଣିଷ କରିଥାଏ, ଆଖି ଆଗରେ ସେହି ସନ୍ତାନର ମୃତ୍ୟୁ ସେ କେବେହେଲେ ସହ୍ୟ କରିପାରେ ନାହିଁ । ସନ୍ତାନର ମୃତ୍ୟୁରେ ଜୀବନକୁ ତୁଚ୍ଛ, ଅସାର ମଣି ସେ ନିଜକୁ ଧିକ୍କାରି ବସେ । ଏକମାତ୍ର ଶିଶୁପୁତ୍ର ରୋହିତର ଅକାଳ ମୃତ୍ୟୁରେ ଜନନୀ ଶୈବ୍ୟାଙ୍କର ହୃଦୟ ଦୁଃଖରେ ବିଦୀର୍ଣ୍ଣ ହୋଇଛି ।

କବି ତାଙ୍କ 'ହରିଶ୍ଚନ୍ଦ୍ର' ଗୀତିନାଟ୍ୟରେ ଶ୍ମଶାନରେ ରୋହିତର ଶବ ନିକଟରେ ବସିଥିବା ପୁତ୍ର ବିଧୁରା ଶୈବ୍ୟାଙ୍କ ମୁଖରେ ତାହା ହିଁ ବର୍ଣ୍ଣନା କରିଛନ୍ତି–

"ବାପ କେଉଁପରି ତୋତେ ଯିବି ଛାଡ଼ି
ଭାବିଲେ ସେ ଭାବମାନ ପୋଡ଼ି ଯାଉଛି ମୋ ମନ
ପଡ଼ିବ ଆକାଶ ଶିରେ ଛିଡ଼ି ।
ଛାଡ଼ିଥିଲି ରାଜଭୋଗ ଛାଡ଼ିଥିଲି ପତି
ଆଜି ତେଜି ତୋତେ ଜିଇବି କେମନ୍ତେ
ଫୁଟିଯିବ ଏ ନୟନ ଯୋଡ଼ି ।"

ଗଣକବି ବୈଷ୍ଣବପାଣିଙ୍କ ସୃଷ୍ଟିର ପ୍ରତିଟି ଚରିତ୍ର, ଭାବ, ଭାଷା ଓ କଥାବସ୍ତୁ ଉତ୍କଳର ସାଂସ୍କୃତିକ ପରିବେଶ, ପରମ୍ପରା ଓ ସର୍ବୋପରି ପ୍ରଚଳିତ ସାମାଜିକ ରୀତିନୀତିରେ ପରିପୁଷ୍ଟ । ତାଙ୍କର କାଳଜୟୀ ସୃଷ୍ଟି ସମ୍ଭାର ବାସ୍ତବରେ ଓଡ଼ିଆ ସାରସ୍ୱତ ଭଣ୍ଡାରର ଏକ ଅମୂଲ୍ୟ ସମ୍ପଦ । ଗଣକବି ତାଙ୍କର ଅନନ୍ୟ ଅସାଧାରଣ ସାରସ୍ୱତ ପ୍ରତିଭାରେ ସମଗ୍ର ଓଡ଼ିଆ ସାହିତ୍ୟାକାଶକୁ ଉଦ୍‌ଭାସିତ କରିଯାଇଥାଛନ୍ତି । ସାମଗ୍ରିକ ଭାବେ ପର୍ଯ୍ୟାଲୋଚନା କଲେ ତାଙ୍କର ରଚନାବଳୀ ଭକ୍ତି, ପ୍ରେମ, କାରୁଣ୍ୟ ଓ ବୀର ରସ ସହିତ ଉତ୍କଳୀୟ ଜନନୀ ହୃଦୟର ଅତୁଳନୀୟ ବାତ୍ସଲ୍ୟ ମମତାରେ ଭରିମନ୍ତ ।

ସମ୍ପାଦକ, ଗଣକବି ବୈଷ୍ଣବପାଣି ସ୍ମୃତି ସଂସଦ, ଭୁବନେଶ୍ୱର

• • •

# ଗୁରୁଦିବସ ଓ ଡଃ ରାଧାକ୍ରିଷ୍ଣନ୍

● ଶ୍ରୀ ନଗେନ୍ଦ୍ରନାଥ ନାୟକ

ଗୁରୁପୂଜା ବିଧି ଆମ ପ୍ରାଚୀନ ପରମ୍ପରା । ଗୁରୁପୂଜା ବିନା ଭଗବାନଙ୍କୁ ପୂଜା କରିବା ନିରର୍ଥକ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି ।

ଗୁରୁ, ପିତାମାତା ତଥା ଜୀବନର ଗତି, ହିତ ଓ ଅହିତର ପଥପ୍ରଦର୍ଶକ ହୋଇଥିବାରୁ ସେ ସର୍ବଦା ପୂଜ୍ୟ ।

ପ୍ରାଚୀନ ଶିକ୍ଷା ଥିଲା କର୍ତ୍ତବ୍ୟ ଭିତ୍ତିକ । ଗୁରୁକୁଳାଶ୍ରମରେ ଶିଷ୍ୟମାନେ ପ୍ରବେଶ ସମୟରେ ଗୁରୁଙ୍କର ପ୍ରଥମ ଶିକ୍ଷା ଥିଲା, "ହେ ଆଗନ୍ତୁକ ଶିଷ୍ୟ, ପିତା କୁଳରୁ ଆସି ତୁମେ ଗୁରୁକୁଳରେ ବାସ କରୁଛ । ତୁମର ମାନସିକ ଓ ବୌଦ୍ଧିକ ଶକ୍ତିକୁ ବିକାଶ କରିବା ଓ ସମାଜରେ ଜଣେ ସୁସ୍ଥ ନାଗରିକ ଭାବେ ନିଜକୁ ପ୍ରତିପାଦନ କରିବା ନିମନ୍ତେ ସମସ୍ତ ଶିକ୍ଷା ଦେବା ହେଉଛି ମୋର କର୍ତ୍ତବ୍ୟ ।" ଗୁରୁଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ସ୍ପଷ୍ଟବାଦିତାର ପ୍ରଭାବ ଶିଷ୍ୟର ଜୀବନରେ ପ୍ରଭାବ ପକାଉଥିଲା । କାୟା ମନୋବାକ୍ୟର ଶୁଦ୍ଧତା ତଥା ସଚ୍ଚରିତ୍ର ଗଠନ ଉପରେ ପ୍ରାଧାନ୍ୟ ଦିଆଯାଉଥିଲା । ଗୁରୁକୁଳ ଶିକ୍ଷା ସମାପ୍ତି ପରେ ସମାବର୍ତ୍ତନ ଉତ୍ସବର ଆୟୋଜନ ହେଉଥିଲା ଓ ଭାଷଣ ପ୍ରସଙ୍ଗରେ ଶିଷ୍ୟମାନଙ୍କୁ ଶେଷ ଉପଦେଶ ଦିଆଯାଉଥିଲା । "ସତ୍ୟଂବଦ, ଧର୍ମଂଚର, ସ୍ୱାଧ୍ୟାୟନ୍ମା ପ୍ରମଦଃ .......... ମାତୃଦେବ ଭବ, ପିତୃଦେବ ଭବ, ଆଚାର୍ଯ୍ୟ ଦେବୋ ଭବ......... ଯାନି.......... ଅନବଦ୍ୟାନି କର୍ମାଣି, ତାନି ସେବିତବ୍ୟାନି" ଅର୍ଥାତ୍ ସାଂସାରିକ କ୍ଷେତ୍ରରେ ସର୍ବଦା ସତ୍ୟ କହିବ, ଧର୍ମପଥ ଅନୁସରଣ କରିବ, ଯେଉଁ ଶିକ୍ଷାଲାଭ କରିଛ, ତାହାକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବ । ମାତା, ପିତା ଓ ଆଚାର୍ଯ୍ୟ ତୁମ ପାଇଁ ଦେବତୁଲ୍ୟ ହୁଅନ୍ତୁ । ଯେଉଁ କର୍ମଗୁଡ଼ିକ ନିନ୍ଦନୀୟ ନୁହେଁ, ସେଗୁଡ଼ିକୁ କର୍ମକ୍ଷେତ୍ରରେ ଉପଯୋଗ କରିବ । ଗୁରୁକୁଳରେ ଶ୍ରଦ୍ଧାର ସହ ଜ୍ଞାନ ଆହରଣ କରୁଥିଲା ଶିଷ୍ୟ ଓ ତାହା ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ସହାୟକ ହେଉଥିଲା । ଫଳରେ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ଶାନ୍ତି ଓ ସଦ୍‌ଭାବ ସୃଷ୍ଟି ହେଉଥିଲା । ଶିଷ୍ୟମାନେ ଗୁରୁଙ୍କୁ ଈଶ୍ୱରଙ୍କଠାରୁ ଶ୍ରେଷ୍ଠ ରୂପେ ସମ୍ମାନ ଦେଖାଉଥିଲେ । କାରଣ ଗୁରୁଙ୍କୁ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକର୍ତ୍ତା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଗୁରୁ ହେଉଛନ୍ତି ମନୁଷ୍ୟତ୍ୱର ନିର୍ମାତା ଓ ମାନବିକତାର ମନ୍ତ୍ରଦାତା । ଗୁରୁଙ୍କର ଅନାବିଳ ସ୍ନେହ, କର୍ତ୍ତବ୍ୟ ନିଷ୍ଠା ଓ ସ୍ପଷ୍ଟବାଦିତା ଦ୍ୱାରା ଆରୁଣି, ଉପମନ୍ୟୁ, ଜାବାଲ ଶବର ଓ ଅର୍ଜୁନଙ୍କ ପରି ଶିଷ୍ୟଗଣ ନିଜର ଗୁରୁଭକ୍ତି, ସେବା ଓ ତ୍ୟାଗ ବଳରେ ଛାତ୍ର ସମାଜର ଆଦର୍ଶ ହୋଇ ରହିଆସିଛନ୍ତି ।

ଏବେ କିନ୍ତୁ ଶିକ୍ଷାୟତନଗୁଡ଼ିକ ବିଦ୍ୟାମନ୍ଦିର ହୋଇ ରହିନାହିଁ । ଏହା ଶିକ୍ଷକ ଓ ଛାତ୍ରଙ୍କର ଅବସର ବିନୋଦନ କେନ୍ଦ୍ର ଭାବେ ପରିଗଣିତ ହୋଇଛି । ସ୍କୁଲ ଶବ୍ଦଟି ଲାଟିନ୍ ଶବ୍ଦରୁ ଉତ୍ପତ୍ତି । ଏହାର ମୂଳଅର୍ଥ ଅବସର ବିନୋଦନ କେନ୍ଦ୍ର । ଶିକ୍ଷକ ଓ ଛାତ୍ର ଛାତ୍ରୀ କିଛି ସମୟ ପାଇଁ ବିଦ୍ୟାଳୟକୁ ଯାଇ ପରସ୍ପର ସହ ସାକ୍ଷାତ ହୋଇ ଘରକୁ ଫେରି ଆସିବା ଦେଖାଯାଏ । ଏବେ ଶିକ୍ଷକମାନେ ଶିକ୍ଷାନୁଷ୍ଠାନରେ ନିଜର କର୍ତ୍ତବ୍ୟ ପ୍ରତି ବିମୁଖ ହୋଇ ଟିଉସନ୍ କରିବା ପାଇଁ ତତ୍ପର ହୋଇ ଉଠିଛନ୍ତି । ଶିକ୍ଷାର ମାନଦଣ୍ଡ ପ୍ରାୟ ବିଲୁପ୍ତ ହୋଇଗଲାଣି । ଶିକ୍ଷକଙ୍କ ପ୍ରତି ବୈରୀଭାବ ମନୋଭାବ ଓ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ଆଚରଣ ଦିନକୁ ଦିନ ବଢ଼ିଚାଲିଛି ।

ସମୟର ଚକ୍ରରେ ସମସ୍ତ ପ୍ରାଣୀ ନିଷ୍ପେଷିତ । କିନ୍ତୁ ଅର୍ଥାଭାବୀ ଭାରତବର୍ଷ ଯୁଗେ ଯୁଗେ ସାରା ବିଶ୍ୱକୁ ଆଧ୍ୟାତ୍ମିକ ଜ୍ଞାନରେ ଆଲୋକିତ କରିଆସିଛି । ଆଧୁନିକ ଭାରତର ଆଦର୍ଶ ପୁରୁଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଗୁରୁଦିବସ ଭାବରେ ପାଳନ କରାଯାଉଛି । ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ଆଦର୍ଶ ଶିକ୍ଷାବିତ୍ । ସେଇଥିପାଇଁ ସେ ଜାତୀୟ ଗୁରୁ ଭାବରେ ଆମ ସମସ୍ତଙ୍କର ନମସ୍ୟ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ମାନ୍ଦ୍ରାଜର ତିରୁତାନିଠାରେ ଏକ ଅଖ୍ୟାତ କୋଣରେ ଧର୍ମନିଷ୍ଠ ବ୍ରାହ୍ମଣ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ । ଦାରିଦ୍ର୍ୟର କଶାଘାତରେ ଜର୍ଜରିତ ପିତା ବୀରସ୍ୱାମୀ ଏକ ମନ୍ଦିର ସେବକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ପୁତ୍ରର ଅଧ୍ୟୟନ ପ୍ରତି ସଚେତନ ଥିଲେ । ସେତେବେଳେ ବିଭିନ୍ନ ଧର୍ମର ଲୋକେ ନିଜ ଧର୍ମକୁ ଶ୍ରେଷ୍ଠ ମନେ କରି ଅନ୍ୟ ଧର୍ମକୁ କଟୁ ସମାଲୋଚନା କରୁଥିଲେ । କିନ୍ତୁ ରାଧାକ୍ରିଷ୍ଣନ୍ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖୁଥିବାରୁ ଖ୍ରୀଷ୍ଟଧର୍ମର ମୂଳମନ୍ତ୍ର କ'ଣ ଜାଣିବା ପାଇଁ ବାଇବେଲ ପଢ଼ୁଥିଲେ । ପାଦ୍ରି ଶିକ୍ଷକମାନେ ଖ୍ରୀଷ୍ଟଧର୍ମ ସମ୍ବନ୍ଧରେ ଆଲୋଚନା କରିବା ସମୟରେ ହିନ୍ଦୁଧର୍ମ ପ୍ରତି ବିରୂପ ମନ୍ତବ୍ୟମାନ ଦେଉଥିଲେ । ରାଧାକ୍ରିଷ୍ଣନଙ୍କୁ ଏହା ବହୁତ ବାଧୁଥିଲେ ମଧ୍ୟ ପ୍ରତିବାଦ କରିବାକୁ ସାହସ ପାଉନଥିଲା । ରାଧାକ୍ରିଷ୍ଣନଙ୍କର ପ୍ରିୟ ଥିଲେ ନିର୍ଜନତା ଓ ପଠନ । ଅତ୍ୟଧିକ ପଠନ ତାଙ୍କର ଚିନ୍ତାଧାରାର ପରିପ୍ରକାଶରେ ସାହାଯ୍ୟ କରିଥିଲା । ଏଥିପାଇଁ ସେ ଚିନ୍ତାଶୀଳ ଥିଲେ । ଚିନ୍ତାଶୀଳ ବ୍ୟକ୍ତି ସାଧାରଣତଃ ଗମ୍ଭୀର ପ୍ରକୃତିର । ପିଲାଟି ଦିନରୁ ରାଧାକ୍ରିଷ୍ଣନଙ୍କର ଏହିସବୁ ଗାମ୍ଭୀର୍ଯ୍ୟ, ଚିନ୍ତାଶୀଳତା ଓ ତୀକ୍ଷ୍ଣ ବୁଦ୍ଧି ଶେଷରେ ତାଙ୍କୁ ଏକ ବିଶିଷ୍ଟ ଦାର୍ଶନିକରେ ପରିଣତ କରିଥିଲା ।

ଖ୍ରୀଷ୍ଟିଆନ ମିସନାରୀ ସ୍କୁଲରୁ ପାଠପଢ଼ା ଶେଷ କରି ରାଧାକ୍ରିଷ୍ଣନ୍ ଉଚ୍ଚଶିକ୍ଷାପାଇଁ ଭେଲୋରସ୍ଥିତ ବୁରହିଜ ମହାବିଦ୍ୟାଳୟରେ ପ୍ରଥମେ ନାମ ଲେଖାଇଲେ । ସେଠାରୁ ସେ ୧୯୦୪ ମସିହାରେ ଏଫ୍.ଏ. ପାସ୍ କରି ମାନ୍ଦ୍ରାଜର ଖ୍ରୀଷ୍ଟିୟାନ୍ ମିସନାରୀ ମହାବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏମ୍.ଏ. ପାଶ୍ କରିଥିଲେ । ଶିକ୍ଷା ଶେଷ ପରେ ରାଧାକ୍ରିଷ୍ଣନ୍ ମାନ୍ଦ୍ରାଜ ପ୍ରେସିଡେନ୍ସି କଲେଜରେ ଦର୍ଶନଶାସ୍ତ୍ର ଅଧ୍ୟାପକ ଭାବରେ ଗୁରୁ ଜୀବନର ଶୁଭାରମ୍ଭ କରିଥିଲେ । ପରେ ସେ ମାନ୍ଦ୍ରାଜ

[illegible]

ମହାବିଦ୍ୟାଳୟର ଦର୍ଶନ ବିଭାଗର ମୁଖ୍ୟଭାବେ କାର୍ଯ୍ୟ କରିଥିଲେ । ୧୯୨୧-୩୧ ମସିହା ପର୍ଯ୍ୟନ୍ତ ସେ କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୩୧-୩୯ ମସିହା ପର୍ଯ୍ୟନ୍ତ ୱାଲ୍ଟିୟର୍ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଓ ୧୯୩୯-୪୮ ମସିହା ପର୍ଯ୍ୟନ୍ତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇଥିଲେ । ସେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ "ପ୍ରାଚ୍ୟଧର୍ମ ଓ ନୀତିଶାସ୍ତ୍ର" ବିଭାଗର ପ୍ରଫେସର ମଧ୍ୟ ଥିଲେ । ଶିକ୍ଷା ଥିଲା ରାଧାକୃଷ୍ଣନ୍‌ଙ୍କର ମୁଖ୍ୟ ପେଶା । ସେ ବାରମ୍ବାର କହୁଥିଲେ ଶିକ୍ଷା ହେଉଛି ମୋର ସ୍ୱତନ୍ତ୍ର ବିଷୟ । ବିଶେଷକରି ଶିକ୍ଷାର ଉଦ୍ଦେଶ୍ୟ, ଶିକ୍ଷକଙ୍କ ଭୂମିକା, ଛାତ୍ରମାନଙ୍କର କର୍ତ୍ତବ୍ୟ, ନାରୀଶିକ୍ଷା ଏବଂ ଶିକ୍ଷାପଦ୍ଧତି ପ୍ରତି ସେ ସଦାସର୍ବଦା ଚିନ୍ତିତ ଥାଆନ୍ତି । ଶିକ୍ଷା କ୍ଷେତ୍ରରେ କିପରି ବିଭିନ୍ନ ଆବଶ୍ୟକତା ପୂରଣ ହୋଇପାରିବ, ସେ ସଂପର୍କରେ ସେ ସରକାରଙ୍କୁ ବହୁ ପରାମର୍ଶ ଦେଉଥିଲେ ।

୧୯୪୯ ମସିହାରେ ଡକ୍ଟର ରାଧାକୃଷ୍ଣନ୍ ରୁଷର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେଲେ । ୧୯୫୨ ମସିହାରେ ସେ ଭାରତର ପ୍ରଥମ ଉପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୬୨ ମସିହାରେ ଭାରତର ରାଷ୍ଟ୍ରପତି ଭାବରେ ଅଭିଷିକ୍ତ ହେଲେ । ୧୯୬୩ ମସିହାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଏବଂ ଅନନ୍ୟ ସାଧାରଣ ଗବେଷଣା ପାଇଁ ବ୍ରିଟେନର ସର୍ବୋଚ୍ଚ ଉପାଧି "ଅର୍ଡ଼ର ଅଫ୍ ମେରିଟ୍"ରେ ଭୂଷିତ ହୋଇଥିଲେ । ୧୯୭୫ ମସିହାରେ ସେ ଆମେରିକାର ଟେମ୍ପଲେଟନ୍ ଫାଉଣ୍ଡେସନ୍ ପକ୍ଷରୁ "ଟେମ୍ପଲେଟନ୍ ଆୱାର୍ଡ଼" ଗ୍ରହଣ କରିଥିଲେ । ୧୯୬୭ ମସିହା ମେ' ୧୩ ତାରିଖରେ ରାଧାକୃଷ୍ଣନ୍ ରାଷ୍ଟ୍ରପତି ପଦରୁ ଅବସର ଗ୍ରହଣ କରି ମାନ୍ଦ୍ରାଜସ୍ଥିତ ନିଜ ବାସଭବନରେ ଅବସ୍ଥାନ କରୁଥିଲେ । ଭାରତର ଗୌରବ ବିଶ୍ୱବିଖ୍ୟାତ ଦାର୍ଶନିକ ତଥା ବିଶ୍ୱବିଦ୍ୟାଗୁରୁ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କର ଅବିଶ୍ରାନ୍ତ କର୍ମମୟ ଜୀବନର ଅବସାନ ଘଟିଲା ୧୯୭୫ ମସିହା ଏପ୍ରିଲ୍ ୧୬ ତାରିଖରେ ।

ଶିକ୍ଷକମାନଙ୍କ ସହିତ ରାଧାକୃଷ୍ଣନ୍‌ଙ୍କର ନିବିଡ଼ ସଂପର୍କକୁ ସମ୍ମାନ ଦେଇ ତାଙ୍କର ଜନ୍ମଦିନକୁ ୧୯୬୨ ମସିହାଠାରୁ ଗୁରୁଦିବସ ଭାବେ ପାଳନ କରାଯାଉଛି । ସେ ଯେତେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ଥିଲେ ମଧ୍ୟ ତାଙ୍କର ସାରାଜୀବନ ମୁଖ୍ୟତଃ ଶିକ୍ଷକ ଜୀବିକା ପ୍ରତି ଅନୁରକ୍ତ ଥିଲା । ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କ ବିଷୟରେ କହିଥିଲେ, ସର୍ବୋପରି ସେ ଜଣେ ମହାନ୍ ଶିକ୍ଷକ ଥିଲେ ଏବଂ ତାଙ୍କଠାରୁ ଆମେ ଅନେକ କିଛି ଶିଖିଛେ ।

ଆଜିର ଆଧୁନିକ ଶିକ୍ଷକ ଓ ଛାତ୍ରସମାଜ ପାଇଁ ଡଃ ରାଧାକୃଷ୍ଣନ୍‌ଙ୍କର ଚିନ୍ତାଧାରା ଓ ଆଦର୍ଶ ପଥପ୍ରଦର୍ଶକ ହେବା ସହିତ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବ ।

ପ୍ଲଟ ନଂ. ୭୩/୩୦୪୩/୩୧୧୫
ମୁକାପଡ଼ିଆ (ପାଣିଟାଙ୍କି ପାଖ)
ପୁରୁଣା ଭୁବନେଶ୍ୱର

# ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ କ୍ଷେତ୍ର ଅଧିକାରୀମାନଙ୍କର ବାର୍ଷିକ ସମ୍ମିଳନୀ

ଗତ ଅଗଷ୍ଟ ୧୮ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ କ୍ଷେତ୍ର ଅଧିକାରୀମାନଙ୍କର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ, ଖୋଲୁଆଡ଼ ମନୋଭାବ ନେଇ କାର୍ଯ୍ୟ କଲେ ଆମ୍ଭେମାନେ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା । ମନରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି ପାଇଲେ ସରକାର କାର୍ଯ୍ୟକୁ ଅତ୍ୟନ୍ତ ଦକ୍ଷତାର ସହିତ ସମ୍ପାଦନ କରିବା ସହଜସାଧ୍ୟ ହୋଇଯାଏ । ଏହାକୁ ଦୃଷ୍ଟିରେ ରଖି, ସୂଚନା ସେବା ଅଧିକାରୀଗଣ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଯିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ ଯେ ଗ୍ରାମାଞ୍ଚଳ ଲୋକଙ୍କ ଉନ୍ନତି କଳ୍ପେ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡ଼ିକ ଲୋକମାନଙ୍କ ପାଖରେ ଯେପରି ପହଞ୍ଚିପାରିବ, ସେ ଦିଗରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ସୂଚାଇଥିଲେ ।

ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ମାସିକ ପତ୍ରିକା ଦ୍ୱୟରେ ବିଭିନ୍ନ ଆତ୍ମ ନିଯୁକ୍ତି ଯୋଜନା ଯଥା : ଗୋପାଳନ, କୃଷି, ସାକ୍ଷରତା ଆଦି କ୍ଷେତ୍ରରେ ଗ୍ରାମାଞ୍ଚଳରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ସଫଳ କାହାଣୀଗୁଡ଼ିକୁ ସଂଗ୍ରହ କରି ପ୍ରକାଶନ ନିମନ୍ତେ ପଠାଇବା ଦିଗରେ ଯତ୍ନଶୀଳ ହେବାକୁ ମନ୍ତ୍ରୀ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ଦୁଷ୍ପ୍ରାପ୍ୟ ଫଟୋଗୁଡ଼ିକର ସଂରକ୍ଷଣ ସମେତ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ଆଧାର କରି ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ଶ୍ରୀ ଜୟନ୍ତ କୁମାର ଦେବ ଏବଂ ନିର୍ଦ୍ଦେଶକ ଶ୍ରୀ ଦୁର୍ଗା ମାଧବ ଦାଶ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସଙ୍ଗେ ସଙ୍ଗେ ଆଗାମୀ ଲୋକସଭା ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରରେ ବିଭିନ୍ନ ଦୃଶ୍ୟଶ୍ରାବ୍ୟ ଯନ୍ତ୍ରପାତି, ଟେଲିଫୋନ୍ ଓ ଯାନବାହାନଗୁଡ଼ିକ କାର୍ଯ୍ୟକ୍ଷମ କରି ରଖିବା ଏବଂ କ୍ଷେତ୍ର ସ୍ତରରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟ ପ୍ରଣାଳୀ ଯେପରି ସହଜ ଓ ସରଳ ହେବ, ସେ ସମ୍ପର୍କରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ଶେଷରେ ନିର୍ଦ୍ଦେଶକ ଶ୍ରୀ ଦୁର୍ଗା ମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡେଲାଙ୍ଗରେ ମହାତ୍ମାଗାନ୍ଧୀ

● ଅଧ୍ୟାପକ ସରୋଜ କୁମାର ଓଝା

ପ୍ରଥମଥର ପାଇଁ ମହାତ୍ମାଗାନ୍ଧୀ ଓଡ଼ିଶା ଆସିଥିଲେ ୧୯୩୮ ମସିହା ମାର୍ଚ୍ଚ ମାସ ଶେଷ ସପ୍ତାହରେ । ସେତେବେଳେ ପୁରୀ ଜିଲ୍ଲା ଡ଼େଲାଙ୍ଗ ନିକଟବର୍ତ୍ତୀ ବେରବୋଇଠାରେ ଅନୁଷ୍ଠିତ ହେଉଥିଲା ଚତୁର୍ଥ ବାର୍ଷିକ "ଗାନ୍ଧୀ ସେବା ସଂଘ ସମ୍ମିଳନୀ" ଓ "ଉତ୍କଳ ଖଦୀ ଗ୍ରାମ୍ୟଶିଳ୍ପ ପ୍ରଦର୍ଶନୀ ।" ମହାତ୍ମାଜୀଙ୍କ ସାଥୀରେ ଥିଲେ କସ୍ତୁରବା, ମୀରାବେନ୍, ମୌଲାନା ଆଜାଦ୍, ସର୍ଦ୍ଦାର ପଟେଲ, ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ କୃପାଳିନୀ, ମହାଦେବ ଦେଶାଇ ପ୍ରମୁଖ ନେତୃବୃନ୍ଦ । ଏହି ବାର୍ଷିକ ଅଧିବେଶନକୁ ଆସିବା ନିମନ୍ତେ ଗୋପବନ୍ଧୁ ଚୌଧୁରୀ ଓ ତାଙ୍କର ବନ୍ଧୁମାନେ ପୂର୍ବ ବର୍ଷଠାରୁ ଗାନ୍ଧିଜୀଙ୍କୁ ଆମନ୍ତ୍ରଣ କରିଥିଲେ । ସେତେବେଳେ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ ଯେ ଅଧିବେଶନରେ ବ୍ୟବହୃତ ହେବାକୁ ଥିବା ସମସ୍ତ ଖାଦ୍ୟପଦାର୍ଥ ସମ୍ମିଳନୀ ସ୍ଥାନର ଦଶ ମାଇଲ ମଧ୍ୟରୁ ସଂଗ୍ରହ କରାଯିବା ଉଚିତ୍ । ତଦନୁଯାୟୀ ଡ଼େଲାଙ୍ଗ(ବେରବୋଇ) ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ସମସ୍ତ ଚାଉଳ, ଡ଼ାଲି, ପରିବା, ମାଛ, ଦୁଧ, ଘିଅ ଓ ତେଲ ଆଦି ଅଣାଯାଉଥିଲା ।

**ସେବାସଂଘ :** ଗାନ୍ଧୀସେବା ସଂଘ ହେଉଛି ଏକ ପୁରୁଣା ଅନୁଷ୍ଠାନ । ଏହାର ଜନ୍ମ ୧୯୨୪ ମସିହାରେ । ଗାନ୍ଧିଜୀ ଜେଲରେ ଥିବାବେଳେ 'ଗାନ୍ଧୀ ସେବା ସଂଘ' ତାଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଚାଲୁରଖିଥିଲା । ୧୯୩୭ରେ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରୀତ୍ୱରେ ପ୍ରାଦେଶିକ ସରକାର ଗଠନ ହେଲାବେଳେ ଆଚାର୍ଯ୍ୟ ହରିହର ଦାସ ଓ ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ନେତାମାନେ ନିର୍ବାଚନ ରାଜନୀତିରୁ ଅଲଗା ରହି 'ଗାନ୍ଧୀ ସେବା ସଂଘ' ପରିଚାଳନା କରୁଥିଲେ । ଏମାନଙ୍କ ଉଦ୍ଦେଶ୍ୟ ଥିଲା ଜନତା ଜନାର୍ଦ୍ଦନ ସେବା ହିଁ ପ୍ରକୃତ ଦେଶ ସେବା ।

**ପ୍ରଦର୍ଶନୀ-** ଏହି ସମ୍ମିଳନୀ ଓ ପ୍ରଦର୍ଶନୀ ମାର୍ଚ୍ଚ ୨୫ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିଲା । ଏଥି ନିମନ୍ତେ ଦଶମାସ ପୂର୍ବରୁ ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଦର୍ଶନୀ ଦପ୍ତର ଓ ଅଖିଳଭାରତ ଗ୍ରାମୋଦ୍ୟୋଗ ସଂଘର ଉତ୍କଳ ଶାଖା ଦପ୍ତର ଫେବୃୟାରୀ ମାସ ୧୦ ତାରିଖରୁ କଟକ 'ଯୋଗିଆ ସାହି' ପରିବର୍ତ୍ତେ ବେରବୋଇର 'ସେବାକୁଟୀର'କୁ ସ୍ଥାନାନ୍ତରିତ କରାଯାଇଥିଲା । ଏ ଉତ୍ସବ ପାଇଁ ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ହୋତା, ଗୁଣନିଧି ମହାନ୍ତି, ନନ୍ଦକିଶୋର ଦାସ ଓ ଶ୍ରୀମତୀ ରମାଦେବୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ଚାନ୍ଦା ସଂଗ୍ରହ କରିଥିଲେ । ଗୋପବନ୍ଧୁ ଚୌଧୁରୀ ଆଠ ହଜାର ଟଙ୍କା ସଂଗ୍ରହ କରିଥିଲେ । ରମାଦେବୀ ଡ଼େଲାଙ୍ଗ ଅଧିବେଶନରେ ଖାଦ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ଦାୟିତ୍ୱ ନେଇଥିଲେ । ଫେବୃୟାରୀ ୨୦ ତାରିଖର ଏକ ବିଜ୍ଞପ୍ତି ଦ୍ୱାରା ଉତ୍କଳ ଖାଦୀ ଓ ଗ୍ରାମ୍ୟଶିଳ୍ପ ପ୍ରଦର୍ଶନୀ ପାଇଁ କଳା ବିଭାଗର ଶିଳ୍ପୀମାନଙ୍କଠାରୁ ଦରଖାସ୍ତ ଓ ମଡ଼େଲ ପ୍ରଭୃତି ଆହ୍ୱାନ କରାଯାଇଥିଲା । ପ୍ରଦର୍ଶିତ ହେବାକୁ ଥିବା ଜିନିଷ ଏବଂ ତତ୍-ସମ୍ବନ୍ଧୀୟ ତଥ୍ୟ ମାର୍ଚ୍ଚ ୨୦ ତାରିଖ ପୂର୍ବରୁ ସ୍ଥାନୀୟ ଅଫିସରେ ପହଞ୍ଚୁ ଥିଲା ।

**ପରିବହନ ଓ ଗମନାଗମନ-** ବେରବୋଇ ଗାନ୍ଧୀସେବା ସଂଘ ସମ୍ମିଳନୀ ଓ ଗ୍ରାମ୍ୟଶିଳ୍ପ ପ୍ରଦର୍ଶନୀର ଅବ୍ୟବହିତ ପୂର୍ବରୁ ସୁବିଧାରେ ଗମନାଗମନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେତେବେଳର ବେଙ୍ଗଲ-ନାଗପୁର ରେଲବାଇ ପକ୍ଷରୁ ପ୍ରାୟ ... ଲୋକଙ୍କ ଯାତାୟତ ପାଇଁ ସ୍ୱତନ୍ତ୍ର ଟ୍ରେନ ଓ ପ୍ଲାଟଫର୍ମର ବନ୍ଦୋବସ୍ତ ହୋଇଥିଲା । ଏହି ସମୟ ପାଇଁ ଦେଶର ଯେକୌଣସି ସ୍ଥାନରୁ ଡେଲାଙ୍ଗ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ରେଳଭଡ଼ା ଯିବା ଆସିବା ପାଇଁ ରିହାତି ହାରରେ ଦେଢ଼ଗୁଣ ଏବଂ ତୃତୀୟଶ୍ରେଣୀ ଯାତ୍ରୀମାନଙ୍କୁ ୧⅓ ଦେବାକୁ ପଡୁଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରୁ ଡ଼େଲାଙ୍ଗ ପ୍ରଦର୍ଶନୀ ଦେଖିବାକୁ ଭିଡ଼ ଏକତରଫା ଭଡ଼ାରେ ଆସୁଥିଲା । ପ୍ରଦର୍ଶନୀ ପରେ ଫେରିଯିବା ଦ୍ରବ୍ୟକୁ ବିନାଦେୟରେ ରେଳରେ ପଠାଯାଉଥିଲା । କଟକର ଜଣେ ମୋଟର ଆସୋସିଏସନ୍ ସମ୍ମିଳନୀ ଉପଲକ୍ଷେ ଯାତ୍ରୀମାନଙ୍କ ନିମନ୍ତେ ରିହାତି ମୂଲ୍ୟ ବ୍ୟବସ୍ଥା କରାଇଥିଲେ । ଛତ୍ରପୁର ଅଞ୍ଚଳ କଂଗ୍ରେସକର୍ମୀମାନେ ସମ୍ମିଳନୀକୁ ଯିବାଆସିବା ପାଇଁ ଜଳପଥରୁ ଷ୍ଟେସନ ପର୍ଯ୍ୟନ୍ତ ନୌକା ବ୍ୟବସ୍ଥା କରିଥିଲେ । ଏଥିପାଇଁ ମୋଟ ଭଡ଼ା ଆଠଅଣା(୫୦ ପଇସା) ରଖାଯାଇଥିଲା ।

**ପ୍ରସ୍ତୁତି ପର୍ବ-** ସମ୍ମିଳନୀର ସାତଦିନ ଆଗରୁ ମଣ୍ଡପ ଅଞ୍ଚଳରେ ଏ ଅସ୍ଥାୟୀ ଟେଲିଗ୍ରାମ ଅଫିସ ଖୋଲାଯାଇଥିଲା । ଡ଼େଲାଙ୍ଗ ରେଳଷ୍ଟେସନକୁ ସଂପ୍ରସାରଣ କରାଯାଇଥିଲା । ବିଶୁଦ୍ଧ ପାନୀୟଜଳର ସୁବିଧା ପାଇଁ ସମ୍ମିଳନୀ ସ୍ଥାନ ନିକଟରେ ଛଅଟି କୂଅ ଏବଂ ଚିକିତ୍ସା ପାଇଁ ଏକ ଅସ୍ଥାୟୀ ଡ଼ାକ୍ତରଖାନା ବସାଇଥିଲେ । ଏଠାରେ ଆଗନ୍ତୁକ ପରିଦର୍ଶକମାନଙ୍କର ରହିବା ଓ ଖାଇବା ନିମନ୍ତେ ବହୁସଂଖ୍ୟକ ସ୍ୱତନ୍ତ୍ର ଘର, ହୋଟେଲ, ମିଷ୍ଟାନ୍ନ ଭଣ୍ଡାର ଓ ସରବତ ବିକ୍ରି ପାଇଁ ଦୋକାନ ଆଦିର ବ୍ୟବସ୍ଥା କରାଯାଇଥିଲା । କେତେକ ବିଶିଷ୍ଟ ହୋଟେଲ ମାଲିକ ଲୋକଙ୍କୁ ଶସ୍ତା ଦରରେ ଖାଦ୍ୟ ଯୋଗାଇ ସେମାନଙ୍କ ସ୍ୱଦେଶପ୍ରୀତି ପ୍ରତିପାଦନ କରିଥିଲେ । ଡ଼େଲାଙ୍ଗ ରେଳ ଷ୍ଟେସନ ନିକଟ ବିସ୍ତୀର୍ଣ୍ଣ କ୍ଷେତ୍ରରେ ବାଉଁଶ, ତାଳ ବରଡ଼ା ଓ ନଡ଼ିଆ ଡାଳ ତିଆରି ଅସ୍ଥାୟୀ ଘରଗୁଡ଼ିକ ଏକ 'ଅତିବୃହତ ସେନାଛାଉଣୀ' ପରି ଦିଶୁଥିଲା । ସମ୍ମିଳନୀର ୧୫ ଦିନ ପୂର୍ବରୁ ପୁରୀଜିଲ୍ଲା ଦୂର ଅଞ୍ଚଳ ଗାଁମାନଙ୍କରୁ ଦଳ ଦଳ ଲୋକ ଆସି ସଭା ମଣ୍ଡପ ଓ ପ୍ରଦର୍ଶନୀ ପଡ଼ିଆ ଇତ୍ୟାଦି ବୁଲି ଦେଖୁଥିଲେ । ସକାଳ ୪ଟା ବେଳୁ ରାତ୍ରି ୧୧ଟା ପର୍ଯ୍ୟନ୍ତ ଅଭ୍ୟର୍ଥନା ସମିତି ଅଫିସ ଓ ସ୍ୱେଚ୍ଛାସେବକ ଛାଉଣୀରେ ଗହଳି ଲାଗି ରହୁଥିଲା । ... କହିଲେ ଏହା ତତ୍କାଳୀନ 'ଭାରତୀୟ ଜାତୀୟ କଂଗ୍ରେସ'ର ଏକ ଅଧିବେଶନ ପରି ଲାଗୁଥିଲା ।

ଏହି ସମୟରେ ପ୍ରଦର୍ଶନୀରେ ଓଡ଼ିଶାର କଳା ଓ ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା । ପିତଳ, କଂସା, ଶଙ୍ଖ, କାଠ ଓ ଶିଙ୍ଗ ନିର୍ମିତ କାରୁକାର୍ଯ୍ୟ ଦ୍ରବ୍ୟ ତଥା ମୃତ୍ତିକା ଶିଳ୍ପକଳା ପାଇଁ ସ୍ୱତନ୍ତ୍ର ଗୃହ ... ହୋଇଥିଲା । ମୃତ୍ତିକା ତିଆରି ବିଭିନ୍ନ ବସ୍ତୁ ସବୁଠାରୁ ... ଥିଲା । ଏହା ବ୍ୟତୀତ ହାତତିଆରି କାଗଜ, ଚମଡ଼ା ଦ୍ରବ୍ୟ ଓ ହାତବୁଣା ... ଲୁଗା ତଥା ମହୁଚାଷ ଆଦି ପ୍ରଦର୍ଶିତ ହୋଇଥିଲା । ଓଡ଼ିଶା ସରକାର କୃଷି ବିଭାଗ ଆନୁକୂଲ୍ୟରେ ଗୋପାଳନ, ଗୁଡ଼ ତିଆରି, ...

କ୍ରମଶଃ ...

ମୂର୍ତ୍ତି ମଧ୍ୟ ପ୍ରଦର୍ଶନୀର ଅନ୍ୟ ଆକର୍ଷଣ ଥିଲା । ଏହି ପ୍ରଦର୍ଶନୀରେ ଓଡ଼ିଶାର କଳାସଂସ୍କୃତି, ହସ୍ତକୃତ କୁଟୀର ଶିଳ୍ପ ତଥା ଉତ୍କଳବାସୀଙ୍କ ଜୀବନର ଘଟଣା ଚିତ୍ର ରଖାଯାଇଥିଲା । ଉଦ୍ଦେଶ୍ୟ ଥିଲା ଭାରତର ଲୋକମାନଙ୍କର ଦୃଷ୍ଟି ଓଡ଼ିଶା ଉପରେ ପଡ଼ିବାକୁ । ପ୍ରଦର୍ଶନୀ ପ୍ରବେଶିକା ଟିକେଟ୍ ମୂଲ୍ୟ ମାତ୍ର ଦୁଇ ପଇସା ଥିଲା । ପ୍ରତିଦିନ ହାରାହାରି ହଜାରହଜାର ଦର୍ଶକ ଆସୁଥିଲେ ।

**ଅଧିବେଶନ ଓ ଭାଷଣ :-** ମାର୍ଚ୍ଚ ୨୫ ତାରିଖ ପୂର୍ବାହ୍ନରେ ଗାନ୍ଧୀସେବା ସଂଘ ଅଧିବେଶନ ଓ ପ୍ରଦର୍ଶନୀ ଉଦ୍‌ଘାଟନ କରି ଗାନ୍ଧିଜୀ ଓଡ଼ିଶାକୁ ତାଙ୍କର ପ୍ରିୟତମ ଭୂମି ବୋଲି ଅଭିହିତ କରି ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଭିକ୍ଷ ତାଙ୍କ ପ୍ରାଣକୁ ବିଶେଷ ଆଘାତ ଦେଇଛି ବୋଲି କହିଥିଲେ । 'ଆମେ ଉତ୍କଳର ସେବା କରିପାରିଲେ, ସମୁଦାୟ ମାନବଜାତିର ସେବା କରିପାରିବା' ବୋଲି ସେ ଆହ୍ୱାନ ଦେଇଥିଲେ । ଗାନ୍ଧିଜୀ କହିଲେ,- ''ସତ୍ୟ ଓ ଅହିଂସା ଭୀରୁ କାପୁରୁଷର ଅସ୍ତ୍ର ନୁହେଁ । ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅହିଂସା ଆଚରଣ କଲେ ସ୍ୱରାଜ୍ୟ ତ ଦୂରର କଥା ମନୁଷ୍ୟ ପଣିଆ ନଷ୍ଟ ହୋଇଯିବ । ଶତ୍ରୁ ଦୁର୍ବଳ ହେଲେ ତା' ଉପରେ ସବଳ ହେବା ଅହିଂସା ନୀତି ନୁହେଁ । ଆତ୍ମାର ଖାଦ୍ୟ-ସତ୍ୟ । ଅନବରତ ଆତ୍ମାକୁ ସତ୍ୟ ଖାଇବାକୁ ଦିଅ ।'' ସେ ପୁଣି କହିଲେ, ''ଅଫିମ, ଆଳସ୍ୟ ଓ କର୍ମଠତାର ଅଭାବ ଓଡ଼ିଶାର ଦାରିଦ୍ର୍ୟର କାରଣ । ଏହି ପ୍ରଦର୍ଶନୀ ମୋ ମନରେ ଆଶା ଜାଗ୍ରତ କରିଛି ଯେ ଓଡ଼ିଶା ଏସବୁ ଦୁର୍ଗୁଣରୁ ମୁକ୍ତ ହୋଇ ପୁଣି ସୁଖ ଓ ପ୍ରାଚୁର୍ଯ୍ୟର ଭୂମି ହୋଇପାରିବ ।'' ଗାନ୍ଧିଜୀଙ୍କ ଉଦ୍‌ଘାଟନ ପୂର୍ବରୁ ସର୍ଦ୍ଦାର ପଟେଲ ପ୍ରଦର୍ଶନୀ ପଡ଼ିଆରେ ପତାକା ଉତ୍ତୋଳନ କରିଥିଲେ । ସେ ଭାରତର ୩୫ କୋଟି ଜନତାଙ୍କୁ ୩୫ କୋଟି ଦେବତାଙ୍କ ସହ ତୁଳନା କରିଥିଲେ । ଜାତୀୟ ପତାକା ପୃଷ୍ଠଭୂମିରେ ଥିବା ଭାବନାକୁ ଶ୍ରୋତାମାନଙ୍କ ନିକଟରେ ସେ ଉପସ୍ଥାପନ କରିଥିଲେ । ଏ ଜାତୀୟତାର ନିଶାଣକୁ ରକ୍ଷା କରିବାକୁ ଯାଇ ପ୍ରାଣପାତ କରିବା ଶ୍ରେୟ ବୋଲି ସେ କହିଥିଲେ ।

୨୬ ତାରିଖ ମଧ୍ୟାହ୍ନରେ ଗୋଟିଏ ମହିଳା ସଭା ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତର ମହିଳାମାନେ ଏଥିରେ ଉପସ୍ଥିତ ଥିଲେ । ଓଡ଼ିଶା ବିଧାନସଭା ମହିଳା ସଭ୍ୟା ଶ୍ରୀମତୀ ଜାହ୍ନବୀ ଦେବୀ ସଭା ପରିଚାଳନା କରିଥିଲେ । ଏ ସଭାରେ ବାଲ୍ୟ ବିବାହ ନିରୋଧ ବିଲକୁ ସମର୍ଥନ କରି ପ୍ରସ୍ତାବ ଗୃହୀତ ହୋଇଥିଲା । ମହିଳାମାନେ ଦେଶର ବୈଧାନିକ ପରିସ୍ଥିତି ସମ୍ବନ୍ଧରେ ଅବଗତ ହେଲେ । ସନ୍ଧ୍ୟା ୬ଟା ବେଳେ ପ୍ରଦର୍ଶନୀ ପଡ଼ିଆରେ ଅନ୍ୟ ଏକ ସାଧାରଣ ସଭାରେ ଆଚାର୍ଯ୍ୟ କୃପାଳିନୀ କଂଗ୍ରେସ ମନ୍ତ୍ରୀମଣ୍ଡଳ ଶାସନଭାର ଗ୍ରହଣ ବିଷୟରେ ଭାଷଣ ଦେଇଥିଲେ ।

୨୭ ତାରିଖ ଦିନ ଉତ୍କଳ ହିନ୍ଦୀ ପ୍ରଚାର ସଭାର ଷଷ୍ଠ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାତ୍ମାଗାନ୍ଧୀ ସଭାପତିତ୍ୱ କରିଥିଲେ । ଏହି ଉପଲକ୍ଷେ ହିନ୍ଦୁସ୍ଥାନୀ ଶିକ୍ଷା ପୁସ୍ତକର ପ୍ରକାଶକ ଓ ଲେଖକମାନେ ହିନ୍ଦୀବହିର ଦାମ ଏକମାସ ପାଇଁ ବିଶେଷ ଭାବରେ ହ୍ରାସ କରାଇଥିଲେ । ୨୯ ତାରିଖରେ ଓଡ଼ିଶାର କଂଗ୍ରେସକର୍ମୀମାନେ ଗାନ୍ଧିଜୀଙ୍କ ସହିତ ସାକ୍ଷାତ କରିଥିଲେ । ମହାତ୍ମାଜୀ ସେମାନଙ୍କୁ ଦେଶର ସାମ୍ପ୍ରତିକ ପରିସ୍ଥିତି ସମ୍ବନ୍ଧରେ ଅବଗତ କରାଇଥିଲେ । ଓଡ଼ିଶାରେ ସ୍ୱତନ୍ତ୍ର କୃଷକ ଅନୁଷ୍ଠାନର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ । କୃଷକମାନଙ୍କ ନିମନ୍ତେ ପୃଥକ ଅନୁଷ୍ଠାନ ଗଢ଼ିବା ଦ୍ୱାରା କଂଗ୍ରେସ ପ୍ରତି ବିଦ୍ରୋହ କରାଯାଉଛି ବୋଲି ଗାନ୍ଧିଜୀ ଦର୍ଶାଇ ଥିଲେ । କୃଷକମାନେ ଦେଶର ମେରୁଦଣ୍ଡ । ସୁତରାଂ ସେମାନଙ୍କର ସ୍ୱାର୍ଥରକ୍ଷା କରିବା କଂଗ୍ରେସର ମୁଖ୍ୟ କର୍ତ୍ତବ୍ୟ ବୋଲି ଗାନ୍ଧିଜୀ କହିଥିଲେ ।

ଗାନ୍ଧିସେବା ସଂଘର ଶେଷ ବୈଠକ ୩୦ ତାରିଖ ଅପରାହ୍ନରେ ବସିଥିଲା । ମହାତ୍ମାଗାନ୍ଧୀ ଏଥିରେ ଏକ ଘଣ୍ଟା କାଳ ବକ୍ତୃତା ଦେଇଥିଲେ । ହରିଜନ ସେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ହରିଜନମାନଙ୍କ ପାଇଁ ଜଗନ୍ନାଥ ମନ୍ଦିର ଖୋଲା ନଥିବା ବେଳେ ତାଙ୍କର ଜନୈକା ପ୍ରିୟଜନ (ମୀରାବେନ୍) ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିବା କଥା ଶୁଣାଇ ଦୁଃଖ ପ୍ରକାଶ କରିଥିଲେ । ଏହାପରେ ଆଚାର୍ଯ୍ୟ କୃପାଳିନୀ ଗାନ୍ଧିଜୀଙ୍କ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ । ସେ କହିଲେ,- ''ଗାନ୍ଧିଜୀଙ୍କ ମାର୍ଗରେ ଚାଲିଲେ ବ୍ୟକ୍ତିଗତ, ସାମାଜିକ ଓ ନୈତିକତାର ମିଳନ ଆସିବ । ଏହାଦ୍ୱାରା ଜାତୀୟ, ଆନ୍ତର୍ଜାତୀୟ, ଭୌତିକ ଏବଂ ଆଧ୍ୟାତ୍ମିକ ସାମ୍ୟଭାବ ମଧ୍ୟ ପ୍ରତିଷ୍ଠିତ ହେବ । ମାନବ ସମାଜରେ ଗୋଟିଏ ଶ୍ରେଣୀକୁ ଧ୍ୱଂସକରି ଅନ୍ୟ ଗୋଟିଏ ଶ୍ରେଣୀର ଉତ୍‌ଥାନ କରିବା ଦ୍ୱାରା ଯେଉଁ ସମସ୍ୟାର ସମାଧାନ ହୁଏ, ତାହା ଗାନ୍ଧିଜୀଙ୍କ ପନ୍ଥା ନୁହେଁ । ଏହା ହେଉଛି ରୁଷିଆର ପନ୍ଥା । ସେ ଆହୁରି କହିଲେ ଯେ ତଥାକଥିତ ବିଭିନ୍ନ ବିରୋଧୀ ଶକ୍ତି ଭିତରେ ଏକତା ବା ମିଳନ ପ୍ରତିଷ୍ଠା କରିବା ପାଇଁ ଗାନ୍ଧିଜୀ ଯେଉଁ ବାଟ କଢ଼ାଇଛନ୍ତି, ତାହା ହେଉଛି 'ସତ୍ୟ ଓ ଅହିଂସା'ର ବାଟ । ବୈଠକରେ ଖଲ୍ଲିକୋଟର ରାଜାବାହାଦୁର ଓ ସୁରଙ୍ଗୀର ରାଜାସାହେବ ଉପସ୍ଥିତ ଥିଲେ । ସେ ଦୁହେଁ ମହାତ୍ମାଜୀଙ୍କୁ ଗଞ୍ଜାମ ଜମିଦାରଙ୍କ ବିରୁଦ୍ଧରେ ଓଡ଼ିଶା ସରକାର କରିଥିବା ବ୍ୟବସ୍ଥାମାନ ଅବଗତ କରାଇଥିଲେ । ଅପରାହ୍ନ ୫ଟା ବେଳେ ପୁରୀର ରାୟବାହାଦୁର ଲୋକନାଥ ମିଶ୍ର, ରାୟସାହେବ ଗିରିଶ ଚନ୍ଦ୍ର ବୋଷ ଏବଂ ଏମାର ମଠର ମହନ୍ତ ଗାନ୍ଧିଜୀଙ୍କୁ ଭେଟିଥିଲେ । ଓଡ଼ିଶାର କଂଗ୍ରେସ କର୍ମୀମାନେ ଅଣକଂଗ୍ରେସ ଲୋକଙ୍କ ପ୍ରତି ହିଂସା ଆଚରଣ କରୁଛନ୍ତି ବୋଲି ସେମାନେ ମହାତ୍ମାଙ୍କ ପାଖରେ ଆପତ୍ତି ଜଣାଇଥିଲେ । ଏହି ସମୟରେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଉପସ୍ଥିତ ଥିଲେ ।

**ବିଶେଷ ବ୍ୟକ୍ତିଙ୍କ ସାକ୍ଷାତ-** ଡେଲାଙ୍ଗରେ ସାତଦିନ ରହଣି ମଧ୍ୟରେ ଗାନ୍ଧିଜୀ ଓ ତାଙ୍କର ସହକର୍ମୀମାନଙ୍କ ସହିତ ଓଡ଼ିଶାର ଅନେକ ବ୍ୟକ୍ତି ସାକ୍ଷାତ-ଆଲୋଚନା କରିଥିଲେ । ଏହି ସମୟ ମଧ୍ୟରେ ସମ୍ମିଳନୀ ମଣ୍ଡପ ବାହାରେ ବିଭିନ୍ନ ସ୍ଥାନରେ ସାଧାରଣ ସଭାରେ ସର୍ଦ୍ଦାର ପଟେଲ ପ୍ରମୁଖ ବକ୍ତୃତା ଦେଇଥିଲେ । ମାର୍ଚ୍ଚ ୨୭ ତାରିଖ ଦିନ କଟକ ମ୍ୟୁନିସିପାଲଟିର ସଭାପତି ଶ୍ରୀ ସତ୍ୟନାରାୟଣ ସେନଗୁପ୍ତ ଗାନ୍ଧିଜୀଙ୍କୁ ସାକ୍ଷାତ କରି କଟକ ସହରର ଜଳନିଷ୍କାସନ ଓ ଜଳଯୋଗାଣ ସମସ୍ୟା ଉପରେ ଆଲୋକପାତ କରିଥିଲେ । ୩୧ ତାରିଖ ଦିନ ୧୧ଟା ବେଳେ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଗାନ୍ଧିଜୀଙ୍କୁ ସାକ୍ଷାତ କରି ଭୂ-ସଂସ୍କାର ବିଷୟରେ ଆଲୋଚନା କରିଥିଲେ । ମହାରାଜା ନିଖିଳ ଭାରତ ଗ୍ରାମୋଦ୍ୟୋଗ ସଂଘକୁ ଟ ୧୧୧୭/- ଦାନ କରିଥିଲେ । ଏହି ଦିନ ଶ୍ରୀଯୁକ୍ତ କିଶୋରୀଲାଲ ମଶ୍ରୁୱାଲାଙ୍କ ସଭାପତିତ୍ୱରେ ଉତ୍କଳରେ ଥିବା ଗାନ୍ଧୀ ସେବା ସଂଘର ସେବକ-ସହଯୋଗୀ ସହାୟକ ଓ କର୍ମୀମାନଙ୍କର ଏକ ବୈଠକ ହୋଇ ଉତ୍କଳରେ ଗୋଟିଏ ଶାଖା ସଂଘ ଗଢ଼ିବା ପାଇଁ ସ୍ଥିର ହୋଇଥିଲା । ପାଞ୍ଚଜଣ ସଦସ୍ୟଙ୍କୁ ନେଇ ଗଠିତ କାର୍ଯ୍ୟକାରୀ କମିଟି କଂଗ୍ରେସର କାର୍ଯ୍ୟ, କୃଷକ ଅବସ୍ଥାର ଉନ୍ନତି, ନିଶା ନିବାରଣ ଓ ୱାର୍ଦ୍ଧାଶିକ୍ଷା ଅନୁଯାୟୀ ଜାତୀୟ ଶିକ୍ଷା ପ୍ରଚଳନ ପାଇଁ ସ୍ଥିର କରିଥିଲେ । ଏପ୍ରିଲ ପହିଲାଦିନ ଗାନ୍ଧିଜୀ କଲିକତା ଅଭିମୁଖେ ଯାତ୍ରା କରିଥିଲେ ।

ଇତିହାସ ବିଭାଗ, ଗାନ୍ଧିସ୍ମୃତି କଲେଜ, ଡେଲାଙ୍ଗ, ପୁରୀ
ଡେଲାଙ୍ଗ-୭୫୨୦୧୪

# ଶିବ-ଶକ୍ତି ଆରାଧନା

● ଡକ୍ଟର ବିଦ୍ୟୁତ୍‌ଲତା ଦାସ

ହିନ୍ଦୁ ଧର୍ମର ବିଭିନ୍ନ ଶାଖା ମଧ୍ୟରେ ଶୈବ,ଶାକ୍ତ, ବୈଷ୍ଣବ ଓ ତନ୍ତ୍ରପୂଜାର ବୈଶିଷ୍ଟ୍ୟ ରହିଛି । ସର୍ବୋପରି ଶିବ ଓ ଶକ୍ତିପୂଜାର ମାହାତ୍ମ୍ୟ ସବୁଠାରୁ ପୁରାତନ । ଏ ପରିପ୍ରେକ୍ଷୀରେ ନବମ ଶତାବ୍ଦୀରେ ଖନନ ହୋଇଥିବା ମହେଞ୍ଜୋଦାରୋ ଓ ହରପ୍ପା ଏକ ଜ୍ୱଳନ୍ତ ଉଦାହରଣ । ସେଠାରୁ କୌଣସି ଦେବ ଓ ଦେବୀଙ୍କ ମୂର୍ତ୍ତି ମିଳିନାହିଁ । ଯେଉଁ ମୂର୍ତ୍ତିଟି ମିଳିଛି, ତାହା ଶିବଲିଙ୍ଗ ସହିତ ସାମଞ୍ଜସ୍ୟ ରହିଛି । ସିନ୍ଧୁ ଉପତ୍ୟକାରୁ ମିଳିଥିବା ଟେରାକୋଟା ମୂର୍ତ୍ତିଟିର ଦେବୀ ଶାକମ୍ଭରୀଙ୍କ ସହ ସାମଞ୍ଜସ୍ୟ ରହିଛି ବୋଲି ବହୁ ବିଦ୍ୱାନ ମତ ଦିଅନ୍ତି ।

ପରମ ଆରାଧିତ ଦେବଦେବୀଙ୍କ ମଧ୍ୟରେ ଶିବ ଓ ଶକ୍ତି ହେଉଛନ୍ତି ବହୁ ପୁରାତନ । ଏହା କୌଣସି ପ୍ରମାଣ ଦରକାର କରେ ନାହିଁ । ଋଗ୍‌ବେଦ ମନ୍ତ୍ରରେ ମଧ୍ୟ ଏହାର ଦୃଷ୍ଟାନ୍ତ ରହିଛି । ମହାଭାରତ, ରାମାୟଣ ଓ ପୁରାଣ ପ୍ରଭୃତିରେ ଶିବ ଓ ଶକ୍ତି ଯେ ଏକ ଓ ଅଭିନ୍ନ, ତା'ର ଧାରଣା ରହିଛି । ଏଥିରେ ଶିବଙ୍କୁ ଅର୍ଦ୍ଧ ନାରୀଶ୍ୱର ଭାବେ ବର୍ଣ୍ଣନା କରାଯାଇଛି । କିନ୍ତୁ କାର୍ଯ୍ୟରେ ଉଭୟ ଓଲଟା, ଶିବ ସ୍ଥିର କିନ୍ତୁ ଶକ୍ତି ସୃଷ୍ଟି ତଥା ସଂରକ୍ଷଣର ଏକ ମହାନ୍ ବଳ ଭାବେ କାର୍ଯ୍ୟ କରନ୍ତି । ଯେଉଁଥିପାଇଁ ଆଜି ବିଶ୍ୱର ସ୍ଥିତି ଉପଲବ୍ଧ । ପ୍ରଳୟଙ୍କରୀ ବଳର ଏ ବିଶ୍ୱକୁ ରକ୍ଷା କରନ୍ତି ଶକ୍ତି । ମାର୍କଣ୍ଡେୟ ପୁରାଣରେ ଶକ୍ତିଙ୍କର ନଅଟି ରୂପର ଅବତାରଣା କରାଯାଇଛି । ଶକ୍ତି ସଙ୍ଗମ ତନ୍ତ୍ରରେ ମାତୃଦେବୀଙ୍କୁ ଦଶମହାବିଦ୍ୟାଭାବେ ବର୍ଣ୍ଣନା କରାଯାଇଛି । ସେଗୁଡ଼ିକ ହେଲେ-ତାରା, ଷୋଡ଼ଶୀ, ତ୍ରିପୁରା, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା(ବଗଲା-ମୁଖୀ), ମାତଙ୍ଗୀ ଓ କମଳାତ୍ମିକା (କମଳା) । ଦେବୀ ଭାଗବତ ଶକ୍ତିଙ୍କର ଏକ ସହସ୍ର ରୂପର ଉଲ୍ଲେଖ କରିଛି । ପ୍ରତ୍ୟେକ ରୂପର ବିଶେଷତ୍ୱ ରହିଛି । ପୁନଶ୍ଚ, ମାର୍କଣ୍ଡେୟ ପୁରାଣରେ ପ୍ରତ୍ୟେକ ଈଶ୍ୱରଙ୍କର ଏକ ଶକ୍ତିର ନାମ ବ୍ୟକ୍ତ କରାଯାଇଛି ଯଥା-ବ୍ରହ୍ମାଣୀ, ବୈଷ୍ଣବୀ, ମାହେଶ୍ୱରୀ, ଇନ୍ଦ୍ରାଣୀ, କୌବେରୀ ଇତ୍ୟାଦି, ଯଦିଓ ଏମାନେ ଏକ ମହାନ୍ ଉତ୍ସରୁ ସମ୍ଭୂତା, ତଥାପି କାର୍ଯ୍ୟରେ ପ୍ରତ୍ୟେକ ଅନ୍ୟଠାରୁ ଭିନ୍ନ ।

ପୁରାଣଗୁଡ଼ିକ ଶକ୍ତିର ଗୌରବ ବର୍ଣ୍ଣନା କରି ତାଙ୍କୁ ସୃଷ୍ଟିକାରିଣୀ, ରକ୍ଷାକାରିଣୀ ତଥା ଧ୍ୱଂସକାରିଣୀ ରୂପେ ପ୍ରତିପାଦନ କରିଛନ୍ତି । ବିଶ୍ୱର ରକ୍ଷା ସମୟରେ ଦେବୀ ବହୁ ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି । ଦୁଷ୍ଟବିନାଶ କରି ସନ୍ଥ ପାଳନ କରନ୍ତି । ମଧୁ, କୈଟଭ, ମହିଷ, ଶୁମ୍ଭ ଓ ନିଶୁମ୍ଭ ପ୍ରଭୃତି ପାଞ୍ଚୋଟି ମୁଖ୍ୟ ଅସୁରଙ୍କ ବଳକୁ ବିନାଶ କରି ଦେବୀ ତାଙ୍କର ମହାନ ଶକ୍ତିର ପରାକାଷ୍ଠା ଦେଖାଇଛନ୍ତି । ପାପକ୍ଷୟ କରି ପୁଣ୍ୟର ପ୍ରତିଷ୍ଠା କରାଇଛନ୍ତି । ଉପରୋକ୍ତ ପାଞ୍ଚ ଅସୁର ମାନବର ପଞ୍ଚ ଇନ୍ଦ୍ରିୟର ଚିହ୍ନ ସ୍ୱରୂପ । ମାନବ ଏହି ପଞ୍ଚ ଇନ୍ଦ୍ରିୟମାନଙ୍କୁ ନିଜ ଅକ୍ତିଆରରେ ରଖିପାରିଲେ, ସୁଖ ଶାନ୍ତିରେ ରହିପାରିବ ।

ତନ୍ତ୍ରାନୁସାରେ ଶକ୍ତି ଓ ଶିବ ଅଭିନ୍ନ । ଏମାନେ ହେଉଛନ୍ତି ବ୍ରହ୍ମଙ୍କର ଦୁଇଟି ଆକାର ସଦୃଶ । ପୁରୁଷ ଓ ପ୍ରକୃତି । ଦୈବୀଶକ୍ତିର ଚଳନଶୀଳ ପ୍ରକୃତି ହେଉଛନ୍ତି ଶକ୍ତି ସତ୍ତ୍ୱ, ରଜଃ ଓ ତମଃ ଗୁଣଧାରୀ ବ୍ରହ୍ମଙ୍କ ବାହ୍ୟ ପରିପ୍ରକାଶ ହେଉଛନ୍ତି ମହାଶକ୍ତି । ମହାଶକ୍ତି ହେଉଛନ୍ତି ସମସ୍ତ ସୃଷ୍ଟିର ଉତ୍ସ । ଅପରପକ୍ଷରେ ଶିବ ହେଉଛନ୍ତି ସମସ୍ତ ଧ୍ୱଂସକାରିଣୀ ଦେବୀଙ୍କ ଲେଲିହାନ୍ ଶିଖା । ସୃଷ୍ଟି, ସ୍ଥିତି ଓ ପ୍ରଳୟ ଏ ବିଶ୍ୱର ରହସ୍ୟ । ସୃଷ୍ଟି ଥିଲେ ପ୍ରଳୟ ଅଛି । ପ୍ରଳୟ ପରେ ପୁଣି ସୃଷ୍ଟିର ସମ୍ଭାବନା ସୃଷ୍ଟି । ଶକ୍ତି ସୃଷ୍ଟିର ନିଦର୍ଶନ ହେଲେ ଶିବ ପ୍ରଳୟର ପ୍ରତୀକ । ଉଭୟେ ଅବିଚ୍ଛେଦ୍ୟ ଭାବେ ଜଡ଼ିତ । ଗୋଟିକ ବିନା ଅନ୍ୟର ସ୍ଥିତି ଉପଲବ୍ଧ ନୁହେଁ । ଏଣୁ ଦୈବୀଶକ୍ତିର ଗୋଟିଏ ଅଂଶ ମଧ୍ୟ ପ୍ରଳୟ ବା ଧ୍ୱଂସ । ତାଙ୍କେରେ ଅଗ୍ନି ସଂଯୋଗରେ ହିଁ ବିରାଟ ଅଗ୍ନିଶକ୍ତିର ଆର୍ବିଭାବ ହୁଏ । ତାହେ ଧ୍ୱଂସ ପାଇଯାଏ କିନ୍ତୁ ଉଦ୍‌ଭବ ହୁଏ ଏକ ମହାନ୍ ଶକ୍ତି ଯାହାକି ସୃଷ୍ଟି ସ୍ଥିତିକୁ ବଜାୟ ରଖିବାରେ ବ୍ୟବହୃତ ହୋଇଥାଏ । ଏଣୁ ସୃଷ୍ଟି, ସ୍ଥିତି ପ୍ରଳୟ ଭିତରେ ଏ ବିଶ୍ୱ ଆତଯାତ ।

ଶାକ୍ତ ତନ୍ତ୍ରରେ ପରାଶକ୍ତିକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି । ଶିବ ଓ ଶକ୍ତିର ସମନ୍ୱୟ ହେଉଛି 'ପରା' । ସମସ୍ତ ତତ୍ତ୍ୱର ଉତ୍ସ ହେଉଛନ୍ତି ସେ । ପୁଣି ସମସ୍ତ ତତ୍ତ୍ୱ ସଂଘଟିତ ହୋଇଛି ଶକ୍ତିଙ୍କ ଠାରେ । ଶକ୍ତିଙ୍କର ଦୁଇ ଅବସ୍ଥା ବିଦ୍ୟମାନ । ଗୋଟିକରେ ସେ ଶିବଙ୍କ ସହ ସମନ୍ୱିତ ଓ ଅନ୍ୟଟିରେ ସର୍ବତତ୍ତ୍ୱ ସମନ୍ୱୟର ପ୍ରତୀକ ସେ । ଶକ୍ତି ହେଉଛନ୍ତି ଶିବଙ୍କ ସଚେତନ ମନର ପ୍ରତିଫଳନ ଯାହାଙ୍କ ସାହାଯ୍ୟରେ ଶିବ ଏ ବିଶ୍ୱ ମଣ୍ଡଳର ସୃଷ୍ଟିରେ ସକ୍ଷମ ହୋଇଛନ୍ତି ।

ଶିବଙ୍କର ପରାପ୍ରକୃତି ହେଉଛନ୍ତି ଶକ୍ତି । ସେ ହେଉଛନ୍ତି ଜ୍ଞାନର ଉତ୍ସ । ସେ ସମସ୍ତ ରୂପ ବା ଆକାରର ଅଧିକାରିଣୀ । ପୁଣି ସେ କୌଣସି ଆକାର ନାହିଁ । ବ୍ରହ୍ମଙ୍କର ନିର୍ଦ୍ଦେଶରେ ଶକ୍ତି, ସୃଷ୍ଟି, ସ୍ଥିତି, ପ୍ରଳୟ ଘଟାଇଥାଆନ୍ତି ଅନ୍ୟ ପକ୍ଷରେ ଶିବ ଶକ୍ତିଙ୍କ ମାଧ୍ୟମରେ ସୃଷ୍ଟି ସ୍ଥିତି ପ୍ରଳୟ କାର୍ଯ୍ୟ ସମ୍ପାଦନ କରନ୍ତି । ମାୟା ମାଧ୍ୟମରେ ଶକ୍ତି ବିଭିନ୍ନ ଆକାର ଧାରଣ କରନ୍ତି ଯଦିଓ ସେ ନିଜେ ଆକାର ବିହୀନ । ଅଦ୍ୱୈତ ସୃଷ୍ଟିର ସାଂଖ୍ୟ ମତବାଦ ସହିତ ଶକ୍ତିବାଦର ପୂର୍ଣ୍ଣ ସଂଯୋଗ ରହିଛି । ବ୍ରହ୍ମନ୍ ନିଜେ ପରମେଶ୍ୱର । ସେ ମଧ୍ୟ ପରମେଶ୍ୱରୀ । ଉପନିଷଦାନୁଯାୟୀ ଶିବ ଓ ଜୀବ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ମାୟା ହେଉଛି ଜୀବ । କିନ୍ତୁ ତାହା ଶିବରେ ପରିଣତ ହୁଏ ଯେତେବେଳେ 'ଶିବୋହମ୍' (ମୁଁ ଶିବ ଅଟେ) ଚିନ୍ତାଧାରା ଜନ୍ମେ । ଶାକ୍ତ ମତବାଦ ଅନୁସାରେ ଶକ୍ତି ଓ ଶିବ ଅଟେ) ଚିନ୍ତାଧାରା ଜନ୍ମେ । ଶାକ୍ତ ମତବାଦ ଅନୁସାରେ ଶକ୍ତି ଓ ପୁରୁଷଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି ଯାହାକି ଏ ସୃଷ୍ଟିର ପ୍ରମାଣ । ବେଦାନ୍ତ ମତ ପରି ସମମତ ପୋଷଣ କରି ତନ୍ତ୍ରଗୁଡ଼ିକ ମଧ୍ୟ ଶିବଙ୍କୁ ଦ୍ୱୈତ ବର୍ଣ୍ଣିତ ଯଥା- ସଗୁଣ ଓ ନିର୍ଗୁଣର ସମାହାର ରୂପରେ ବର୍ଣ୍ଣନା କରିଛନ୍ତି । ଆହୁରି ମଧ୍ୟ କୁହାଯାଇଛି ଯେ ସଗୁଣ ଶିବ ସତ୍, ଚିତ୍ ଓ ଆନନ୍ଦର ସମନ୍ୱୟ, ଯେଉଁଠୁ ଶକ୍ତି ଉଦ୍‌ଭବ, ଅତଏବ ଶିବ ଓ ଶକ୍ତି ଏକ ଏବଂ ଅଭିନ୍ନ ।

"ଦିବ୍ୟଜ୍ୟୋତି", ନୟାପଲ୍ଲୀ, ଭୁବନେଶ୍ୱର

# ଓଡ଼ିଶାରେ ଦେବୀ ଉପାସନାର ପରମ୍ପରା

● ଡକ୍ଟର ସନ୍ତୋଷ ତ୍ରିପାଠୀ

ମଠମନ୍ଦିରମାଳିନୀ ଦେବଦେବୀଭୂମି ଉତ୍କଳର ସାଂସ୍କୃତିକ ପରମ୍ପରା ଓ ଲୋକଜୀବନଧାରା ହେଉଛି ମୁଖ୍ୟତଃ ଧର୍ମକୈନ୍ଦ୍ରିକ । କାଳକ୍ରମେ ଏହି ଧର୍ମପ୍ରବାହ ଏ ମାଟିର ଐତିହ୍ୟ ଓ ପ୍ରାଣଧାରାକୁ ବିଶ୍ୱମୁଖୀ କରାଇଛି । ଏହି ଆଧ୍ୟାତ୍ମିକ ଭାବମାନସର ଏକ ଗୁରୁ ଗମ୍ଭୀର ଏବଂ ସମୂହଚେତନା ବୋଧକ ସୂଚକ ହେଉଛି ଶାକ୍ତଧର୍ମ ଏବଂ ତଦ୍‌ସମ୍ପର୍କିତ ଦେବଦେବୀ ଓ ପର୍ବପର୍ବାଣୀ । ଶାକ୍ତ ଧର୍ମର ଆରାଧ୍ୟା ଦେବୀମାନଙ୍କ ମଧ୍ୟରେ ଚୌଷଠୀ ଯୋଗିନୀ, ସପ୍ତମାତୃକା, ଗ୍ରାମଦେବତୀ, ସମଲାଇ, ମଙ୍ଗଳା, ଶାରଳା, ମହିଷମର୍ଦ୍ଦିନୀ, ଭୁବନେଶ୍ୱରୀ ଓ ତାରା ଇତ୍ୟାଦିଙ୍କ ମଧ୍ୟରେ ସଙ୍କଟ ତାରିଣୀ 'ଦୁର୍ଗା' ଓ ତାଙ୍କର ସ୍ମୃତିଜଡ଼ିତ ପର୍ବ 'ଦଶହରା' ଓଡ଼ିଶାର ଲୋକାଚାର, ଲୋକଧର୍ମ, ସଂସ୍କୃତି ଓ ସାହିତ୍ୟକୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରଭାବିତ ଓ ସମୃଦ୍ଧିମଣ୍ଡିତ କରିଆସିଛି ।

ଦେବୀଦୁର୍ଗା ଶାସ୍ତ୍ରୀୟ ମାନ୍ୟତା ପାଇବାର ଯଥେଷ୍ଟ ପୂର୍ବରୁ ଓଡ଼ିଶାର ଲୋକଧର୍ମ ଓ ଲୋକଦେବତା ଉପାସନାଧାରାରେ ଆଧ୍ୟାତ୍ମିକ ବିଶ୍ୱାସ ଓ ନିଷ୍ଠାର ପ୍ରତ୍ୟୟ ଭିତ୍ତିରେ ଅଙ୍ଗୀଭୂତ ହୋଇଯାଇଥିବାର ଲକ୍ଷ୍ୟ କରାଯାଏ । ଓଡ଼ିଶାର କୃଷିପ୍ରଧାନ ପଲ୍ଲୀସମାଜର ଲୋକସାଧାରଣରେ ପାଳିତ ହେଉଥିବା ବଡ଼ଓଷା, ସୋମନାଥବ୍ରତ, ଶୀତଳ ଷଷ୍ଠୀ, ଶିବରାତ୍ରି ଇତ୍ୟାଦି ଶୈବଧର୍ମମୂଳକ ;ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଦୋଳ, ଅନନ୍ତବ୍ରତ ଇତ୍ୟାଦି ବୈଷ୍ଣବ ଧର୍ମଭିତ୍ତିକ ; ଶାମ୍ବଦଶମୀ, ରବିନାରାୟଣବ୍ରତ ଓ ମାଘ ସପ୍ତମୀ ଇତ୍ୟାଦି ସୌରଧର୍ମାନୁସାରୀ ଏବଂ ମଙ୍ଗଳବାର, ଷଷ୍ଠୀ ଓଷା, ସାବିତ୍ରୀ ବ୍ରତ, ମହାଲକ୍ଷ୍ମୀବ୍ରତ, ଖୁଦୁରୁକୁଣୀ ପ୍ରଭୃତି ଶାକ୍ତଧର୍ମ ସମ୍ବଳିତ ଧର୍ମୋତ୍ସବଗୁଡ଼ିକ ମଧ୍ୟରେ ଦେବୀଦୁର୍ଗାଙ୍କ ଉପାସନା ବ୍ରତ 'ଦଶହରା ପର୍ବ' ଲୋକ ଜୀବନର ନିବିଡ଼ ଆଧ୍ୟାତ୍ମିକ ଐକ୍ୟବୋଧର ସ୍ୱାକ୍ଷର ବହନ କରି ଆସିଛି ।

ଉତ୍କଳୀୟ ଲୋକ ବିଶ୍ୱାସରେ ଦୁର୍ଗାପୂଜାର ବିଶେଷ ତାତ୍ପର୍ଯ୍ୟ ପରିଲକ୍ଷିତ ହୋଇଥାଏ । ଉତ୍ତରଭାରତରେ ଦୁର୍ଗାଙ୍କୁ ନବରାତ୍ରିକ ପୂଜାବିଧିରେ ଉପାସନା କରାଯାଏ । ବଙ୍ଗଳାରେ ଦୁର୍ଗାଙ୍କ ପୂଜା ଅର୍ଚ୍ଚନା ପଞ୍ଚରାତ୍ରିକ ବିଧିମତେ ହୋଇଥାଏ । ଓଡ଼ିଶାରେ ଗ୍ରାମ ଦେବତୀ ଏବଂ ମୃଣ୍ମୟ ଦେବୀ ପ୍ରତିମାଙ୍କ ନିକଟରେ ମୂଳାଷ୍ଟମୀଠାରୁ ଦୁର୍ଗାଷ୍ଟମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଷୋଳପୂଜାର ବିଧାନ ଓଡ଼ିଶାର ଦୁର୍ଗା ଉପାସନାଧାରାରେ ପ୍ରଚଳିତ ହୋଇ ଆସୁଛି । ଏହି ଷୋଳଦିନ ବ୍ୟାପୀ ପୂଜାରେ ଦୁର୍ଗତିରୁ ରକ୍ଷା ପାଇବା ନିମନ୍ତେ ଦେବୀଦୁର୍ଗାଙ୍କୁ ସପ୍ତମାତୃକା, ଦଶମହାବିଦ୍ୟା, ମାହେଶ୍ୱରୀ, ବଗଳା ଓ ଚଣ୍ଡୀ ବେଶରେ ମଣ୍ଡିତ କରାଯାଇ ଭକ୍ତି ନୈବେଦ୍ୟ ସମର୍ପଣ କରାଯାଏ । ପାଇକ, ଭୂୟାଁ ଓ ଖଣ୍ଡାୟତ ପରମ୍ପରାରେ ଖଣ୍ଡାପୂଜା ଦୁର୍ଗାଙ୍କ ଉଦ୍ଦେଶ୍ୟରେ କରାଯାଇ ରାଷ୍ଟ୍ର ରକ୍ଷାର ଶକ୍ତି କାମନା କରାଯାଇଥାଏ । ଯୁବକମାନେ ନବବସ୍ତ୍ର ପିନ୍ଧି ଦୃଢ଼ ଦଣ୍ଡରେ ହାତରେ ବାନ୍ଧି ପୂଜା ହୋଇଥିବା ଖଣ୍ଡା ଧାରଣ କରି ଅସ୍ତ୍ରଶିକ୍ଷା ଆଖଡ଼ାରେ ଯୁଦ୍ଧକୌଶଳ ସର୍ବସାଧାରଣଙ୍କ ନିକଟରେ ପ୍ରଦର୍ଶନ କରିବେ । ଯୁଦ୍ଧକୌଶଳ ପ୍ରଦର୍ଶନ ପୂର୍ବରୁ ଦୁର୍ଗାଙ୍କୁ ସ୍ମରଣ କରି ପାଇକ ଆଖଡ଼ାର ମୁଖ୍ୟ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଘୋଷଣା କରିବେ 'ଆମର ଇଷ୍ଟଦେବୀଙ୍କ ଆଶୀର୍ବାଦରୁ ଏହି ପାଟଖଣ୍ଡା ସାହାଯ୍ୟରେ ମାତୃଭୂମିରୁ ଶତ୍ରୁମୁକ୍ତ କରିବୁ ।' ଆଧୁନିକ ସଭ୍ୟତାର ବିକାଶ ମଧ୍ୟରେ ଶାସନ ଓ ଯୁଦ୍ଧଧାରାର ପରିବର୍ତ୍ତନରେ ସଂପ୍ରତି ଏହି ଆଦର୍ଶଠାରୁ ପାଇକସଂସ୍କୃତି ଦୂରେଇ ଯାଇଥିଲେ ବି ପାରମ୍ପରିକ ମୂଲ୍ୟବୋଧର ସ୍ମୃତି ସ୍ମରଣ ଉଦ୍ଦେଶ୍ୟରେ ଏବେ ବି ଖଣ୍ଡାପୂଜା ଓ ଖଣ୍ଡାଖେଳ ଓଡ଼ିଶାର ପାଇକ ଅଧ୍ୟୁଷିତ ସ୍ଥାନରେ ଦଶହରା ଉପଲକ୍ଷେ ଅନୁଷ୍ଠିତ ହେଉଅଛି । କେବଳ ପାଇକ ଜୀବନଧାରାରେ ନୁହେଁ, ଓଡ଼ିଶାର ସାମଗ୍ରିକ ପ୍ରାଣପ୍ରବାହରେ ଶକ୍ତି ଓ ସୁରକ୍ଷାର ଆତ୍ମୀୟ ଭାବ ବିଶ୍ୱାସ ମଧ୍ୟରେ ସବୁଶ୍ରେଣୀଙ୍କ ମଧ୍ୟରେ 'ଦଶହରା' ବିଜୟପର୍ବ ଭାବରେ ପାଳିତ ହୋଇ ଆସୁଛି ।

ଓଡ଼ିଶାରେ ଶକ୍ତିବାଦକୁ ନେଇ ଦେବୀ ଉପାସନା ବହୁପ୍ରାଚୀନ କାଳରୁ ପ୍ରଚଳିତ । ବୈଦିକ ଯୁଗ ପରେ ଭାରତରେ ଶକ୍ତିତନ୍ତ୍ରର ଯେଉଁ ବିପୁଳ ବିକାଶ ସାଧିତ ହୋଇଥିଲା, ତାହା ମୁଖ୍ୟତଃ ଉତ୍ତର ଓଡ଼ିଶାରେ ବସତିସ୍ଥାପନ କରିଥିବା ଯାଯାବର କୁଶାଣମାନଙ୍କ ମାତୃପୂଜା ଓ ପ୍ରକୃତିପୂଜାର ବିକଶିତ ରୂପ ବ୍ୟତୀତ ଅନ୍ୟ କିଛି ନୁହେଁ । ଏତଦ୍‌ବ୍ୟତୀତ ଓଡ଼ିଶାର ଆଦିମ ଅଧିବାସୀ ଅଷ୍ଟ୍ରିକ୍ ସଂପ୍ରଦାୟରେ ମାତୃପ୍ରଧାନ ଦେବତାମାନଙ୍କ ଉପାସନାର ରୂପାନ୍ତରିତ ଧର୍ମରୂପ ଭାବରେ ଶକ୍ତିବାଦର ଉନ୍ମେଷ ଭାରତୀୟ ଧର୍ମଧାରଣାରେ ତାନ୍ତ୍ରିକ ଆଭିମୁଖ୍ୟର ପ୍ରବର୍ତ୍ତନ କରାଇଛି । ତାନ୍ତ୍ରିକ ବାଦର ପ୍ରସାର ହେତୁ ଉପନିଷଦଯୁଗ ସମୟରୁ ପୁରୁଷ ଦେବତା ଅପେକ୍ଷା ନାରୀଦେବତାଙ୍କ ପ୍ରାଧାନ୍ୟ ଆଧ୍ୟାତ୍ମିକଧାରଣାରେ ବଳବତ୍ତର ହୋଇଉଠିଛି ।

ପ୍ରଖ୍ୟାତ ପାଶ୍ଚାତ୍ୟ ଗବେଷକ ହ୍ୱିଟନେଙ୍କ ମତରେ ଆର୍ଯ୍ୟ ସଂସ୍କୃତି ଉପରେ ମାତୃପ୍ରଧାନ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ମାନଙ୍କ ସଂସ୍କୃତିର ପ୍ରଭାବ ପଡ଼ିବା ଫଳରେ ପୂର୍ବଭାରତଖଣ୍ଡରେ ଶକ୍ତି ଉପାସନା ସମ୍ଭବ ହୋଇଛି ।

ଓଡ଼ିଶା ହିଁ ପୂର୍ବଭାରତୀୟ ଭୂଖଣ୍ଡ ମଧ୍ୟରେ ଅନ୍ୟତମ, ଯେଉଁଠାରେ ମାତୃପୂଜାକୁ ଆଶ୍ରୟ କରି କାଳକ୍ରମେ ଗ୍ରାମଦେବତୀ ପୂଜାର ବିକାଶ ଘଟି ଶାକ୍ତ-ସାଧନାର ଅଖଣ୍ଡ ପ୍ରଭାବ ପରିଲକ୍ଷିତ ହୋଇଛି ।

ଦେବୀପୂଜା ତଥା ଶକ୍ତି-ଉପାସନା ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ଲୋକଧର୍ମ ଓ ଧାରଣାକୁ ପ୍ରଭାବିତ କରି ଶାସ୍ତ୍ରୀୟ ଗୌରବ ପ୍ରାପ୍ତ ହୋଇଛି । ବୈଦିକଯୁଗୀୟ ରାତ୍ରିପୂଜା, ରାକାପୂଜା, ଉଷା ଆରାଧନା କ୍ରମଶଃ ଉଡ୍ଡ ବା ଓଡ୍ଡିୟାନ ଭୂଖଣ୍ଡରେ ଚତୁର୍ଥରୁ ସପ୍ତମ ଶତାବ୍ଦୀ ଭିତରେ ବୌଦ୍ଧ ସହଜମାର୍ଗୀ ତନ୍ତ୍ରଯାନ ଦେଇ ଶକ୍ତି ପୂଜାରେ ରୂପାନ୍ତରିତ

ହୋଇଛି । ମହାଭାରତ ଗ୍ରନ୍ଥରେ ପୀଠ ନିର୍ଣ୍ଣୟ ପ୍ରସଙ୍ଗରେ ଓଡ଼ିଶାର ମୁଖ୍ୟ ଶାକ୍ତପୀଠ ବିରୋଜାର ଉଲ୍ଲେଖ ଓଡ଼ିଶାରେ ଶାକ୍ତ ଉପାସନାର ପ୍ରାଚୀନତାକୁ ପ୍ରମାଣ କରେ । ପଞ୍ଚମ-ଷଷ୍ଠ ଶତାବ୍ଦୀର ସୁଲ୍‌କୀ ବଂଶୀୟ ରାଜାମାନେ ଚୌଷଠୀ ଯୋଗିନୀ ମୂର୍ତ୍ତିକାରେ ଇଷ୍ଟ ପ୍ରତିଷ୍ଠା ଉପାସନା କରି ଶାକ୍ତବାଦର ପ୍ରାଧାନ୍ୟକୁ ଲୋକମୁଖୀ କରାଉଛନ୍ତି । ତିବ୍ବତୀୟ ଧର୍ମଗ୍ରନ୍ଥ 'ପାଗ୍-ସାମ୍-ଜୋନ୍-ଯାନ୍' ଏବଂ ଲାମା ତାରାନାଥଙ୍କ ଚୌରାଶି ସିଦ୍ଧାଚାର୍ଯ୍ୟଙ୍କ ବିବରଣୀମୂଳକ ଗ୍ରନ୍ଥ "Mystic tales of Lama Taranath"ରେ ଉଡ୍ଡ଼ିୟାନ ଶକ୍ତିପୀଠ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି । ଡକ୍ଟର ଦୀନେଶ ଚନ୍ଦ୍ର ସରକାର "The sakta pithas" ଆଲୋଚନାରେ ଉଡ୍ଡ଼ିୟାନ ବା ଓଡ଼ିଶାକୁ ଶାକ୍ତସଂସ୍କୃତିର ମହତ୍ତର ଉପାସନାପୀଠ ଭାବରେ ଗୁରୁତ୍ୱ ଦେଇଛନ୍ତି ।

ତନ୍ତ୍ରପୀଠ ଓଡ୍ଡ଼ିୟାନରେ ଶାକ୍ତ ସଂସ୍କୃତି ଓ ଧର୍ମାଚାର ମତେ ଚତୁର୍ଥ ଶତାବ୍ଦୀ ବେଳକୁ ଶକ୍ତି ପୂଜାର ପ୍ରଚଳନ ଆରମ୍ଭ ହୋଇଛି । ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଶକ୍ତିମୟୀ ଦୁର୍ଗାଙ୍କର ଦ୍ୱିଭୁଜା, ଚତୁର୍ଭୁଜା, ଅଷ୍ଟଭୁଜା ଓ ଦଶଭୁଜା ମୂର୍ତ୍ତି ସ୍ଥାପିତ ଓ ଅର୍ଚ୍ଚିତ ହୋଇ ଆସିଛି । କଟକଜିଲ୍ଲାର ଫୁଲନଖରାଠାରୁ ପୁରୀଜିଲ୍ଲାର କାକଟପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରାଚୀ ନଦୀର ଅବବାହିକାରେ ବିକଶିତ ପ୍ରାଚୀସଭ୍ୟତା ଶାକ୍ତବାଦର ପ୍ରଚାର କରି ଆସିଛି । ପ୍ରାଚୀ ନଦୀର ଉପକଣ୍ଠରେ କାକଟପୁରର ମଙ୍ଗଳା, ଚଉରାଶିର ବରାହୀ, ଗୋବିନ୍ଦପୁରର ମୋଟିଆ ଗ୍ରାମର ଚତୁର୍ଭୁଜା ଦୁର୍ଗା, ସୁନ୍ଦର ଗ୍ରାମ ନିକଟସ୍ଥ ବରାହୀ, ନିଳାଶୁଣୀ ଓ କଣ୍ଟାପଡ଼ାର ଭୈରବୀ, ଅଡ଼ସପୁରର ବୁଢ଼ୀଠାକୁରାଣୀ, କେନ୍ଦୁବିଲ୍ୱର ଅଷ୍ଟଭୁଜା ଚଣ୍ଡୀ ଓ ମାଧବର ଦୁର୍ଗାମୂର୍ତ୍ତି ଶକ୍ତିବାଦର ପ୍ରାଚୀନତାକୁ ବଳିଷ୍ଠ କରିଥାନ୍ତି । ସପ୍ତମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଏହି ଉପତ୍ୟକାରେ ଶକ୍ତିଧର୍ମର ପ୍ରାବଲ୍ୟ ଏକ ମାର୍ଜିତ ସଂସ୍କୃତିର ବିକାଶ ସାଧନ କରାଇଥିବାର ପ୍ରମାଣ ଶକ୍ତିମନ୍ଦିର ଓ ଶାକ୍ତ ଦେବୀଙ୍କ ପୀଠ ମହାତ୍ମ୍ୟ ଭିତ୍ତିରେ ଗ୍ରହଣଯୋଗ୍ୟ । ପ୍ରାଚୀ ଉପତ୍ୟକାର କାକଟପୁର ନିକଟସ୍ଥ ସୋମେଶ୍ୱରର ଦ୍ୱିଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା ଓଡ଼ିଶାର ସର୍ବପ୍ରାଚୀନ ଶାକ୍ତ ମୂର୍ତ୍ତି । (Journal of the Asiatic Society Vol-II-1960) ସ୍ଥଳତଃ ଦୀର୍ଘ ତେରଶହ ବର୍ଷଧରି ପ୍ରାଚୀ ଉପତ୍ୟକାର ଲୋକାଚାର, ଲୋକ ସଂସ୍କୃତି, ଆଧ୍ୟାତ୍ମିକ ଓ ପାରମ୍ପରିକ ଧାରଣା ଇତ୍ୟାଦିକୁ ଶାକ୍ତଧର୍ମ ଓ ଦେବୀ ଉପାସନା ବିଧି ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରି ଆସିଛି ।

ଧର୍ମଶାଳାରୁ ପ୍ରାପ୍ତ ଚତୁର୍ଭୁଜା ଚାମୁଣ୍ଡା, ଝଙ୍କଡ଼ର ସିଂହବାହିନୀ ଶାରଳା, ବାଣପୁରର ଭଗବତୀ, ଶ୍ରୀକ୍ଷେତ୍ରର ବିମଳା, ଘଟଗାଁର ତାରିଣୀ, ସମ୍ବଲପୁରର ସମଲାଇ, କଳାହାଣ୍ଡିର ମାଣିକେଶ୍ୱରୀ, ପାଟଣାଗଡ଼ର ପାଟଣେଶ୍ୱରୀ, ବାଙ୍କୀର ଚର୍ଚ୍ଚିକା, କୋଣାର୍କର ରାମଚଣ୍ଡୀ, ହୀରାପୁରର ଚୌଷଠୀଯୋଗିନୀ, ବିରଜାଙ୍କର କଟକଚଣ୍ଡୀ ଏବଂ କାକଟପୁର ମଙ୍ଗଳା ଇତ୍ୟାଦି ଦେବୀମାନଙ୍କର ଶତାବ୍ଦୀ ଶତାବ୍ଦୀ ଧରି ଜନଜୀବନରେ ଥିବା ଅପ୍ରତିହତ ପ୍ରଭାବ ଓଡ଼ିଶାରେ ଶକ୍ତି ଉପାସନାର ପ୍ରାଚୀନତ୍ୱକୁ ଏବଂ ବଳିଷ୍ଠତାକୁ ପ୍ରମାଣ କରିଥାନ୍ତି ।

କେଶରୀବଂଶର ରାଜତ୍ୱ କାଳରେ ଓଡ଼ିଶାରେ ଷଡ଼ଭୁଜା ଓ ଅଷ୍ଟଭୁଜା ଦୁର୍ଗାମୂର୍ତ୍ତି ଦେବମନ୍ଦିରର ପାର୍ଶ୍ୱଦେବତୀ ଓ ମୁଖଶାଳାଧିଷ୍ଠାତ୍ରୀ ଦେବୀ ଭାବରେ ପୂଜିତା ହେଉଥିଲେ । ଗଙ୍ଗବଂଶ ରାଜତ୍ୱ କାଳରୁ ଶୈବଧର୍ମର ବିକାଶ ଘଟି ଦେବୀଙ୍କୁ ସର୍ବକଲ୍ୟାଣମୟୀ ଶକ୍ତିରୂପରେ ଗ୍ରହଣ କରାଯାଇଛି । ଶ୍ରୀମନ୍ଦିରରେ ଲକ୍ଷ୍ମୀ, ବିମଳା ଓ ସୁଭଦ୍ରାଙ୍କର ସହାବସ୍ଥାନ ଶକ୍ତିବାଦକୁ ଭିତ୍ତିକରି ପ୍ରଚଳିତ ହୋଇଛି । ଭୁବନେଶ୍ୱରର ବୈତାଳ ମନ୍ଦିରରେ ଷଡ଼ଭୁଜା ଦୁର୍ଗା ମୁଖଶାଳା ଅଧିଷ୍ଠାତ୍ରୀ ଦେବୀ ଭାବରେ ଚର୍ଚ୍ଚିତା । ପୁନଶ୍ଚ ଦଶମ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ମୟୂରଭଞ୍ଜର ହରିହରପୁରର ଦୁର୍ଗା, ପରାହାଟ କଟକର ଉଗ୍ରତାରା, ଦେବୀ ଦୋଳର ଭୂତାମଚଣ୍ଡୀ, ଭୀମପୁରର ଚାମୁଣ୍ଡା ଇତ୍ୟାଦି ଅନେକ ଶକ୍ତିମୂର୍ତ୍ତି ଉପାସିତା ହୋଇ ଓଡ଼ିଶାରେ ଦେବୀଉପାସନାର ପରମ୍ପରାକୁ ପରିପୁଷ୍ଟ କରିଛନ୍ତି ।

ଚତୁର୍ଦ୍ଦଶ ଶତାବ୍ଦୀ ପରଠାରୁ ସାରଳାଦାସଙ୍କ ରଚିତ ଚଣ୍ଡୀପୁରାଣର ଲୋକାଦର କ୍ରମେ ଓଡ଼ିଶାର ଜନସଂସ୍କୃତିରେ ବୈଦିକ-ତାନ୍ତ୍ରିକ-ଶାସ୍ତ୍ରାର୍ଚ୍ଚନା ମତେ ଦେବୀପୂଜାର ବିଧି ପ୍ରଚଳିତ ହୋଇଥାଏ । ଆଶ୍ୱିନ ବା ଆଶ୍ୱିନମାସ ଶୁକ୍ଳପକ୍ଷ ଦଶମୀ ଦିନରେ ଦେବୀଦୁର୍ଗାଙ୍କ ଚଣ୍ଡ ଶକ୍ତିରେ ମହିଷାସୁରର ନିଧନ ପରେ- " ସମସ୍ତ ଶୁଭମଙ୍ଗଳ ହେଲା ଉତପତି/ତେଣୁ ଦୁଃଶହ ଦଶମୀ ନାମେ ଭାବେ ଖ୍ୟାତି- " ଏହି ଅନୁସାରେ ବିଶ୍ୱଶାନ୍ତିର ଅନୁକଳ୍ପ ପରମକଲ୍ୟାଣକର ମୁହୂର୍ତ୍ତ ଘୋଷିତ ହୋଇଛି । ଆଦିକବି ସାରଳାଦାସଙ୍କ ଚଣ୍ଡୀପୁରାଣ ଅନୁକ୍ରମେ ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ପାଦରୁ ଓଡ଼ିଶୀ ଲୋକଧର୍ମ ଓ ଲୋକାଚାର ପରମ୍ପରାରେ ଏହି ଦଶମୀ ତିଥିକୁ ଦଶହରା ଭାବରେ ପାଳନ କରାଯାଇ ଆସୁଛି । ସଂସ୍କୃତ ଦେବୀଭାଗବତ ଓ ବାଲ୍ମୀକୀ ରାମାୟଣାନୁସାରେ ଏହି ପବିତ୍ର ତିଥିରେ ରାମଚନ୍ଦ୍ର ଦେବୀଦୁର୍ଗାଙ୍କ କୃପା ଲାଭକରି ରାବଣ ବଧ ଉଦ୍ଦେଶ୍ୟରେ ଲଙ୍କାଯାତ୍ରା କରିଥିଲେ ଏବଂ ଏହି ବିଜୟ ତିଥିରେ ପୃଥିବୀକୁ ରାକ୍ଷସଶକ୍ତିର ଅପଶୃଙ୍ଖଳ ଓ ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ଦେବୀଙ୍କ ଦ୍ୱାରା ମହିଷାସୁର ନିହତ ହୋଇଥିଲା । କଇଳାସରେ ମୃତ୍ୟୁପରେ ଏହି ଶୁଭଙ୍କର ଦିବସରେ ଉମାମହେଶ୍ୱରଙ୍କ ପୁନର୍ମିଳନ ହୋଇ ଜଗତ କଲ୍ୟାଣ ସାଧିତ ହୋଇଥିଲା ବୋଲି ପୁରାଣ ପ୍ରସିଦ୍ଧି ରହିଛି । ଏହିପରି ପୌରାଣିକ ଉପାଖ୍ୟାନ ମଧ୍ୟରେ ଏକ ସାମୂହିକ ବିଶ୍ୱାସବୋଧ ଓ ଓଡ଼ିଶାର ପୁରାଣପ୍ରିୟ ପ୍ରାଣପ୍ରବାହରେ ଦେବୀଶକ୍ତିର ମହତ୍ତ୍ୱ ପ୍ରତିଷ୍ଠା ପାଇଆସିଛି । ସଂସ୍କୃତପୁରାଣକୁ ଅବଲମ୍ବନ କରି ଦେବୀ-ମହିମା ପ୍ରଖ୍ୟାପନ ଉଦ୍ଦେଶ୍ୟରେ ରଚିତ ସାରଳାଦାସଙ୍କ ଚଣ୍ଡୀପୁରାଣରେ ମହିଷାସୁରର ଜନ୍ମ, ତପସ୍ୟା, ବରଲାଭ, ଦିଗ୍‌ବିଜୟ, ଦେବଲୋକ ଓ ନରଲୋକରେ ନିଷ୍ଠୁର ଅତ୍ୟାଚାର, ଦୁର୍ଗାଙ୍କ ଆବିର୍ଭାବ, ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭ, ଧୂମ୍ରଲୋଚନ, କାଳବିମୋଚନ ଏବଂ ଅବଶେଷରେ ମହିଷାସୁରର ନିଧନ ଏହି ପୁରାଣରଚନାର ବିଷୟବିନ୍ୟାସ ରୂପରେ ବିବୃତ ହୋଇଛି । ମହିଷାସୁର ସହିତ ଆଦିଶକ୍ତି ଦେବୀଦୁର୍ଗାଙ୍କ ଯୁଦ୍ଧ ସମୟରେ ତାହାଙ୍କ ଠାରୁ ଜାତ ଯୋଗିନୀମାନେ ମହିଷଦ୍ୱାରା ପରାସ୍ତ ହୋଇ ଯେନତେନ ବିଧ୍ୱସ୍ତ ଓ ବିକଳାଙ୍ଗ ହୋଇ ପଡ଼ିଥିଲେ । ମହିଷର ମୃତ୍ୟୁପରେ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପଡ଼ିଥିବା ଯୋଗିନୀମାନେ ମଙ୍ଗଳାଙ୍କ ପରାମର୍ଶରେ ଦେବୀଦୁର୍ଗା ଗ୍ରାମ୍ୟଦେବତା ରୂପେ ପ୍ରତିଷ୍ଠିତ କରି ଦୁଃଖୀ ରଙ୍କୀମାନଙ୍କ ବିପଦ ଖଣ୍ଡନ ନିମନ୍ତେ ନିଯୋଜିତ କରିଛି ।

କ୍ରମଶଃ

ଦେବୀ ଉପାସନାର ପରମ୍ପରାରେ ଗ୍ରାମଦେବତୀ ପୂଜା ଏବଂ ଦଶହରା ପର୍ବ ପରିପ୍ରେକ୍ଷୀରେ ଚଣ୍ଡୀପାଠ କରି ଗ୍ରାମଦେବତୀଙ୍କ ପାଖରେ ଦଶମହାବିଦ୍ୟାରୀତିକ ପୂଜା ଅର୍ଚ୍ଚନା କରିବା ଏକ ଶାସ୍ତ୍ରୀୟ ବିଶ୍ୱାସ ଓ ବିଧି ଭାବରେ ପ୍ରଚଳିତ ହୋଇଆସିଛି । ପ୍ରାଚୀନ ଉତ୍କଳର ଶାସନବ୍ୟବସ୍ଥାରେ ଏହି ଦଶହରା ଦିନ ଗ୍ରାମଦେବତୀଙ୍କ ପାଖରେ ଦୁର୍ଗାସ୍ତବ ପାଠକରି ବୀରପାଇକମାନେ ଯୁଦ୍ଧ ଯାତ୍ରାରେ ବହିର୍ଗତ ହେଉଥିଲେ ।

ଅଷ୍ଟାଦଶ ଶତାବ୍ଦୀର ରଚନା କହ୍ନାଇ ଚମ୍ପତିରାୟଙ୍କ "ପାଇକ ଖେଦା" ଅନୁସାରେ ଗ୍ରାମଦେବତୀ ଓ ମଙ୍ଗଳାଙ୍କୁ ସ୍ମରଣ କରି - "ବିଜୟା ଦଶମୀ ଦିନରେ/ଗମିବେ ଯୁଦ୍ଧ ଆଖଡ଼ାରେ"- ଏଥିରୁ ପ୍ରମାଣିତ ହୁଏ ଦଶହରା ପର୍ବକୁ ସମର ବିଳାସୀ ଉତ୍କଳୀୟମାନେ ବିଜୟୋତ୍ସବ ଓ ସମର ସ୍ମୃତି-ଦିବସ ଭାବରେ ପରିଗଣନା କରୁଥିଲେ । ପ୍ରାଚୀନ ଉତ୍କଳୀୟମାନଙ୍କର ଏହି ଭାବନାକୁ ସ୍ମରଣ କରି ଏବେ ମଧ୍ୟ ଦଶହରାରେ ପାଇକମାନେ ଓ ଖଣ୍ଡାୟତମାନେ ଫରିଖେଳ, ଖଣ୍ଡାଖେଳ ପ୍ରଦର୍ଶନ କରିଥାନ୍ତି ।

ଦଶହରା ଦିନ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ରତଚାରିଣୀ ଗୃହିଣୀମାନେ ଦୁର୍ଗାଷ୍ଟମୀ ବ୍ରତ ପାଳନ କରି ପରିବାରକୁ ଦୁର୍ଗତିରୁ ରକ୍ଷା କରିବା ନିମନ୍ତେ ଦେବୀକୃପା ପ୍ରାର୍ଥନା କରିଥାନ୍ତି । ପଶ୍ଚିମ ଓଡ଼ିଶାର ଲୋକଜୀବନରେ ଏହି ଦିନରେ 'ଭାଇ ଜୀଉନ୍ତିଆ' ପର୍ବ ଭଉଣୀମାନେ ପାଳନ କରି ଦୁର୍ଗାଙ୍କ ପାଖରେ ଭାଇର କଲ୍ୟାଣ ଓ ଶୁଭ କାମନା କରିଥାନ୍ତି ।

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନଧାରାରେ ପ୍ରାୟତଃ ଚତୁର୍ଥ ଶତାବ୍ଦୀ ବେଳକୁ ତନ୍ତ୍ରବାଦକୁ ମୁଖ୍ୟକରି ଦେବୀଧର୍ମ ପ୍ରାଧାନ୍ୟ ଲାଭ କରିଛି । ନୌବାଣିଜ୍ୟ, ଯୁଦ୍ଧଯାତ୍ରା ଓ ମାଙ୍ଗଳିକ ଶୁଭାନୁଷ୍ଠାନରେ ଓଡ଼ିଶାର ଲୋକାଚାରରେ ଦେବୀ ଉପାସନା ଏକ ଜାତୀୟ ଗଣବୋଧର ବିଧିଭାବରେ ପ୍ରଚଳିତ ହୋଇ ଆସୁଛି । ବାଟମଙ୍ଗଳା ପୂଜା, ଗ୍ରାମ ଦେବତୀ ବରଣ, ଗ୍ରାମ ଦେବତୀ ମଙ୍ଗୁଳା ଏବଂ ଗ୍ରାମ ଦେବୀଙ୍କୁ କାମ୍ୟ ଭୋଗଲାଗି ଇତ୍ୟାଦି ଏହି ଲୋକାଚାର ଗୁଡ଼ିକ ଶକ୍ତିପୂଜାର ଅବଶେଷ ଭାବରେ ଏବେ ମଧ୍ୟ ପରିଦୃଷ୍ଟ ହୁଏ । ଓଡ଼ିଶାର ଜନମାନସରେ ଦେବୀଦୁର୍ଗା ଭୈରବୀ, ଯୋଗିନୀ, ମାହେଶ୍ୱରୀ, ତାରା, ବରାହୀ, ମହାମାୟା, ଦୁର୍ଗତି ନାଶିନୀ, ଅପରାଜିତା ଓ ଅନୁମତି ନାମରେ ଅଧିଷ୍ଠ ହୋଇ ଆସିଛନ୍ତି । ଚତୁର୍ଥ ଶତାବ୍ଦୀରେ ଅମର ସିଂହଙ୍କ ରଚିତ ଅମର କୋଷରୁ ଜଣାଯାଏ ଯୋଗିନୀଶକ୍ତି ଦୁର୍ଗା ଆର୍ଯ୍ୟ ପରମ୍ପରାରେ ଅଧିଷ୍ଠିତା ହୋଇ-"ଅପର୍ଣ୍ଣା ପାର୍ବତୀ ଦୁର୍ଗାମୃଡ଼ାନୀ ଚଣ୍ଡୀକାମ୍ବିକା" ପ୍ରସିଦ୍ଧିପ୍ରାପ୍ତ ହୋଇଛନ୍ତି । ନବମ ଓ ଦଶମ ଶତାବ୍ଦୀବେଳକୁ ଓଡ଼ିଶାର କ୍ଷତ୍ରୀୟ ରାଜବଂଶଗୁଡ଼ିକର ଇଷ୍ଟଦେବୀ ଭାବରେ ଦୁର୍ଗା ମାନ୍ୟତା ଲାଭ କରିଛନ୍ତି ।

ଓଡ଼ିଶାର ପ୍ରଥମ ନାରୀ ଶାସିକା ତ୍ରିଭୁବନ ଦେବୀ ଭୌମକର ବଂଶରେ ଶକ୍ତିପୂଜାର ଆଦି ପ୍ରଚଳନ କରାଇଥିଲେ । ନିଜକୁ ସେ ସିଦ୍ଧଗୌରୀ ଭକ୍ତଭାବରେ ପରିଚିତ କରାଇ ଥିଲେ । ନବମ ଶତାବ୍ଦୀ ବେଳକୁ ତ୍ରିଭୁବନଦେବୀଙ୍କ ପ୍ରତିଷ୍ଠିତ ଭୁବନେଶ୍ୱରୀ ମହାଗୌରୀ ମନ୍ଦିର ସହିତ ରାଣୀ ମୋହିନୀ ଦେବୀଙ୍କ ମୋହିନୀମନ୍ଦିର ଏକାମ୍ରକୁ ଏକ ପ୍ରସିଦ୍ଧ ଦେବୀପୀଠରେ ପରିଣତ କରିଛି । ନବମ ଶତାବ୍ଦୀ ବେଳକୁ ବିରଜା ଓ ଶ୍ରୀକ୍ଷେତ୍ର ସମେତ ଏକାମ୍ରକୁ ଅବଲମ୍ବନ କରି ଓଡ଼ିଶାରେ ଶକ୍ତିବାଦର ତ୍ୱରାନ୍ୱିତ ଗତି ସଂଘଟିତ ହୋଇଛି । ଉତ୍କଳ, ପୁରୀ, ଯାଜପୁର, ଧର୍ମଶାଳା, ଖିଚିଂ, ହରିଥାଲ୍ ଇତ୍ୟାଦି ସ୍ଥାନରେ ପରିଦୃଷ୍ଟ ସପ୍ତମାତୃକା ପୂଜା, ଯୋଗିନୀପୂଜା, ଦଶମହାବିଦ୍ୟା ଆରାଧନା, ତାରା-ମାହେଶ୍ୱରୀ ପୂଜା ଓ ତନ୍ତ୍ର ଭୈରବୀ ପୂଜା ଇତ୍ୟାଦି ଓଡ଼ିଶାରେ ଶକ୍ତିବାଦର ପ୍ରାଧାନ୍ୟ ସୂଚିତ କରିଥାଏ ।

*ଅଧ୍ୟାପକ ଓଡ଼ିଆ ବିଭାଗ,*

*ବି.ଜି.ବି.ଇ., ବାଣୀବିହାର,*

*ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

## ରବୀନ୍ଦ୍ରମୋହନଙ୍କ "ଦୃଷ୍ଟିକୋଣ ଓ ଅନ୍ୟାନ୍ୟ ରମ୍ୟ ରଚନା" ପୁସ୍ତକ ଉନ୍ମୋଚିତ

ବରିଷ୍ଠ ପ୍ରଶାସକ ତଥା ସୁସାହିତ୍ୟିକ ଶ୍ରୀ ରବୀନ୍ଦ୍ରମୋହନ ସେନାପତିଙ୍କ ରଚିତ ପୁସ୍ତକ "ଦୃଷ୍ଟିକୋଣ ଓ ଅନ୍ୟାନ୍ୟ ରମ୍ୟ ରଚନା" ଗତ ଅଗଷ୍ଟ ୧୪ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ସ୍ୱସ୍ତି ହୋଟେଲଠାରେ ଅନୁଷ୍ଠିତ ଏକ ସାରସ୍ୱତ ସମାରୋହରେ ଉନ୍ମୋଚିତ ହୋଇଅଛି । ଓଡ଼ିଆ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପୁସ୍ତକଟିକୁ ଉନ୍ମୋଚନ କରି ଜ୍ଞାନପୀଠ ପୁରସ୍କାର ବିଜେତା ପ୍ରଖ୍ୟାତ କବି ଡ଼ଃ ସଚ୍ଚି ରାଉତରାୟ କହିଲେ ଯେ ହାସ୍ୟରସ ମାଧ୍ୟମରେ ଲେଖକ ଶ୍ରୀ ସେନାପତି ଯେପରି ସାହସର ସହିତ ସମାଜର ଅନୀତି, ଦୁର୍ନୀତି, ଦୋଷତ୍ରୁଟିକୁ ପ୍ରକାଶ କରି ସାମାଜିକ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି, ତାହା ବାସ୍ତବିକ ପ୍ରଶଂସନୀୟ । ଓଡ଼ିଆ ସାହିତ୍ୟର ପ୍ରସାର ଅନ୍ୟ ଭାଷାଭାଷୀ ଅଞ୍ଚଳରେ କରିବାକୁ ଶ୍ରୀ ରାଉତରାୟ ଆହ୍ୱାନ ଦେଇଥିଲେ ।

ନିଜ ସୃଷ୍ଟି ସମ୍ପର୍କରେ ସୂଚନା ଦେଇ ସାହିତ୍ୟିକ ଶ୍ରୀଯୁକ୍ତ ସେନାପତି ପୁସ୍ତକଟିକୁ ଉତ୍ସାହୀ ସଚେତନ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସ୍ୱାଧୀନତା ଦିବସର ଭେଟି ବୋଲି କହିଥିଲେ । "ଦୃଷ୍ଟିକୋଣ ଓ ଅନ୍ୟାନ୍ୟ ରମ୍ୟରଚନା" ପୁସ୍ତକ ସମ୍ପର୍କରେ ଆଲୋଚନା କରି ପ୍ରଫେସର ବାଉରୀବନ୍ଧୁ କର ଫକୀରମୋହନଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଆ ରମ୍ୟ ରଚନା ସାହିତ୍ୟ ସମ୍ପର୍କରେ ଅବତାରଣା କରିଥିଲେ । ସମକାଳୀନ ସାମାଜିକ ଚିତ୍ରକଳ୍ପକୁ ଶ୍ରୀ ସେନାପତି ଦକ୍ଷତାର ସହିତ ଏହି ପୁସ୍ତକ ମାଧ୍ୟମରେ ଉପସ୍ଥାପନ କରିଛନ୍ତି ବୋଲି ସେ ମତ ପ୍ରକାଶ କରିଥିଲେ । ବିଦ୍ୟାପ୍ରକାଶନୀ ଦ୍ୱାରା ପ୍ରକାଶିତ ୨୬୫ ପୃଷ୍ଠାର ଏହି ବହିଟି ସୁଖପାଠ୍ୟ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଓଡ଼ିଆ ଫାଉଣ୍ଡେସନର କାର୍ଯ୍ୟ ନିର୍ବାହୀ ଡ଼ଃ ବିକାଶ ପଣ୍ଡା ସ୍ୱାଗତ ସୂଚନା ଦେଇଥିଲେ ।

ଡ଼ଃ ଖଗେଶ୍ୱର ମହାପାତ୍ର ଏହି ଉତ୍ସବରେ ସଭାପତିତ୍ୱ କରି

# ଓଡ଼ିଶାର ଶାରଦୀୟ ରଥଯାତ୍ରା

ଶ୍ରୀ ଦୁଃଖୀଶ୍ୟାମ ବେହେରା

ପୁରୁଷୋତ୍ତମ ମାହାତ୍ମ୍ୟ ଅନୁଶୀଳନରୁ ଜଣାଯାଏ, ବିଷ୍ଣୁ ଗୟାସୁରକୁ ବଧ କରି ବିଜୟ ସଙ୍କେତ ସ୍ୱରୂପ ପୁରୀରେ ଶଙ୍ଖ, ଭୁବନେଶ୍ୱରରେ ଚକ୍ର, ଯାଜପୁରରେ ଗଦା ଓ କୋଣାର୍କରେ ପଦ୍ମ ଅବସ୍ଥାପିତ କରିଥିଲେ । ତେଣୁ ପୁରୀ ଶଙ୍ଖକ୍ଷେତ୍ର, ଭୁବନେଶ୍ୱର ଚକ୍ରକ୍ଷେତ୍ର, ଯାଜପୁର ଗଦାକ୍ଷେତ୍ର ଓ କୋଣାର୍କ ପଦ୍ମକ୍ଷେତ୍ର ନାମରେ ପ୍ରସିଦ୍ଧିଲାଭ କରି ଆସିଛି । ପୁନଶ୍ଚ ବହୁ ପୁରାତନ କାଳରୁ ଓଡ଼ିଶା ଦୁଇଟି ସାଂସ୍କୃତିକ ମଣ୍ଡଳରେ ବିଭକ୍ତ ହୋଇ ଆସିଛି । ଗୋଟିଏ ଜଗନ୍ନାଥ ବା ଶ୍ରୀକ୍ଷେତ୍ରମଣ୍ଡଳ ଅନ୍ୟଟି ବିରଜା ମଣ୍ଡଳ ବା ଯାଜପୁର ମଣ୍ଡଳ । ଏହି ଦୁଇ ମଣ୍ଡଳ ପାଇଁ ଦୁଇଗୋଟି ପଞ୍ଜିକା ପ୍ରଚଳିତ ହୋଇ ଆସିଛି । ଗୋଟିଏ ହେଲା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମାନୁସାରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ମଣ୍ଡଳୀଙ୍କ ଅନୁମୋଦନକ୍ରମେ ଜଗନ୍ନାଥ ମଣ୍ଡଳରୁ ଜଗନ୍ନାଥ ପଞ୍ଜିକା ଓ ଅନ୍ୟଟି ହେଲା ଦେବୀ ବିରଜାଙ୍କ ନାମାନୁସାରେ ବିରଜା ମଣ୍ଡଳର ପଣ୍ଡିତ ମଣ୍ଡଳୀଙ୍କ ଅନୁମୋଦନକ୍ରମେ ବିରଜା ପଞ୍ଜିକା ।

ପୁରୀରେ ଅଧିଷ୍ଠିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆବିର୍ଭାବ କେବେ ଓ କିପରି ହେଲା, ତାହା ଯେପରି ସଠିକ କେହି କହି ପାରିବେ ନାହିଁ, ସେହିପରି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ଉତ୍ପତ୍ତି କେବେ ଓ କିପରି ହେଲା, ତାହା ମଧ୍ୟ ସଠିକ୍ ବିବରଣୀ କେହି କହିପାରିବେ ନାହିଁ । ତଥାପି ଐତିହାସିକ ଓ ପୌରାଣିକ ତଥ୍ୟରୁ ଯାହା ଜଣାଯାଏ, ଯାଜପୁରରେ ମା ବିରଜାଙ୍କର ଆବିର୍ଭାବ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ପୂର୍ବରୁ ହୋଇଥିଲା ।

ବହୁ ପଣ୍ଡିତ ମତବ୍ୟକ୍ତ କରନ୍ତି ଯେ, ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସଂକଳିତ ହୋଇଥିଲା । ସେହି ମହାଭାରତରେ ଉତ୍କଳର ଅନ୍ୟ କୌଣସି ତୀର୍ଥ କ୍ଷେତ୍ରର ବର୍ଣ୍ଣନା ନଥିବାସ୍ଥଳେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ବର୍ଣ୍ଣନା ରହିଛି ।

ତତୋ ବୈତରଣୀ ଗତ୍ୱୈତ ସର୍ବପାପ ପ୍ରମୋଚନୀମ
ବିରଜା ତୀର୍ଥ ମାହାତ୍ମ୍ୟ ବିରଜିତ ଯଥାଶଶୀ ।
(ମହାଭାରତ ବନପର୍ବ, ତେୟାଅଶୀ ଅଧ୍ୟାୟ)

ଏହା ବ୍ୟତୀତ ବିରଜା ମାହାତ୍ମ୍ୟ, ବାୟୁପୁରାଣ, ବ୍ରହ୍ମାଣ୍ଡପୁରାଣ, ହରିବଂଶ, ଶ୍ରୀକାମଳା ତନ୍ତ୍ର, କପିଳ ସଂହିତା, ବିଷ୍ଣୁପୁରାଣ ଓ କୁବ୍‌ଜିକା ତନ୍ତ୍ର ଆଦି ପୁରାଣ ଦେବୀଙ୍କ ମହିମା ଗାନକରି ମହିମାନ୍ୱିତ ।

ଯାଜପୁର ସହରର ଦକ୍ଷିଣ ସୀମାରେ ପୁରାଣ ପ୍ରସିଦ୍ଧ ପବିତ୍ର ବୈତରଣୀ ନଦୀକୂଳରେ ପ୍ରାୟ ତିନି ଏକରରୁ ଊର୍ଦ୍ଧ୍ୱ ଭୂମିଖଣ୍ଡରେ ଦେବୀ ବିରଜାଙ୍କର ମନ୍ଦିର ଅବସ୍ଥିତ । ଏହି ମନ୍ଦିରର ପୂର୍ବ ଉତ୍ତର କୋଣରେ ଖିଲାଟେଶ୍ୱର ମନ୍ଦିର, ପଶ୍ଚିମରେ ବିଲେଶ୍ୱର ମନ୍ଦିର ଓ ଦକ୍ଷିଣରେ ବରୁଣେଶ୍ୱର ମନ୍ଦିର ମଧ୍ୟବର୍ତ୍ତୀ ପଞ୍ଚକୋଷକୁ ବିରଜା କ୍ଷେତ୍ର କୁହାଯାଏ । ଏହି କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ବିରଜା ।

ବିରଜା କ୍ଷେତ୍ରର ଦେବୀ ବିରଜାଙ୍କ ସମେତ ବନଦୁର୍ଗା, ଅଷ୍ଟ [illegible], ଭୈରବ ଚତୁଷ୍ଟୟ, ଦ୍ୱାଦଶମାଧବ, ଅଷ୍ଟଭୈରବୀ, ମହାକାଳୀ, ମହାସରସ୍ୱତୀ, ମହାଲକ୍ଷ୍ମୀ, ଯଜ୍ଞବରାହ, ଲକ୍ଷ୍ମୀ ବରାହ, ଶ୍ୱେତବରାହ, ପଞ୍ଚ ନୃସିଂହ, ଦ୍ୱାଦଶ ଗଣେଶ, ଏକଶତଆଠ ରୁଦ୍ର, ଷୋଳମାତୃକା ଓ ୬୮ଟି ପବିତ୍ର ତୀର୍ଥର ଅପୂର୍ବ ସମାବେଶ ଘଟିଛି । ମନ୍ଦିର କ୍ଷେତ୍ରକୁ ନାଭିଗୟା କ୍ଷେତ୍ର ପିଣ୍ଡଦାନ କ୍ଷେତ୍ର ଭାବରେ ସମସ୍ତ ଭାରତରେ ଖ୍ୟାତିଲାଭ କରିଛି ।

**ଦେବୀଙ୍କ ସ୍ୱରୂପ ବର୍ଣ୍ଣନା :** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମୂର୍ତ୍ତି ୩ ଫୁଟ ଉଚ୍ଚତା ବିଶିଷ୍ଟ କଳା ମୁଗୁନି ପଥରରେ ନିର୍ମିତ । ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ଜଣାଯାଏ, ଦ୍ୱିଭୁଜା ଦେବୀ ବିରଜା ସର୍ବପ୍ରାଚୀନ ମୂର୍ତ୍ତି । ତାଙ୍କ ଧ୍ୟାନରୁ ଜଣାଯାଏ, ଦ୍ୱିଭୁଜା ଦେବୀ ବାମହସ୍ତରେ ମହିଷରୂପୀ ଦାନବର ପୁଚ୍ଛଧରି ଦକ୍ଷିଣ ହସ୍ତରେ ତା [illegible] ବକ୍ଷରେ ଶୂଳବିଦ୍ଧ କରୁଛନ୍ତି । ଆହୁରି ମଧ୍ୟ ଦେବୀ ବିରଜାଙ୍କର କୌଣସି ଫଟୋଚିତ୍ର ଉଠାଇବା ନିଷେଧାଜ୍ଞା ଥିବାରୁ ଭକ୍ତମାନେ ଯାହାମନ୍ଦ [illegible] ନାନା ଭ୍ରାନ୍ତଧାରଣା ଦେଉଥାନ୍ତି । ଏପରିକି ବିରଜାଙ୍କୁ ଚତୁର୍ଭୁଜା ବା [illegible] ଦଶଭୁଜାଭାବେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଦେବୀଙ୍କର ପଶ୍ଚିମ [illegible] ମୁଖୀ ଥିବାକଥା କହିଥାନ୍ତି । ପୁଣି ଦେବୀଙ୍କ ମୂର୍ତ୍ତିକୁ ଦର୍ଶନ କରିବାକୁ ବାରଣ କରାଯାଉଛି, କାରଣ ଦେବୀ ବିବସନା ।

ପୁରାଣ ବର୍ଣ୍ଣନା ଅନୁସାରେ ଦେବୀ ବିବସନା ହୋଇ ମହିଷାସୁରକୁ ବଧ କରିଥିଲେ ମଧ୍ୟ ଜଗତର ମା' ହିସାବରେ ପୂଜିତା ହେଉଥିବାରୁ [illegible] ସମ୍ପୂର୍ଣ୍ଣ ବିବସନା କରିନଥାନ୍ତି । ଦେବୀ ବିରଜାମୂର୍ତ୍ତିର ସର୍ବାଙ୍ଗ ବସ୍ତ୍ର [illegible] ଭୂଷଣରେ ଆବୃତ । କେବଳ ଅଳଙ୍କାରଖଚିତ ମସ୍ତକ ବ୍ୟତୀତ ଅଙ୍ଗ ପ୍ରତ୍ୟଙ୍ଗ ଆଦୌ ଦୃଷ୍ଟିଗୋଚର ହୁଏ ନାହିଁ । ତାଙ୍କ ମୁକୁଟରେ ଗଣେଶ,ସର୍ପ, ଯୋନିଲିଙ୍ଗ ଓ ଚନ୍ଦ୍ରଙ୍କ ଅବସ୍ଥିତି ଯୋଗୁ ତାହା ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲି ପ୍ରତୀୟମାନ ହୁଏ ।

ଆଦ୍ୟାଶକ୍ତି ଜଗତଜନନୀ ଦେବୀ ବିରଜା ପ୍ରାଚୀନ [illegible] ସଂସ୍କୃତିରେ ମାତୃପୂଜାର ଏକ ଜ୍ୱଳନ୍ତ ନିଦର୍ଶନ । ଭାରତୀୟ ସଂସ୍କୃତିରେ ମୂର୍ତ୍ତିପୂଜାର ଉନ୍ମେଷ କାଳରୁ ରଥଯାତ୍ରା ସବୁ ପ୍ରବର୍ତ୍ତିତ ହୋଇଛି । [illegible] ଅନାଦି କାଳରୁ ପ୍ରଚଳିତ ମୂର୍ତ୍ତିପୂଜା ସହିତ ରଥଯାତ୍ରାର ଅଙ୍ଗାଙ୍ଗୀ ଯେ ଅଙ୍ଗାଙ୍ଗିଭାବେ ଜଡ଼ିତ, ଏହା ସୁସ୍ପଷ୍ଟ । ଭାରତୀୟ ବୈଦିକ ଯୁଗରୁ [illegible] ରଥଯାତ୍ରାର ଯେ ଉଦ୍ଭବ ଘଟିଛି, ଏଥିରେ ବହୁ ପାଶ୍ଚାତ୍ୟ ବିଦ୍ୱାନ୍‌ମାନେ ଏକମତ ।

ଓଲଟ ପୃଷ୍ଠା

ଦେବଭୂମି ଏହି ଓଡ଼ିଶା । ସାରାବିଶ୍ୱରେ ମାନ୍ୟତାପ୍ରାପ୍ତ ଓଡ଼ିଶାରେ ପ୍ରାୟ ୫୨ ହଜାର ଗ୍ରାମରେ ଲକ୍ଷାଧିକ ଦେବ ଦେବୀଙ୍କ ସାଦୃଶ୍ୟ ମନ୍ଦିର ପରିଦୃଷ୍ଟ ହେଉଥିବାସ୍ଥଳେ, ତତୋଧିକ ମନ୍ଦିର ବିହୀନ ଦେବଦେବୀ ପରାପୂଜିତ ହେଉଛନ୍ତି । ଏହି ସର୍ବଦେବଦେବୀ ବିଜେସ୍ଥଳୀ ଓଡ଼ିଶାର ଚାରିଗୋଟି ମୁଖ୍ୟକ୍ଷେତ୍ରରେ କ୍ରମାନ୍ୱୟରେ ପ୍ରତିବର୍ଷ ପ୍ରତି ବେନିମାସ ଅନ୍ତରରେ ରଥଯାତ୍ରା ସବୁ ଅନୁଷ୍ଠିତ ହୁଏ ।

ମାସ ଅନୁକ୍ରମରେ ଚୈତ୍ରମାସ ଶୁକ୍ଳ ଅଷ୍ଟମୀ ତିଥିରେ ଚକ୍ରକ୍ଷେତ୍ର ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କ ପଞ୍ଚଦିନାତ୍ମକ ଅଶୋକାଷ୍ଟମୀ ରଥଯାତ୍ରା, ଆଷାଢ଼ମାସ ଶୁକ୍ଳ ଦ୍ୱିତୀୟା ତିଥିରେ ଶଙ୍ଖକ୍ଷେତ୍ର ପୁରୀରେ ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବଦିନାତ୍ମକ ରଥଯାତ୍ରା, ଆଶ୍ୱିନ ମାସ-ଶୁକ୍ଳ ପ୍ରତିପଦ ତିଥିରେ ଗଦାକ୍ଷେତ୍ର ଯାଜପୁରରେ ମା' ବିରଜାଙ୍କ ନବଦିନାତ୍ମକ ରଥଯାତ୍ରା ଓ ପୌଷମାସ ଶୁକ୍ଳ ଦଶମୀ ତିଥିରେ ଅର୍କକ୍ଷେତ୍ର କୋଣାର୍କରେ ସପ୍ତବିଂଶ ଦିନାତ୍ମକ ସୂର୍ଯ୍ୟ ରଥଯାତ୍ରା ଅନୁଷ୍ଠିତ ହୁଏ ।

ବରାହ, ବିରଜା, ବେଦ, ବିପ୍ର ଓ ବୈତରଣୀ ନଦୀ ଆଦି ପଞ୍ଚ ବକାରର ସମନ୍ୱୟରେ ନିର୍ମିତ ଏହି ବିରଜା କ୍ଷେତ୍ରର ବାରମାସେ ବହୁପର୍ବ ପାଳିତ ହେଉଥିଲେ ମଧ ତନ୍ମଧ୍ୟରୁ ଦୁର୍ଗାପୂଜା ଓ ଏହି ଅବସରରେ ଅନୁଷ୍ଠିତ ରଥଯାତ୍ରା ଅନନ୍ୟ । ଶରତକାଳରେ ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଶାରଦୀୟ ରଥଯାତ୍ରା ଅନୁଷ୍ଠିତ ହେଉନଥିବା ସ୍ଥଳେ, କେବଳ ବିରଜା କ୍ଷେତ୍ରରେ ହେଉଥିବା ଏକମାତ୍ର ରଥଯାତ୍ରା ସମ୍ପର୍କରେ ପ୍ରୋକ୍ତ ପ୍ରବନ୍ଧରେ ଆଲୋକପାତ କରାଯାଉଛି ।

ପୁରୀ ବିମଳା ମନ୍ଦିରରେ ଷୋଡ଼ଶ ରାତ୍ରି ପୂଜା ସଦୃଶ କ୍ଷେତ୍ରାଧିଶ୍ୱରୀ ମା' ବିରଜା ଦେବୀଙ୍କର ମଧ ଷୋଡ଼ଶ ରାତ୍ରୀ ପୂଜା ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ସମାରୋହ ସହକାରେ ପାଳନ କରାଯାଏ । ଏହି ସମୟରେ ଦେବୀ ବିରଜା ମାହେଶ୍ୱରୀ ରୂପରେ ପୂଜା ପାନ୍ତି । ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ବନଦୁର୍ଗା ମନ୍ତ୍ରରେ, ମହାଷ୍ଟମୀ ନିଶାର୍ଦ୍ଧରୁ ପ୍ରଭାତପର୍ଯ୍ୟନ୍ତ ଉଗ୍ରଚଣ୍ଡୀ ମନ୍ତ୍ରରେ, ମହାନବମୀରେ ମହାମାରୀ ମନ୍ତ୍ରରେ ଓ ଦଶହରା ଦିନ ଅପରାଜିତା ମନ୍ତ୍ରରେ ପୂଜା କରାଯାଏ । ଏହି ଅବସରରେ ମା' ବିରଜାଙ୍କର ରଥଯାତ୍ରା ମଧ ଅନୁଷ୍ଠିତ ହୋଇଥାଏ ।

ଏହି ସର୍ବଶକ୍ତିମୟୀ ଦେବୀ ବିରଜାଙ୍କ ରଥର ନାମ ସିଂହଧ୍ୱଜା ବା ବିଜୟରଥ । ଅନ୍ୟ ଅର୍ଥରେ ମା'ଙ୍କର ଏହି ରଥକୁ ଦିବ୍ୟରଥ ମଧ କୁହାଯାଏ । ପବିତ୍ର ଜୁନିଆ ତିଥିରେ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇ ଆଶ୍ୱିନମାସ ଅମାବାସ୍ୟାରେ ପୂର୍ଣ୍ଣତା ଲାଭ କରେ । ପୁରୀର ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ସଦୃଶ ଏହି ରଥର ଉଚ୍ଚତା ୪୫ ହାତ ୧୨ ଆଙ୍ଗୁଳ । ୧୦୨୮ ଖଣ୍ଡ କାଠରେ ନିର୍ମିତ ଓ ତିନିଗୋଟି କଳସଯୁକ୍ତ ଏହି ରଥରେ ୧୨ ମାସର ପ୍ରତୀକ ୧୨ ଗୋଟି ଚକ । ଏହି ଚକଗୁଡ଼ିକର ନାମ-ଘୋଷିଣୀ, ବିଦ୍ୟୁତକଳା, ପାତଙ୍ଗିନୀ, ବାୟୁବେଗିନୀ, ନାମଧେୟା, ଐନ୍ଦ୍ରୀ, ବୈଷ୍ଣବୀ, ଶଙ୍କରୀ, ମହତୀ, ଧ୍ରୁବା, ମୌନୀ ଓ ବ୍ରାହ୍ମୀ । ଏହି ଚକଗୁଡ଼ିକର ପରିଧି ପ୍ରତ୍ୟେକ ୨୫୨ ଆଙ୍ଗୁଳ । ଏହି ରଥରେ ପାଞ୍ଚଗୋଟି ଶ୍ୱେତବର୍ଣ୍ଣର ଅଶ୍ୱମୂର୍ତ୍ତି ସଂଯୋଜିତ କରାଯାଏ । ସେମାନଙ୍କ ନାମ-ଅଗ୍ନି, ଶାନ୍ତି, ପ୍ରିୟ, କାମ ଓ ରୂପ । ରଥର ଚତୁଷ୍ପାର୍ଶ୍ୱରେ ଚବିଶ ପାର୍ଶ୍ୱଦେବତାଙ୍କ ସମାବେଶ । ସେମାନଙ୍କ ନାମ-ଅଗ୍ନିଦେବତା, ପ୍ରଜାପତି, ଦୈବତ, ଚନ୍ଦ୍ରଦେବତ, ଈଶାନ, ଆଦିତ୍ୟ, ଗାର୍ହପତ୍ୟ, ମନ୍ତ୍ର ଭଗ, ଅର୍ଯ୍ୟମା, ସବିତାଧି, ତ୍ୱଷ୍ଟା, ପୁଷା, ଇନ୍ଦ୍ରଆଗ୍ନି, ବାୟୁ, କାମଦେବ, ମୈତ୍ରବାରୁଣ, ଭାଦ୍ରବ୍ୟ, ବିଷ୍ଣୁ, ବାମନ, ବିଶ୍ୱଦେବ, ରୁଦ୍ର, କୁବେର, ଅଶ୍ୱିନୀ କୁମାର ଓ ବ୍ରହ୍ମାଧିଦୈବତ । ରଥ ନିର୍ମାତାଙ୍କ ନାମ-ଆଦିବାସ୍, ରଥର ରକ୍ଷିକା-ମହାମାୟା, ଦ୍ୱାରପାଳିକା-ମନ୍ଦାକିନୀ, ବୃନ୍ଦା, କୁଶଭଦ୍ରା ଓ ଯମୁନା । ରଥଶକ୍ତି-ବ୍ରହ୍ମଚାରିଣୀ, ସାରଥି-ଦେବବର ବ୍ରହ୍ମା, ରଥରେ ବ୍ୟବହୃତ ଦୁଇଗୋଟି ଦଉଡ଼ିର ନାମ-ସ୍ୱର୍ଣ୍ଣଚୂଡ଼ ଓ ଶଙ୍ଖଚୂଡ଼ । ରଥର ଶୀର୍ଷ ଦେବତା-ଉଗ୍ରନୃସିଂହ, ରଥ ଧ୍ୱଜାଧିଷ୍ଠାତ୍ରୀ-ମହାତ୍ରିପୁର ସୁନ୍ଦରୀ, ରଥ ଗନ୍ଧର୍ବ-ଚିତ୍ରସେନ, ରଥର ଦେବୀ-ଶ୍ରୀଦେବୀ, ଭୂଦେବୀ, ରଥର ଅଷ୍ଟଦିଗର ରକ୍ଷାଦେବୀ-ଲକ୍ଷ୍ମୀଧରା, ପୁଷ୍ଟି, ଗୌରୀ, ତୁଷ୍ଟି , ମେଧା, ସରସ୍ୱତୀ ଓ ପ୍ରଭା । ରଥର ମୁଖ-ବ୍ରହ୍ମବର୍ଣ୍ଣା, ରଥପାଠର ନାମ-ଅପରାଜିତା, ଆୟୁଧ ଚକ୍ରର ନାମ-ପରମ ବୈଷ୍ଣବୀ, ତ୍ରିକଳସର ନାମ-ଜାଗ୍ରତ ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ । ରଥ ଧ୍ୱଜାର ନାମ ଚୈତନ ସତ୍ତା । ଏହି ରଥକୁ ଛଅ ବର୍ଣ୍ଣର କପଡ଼ାରେ ଆବୃତ କରାଯାଏ ।

ଅନ୍ୟାନ୍ୟ ରଥଭଳି ଦେବୀ ବିରଜାଙ୍କ ରଥ ଉପରେ ଦ୍ୱାହଁକ ବିନିମୟରେ ଡ଼ାକୁଆ ବା ପାର୍ଶ୍ୱଣୀ ରଥ ଚାଳିବା ସମୟରେ ଅଶ୍ଳୀଳ ଗୀତ ନବୋଲି ବେଦବାଣୀ ପାଠ କରେ । ଏହି ରଥଯାତ୍ରା ଆଶ୍ୱିନଶୁକ୍ଳ ପ୍ରତିପଦଠାରୁ ଶୁକ୍ଳ ନବମୀପର୍ଯ୍ୟନ୍ତ ନବଦିନ ଲାଗି ରହେ । ରଥରେ ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ବିଜେ କରାଇ ନଅ ଦିନରେ ନଅ ଥର ମନ୍ଦିର ବେଢ଼ା ପରିକ୍ରମା କରାଯାଏ । ନବମୀଦିନ ରଥ ବେଢ଼ା ଭ୍ରମଣପରେ ରଥାରୂଢ଼ା ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ଲାଖବିନ୍ଧା ପଡ଼ିଆକୁ ନିଆଯାଏ । ସେଠାରେ ସେବାୟତମାନେ ଇନ୍ଦ୍ର,ବରୁଣ, କୁବେର ଓ ଯମ ଆଦି ଚାରି ଦିଗପାଳଙ୍କର ଚାରିଗୋଟି ଶର ଅର୍ଥାତ ଧର୍ମ, ଅର୍ଥ, କାମ ଓ ମୋକ୍ଷ ତୀର ସଂଗ୍ରହ କରନ୍ତି । ଯଥା-ଧର୍ମଶର ବରୁଣଙ୍କଠାରୁ, ଧନ ବା ଅର୍ଥଶର କୁବେରଙ୍କ ଠାରୁ, କାମଶର ଇନ୍ଦ୍ରଙ୍କଠାରୁ ଓ ମୃତ୍ୟୁଭେଦୀ ବା ମୋକ୍ଷଶର ଯମଙ୍କଠାରୁ । ଜଗତର ମଙ୍ଗଳ କାମନା ନିମନ୍ତେ ଚାରିଦିଗକୁ ଏହି ଚାରିଶର ସନ୍ଧାନ କରାଯାଏ । ଲାଖବିନ୍ଧା ପର୍ବ ଶେଷ ହେଲେ ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ମନ୍ଦିରକୁ ନିଆଯାଏ ଓ ଏହିଠାରେ ଦେବୀଙ୍କ ରଥୋତ୍ସବର ପରିସମାପ୍ତି ଘଟେ ।

ବ୍ରହ୍ମାଣ୍ଡ ପୁରାଣରେ ଲେଖାଅଛି, ମା' ବିରଜାଙ୍କୁ ଶରତ କାଳରେ ରଥ ଉପରେ ଦର୍ଶନ କଲେ ମାନବ ଆଉ ମର୍ତ୍ତ୍ୟରେ ପୁନର୍ଜନ୍ମ ଲାଭ କରେ ନାହିଁ । ଶେଷରେ ମୁକ୍ତି ପ୍ରଦାୟିନୀ ମା' ବିରଜାଙ୍କ ସମ୍ପର୍କରେ ଏତିକି କୁହାଯାଇପାରେ -

ଦୋଳେତ ରାଧିକା ଦେବୀ
ଚାପେତ କୁମାରୀ ତଥା
ରଥେତୁ ବିରଜାଂ ଦୃଷ୍ଟ୍ୱା,
ପୁନର୍ଜନ୍ମ ନ ବିଦ୍ୟତେ ।

*ଅରବିନ୍ଦ କଲୋନୀ, ବି.ଜେ.ବି. ନଗର, ଭୁବନେଶ୍ୱର-୧୪*

# ସୋନପୁରରେ ଦୁର୍ଗୋତ୍ସବ

● ଡକ୍ଟର ପବିତ୍ର ମୋହନ ନାୟକ

ଆଶ୍ୱିନ କୃଷ୍ଣାଷ୍ଟମୀ ତିଥିରେ ଯେଉଁ ପାଟଖଣ୍ଡା ସୋନପୁର ରାଜବାଟୀ ଅଗଣାରେ ନବନିର୍ମିତ ଗୃହରେ ପ୍ରତିଷ୍ଠିତ ହୋଇଥାନ୍ତି, ଅମାବାସ୍ୟା ଦିନ ପାର୍ଶ୍ୱପରିବର୍ତ୍ତନ କରନ୍ତି । ଏହାକୁ ଖଣ୍ଡା ଲେଉଟା କୁହାଯାଏ । ଖଣ୍ଡା ଲେଉଟେ । ସେହି ବେଳରେ ଖଣ୍ଡାଚୋଟ ପଡ଼େ । ଅଷ୍ଟଚଣ୍ଡୀ ଧବଳମୁଖା ହୁଅନ୍ତି ।

ଅମାବାସ୍ୟାରୁ ମହାନବମୀ ପର୍ଯ୍ୟନ୍ତ ବାଜାବାଜି ସୋମଲାଇ, ଦଶମତୀ, ଖମ୍ଭେଶ୍ୱରୀ, ସୁରେଶ୍ୱରୀ, ଭଗବତୀ ଓ ହନୁମାନ ମନ୍ଦିରକୁ ପାହୁର ଯାଏ । ଚାଉଳ, ଘିଅ, ମୁଗ, ଲୁଣ, ଚନ୍ଦନଫୁଲ ଆଦି ପୂଜା ସାମଗ୍ରୀ ନୂତନ ମାଟି ପାତ୍ରରେ ଯୋଗାଡ଼ କରି ପଠାଯାଏ । ହନୁମାନ ମନ୍ଦିର ବ୍ୟତୀତ ଅନ୍ୟଟି ଶୁଖୁଆମାଛ ଭୋଗଲାଗେ ।

ସୋମଲାଇଙ୍କ ପାଇଁ ମଠାଲୁଗା, ଦୁର୍ଗାଦେବୀ, କମଳାକ୍ଷୀ ଓ କ୍ଷେତ୍ରପାଳଙ୍କ ପାଇଁ କରିଆ, ଅଷ୍ଟଚଣ୍ଡୀଙ୍କ ପାଇଁ ମେଖଳା, ବଳି କାଛା ପାଇଁ ଖଣ୍ଡୁକା ବୁଢ଼ଯୋଡ଼ା, ତାଳତଳପୂଜା ପାଇଁ କରିଆ, ଖମ୍ଭେଶ୍ୱରୀ ବା ପୁରୋହିତଙ୍କ ପାଇଁ ଯଥା– ବଳି ପାଇଁ ମୁଦି ଓ ତା ପାଦଧୁଆ ପାଇଁ କରିଆ, ଛିପି, ବଗଗାଇ, ଦୁଲିଆ ପାଇଁ ଲାଟ, ଚନ୍ଦନ ଛେରା ପାଇଁ ଚନ୍ଦନ କାଠ ଧୂପ, ଗୁଆ, ଫଗୁ ରାଜ ଭଣ୍ଡାରରୁ ଯାଏ । ବଟିକା ଲୁଗାପଣ୍ଡୁଆ ଦିଏ ।

ମହାଳୟା ରାତିରେ ଉଆଁଶ ବୁଲି ସୋମଲାଇ ମନ୍ଦିରରେ ଓ ବୁଢ଼ାରଜା ବଳି ବିଲବାହିଲପୁର ଜଙ୍ଗଲରେ ଭରେ । ପ୍ରତିପଦାଠାରୁ ତୃତୀୟା ପର୍ଯ୍ୟନ୍ତ ଉପନ ବଳି ବା ନିଶା ବଳି ଓ ଚତୁର୍ଥୀ ରାତିରେ ଖାଉଳ ବଳି ବା ପଞ୍ଚମୀ ବଳି ଭରେ ।

କୃଷ୍ଣ ପଞ୍ଚମୀଦିନ ଅଶ୍ୱ ପଞ୍ଚମୀ ହୁଏ । ସୋନପୁରରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଏ । ଶୁକ୍ଲ ପଞ୍ଚମୀ ଦିନ ସକାଳେ ଘୋଡ଼ାମାନଙ୍କୁ ମାଟି ମଖାଇ ସହରସାରା ପରିକ୍ରମା କରାଯାଏ । ତାପରେ ନିଆଯାଏ ଘୋଡ଼ାଘାଟପେଡ଼ା କଦମ୍ବ ଘାଟ ବା ଘୋଡ଼ାଧୁଆ ଘାଟକୁ । ମହାନଦୀର ଏ ଘୋଡ଼ାଧୁଆ ଘାଟରେ ଘୋଡ଼ାମାନଙ୍କୁ ସ୍ନାନ କରାଇ, ଉପର ଓଳି ଚିତ୍ରବିଚିତ୍ର କରି ନାନା ପ୍ରକାର ପୋଷାକରେ ସୁସଜ୍ଜିତ କରି ସିଂହଦ୍ୱାରକୁ ଅଣାଯାଏ । ଏଠାରୁ ପୁଣି ବିଭିନ୍ନ ବାଦ୍ୟ ବଜାଇ ବଡ଼ପଡ଼ା, ମଝିପଡ଼ା ଦେଇ ପାଣି ନାଗର ହୋଇ ରଣଜିତା ଟିକିରାକୁ ନିଆଯାଏ । ସେଠାରେ ଘଣ୍ଟା ପୂଜା ହୁଏ । ତାପରେ ରାଜ ମହଲର ପକ୍କା ଅଗଣାରେ ବା ଦରବାର ହଲ୍ ସାମ୍ନାରେ ନେଇ ଘୋଡ଼ାମାନଙ୍କ ପାଦ ଧୁଏ । ବାଗିଘରିଆମାନେ ମହାପ୍ରସାଦ ଖୁଆନ୍ତି । ମହାରାଜା, ଯୁବରାଜ, ଟିକାୟତ ଲାଲ ସାହେବ ହଳଦିଆ ଚାଉଳରେ ବନ୍ଦାପନା କରନ୍ତି । ବନ୍ଦାଣ ପରେ ଘୋଡ଼ା ଓ ସବାର, ଘାସି,ଭୋଇ, ଦୁକାନରା ଚହ୍ଲାଦ ଓ ବାଗିଘରିଆମାନଙ୍କୁ ଲାଟ ଓ ଟଙ୍କା ଦିଆଯାଏ । ପଟାଶ୍ୱମାନଙ୍କୁ ଦୁଇଖଣ୍ଡ ଓ ଟାଙ୍ଗନମାନଙ୍କୁ ଖଣ୍ଡିଏ ଲେଖାଏଁ ବସ୍ତ୍ର ଦିଆଯାଏ । ଏହି ଦିନ ଅଶ୍ୱମାନେ ଉପବାସ କରିଥାନ୍ତି । ମନ୍ଦୁରା(ଅଶ୍ୱଶାଳ)କୁ ଗଲାପରେ ଖାଆନ୍ତି । ଏଣେ ରାଜପୁରୋହିତ ତେଲରେ ଭୁବନେଶ୍ୱରୀଙ୍କୁ ପୂଜା କରନ୍ତି । ଏହାକୁ ତେଲ ପୂଜା ବା ଭୂଦେବୀ ପୂଜା କୁହାଯାଏ । ଛାଗବଳି ପଡ଼େ । ଛେଦ ଘୋଡ଼ାସବାର, ଭୋଇ, ଦରୁଆନ, ମଶାଲଚୀମାନେ ଆଉ ମିଶ୍ରାଙ୍କ ପୁରୋହିତ, ପାଣିଗ୍ରାହୀ ଓ ଭିତିରିଆମାନେ ନିଅନ୍ତି । ପୁରୋହିତେ ଦୁଇତାଟିଆ ଭୋଜନଟିଏ ପାଆନ୍ତି ।

ପଞ୍ଚମୀ ଓ ଷଷ୍ଠୀଦିନ ଉପନ ବଳି ହୁଏ ।

ସପ୍ତମୀ ସନ୍ଧ୍ୟାରେ ଦୁର୍ଗାଦେବୀ ବିଜେ ହୁଅନ୍ତି । ମିଶ୍ରଙ୍କରେ ଖମ୍ଭେଶ୍ୱରୀ ଓ ସୁରେଶ୍ୱରୀଙ୍କ ରୂପାପରଭା, ସୋମଲାଇଙ୍କ ସୁବର୍ଣ୍ଣ ଛତ୍ର, ରତ୍ନାଳଙ୍କାର, ସିନ୍ଦୁର, ପଟ୍ଟବସ୍ତ୍ର ଓ ରୌପ୍ୟ ବିମାନ ପଠାଯାଏ । ଏଥିସଙ୍ଗେ ରାୟଗୁରୁ ଓ ପାଣିଗ୍ରାହୀ ଯାଆନ୍ତି । ଗୋପାଳଜୀଉଙ୍କ ପୂଜାରୀମାନେ ଅଳଙ୍କାର ଓ ଛତ୍ର ଧରନ୍ତି । ମଲ୍ଲିକ, ପୋଲିସ ଓ ଥାନପତିମାନେ ପଛେ ପାଖେ ପହରା ଦିଅନ୍ତି । ପରଭାପକୁ ସୁବର୍ଣ୍ଣମେରୁ ଓ ସୋମଲାଇ ମନ୍ଦିରରେ ମାଳୀସେବକମାନେ ବୋହି ନିଅନ୍ତି ।

ତାପରେ ଖମ୍ଭେଶ୍ୱରିଆ ପୁରୋହିତ ଦୁର୍ଗାଦେବୀ, ସୁରେଶ୍ୱରୀ ଓ ଭୁବନେଶ୍ୱରୀଙ୍କ ବିଜୟପ୍ରତିମା କୂର୍ମପିଷ୍ଟ ବିଶିଷ୍ଟ ପକ୍କା ମଣ୍ଡପରେ ମାର୍ଜନ କରନ୍ତି । କନକଦୁର୍ଗା, ଭୁବନେଶ୍ୱରୀ ବଗଳାଙ୍କୁ ମହାରାଜା ବିଜେ କରାଇ, ଧଳା ଛତ୍ର ପାଖକୁ ବିଜେ କରାନ୍ତି । ମଙ୍ଗଳାରୋପଣ ହୁଏ । ଷୋଡ଼ଶ ଉପଚାରରେ ପୂଜା ହୁଏ । ଦୁର୍ଗାଦେବୀଙ୍କ ଆଗରେ ମେଣ୍ଢା ବଳି ଓ କଳାଛତ୍ରରେ କଳାଛାଗ ବଳି ପଡ଼େ । ଦୁର୍ଗାଦେବୀଙ୍କ ଛେଦ ଗଉଡ଼ ଯାଏ । କଳାଛତ୍ରର ଛେଦ ଥାନପତିମାନେ ନିଅନ୍ତି । ଦେବୀଙ୍କ ବିଜେ ଭେରୀ ବାଜି ଉଠେ ।

କନକଦୁର୍ଗା ବର୍ଷରେ ଥରେ ବାହାରନ୍ତି । ତେଣୁ ଦର୍ଶନ ପାଇଁ କେତେ ଦୂରରୁ ଲୋକ ଆସନ୍ତି । ସିଂହଦ୍ୱାରରୁ ସୋମଲାଇ ଗୁଡ଼ି ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ଼ରେ ଲୋକ ଭିଡ଼ ଜମାନ୍ତି । ଦେବୀଙ୍କ ବିଜେ ସମୟରେ ନିର୍ଘୋଷରେ ରାଜପଥ ପୁଲକ ଉଠେ । ଘଣ୍ଟ ଶଙ୍ଖ ବାଜଣାହୁଳାହୁଳି ନିଶାନ୍ ବାଜି ଉଠେ । ମହାରାଜା, ଯୁବରାଜ, ଟିକାୟତ, ଅନ୍ୟ ଅଫିସରମାନେ ବାଦ୍ୟନାଦ ସହ ଆତସବାଜି ଫୁଟାଇ ଶୋଭାଯାତ୍ରାରେ ବାହାରନ୍ତି । ସାଙ୍ଗରେ ଦରୁଆନ, ମଶାଲଚୀ, ବିମାନବାହକ ଓ ବେହେରାମାନେ ଥାନ୍ତି । ସୋମଲାଇ ଗୁଡ଼ାରେ ଭୁବନେଶ୍ୱରୀ, ଖମ୍ଭେଶ୍ୱରୀ ଗୁଡ଼ାରେ ଦୁର୍ଗାଦେବୀ ଓ ସୁରେଶ୍ୱରୀ ଗୁଡ଼ାରେ ମା ସୁରେଶ୍ୱରୀଙ୍କ ବିଜେ ପ୍ରତିମା ବିଜେ କରନ୍ତି । ମହାରାଜା ସୋମଲାଇ ଗୁଡ଼ାରୁ ଫେରନ୍ତି ।

ତ୍ରିରାତ୍ର ବିଧିରେ ନବଦୁର୍ଗାପୂଜା ହୁଏ । ଭିତର ଗୋପନ ମନ୍ଦିରର ସବୁ ଦେବଦେବୀ ଦୁର୍ଗାଦେବୀ ଗୁଡ଼ାର ଦକ୍ଷିଣ ପାର୍ଶ୍ୱ ପ୍ରଥମ ଗୃହରେ ସ୍ଥାପିତ ହୁଅନ୍ତି । ରାଜଗୁରୁ କାଳିପୂଜା ଓ ଚିତ୍ରକୂଟ ମଧ୍ୟ ନବଦୁର୍ଗାପୂଜା କରନ୍ତି । ଦୁଇଟି ଛାଗବଳି ପଡ଼େ । ରାଜଗୁରୁ ଓ ବ୍ରାହ୍ମଣ ପଣ୍ଡା ଛେଦ ନିଅନ୍ତି । ଏଇଠି ଅସ୍ତ୍ରଶସ୍ତ୍ର, ମୁଦ୍‌ଗର, ବଲମ, ବର୍ଚ୍ଛି, ଖଣ୍ଡା, କଲମ, ଦୁଆତ, ଲେଖନୀ, ପୁସ୍ତକ ପୂଜା ହୁଏ । ଏହିଦିନ ଛଅଟି ପାହୁର ଯାଏ ।

ଅଷ୍ଟମୀଦିନ ଅଷ୍ଟଚଣ୍ଡୀଙ୍କୁ ଆଠଟି ପାହୁର ପଠାଯାଏ । ସେଥିରେ ସିଙ୍ଗରାଘରିଆ, କାଉଚକୁଳି ଭୋଗ ଲାଗେ । ଅଷ୍ଟଚଣ୍ଡୀ ସିନ୍ଦୁରମୁଖା ହୁଅନ୍ତି । ରାଜପୁରୋହିତେ ସବୁ ଗୁଡ଼ାରେ ଚନ୍ଦନ ଛେରା ଦିଅନ୍ତି ।

କାଦୋପର ଗ୍ରାମର ଉମାଦେବୀଙ୍କ ପାଇଁ ପାହୁର ଯାଏ ।

ଚାରବାଟ, ଚାରଘାଟ, ଚାର୍ ଖାଲ ଓ ଚାର୍ ଟିକ୍ରାରେ ଖମ୍ଭେଶ୍ୱରୀ ପୁରୋହିତ ନିଶାପୂଜା ବା ଖପର ପୂଜା କରନ୍ତି । ନିଶାର୍ଦ୍ଧରେ ମିଳନ ମୁହୂର୍ତ୍ତରେ ଏହି ତାନ୍ତ୍ରିକ ପୂଜା ଅନୁଷ୍ଠିତ ହୁଏ । ପୂଜାବେଳେ କେବଳ

କ୍ରମଶଃ ପୃଷ୍ଠା

ସ୍ନୁହା, ମଶାଳଚୀ ଓ ମଲ୍ଲିକ ଉପସ୍ଥିତ ରହନ୍ତି ।

ଖମ୍ଭେଶ୍ୱରୀ, ଭଗବତୀ, ବିମଳାକ୍ଷୀ, ଦଶମତୀ, ରାମଚଣ୍ଡୀ, ମର୍ଦ୍ଦନେଶ୍ୱରୀ, ନାରାୟଣୀ(ରାୟଗୁରୁପଡ଼ା) ଓ ବିଜୟ ପ୍ରତିମା ସହ ଦୁର୍ଗାଦେବୀ ଓ ଭୁବନେଶ୍ୱରୀ, ବିଜୟ ପ୍ରତିମା ଓ ଉର୍ଦ୍ଧରୋଙ୍କ ସହ ସୁରେଶ୍ୱରୀ ଓ ସୋମଲାଇ, ଉର୍ଦ୍ଧରୋଙ୍କ ସହିତ ବୁଢ଼ୀ ସୋମଲାଇ ଓ ନାରାୟଣୀ(ଗୋପୀନାଥ ମନ୍ଦିର)ଙ୍କ ଠାରେ ଗଡ଼ରା ପଡ଼େ । ବାଦ୍ୟବାଜା, ଭେରୀତୁରୀ ବାଜେ । ରାଜ ପରିବାର ଅଷ୍ଟଚଣ୍ଡୀ ଦର୍ଶନ କରନ୍ତି ।

ରାଜପୁରୋହିତ ପାଟଖଣ୍ଡା ପୂଜା କରନ୍ତି । ଗଡରା ପଡ଼େ । ଛେଦ ପୁରୋହିତେ ନିଅନ୍ତି । ନବଦୁର୍ଗାଙ୍କୁ ଗଡରା ଦିଆଯାଏ । ଛେଦ ଛିଡ଼ିଆମାନେ ନିଅନ୍ତି । ବାହାର ଭଣ୍ଡାର କବାଟ ଉର୍ଦ୍ଧରୋଙ୍କୁ ଗଡରା ବଳି ଦିଆଯାଏ । ଛେଦ ଭଣ୍ଡାରଘରିଆମାନେ ପାଆନ୍ତି । କାଳିକାଖଣ୍ଡା ଆଗରେ କଳାବୁଢ଼ା ପଡ଼େ । ଛେଦ ରାଜଗୁରୁ ନିଅନ୍ତି । ପାଣିଦରଜା ଖମ୍ଭେଶ୍ୱରୀଙ୍କୁ ବୁଢ଼ା ଦିଆଯାଏ । ଛେଦ ପୂଜକ ଓ ଭିତର ଭଣ୍ଡର ଘରିଆ ପାଏ । ଲଙ୍କେଶ୍ୱରୀଙ୍କୁ ବୁଢ଼ା ଦିଆଯାଏ । ଛେଦ ପୂଜକ ଓ ଭିତର ଭଣ୍ଡରଘରିଆ ପାଏ । ଲଙ୍କେଶ୍ୱରୀଙ୍କୁ ବୁଢ଼ା ଦିଆଯାଏ । ଛେଦ ଡେହେରୀ ପାଏ । ହରଡୋଦେବୀଙ୍କୁ ବୁଢ଼ା ଦିଆଯାଏ । ଛେଦ ଘୋଡ଼ାଘାଟ ପଡ଼ା ମିସ୍ତ୍ରି ନିଅନ୍ତି ।

ଏହିଦିନ ଭଉଣୀମାନେ ଭାଇମାନଙ୍କ ପାଇଁ ନିର୍ଜଳା ଉପବାସ କରି ବ୍ରତ ପାଳନ କରନ୍ତି । ଏହାକୁ ଭାଇ ଜିଉଁତିଆ ବା ଜାବଦ୍ ଭ୍ରାତୃକାବ୍ରତ କୁହାଯାଏ । ନବମୀ ରାତିରେ ଗାଏନ୍ ବଳି, ଡ଼ାଙ୍ଗୁଆ ବଳି ଓ ମହାନବମୀ ବଳି ଅନୁଷ୍ଠିତ ହୁଏ ।

ଅଷ୍ଟଚଣ୍ଡୀଙ୍କୁ ଆଠଟି ପାହୁର ପଠାଯାଏ । ସୋମଲାଇ ଗୁଡ଼ୀରେ ମହାଦୀପ ଜଳେ । ପାଟଖଣ୍ଡା ଉଠାଯାଏ । ମେଷବଳି ପଡ଼େ । ଛେଦ ଦାରବରଣୀୟା ବ୍ରାହ୍ମଣ ପାଆନ୍ତି । ପୂର୍ଣ୍ଣାହୁତି ପଡ଼େ । ମହାରାଜା ଚତୁର୍ଥ ସେବନ କରନ୍ତି । ସହସ୍ରାକ୍ଷସ୍ନାନ କରନ୍ତି । ପଞ୍ଚୋପଚାର ପୂଜାକରନ୍ତି । ମହାରାଜାଙ୍କ ବସଣୀକପଡ଼ା ଭୋଇ ପାଏ । ସ୍ନାନ କପଡ଼ା ପୁରୋହିତ ନିଅନ୍ତି । ଖଣ୍ଡାଘରୁ ପାଟଖଣ୍ଡା, ଦଳଖଣ୍ଡା, ଅମର ସିଂ ତେଗା, ପଥର ଫୋଳା କଟାରୀ, ଛୁରୀ ସହ କନକ ଦୁର୍ଗା, ଭୁବନେଶ୍ୱରୀ, ଖଣ୍ଡାଧୁଆ ଘଟକୁ ଅଣାଯାନ୍ତି । ଖଣ୍ଡାସ୍ନାନ ପରେ ପାଟ ଖଣ୍ଡା ଓ ଠାକୁରାଣୀଙ୍କୁ ଭିତର ଗୋପାଳଜୀ ମନ୍ଦିରକୁ ନିଆଯାଏ । ଯମଦାଢ଼ ଖଣ୍ଡା ରତ୍ନଭଣ୍ଡାରରେ ରହେ । ଛାଗବଳି ଦିଆଯାଏ । ଛେଦ ଖଣ୍ଡାଘର ପୂଜାରୀ, ଟହଲିଆ ଓ ବାଇଘରିଆମାନେ ପାଆନ୍ତି ।

ତାପରେ ଆସେ ଦଶହରା । ଏହିଦିନ ଅଚଳ ସିଂହଦେବ(୧୭୨୫-୫୦) ଙ୍କ ଅମଳରୁ ରାଜ୍ୟର ସମସ୍ତ ଜମିଦାର, ଗଡ଼ତିଆ, ଗଡ଼ତୀ ସିପାହୀମାନଙ୍କ ଅସ୍ତ୍ରଶସ୍ତ୍ର ଯାଞ୍ଚବ୍ୟବସ୍ଥା ପ୍ରଚଳିତ ହୋଇଆସୁଛି । ଏହି ଦିନ ରାଜ୍ୟର ୧୧ଜଣ ଜମିଦାର ଓ ଅଠର ଜଣ ଗଡ଼ତିଆ ବାଦ୍ୟବାଜା ସହ ସିପାହୀମାନଙ୍କ ଗହଣରେ ଆଟୋପରେ ଆସନ୍ତି । ଅସ୍ତ୍ରଶସ୍ତ୍ର ଯାଞ୍ଚ ହୁଏ । ରାଜାଙ୍କୁ ଧୂଳିଆ ଟିକା ବା ଦଶହରା ଭେଟି ଦିଆଯାଏ ।

ଦଶହରା ଦିନ ମହାରାଜା ଓ ମହାରାଣୀ ଉପବାସ କରନ୍ତି । ରତ୍ନସିଂହାସନରେ ବସି ଭେଟି ଗ୍ରହଣ କରନ୍ତି । ତାପରେ ଶଙ୍ଖବାଇତୁରୀ ବାଦ୍ୟବାଜା କରି ଗଡ଼ତିଆ ଜମିଦାର, ଗଡ଼ତୀସିପାହୀ, ଅମଲା, ଅଫିସର ଗହଣରେ ତୋପ ଧ୍ୱନିକରି ଗୋପାଳଜୀ ମନ୍ଦିରକୁ ବିଜେ କରନ୍ତି । ସେଠାରେ ପାଟଖଣ୍ଡା ଖମ୍ଭେଶ୍ୱରିଆ ପୁରୋହିତଙ୍କୁ ଅର୍ପଣ କରନ୍ତି ।

ଦଶହରାଦିନ ଦିନକ ପାଇଁ ଖମ୍ଭେଶ୍ୱରିଆ ପୁରୋହିତ ପ୍ରତୀକ ସ୍ୱରୂପ ରାଜା ହୁଅନ୍ତି । ପାଟଖଣ୍ଡା ଧରି ଘୋଡ଼ାପିଠିରେ ବସି ବାଦ୍ୟବାଜା ସହ ରଣଜିତା ଟିକିବାକୁ ଯାଆନ୍ତି । ସେଇଠି ଚାରିଦିଗକୁ ଚାରିଟି ଶର ନିକ୍ଷେପ କରନ୍ତି । ରାଜଶକ୍ତିର ନିଦର୍ଶନ ରୂପେ ବରଗାଛକୁ ଦଣ୍ଡ ଦିଅନ୍ତି । ତାପରେ ଫେରିଆସି ମହାରାଜାଙ୍କୁ ପାଟଖଣ୍ଡା ସମର୍ପଣ କରନ୍ତି । ଏହି ଦିବସର ସ୍ମୃତି ସ୍ୱରୂପ ଏବେ ମଧ୍ୟ ପିଲାଙ୍କ ମୁଖରୁ ଶୁଣାଯାଏ, ଏକ୍ ଦିନିକା ପୁରୁତ୍ ରଜା । ଡ୍ରିଙ୍ଗଡ୍ରାଙ୍ଗ୍ କରି ବାଜ୍‌ଲା ବଜା ।

ଏହିଦିନ ଏଠି ଆଉ ଏକ ବ୍ୟତିକ୍ରମ ଦେଖାଯାଏ । ଆଶ୍ୱିନ କୃଷ୍ଣ ଷଷ୍ଠୀରେ ଗଜପୂଜା ନହୋଇ ହୁଏ ଦଶହରା ଦିନ । ଅଶ୍ୱପୂଜା ପରି ଏହା ଆଉ ଏକ ବ୍ୟତିକ୍ରମ । ଉପର ଓଳି ଫୌଜଦାର, ମାହୁନ୍ତ, ଘାସିମାନେ ଲାଟ ପାଆନ୍ତି । ହାତୀମାନଙ୍କୁ ମିଷ୍ଟାନ୍ନ ଖୁଆଯାଏ ।

ଏହି ଦିନ ସୋମଲାଇ ଗୁଡ଼ୀରେ ଦଶହରା ବଳି ବା ମଉଧାନିଆ ବଳି ଉଠେ । ଦୁର୍ଗାଦେବୀ ନବମୀଦିନ ଖମ୍ଭେଶ୍ୱରୀ ମନ୍ଦିରରୁ ଆସି ସୋମଲାଇ ମନ୍ଦିରରେ ଥାନ୍ତି । ତାଙ୍କୁ ସେଠାରୁ ସନ୍ଧ୍ୟାରେ ଅଣାଯାଏ । ଦୁର୍ଗାଦେବୀ ଖାଲରେ ମଇଁଷି ବଳି ଦିଆଯାଏ । ଦୁର୍ଗାଦେବୀ ମନ୍ଦିରରେ ମହାଦୀପ ଜଳେ । ପତାକା ଲଗାଯାଏ । ପ୍ରତିପଦାରେ ବସିଥିବା ଜାଗର ଉଠାଯାଏ ।

ମହାରାଜା ସୋମନାଥ ବ୍ରତ ସାରି ଦରବାର ହଲ୍‌ରେ ବିଜେ କରନ୍ତି । ସମସ୍ତେ ଟିକା କରନ୍ତି । ଲାଟ ପାଆନ୍ତି ।

ଶେଷରେ ଆସେ ପୂର୍ଣ୍ଣମୀ । ସୋନପୁରରେ ଆଶ୍ୱିନ ପୂର୍ଣ୍ଣମୀକୁ କୁଆପୁନି ବା ଦ୍ୟୁତ ପୂର୍ଣ୍ଣିମା କୁହାଯାଏ ।

ସନ୍ଧ୍ୟାରେ ମହାରାଜା କଉଡ଼ିଖିଆ ବିନ୍ଧୁ ବିନ୍ଧୁ ଷଷ୍ଠୀଦେବୀଙ୍କ ଗୃହରୁ ବାହାରି ବୃତବେଦୀ, ମଦନମୋହନ ଦରଦ୍ୱାର, ଭିତର ସଭାଗୃହ, ଭିତର ଗୋପାଳଜୀ, କୋଠା ଜଗନ୍ନାଥ, ଦୁର୍ଗାଦେବୀ, ସିଂହ ବିରଜା, ବାହାର ଗୋପାଳଜୀ, ରାଜଭଣ୍ଡାର ଓ ଜଗନ୍ନାଥ ମନ୍ଦିର ଯାଆନ୍ତି । ସେଠାରୁ ହନୁମାନ ଛତ୍ର ଓ ହନୁମାନ ମୂର୍ତ୍ତି ବାହାରକରି କଉଡ଼ି ବିନ୍ଧୁ ବିନ୍ଧୁ ଲୋକନାଥ, ନାରାୟଣୀ, ଗୋପୀନାଥ, ସୋମଲାଇ, ଗଡ଼ଦରଜା, ହାତୀଶାଳ, ମାର୍ଗରେ ଯାଇ ହନୁମାନ ମନ୍ଦିରରେ କଉଡ଼ି ବିଷନ୍ତି । ଏ କଉଡ଼ି କୁମ୍ଭାର ପଣ୍ଡୁଆ ନିଏ । ହନୁମାନ ଓ ଛତ୍ର ସେଇଠି ରହନ୍ତି । ଛତ୍ର ଓ ହନୁମାନଙ୍କୁ ପୂଜା କରାଯାଏ । ଲୁପୁର ସିଂହାରୁ ପୂଜାସାମଗ୍ରୀ ଆସେ । ସରମତିଆ, ସିଙ୍ଗରାଘରିଆ ସହର ତମାମ ବଣ୍ଟାଯାଏ । ହନୁମାନ ମନ୍ଦିରରେ ପ୍ରତିଷ୍ଠାପୂର୍ବକ ପୂଜା ହୁଏ । ଚାରିଟି ମେଣ୍ଢା ଓ ଛେଳି ପଡ଼େ ।

ଅଷ୍ଟଚଣ୍ଡୀ ମନ୍ଦିରକୁ ଆଠଟି ପାହୁର ଯାଏ । ଦୁର୍ଗାଦେବୀ ମନ୍ଦିରରେ ଶତଚଣ୍ଡୀ ସମାପ୍ତି ହୋମ ହୁଏ । ଖେଚୁଡ଼ି ଓ ୧୦୮ଟି ପିଠା ଭୋଗହୁଏ । ଖାଲାଇ ପଡ଼ାରେ ଅନ୍ନଭୋଜନ ହୁଏ । ଜଗନ୍ନାଥ ମନ୍ଦିରରେ ଝୁଲଣ ଯାତ୍ରା ହୁଏ ।

ଏହି ଦିନ ପୁନିବଳି ବା କାଙ୍କାନି ବଳି ଉଠେ । ଓଡ଼ିଶାରେ କୌଣସି ରାଜ୍ୟରେ ଏଭଳି ବଳି ଉତ୍ସବ ଅନୁଷ୍ଠିତ ହୁଏ ନାହିଁ ।

ଏହି ଦୁର୍ଗୋତ୍ସବବେଳେ ପାଟଖଣ୍ଡା ଗୃହରେ ଷୋଡ଼ଶ ରାତ୍ରପୂଜା, ସୋମଲାଇ ଗୁଡ଼ୀରେ ନବରାତ୍ର(ସହିତ ଦେବୀଙ୍କ ନବବେଶ), ଖାଲାଇ ଗାଡ଼ ବା ବାର ମୁଣ୍ଡା ଘରରେ ପଞ୍ଚରାତ୍ର, ଖମ୍ଭେଶ୍ୱରୀ ଗୁଡ଼ୀରେ ତ୍ରିରାତ୍ର ଓ ଦୁର୍ଗାଦେବୀ ମନ୍ଦିରରେ ଏକ ରାତ୍ର ପୂଜା ହୁଏ । ବାଜା ବାଜେ । ଘଣ୍ଟ ଘଣ୍ଟି ଢୋଲ ନିଶାନର ନିନାଦରେ ସୋନପୁର ସହର ଶିହରି ଉଠେ । ଏକ ଅହେତୁକ ଆତଙ୍କ ମନକୁ ଆଚ୍ଛନ୍ନ କରି ରଖେ । ଶାଣିତ ତରବାରୀର ନିର୍ମମ ପ୍ରହାରରେ ନିରୀହ, ନିଷ୍ପାପ ମେଷଶାବକଙ୍କ ଦେହର ଅବାରିତ ରକ୍ତସ୍ରାବ ଏକ ହୃଦୟହୀନ, ଅମାନବିକ, ତାମସିକ, ତାନ୍ତ୍ରିକ ପରିବେଶକୁ ରଙ୍ଗୀନ କରିଦିଏ । ଆଶ୍ୱିନର ଅନ୍ଧକାର ହୃଦୟକୁ ଆଲୋଡ଼ି ରଖେ । ସେ ଅନ୍ଧକାର ଭିତରେ କେତେ ଦେବୀଙ୍କ କରାଳ, ବିକରାଳ ମୂର୍ତ୍ତି ଉଙ୍କି ଉଠେ । ଆଶ୍ୱିନ ପୂର୍ଣ୍ଣିମାର ଜହ୍ନ ଉଏଁ । ଜହ୍ନ ଆଲୁଅରେ ଅନ୍ଧାରର ସେ ମୂର୍ତ୍ତିସବୁ କୁଆଡ଼େ ଲୁଚିଯାନ୍ତି । କୁଆପୁନିର ପଶାପାଲି ଗଡ଼େ ସୋନପୁରର ପଡ଼ାରେ, ପଡ଼ାରେ ।

ପ୍ରଫେସର କଲୋନି, ପୁରୀ-୭୫୨୦୦୨

ଭକ୍ତ ପ୍ରସନ୍ନ

# ମହାତ୍ମାଗାନ୍ଧୀଙ୍କ ଅନ୍ତିମ ସେବକ : ରଘୁନାଥ ନାୟକ

● ଶ୍ରୀ ଶରତଚନ୍ଦ୍ର ମଲ୍ଲିକ

ଜାତିର ଜନକ ମହାତ୍ମା ଗାନ୍ଧୀ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ମାନବ ଜାତିର ସେବାରେ ବିନିଯୋଗ କରିଥିଲେ । ଅବହେଳିତ ମାନବ ଜାତିକୁ ଉଦ୍ଧାର କରି ସାରା ବିଶ୍ୱରେ ସେ ମହାମାନବ ରୂପେ ପରିଗଣିତ । ବିଶ୍ୱର ପ୍ରାୟ ସବୁ ଦେଶରେ ସେ ସ୍ମରଣୀୟ ହୋଇଛନ୍ତି । ମହାତ୍ମାଜୀଙ୍କ ସାନ୍ନିଧ ଲାଭ କରିଥିବା ପ୍ରତ୍ୟେକ ବ୍ୟକ୍ତି ନିଜକୁ ଗୌରବାନ୍ୱିତ ମନେ କରିବା ପରି ତାଙ୍କୁ ଦର୍ଶନ କରିଥିବା ବ୍ୟକ୍ତି ମଧ୍ୟ ନିଜକୁ ଭାଗ୍ୟବାନ ମନେ କରନ୍ତି । ଘଟଣାଚକ୍ରରେ ମହାମାନବଙ୍କର ମହାପ୍ରୟାଣ ଜଣେ ଓଡ଼ିଆ ଲୋକଙ୍କ କୋଳରେ ହୋଇଥିବାରୁ ସମଗ୍ର ଓଡ଼ିଶାବାସୀ ମହାତ୍ମାଜୀଙ୍କ ସହ ନିଜର ଆତ୍ମୀୟତା ପ୍ରକାଶ କରିଥାଆନ୍ତି । ଗୌତମ ବୁଦ୍ଧଙ୍କଠାରୁ ସର୍ବପ୍ରଥମେ ବୌଦ୍ଧଧର୍ମର ବାଣୀ ଶ୍ରବଣକରି ଦୁଇଜଣ ଉତ୍କଳୀୟ ବିଶ୍ୱର ସର୍ବ ପ୍ରଥମ ବୌଦ୍ଧ ଧର୍ମାବଲମ୍ବୀଭାବେ ପରିଚିତ ହେବା ପରି ଜଣେ ଓଡ଼ିଆଙ୍କ କୋଳରେ ମହାତ୍ମାଜୀଙ୍କ ମହାପ୍ରୟାଣ ହୋଇଥିବାରୁ ସେ ଆଜି ମହାତ୍ମାଗାନ୍ଧୀଙ୍କର 'ଅନ୍ତିମ ସେବକ' ଭାବେ ସର୍ବତ୍ର ପରିଚିତ ।

ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ମାନବଜାତି ଇତିହାସରେ ଏକ କଳଙ୍କିତ ଅଧ୍ୟାୟ । ଖ୍ରୀଷ୍ଟ ଧର୍ମର ପ୍ରବର୍ତ୍ତକ ଯିଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହେବାପରି ଗାନ୍ଧିଜୀଙ୍କ ମହାପ୍ରୟାଣ ଦ୍ୱିତୀୟ କ୍ରୁଶବିଦ୍ଧ (ସେକେଣ୍ଡ କ୍ରୁସିଫିକେସନ) ଭାବେ ପରିଚିତ । ମହାତ୍ମାଗାନ୍ଧୀଙ୍କ ଜୀବନକୁ ବିନାଶ କରିବା ପାଇଁ ବହୁପୂର୍ବରୁ ଉଦ୍ୟମ ହୋଇ ଆସିଥିଲା । ମାତ୍ର ତାହା ୧୯୪୮ ମସିହା ଜାନୁୟାରୀ ୩୦ ତାରିଖ ଶୁକ୍ରବାର ସନ୍ଧ୍ୟାରେ ହିଁ ସଂଘଟିତ ହୋଇଥିଲା । ନୂଆଦିଲ୍ଲୀର 'ବିରଳା ଭବନ' ପରିସର ମଧ୍ୟରେ ସଙ୍ଘଟିତ ଏହି ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କରେ ବହୁ ପୁସ୍ତକ ଓ ପ୍ରବନ୍ଧମାନ ପ୍ରକାଶିତ ହୋଇଅଛି । ଏହି ପ୍ରକାଶନମାନଙ୍କ ମଧ୍ୟରେ ରଘୁମାଳୀଙ୍କ ନାମ ଉଲ୍ଲେଖ ରହିଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ବିଶେଷ କିଛି ଲେଖା ପ୍ରକାଶିତ ହୋଇନାହିଁ । ଘଟଣାଦିନ ନିଜର କର୍ତ୍ତବ୍ୟ ଶେଷ କରି ରଘୁମାଳୀ ସମବେତ ଶହ ଶହ ଲୋକଙ୍କ ସହିତ ବିରଳାଭବନ ପରିସର ମଧ୍ୟରେ ମହାତ୍ମାଜୀଙ୍କ ଦର୍ଶନ ଓ ପ୍ରାର୍ଥନା ସଭାରେ ଯୋଗ ଦେବା ପାଇଁ ଅପେକ୍ଷା କରି ରହିଥାଆନ୍ତି । ସମସ୍ତଙ୍କ ଲକ୍ଷ୍ୟ ବିରଳା ଭବନ ଆଡ଼କୁ ଆଗ୍ରହର ସହ ରହିଥାଏ । ସାମାନ୍ୟ ବିଳମ୍ବ କରି ମହାତ୍ମାଜୀ ବିରଳା ଭବନ ମଧ୍ୟରୁ ବାହାରିଲେ ଏବଂ ପ୍ରାର୍ଥନାସଭା ମଣ୍ଡପ ନିକଟକୁ ଆସୁଥିବା ସମୟରେ ସମସ୍ତେ ଦଣ୍ଡାୟମାନ ହୋଇ ତାଙ୍କ ଉଦ୍ଦେଶ୍ୟରେ ନିଜ ନିଜର ଭକ୍ତି ନିବେଦନ କରୁଥିଲେ । ଠିକ୍ ଏହି ସମୟରେ ଆତତାୟୀ ନାଥୁରାମ ଗଡ଼ସେ ସମ୍ମୁଖକୁ ଚାଲିଆସି ତାଙ୍କ ଉପରକୁ ଗୁଳି ଚଳାଇଲା । ଗୁଳି ଚଳିବାର ଆବାଜ୍ ଶୁଣି ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ଯେ ଯୁଆଡ଼େ ଇତସ୍ତତଃ ହୋଇ ଦୌଡ଼ି ପଳାଇଲେ । ମାତ୍ର ସେତେବେଳେ ରଘୁମାଳୀର ମାନସିକ ଅବସ୍ଥା ଥିଲା ଭିନ୍ନ । ନିଜକୁ ରକ୍ଷା କରିବା ପରିବର୍ତ୍ତେ 'ବାପୁ'ଙ୍କୁ ରକ୍ଷା କରିବା ପାଇଁ ତତ୍‌କ୍ଷଣାତ 'ଆରେ ବାପୁକୋ ହତ୍ୟା [illegible]' ଆତତାୟୀ ନାଥୁରାମକୁ ପିସ୍ତଲ ସହ କାବୁ କରିନେଇଥିଲେ । ଫଳରେ ନିଜ ପିସ୍ତଲରେ ହତ୍ୟାକାରୀ ନାଥୁରାମ ଗଡ଼ସେ ଗାନ୍ଧିଜୀଙ୍କ ଉପରକୁ ଆଉ ଗୁଳି ଚଳାଇ ପାରିଲା ନାହିଁ କିମ୍ବା ନିଜେ ଆତ୍ମହତ୍ୟା ମଧ୍ୟ କରି ପାରିଲା ନାହିଁ । ଅନ୍ୟ କେହି ତା'ର ପିସ୍ତଲରେ ମଧ୍ୟ ଆହତ ହେଲେ ନାହିଁ । ରଘୁମାଳୀ କବଜାରୁ ମୁକୁଳିବା ପାଇଁ ନାଥୁରାମ ଉଦ୍ୟମ କରୁଥିବା ସମୟରେ ଦୂରରେ ରହିଥିବା ସାଧା ପୋଲିସ ଦୌଡ଼ି ଆସି ତାକୁ ଗିରଫ କରି ନେଇଥିଲେ । ନାଥୁରାମ ଗିରଫ ହୋଇଯିବା ପରେ ରଘୁମାଳୀ ଦେଖିଲେ ଯେ ମାନବଜାତିର ତ୍ରାଣକର୍ତ୍ତା ଓ ଜାତିର ଜନକ ମହାତ୍ମାଗାନ୍ଧୀ ଗୁଳିବିଦ୍ଧ ହୋଇ ସେ ନିଜେ ପ୍ରସ୍ତୁତ କରିଥିବା ବିରଳା ଭବନ ବଗିଚା ମଧ୍ୟରେ 'ହେ ରାମ' କହି ଧରାଶାୟୀ ହୋଇ ପଡ଼ିଛନ୍ତି । ସେହି ସ୍ଥାନରେ ହଠାତ୍ ବସି ପଡ଼ି ରଘୁମାଳୀ ନିଜ କୋଳକୁ ମହାମାନବଙ୍କୁ ଟେକି ଆଣିଥିଲେ ଓ ପରେ ପରେ ସେହି ରଘୁମାଳୀର କୋଳରେ ହିଁ ମହାତ୍ମାଜୀଙ୍କର ମହାପ୍ରୟାଣ ହୋଇ ଯାଇଥିଲା । ଅନ୍ୟମାନଙ୍କ ସହ ଗାନ୍ଧିଜୀଙ୍କ ଶରୀରକୁ ରଘୁମାଳୀ ବିରଳା ଭବନ ମଧ୍ୟକୁ ନେଇଯାଇଥିଲେ ଓ ସେଠାରେ ଡ଼ାକ୍ତରମାନେ ମୃତ୍ୟୁ ଘୋଷଣା କରିଥିଲେ । ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମାଉଣ୍ଟବ୍ୟାଟେନ, ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ଯାଇଥିଲେ । ଗାନ୍ଧିଜୀଙ୍କ ମୃତ୍ୟୁ ସମ୍ପର୍କରେ ପ୍ରଧାନମନ୍ତ୍ରୀ ହିସାବରେ ପଣ୍ଡିତ ନେହେରୁ 'ଆଲୋକ ଲିଭିଗଲା' ବୋଲି ରେଡ଼ିଓ ମାଧ୍ୟମରେ ସାରା ଦେଶକୁ ଜଣାଇଥିଲେ । ଭାରତବର୍ଷ ତଥା ସାରା ବିଶ୍ୱ ମହାମାନବଙ୍କ ମହାପ୍ରୟାଣରେ ସ୍ତବ୍ଧ ହୋଇଯାଇଥିଲା ।

ଯେଉଁ ସାହସୀ ରଘୁମାଳୀଙ୍କ କୋଳରେ ମହାତ୍ମାଜୀଙ୍କ ମହାପ୍ରୟାଣ ହୋଇଥିଲା, ତାଙ୍କର ପୁରା ନାମ ରଘୁନାଥ ନାୟକ । କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ ଜାମ୍ବୁଲେଇ ପଡ଼ା ଗ୍ରାମରେ ୧୯୧୧ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ । ବୟସ ହେବାପରେ ରୋଜଗାର କାମ କରିବା ପାଇଁ ପ୍ରଥମେ କଲିକତାରେ ପହଞ୍ଚିଥିଲେ । ମାତ୍ର ବିଧିର ବିଧାନ ଅନୁସାରେ ମାନବଜାତି ଇତିହାସରେ ଗୋଟିଏ ଐତିହାସିକ କାର୍ଯ୍ୟ ସମାପନ କରିବା ପାଇଁ ୧୯୪୦ ମସିହାର ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ନୂଆଦିଲ୍ଲୀଠାରେ ପହଞ୍ଚିଥିଲେ ଓ ସେଠାରେ ବିରଳା ଭବନରେ ମାଳୀ କାର୍ଯ୍ୟ କରିବା ପାଇଁ ସଙ୍ଗେ ସଙ୍ଗେ ନିଯୁକ୍ତି ପାଇଯାଇଥିଲେ ।

ସେଠ୍ ଘନଶ୍ୟାମଦାସ ବିରଳା ତାଙ୍କୁ ଭଲରୂପେ ଚିହ୍ନିଥିଲେ । ଗାନ୍ଧିଜୀଙ୍କୁ ସେଠାରେ ସେ ଯେତେବେଳେ ଦେଖୁଥିଲେ, ଭାବ ବିହ୍ୱଳ ହୋଇ ପଡୁଥିଲେ । ତାଙ୍କ ଦ୍ୱାରା ପ୍ରଭାବିତ ମଧ୍ୟ ହେଉଥିଲେ । ବିରଳା ଭବନ ପରିସର ମଧ୍ୟରେ ସଙ୍ଘଟିତ ହତ୍ୟାକାଣ୍ଡର ମୁଖ୍ୟ [illegible]

[illegible]

ନାଥୁରାମ ଗଡ଼ସେ ସହ ରଘୁନାଥ ନାୟକଙ୍କର ତୁଳନା କରାଯାଇପାରେ । ଦୁହିଁଙ୍କର ବୟସ, ଉଚ୍ଚତା ଓ ସ୍ୱାସ୍ଥ୍ୟ ପ୍ରାୟ ସମାନ ଥିଲା । ନାଥୁରାମ ପଶ୍ଚିମ ଭାରତର ଲୋକ ଥିଲାବେଳେ ରଘୁନାଥ ପୂର୍ବ ଭାରତର ଲୋକଥିଲେ । ନାଥୁରାମ ଜଣେ ଉଚ୍ଚ ଜାତିର ମରାଠା ଓ ମୌଳବାଦୀ ଥିଲାବେଳେ ରଘୁନାଥ ଜଣେ ସାଧାରଣ ଓଡ଼ିଆ ଓ କୃଷକ ପରିବାରର ଲୋକଥିଲେ । ମାନବଜାତି ଇତିହାସରେ ନାଥୁରାମ ଜଣେ ପ୍ରଥମ ହତ୍ୟାକାରୀଭାବେ କୁଖ୍ୟାତ ଓ ସେଥିପାଇଁ ସେ ଫାଶୀ ପାଇଛି । ମାତ୍ର ରଘୁନାଥଙ୍କ ଉଦ୍ୟମ ବିଫଳ ହୋଇଥିଲେ ମଧ ସେ ସର୍ବତ୍ର ରଣୀୟ । ତାଙ୍କ ସାହସିକ ପଦକ୍ଷେପ ପାଇଁ ସେ ପ୍ରଶଂସିତ । ଭାରତବର୍ଷର ପ୍ରଥମ ରାଷ୍ଟ୍ରପତି ଡ଼ଃ ରାଜେନ୍ଦ୍ର ପ୍ରସାଦ ୧୯୫୫ ମସିହାରେ ତାଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେବା ସହ ପ୍ରଶଂସାପତ୍ର ମଧ ଦେଇଛନ୍ତି । ଦେଶୀ ପ୍ରଶାସନ ମଧ ତାଙ୍କୁ ପ୍ରଶଂସା କରିଛନ୍ତି । ତାଙ୍କ ନାମ ବିଭିନ୍ନ ପୁସ୍ତକରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଅଛି । ରଘୁନାଥ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ସମ୍ପର୍କରେ 'ଗାନ୍ଧୀସ୍ମରଣେ' ପ୍ରବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି ।

ଶ୍ରୀରଘୁନାଥ ନାୟକ ୧୯୭୨ ମସିହାରେ ଚାକିରିରୁ ଅବସର ନେବାପରେ ନିଜ ଗ୍ରାମ ଜାଗୁଲେଇ ପଡ଼ାକୁ ଫେରି ଆସିଥିଲେ ଓ ୧୯୮୩ ମସିହାରେ ତାଙ୍କର ପରଲୋକ ହୋଇଥିଲା । ତାଙ୍କ ସ୍ତ୍ରୀ ମନ୍ଦୋଦରୀ ଦେବୀ ବିରଳା କମ୍ପାନୀଠାରୁ ମାସିକ ମାତ୍ର ୨୫ ଟଙ୍କା ପେନ୍‌ସନ୍ ପାଉଛନ୍ତି ।

୧୯୯୯ ଜାନୁୟାରୀ ୩୦ ତାରିଖ-ଶହୀଦ ଦିବସ ଅବସରରେ ରାଜ୍ୟସରକାରଙ୍କ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ପ୍ରାର୍ଥନା ସଭା ଉତ୍ସବରେ ସେହି ସାହସୀ ଓଡ଼ିଆଙ୍କ ବିଧବା ପତ୍ନୀଙ୍କୁ ସମ୍ମାନିତ କରାଯାଇଥିଲା । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଉତ୍ସବରେ ଉପସ୍ଥିତ ରହି ସ୍ୱର୍ଗତ ରଘୁନାଥ ନାୟକଙ୍କ ବିଧବା ପତ୍ନୀଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦଶ ହଜାର ଟଙ୍କା ସାହାଯ୍ୟ ମଧ ଦେଇଥିଲେ । ଉତ୍ସବରେ ପଠିତ ଘୋଷଣାପତ୍ରରେ ସ୍ୱର୍ଗତ ନାୟକଙ୍କୁ ମହାତ୍ମାଗାନ୍ଧୀଙ୍କର 'ଅନ୍ତିମ ସେବକ' ଭାବେ ପରିଚିତ କରାଯାଇଥିଲା ।

*ସି.ଏଲ୍‌-୨୧, ଗଡ଼ ସୁରେନ୍ଦ୍ରସାଏ ନଗର, ଭୁବନେଶ୍ୱର-୪*

• • •

# ଦିଲ୍ଲୀଠାରେ ଆନ୍ତର୍ଜାତିକ ବାଣିଜ୍ୟମେଳା ପ୍ରସ୍ତୁତି

ଆନ୍ତର୍ଜାତିକ ବାଣିଜ୍ୟମେଳାରେ ଆମ ରାଜ୍ୟର ଯୋଗଦାନ ତଥା ତତ୍‌ସମ୍ବନ୍ଧୀୟ ଆଗୁଆ ପ୍ରସ୍ତୁତି ସମ୍ବନ୍ଧରେ ନିକଟରେ ନୂଆଦିଲ୍ଲୀଠାରେ ଏକ ବୈଠକରେ ଆଲୋଚନା ହୋଇଯାଇଛି । ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଅଧ୍ୟକ୍ଷତା କରି ମତ ପ୍ରକାଶ କରିଥିଲେ ଯେ ରାଜ୍ୟରେ ଉତ୍ପାଦିତ ଜିନିଷପତ୍ରଗୁଡ଼ିକୁ ରାଜ୍ୟ ତଥା ଦେଶ ବାହାରେ ଆଦୃତ କରିବା ପାଇଁ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଉଚିତ ।

ପ୍ରଗତିମୈଦାନସ୍ଥିତ ଓଡ଼ିଶା ମଣ୍ଡପଠାରେ ଆଲୋଚନା ଓ ମଣ୍ଡପ ପର୍ଯ୍ୟବେକ୍ଷଣରେ ଦିଲ୍ଲୀସ୍ଥିତ ପ୍ରମୁଖଆବାସିକ କମିଶନର ଶ୍ରୀ ପ୍ରସନ୍ନ ହୋତା, ସୂଚନା ଓ ଲୋକ ସମ୍ପର୍କ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଜୟନ୍ତ କୁମାର ଦେବ, ମୁଖ୍ୟସ୍ଥପତି ଶ୍ରୀ ଯୁଗଳକିଶୋର ନାୟକ, ନିର୍ବାହୀଯନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ରାୟ, ନିର୍ବାହୀଯନ୍ତ୍ରୀ ଶ୍ରୀ ଆର୍.କେ. ସାହୁ, ସୂଚନା ଅଧିକାରୀ ଶ୍ରୀ ତପନ ଦାସ ଏବଂ ପୂର୍ତ୍ତ ବିଭାଗ ଓ ସୂଚନା ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ନଭେମ୍ବର ମାସରେ ହେବାକୁ ଥିବା ଆନ୍ତର୍ଜାତିକ ବାଣିଜ୍ୟମେଳାରେ ଓଡ଼ିଶା ମଣ୍ଡପକୁ ଯଥାସମ୍ଭବ ସରସ ଓ ସୁନ୍ଦର କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂହ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ କୃଷି, ଶିଳ୍ପ ବିକାଶ ପ୍ରଦର୍ଶନ ଉପରେ ବାଣିଜ୍ୟମେଳା ଗୁରୁତ୍ୱ ଦେଉଥିବାରୁ ରାଜ୍ୟର ଉଦ୍ୟୋଗ ସଂସ୍ଥାର ଉତ୍ପାଦନ ଓ ଜଙ୍ଗଲଜାତ ଦ୍ରବ୍ୟର ବିଶେଷ ଭାବରେ ପ୍ରଦର୍ଶନ କରାଯିବା ନିମନ୍ତେ ପ୍ରମୁଖ ଆବାସିକ କମିଶନର ଶ୍ରୀ ହୋତା ଓ ଶାସନ ସଚିବ ଶ୍ରୀ ଦେବ ମତପ୍ରକାଶ କରିଥିଲେ । ବହୁ ସଂଖ୍ୟାରେ ବିଭିନ୍ନ ଅଂଶଗ୍ରହଣକାରୀଙ୍କ ଯୋଗଦାନ ଓ ସେମାନଙ୍କ ସୁବିଧା ନିମନ୍ତେ କେତେକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହୋଇଛି ।

# ଦଶ ମହାବିଦ୍ୟା

ଶ୍ରୀ ଦୁଃଖୀଶ୍ୟାମ ଦାଷ

ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣକୁ ଆଧାର କରି ଐତିହାସିକମାନେ ଶକ୍ତିପୂଜାର ପରମ୍ପରା ପ୍ରାଗୈତିହାସିକ ଯୁଗରୁ ପ୍ରଚଳିତ ହୋଇ ଆସୁଛି ବୋଲି ମତପ୍ରକାଶ କରିଥାନ୍ତି । ସିନ୍ଧୁ ସଭ୍ୟତାର ସ୍ମୃତି ରୂପେ କେତେକ ମୃତ୍ତିକା ନିର୍ମିତ ମାତୃମୂର୍ତ୍ତି ଓ ଚକ୍ର ଆଦିର ସନ୍ଧାନ ମିଳିଛି । ଏହା ପ୍ରାଚୀନ ଶକ୍ତି ଉପାସନାର ସ୍ମାରକୀ ବହନ କରିଥାଏ । ବୈଦିକ ଯୁଗରେ ଶକ୍ତି ପୂଜାର ପ୍ରଚଳନ ଥିଲା ଏହା ଶାସ୍ତ୍ରବିଦିତ । ଏହି ଶକ୍ତି କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା ଓ କମଳା ଆଦି ରୂପେ ବିରାଜିତା । ଏହି ଦଶମୂର୍ତ୍ତି ହିଁ ଦଶମହାବିଦ୍ୟା ତଥା ମହାଶକ୍ତିଙ୍କର ଦଶମୂର୍ତ୍ତି । ଶକ୍ତି ପରମ୍ପରାରେ ଦଶମହାବିଦ୍ୟାଙ୍କର ମହାତ୍ମ୍ୟ ଅତୀବ ଗୁରୁତ୍ୱପୂର୍ଣ୍ଣ । ''ମହାଲକ୍ଷ୍ମୀ'' ଓ ''ମହାସରସ୍ୱତୀ'' ଶକ୍ତି ପରମ୍ପରାର ଅନ୍ତର୍ଭୁକ୍ତ ବୋଲି ପ୍ରମାଣସିଦ୍ଧ । କାରଣ 'ମହାଲକ୍ଷ୍ମୀ' ସମସ୍ତ ଦେବଗଣଙ୍କର ତେଜସମୂହରୁ ଆବିର୍ଭୂତା । ସେହି ତେଜଦୀପ୍ତ ଶକ୍ତି ସମଗ୍ର ଜଗତରେ ପରିବ୍ୟାପ୍ତ । ସେ ହେଉଛନ୍ତି ଦେବୀ ଅମ୍ବିକା, ମହିଷାମର୍ଦ୍ଦିନୀ ଦୁର୍ଗା । 'ମହାସରସ୍ୱତୀ' ହେଉଛନ୍ତି ମହାମାୟାଙ୍କର ଜ୍ଞାନଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ଏ ଜଗତରେ ତାଙ୍କଠାରୁ ଆଉ ଦ୍ୱିତୀୟ ଶକ୍ତି କେହି ନାହାଁନ୍ତି । ତେଣୁ ଦେବତାମାନେ ନାରାୟଣୀଙ୍କର 'ଗୁଣକୀର୍ତ୍ତନ ମାଧ୍ୟମରେ' ମହାସରସ୍ୱତୀଙ୍କୁ ଆରାଧନା କରିଥିଲେ । ସତ୍ୟଯୁଗରେ ଦେବଗଣ ଯେଉଁ ମହାମାୟାଙ୍କୁ ଏହିପରି ଉପାସନା କରିଥିଲେ, ଯୁଗ ଯୁଗ ଧରି ଭାରତୀୟମାନେ ସେହି ମହାଶକ୍ତିଙ୍କୁ ଶାରଦୀୟ ଦୁର୍ଗା ପୂଜା ଅବସରରେ ଭକ୍ତିପୂତ ପ୍ରାଣରେ ଉପାସନା କରିଆସୁଛନ୍ତି ।

ତନ୍ତ୍ରଶାସ୍ତ୍ରରେ 'ଦଶମହାବିଦ୍ୟା'ର ବିଶଦ୍ ବର୍ଣ୍ଣନା ରହିଛି । ତନ୍ତ୍ରର ମହାବିଦ୍ୟା ହେଉଛନ୍ତି :

'' କାଳୀତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ
ବଗଳା ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା
ମାତଙ୍ଗୀ ତ୍ରିପୁରା ଚୈବ ବିଦ୍ୟା ଚ କମଳାତ୍ମିକା
ଏତାଦଶ ମହାବିଦ୍ୟାଃ ସିଦ୍ଧ ବିଦ୍ୟାଃ ପ୍ରକୀର୍ତ୍ତିତାଃ ।''

ଏହି ଦଶମହାବିଦ୍ୟା ମଧ୍ୟରୁ ଆଦି ମହାବିଦ୍ୟା ହେଉଛନ୍ତି ଶ୍ରୀଜଗନ୍ନାଥ । ସେହି ଦୃଷ୍ଟିରୁ ତାନ୍ତ୍ରିକମାନେ ତାରାଯନ୍ତ୍ର, ଭୁବନେଶ୍ୱରୀ ଯନ୍ତ୍ର, ଶ୍ୟାମଯନ୍ତ୍ର ଏବଂ ବଳାବଳ ଯନ୍ତ୍ରରେ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାରଣ କରିଥା'ନ୍ତି । ଓଡ଼ିଆ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥଙ୍କୁ କୌଣସି ଧର୍ମୀୟ ଚେତନା ଲୀନ କରିପାରିନାହିଁ । ବରଂ ତାଙ୍କ ନିକଟରେ ଅନ୍ୟାନ୍ୟ ଧର୍ମୀୟ ଚେତନା ଲୀନ ଓ ପରାଭୂତ ହୋଇଯାଇଛନ୍ତି । ତେଣୁ ଜଗତର ନାଥ ଶ୍ରୀଜଗନ୍ନାଥ ପ୍ରଥମ ମହାବିଦ୍ୟାଭାବେ ତନ୍ତ୍ର ଶାସ୍ତ୍ରରେ ବର୍ଣ୍ଣିତ । ଏତଦ୍‌ବ୍ୟତୀତ ପୁରାଣ ଶାସ୍ତ୍ରରେ ବଗଳାଙ୍କ ପରିବର୍ତ୍ତେ 'ବଗଳାମୁଖୀ' ଓ କମଳାଙ୍କ ପରିବର୍ତ୍ତେ 'ସୁନ୍ଦରୀ' ନାମ ପରିକଳ୍ପନା କରାଯାଇଛି ।

ଦଶମହାବିଦ୍ୟା ସମ୍ପର୍କରେ ମହାଭାଗବତ ଓ ବୃହଦ୍ଧର୍ମ ପୁରାଣରେ ବର୍ଣ୍ଣନା ରହିଛି । ଏଥିରୁ ଅନୁମିତ ହୁଏ ଯେ ସପ୍ତମ ବା ଅଷ୍ଟମ ଶତାବ୍ଦୀଠାରୁ ଦଶମହାବିଦ୍ୟାର ପରିକଳ୍ପନା କରାଯାଇଛି । ଦଶମହାବିଦ୍ୟାଙ୍କ ଆବିର୍ଭାବ ସମ୍ପର୍କରେ ମହାଭାଗବତ ପୁରାଣରେ ଏକ ଚମତ୍କାର କାହାଣୀ ଉଲ୍ଲେଖ ରହିଛି । ଉକ୍ତ କାହାଣୀ ଅନୁଯାୟୀ ଦକ୍ଷପ୍ରଜାପତି ଦକ୍ଷଯଜ୍ଞର ଆୟୋଜନ କରି ସମସ୍ତ ଦେବଦେବୀ ଯଜ୍ଞସ୍ଥଳୀକୁ ଆମନ୍ତ୍ରଣ କରିଥାନ୍ତି । କିନ୍ତୁ ଏହି ଯଜ୍ଞକୁ ସେ ପଶୁପତି ଶିବଙ୍କୁ ଆମନ୍ତ୍ରଣ କରିନଥାନ୍ତି । ଶିବଙ୍କର ପତ୍ନୀ ଅର୍ଥାତ୍ ରାଜା ଦକ୍ଷଙ୍କର କନ୍ୟା 'ସତୀ' ଏହି ପବିତ୍ର ଯଜ୍ଞପୀଠରେ ଉପବେଶନ କରିବା ଲାଗି ଇଚ୍ଛାପ୍ରକଟ କଲେ । ଏଥିଲାଗି ମହାଦେବ ସତୀଙ୍କୁ କଟୁଭାଷା ପ୍ରୟୋଗ କଲେ । ସତୀ ପ୍ରାଣପତି ଶିବଙ୍କର ଏତାଦୃଶ ତିରସ୍କାରକୁ ବରଦାସ୍ତ କରି ନପାରି କ୍ରୁଦ୍ଧ ପ୍ରଦର୍ଶନ କରିବା ଲାଗି ପ୍ରୟାସୀ ହେଲେ । ସର୍ବପ୍ରଥମେ ଭଗବତୀ ଭୀମ ମୂର୍ତ୍ତିଧାରଣ କରି ଶିବଙ୍କୁ ଭୀତ କରାଇବା ଲାଗି ଉଦ୍ୟମ କଲେ । ଏଥିରେ ଶିବ ଭୟଭୀତ ନହେବାରୁ ଭଗବତୀ ଦଶଦିଗରେ ଦଶଗୋଟି ମୂର୍ତ୍ତିରେ ଆବିର୍ଭୂତା ହୋଇ ମହାଦେବଙ୍କର ପଥରୋଧ କଲେ । ସମ୍ମୁଖ ଓ ପୂର୍ବ ଦିଗରେ କାଳୀ, ଊର୍ଦ୍ଧ୍ୱରେ ତାରା, ଈଶାନ କୋଣରେ ଷୋଡ଼ଶୀ, ପଶ୍ଚିମରେ ଭୁବନେଶ୍ୱରୀ, ନିମ୍ନଦେଶରେ ଭୈରବୀ, ପୂର୍ବରେ ଛିନ୍ନମସ୍ତା, ଅଗ୍ନିକୋଣରେ ଧୂମାବତୀ, ଦକ୍ଷିଣରେ ବଗଳା ଆବିର୍ଭୂତା ହୋଇ ଏହି ଦିଗରୁ ଶିବଙ୍କୁ ଘେରି ରହିଲେ । ଏହି ଦଶ ମୂର୍ତ୍ତିରେ ଆବିର୍ଭୂତା ହୋଇଥିବାରୁ ତାଙ୍କୁ ଦଶ ମହାବିଦ୍ୟାଭାବେ ପରିକଳ୍ପନା କରାଯାଇଛି ।

କାଳୀ ହେଉଛନ୍ତି ଦଶମହାବିଦ୍ୟାଙ୍କ ମଧ୍ୟରୁ ପ୍ରଥମ ମହାବିଦ୍ୟା । ପୁରାଣ ମତରେ ଶୁମ୍ଭନିଶୁମ୍ଭ ଦୈତ୍ୟଙ୍କଠାରୁ ଯୁଦ୍ଧରେ ପରାଜିତ ହୋଇ ଦେବଗଣ ସେମାନଙ୍କ ସଂହାର ଲାଗି ଦେବୀ ଆଦ୍ୟାଶକ୍ତିଙ୍କୁ ସ୍ତୁତି କଲେ । ଏକ ପାହାଡ଼ି ସ୍ରୋତରେ ସ୍ନାନକରୁଥିଲା ବେଳେ ଦେବୀ ପ୍ରଥମ ଥର ଦେବ ସ୍ତୁତି ଶୁଣି ପଚାରି କଲେ, ହେ ଦେବଗଣ ! ଆପଣମାନଙ୍କ ସ୍ତୁତିର ଉଦ୍ଦେଶ୍ୟ କ'ଣ ? ଏହି ପ୍ରଶ୍ନରେ ଦେବୀଙ୍କର ଶରୀରରୁ ତତ୍‌କ୍ଷଣାତ ଅନ୍ୟ ଏକ ଦେବୀ 'କୌଶିକୀ' ଆବିର୍ଭୂତା ହୋଇ ଉତ୍ତର ଦିଅନ୍ତି, ସୋଟଂ ମତେ ହିଁ କରୁଛନ୍ତି । ପରଶ୍ୱୋତ୍ତର ଅବସରରେ ପାର୍ବତୀ ଗୌରବର୍ଣ୍ଣ ହୋଇଯାଏ ବିରୂପ କାଳାବର୍ଣ୍ଣ । ସେ ହେଲେ କାଳୀ, ଚତୁର୍ଭୁଜା, କରାଳବଦନା, ଘୋରା, ମୁକ୍ତକେଶୀ, ମହାମେଘପ୍ରଭା, ଶ୍ୟାମା, ପିନୋନ୍ନତ ପୟୋଧରା ଓ ଘୋରରବା । ନିମ୍ନଦକ୍ଷିଣ ଶୋଭାପାଏ ତାଙ୍କର ଖଡ୍ଗ, ଡାହାଣ ଉପର ହସ୍ତରେ ଅଭୟ ବରମୁଦ୍ରା ମୁଦ୍ରା । ବ୍ୟାଘ୍ର ଚର୍ମରେ ଆବୃତା ଦେବୀ ନୃମୁଣ୍ଡ ମାଳିନୀ ଏବଂ ଶବ ମୁଣ୍ଡ ଶୂନ୍ୟ କରର ଗଣ୍ଠି ଉପରେ ଆରୂଢ଼ା । ଦେବୀ କାଳୀଙ୍କ ସମ୍ପର୍କରେ ଭିନ୍ନ ଭିନ୍ନ ପ୍ରମାଣସିଦ୍ଧ ବର୍ଣ୍ଣନା ରହିଛି । ମାତ୍ର ତନ୍ତ୍ରରେ କିଛି କିଛି ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ।

କ୍ରମଶଃ ପୃଷ୍ଠା

ଦ୍ୱିତୀୟ ମହାବିଦ୍ୟା ହେଉଛନ୍ତି ତାରା । ପୁଣ୍ୟତୋୟା ଋଷିକୁଲ୍ୟା ନଦୀ ତଟ ଦେଶରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏକ ସୁଉଚ୍ଚ ପାହାଡ଼ର ନାମ ତାରାତାରିଣୀ । ସେହି ପାହାଡ଼ର ଉପରିଭାଗରେ ପ୍ରଖ୍ୟାତ ଦେବୀ ତାରାତାରିଣୀ ବିରାଜିତା । ଦେବୀ କେବଳ ଓଡ଼ିଶାରେ କାହିଁକି, ଦେଶ ବିଦେଶରେ ମଧ୍ୟ ସୁପରିଚିତା । ଦୈନନ୍ଦିନ ଏହି ପୀଠରେ ଅଗଣିତ ଭକ୍ତ ଓ ଦର୍ଶକମାନଙ୍କର ସମାବେଶ ହୁଏ । ଭକ୍ତଗଣଙ୍କର ମନବାଞ୍ଛା ଦେବୀଙ୍କ କୃପାରୁ ପୂରଣ ହୋଇଥାଏ । ତେଣୁ ଦେବୀଙ୍କର ମହିମା ଅକଳନୀୟ । ଦେବୀ ତାରିଣୀଙ୍କର ଆବିର୍ଭାବ ସମ୍ପର୍କରେ ଏକ କିମ୍ବଦନ୍ତୀ ଅଛି । ତାହା ହେଲା ବସୁ ପ୍ରହରାଜ ନାମକ ଜଣେ ନିଃସନ୍ତାନ ବ୍ରାହ୍ମଣ ଥିଲେ । ଦେବୀ ଦୁର୍ଗା ଦୁଇଟି ଝିଅ ରୂପେ ଆବିର୍ଭୂତା ହୋଇ ତାଙ୍କ ଘରେ ବାସକଲେ । ବ୍ରାହ୍ମଣଙ୍କ ଅନୁପସ୍ଥିତିରେ ଦିନେ ଝିଅ ଦୁହେଁ ଅଦୃଶ୍ୟ ହୋଇଗଲେ । ଘରକୁ ଫେରି ପିତା ବ୍ୟତିବ୍ୟସ୍ତ ହୁଅନ୍ତେ ନିଶାର୍ଦ୍ଧରେ ତାଙ୍କୁ ସ୍ୱପ୍ନ ହେଲା, "ଆମେ ଦୁହେଁ ତାରିଣୀ ବିଗ୍ରହ ରୂପେ ସ୍ଥାପିତ । ତେଣୁ ଯଥାବିଧି ପୂଜାନୁଷ୍ଠାନ କର ।" ଏହାଛଡ଼ା ତାରାତାରିଣୀଙ୍କ ସମ୍ପର୍କରେ ଆଖ୍ୟାନ ଓ ଉପାଖ୍ୟାନମାନ ଶୁଣିବାକୁ ମିଳେ । ଉଗ୍ରବିପତ୍ତିରୁ ପରିତ୍ରାଣ କରୁଥିବାରୁ କେହି କେହି ତାଙ୍କୁ 'ଉଗ୍ରତାରା' ନାମରେ ଅଭିହିତ କରିଥା'ନ୍ତି । ତାରା ରହସ୍ୟ ଓ କୁବ୍ଜିକା ତନ୍ତ୍ରରୁ ଜଣାଯାଏ ତ୍ରାଣ କରନ୍ତି ବୋଲି ସେ 'ତାରା' ନାମରେ ପରିଚିତା । ଦେବୀଙ୍କର ଡ଼ାହାଣ ହସ୍ତରେ ଶୋଭାପାଏ 'ଖଡ୍ଗ' ଓ ଛୁରିକା, ବାମହସ୍ତରେ କପାଳ ଓ ପଦ୍ମଫୁଲ । ସେ ଘନ କେଶିନୀ, ମସ୍ତକରେ ନାଗରୂପଧାରୀ ଶିବ । ସେ ତ୍ରିନୟନା, କରାଳବଦନୀ, ଜ୍ୱଳନ୍ତ ଚିତାରେ ଦଣ୍ଡାୟମାନା । ତାରିଣୀ ତନ୍ତ୍ର ଅନୁସାରେ ସେ ଉଗ୍ରା, ମହାନାଗ ବେଷ୍ଟିତା, ଶବାରୂଢ଼ା, ଚତୁର୍ଭୁଜା, ଲଲଜିହ୍ୱା ଓ ସର୍ବସିଦ୍ଧି ଦାୟିନୀ । ଆମ ଉତ୍କଳରେ ଯେଉଁ ତାରା ମୂର୍ତ୍ତିଙ୍କର ପୂଜା କରାଯାଏ, ତାହା ହିନ୍ଦୁଧର୍ମର 'ତାରାମୂର୍ତ୍ତି ।

ଦଶମହାବିଦ୍ୟାର ତୃତୀୟ ମହାଶକ୍ତି ହେଉଛନ୍ତି 'ଷୋଡ଼ଶୀ' । ଏକ ସୁନ୍ଦର ଆଖ୍ୟାନ ରହିଛି ଦେବୀ ଷୋଡ଼ଶୀଙ୍କ ଆବିର୍ଭାବ ସମ୍ବନ୍ଧରେ । ପଶୁପତି ଶିବ ମନୋରମ କୈଳାସ ପର୍ବତରେ କାଳଯାପନ କରୁଥାନ୍ତି । ଅପସରାମାନେ ସେଠାକୁ ଆସି ତାଙ୍କୁ ସ୍ତୁତିକଲେ । ମାତ୍ର ଶିବ ସେମାନଙ୍କୁ ଦେବୀକାଳୀଙ୍କୁ ସ୍ତୁତିକରିବା ଲାଗି ପ୍ରବର୍ତ୍ତାଇଲେ । ଶିବ ଦେବୀଙ୍କ ନାମ 'କାଳୀ' ଉଚ୍ଚାରଣରେ କ୍ରୋଧାନ୍ୱିତ ହୋଇ ଦେବୀ ଅଦୃଶ୍ୟ ହୋଇଗଲେ । ସେ ଗୌରୀ ରୂପରେ ସେହି କୈଳାସପର୍ବତରେ କାଳଯାପନ କଲେ । ଶିବ ଏକ ବିବାହ କରିଥିବା ପ୍ରସଙ୍ଗ ନାରଦଙ୍କଠାରୁ ଶୁଣି ଭୟଙ୍କର ରୂପଧରି ସେ ଶିବଙ୍କ ପାଖରେ ପହଞ୍ଚିଲେ । କିନ୍ତୁ ଶିବ କହିଲେ, ହେ ଦେବୀ ! ମୋ ଭିତରେ ତୁମ ଛଡ଼ା ଆଉ କାହାରି ସ୍ଥାନ ନାହିଁ । ଦେବୀ ତୋଷ ହୋଇ ଷୋଡ଼ଶ ରୂପଧରି 'ଷୋଡ଼ଶୀ' ନାମ ଗ୍ରହଣ କଲେ । କାଳିକା ପୁରାଣରେ ଦେବୀଙ୍କୁ 'ତ୍ରିପୁରୀ' ନାମରେ ବର୍ଣ୍ଣନା କରାଯାଇଛି । ସେ ମଧ୍ୟ 'ଲଳିତା' ନାମରେ ପରିଚିତା ।

ଚତୁର୍ଥ ମହାବିଦ୍ୟା ହେଉଛନ୍ତି 'ଭୁବନେଶ୍ୱରୀ' । ଦେବୀ ଭୁବନେଶ୍ୱରୀ ହେଉଛନ୍ତି ତ୍ରିନୟନା, ପ୍ରଭାମୟୀ, ଉନ୍ନତସ୍ତନା, ତଳବାମ ହସ୍ତରେ ଶୋଭାପାଏ ବରମୁଦ୍ରା, ଉପର ହସ୍ତରେ ପାଶ, ଡ଼ାହାଣହସ୍ତରେ ଅଙ୍କୁଶ ଓ ଅଭୟମୁଦ୍ରା, ସିନ୍ଦୁର ସଦୃଶ ରକ୍ତରଙ୍ଗ ଦେବୀଙ୍କ ମୂର୍ତ୍ତି । ଭୁବନେଶ୍ୱରରେ ଅଧିଷ୍ଠିତା ଦେବୀଙ୍କୁ ଭୁବନେଶ୍ୱରୀ, ଶ୍ୟାମାଙ୍ଗୀ ଓ ଶଶୀଶେଖରା କୁହାଯାଏ ।

ପଞ୍ଚମ ମହାବିଦ୍ୟା ହେଲେ 'ଭୈରବୀ' । ଦେବୀ ଭୈରବୀଙ୍କର ଭିନ୍ନ ଭିନ୍ନ ରୂପ ବର୍ଣ୍ଣନା ଶାସ୍ତ୍ରମାନଙ୍କରେ ଦେଖିବାକୁ ମିଳେ । ସେ ତପ୍ତକାଞ୍ଚନ ବର୍ଣ୍ଣା, ନବରତ୍ନ ପ୍ରଭାଯୁକ୍ତା, ରକ୍ତବର୍ଣ୍ଣା, ତ୍ରିଲୋଚନା, ପ୍ରସନ୍ନ ବଦନା, ଅନ୍ନଦାନରତା ତଥା ସଦାନନ୍ଦମୟୀ । ଅଗ୍ନିପୁରାଣ ଅନୁସାରେ ଦେବୀ ଭୈରବୀ ୬୪ ଯୋଗିନୀମାନଙ୍କ ମଧ୍ୟରେ ଶ୍ରେଷ୍ଠ । ପ୍ରତ୍ୟହ ତ୍ରିସନ୍ଧ୍ୟାରେ ଏହି ଯୋଗିନୀମାନଙ୍କର ନାମ ଜପ କଲେ ଦୁଷ୍ଟବ୍ୟାଧି ଦୂରହୋଇଥାଏ । ଏହି ନାମ ଜପରେ ଅସୁର କିମ୍ବା ଡ଼ାହାଣୀ ଭୟ ରହେ ନାହିଁ । ଦେବୀ ଭୈରବୀଙ୍କ ଆବିର୍ଭାବ ସମ୍ବନ୍ଧରେ ଏକ କିମ୍ବଦନ୍ତୀ ରହେ, ଭୈରବୀ ମୂର୍ତ୍ତି ମାଟିତଳେ ପୋତିହୋଇ ରହିଥିଲେ । ଗିଡ଼ା ଗାଙ୍ଗୁଲି ନାମରେ କୃଷକଟିଏ ଜମି ହଳ କରୁକରୁ କୌଣସି ଏକ ସ୍ଥାନରେ ଲଙ୍ଗଳ ମୁନ ବାଜି ରକ୍ତର ସ୍ରୋତ ଛୁଟିବାରେ ଲାଗିଲା । କିନ୍ତୁ ସେ ଭୟରେ ଘରକୁ ପଳାଇଗଲା । ରାତିରେ ଶୋଇଥିଲାବେଳେ ତାଙ୍କୁ ସ୍ୱପ୍ନରେ ପ୍ରକଟହୋଇ ଦେବୀ ଉକ୍ତ ସ୍ଥାନରେ ତାଙ୍କୁ ପୂଜାକରିବା ଲାଗି କହିଲେ । କୃଷକଟି ଗ୍ରାମବାସୀମାନଙ୍କ ଗହଣରେ ସେହି ସ୍ଥାନ ଖୋଳି ଦେବୀଙ୍କୁ ପ୍ରତିଷ୍ଠା କରିଥିଲା । ଦେବୀଙ୍କର ଡ଼ାହାଣ ପାଖରେ ଥିବା ଦାଗଟିକୁ ଲଙ୍ଗଳ ମୁନର ଚିହ୍ନ ବୋଲି କହନ୍ତି ।

ଷଷ୍ଠ ମହାବିଦ୍ୟା ହେଉଛନ୍ତି 'ଛିନ୍ନମସ୍ତା' । ଦେବୀଙ୍କର ମସ୍ତକ ଛିନ୍ନ ହୋଇଥିବାରୁ ସେ ଛିନ୍ନମସ୍ତା ରୂପେ ନାମିତା । ସେ ପ୍ରଚଣ୍ଡ ଚଣ୍ଡିକା । ସେ ପ୍ରସନ୍ନ ହେଲେ ଜୀବ ଶିବତ୍ୱ ଲାଭ କରେ ଏବଂ ଅପୁତ୍ରିକ ପୁତ୍ରବାନ, ନିର୍ଦ୍ଧନ ଧନୀ ଓ ମୂର୍ଖ ବିଦ୍ୱାନ ହୁଏ । ତାଙ୍କ ମୁଖ ବିସ୍ତୃତ, ଜିହ୍ୱା ଉଗ୍ର ଓ ଲେଲିହାନ । ସେ ବାମହସ୍ତରେ ନିଜର ଛିନ୍ନ ମସ୍ତକ ଧାରଣକରି ସ୍କନ୍ଧ-ବନ୍ଧ ନିସୃତ ଶୋଣିତ ସୁଧାଧାର ଅହରହ ପାନ କରିଥାନ୍ତି । ତାଙ୍କ ହସ୍ତରେ ଶୋଭାପାଏ ଖଡ୍ଗ, ଖର୍ପର ଓ ନର କପାଳ, ଗଳାରେ ନାଗ ଯଜ୍ଞୋପବିତ ଓ ମୁଣ୍ଡମାଳା । ସେ କାମଦେବଙ୍କ ଉପରେ ଦଣ୍ଡାୟମାନା । ସେ ଦିଗମ୍ବରୀ, ଅତି ଭୟଙ୍କରୀ, ଅଷ୍ଟନାଗ ସମନ୍ୱିତା । ଦେବୀ ସର୍ବଦା ବିପରୀତ ରତିଯୁକ୍ତା । ତାଙ୍କ ବାମରେ ଡ଼ାକିନୀ ଓ ଡ଼ାହାଣରେ ବର୍ଣ୍ଣିନୀ । ଦେବୀଙ୍କ ଆବିର୍ଭାବ ସମ୍ପର୍କରେ ନାରଦ ପଞ୍ଚତନ୍ତ୍ରରେ କଥିତ ଅଛି, ଦେବୀ ଡାକିନୀ ଓ ବର୍ଣ୍ଣିନୀ ସଖୀ ଦ୍ୱୟଙ୍କ ସହ ସ୍ନାନ କରିବାକୁ ଯାଇଥାନ୍ତି । ସ୍ନାନ ଶେଷରେ ଦେଖନ୍ତି ସଖୀ ଦୁହେଁ ପ୍ରବଳ କ୍ଷୁଧାରେ ଖାଦ୍ୟ ଖୋଜୁଛନ୍ତି । କାଳବିଳମ୍ବ ନକରି ଦେବୀ ଖାଦ୍ୟଅନ୍ୱେଷଣରେ ଯାତ୍ରାରମ୍ଭ କରନ୍ତେ, ଦେଖନ୍ତି ସଖୀ ଦୁହେଁ ଅପେକ୍ଷା କରିବା ଅବସ୍ଥାରେ ନାହାନ୍ତି । ତେଣୁ ଦେବୀ ନିଜ ମସ୍ତକ ଛେଦନ କରି ହସ୍ତରେ ଧାରଣ କଲେ । ଫଳରେ ତାଙ୍କ ଛିନ୍ନ ମସ୍ତକରୁ ତିନି ଧାର ରକ୍ତସ୍ରାବ ହେଲା । ସେଥିରୁ ଗୋଟିଏ ଧାର ଡ଼ାକିନୀ ମୁଖରେ, ଅନ୍ୟଟି ବର୍ଣ୍ଣିନୀ ମୁଖରେ ଓ ଶେଷଧାରଟି ଦେବୀଙ୍କର ନିଜ ମୁଖରେ ପତିତ ହେଲା । ଦେବୀଙ୍କର ମସ୍ତକ ଛିନ୍ନ ହୋଇଥିବାରୁ ସେ ହେଲେ ଛିନ୍ନମସ୍ତା ।

'ଧୂମାବତୀ' ସପ୍ତମ ମହାବିଦ୍ୟା । ପୁରାଣରେ ବର୍ଣ୍ଣନା ରହିଛି, ଏକଦା ଦେବୀ ପାର୍ବତୀ କ୍ଷୁଧାର୍ତ୍ତ ହୋଇ ପଶୁପତି ଶିବଙ୍କୁ ଖାଦ୍ୟଲାଗି କହିଲେ । ମାତ୍ର ଜଠର ଜ୍ୱାଳା ଅସହ୍ୟ ହେବାରୁ ସେ ମହାଦେବଙ୍କୁ ଗ୍ରାସ କଲେ । ଠିକ୍ ଏତିକିବେଳେ ପାର୍ବତୀଙ୍କ ଦେହରୁ ଧୂମ ନିର୍ଗତ ହେବାରୁ ସେ

ହେଲେ ବିବର୍ଣ୍ଣା । ମହାଦେବ ମାୟାରେ ପ୍ରକମ୍ପିତ ହୋଇ ଦେବୀଙ୍କୁ ବିଧବା ରୂପେ ପୂଜାପାଇବା ଲାଗି ଅଭିଶାପ ଦେଲେ । ତେଣୁ ଦେବୀ 'ଧୂମାବତୀ' ରୂପେ ପୂଜିତା । ଦେବୀ ଧୂମାବତୀ ଦନ୍ତହୀନା, ବିବର୍ଣ୍ଣା, ଚଞ୍ଚଳା, କୋପିନୀ, ରୁକ୍ଷା, ଦୀର୍ଘଦେହା, ମଳିନାମ୍ବର ପରିହିତା । ସେ ବିଧବା, ରୁକ୍ଷଚକ୍ଷୁଯୁକ୍ତା, କମ୍ପିତହସ୍ତେ ସର୍ପ ଯୁକ୍ତା । ସେହି କଳହପ୍ରିୟା ଖାଙ୍କାରକେଶା ଦେବୀଙ୍କ ହସ୍ତରେ ସୁର୍ପ ବା ପଛିକି ଧରି କାଳଧ୍ୱଜ ରଥରେ ଚଢ଼ି ଯାତାୟତ କରନ୍ତି । ପୁରାଣରେ ଉଲ୍ଲେଖ ଅଛି ଯେ ଦକ୍ଷ କରନ୍ତି ପଶୁଯଜ୍ଞ, ମାତ୍ର ଝିଅଜ୍ୱାଇଁଙ୍କୁ ନିମନ୍ତ୍ରଣ କରନ୍ତି ନାହିଁ । ଦେବୀ ସତୀ ସ୍ୱଇଚ୍ଛାରେ ଯଜ୍ଞ ଦର୍ଶନାଭିଳାଷୀ ହୋଇ ଯା'ନ୍ତି ଦକ୍ଷ ଭୁବନକୁ । ସେଠାରେ ଶିବଙ୍କର ଅପମାନ ସହିନପାରି ଆତ୍ମାହୁତି ଦିଅନ୍ତି ଯଜ୍ଞକୁଣ୍ଡରେ । ଏଥିରୁ ଯେଉଁ ଧୂମକୁଣ୍ଡଳୀ ଜାତହୁଏ, ସେହି ଧୂମକୁଣ୍ଡଳୀରୁ ଦେବୀଙ୍କର ଆବିର୍ଭାବ ହୋଇଥିବାରୁ ସେ ହେଲେ 'ଧୂମାବତୀ' ।

ଅଷ୍ଟମ ମହାବିଦ୍ୟା ହେଉଛନ୍ତି'ବଗଳାମୁଖୀ' । ଦେବୀ ବଗଳାଙ୍କର ରୂପ ବର୍ଣ୍ଣନାନୁଯାୟୀ ସେ ହେଉଛନ୍ତି କମଳାବଦନୀ, ପିତାମ୍ବର ପରିହିତା,ବୈରୀନାଶିନୀ, ତପ୍ତକାଞ୍ଚନ ବର୍ଣ୍ଣା, ଚତୁର୍ଭୁଜା, ତ୍ରିନୟନା, କମଳାସନରେ ଉପବିଷ୍ଟା, ଲେଲିହାନ ଜିହ୍ୱାଯୁକ୍ତା, ଅରିମର୍ଦ୍ଦନରତା । ତାଙ୍କ ଡ଼ାହାଣହସ୍ତରେ ଶୋଭାପାଏ ଗଦା ଓ ପାଶ, ବାମହସ୍ତରେ ଶତ୍ରୁର ଜିହ୍ୱା ଓ ବଜ୍ର, କର୍ଣ୍ଣରେ ସ୍ୱର୍ଣ୍ଣକୁଣ୍ଡଳୀ ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର । ପୁରାଣରେ ବର୍ଣ୍ଣନା ରହିଛି, ରରୁ ଅସୁରର ପୁତ୍ର ଦୁର୍ଗମ ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇ ଅପ୍ରମିତ ଶକ୍ତିଲାଭ କଲା । ସମଗ୍ର ଦେବଗଣ ତାର ଦୌରାତ୍ମ୍ୟରେ ଅତିଷ୍ଠ ହୋଇପଡ଼ିଲେ । ଶେଷରେ ଏଥିରୁ ନିସ୍ତାରଲାଗି ତଥା ଦୁର୍ଗମର ସଂହାର ଲାଗି ଦେବଗର ଦେବୀ ଭଗବତୀଙ୍କ ପାଖରେ ସ୍ତୁତିକଲେ । ଦେବଗଣଙ୍କୁ ପ୍ରସନ୍ନ ହୋଇ ଦେବୀ ଅସୁର ସହ ଯୁଦ୍ଧ କଲେ । ଯୁଦ୍ଧକାଳରେ ଦେବୀଙ୍କ ଶରୀରରୁ ଅନ୍ୟାନ୍ୟ ମହାଶକ୍ତିଙ୍କ ସହିତ 'ବଗଳା' ଆବିର୍ଭୁତା ହେଲେ । ତନ୍ତ୍ର ସାହିତ୍ୟରେ ବଗଳାଙ୍କ ଉତ୍ପତ୍ତି ସନ୍ଦର୍ଭରେ ଉଲ୍ଲେଖ ଅଛି ଯେ ସତ୍ୟଯୁଗରେ ପ୍ରବଳ ବେଗରେ ବାୟୁପ୍ରବାହ ହେଲା । ତେଣୁ ଦେବଗଣ ସୃଷ୍ଟି ଲୋପ ପାଇଯିବ ବୋଲି ଆଶଙ୍କା କଲେ । ସେମାନେ ଦେବୀ ଭଗବତୀଙ୍କୁ ସ୍ତୁତି କଲେ ପ୍ରବଳ ବାୟୁପ୍ରବାହକୁ ପ୍ରତିରୋଧ କରିବା ଲାଗି । ଦେବୀ ସେମାନଙ୍କ ପ୍ରତି ପ୍ରସନ୍ନହୋଇ ହରିଦ୍ରା ନାମକ ସରୋବରରେ ଜଳକ୍ରୀଡ଼ା କଲେ । ଫଳରେ ବାୟୁପ୍ରବାହ ପ୍ରଶମିତ ହେଲା । ସେହି ହ୍ରଦ ପାଖରେ ଦେବୀ'ବଗଳା' ରୂପେ ବିରାଜିତା ହେଲେ ।

ଦେବୀ 'ମାତଙ୍ଗୀ' ହେଉଛନ୍ତି ନବମ ମହାବିଦ୍ୟା । ଦେବଗଣ ଶୁମ୍ଭନିଶୁମ୍ଭ ଦୈତ୍ୟଙ୍କଦ୍ୱାରା ବ୍ୟତିବ୍ୟସ୍ତ ହେଲେ । ତେଣୁ ହିମାଳୟ ପାଦଦେଶରେ ମାତଙ୍ଗ ଋଷି ଆଶ୍ରମକୁ ଯାଇ ଦେବୀ ଭଗବତୀଙ୍କୁ ସ୍ତୁ କଲେ । ଦେବୀ ପ୍ରସନ୍ନା ହୋଇ ମାତଙ୍ଗ ଋଷିଙ୍କର ପତ୍ନୀ ମାତଙ୍ଗୀ ରୂପରେ ଦେବଗଣଙ୍କୁ ଦର୍ଶନ ଦେଲେ । ସେହି ଦେବୀ ହେଉଛନ୍ତି ମାତଙ୍ଗୀ, ଶଶୀଶେଖରା, ତ୍ରିନୟନା, ରତ୍ନସିଂହାସନ ଅଧିରୂଢ଼ା, ବିବିଧ ଭୂଷଣ ଭୂଷିତା,ପୀନପୟୋଧରା, ସ୍ମିତହାସିନୀ ଓ ଚତୁର୍ଭୁଜା । ହସ୍ତରେ ତାଙ୍କ ଶୋଭାପାଏ ପାଶ, ଅଙ୍କୁଶ, ଅସି ଓ ଖେଟକ । ଦେବୀ ମଧ୍ୟ ମାତଙ୍ଗୀ, ଉଚ୍ଛିଷ୍ଟମାତଙ୍ଗୀ, ସୁମୁଖୀ ମାତଙ୍ଗୀ, ବୈଶ୍ୟମାତଙ୍ଗୀ ଓ କର୍ଣ୍ଣ ମାତଙ୍ଗୀ ଆଦି ଛଅ ପ୍ରକାର ମାତଙ୍ଗୀ ରୂପେ ପରିକଳ୍ପିତା ।

ଦଶମ ମହାବିଦ୍ୟା କମଳା । ଦେବୀ କମଳା ହେଉଛନ୍ତି ଭଗବତୀ ଭବାନୀଙ୍କର ଶାନ୍ତ ରୂପ । ତପ୍ତକାଞ୍ଚନବର୍ଣ୍ଣା, ଅଭୟବର ଦାୟିନୀ ନନ୍ଦିନୀ । ଦେବୀ କମଳାସନରେ ଉପବିଷ୍ଟା । ତାଙ୍କୁ ଲକ୍ଷ୍ମୀରୂପେ ମ ଆରାଧନା କରାଯାଏ । କମଳା ଓ ବିମଳା ଯଥାକ୍ରମେ ଦେବଲୋକ ସ୍ୱର୍ଗ ଓ ପାତାଳବାସିନୀ କାଳର ନାମଦ୍ୱୟ । ସେ ତ୍ରିଭୁବନରେ ମହାଲକ୍ଷ୍ମୀ ପରିଚିତା । ପୁରାଣରେ ବର୍ଣ୍ଣନା ରହିଛି, ବ୍ରହ୍ମା ସୃଷ୍ଟି ସର୍ଜନାଲାଗି ଘୋର ତପସ୍ୟାରତ ଥା'ନ୍ତି । ତାଙ୍କ ତପସ୍ୟା ବଳରେ ଦେବୀ ପ୍ରଥମ ଥର ଆବିର୍ଭୂତା ହୋଇଥିଲେ । ଆହୁରି ସମୁଦ୍ର ମନ୍ଥନରୁ ଦେବୀ ଅବିର୍ଭୂ ହୋଇଥିଲେ ବୋଲି ମଧ୍ୟ ପ୍ରମାଣ ମିଳେ । ହସ୍ତରେ ତାଙ୍କର ସ୍ୱର୍ଣ୍ଣ ଘଟ । ଦେବୀଙ୍କର ତଳ ବାମ ହସ୍ତରେ ବରଦମୁଦ୍ରା, ଉପର ହସ୍ତ ପଦ୍ମ, ଉପର ଡ଼ାହାଣ ହସ୍ତରେ ପଦ୍ମ ଓ ତଳହସ୍ତରେ ଅଭୟମୁଦ୍ରା । ଦେବୀ ଚାରିପାଖରେ ଚାରୋଟି ହସ୍ତୀ ତାଙ୍କୁ ଅମୃତ କଳସରେ ଅଭିଷେକ କରୁଛନ୍ତି । ଏହାର ରହସ୍ୟ ହେଉଛି ମନୁଷ୍ୟର ଧନପ୍ରାପ୍ତି ପରେ ସ ସମାଜଙ୍କ ଦ୍ୱାରା ଆଦୃତ ହୋଇଥାଏ ।

ଦଶମହାବିଦ୍ୟା ଶକ୍ତିପରମ୍ପରାର ଏକ ବୈଶିଷ୍ଟ୍ୟ ଓ ଗଭୀର ପରିପ୍ରକାଶ । ଦେବୀ ଭାଗବତ ଓ ତନ୍ତ୍ରଶାସ୍ତ୍ରରେ ଏହାର ବର୍ଣ୍ଣନା ପ୍ରାଞ୍ଜଳଭାବରେ କରାଯାଇଛି । ତନ୍ତ୍ରଶାସ୍ତ୍ର ମତରେ ଦଶମହାବିଦ୍ୟା ସାଧନ ଲାଗି ଦେବୀଙ୍କୁ ଦଶ ରୂପରେ ଆରାଧନା କରାଯାଏ । ଦେବୀଭାଗବତର ମୂଳ ରହସ୍ୟ ହେଉଛି ; ଶକ୍ତି ଏକ ଓ ଅଭିନ୍ନ । ଦେବୀ ମାତ୍ର ଆବିର୍ଭୂତା ହୁଅନ୍ତି ଭିନ୍ନ ଭିନ୍ନ ରୂପରେ । ସେହି ଅଦ୍ୱିତୀୟା ଶକ୍ତି ଦୁର୍ଗତିକାଳରେ ଭୟଙ୍କରୀ ରୂପେ ଆବିର୍ଭୂତା ହୋଇ ଜନସାଧାରଣଙ୍କୁ ସତ୍‌ମାର୍ଗରେ ପରିଚାଳିତ ହେବାଲାଗି ନିର୍ଦ୍ଦେଶ ଦିଅନ୍ତି । ଆମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦଶମହାବିଦ୍ୟାଙ୍କ ବିଗ୍ରହମାନ ରହିଛି । ବିଧିବିଧାନ ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା କରାଯାଉଛି ।

ସାଧାରଣ ସମ୍ପାଦକ, ଓଡ଼ିଶା ସାହିତ୍ୟ

• • •

# ଓଡ଼ିଶାରେ ପର୍ଯ୍ୟଟନ ପରିକ୍ରମା

● ଶ୍ରୀମତୀ ସଂଯୁକ୍ତା ବଡ଼ଜେନା

ରମଣୀୟ ପ୍ରକୃତି, ପୌରାଣିକ ସ୍ମୃତି, ଐତିହାସିକ କୀର୍ତ୍ତି ଏବଂ କାଳଜୟୀ କଳା, ସ୍ଥାପତ୍ୟ, ସଭ୍ୟତା ଓ ସଂସ୍କୃତିର ଗନ୍ତାଘର ଓଡ଼ିଶା ବିଶ୍ୱର ପର୍ଯ୍ୟଟନ ମାନଚିତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ମଣ୍ଡନ କରିଛି । ଘନ ଅରଣ୍ୟ, ଦିଗନ୍ତବିସ୍ତାରୀ ପର୍ବତମାଳା, ବିସ୍ତୃତ ବେଳାଭୂମି, ଐତିହ୍ୟମଣ୍ଡିତ ମନ୍ଦିର, ଅନନ୍ତ ସାଗର, ଅସଂଖ୍ୟ ନଦନଦୀ, ଜଳପ୍ରପାତ, ବିରଳ ଜୀବଜନ୍ତୁ ଓ ବୈଚିତ୍ର୍ୟମୟ ଜୀବନ ଏହି ପରମ ପବିତ୍ର ରମଣୀୟ ଭୂମିକୁ ଯୁଗ ଯୁଗ ଧରି ଦେଶ-ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ଆସିଛି । ସେଥିପାଇଁ କୁହାଯାଇଛି–'ଉତ୍କଳସ୍ୟ ସମୋ ଦେଶୋ ନାସ୍ତି ନାସ୍ତି ମହୀତଳେ । ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ସମ୍ଭାରରେ ସମୁଜ୍ଜ୍ୱଳ ସେହି ଓଡ଼ିଶାର ଅଗଣନ ଦର୍ଶନୀୟ ସ୍ଥାନଗୁଡ଼ିକ ମଧ୍ୟରୁ କେତୋଟି ସମ୍ପର୍କରେ ସମ୍ୟକ୍ ସୂଚନା :

**କୋରାପୁଟ ଜିଲ୍ଲା**

ଦୁଡୁମା : ଜଳପ୍ରପାତ
ଡୁଡୁମା : ଜଳପ୍ରପାତ-ଜଳବିଦ୍ୟୁତ୍ ପ୍ରକଳ୍ପ
ଗୁପ୍ତେଶ୍ୱର : ଗୁମ୍ଫା-ଶିବମନ୍ଦିର
ଜଲାପୁଟ : ଜଳଭଣ୍ଡାର
କୋରାପୁଟ : ଶାବର ଶ୍ରୀକ୍ଷେତ୍ର
ନନ୍ଦପୁର : ବିକ୍ରମାଦିତ୍ୟଙ୍କ ବତିଶ ସିଂହାସନ-ସର୍ବେଶ୍ୱର ଶିବମନ୍ଦିର
ସୁଆଇ : ଜୈନ ଧର୍ମପୀଠ
ସୁନାବେଡ଼ା : ମିଗ୍ ବିମାନ ଇଞ୍ଜିନନିର୍ମାଣ କାରଖାନା

**ମାଲକାନଗିରି ଜିଲ୍ଲା**

ମାଲକାନଗିରି : ଆଦିବାସୀ ସଂସ୍କୃତିର ଆଦିପୀଠ
ବାଲିମେଳା : ଜଳବିଦ୍ୟୁତ୍ ପ୍ରକଳ୍ପ
ବଣ୍ଡାଘାଟି : ବଣ୍ଡା ସଂସ୍କୃତି ପୀଠ

**କଳାହାଣ୍ଡି ଜିଲ୍ଲା**

ଅସୁରଗଡ଼ : ପ୍ରାଚୀନ ଦୁର୍ଗ
ଆମପାଣି : ରମଣୀୟ ସ୍ଥାନ
ବେଲଖଣ୍ଡି : ସପ୍ତମାତୃକା ମୂର୍ତ୍ତି, ଶିବମନ୍ଦିର : ପ୍ରାଚୀନ ଶିଳାଲିପି
ଗୁଡ଼ହାଣ୍ଡି : ପ୍ରାଚୀନ ଗୁମ୍ଫା - ପାହାଡ଼ରେ ଖୋଦିତ ଚିତ୍ରଲିପି
ବୁଢ଼ୀଗଡ଼ : ପୁରାତନ ଦୁର୍ଗ -ଓଡ଼ିଆ ଅଭିଲେଖ-ଲଙ୍କେଶ୍ୱରୀ ମନ୍ଦିର
କରଲାପାଟ : ଅଭୟାରଣ୍ୟ
ଫୁରଲିଝରଣ : ଜଳପ୍ରପାତ
ଇନ୍ଦ୍ରାବତୀ : ଠାକୁରାଣୀ ମାଣିକେଶ୍ୱରୀଙ୍କ ଆଦିପୀଠ
ରାବଣଧାର : ଜଳପ୍ରପାତ

**ନୂଆପଡ଼ା ଜିଲ୍ଲା**

କୋମନା : ମା ପ୍ରାଚୀନ କୁମ୍ଭଲାଗଡ଼
ବୁଢ଼ୀକମନା : ପାତାଳେଶ୍ୱର ମନ୍ଦିର
ନୂଆପଡ଼ା : ପାତାଳଗଙ୍ଗା ମନ୍ଦିର-ପୌରାଣିକ ମାଗାଗୁଡ଼ା ଉପତ୍ୟକା
ଯୋଗୀମଠ : ପ୍ରାଗୈତିହାସିକ ଗୁମ୍ଫା

**ନବରଙ୍ଗପୁର ଜିଲ୍ଲା**

ପାପଡ଼ାହାଣ୍ଡି : ପ୍ରାଚୀନ ଶିବମନ୍ଦିର

**ଫୁଲବାଣୀ ଜିଲ୍ଲା**

ବେଲଘର : ଅଭୟାରଣ୍ୟ-କୁଟିଆକନ୍ଧ ଆଦିମ ଅଧିବାସୀ ବସତି
ବଳାଶ କୁମ୍ପା : ଠାକୁରାଣୀ ବରଳାଦେବୀ ପୀଠ
ଚକାପାଦ : ବିରୁପାକ୍ଷ ମନ୍ଦିର
ଦାରିଙ୍ଗିବାଡ଼ି : ଓଡ଼ିଶାର କାଶ୍ମୀର
ପୁଦୁଡ଼ି : ଜଳପ୍ରପାତ
ପୁରୁଣାକଟକ : ଦେବୀ ଭୈରବୀ ପୀଠ

**ରାୟଗଡ଼ା ଜିଲ୍ଲା**

ଦେବଗିରି : ଉପତ୍ୟକା
ହାତୀପଥର : ରମଣୀୟ ସ୍ଥାନ
ମିନାଝୋଲା : ତିନି ନଦୀର ସଙ୍ଗମସ୍ଥଳୀ
ପଦମପୁର : ମାଣିକେଶ୍ୱର ଶିବମନ୍ଦିର
ରାୟଗଡ଼ା : ଚିନିକଳ-ଫେରୋମାଙ୍ଗାନିଜ କାରଖାନା -କାଗଜକଳ

**ସୁବର୍ଣ୍ଣପୁର**

ଡଗଡ଼ା : କପିଳେଶ୍ୱର ମନ୍ଦିର
ପାପକ୍ଷୟ ଘାଟ : ଭଗବାନ ଗୋପାଳଙ୍କ ପୀଠ
ସୋନପୁର : ମନ୍ଦିର ମାଳିନୀ

**ସୁନ୍ଦରଗଡ଼ ଜିଲ୍ଲା**

ବେଦବ୍ୟାସ : ସଙ୍ଗମ ସ୍ଥଳୀ
ଖଣ୍ଡାଧାର : ଜଳପ୍ରପାତ
ମନ୍ଦିରା : ନଦୀବନ୍ଧ
ମିରିଗଖୋଜ : ଜଳପ୍ରପାତ
ହେମଗିରି : ପ୍ରାଗୈତିହାସିକ କଳା ଓ ସ୍ଥାପତ୍ୟ

**ବଲାଙ୍ଗିର ଜିଲ୍ଲା**

ହରିଶଙ୍କର : ଜଳପ୍ରପାତ-ଶିବ-ବିଷ୍ଣୁ ମନ୍ଦିର, ଭୈରବୀ ମନ୍ଦିର
ବିନିକା : ଧାର୍ମିକ ପୀଠ
ଯୋଗୀ ସରଡ଼ା : ଯୋଗେଶ୍ୱର ମନ୍ଦିର
ପାଟଣାଗଡ଼ : ତାନ୍ତ୍ରିକପୀଠ-ଶିବମନ୍ଦିର-ପୁରାତନ ସେନାଛାଉଣୀ
ସର୍ଗତଳା : ଚଣ୍ଡୀମନ୍ଦିର
ଟିଟିଲାଗଡ଼ : କୁମୁଡ଼ା ପାହାଡ଼ ଗୁମ୍ଫାରେ ଧବଳେଶ୍ୱର ମନ୍ଦିର
ରାଣୀପୁର-ଝରିଆଲ : ଚୌଷଠୀଯୋଗିନୀମନ୍ଦିର-ଇଟାରେନିର୍ମିତ ବିଷ୍ଣୁମନ୍ଦିର

**ବରଗଡ ଜିଲ୍ଲା**

ବରଗଡ଼ : ଧନୁଯାତ୍ରା
ନୃସିଂହନାଥ : ନୃସିଂହନାଥ ମନ୍ଦିର-ବୌଦ୍ଧ ପୀଠ-ଗନ୍ଧମାର୍ଦ୍ଦନ ପର୍ବତର ଜଳପ୍ରପାତ

**ଗଜପତି ଜିଲ୍ଲା**

ମହେନ୍ଦ୍ରଗିରି : ପଞ୍ଚପାଣ୍ଡବ ମନ୍ଦିର : ଶୈବ କ୍ଷେତ୍ର

**ଗଞ୍ଜାମ ଜିଲ୍ଲା**

ତାରାତାରିଣୀ : ତାରାତାରିଣୀ ମନ୍ଦିର
ଜଉଗଡ଼ : ସମ୍ରାଟ ଅଶୋକଙ୍କ ଅନୁଶାସନ
ନାରାୟଣୀ : ନାରାୟଣୀ ମନ୍ଦିର
ନିର୍ମଳ ଝର : ଶିବ, ରାଧାକୃଷ୍ଣ, ବିମଳା ଓ ଦଧିବାମନ ମନ୍ଦିର
ତପ୍ତପାଣି : ଉଷ୍ଣ ପ୍ରସ୍ରବଣ
ଗୋପାଳପୁର : ବନ୍ଦର-ବେଳାଭୂମି
ଚିଲିକା : ହ୍ରଦ- ନୌ-ତାଲିମ କେନ୍ଦ୍ର
ବୁଗୁଡା : ବିରଞ୍ଚିନାରାୟଣ ମନ୍ଦିର
ଆର୍ଯ୍ୟପଲ୍ଲୀ : ବେଳାଭୂମି
ବ୍ରହ୍ମପୁର : ଜଗନ୍ନାଥ ମନ୍ଦିର, ଠାକୁରାଣୀ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ସତ୍ୟନାରାୟଣ ମନ୍ଦିର
ଆସିକା : ଖମ୍ବେଶ୍ୱରୀଠାକୁରାଣରାଣୀ, ତ୍ରିବେଦେଶ୍ୱର ମନ୍ଦିର
ବୁଲାଡ଼ : ବ୍ୟାଘ୍ରଦେବୀ ମନ୍ଦିର

**ଝାରସୁଗୁଡ଼ା ଜିଲ୍ଲା**

ବିକ୍ରମ ଖୋଲ : ରମଣୀୟ ଗୁମ୍ଫା-ପ୍ରାଚୀନ ଶିଳାଲେଖ

**ବୌଦ୍ଧଜିଲ୍ଲା**

ବୌଦ୍ଧ : ବୌଦ୍ଧ ଧର୍ମ ପୀଠ- ନବଗ୍ରହମନ୍ଦିର
ଚାରିଶମ୍ଭୁ : ଅନନ୍ତ ବିଷ୍ଣୁ-ଚାରିଶମ୍ଭୁ

**ଦେବଗଡ଼ ଜିଲ୍ଲା**

ପ୍ରଧାନପାଟ : ଜଳପ୍ରପାତ

**କେନ୍ଦୁଝର ଜିଲ୍ଲା**

ବଡ଼ଘାଘରା : ଜଳପ୍ରପାତ
କୋଶଳେଶ୍ୱର : କୋଶଳେଶ୍ୱର ମନ୍ଦିର
ଘଟଗାଁ : ମା ତାରିଣୀ ମନ୍ଦିର
ହାଣ୍ଡି ଧୁଆ : ଜଳପ୍ରପାତ
ଖଣ୍ଡାଧାର : ଜଳପ୍ରପାତ
ମୁର୍ଗା ମହାଦେବ : ଜଳପ୍ରପାତ-ମୁର୍ଗା ମହାଦେବ ମନ୍ଦିର
ସାନ ଘାଘରା : ଜଳପ୍ରପାତ
ସୀତାବିଞ୍ଜି : ରାବଣ ଛାୟା ଶିଳା ଲେଖ
କେନ୍ଦୁଝରଗଡ : ସିଦ୍ଧ ଜଗନ୍ନାଥ, ସିଦ୍ଧକାଳୀ, ପଞ୍ଚବଟୀ ମନ୍ଦିର

**ମୟୂରଭଞ୍ଜ ଜିଲ୍ଲା**

ବାଙ୍ଗିରିପୋଷି : ଶିମିଳିପାଳ ଜାତୀୟ ଅଭୟାରଣ୍ୟର ପ୍ରବେଶ ପଥ
ଦେଓକୁଣ୍ଡ : ଦର୍ଶନୀୟ ସ୍ଥାନ
ଯଶୀପୁର : ଶିମିଳିପାଳ ଅଭୟାରଣ୍ୟର ପ୍ରବେଶ ପ
ବାରିପଦା : ଜଗନ୍ନାଥ ମନ୍ଦିର-ଛଉନୃତ୍ୟର ଜନ୍ମ ପ
ଖିଚିଂ : କିଚକେଶ୍ୱରୀ ମନ୍ଦିର-ପୌରାଣିକ ଶିଳ ଦୁର୍ଗ -ସଂଗ୍ରହାଳୟ
କୁଚାଇ : ପୁରାତନ ପଥର ସଭ୍ୟତା
କୁଳିଆଣା : ପ୍ରାଚୀନ ସଭ୍ୟତା
ଶିମିଳିପାଳ : ଜାତୀୟ ଅଭୟାରଣ୍ୟ-ବ୍ୟାଘ୍ରପ୍ରକଳ୍ପ କେନ୍ଦ୍ର-ଉଚ୍ଚତମ ଜଳପ୍ରପାତ
ଠାକୁରମୁଣ୍ଡା : ବାସୁକୀ, ବରେହୀପାଣି, ଜଗନ୍ନାଥ ମନ୍ଦିର

**ସମ୍ବଲପୁର ଜିଲ୍ଲା**

ହୁମା : ବିମଳେଶ୍ୱର ମହାଦେବ ମନ୍ଦିର
ହୀରାକୁଦ : ନଦୀବନ୍ଧ
ଚିପିଲିମା : ଜଳବିଦ୍ୟୁତ୍ କେନ୍ଦ୍ର
ସମ୍ବଲପୁର : ସମଲେଶ୍ୱରୀ ମନ୍ଦିର
ଉଷାକୋଠି : ଅଭୟାରଣ୍ୟ

**ପୁରୀଜିଲ୍ଲା**

ପୁରୀ : ଶ୍ରୀଜଗନ୍ନାଥ ମନ୍ଦିର
କୋଣାର୍କ : ସୂର୍ଯ୍ୟ ମନ୍ଦିର
ଅସ୍ତରଙ୍ଗ : ବେଳାଭୂମି
ବାଲିଘାଇ : ବେଳାଭୂମି

କ୍ରମଶଃ

ବାଲିହରଚଣ୍ଡୀ : ଧାର୍ମିକ ପୀଠ
ଶ୍ୱେତାଗ ପାହାଡ଼ : ବୌଦ୍ଧଧର୍ମ ପୀଠ
ବ୍ରହ୍ମଗିରି : ଅଲାରନାଥ ମନ୍ଦିର
ଚିଲିକା : ହ୍ରଦ
କାକଟପୁର : ମା ମଙ୍ଗଳା
କୁରୁମା : ବୌଦ୍ଧପୀଠ
ସତ୍ୟବାଦୀ : ସାକ୍ଷୀଗୋପାଳ ମନ୍ଦିର
ରଣପୁର : ମା ମଣିନାଗ ମନ୍ଦିର

**ନୟାଗଡ଼ ଜିଲ୍ଲା**

ବାରମୂଳ : ସାତକୋଶିଆ ଗଣ୍ଡ
କଣ୍ଟିଲୋ : ନୀଳମାଧବ ମନ୍ଦିର
ଓଡ଼ଗାଁ : ରଘୁନାଥ ମନ୍ଦିର
ସରଣକୁଳ : ଲଡୁବାବା ମନ୍ଦିର
ତାରାବଳ : ଉଷ୍ମ ପ୍ରସ୍ରବଣ
ନୟାଗଡ଼ : ଜଗନ୍ନାଥ ମନ୍ଦିର-ଦକ୍ଷିଣ କାଳୀ ମନ୍ଦିର

**ଖୋର୍ଦ୍ଧା ଜିଲ୍ଲା**

ଅତ୍ରି : ଉଷ୍ମ ପ୍ରସ୍ରବଣ
ବାଣପୁର : ମା ଭଗବତୀ ମନ୍ଦିର
ବସୁଣେଇ : ସ୍ୱର୍ଣ୍ଣ ଗଙ୍ଗା ଝରଣା
ଭୁବନେଶ୍ୱର : ଐତିହାସିକ ସ୍ଥାନ-ମନ୍ଦିରମାଳିନୀ ଲିଙ୍ଗରାଜ-ମୁକ୍ତେଶ୍ୱର ବ୍ରହ୍ମେଶ୍ୱର ମନ୍ଦିର
ଭୁଷଣ୍ଡପୁର : ଉଗ୍ରତାରା ମନ୍ଦିର
ଚିଲିକା : ହ୍ରଦ -ବରକୁଳ
ଧଉଳି : ଅଶୋକଙ୍କ ଶାନ୍ତିସ୍ତୂପ-କଳିଙ୍ଗ ଯୁଦ୍ଧର ସ୍ମୃତିପୀଠ
ହୀରାପୁର : ୬୪ ଯୋଗିନୀ ମୂର୍ତ୍ତି, ଶିଳାଲେଖ, ଗୁମ୍ଫା ସଂସ୍କୃତି
ଖଣ୍ଡଗିରି : ଖାରବେଳଙ୍କ ଶିଳାଲେଖ, ଗୁମ୍ଫା-ସଂସ୍କୃତି
ଉଦୟଗିରି : ଖାରବେଳଙ୍କ ଗୁମ୍ଫା ସଂସ୍କୃତି
ନନ୍ଦନ କାନନ : ପ୍ରାଣୀ ଉଦ୍ୟାନ
ଶିଶୁପାଳଗଡ଼ : ପୁରାତନ ଦୁର୍ଗ

**କଟକ ଜିଲ୍ଲା**

କଟକ : ଐତିହାସିକ ସ୍ଥାନ-ପୁରାତନ ରାଜଧାନୀ-ବାରବାଟି ଦୁର୍ଗ ,କଟକ ଚଣ୍ଡୀ ମନ୍ଦିର-କଦମ ରସୁଲ, ଜୁମା ମସଜିଦ୍
ଅଂଶୁପା : ହ୍ରଦ
ବାଙ୍କୀ : ଦେବୀ ଚର୍ଚ୍ଚିକା
ଭଟ୍ଟାରିକା : ଭଟ୍ଟାରିକା ଠାକୁରାଣୀ ମନ୍ଦିର
ନରାଜ : ବୌଦ୍ଧ କୀର୍ତ୍ତି-ସିଦ୍ଧେଶ୍ୱର ମନ୍ଦିର
ନିଆଳିମାଧବ : ଶୋଭନେଶ୍ୱର ଓ ମାଧବ ମନ୍ଦିର
ଧବଳେଶ୍ୱର : ଶିବମନ୍ଦିର
ଚୌଦ୍ୱାର : ଐତିହାସିକ ସ୍ଥାନ
ଅଠଗଡ଼ : ଦକ୍ଷିଣଚଣ୍ଡୀ ଠାକୁରାଣୀ ମନ୍ଦିର

**ଢେଙ୍କାନାଳ ଜିଲ୍ଲା**

ଢେଙ୍କାନାଳ : ପ୍ରାଚୀନ ମନ୍ଦିର-ଗଜଲକ୍ଷ୍ମୀ ମେଳନ ପୀଠ
ଯୋରନ୍ଦା : ମହିମାଧର୍ମ ପୀଠ
କପିଳାସ : ଚନ୍ଦ୍ରଶେଖର ମହାଦେବ ମନ୍ଦିର
ସାରଙ୍ଗ : ନିଦ୍ରିତ ବିଷ୍ଣୁମୂର୍ତ୍ତି
ସପ୍ତଶଯ୍ୟା : ରମଣୀୟ ସ୍ଥାନ, ଝରଣା, ରଘୁନାଥମନ୍ଦିର,
ଲାଡଗଡ଼ : ଶିବପୀଠ

**ଯାଜପୁର ଜିଲ୍ଲା**

ଅଶୋକଝର : ମା ଅଶୋକେଶ୍ୱରୀ
ଛତିଆବଟ : ଜଗନ୍ନାଥଙ୍କ ଗଦଶି ସ୍ଥଳୀ
ଯାଜପୁର : ବିରଜାକ୍ଷେତ୍ର -ନାଭିଗୟା ପୀଠ
ମହାବିନାୟକ : ପଞ୍ଚମୁଖୀ ମହାଦେବ
ରତ୍ନଗିରି : ବୌଦ୍ଧ ପୀଠ
ଉଦୟଗିରି : ବୌଦ୍ଧ ବିହାର
ବ୍ୟାସ ସରୋବର : ଧାର୍ମିକ ପୀଠ

**ଜଗତ୍‌ସିଂହପୁର ଜିଲ୍ଲା**

ଝଙ୍କଡ଼ : ମା ଶାରଳା ମନ୍ଦିର
ପାରାଦୀପ : ସାରକାରଖାନା

**ବାଲେଶ୍ୱର ଜିଲ୍ଲା**

ଚନ୍ଦନେଶ୍ୱର : ଭୂଷଣ୍ଡେଶ୍ୱର ଓ ଲଙ୍କେଶ୍ୱର ଶୈବପୀଠ-ବେଳାଭୂମି
ରେମୁଣା : କ୍ଷୀରଚୋରା ଗୋପୀନାଥ
ଚାନ୍ଦିପୁର : ବେଳାଭୂମି-ସ୍ୱାସ୍ଥ୍ୟନିବାସ
ତାଳସରାଇ ଓ କଣାଫଳ : ବେଳାଭୂମି
ପଞ୍ଚଲିଙ୍ଗେଶ୍ୱର : ବାଣାସୁର ରାଜାଙ୍କ ରାଜଧାନୀ
ରାଇବଣିଆ : ଐତିହାସିକ ଦୁର୍ଗ
ବାଲିଆପାଳ : କ୍ଷେପଣାସ୍ତ୍ର ଘାଟି

**ଭଦ୍ରକ ଜିଲ୍ଲା**

ଆରାଡ଼ି : ଆଖଣ୍ଡଳମଣି ମନ୍ଦିର
ଭଦ୍ରକ : ଭଦ୍ରକାଳୀ
ଚାନ୍ଦବାଲି : ବନ୍ଦର-ଭିତର କନିକା କୁମ୍ଭୀର ଅଭୟାରଣ୍ୟ ପ୍ରବେଶପଥ
ଧାମରା : ପ୍ରାଚୀନ ବନ୍ଦର
ଧାମନଗର : ଧାର୍ମିକପୀଠ

**ଅନୁଗୁଳ ଜିଲ୍ଲା**

ଭୀମକୁଣ୍ଡ : ବିଷ୍ଣୁ ମୂର୍ତ୍ତି
ଦେଉଳଝରି : ଉଷ୍ମ ପ୍ରସ୍ରବଣ
ଟିକରପଡ଼ା : କୁମ୍ଭୀର ପ୍ରଜନନ କେନ୍ଦ୍ର-ସାତକୋଶିଆ ଗଣ୍ଡ

**କେନ୍ଦ୍ରାପଡ଼ା ଜିଲ୍ଲା**

ଭିତରକନିକା : କୁମ୍ଭୀର ଅଭୟାରଣ୍ୟ
କେନ୍ଦ୍ରାପଡ଼ା : ବଳଦେବଜୀଉ ମନ୍ଦିର

*ମାର୍ଫତ୍-ଶ୍ରୀ ସୂର୍ଯ୍ୟନାରାୟଣ ବଡ଼ଜେନା*
*ଟାଇପ ୫ଏ, ୧୨/୨, ୟୁନିଟ୍-୨ ଭୁବନେଶ୍ୱର*

# କର୍ମାପୂଜା : ସ୍ତୋତ୍ର ଓ ଗୀତ

● ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧା

ଆଦିବାସୀ ସରଳ ମଣିଷ । ପ୍ରକୃତି ପରି ଶାନ୍ତ, ସ୍ନିଗ୍ଧ ଆଉ ଉନ୍ମୁକ୍ତ । ସେ ଅନ୍ୟାୟ, ଅତ୍ୟାଚାର-ଶୋଷଣରେ ପ୍ରକୃତି ପରି ଉଗ୍ର ହୁଏ, ଫଳରେ ଜଡ଼ ପ୍ରାଣରେ ତାର ଅଗ୍ନିର ସ୍ଫୁଲିଙ୍ଗ ଉଦଗୀରଣ ହୁଏ । ଏଣୁ ସେ ଭୀମ ଆଉ କାନ୍ତ । ଏଇ ଭୀମ ରୂପରେ ସେ ପ୍ରକୃତିଠାରେ ଦେଖେ ଅପୂର୍ବ ଶକ୍ତି । ସୂର୍ଯ୍ୟ, ପୃଥିବୀ, ଝରଣା, ପାହାଡ଼, ପର୍ବତ, ନଦୀ, ବୃକ୍ଷ ତା' ଆଖିରେ ଦେବତା । ପ୍ରକୃତିର କାନ୍ତ ରୂପରେ ସେ ଅନୁଭବ କରେ ଭୀମ ତଥା ଭୈରବ, ଆଉ ଭୈରବୀୟ ଅଦୃଶ୍ୟ ଶକ୍ତି-ଯାହା ଆପେ ଆପେ ଗଢ଼ି ଉଠିଛି, ଆଉ ନିଜେ ଫଳ, ପୁଷ୍ପ ଖାଦ୍ୟ ଦେଉଛି । ଏଣୁ ସେ ଦାରୁ ଦେବତାର ମଧ ପୂଜକ । ତାଙ୍କୁ ଦେବଦେବୀ ଭାବେ ପୂଜାକରି ସେ ଆଶାୟୀ ହୋଇଥାଏ । ଏପରି ଆଦିମ ମଣିଷ ଯେ ଗୋଟାଏ କଳ୍ପନା ବା କାମନା କରିଥିବ, ଆଉ ଯଦି ତାହା ଘଟିଯାଏ, ସେ ବିଶ୍ୱାସ କରେ ତାହା ଦେବୀଙ୍କର ଆଶୀର୍ବାଦ ବା ଗୁଣିଗାରୁଡ଼ିର ଫଳ । ଏପରିକି ଜାନୀ(ପୁରୋହିତ) ସଂସ୍କୃତିର ପ୍ରତିନିଧି 'ବେଲୁଣୀ' ବା 'ଦିଶାରୀ'ର ଆଶୀର୍ବାଦ ବୋଲି ମନେ କରେ ।

ସେ ଯୁଗଯୁଗ ଧରି ବୃକ୍ଷପୂଜା ବା ଦାରୁଦେବତାର ପୂଜା କରି ଚାଲିଛି । ଶବରମାନେ 'ଅପସାରଣ' ଗଛତଳେ 'ଜଗାଲୋ' ବା 'ଜଗନ୍ନାଥ' ଦେବତା ଅଛନ୍ତି ବୋଲି ନୂଆଖାଇ ଦିନ ସେହି ଗଛତଳେ ପୂଜା କରି ପ୍ରଥମ ଶସ୍ୟର ଅଂଶ ଅର୍ପଣ କରନ୍ତି । ପ୍ରାଚୀନ ପରମ୍ପରା-ଚଳଣି ନେଇ ଚଳି ଆସୁଥିବା କୋରାପୁଟର ବଣ୍ଡାମାନେ ଶିମୁଳୀ ଗଛର ଡ଼ାଳ ପୋତି ରାତିସାରା ନାଚନ୍ତି । ସେପରି ଓରାମ୍, କିସାନ୍, ମୁଣ୍ଡା, ଖଡ଼ିଆ 'କର୍ମାଗଛ'ର ଡ଼ାଳ ପୋତି କର୍ମା ନାଚରେ ମଜଗୁଲ ରୁହନ୍ତି ରାତିସାରା । ବୃକ୍ଷ ହିଁ 'ଜଗନ୍ନାଥ'-ବେଲ ଗଛ ହିଁ 'ଶିବ'-'କର୍ମାଡ଼ାଳ ହିଁ କର୍ମାସ୍ୱାମିନୀ ବା ଦେବୀ ଦୁର୍ଗା । ତେଣୁ କର୍ମାସାନୀ ହେଉଛନ୍ତି ଦେବୀ ଦୁର୍ଗାଙ୍କର ପ୍ରତୀକ । ଏହି ବୃକ୍ଷପୂଜା ଆଦିବାସୀମାନଙ୍କର ପରମ୍ପରା ହୋଇଥିଲେ ମଧ କାଳକ୍ରମେ ଆର୍ଯ୍ୟମାନଙ୍କ ଦ୍ୱାରା ଆଦୃତ ହୋଇ ବେଦ-ପୁରାଣରେ ଗୃହୀତ ହୋଇଛି । ଦାରୁ ଦେବତା ବା ଦାରୁରେ ବ୍ରହ୍ମସ୍ଥାପନ ପୁରାଣ ପ୍ରସିଦ୍ଧ । ଯାହା ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାରେ ପରିଣତ ହୋଇ ତିନି ଠାକୁର ଶାଶ୍ୱତସନାତନ ଧର୍ମରେ ପରିଣତ ହୋଇଛି । ମାତ୍ର ଏହା ମୂଳରେ ଆଦିବାସୀ ସଂସ୍କୃତିର ଚେତନା ତଥା ଧର୍ମ-ଧାରଣା ନିହିତ । ଏଇ ଦାରୁ-ଦେବତାର ସମସ୍ତ ଦାୟିତ୍ୱ 'ଦଇତା'ମାନେ ଗ୍ରହଣ କରିଛନ୍ତି । ଓଡ଼ିଶା ଭୂଇଁ ଆଦିବାସୀ ତଥା ଶବରର ଆଦିମାଟି । କାଳେ କାଳେ ଆର୍ଯ୍ୟର ଆକ୍ରମଣରେ ବାଧାଦେଇ ଶେଷକୁ ନାନା ଭାବରେ ଆର୍ଯ୍ୟନାମ ଗ୍ରହଣ କରି ମଧ ନିଜର ପ୍ରାଣ-ପ୍ରବାହ ଜୀବନ୍ତ ରଖିଛି । ନୀଳାଚଳ ବା ପୁରୀର ଜଗନ୍ନାଥ ଆଜି ମଧ ଏଇ ପ୍ରାଣ-ପ୍ରବାହର ପ୍ରତୀକ । (ନୀଳକଣ୍ଠ ଦାସଙ୍କ ଗୀତା ପ୍ରବେଶ) ।

ଆଦି ସଂସ୍କୃତି, ପ୍ରାଚୀନ ପୁରାଣ, ରାମାୟଣ, ମହାଭାରତ, ଗୀତା ମଧ ସେକଥା ସ୍ୱୀକାର କରିଛି । ତୁଳସୀ, ବେଲ୍, ଅଶ୍ୱତ୍ଥ, ବଟ ବୃକ୍ଷ ପୂଜା ଆଦିବାସୀ ସଂପ୍ରଦାୟରୁ ଯାଇ ହିନ୍ଦୁ ସଂସ୍କୃତିରେ ପ୍ରବେଶ କରିଛି । ଏଣୁ ଗୀତା ମତରେ "ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ । ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ । (ଗୀତା ୧୫।୧)

ଅର୍ଥାତ୍ ଊର୍ଦ୍ଧ୍ୱମୂଳ ଅଧଃଶାଖାକୁ ଅଶ୍ୱତ୍ଥ(ପିପ୍ପଳ) ବୃକ୍ଷରୂପେ ଅବ୍ୟୟ ବା ବ୍ରହ୍ମ କୁହାଯାଏ । ଆଉ ଛନ୍ଦଗୁଡ଼ିକୁ ପତ୍ର, ତାହାକୁ ଯିଏ ଜାଣେ, ସେ ପ୍ରକୃତ 'ବେଦବିତ୍' ବୋଲି କୁହାଯାଉଛି ।

ବୃକ୍ଷକୁ ଦେବତା ଜ୍ଞାନ କରିବା ଆଦିମ ଜନଜାତିର ବିଶ୍ୱାସ । ସେମାନେ କରମା ଗଛକୁ ମଧ ଦେବୀଙ୍କର ପ୍ରତୀକ ବୋଲି ଅନାଦିକାଳରୁ ମାନି ଆସୁଛନ୍ତି । ଏଇ ଦେବୀଙ୍କୁ ନେଇ ଅନେକ ବିଶ୍ୱାସ ଗଢ଼ି ଉଠିଛି ।

**ସ୍ତୋତ୍ର :** ଏଇ ଦେବୀଙ୍କର ସ୍ତୁତିଗାନ ପାଇଁ ଗୀତ, ଉପନିଷଦର ସଂସ୍କୃତ ଶ୍ଳୋକ ନାହିଁ । ସାଧାରଣ ବିଶ୍ୱାସ ଆଉ ସରଳ ଗୀତ ହିଁ ତେ ସ୍ତୋତ୍ର ।

ଯଥା : "ଜୁହାର ମାଗୋ କରମ୍ ସାନୀ
ଝାଡ଼େ ଝୁଡ଼େ ଥାଉ
ଅପୁତ୍ରିକେ ପୁତ୍ର ଦେଉ, ଧନୀ କରି ଥାଉ"
"କାରାମ୍ କାରାମ୍ ବା'ବା ପେଲ୍ଲୋ ଗୋ
କାରାମ୍ ନିୟେ ପାର୍ ତାନୁ ରାଇ
ପାରେ ତାଲି ନିତିୟା ଆଖେଡ଼ାନୁ ଗାଢ଼େତା
ଡ଼ିଣ୍ଡା କାରାମ୍ ଗାଡ଼ାରିନ୍ ରାଇ ।"(ମିର୍ଦ୍ଧା-କିଶାନ ଗୀତ)

(୧) ପ୍ରଥମ ଗୀତ ଆଦିବାସୀ ତଥା ଆଞ୍ଚଳିକ ଭାଷାରେ ଲିଖିତ । କରମ୍‌ସାନୀ ଝାଡ଼େ ଝୁଡ଼ି ଅର୍ଥାତ୍ ବଣ ଜଙ୍ଗଲରେ ଥାଏ । ତାଙ୍କୁ ପୂଜାକଲେ ପୁତ୍ରହୀନ ପୁତ୍ର ସନ୍ତାନ ପାଇ ବଂଶ ରକ୍ଷା କରେ-ଗରିବ ଲୋକ ପୂଜା କରି ଧନୀ ହୁଏ । ସେପରି(୨) ଧାଙ୍ଗ୍ରା କହୁଛି ଧାଙ୍ଗ୍ରୀ ଲୋ ପ୍ରିୟତମା, କର୍ମା କର୍ମା କହୁଛି, ସେ ପାରେତାନୁ(ପର୍ବତରେ) ଅଛି । ସେ ପୁଣି ତୋର ଆଖଡ଼ା ବା ବଡ଼ଦାଣ୍ଡରେ ପୋତା ହେଲେ ପୂଜା କରି ଧାଙ୍ଗ୍ରା ଧାଙ୍ଗ୍ରୀ ନାଚିବା ।

ଏଇ ତା'ର ବିଶ୍ୱାସ । ଦେବୀ ଭଗବତୀ ଦୁର୍ଗା ପର୍ବତ ବା ଜଙ୍ଗଲରେ ଥାନ୍ତି । ତାର ପୂଜା ଆରାଧନା କଲେ ସୁଫଳ ମିଳେ ।

**ପରମ୍ପରା : ପରିବେଶ**

କର୍ମାଦେବୀ ବା କର୍ମାର ଦେବୀଙ୍କୁ ନେଇ ଅନେକ କାହାଣୀ ରହିଛି । ତାହାର କାହାଣୀ ସରଳ । ମଣିଷ ପ୍ରାଣରେ ଆଧାତ୍ମିକ ଚେତନା ଦ୍ୱାରା ବଳ ପ୍ରଦାନ

କରେ । ବ୍ୟକ୍ତିକୁ କର୍ମ-ଚଞ୍ଚଳ କରିଥାଏ । ଭୁଲ ତ୍ରୁଟି, ଗର୍ବ ଅଭିମାନରୁ ଶାନ୍ତ କରେ । ବାସ୍ତବରେ ଦେବଦେବୀ ପୂଜା ବା ସାଂସ୍କୃତିକ ପର୍ବପର୍ବାଣୀ ମଣିଷକୁ ପରିମାର୍ଜିତ କରିବାରେ ସହାୟକ ହୁଏ । ଏହି ବିଶ୍ୱାସ ଯୋଗୁଁ ଅନେକ ବୃକ୍ଷଲତା ଅକ୍ଷତ ରୁହନ୍ତି । ପ୍ରାକୃତିକ ଶୋଭା ନଷ୍ଟ ହୁଏ ନାହିଁ । ମଣିଷ ଜାତି ପ୍ରକୃତିଠାରୁ ନାନାଭାବରେ ଉପକୃତ ହୁଏ । ପ୍ରକୃତିର ପ୍ରଜନନ ପ୍ରକ୍ରିୟା ମଣିଷକୁ ପ୍ରେରିତ କରେ । ଏଣୁ ନିରକ୍ଷର, ସରଳ ଆଦିବାସୀ ପୃଥିବୀ, ସୂର୍ଯ୍ୟ, ପ୍ରକୃତିକୁ ଦେବତା ଜ୍ଞାନ କରି ଜୀବନ ଯାତ୍ରାକୁ ଆଗେଇ ନିଏ ।

କର୍ମାପୂଜା ଭାଦ୍ରବ ମାସର ଏକାଦଶୀ ଦିନ ଅନୁଷ୍ଠିତ ହୁଏ । ଠିକ୍ ଦଶହରା ଦୁର୍ଗା ଦେବୀଙ୍କର ଆଗମନର ମୁହୂର୍ତ୍ତ । ପରିବେଶ ନିର୍ମଳ । ପ୍ରାକୃତିକ ପରିବେଶ ମନୋରମ-ଆକର୍ଷଣୀୟ । କାଶ ପତ୍ରାର ଶୁଭ୍ରତା ସହିତ ପୁଷ୍କରିଣୀର ଶୁଭ୍ର କଇଁ ଫୁଲର ହସରେ ବନବାସୀ ତଥା ପଲ୍ଲୀ ଲଳନାର ଜୀବନକୁ ଆମୋଦିତ କରିଥାଏ । ମନରେ ଶାରଦୀୟ ସବୁଜ ଚହଲା ଭଙ୍ଗୀମାରେ । ଠିକ୍ ଏତିକିବେଳେ ଆଦିବାସୀର ଅପାଂକ୍ତେୟ ଜୀବନରେ ଆଗାମୀ ଦିନର ସୁନେଲି ସ୍ୱପ୍ନ ବଞ୍ଚି ରହିବାର ଆଶା ଭରିଦିଏ । ସେଥିପାଇଁ ପୂଜାପାର୍ବଣ, ଦେବଦେବୀ ପୂଜାର ଭିଆଣ ।

ନାଚ ଏବଂ ମାଦଳର ତାଳେ ତାଳେ, ଚାପ (ଘୁଙ୍ଗୁର) ଗୋଡ଼ରେ ବାନ୍ଧି ନାଚି ଉଠେ ଗାଁ୍ତିର ମାତାଲ ଉଞ୍ଚୁମ ଦିହରେ । କଂସାଳ, ଗିନିରେ ପ୍ରତିଧ୍ୱନିତ ହୁଏ ଗାଁ ଦାଣ୍ଡ । ଭୁଲ କୁଲିଆ ପୋକର ଆଲୁଅରେ ତାର ମୁହଁ ଦପ୍ ଦପ୍ କରେ । ସେ ଅରୁଆ ଚାଉଳ, ସିନ୍ଦୁର, ଧଳାସୂତା ନେଇଯାଏ ପାହାଡ଼ସ୍ଥିତ କର୍ମାଗଛ ପାଖକୁ । ଦେବୀଙ୍କୁ ସାତଥର ଚାଉଳ ଦେଇ ପୂଜାକରେ । ବୃକ୍ଷ ଦେହରେ ସାତଥର ସୂତା ଗୁଡ଼ାଇ, ଧୂପ ଦୀପ ଦେଇ ପୂଜାଅର୍ଚ୍ଚନା କରେ । ଆକୁଳ ପ୍ରାଣର ପ୍ରଣତି ଢାଳି ହୁ ହୁ ମୁଣିଆ ମାରେ । ମାଦଳର ଝୁମେର୍ ପାର ବାଜିଉଠେ । ପରେ ପରେ ଗଛର ପାଞ୍ଚଟି ବା ସାତଟି ପତ୍ରଯୁକ୍ତ ଡାଳ କଟିଥାଏ ।

ଅବିବାହିତ ଯୁବକ ତାକୁ ଦୁଇ ହାତରେ ଚାପିଧରେ । ନେଇ ଆସନ୍ତି ଗାଁ ଦାଣ୍ଡକୁ । ନାଲି ଶାଢ଼ୀରେ ସ୍ଥାପନ କରନ୍ତି ନିର୍ଦ୍ଦିଷ୍ଟ ସ୍ଥାନରେ । ଧାନ୍ଯ, କଇଁଫୁଲ ତଥା ଡ଼ାଳପତ୍ରରେ ସୁସଜ୍ଜିତ ମନ୍ଦିର ତୁଲ୍ୟ ନିର୍ମିତ ବେଦୀରେ ରଖନ୍ତି, ଆଉ ଚାରିଆଡ଼ରେ ଘେରି ବସନ୍ତି । ନିର୍ଜଳ ଉପାସ କରିଥିବା ପତିପତ୍ନୀ ବା ପୁରୋହିତ ପୂଜା କରେ । ଅର୍ଘ୍ୟ ଅର୍ପଣ କରାଯାଏ, ହୁଳହୁଳି-ହରିବୋଲରେ ସ୍ଥାନ ଭରିଯାଏ । ତା'ପରେ ଦେବୀଙ୍କର ମହିମା ଶୁଣନ୍ତି, ଉପସ୍ଥିତ ଆବାଳ ବୃଦ୍ଧବନିତା ।

**କଥାନୀ :** କରମ୍ ଧରମ୍ ଦୁଇ ଭାଇ । ରାସ୍ତାରେ ପାଣି ପିଇବାକୁ ଇଚ୍ଛା କଲେ- ହେଲେ ପାଣି ଥିଲା ଦୂଷିତ । ପିଇଲେ ନାହିଁ । ତା' ପରେ ପାଚିଲା ଡୁମରୀ ଫଳ ଖାଇବାକୁ ଇଚ୍ଛା କଲେ । ହେଲେ ପୋକ ସଡ଼ ସଡ଼ କରୁଥାଏ । ବଡ଼ ଚିନ୍ତିତ ହେଲେ । କର୍ମ ଦେବତାଙ୍କୁ ଖୋଜିଲେ- ପାଇଲେ ସମୁଦ୍ରରେ । ସେହି ଗଛରେ ପୋକ ଭରିଥାଏ । ତଥାପି ତାଙ୍କୁ ଦି' ଭାଇ ଆଲିଙ୍ଗନ କଲେ ଛାଏଁ ଛାଏଁ ପୋକ ଉଭେଇ ଗଲା । କର୍ମ ଦେବତାଙ୍କୁ ପୂଜା କରିବାକୁ ପ୍ରତିଶ୍ରୁତି ଦେଲେ । ଆଉ ସେହି ଗଛର ଡ଼ାଳଟିଏ ଆଣି ପୂଜା କଲେ । ଠିକ୍ ସେହି ଭାଦ୍ରବ ମାସର ଏକାଦଶୀ ଦିନ । ସେମାନେ କରମସାନୀଙ୍କୁ ପୂଜା କରିବାରୁ ସେମାନଙ୍କର ଭାଗ୍ୟ ବଦଳିଗଲା । ଧନଧାନ୍ୟରେ ଘର ଭରିଗଲା । ପୁତ୍ର କନ୍ୟାରେ କୋଳ ହସି ଉଠିଲା । ସେ ଦିନରୁ କର୍ମାପୂଜାର ପ୍ରସାର ହେଲା ଓରାମ୍, କିସାନ୍ ଆଦି ସମ୍ପ୍ରଦାୟ ମଧ୍ୟରେ ।

ଏଇ ଆଦର୍ଶ ଅନ୍ୟମାନେ ବି ଗ୍ରହଣ କଲେ-ଯାହା ବାଞ୍ଛା କଲେ ଫଳ ମିଳେ-ଏଇ ଆମର ମଧ୍ୟ ବ୍ୟକ୍ତିଗତ ଅନୁଭୂତି । ମୋର ପରମ ପୂଜ୍ୟ ପିତା ଜଣେ କର୍ମାନାଚ ଗୀତରେ ଉସ୍ତାଦ୍ ଥିଲେ । ତାଙ୍କର କର୍ମାନାଚ ଆଉ ଗୀତ ଏବେ ମଧ୍ୟ 'ବରପାଲି' ଅଞ୍ଚଳର ସ୍ମୃତିରୁ ଯାଇନାହିଁ । ସେ କର୍ମାଦେବୀଙ୍କର ପରମ ଭକ୍ତ । ମୋ ବ୍ୟତୀତ ମୋର ଭଉଣୀ ନଥିଲେ । ଯିଏ ଆସୁଥିଲେ ଚାଲି ଯାଉଥିଲେ । ମୁଁ ଥିଲି ଏକୋଇରବଳା ବିଶିକେସନ । ଏଣୁ ସ୍ୱର୍ଗତ ପିତା କନ୍ୟାଟିଏ କାମନା କଲେ । କନ୍ୟା ପାଇଲେ କର୍ମାଡ଼ାଳ ପୋତି ଏକାଦଶୀ ପାଳନ କରିବି ବୋଲି କରମ୍ ସାନୀ ଆଗେ ପ୍ରାର୍ଥନା କଲେ । ତା' ପରବର୍ଷ ପାଇଲେ କନ୍ୟାଟିଏ । ମୁଁ ପାଇଲି ଭଉଣୀ, ତା'ର ନାମ 'ଅହଲ୍ୟା' । ସେ ବର୍ତ୍ତମାନ ବିବାହିତା, ପୁତ୍ର କନ୍ୟାର ମା' । ବାପା ସେହି ବର୍ଷ ଏକାଦଶୀ କର୍ମା ପୂଜାକଲେ । ରାତିସାରା ନାଚିଲେ । କି ଅପୂର୍ବ ବିଶ୍ୱାସ ! ସେ ବିଶ୍ୱାସ ମୋ ଠାରେ ମଧ୍ୟ ବଦ୍ଧମୂଳ ।

ତେବେ କୁହନ୍ତୁ ତ ! ମୁଁ କିପରି କରମାସାନୀଙ୍କୁ ଅବିଶ୍ୱାସ କରିବି । ଶୁଦ୍ଧ ପୂଜା ପୂଜା.... । ପୂଜା କୁକୁଡ଼ାର ବଳି ନାହିଁ । ଅଥଚ ଶୁଦ୍ଧ ମନରେ ଶୁଦ୍ଧ ନୃତ୍ୟ-ଗୀତ ଆରାଧନାରେ ଦୁର୍ଗାଦେବୀଙ୍କର ଆଶୀର୍ବାଦ ମିଳେ । ସେପରି ଅନ୍ୟ ଏକ ବିଶ୍ୱାସର ଗଳ୍ପ ଅବତାରଣା କରୁଛି ।

କରମ୍ ସାନୀ ଦେବୀଙ୍କୁ ଘେରି ବସନ୍ତି ପଲ୍ଲୀବାସୀ ।

ଶିହାନ୍ ବା ପୁରୋହିତ କହେ–

"ଶୁନ୍ ଶୁନ ସାଧୁଜନ-କରମ୍ ସାନୀର ବିଧାନ

ଯାହା ବିହି କରିଛି ଭିଆଣ ।

ଏକବୁଟେ ଡ଼ାଳଖାନି ଉପରୁ ତଳକୁ ଆନି,

ଆଣିଲି ଦେବୀ ଠାକୁରାଣୀ ।

କରମ୍ ଦେବୀ ଯେ ଶଙ୍କର ଘରଣୀ

ତୁ ଥିଲୁ ମା' ଦିନେ ଗଙ୍ଗାର କୂଳରେ

ତୋତେ ଆଣେ ଆଣିଲେ ବରି

ଅତି ବିନୟରେ ।"

ଏହା ହେଉଛି ଦେବୀଙ୍କର ଆବିର୍ଭାବର ମହତ୍ତ୍ୱ ।

**୨ୟ ମହିମା :** ଏକଦା ଜଣେ ସାଧବ ଲୋକ ଥିଲା । ତାର ସାତଟି ପୁଅ ଆଉ ଗୋଟିଏ ମାତ୍ର ଝିଅ । ବଡ଼ ପୁଅମାନେ ବିଦେଶ ଗଲେ ବଣିଜ କରିବାକୁ । ଫେରିଲେ ଗାଁକୁ । ସେମାନଙ୍କୁ ସ୍ୱାଗତ କରିବାକୁ ପତ୍ନୀମାନେ ଆସିଲେ ନାହିଁ । ସେମାନେ ବଡ଼ ବିସ୍ମିତ ହେଲେ । ଏତିକି ବେଳେ ପତ୍ନୀମାନେ କର୍ମାଦେବୀ ଆରାଧନାରେ ନିମଗ୍ନିତ ଥା'ନ୍ତି । ବିଭୋର ହୋଇ ନାଚୁଥାନ୍ତି । ସାନ ଭାଇରୁ ଛଅଭାଇ ଯାକ ଆସିଲେ-ସେମାନେ ବି ନାଚିବାରେ ଲାଗିଲେ । କର୍ମା ନାଚ-ମାଦଳର ମାଦକତା ସେମାନଙ୍କୁ ବିଭୋର କଲା । ତାପରେ ବଡ଼ ଭାଇ ଆସି ଦେଖେ-ସେମାନଙ୍କର

ଗୁମାନ-ଅଭିମାନ । ସେ ରାଗରେ ଡ଼ାଳ ଫିଙ୍ଗିଦିଏ । ସମସ୍ତେ ମର୍ମାହତ ହେଲେ । ତାର ନାସ୍ତିକ-ଅବିଶ୍ୱାସ ମନୋଭାବ ପାଇଁ କ୍ରମେ ଧନ-ସମ୍ପଦ ହରାଇଲେ । ଗରିବ ହୋଇଗଲେ ସେମାନେ । ଏହାର ପ୍ରତିକାର ଖୋଜିଲେ । ପତ୍ନୀର ଅନୁରୋଧରେ ସେ ପୁଣି କର୍ମାନାଚ ପାଇଁ ପ୍ରସ୍ତୁତ ହେଲେ, କରମ୍ ସାନୀର ପୂଜା କଲେ ।

ସାଧାରଣତଃ ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ ପୂଜା ଆଗରୁ ଆଦିବାସୀମାନେ କର୍ମସାନୀ ବା ଦୁର୍ଗାଙ୍କର ପୂଜା କରନ୍ତି । ସାଧବ ପୁଅ ପୂଜା କରିବାରୁ ପୁଣି ଧନ୍ୟ ଧାନ୍ୟରେ ଭରିଗଲେ । ଏପରି ଅନେକ କାହାଣୀ, ଅନେକ ବିଚାରଯୋଗ୍ୟ କଥା ଯୋଗୁଁ କର୍ମା ପୂଜାର ପରମ୍ପରା ଚାଲି ଆସୁଛି । ସାଧାରଣ ଲୋକ ମଧ୍ୟ ଏଇ କର୍ମା ପୂଜାରେ ଆଗ୍ରହୀ ହୋଇଛନ୍ତି । ଅତୀତରେ ଆଦିବାସୀମାନେ ଧନୀ ଥିଲେ । ବାଣିଜ୍ୟ ବେପାର କରିବାରେ ଦକ୍ଷତା ଅର୍ଜନ କରିଥିବା ମଧ୍ୟ ସୂଚାଏ । କରମ୍ ସାନୀର ଅତି ପ୍ରିୟ ଗୀତ ହେଉଛି -

"ତୁହାର ମାଗୋ କରମ୍‌ସାନୀ
ଅପୁତ୍ରିକେ ପୁତ୍ରଦାନୀ
ଦୟା କରିଥିବୁ ମା' ଗୋ ମୋତେ,
ଶହେ ପୁତ୍ର କନ୍ୟା ଦେବୁ
ଗୁହାଳ କେ ଗାଈ ଦେବୁ
ବାନା ତୋର ଉଡ଼ିବ ଜଗତେ ।"

ଏପରି ଅନେକ ସରଳ, ତରଳ, ଢ଼ାଳଖାଇ ଗୀତରେ ବେଦ, ପୁରାଣ, ଗୀତି ସାହିତ୍ୟ ତଥା ତମ୍ବୁର ଗୀତ, ନାନାରଙ୍ଗ ଗୀତରେ ଗାଇକରି ଗାଇ, ନାଚନ୍ତି । ସକାଳେ କର୍ମାଡ଼ାଳ ନେଇ ଘର ଘର ବୁଲିକରି ଦେବୀଙ୍କୁ ଗୋରସ, ଚାଉଳ ଦ୍ୱାରା ପୂଜା କରନ୍ତି । ଗୃହବାସୀମାନେ ଆଗାମୀ ଦିନର କାମନା କରିଥା'ନ୍ତି । କାମନା ପୂରଣ ହେଲେ ପରେ କର୍ମାଡ଼ାଳ ପୋତି ପୂଜା କରନ୍ତି ।

*ଅଧକ୍ଷ, ଲୋକସେବା ଆୟୋଗ, ଜାଷ୍ଟିନମେଣ୍ଟ ରୋଡ଼, ରାଂଚୀ-୧*

• • •

# ରାଜ୍ୟସ୍ତରୀୟ ସଦ୍‌ଭାବନା ଦିବସ ପାଳିତ

ଗତ ଅଗଷ୍ଟ ୨୦ ତାରିଖରେ ରାଜ୍ୟସ୍ତରୀୟ ସଦ୍‌ଭାବନା ଦିବସ ମହା ସମାରୋହରେ ସୂଚନା ଭବନଠାରେ ପୂର୍ତ୍ତ, ନଗର ଉନ୍ନୟନ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ସିଂହ ଉଦ୍‌ବୋଧନ ଦେଇ କହିଲେ, ୧୯୯୨ ମସିହାଠାରୁ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ସଦ୍‌ଭାବନା ଦିବସ ରୂପେ ପାଳନ କରାଯାଉଛି । ଆମ ଦେଶରେ ବିଭିନ୍ନ ଧର୍ମ ଓ ଭାଷାର ଲୋକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସଦ୍‌ଭାବନା ଦିବସ ପାଳନର ମୂଳ ଲକ୍ଷ୍ୟ । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହୁଥିଲେ, ପ୍ରତ୍ୟେକ ଭାରତୀୟ "ମେରା ଦେଶ୍ ମହାନ୍" ଶବ୍ଦଟିକୁ ଉଚ୍ଚାରଣ କଲେ, ମନରେ ନିଶ୍ଚୟ ଦେଶଭକ୍ତି ଜାଗ୍ରତ ହେବ । ଏହି ଶବ୍ଦର ତାତ୍ପର୍ଯ୍ୟ ଏବଂ ଯେ ବାରମ୍ବାର ଉଚ୍ଚାରଣ କଲେ ମନ ଆନନ୍ଦରେ ଫୁଲିଉଠେ । ଆମେମାନେ ଏକ ବିଂଶ ଶତାବ୍ଦୀକୁ ପଦାର୍ପଣ କରିବା ପୂର୍ବରୁ ଏ ଦେଶର ଏକତା, ଜାତୀୟତାକୁ ବଜାୟ ରଖିବା ପାଇଁ ଶପଥ ନେଲେ, ତାହା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ମୁଖ୍ୟ ଅତିଥି ସ୍ୱରାଷ୍ଟ୍ର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ କହିଲେ, ଭାରତର ସନ୍ଧିସନ୍ଧି ମୁହୂର୍ତ୍ତରେ ରାଜୀବ ଗାନ୍ଧୀ ୧୯୯୦ ମସିହା ଅକ୍ଟୋବର ୨ ତାରିଖରେ ସଦ୍‌ଭାବନା ଯାତ୍ରା ଦେଶରେ ଆରମ୍ଭ କରିଥିଲେ । ଏହାର ମୂଳ ଲକ୍ଷ୍ୟ ଥିଲା ଏକତା ଓ ଅଖଣ୍ଡତା । ଏକବିଂଶ ଶତାବ୍ଦୀରେ ପାଦଦେବାକୁ ହେଲେ କିଭଳି ପ୍ରସ୍ତୁତ ହେବାକୁ ପଡ଼ିବ, ସେଥିପାଇଁ ରାଜୀବ ଗାନ୍ଧୀ ଚିନ୍ତା କରି ବୈଷୟିକ ଜ୍ଞାନ କୌଶଳକୁ ଅଗ୍ରାଧିକାର ଭିତ୍ତିରେ ପ୍ରଚଳନ କରିଥିଲେ ।

ମୁଖ୍ୟବକ୍ତା ପ୍ରଫେସର ଡଃ ଜଗନ୍ନାଥ ପଟ୍ଟନାୟକ କହିଲେ ଭାରତବର୍ଷରେ ଐକ୍ୟ ସ୍ଥାପନ ପାଇଁ ଭାରତର ଚାରି ଦିଗରେ ୪ କୋଟି ଧର୍ମପୀଠ ସ୍ଥାପନ କରାଯାଇଛି । ଧର୍ମନିରପେକ୍ଷତାକୁ ବଜାୟ ରଖିବା ପାଇଁ ବିଭିନ୍ନ ସମୟରେ ଧର୍ମଗୁରୁମାନେ ଉଦ୍ୟମ ଚଳାଇ ଆସିଛନ୍ତି । ସବୁ ସମ୍ପ୍ରଦାୟ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା ପାଇଁ ଉଦ୍ୟମ ହୋଇ ଆସୁଛି । ଧର୍ମ ନିରପେକ୍ଷତା ହେଉଛି ଆମ ଜାତୀୟତାର ମୂଳ ଲକ୍ଷ୍ୟ ।

ସଦ୍‌ଭାବନା ଦିବସ ପାଳନ ଉପଲକ୍ଷେ ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା ଓ ଶେଷରେ ସର୍ବଧର୍ମ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା । ଡ଼ାଃ ଭୂପି ମହାନ୍ତିଙ୍କର ଅଲିଭା ଦାପାଳି ପୁସ୍ତକ ମନ୍ତ୍ରୀ ଶ୍ରୀ ସିଂହ ଉନ୍ମୋଚନ କରିଥିଲେ ।

ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ଦୁର୍ଗାମାଧବ ଦାଶ ସ୍ୱାଗତ ଭାଷଣ ଦେଇ ସଦ୍‌ଭାବନା ଦିବସର ତାତ୍ପର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପି.ସି.ସି. ସାଧାରଣ ସମ୍ପାଦକ ଶ୍ରୀ ସୀତାକାନ୍ତ ମହାପାତ୍ର ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଜୟନ୍ତ କୁମାର ଦେବ ଉପସ୍ଥିତ ଥିଲେ । ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ମେଘନାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍କଳ ପ୍ରସଙ୍ଗ

# ଯୁଗମାନବ ମହାତ୍ମାଗାନ୍ଧୀ

● ଶ୍ରୀ ଦାମୋଦର ସାହୁ

ଭାରତର ସ୍ୱାଧୀନତା ସଂଗ୍ରାମର ମୂଳମନ୍ତ୍ର ଥିଲା ଅହିଂସା । ଆର୍ଯ୍ୟ ସଂସ୍କୃତିକୁ ଆଖି ଆଗରେ ରଖି ମହାମାନବ ମହାତ୍ମାଗାନ୍ଧୀ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଧ୍ୱନି ଉତ୍ତୋଳନ କଲେ ଅହିଂସା ମହାମନ୍ତ୍ରରେ । ବିଶ୍ୱଇତିହାସରେ ଘଟିଯାଇଥିବା ଅସଂଖ୍ୟ ଗଣ ବିପ୍ଳବ ଓ ସ୍ୱାଧୀନତା ସଂଗ୍ରାମଗୁଡ଼ିକୁ ବିଶ୍ଳେଷଣ କଲେ ମନେହୁଏ, ଭାରତୀୟ ସ୍ୱାଧୀନତା ସଂଗ୍ରାମ ସେମାନଙ୍କଠାରୁ ଭିନ୍ନଧର୍ମୀ । ୧୬୪୯ ଖ୍ରୀଷ୍ଟାବ୍ଦରେ ଘଟିଯାଇଥିବା ଇଂଲଣ୍ଡ ରାଜଶକ୍ତି ବିରୁଦ୍ଧରେ ସଂଗ୍ରାମର ପରିସମାପ୍ତି ପରିଶେଷରେ ତତ୍‌କାଳୀନ ଇଂଲଣ୍ଡର ରାଜା ପ୍ରଥମ ଚାର୍ଲସଙ୍କୁ ହତ୍ୟା ପରେ ହିଁ ଘଟିଥିଲା । ସେହିପରି ୧୭୭୬ ଖ୍ରୀଷ୍ଟାବ୍ଦର ଆମେରିକୀୟ ସ୍ୱାଧୀନତା ସଂଗ୍ରାମ ଓ ୧୭୮୯ ଖ୍ରୀଷ୍ଟାବ୍ଦର ଫରାସୀ ରାଷ୍ଟ୍ରବିପ୍ଳବ ଇତିହାସ ପୃଷ୍ଠାକୁ କମ୍ ରକ୍ତରଞ୍ଜିତ କରିନାହିଁ । ସ୍ୱାଧୀନତା ଭିନ୍ନମୋଡ଼ ନେଇଥିଲା ୧୯୧୭ ମସିହାରେ ରୁଷ ବିପ୍ଳବକୁ କେନ୍ଦ୍ର କରି ସାମନ୍ତବାଦୀ ରାଜଶକ୍ତିର ଆଗ୍ନେୟ ଆହ୍ୱାନରେ । ମାତ୍ର ସେସବୁକୁ ବିଚାରକଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ନିଶ୍ଚିତଭାବରେ ସମଗ୍ର ବିଶ୍ୱକୁ ଏକ ନୂତନ ଦୀପଶିଖା ପ୍ରଦାନ କରିଥାଏ । ଏହି ସ୍ୱାଧୀନତା ସଂଗ୍ରାମ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନରୂପ ଧାରଣ କରିଥିଲା । ଐତିହାସିକମାନେ ୧୮୫୭ ଖ୍ରୀଷ୍ଟାବ୍ଦରୁ ଏହାର ଅୟମାରମ୍ଭ ବୋଲି ସ୍ୱୀକାର କରୁଥିଲେ ବି, ବସ୍ତୁତଃ ୧୮୮୫ ଖ୍ରୀଷ୍ଟାବ୍ଦ ପରଠାରୁ ଏହି ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଏହି ଆନ୍ଦୋଳନ ୧୯୧୫ ଖ୍ରୀଷ୍ଟାବ୍ଦ ପରଠାରୁ ଆହୁରି ଘନୀଭୂତ ହୋଇଥିଲା ମହାତ୍ମାଗାନ୍ଧୀଙ୍କ ଦକ୍ଷିଣଆଫ୍ରିକା ପ୍ରତ୍ୟାବର୍ତ୍ତନ ପରେ ପରେ । ଭାରତ ଭୂମିରେ ମହାତ୍ମାଗାନ୍ଧୀଙ୍କ ଆଖିଆଗରେ ସେତେବେଳେ ଦୁଇଟି ଦିଗ-ଗୋଟିଏ ହେଉଛି ଗୋଖେଲଙ୍କ ନମନୀୟ ନୀତି ଓ ଅନ୍ୟଟି ତିଳକଙ୍କ କଠୋର ନୀତି । ସ୍ୱରାଜ ସ୍ୱପ୍ନକୁ ସାକାର କରିବା ପାଇଁ ଯେତେ ବାଧାବିଘ୍ନ ଆସିଲେବି ତାହା ସହ୍ୟ କରାଯିବ କାରଣ ସ୍ୱରାଜ ହେଉଛି ତିଳକଙ୍କ ଭାଷାରେ ମନୁଷ୍ୟର ଜନ୍ମଗତ ଅଧିକାର । ପ୍ରଥମ ବିଶ୍ୱଯୁଦ୍ଧରେ ସ୍ୱରାଜ ସ୍ୱପ୍ନକୁ ଦୂରଦୃଷ୍ଟିରେ ରଖି ଭାରତୀୟମାନଙ୍କ ଯୁଦ୍ଧ ଭୂମିରେ ବୀରତ୍ୱ ପ୍ରଦର୍ଶନ ଓ ପରେ ପରେ ଯୁଦ୍ଧ ଶେଷରେ ରାଉଲଟ୍ ଆକ୍ଟ, ଜାଲିଆନାବାଗ୍ ହତ୍ୟାକାଣ୍ଡ ଓ ମଣ୍ଟେଗୁ-ଚେମ୍‌ସଫୋର୍ଡ଼ ଆଇନ୍‌ରେ ପ୍ରଦର୍ଶିତ କାଟଛାଣ୍ଟ ନୀତି ଓ ସାମ୍ପ୍ରଦାୟିକତା ସୂଚନା ଇତ୍ୟାଦି ପୃଷ୍ଠଭୂମି ଉପରେ ମହାମାନବ ମହାତ୍ମାଗାନ୍ଧୀଙ୍କ ଭାରତୀୟ ରାଜନୀତିକୁ ଦିଗ୍‌ଦର୍ଶନ ଥିଲା ଏକ ଭିନ୍ନମୋଡ଼ । ଅହିଂସା, ସତ୍ୟାଗ୍ରହ ଭଳି ଅମୋଘ ଅସ୍ତ୍ରଗୁଡ଼ିକୁ ଦକ୍ଷିଣ ଆଫ୍ରିକା ବର୍ଣ୍ଣ-ବୈଷମ୍ୟ ରଣକ୍ଷେତ୍ରରେ ବ୍ୟବହାର କରି ପାରିଲା ପରେ ସେଗୁଡ଼ିକୁ ପୁନଃପ୍ରଚଳନ କରି ବିଶ୍ୱକୁ ହିଂସା କବଳରୁ ରକ୍ଷା କରିବା ହେଉଛି ମହାତ୍ମାଗାନ୍ଧୀଙ୍କ ଏକ ବଳିଷ୍ଠ ଉଦ୍ୟମ ।

ଅତୀତରେ ଘଟିଯାଇଥିବା ସମସ୍ତ ମୁକ୍ତିସଂଗ୍ରାମର ରୂପରେଖ ବା ଆଚରଣଗୁଡ଼ିକୁ ଅନୁଧ୍ୟାନ କରିଥିଲେ ବି ଏବଂ ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ମର୍ମନ୍ତୁଦ ଦୃଶ୍ୟକୁ ଅନୁଭବ କରିଥିଲେ ବି, ୧୯୨୨ ମସିହା ଅସହଯୋଗ ଆନ୍ଦୋଳନରେ ସେ ସର୍ବପ୍ରଥମେ ଚୌରୀଚୌରା ପୋଲିସଥାନା ଉପରେ ଘଟିଯାଇଥିବା ହିଂସାତ୍ମକ କାର୍ଯ୍ୟକଳାପକୁ ବିରୋଧ କରି ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିଥିଲେ । ଏହା ଥିଲା ତାଙ୍କ ଅହିଂସା ଯାତ୍ରାର ମହାନ ପଦକ୍ଷେପ । ଏହିଭଳି ଉଦାହରଣ ବିଶ୍ୱଇତିହାସରେ ବିରଳ ।

ଗୋଖେଲଙ୍କ ନରମ ମାର୍ଗ ଓ ତିଳକଙ୍କ ଚରମ ମାର୍ଗକୁ ସନ୍ତୁଳନ କରି ମହାତ୍ମାଜୀ ଅସହଯୋଗ ଭଳି ଏକ ଉଦାର ନୈତିକ ମାର୍ଗକୁ ଆଶ୍ରୟ କରିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ଯାହା ଗାନ୍ଧିଜୀ ବିଶ୍ୱଇତିହାସକୁ ସୂଚାଇଛନ୍ତି ତାହା ହେଉଛି ସ୍ୱାଧୀନତାର ସ୍ୱାଦକୁ ସମାଜର ନିମ୍ନତମ ବ୍ୟକ୍ତି ପାଖରେ ପହଞ୍ଚାଇବା । ଗାନ୍ଧିଜୀଙ୍କ ପୂର୍ବରୁ ସ୍ୱାଧୀନତା ସଂଗ୍ରାମ ସାଧାରଣ ବ୍ୟକ୍ତି ପାଖରେ ପହଞ୍ଚି ପାରିନଥିଲା । ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ପ୍ରଥମଥର ପାଇଁ ସାଧାରଣ ଜନତା ନିକଟରେ ପହଞ୍ଚାଇ ପାରିଥିଲେ । ତେଣୁ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ସେ ଜନତାର ସମ୍ମିଳିତ ଶକ୍ତିକୁ ଆୟୁଧ କରି ମୁକ୍ତି ସଂଗ୍ରାମକୁ ଜୟଯୁକ୍ତ କରିପାରିବେ । ବିଦେଶୀ ଦ୍ରବ୍ୟ ବର୍ଜନ ଓ ସ୍ୱଦେଶୀ ଦ୍ରବ୍ୟ ପ୍ରଚଳନ କେବଳ ବ୍ରିଟିଶ ଅର୍ଥନୀତିକୁ ଦୋହଲାଇ ଦେଇ ନଥିଲା, ଅପରପକ୍ଷରେ ଭାରତୀୟମାନଙ୍କ ମନୋବଳକୁ ସ୍ୱାଧୀନତା ସଂଗ୍ରାମରେ ବ୍ରତୀ ହେବା ପାଇଁ ପ୍ରେରଣା ଯୋଗାଇଥିଲା । ସମାଜର ଦଳିତ ପତିତ ଶ୍ରେଣୀମାନଙ୍କୁ ସାମ୍ୟଭ୍ରାତୃପ୍ରେମରେ ଆବଦ୍ଧ ରଖିବା ପାଇଁ ହରିଜନ ଶବ୍ଦକୁ ବ୍ୟବହାର କରି ସେ ଭାରତ ଭୂମିକୁ ଅଧିକ ସାମ୍ପ୍ରଦାୟିକ ବିଦ୍ୱେଷ ମଧ୍ୟକୁ ପ୍ରବେଶ କରାଇ ଦେଇ ନଥିଲେ । ଫଳରେ ବ୍ରିଟିଶ ଶକ୍ତି ଦ୍ୱାରା ଉଦ୍‌ଘୋଷିତ ସାମ୍ପ୍ରଦାୟିକତାର ଭାବନା ବିଲୁପ୍ତ କରିବା ପାଇଁ ଏହାଥିଲା ଆଉ ଏକ ନୈତିକ ଆୟୁଧ । ଭାରତୀୟମାନଙ୍କ ଦୁଃଖ ଦୈନ୍ୟକୁ ସେ ମର୍ମେ ମର୍ମେ ଅନୁଭବ କରି ସେମାନଙ୍କ ଆତ୍ମାକୁ ନିଜ ଶରୀର ମଧ୍ୟରେ ଅବତାରଣା କରି ଦୁଇଖଣ୍ଡ ଆଣ୍ଠୁ ଲୁଚୁଥିବା ଗାମୁଛା ବ୍ୟବହାର କରିବାର ଦୃଷ୍ଟାନ୍ତ ହିଁ କେବଳ ତାଙ୍କଠାରେ ହିଁ ପରିଦୃଷ୍ଟ ହୋଇଥାଏ । ଜନସମାଜର ସାମୂହିକ ଚିନ୍ତାକୁ ନିଜ ମଧ୍ୟରେ ନିହିତ ଓ ନିମଜ୍ଜିତ କରିବାହିଁ ହେଉଛି ନେତୃତ୍ୱ- ଯାହା ଗାନ୍ଧିଜୀଙ୍କଠାରେ ଦେଖାଯାଏ । ଚରଖାକୁ ସ୍ୱାଧୀନତାର ପ୍ରତୀକଭାବେ ଗ୍ରହଣ କରି ସେ କେବଳ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାକୁ ଚାହିଁଥିଲେ, ସ୍ୱାବଲମ୍ବନଶୀଳତା ଭଳି ମୌଳିକ ତଥ୍ୟ ସମଗ୍ର ଜନସମାଜ ପାଇଁ ଯେ ଅପରିହାର୍ଯ୍ୟ, ଏହାହିଁ ଥିଲା ତାଙ୍କର ଅନ୍ୟ ଏକ ଲକ୍ଷ୍ୟ । ଏହିପରି ଭାବରେ ସ୍ୱାଧୀନତା ସଂଗ୍ରାମକୁ ସମଗ୍ର ଜନ ମାନସ ମଧ୍ୟରେ ଜାଗ୍ରତ କରି ବ୍ରିଟିଶ ଶକ୍ତି ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ

କରିଥିଲେ । ତାଙ୍କୁ ଯୁଗମାନବ କହିବା ଅଧିକ ସମୀଚୀନ କାରଣ ଆଗାମୀ ଯୁଗପାଇଁ ବିନା ରକ୍ତପାତରେ ସ୍ୱାଧୀନତା ହାସଲ କରିବାର ଅମୋଘ ଅସ୍ତ୍ର ସେ ହିଁ ପ୍ରଥମ ଥର ପାଇଁ ପ୍ରବଳ ପ୍ରତାପୀ ବ୍ରିଟିଶ ଶକ୍ତି ବିରୁଦ୍ଧରେ ପ୍ରୟୋଗ କରି ବିଶ୍ୱବାସୀଙ୍କୁ ଦେଖାଇ ପାରିଥିଲେ । କେତେକ ମତପ୍ରକାଶ କରନ୍ତି, ଏଇଭଳି ବିନାରକ୍ତପାତ ଗୌରବ ଦିନେ ୧୬୮୮ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ ଜାତିକୁ ମିଳି ଥିଲା ଦ୍ୱିତୀୟ ଜେମ୍ସଙ୍କୁ ରାଜଗାଦିରୁ ବିତାଡ଼ିତ କରି ମାତ୍ର ଏହା ସଂପୂର୍ଣ୍ଣ ଭ୍ରମାତ୍ମକ । ପ୍ରଥମ ଚାର୍ଲସଙ୍କୁ ବ୍ରିଟିଶମାନେ ବର୍ବୋରୋଚିତଭାବେ ହତ୍ୟା କରିଥିବାରୁ ତାହାର ପ୍ରଭାବ ଦ୍ୱିତୀୟ ଜେମ୍ସଙ୍କ ଉପରେ ପଡ଼ିଥିଲା, ତେଣୁ ସେ ରାତାରାତି ଅନ୍ତର୍ହିତ ହୋଇଯାଇଥିଲେ । ଇଂରେଜ ଐତିହାସିକମାନେ ଏହାକୁ ଗୌରବମୟ ବିପ୍ଳବ ବା Glorious revolution ଭାବେ ବର୍ଣ୍ଣନା କରିଥାନ୍ତି । ଯଦି ଦ୍ୱିତୀୟ ଜେମ୍ସ ଗାଦି ତ୍ୟାଗ କରିନଥାନ୍ତେ, ବ୍ରିଟିଶମାନେ କିନ୍ତୁ ରକ୍ତପାତରେ ସଂଗ୍ରାମ ଜାରି ରଖି ଥାନ୍ତେ କି ? ତେଣୁ ବିନା ରକ୍ତପାତରେ ଅହିଂସା ସତ୍ୟାଗ୍ରହ ଭଳି ଅମୋଘ ଅସ୍ତ୍ରକୁ ବ୍ୟବହାର କରି ବ୍ରିଟିଶ ଶକ୍ତିଠାରୁ ସ୍ୱାଧୀନତା ହାସଲ କରିବା କେବଳ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ତଃଧ୍ୱନି ନଥିଲା, ଏହା ଥିଲା ସମଗ୍ର ବିଶ୍ୱପାଇଁ ଏକ ଅନନ୍ୟ ଉଦାହରଣ । ତେଣୁ ଭବିଷ୍ୟତ ବଂଶଧରମାନେ କି କି ପନ୍ଥା ଅବଲମ୍ବନ କରି ସମଗ୍ର ବିଶ୍ୱକୁ ହିଂସା, ରକ୍ତପାତରୁ ଦୂରେଇ ରଖିବେ, ତାହହିଁ ଥିଲା ମହାତ୍ମାଗାନ୍ଧୀଙ୍କ ବିଶ୍ୱବାସୀମାନଙ୍କ ପାଇଁ ଏକ ସନ୍ଦେଶ । ଆଜି ବିଶ୍ୱରେ ଘଟିଯାଉଥିବା ରକ୍ତପାତ, ହିଂସାକାଣ୍ଡ କେବଳ ଗାନ୍ଧୀ ନୀତି ଓ ଆଦର୍ଶ ଦ୍ୱାରା ନିୟନ୍ତ୍ରିତ ହେଲେ ସବୁ ସମସ୍ୟା ଆପେ ଆପେ ଅନ୍ତର୍ହିତ ହୋଇପାରିବ ।

ଇ-୩୬/୩ ରେଲୱେ କଲୋନୀ, ମଞ୍ଚେଶ୍ୱର, ଭୁବନେଶ୍ୱର

• • •

# ପପ୍ ଗାୟକ ରାଜକୁମାରଙ୍କ ସମାଜସେବା

ନିଜେ ହସି ଅନ୍ୟକୁ ହସାଉଥିବା ଓ ଗୀତ ଗାଇ ଅନ୍ୟ ମନକୁ ରଞ୍ଜାଉ ଥିବା ରାଜକୁମାରଙ୍କୁ କେହି କେହି ଜାଣିଥିବେ, ଜଣେ ପପ୍ ଗାୟକ ଭାବେ କି ହାସ୍ୟାଭିନେତା ଭାବେ । କିନ୍ତୁ ଅନେକେ ହୁଏତ ଜାଣିନଥିବେ ଯେ ତାଙ୍କର ଏହି ଗୀତ ଗାଇବା ଓ ଏ ଅଭିନୟ କରିବା ପଛରେ ଏକ ମହାନ ଲକ୍ଷ୍ୟ ଅଛି । ତାହା ହେଲା ଅନାଥ, ଅସହାୟଙ୍କ ସେବା ପାଇଁ ଗାଇବା ଏବଂ ଶାନ୍ତି, ମୈତ୍ରୀ ଓ ସଂହତି ପାଇଁ ଅଭିନୟ କରିବା । ଏହି ଲକ୍ଷ୍ୟ ନେଇ ସେ ଗଢ଼ିଛନ୍ତି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ' ଦି ଭଏସ ଅଫ୍ ଲଭ୍ ।' ସେ ଏହାର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ । ସଙ୍ଗୀତ ନାଟକ ପରିବେଷଣ ମାଧ୍ୟମରେ ସମାଜର ଦଳିତ ଲୋକମାନଙ୍କ ନିମନ୍ତେ କିଛି ସାହାଯ୍ୟ ଯୋଗାଇ ଦେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ସେ ଉଦ୍ୟମ କରୁଛନ୍ତି ।

ଇତି ମଧ୍ୟରେ ପପ୍ ଗାୟକ ରାଜକୁମାର ଏବଂ ତାଙ୍କର ଦଳ କଟକର କଳାବିକାଶ କେନ୍ଦ୍ର, ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ, ସୂଚନା ଭବନ, ଭଞ୍ଜ କଳାମଣ୍ଡପ, ବ୍ରହ୍ମପୁରର ପ୍ରକାଶମ୍ ହଲ୍ ସମେତ ଆସିକା, ଭଞ୍ଜନଗର, ଫୁଲବାଣୀ, ବଲାଙ୍ଗିର, ବରଗଡ଼, ବୁର୍ଲା, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ବାରିପଦା, ବାଲେଶ୍ୱର, ଭଦ୍ରକ, ପାରାଦୀପ, ଜଗତସିଂହପୁର, ଖୋର୍ଦ୍ଧା, ଜଟଣୀ, ନୟାଗଡ଼, ପୁରୀ, ଆନ୍ଧ୍ରପ୍ରଦେଶ ଓ ଅନ୍ୟାନ୍ୟ ସ୍ଥାନରେ ସଂଗୀତ ପରିବେଷଣ କରି ପ୍ରଶଂସିତ ହେବା ସଂଗେ ସଂଗେ ଅନେକ ଅନୁଷ୍ଠାନରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି । ସଂଗୀତ ନିମନ୍ତେ 'ମେଲୋଡ଼ି କିଙ୍ଗ୍', 'ସିଙ୍ଗିଙ୍ଗ୍ ଷ୍ଟାର' ଓ କମେଡି ନିମନ୍ତେ 'ଜୁନିଅର ଜୟୀ' ଉପାଧିରେ ତାଙ୍କୁ ଭୂଷିତ କରାଯାଇଛି । ସଂଗୀତ କାର୍ଯ୍ୟକ୍ରମରୁ ଉପାର୍ଜିତ ଅର୍ଥରୁ ସେ କେତେକ ଅସହାୟ ବିଧବାଙ୍କୁ ସିଲେଇ ମେସିନ, ଗରିବ ପୀଡ଼ିତମାନଙ୍କୁ ଔଷଧ ତଥା ଗରିବ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ବିତରଣ କରିଛନ୍ତି ।

ଉତ୍କଳ ପ୍ରସଙ୍ଗ



OGP—MP—PTS (I. & P. R.) 42—6,000—12-10-1999



ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୧୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ବିଧାନସଭା ପରିସର ମଧ୍ୟରେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗ, ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ୍‌ସାମନ୍ତରାୟ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ୫/୮





'ସୃଜନୀ' ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଗୁରୁ କେଳୁ ଚରଣ ମହାପାତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗ, ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ହେମାମାଳିନୀ, କଥକ ନୃତ୍ୟ ଶିଳ୍ପୀ ବିର୍ଜୁ ମହାରାଜ ପ୍ରମୁଖଙ୍କ ଗହଣରେ ପୁରସ୍କୃତ ଶିଳ୍ପୀ ଶ୍ରୀ ଦୁର୍ଲଭ ସିଂ, ମଣିମାଳା ଦେବୀ ଓ ଶ୍ରୀ କାଶୀନାଥ ପୂଜାପଣ୍ଡା । ୫/୯



କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ ଆଲୋଚନାଚକ୍ର ମୁଖ୍ୟମନ୍ତ୍ରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି ।



ଭାରତବର୍ଷରେ ଶାନ୍ତି ସଦ୍‌ଭାବନା ପ୍ରଚାର ଅଭିମୁଖ୍ୟ ନେଇ ସାଲେପୁରରୁ ଯାତ୍ରା ଆରମ୍ଭ କରିଥିବା ଦୁଇଜଣ ସାଇକେଲ୍ ଆରୋହୀଙ୍କୁ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ତାଙ୍କ ସରକାରୀ ବାସଭବନଠାରେ ସ୍ୱାଗତ କରୁଛନ୍ତି ।




ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ବାରିପଦା ଶ୍ରୀରାମଚନ୍ଦ୍ର ବିହାରଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରୁଛନ୍ତି । ୧୧/୭




ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ବାଲେଶ୍ୱରର ବ୍ୟାସବିହାରଠାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରୁଛନ୍ତି । ୧୧/୭




ଶ୍ରୀକ୍ଷେତ୍ର ନାଗରିକ ସୁରକ୍ଷା ସମିତି ଆନୁକୂଲ୍ୟରେ ପୁରୀ ପୌରସଦନଠାରେ ଆୟୋଜିତ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ରଙ୍କ ୮୬ତମ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ । ୮/୮



ସ୍ୱାତୀ ହୋଟେଲ୍‌ଠାରେ ଅନୁଷ୍ଠିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ମିଳନୀକୁ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି । ୩/୮




ସଚିବାଳୟ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ ବନ୍ୟା ନିୟନ୍ତ୍ରଣ ପରିଷଦ ୩୨ ତମ ବୈଠକରେ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ଅଧ୍ୟକ୍ଷତା କରୁଛନ୍ତି ।୨/୮



ପରିଆବେଡା ହତ୍ୟା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗ ଅଧ୍ୟକ୍ଷତା କରୁଛନ୍ତି । ୩୦/୮



ରବୀନ୍ଦ୍ର ମଣ୍ଡପଠାରେ ପଞ୍ଜାବୀ ଆର୍ଯ୍ୟ ସନାତନ ବିରାଦରି ଦ୍ୱାରା ଆୟୋଜିତ ସାଂସ୍କୃତିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡା. ଗିରିଧର ଗମାଙ୍ଗ



ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ପ୍ରସନ୍ନ କୁମାର ହୋତାଙ୍କ ଦ୍ୱାରା ଅନୁଦିତ କ୍ଷୁଦ୍ରଗଳ୍ପ ସଂକଳନ 'ଯୁଗଚେତନା' ଶ୍ରୀ ରମାକାନ୍ତ ରଥ ଉନ୍ମୋଚନ କରୁଛନ୍ତି । ପ୍ରଫେସର ତ୍ରିଲୋଚନ ମିଶ୍ର, ପ୍ରଫେସର ଗଣେଶ୍ୱର ମିଶ୍ର, ଶ୍ରୀମତୀ ପ୍ରତିଭା ଶତପଥୀ ଓ ଶ୍ରୀ ପ୍ରସନ୍ନ କୁମାର ହୋତା ମଞ୍ଚାସୀନ । ୨୯/୯




ଫୁଲବାଣୀ ଲୋକସଭା ନିର୍ବାଚନମଣ୍ଡଳୀର ଭୋଟରମାନେ ଭୋଟ ଦେଉଛନ୍ତି । ୨୪/୯




'ଓଡ଼ିଶା ଲେଖକ ସାମ୍ମୁଖ୍ୟ' ଆନୁକୂଲ୍ୟରେ ହୋଟେଲ 'ତୃପ୍ତି' ଠାରେ ଆୟୋଜିତ ଏକ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପ୍ରଫୁଲ୍ଲ କରଙ୍କ ଦ୍ୱାରା ରଚିତ ପୁସ୍ତକ 'ଆତ୍ମାମାନ'କୁ
ଉନ୍ମୋଚନ କରୁଛନ୍ତି ।୫/୯



ରାଜ୍ୟ ଜନ ଶିକ୍ଷା ସାଧନ କେନ୍ଦ୍ର ଦ୍ୱାରା ପ୍ରକାଶିତ ପୁସ୍ତକ ''ସ୍ୱାଧୀନତା ସଂଗ୍ରାମର ବୀର ପୁରୁଷ''
ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ଉନ୍ମୋଚନ କରୁଛନ୍ତି । ୨୨/୭



ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ପ୍ରସନ୍ନ କୁମାର ହୋତାଙ୍କ ଦ୍ୱାରା ଅନୁଦିତ କ୍ଷୁଦ୍ରଗଳ୍ପ ସଂକଳନ 'ଯୁଗଳବନ୍ଦୀ' ଶ୍ରୀ ରମାକାନ୍ତ ରଥ ଉନ୍ମୋଚନ କରୁଛନ୍ତି । ପ୍ରଫେସର ତ୍ରିଲୋଚନ ମିଶ୍ର, ପ୍ରଫେସର ଗଣେଶ୍ୱର ମିଶ୍ର, ଶ୍ରୀମତୀ ପ୍ରତିଭା ଶତପଥି ଓ ଶ୍ରୀ ପ୍ରସନ୍ନ କୁମାର ହୋତା ମଞ୍ଚାସୀନ । ୨୯/୯




ଫୁଲବାଣୀ ଲୋକସଭା ନିର୍ବାଚନମଣ୍ଡଳୀର ଭୋଟରମାନେ ଭୋଟ ଦେଉଛନ୍ତି । ୨୫/୯




'ଓଡ଼ିଶା ଲେଖକ ସାନ୍ନିଧ୍ୟ' ଆନୁକୂଲ୍ୟରେ ହୋଟେଲ 'ସ୍ୱସ୍ତି' ଠାରେ ଆୟୋଜିତ ଏକ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପ୍ରଫୁଲ୍ଲ କରଙ୍କ ଦ୍ୱାରା ରଚିତ ପୁସ୍ତକ 'ଆଈମାଟି'କୁ
ଉନ୍ମୋଚନ କରୁଛନ୍ତି ।୧୫/୯



ରାଜ୍ୟ ଜନ ଶିକ୍ଷା ସାଧନ କେନ୍ଦ୍ର ଦ୍ୱାରା ପ୍ରକାଶିତ ପୁସ୍ତକ "ସ୍ୱାଧୀନତା ସଂଗ୍ରାମର ବୀର ପୁରୁଷ"
ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ଉନ୍ମୋଚନ କରୁଛନ୍ତି ।୨୨/୭



ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସର ମଧ୍ୟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ
ଡଃ. ଗିରିଧର ଗମାଙ୍ଗ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ୨/୧୦



ନୟାଗଡ଼ ଜିଲ୍ଲା ସଦର ମହକୁମାଠାରେ ସ୍ୱାଧୀନତା ଦିବସ ପାଳନ ଅବସରରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ
ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଛନ୍ତି !



ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଦ୍‌ଭାବନା ଦିବସରେ ପୂର୍ତ୍ତ, ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ, ଘରୋଇ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଜୟନ୍ତ କୁମାର ଦେବ ତଥା ଅନ୍ୟାନ୍ୟ ଅତିଥିମାନେ ସଦ୍‌ଭାବନା ଶପଥ ପାଠ କରୁଛନ୍ତି । ୨୦/୮

Licence No. C.R.N.P. 5—Licensed to post without Pre-payment



୫୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମହାତ୍ମା ଗାନ୍ଧୀ ମାର୍ଗଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗ ଅଭିବାଦନ ଗ୍ରହଣ କରୁଛନ୍ତି । ୧୫/୮



କାରଗିଲ୍ ଯୁଦ୍ଧରତ ଯବାନମାନଙ୍କର କଲ୍ୟାଣାର୍ଥେ ଆୟୋଜିତ ବାଚସ୍ପତି ଏକାଦଶ ଓ ଚଳଚ୍ଚିତ୍ର ତାରକା ଏକାଦଶ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍‌କୁ ମୁଖ୍ୟମନ୍ତ୍ରୀ ଡଃ. ଗିରିଧର ଗମାଙ୍ଗ ଉଦ୍‌ଘାଟନ କରୁଛନ୍ତି । ୧/୮